ବାର୍ଷିକ ସଂଖ୍ୟା

# ଉତ୍କଳ ପ୍ରଭା

ବାରିପଦା, ଆଶ୍ୱିନ ୧୩୪୫



Digitized by srujanika@gmail.com

PHONE 2492 CAL. GRAM "LAVATORY"

# SANITATION

PLUMBING
DRAINAGE
& WATER-WORKS.

CONSULT.

## S. K. CHAKRAVARTI LTD.

MISSION ROW — SANITARY ENGINEERS — CALCUTTA

## Mayurbhanj Law Reporter

**Highly appreciated in India & Abroad.**

It is a quarterly publication.

It is published in September, December, March and June.

| | |
|---|---|
| Yearly Subscription | Rs. 3 |
| Single Copy | As. 12 |

Postage Extra.

*Manager*—N. C. SANYAL, B. A.
MAYURBHANJ LAW REPORTER.

Estd. Half A Century

## J. N. CHUNDER & BROS.

*33 Radha Bazar Street,* CALCUTTA
CHEAPEST HOUSE FOR
**PRINTING & STATIONERY GOODS**

*Please ask for Price List.*

## Bhanja Pradeepa

*It is an illustrated Oriya quarterly quite independent of the English Edition of the Mayurbhanj Chronicle.*

SUBSCRIPTION


| | | | |
|---|---|---|---|
| *Annual -* | *Rs.* | *0-12-0* | *(post free)* |
| *„* | *„* | *1-4-0* | *(with postage)* |
| *Price per copy* | *„* | *0-3-0* | *(post free)* |
| | *„* | *0-5-0* | *(with postage)* |

*Manager*—N. C. SANYAL, B.A.
BHANJA PRADEEPA


Digitized by srujanika@gmail.com

# M·B·SIRKAR & SONS

Son and grandsons of Late **B. SIRKAR.**
MANUFACTURING JEWELLERS
**DEALERS IN GUINEA ( 22 CT. ) GOLD ONLY.**
124 & 124/1, BOWBAZAR STREET, **CALCUTTA.**



A large assortment of genuine Jewelleries, Guinea Gold Ornaments and Silverwares of enduring value and distinction are always in stock for sale and are also made to Orders within 24 hours. MAKING CHARGES MODERATE. Old Gold and Silver exchanged with New Ornaments and we refund full value of Gold Ornaments manufacture by us at the current rate of Guinea Gold. Our latest Catalogue No. B. 2 with revised rates and designs is sent free on request.





**PHONE:-B.B.1761.** **TEL:-BRILLIANTS.**



# ସାଧନା ଔଷଧାଳୟ—ଢାକା ( ବଙ୍ଗ )

ଅଧ୍ୟକ୍ଷ ଯୋଗେଶଚନ୍ଦ୍ର ଘୋଷ, ଆୟୁର୍ବେଦ ଶାସ୍ତ୍ରୀ, ଏମ୍. ଏ., ଏଫ୍. ସି. ଏସ୍, (ଲଣ୍ଡନ) ଭାଗଲପୁର କଲେଜର ପୂର୍ବତନ ରସାୟନ ଅଧ୍ୟାପକ ।

ଶାଖା ଅଫିସମାନ:— ଶ୍ୟାମବଜାର—କଲିକତା (ଟ୍ରାମଡିପୋ ନିକଟ) । (୨) ୨୧୩, ବଉବଜାର ଷ୍ଟ୍ରିଟ, କଲିକତା । (୩) ଏଣ୍ଡରକିଲ୍ଲା, ଚଟ୍ଟଗାଙ୍ଗ୍ (୪) ପାଟୁଆଟୋଲି ଷ୍ଟ୍ରିଟ ଢାକା । (୫) ଦିନାଜପୁର (୬) ୬୨/୪ ଷ୍ଟ୍ରାଣ୍ଡରୋଡ, ବୁରାବଜାର, କଲିକତା ।

ଆୟୁର୍ବେଦ ଶାସ୍ତ୍ରାନୁଯାୟୀ ପ୍ରସ୍ତୁତ ହୋଇଥିବା ଅକୃତ୍ରିମ ଶୁଦ୍ଧ ଔଷଧ—ଗ୍ୟାରେଣ୍ଟି ଦିଆଯିବ ।

କ୍ୟାଟେଲଗ ପାଇଁ ଲେଖନ୍ତୁ:—ରୋଗର ବିଶଦ ବିବରଣ ଲେଖିଲେ ବିନା ମୂଲ୍ୟରେ ଔଷଧ ଓ ରୋଗ ନିର୍ଣ୍ଣୟ କରା ଯାଉଥାଏ ।

**ମକରଧ୍ୱଜ ( ସ୍ୱର୍ଣ୍ଣସିନ୍ଦୁର ) ଏକ ତୋଳାକୁ—ଟ୪୯ଙ୍କା**

ଏହା ସର୍ବରୋଗନାଶକ, ବଳକାରକ, ମାନସିକ ଏବଂ ଶାରୀରିକ ପୁଷ୍ଟିସାଧକ ।

**ସାରିବାଦି ସାଲସା ଏକ ସେରକୁ—ଟ ୨୲ ଅଣା**

ଏହା ଚର୍ମରୋଗନାଶକ, ରସାୟନକ ବିଷନାଶକ, ମେହନାଶକ, ମୂତ୍ର ସମ୍ବନ୍ଧୀୟ ସମସ୍ତ ରୋଗନାଶକ ଏବଂ ରକ୍ତପରିଷ୍କାରକ ଅଟେ ।


Digitized by srujanika@gmail.com

# ଭଞ୍ଜ ପ୍ରଦୀପ

**ସପ୍ତମ ଭାଗ** **ପ୍ରଥମ ସଂଖ୍ୟା**

## ସୂଚି-ପତ୍ର


| | | | ପୃଷ୍ଠା |
|---|---|---|---|
| ୧ । | ମୂର୍ତ୍ତି ପାର୍ବିକା | ଶ୍ରୀ ଜଳନ୍ଧର ଦେବ | ୧ |
| ୨ । | ମଙ୍ଗଳି | ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର, ବି. ଏ. | ୩ |
| ୩ | ନଉଡ଼ିଦ୍ୱୀପ-କଙ୍କଳ | ଶ୍ରୀ ଜଗବନ୍ଧୁ ସିଂହ | ୩ |
| । | ସ୍ମୃତି (ଗଳ୍ପ) | ଶ୍ରୀ ଉପେନ୍ଦ୍ର ପ୍ରସାଦ ମହାନ୍ତି, ବି. ଏ., ଡି. ଇଡ. | ୪ |
| ୫ । | ମିସ୍ତ୍ରୀପୁରର ପଥର ଖଣି | ପଣ୍ଡିତ ଶ୍ରୀ ଶ୍ରୀନାଥ ମିଶ୍ର କାବ୍ୟତୀର୍ଥ | ୮ |
| । | କଳ୍ପନା ଓ ଅଙ୍କନ | ଶ୍ରୀ ଶଶୀଭୂଷଣ ରଥ | ୧୧ |
| ୭ । | ଅବସର-ବିଳାସ (କବିତା) | ଶ୍ରୀ ବୈକୁଣ୍ଠନାଥ ପଟ୍ଟନାୟକ, ଏମ୍. ଏ., ବି. ଇଡ. | ୧୪ |
| । | ଚୀନଦେଶର ପ୍ରାଚୀନ ସଭ୍ୟତା | ଶ୍ରୀ ମଦନମୋହନ ପଟ୍ଟନାୟକ, ବି. ଏଲ. | ୧୫ |
| । | ସଙ୍ଗୀତଚର୍ଚ୍ଚା | ଶ୍ରୀ କ୍ଷିତୀଶଚନ୍ଦ୍ର ଦେ, ଏମ୍.ଏ., ଡି. ଇଡ. | ୧୮ |
| ୧୦ । | କଳା ଓ ଯୁଗ | ଶ୍ରୀ ଗୋପାଳ ଚନ୍ଦ୍ର କାନୁନଗୋ, ବି. ଏ. | ୨୨ |
| ୧୧ । | କ୍ଷିତଙ୍ଗ (ପଦ୍ୟ) | ଶ୍ରୀ ଗିରୀଶ ଚନ୍ଦ୍ର ପାଣିଗ୍ରାହୀ | ୨୬ |
| ୧୨ । | ଦେଶୀୟ ରାଜ୍ୟ ସମାଚାର | | ୨୮ |
| ୧୩ । | ସମ୍ବାଦ ଓ ସଙ୍କେତ | | ୩୬ |


## ଚିତ୍ର-ସୂଚି


| | | | |
|---|---|---|---|
| ୧ । | ମୃଗ୍ୟ-ଶୀକାର | ଶିଳ୍ପୀ ଶ୍ରୀ ଅଦ୍ଭୁତ କୁମାର ପଟ୍ଟନାୟକ | ପ୍ରଚ୍ଛଦପଟ |
| ୨ । | ଅନୁରାଗ | ଶିଳ୍ପୀ ଶ୍ରୀ ବିପିନ ଚୌଧୁରୀ | ୧ମ ପୃଷ୍ଠାର ସମ୍ମୁଖ |
| ୩ । | ଗୋ-ଦୋହନ | ଶିଳ୍ପୀ ଶ୍ରୀ ଗୋପାଳ ଚନ୍ଦ୍ର କାନୁନଗୋ ବି. ଏ. | ୨୦ଶ ,, ,, |
| | ମୟୂରଭଞ୍ଜର ପ୍ରାଚୀନ ରାଜଧାନୀ ଖିଚିଙ୍ଗର କେତେକ ଦୃଶ୍ୟ | | ୨୬ |
| ୫ | ମହୀଶୂରର ମହାମାନ୍ୟ ମହାରାଜା ଶ୍ରୀ ସର୍ କୃଷ୍ଣରାଜ ଓଡ଼େୟାର ବାହାଦୁର | | ୨୯ |
| ୬ । | ଭଦ୍ରାବତୀ ଲୌହ କାରଖାନା, ମହୀଶୂର | | ୩୦ |
| ୭ । | ଗୋଟିଏ ପ୍ରଧାନ ତୋରଣ ବାଟେ ମହୀଶୂର ରାଜପ୍ରାସାଦର ଦୃଶ୍ୟ | | ୩୧ |
| । | ତ୍ରିବାଙ୍କୁରର ମହାମାନ୍ୟ ମହାରାଜା ମହୋଦୟ | | ୩୩ |
| । | ... ସ୍ମୃତି ଫୁଟବଲ ପ୍ରତିଯୋଗିତାର ଫାଇନେଲ ଖେଳର ଗୋଟିଏ ଦୃଶ୍ୟ | | ୩୫ |


— 0 —

Digitized by srujanika@gmail.com




ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍

ଅନୁରାଗ
ଶିଳ୍ପୀ—ଶ୍ରୀ ବିପିନ ଚୌଧୁରୀ

Digitized by srujanika@gmail.com

# ସହକାର

ସମ୍ପାଦକ—ଶ୍ରୀ ରାଧାଗୋବିନ୍ଦ ଦାସ | ସହକାରୀ ସମ୍ପାଦକ—ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ

ବାର୍ଷିକ ସଂଖ୍ୟା

ସପ୍ତମ ଭାଗ | ଆଶ୍ୱିନ, ସନ ୧୩୪୪ ସାଲ | ୧ମ ସଂଖ୍ୟା

## ମୃତ ଧାର୍ମିକତା

**ଶ୍ରୀ ଜଳନ୍ଧର ଦେବ**

ସର୍ବସାଧାରଣେ ଯେଉଁ ଅର୍ଥରେ ଧର୍ମକୁ ବୁଝନ୍ତି, ତହିଁରୁ କିଛି ବହୁ ଊର୍ଦ୍ଧ୍ୱରେ ଧର୍ମର ଅର୍ଥ । ତତ୍‌ପର୍ଯ୍ୟାୟ ବିଶ୍ୱାସ ( **Faith** ) କି ଧର୍ମର ପ୍ରତିଶବ୍ଦ ? କଦାପି ନୁହେ । **Religion** କି ଧର୍ମର ପ୍ରତିଶବ୍ଦ ? ତାହା ମଧ୍ୟ ନୁହେ ବୋଲି ମନେହୁଏ । ତଥାପି ଆମେମାନେ ବିଶ୍ୱାସ ( **Faith, Religion** ) ମଧ୍ୟବ ପ୍ରଭୃତିକୁ ଅଭ୍ୟାସ ବଶତଃ ଏକ ପର୍ଯ୍ୟାୟଭୁକ୍ତ କରିବାକୁ ବାଧ୍ୟ ହୋଇଅଛୁଁ । ବ୍ୟଷ୍ଟି, ସମଷ୍ଟିରେ ଯେଉଁ ପ୍ରଭେଦ ବିଦ୍ୟମାନ **Faith** ଏବଂ ଧର୍ମ ମଧ୍ୟରେ ସେହି ବ୍ୟବଧାନ । ଯାହା ସମଷ୍ଟିର ଆଦରଣୀୟ ନୁହେ ତାହା ଧର୍ମ ନୁହେ, ତାହା **Faith** ହୋଇପାରେ । କ୍ରିଷ୍ଟିୟାନିଟି ସମଷ୍ଟିର ଆଦରଣୀୟ ନୁହେ ; ହିନ୍ଦୁତ୍ୱ ସମଷ୍ଟିର ଗ୍ରହଣୀୟ ନୁହେ ; ସେହିପରି ଇସଲାମ ସମଷ୍ଟିର ଆଦରଣୀୟ ବା ଗ୍ରହଣୀୟ ନୁହେ । ତଥାପି ଆମେମାନେ ଉପରୋକ୍ତ କ୍ରିଷ୍ଟିୟାନ, ହିନ୍ଦୁ ଓ ଇସଲାମ ଶବ୍ଦର ପଛରେ ଧର୍ମ ଶବ୍ଦ ଯୋଜନା କରି ଧର୍ମ ଶବ୍ଦର ଅପବ୍ୟବହାର କରୁଅଛୁଁ । ଯାହା ସମଷ୍ଟିକୁ ଆବଦ୍ଧ କରି ରଖିବାକୁ ସମର୍ଥ, ତାହା ଯେବେ ଧର୍ମ ଶବ୍ଦର ପ୍ରକୃତ ଅର୍ଥ, ତେବେ ଉପରୋକ୍ତ କୌଣସି ଧର୍ମ ତ ସମଷ୍ଟିକୁ ଏକ ଧର୍ମଗଣ୍ଡି ମଧ୍ୟରେ ରଖି ପାରୁ ନାହିଁ । ହିନ୍ଦୁ ହିନ୍ଦୁକୁ ଧର୍ମ ଭାଇ ବୋଲିପାରେ, ମୁସଲମାନ ମୁସଲମାନକୁ ଏବଂ ଖ୍ରୀଷ୍ଟିୟାନ ଖ୍ରୀଷ୍ଟିୟାନକୁ ଧର୍ମ ଭାଇ ବୋଲିପାରେ; ମାତ୍ର ଏମାନ ବ୍ୟବହାରରେ ସମଷ୍ଟିର ଗନ୍ଧ ନାହିଁ, ବରଂ ବିରୋଧର ଗନ୍ଧ ଅଛି ଯାହାରେ ପ୍ରକଟିତ ହୁଏ ।

ଧର୍ମ ଆଲୋକ, ଉତ୍ତାପ ଏବଂ ବାୟୁ ପରି ସ୍ୱାଭାବିକ ନୁହେ । ଏହା କୃତ୍ରିମ—ଏଣୁ ସମସ୍ତଙ୍କର ପ୍ରାପ୍ୟ ନୁହେ । ଏହା ସମଷ୍ଟିର ପ୍ରାପ୍ୟ ନୁହେ, ବ୍ୟଷ୍ଟିର ପ୍ରାପ୍ୟ । ଏଠାରେ ଧର୍ମ ଶବ୍ଦ ବିଶ୍ୱାସର ପ୍ରତିଶବ୍ଦ ରୂପେ ବ୍ୟବହାର କରି ଯାଉଅଛି, କାରଣ ଉପାୟାନ୍ତର ନାହିଁ । ପ୍ରକୃତ ବସ୍ତୁର ରୂପରେ, ରସରେ ଓ ଶବ୍ଦରେ ମଧ୍ୟ ବାହ୍ୟଗତ ଭ୍ରମ ହୁଏ । ସୁତରାଂ ଶୁଣିବା କଥାରେ ଯେ ଭ୍ରମ ରହିବ ଏଥିରେ ଆଶ୍ଚର୍ଯ୍ୟ କଣ ? ଲୌକିକ ଧର୍ମ ତ ଏକ ବ୍ୟକ୍ତି କର୍ତ୍ତୃକ ପ୍ରବର୍ତ୍ତିତ ନୁହେ । ଆର୍ଯ୍ୟର ଧର୍ମ ଅଛି, ଅନାର୍ଯ୍ୟର ଧର୍ମ ଅଛି । ପୁଣି ଆର୍ଯ୍ୟ ମଧ୍ୟରେ ଧର୍ମ ମତର ଭେଦ ଅଛି । ଏପରି ଘଟେ କାହିଁକି ? ବ୍ୟଷ୍ଟିର ବିଶ୍ୱାସକୁ ବ୍ୟଷ୍ଟି ନିଜ ସ୍ୱାର୍ଥରେ ଗ୍ରହଣ କରିଅଛି । ଏକ ବିଶ୍ୱାସର ଅନୁସରଣକାରୀ

Digitized by srujanika@gmail.com

ଅନେକେ ମିଳି ଗୋଟାଏ ଦଳ ଗଠିତ ହୋଇଅଛି । ମାତ୍ର ଏତାଦୃଶ ବିଶ୍ୱାସକୁ ସମଷ୍ଟିର ଧର୍ମ ବୋଲାଯାଏ ନାହିଁ । ଖ୍ରୀଷ୍ଟପ୍ରବର୍ତ୍ତିତ ବିଶ୍ୱାସ ମହମ୍ମଦ ଭକ୍ତମାନଙ୍କର ଗ୍ରାହ୍ୟ ନୁହେ । ଇହୁଦିମାନଙ୍କର ଖ୍ରୀଷ୍ଟ ବା ମହମ୍ମଦ ଧର୍ମରେ ଆସ୍ଥା ନାହିଁ । ପୁରାଣ-ଧର୍ମୀମାନେ ଜଗତର ସମସ୍ତ ଧର୍ମକୁ ଘୃଣା ଚକ୍ଷୁରେ ଦେଖନ୍ତି ।

ଏତାଦୃଶ ଧର୍ମ-ମତର ବା ବିଶ୍ୱାସର ବିରୋଧ ବିଦ୍ୟମାନ ସତ୍ତ୍ୱେ ପ୍ରତ୍ୟେକ ଧର୍ମର ଶରଣାପନ୍ନ ଦଳ ବା ବ୍ୟକ୍ତିମାନଙ୍କର ଜିଦ୍ ସହ ପରସ୍ପର ମଧ୍ୟରେ ହାନିକର ବିରୋଧ ଉତ୍ପନ୍ନ କରିବା ଚେଷ୍ଟା ମୂଢ଼ ଧାର୍ମିକତା ମାତ୍ର । ଏହି ମୂଢ଼ ଧାର୍ମିକତା ନିମନ୍ତେ ଦାୟୀ କିଏ ? ପ୍ରାଚୀନ ମୁନି ଋଷିମାନେ? ବୁଦ୍ଧ, ଖ୍ରୀଷ୍ଟ, ମହମ୍ମଦ? ନା—ନା, ଏମାନଙ୍କୁ ଦାୟୀ କରିବାକୁ ମାନବ ଜାତିର କ୍ଷମତା ନାହିଁ । ପଲ୍ଲବଗ୍ରାହୀ ଶିଷ୍ୟ ପ୍ରଶିଷ୍ୟଗଣ ଏଥି ନିମନ୍ତେ ଦାୟୀ, ଆଉ ବିଶ୍ୱାସର ଶରଣାପନ୍ନ ସ୍ୱାର୍ଥପର ବ୍ୟକ୍ତିମାନେ ଦାୟୀ । ଅବଲୀଳାକ୍ରମେ ଏହି ମୂଢ଼ ଧାର୍ମିକତାର ଖେଳ ପ୍ରତ୍ୟହ ପ୍ରତ୍ୟକ୍ଷ ହେଉଅଛି ମାତ୍ର । ମାନବ ମୂଢ଼ ଧାର୍ମିକତାର ଅନ୍ତରାଳରେ ଆପଣା ସ୍ୱାର୍ଥ ସିଦ୍ଧିର ପନ୍ଥା ଅନ୍ୱେଷଣରେ ତତ୍ପର । ବିଂଶ ଶତାବ୍ଦୀରେ ସାହିତ୍ୟ ଓ ବିଜ୍ଞାନର ବୃଦ୍ଧି ସଙ୍ଗେ ସଙ୍ଗେ ମୂଢ଼ ଧାର୍ମିକତା କ୍ରମେ କ୍ଷୟ ପ୍ରାପ୍ତ ହେବ ବୋଲି ଆଶା କରିବା ସ୍ୱାଭାବିକ । ମାତ୍ର ମୂଢ଼ ଧାର୍ମିକତା ନାଶ ହେବାର ତ ଦୃଷ୍ଟିଗୋଚର ହୁଏ ନାହିଁ । ବରଂ ଅନିବାର୍ଯ୍ୟ ଚନ୍ଦ୍ରକଳା ପରି ବୃଦ୍ଧି ପ୍ରାପ୍ତ ହେଉଥିବାର ସ୍ପଷ୍ଟ ଲକ୍ଷଣ ଦୃଷ୍ଟିଗୋଚର ହୁଏ ।

ମୂଢ଼ ଧାର୍ମିକତା ନିମନ୍ତେ କି ବୁଦ୍ଧ ଗୃହତ୍ୟାଗ କଲେ । ଖ୍ରୀଷ୍ଟ ପ୍ରାଣ ଦେଲେ । ଚୈତନ୍ୟ ସନ୍ନ୍ୟାସୀ ହେଲେ । ଆଜି ବୌଦ୍ଧ-ମାନଙ୍କ ମଧ୍ୟରେ ମହାଯୁଦ୍ଧ—ବାକ୍‌ଯୁଦ୍ଧ ନୁହେ—ରୀତିମତ ଗୋଳି ବାରୁଦ, ଜାହାଜ ଏରୋପ୍ଲେନ ଓ ବୋମାଯୁଦ୍ଧ । କ୍ରିଷ୍ଟିୟାନମାନଙ୍କର ଯୁଦ୍ଧ ତ ବରାବର ଲାଗିଛି । ଖ୍ରୀଷ୍ଟଙ୍କର ତିରୋଧାନ ସଙ୍ଗେ ସଙ୍ଗେ ମହା ସମରାନଳ ଜଳୁଛି । କେବେ ଶାନ୍ତି-ଅମୃତ ପଡ଼ିବ କିଏ ଜାଣେ ? ଚୈତନ୍ୟ ସ୍ୱପ୍ନରେ ମଧ୍ୟ ଭାବି ନ ଥିଲେ ଯେ ତାଙ୍କ ଅନ୍ତେ ଏ ଭୂଭାରତ ଖଣ୍ଡରେ ଅସଂଖ୍ୟ ସ୍ୱାମୀର ଆବିର୍ଭାବଦ୍ୱାରା ପ୍ରେମ-ଧର୍ମ ଲଣ୍ଡଭଣ୍ଡ ହେବ ।

ଧର୍ମର ସାର, ଯାହା ମାନବକୁ ସୁଖ ଶାନ୍ତି ଦେଇ ପାରେ, ବିରୋଧ ଘୁଞ୍ଚାଇ ପାରେ; ତାକୁ ତ୍ୟାଗ କରି ସ୍ୱାର୍ଥାନ୍ଧ ଧର୍ମଧ୍ୱଜୀମାନଙ୍କର ପଦାଙ୍କ ଅନୁସରଣ କରି ମାନବ-ସମାଜରେ ବିଶୃଙ୍ଖଳା ଘଟାଇବାର ଚେଷ୍ଟା ମୂଢ଼ ଧାର୍ମିକତା ନୁହେ କି ? ମୂଢ଼ ଧାର୍ମିକତାର ବୃଦ୍ଧି ସଙ୍ଗେ ସଙ୍ଗେ ଜଗତରେ ଅଶାନ୍ତିର ମାତ୍ରା ବୃଦ୍ଧି ପାଉଅଛି ।

ବୁଦ୍ଧଙ୍କର ସାଂସାରିକ ଅଷ୍ଟବିଧ ଦୁଃଖ ଓ ତନ୍ନିରୋଧର ଉପାୟ ପୁଥିରେ ଆବଦ୍ଧ ହୋଇ ରହିଲା । ଖ୍ରୀଷ୍ଟଙ୍କର ଦଶ ଅନୁଶାସନ (Ten Commandments) ପାଦ୍ରୀମାନଙ୍କ ମୁଖରେ କେବଳ । ଏବେ ରାଜ୍ୟ ଲାଳସାରେ ବୌଦ୍ଧ ବୌଦ୍ଧ ମଧ୍ୟରେ ଯୁଦ୍ଧ, ଖ୍ରୀଷ୍ଟିୟାନମାନଙ୍କ ମଧ୍ୟରେ ଯୁଦ୍ଧ ଏବଂ କ୍ରମେ ଦୁଇ ଶାନ୍ତି-ଧର୍ମୀମାନଙ୍କ ମଧ୍ୟରେ ଯୁଦ୍ଧ ବ୍ୟାପାର ଲାଗିବ ।

ହିନ୍ଦୁ ମୁସଲମାନଙ୍କର ବିବାଦ ଆଉ କିଛି ନୁହେ, ମୂଢ଼ ଧାର୍ମିକତା ମାତ୍ର । ଦେଶ ଉଚ୍ଛନ୍ନ ଯିବ ପଛକେ କେହି ତାହା ତ୍ୟାଗ କରିବାକୁ ରାଜି ହେବେ ନାହିଁ ।

ହିନ୍ଦୁର ଆର୍ଥିକ ଓ ସାମାଜିକ ଅବନତିର ଜନକ ମୂଢ଼ ଧାର୍ମିକତା । ଅଶିକ୍ଷିତଙ୍କ ମଧ୍ୟରେ ମୂଢ଼ ଧାର୍ମିକତା ଥିବା ବିଚିତ୍ର ନୁହେ, ମାତ୍ର ଶିକ୍ଷିତମାନେ ମଧ୍ୟ ମୂଢ଼ ଧାର୍ମିକତାର ଆଶ୍ରୟ ନିଅନ୍ତି—ଏଥିଁ ବଳି ଆଶ୍ଚର୍ଯ୍ୟର ବିଷୟ କଣ ? ସେତିକି କେବଳ ନୁହେ, ଏହି ଶିକ୍ଷିତ ସମ୍ପ୍ରଦାୟ ତାହାକୁ ପ୍ରଶ୍ରୟ ମଧ୍ୟ ଦେବାକୁ କୁଣ୍ଠିତ ନୁହନ୍ତି ।

ମନୁ କେଉଁ ଯୁଗର ଧର୍ମ ଶାସ୍ତ୍ର । ସ୍ୱାର୍ଥ-ସିଦ୍ଧି ନିମନ୍ତେ କେବଳ ଅଧୁନା ତାହାର ପ୍ରୟୋଗ ନିନ୍ଦାଯୋଗ୍ୟ ନୁହେ କି ?

ଯେଉଁ ବ୍ୟବସ୍ଥା ଅନୁସାରେ ଅଧୁନା ଚଳି ହେଉ ନାହିଁ, ତାହାକୁ ନତମସ୍ତକରେ ମାନି ମନସ୍ତାପ ଭୋଗ କରିବାର ପ୍ରୟୋଜନ କଣ ? ପ୍ରକୃତ ପକ୍ଷରେ କେହି ପ୍ରାଚୀନ ବ୍ୟବସ୍ଥାର ପକ୍ଷପାତୀ ନୁହନ୍ତି । ନିଜର ସୁବିଧା ଅନୁସାରେ ପ୍ରତ୍ୟେକେ ତାକୁ ଅପମାନ କରୁଅଛନ୍ତି କିନ୍ତୁ ମୂଢ଼ ଧାର୍ମିକତାର ପକ୍ଷପାତୀ ହୋଇ ଅନ୍ୟର ଅସୁବିଧା ଘଟାଇବାକୁ ଛାଡ଼ୁ ନାହାନ୍ତି । ବ୍ୟବସ୍ଥାର ଚାପ ପଡ଼ୁଛି ଦୁଃଖୀ ଓ ନିରକ୍ଷରଙ୍କ ଉପରେ । ବୃଦ୍ଧ ବ୍ରାହ୍ମଣଗଣ ଗାୟତ୍ରୀ ଉପାସନା ମଧ୍ୟ କରୁଅଛନ୍ତି, ଉପନିଷଦର ବ୍ରହ୍ମ ଭାବନା ସଙ୍ଗେ ସଙ୍ଗେ "ମହିଷଯୋଽଛାଗମସିବା" ବଳୀର ବ୍ୟବସ୍ଥା କରିବାକୁ ପଞ୍ଚଦେବତା ଉପାସନାର ଦୋହି ଦେଇ ସ୍ୱାର୍ଥସିଦ୍ଧ କରୁଅଛନ୍ତି । ଉପନିଷଦର ବ୍ରହ୍ମୋପାସନା ଓ ପାରମାର୍ଥିକ ସାତ୍ତ୍ୱିକ ଉପାସନା ସହିତ ମହିଷ ଓ ଛାଗ ବଳୀର ଅସୁରୀ କ୍ରିୟାର ସାମ୍ୟ କେଉଁଠାରେ ? ସାମ୍ୟ ଅଛି ବୋଲି ଗୁରୁମାନେ ଉପଦେଶ ଦେବାକୁ ଲଜ୍ଜିତ ନୁହନ୍ତି ଏବଂ ଶିଷ୍ୟଗଣ ନତ ମସ୍ତକରେ ଉଭୟ ମତ ରକ୍ଷା କରିବାକୁ ସର୍ବଦା ରାଜି । ଅଳ୍ପ ଦିନ ତଳେ ଅସଂଖ୍ୟ ମହିଷ ଓ ଛାଗର ରକ୍ତ କାଳିକା ଦେବୀ ଖର୍ପରରେ ପ୍ରବାହିତ ହୋଇଅଛି ଓ ପୁଣି ହେବ । କିନ୍ତୁ ଭାରତବାସୀର ମୂଢ଼ ଧାର୍ମିକତା ଅପସାରିତ ହେବାର ନୁହେ ।



Digitized by srujanika@gmail.com

# ସଙ୍ଗୀତ

**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**

( ଭୀମପାଲ ଶ୍ରୀ ମିଶ୍ର—ଏକତାଲ )

ମଞ୍ଜୁଳା ଏ ମୋର ଫୁଲ-ବନେ
ଚହଟି ଉଠିଛି ଛନ୍ଦ-ଗୀତ ।
ପରାଣ ସଖା ଆସିବେ ବୋଲି,
ଦୁଲୁକି ଦୁଲୁକି ଉଠେ ଛାତି ॥ ଘୋଷା ।

ସୁଆଗ-ସମୀରେ ଟଳ ଟଳ,
ମୁକୁଳିଛି ମୋର ଫୁଲକଳ,
ପତରେ ପତରେ ନୂପୁର ବଜାଇ,
ମଳୟ ଆସିଛି ନାଚି ନାଚି ଧାଇଁ,
ବଉଳ ବନେ କୋଇଲି ବନ୍ଧୁ,
ଆଗମନୀ ଗୀତ ଗାଏ ମାତି ॥ ୧ ।

କେତେ କଥା ଯୁଗ ଯୁଗ ଧରି,
(ମୁଁ) ସାଇତି ରଖିଛି ବୁକୁ ଭରି,
କହିବାକୁ ଯେବେ ସରମ ନ ଲାଗେ,
ଅଭିମାନ ଛାଡ଼ି କହିବି ତା' ଆଗେ,
ଛନଛନିଆ କଅଁଳ ଘାସେ,
ବିଛାଇ ବିଛଣା ଜାଗି ରାତି ॥ ୨ ।

# ଚଉଦ୍ୱାର-କଟକ

**ଶ୍ରୀ ଜଗବନ୍ଧୁ ସିଂହ**

କର୍ପୂର ଉଡ଼ିଯାଇ କନା ପଡ଼ିଥିଲା ପରି ଆଜି ଚଉଦ୍ୱାର ବିରୂପା-ମହାନଦୀ କୂଳରେ ପଡ଼ି ରହିଛି । ଉତ୍କଳ ସାମ୍ରାଜ୍ୟ ଯାଇଛି, ଉତ୍କଳର ସ୍ୱାଧୀନତା ଯାଇଛି, ଉତ୍କଳର ପ୍ରାଚୀନ ବିଭବ ଧ୍ୱଂସ ହୋଇଛି, ଉତ୍କଳର ରାଜଲକ୍ଷ୍ମୀ କେଉଁଠି କାହା ପାଖେ ରହିଛନ୍ତି—ଅଛି କେବଳ କେତେ ଗୁଡ଼ିଏ ଧ୍ୱଂସାବଶେଷ ପ୍ରାଚୀନ କୀର୍ତ୍ତିର ସ୍ମୃତି । ସେ ଗୁଡ଼ିକ ମୂକ ସାକ୍ଷୀ ପରି ପଡ଼ିଛନ୍ତି, ନୀରବ ନିସ୍ତବ୍ଧ ଭାବରେ ଅବନତ ମସ୍ତକରେ ପଡ଼ିଛନ୍ତି; କାହିଁକି ? କେହି ବନ୍ଧୁ ମିଳିଲେ ତା'ଆଗେ ହୃଦୟର ଶୋକ ଦୁଃଖର ଇତିହାସ ଗାଇଦେଇ ଦୁଃଖଭାର ଲାଘବ କରିବା ମାନସରେ ଅପେକ୍ଷା କରିଛନ୍ତି ! ଉତ୍କଳ ଜନନୀର ଏହି ଧ୍ୱଂସାବଶେଷ-ସ୍ମୃତି ଅବଲୋକନ କରିବା ପାଇଁ କେତେ ଜ୍ଞାନପିପାସୁ ପଣ୍ଡିତ ଧାଇଁ ଆସୁଛନ୍ତି । ଏହି ସ୍ମୃତିମାନ ଦେଖି ମୁଗ୍ଧ ହେଉଛନ୍ତି । ଧନ୍ୟା ଉତ୍କଳ ଜନନୀ, ଧନ୍ୟ ତୋର ମୋହିନୀ ଶକ୍ତି, ଧନ୍ୟ ତୋର କଳା ବିଭବ, ଧନ୍ୟ ତୋର ପ୍ରାକୃତିକ ସୌମ୍ୟ ମୂର୍ତ୍ତି ! ଆଜି ଏହି ବିଭବରୁ କଣିକାଏ କଣିକାଏ ନେଇ କେତେ ପଣ୍ଡିତ ଐତିହାସିକ ପାଣ୍ଡିତ୍ୟ ଲାଭ କରୁଛନ୍ତି । ତୋର ପ୍ରାଚୀନ କୀର୍ତ୍ତି କୀର୍ତ୍ତନ କରି ଆଜି କେତେ ଲୋକ ଇତିହାସବେତ୍ତା ବୋଲାଉଛନ୍ତି ! ମା ! ତୋ' ଶ୍ରୀଚରଣରେ ଶତ ନମସ୍କାର !

କେତେ କାଳର କଥା ! କେତେ ଯୁଗ ବିତି ଗଲାଣି । ପ୍ରାୟ ୧୪୦୦ ବର୍ଷ ତଳର କଥା । ସ୍ୱପ୍ନ ପରି ଲାଗୁଛି । କେଶରୀବଂଶର ପ୍ରଥମ ରାଜା ଜନ୍ମେଜୟ କେଶରୀ ଏହି ପୁଣ୍ୟପୀଠ ପବିତ୍ର ଚଉଦ୍ୱାର-କଟକରେ ରାଜଧାନୀ କରିଥିଲେ । ପ୍ରବଳ ପ୍ରତାପ ଜନ୍ମେଜୟ କେଶରୀ ଏହିଠାରେ ଲୀଳା-ଖେଳା କରିଥିଲେ !

ଏହି ବୀର ମାଟି ଚଉଦୁଆର
କଟକମାନଙ୍କେ ଅଠର ସାର
ଉତ୍କଳ ସାମ୍ରାଜ୍ୟ ମୁକୁଟମଣି
ଜନମେଜୟ ବୀର କୁଳାଗ୍ରଣୀ
ବାଛି ଏହି ସ୍ଥାନ
କରିଥିଲେ ରାଜଧାନୀ ସ୍ଥାପନ ।

ଜନ୍ମେଜୟଙ୍କ ପରେ ଯଯାତିକେଶରୀ ଏହି ସ୍ଥାନରେ ରାଜଧାନୀ କରିଥିଲେ । ପୁନର୍ବାର ଗଙ୍ଗବଂଶୀୟ ମହାରାଜା ଅନଙ୍ଗଭୀମଦେବ ଏହି ଚଉଦ୍ୱାର-କଟକରେ ରାଜଧାନୀ କରିଥିଲେ । କ୍ଷତ୍ରିୟକୁଳ ଧୂମକେତୁ ଅନଙ୍ଗଭୀମଙ୍କ ରାଜତ୍ୱ ପରେ ଚଉଦ୍ୱାର କ୍ରମେ ପରିତ୍ୟକ୍ତ ହୋଇ ଅନ୍ୟ ସ୍ଥାନମାନଙ୍କରେ ରାଜଧାନୀ ସ୍ଥାପିତ ହେଲା ।

ପ୍ରାଚୀନ ରାଜାମାନେ ରାଜଧାନୀ କଲାବେଳେ ଅନ୍ୟ କାହାରି ମତ ଲୋଡ଼ୁ ନ ଥିଲେ । ସେମାନେ କୌଣସି ସ୍ଥାନରେ କୌଣସି



Digitized by srujanika@gmail.com

ଶୁଭ ଲକ୍ଷଣ ଦେଖି ସେହି ସ୍ଥାନ ରାଜଧାନୀ ପାଇଁ ପ୍ରଶସ୍ତ ବୋଲି ସ୍ଥିର କରୁଥିଲେ । ଓଡ଼ିଶାରେ ଏହିପରି ପ୍ରଥମେ ପଞ୍ଚକଟକ ସ୍ଥାପିତ ହୋଇଥିଲା, ଯଥା:— ଯାଜପୁର କଟକ, ବରାନଶୀ କଟକ, ଚଉଦ୍ୱାର କଟକ, ଛତିଆ କଟକ, ଅମରାବତୀ କଟକ । ଏହାପରେ ମହାରାଜାଧିରାଜ ଅନଙ୍ଗଭୀମଦେବ ବାରବାଟୀ ଗ୍ରାମରେ ବାରବାଟୀ-କଟକ ବସାଇ ସେଠାରେ ରାଜଧାନୀ କଲେ ଏବଂ ସେଠାରେ ଏକ ପ୍ରକାଣ୍ଡ ଦୁର୍ଗ ନିର୍ମାଣ କରିଥିଲେ । ଭୁବନେଶ୍ୱର-କଟକରେ ରାଜଧାନୀ ଥିଲା । କୋଣାର୍କରେ ମଧ୍ୟ ରାଜଧାନୀ ଥିଲା । କଟକ ଅର୍ଥ ନଗର । କଟକ ଅର୍ଥ ରାଜଧାନୀ ନୁହେ ବରଂ କଟକ ଅର୍ଥ ସୈନ୍ୟ ଛାଉଣୀ । କେବଳ କଟକ ବୋଲି କୌଣସି ରାଜଧାନୀ ନ ଥିଲା ।

କଥା ଅଛି ମନୁଷ୍ୟ ଭାଗ୍ୟାଧୀନ । ମାନବର ଭାଗ୍ୟ କ୍ଷଣ କ୍ଷଣକେ ପରିବର୍ତ୍ତିତ ହୁଏ । "ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକୀର," ଏହା ଗୋଟିଏ ପ୍ରାଚୀନ ପ୍ରବାଦ । ଏହା ମଧ୍ୟ ଅନେକ ସ୍ଥଳରେ ସତ୍ୟ ବୋଲି ପ୍ରମାଣିତ ହୋଇଛି । ମନୁଷ୍ୟର ଭାଗ୍ୟ ପରି ସ୍ଥାନର ଭାଗ୍ୟ ମଧ୍ୟ ପରିବର୍ତ୍ତିତ ହେବାର ଦେଖାଯାଏ— "ଆଜି ଯେ ରାଜେନ୍ଦ୍ରାସନ କାଲି ସେ ଶ୍ମଶାନ କିମ୍ବା ଆଜି ଯେ ଶ୍ମଶାନ କାଲି ରାଜେନ୍ଦ୍ର ଆସନ ।"

ଚଉଦ୍ୱାର-କଟକ ଭାଗ୍ୟରେ ତାହା ଘଟିଲା । ଯୁଗଯୁଗାନ୍ତ ପରିତ୍ୟକ୍ତ ବିଶାଳ ଭୂଖଣ୍ଡ, ଯାହା ଆଜି ଚଉଦ୍ୱାର ନାମରେ ପରିଚିତ, ତାହା କେବଳ ଗୋଚର-ଭୂମି ଥିଲା । କଙ୍କରମୟ ଭୂଖଣ୍ଡ ମହାନଦୀ ବିରୁପା ମଧ୍ୟରେ ଆପଣା ଭାଗ୍ୟକୁ ଆଦରି ପଡ଼ିଥିଲା । ତାହାର ପ୍ରାଚୀନ ବିଭବ ସବୁ ଯାଇଛି; ଅଛି କେବଳ ସ୍ମୃତି ଓ ନାମ । ଚାରି ଦ୍ୱାରରୁ ଗୋଟିଏ ହେଲେ ଦ୍ୱାର ନାହିଁ । ସବୁ ଦ୍ୱାର, ଗଡ଼, ପ୍ରାଚୀର, ପରିଖା, କରାଳ କାଳ-କବଳରେ ପଡ଼ି ଲୋପ ପାଇଛି, ଅଛି କେବଳ କ୍ଷୀଣ ଚିହ୍ନ ମାତ୍ର । ଏହି ଭୂଖଣ୍ଡର ମଧ୍ୟ ସ୍ଥଳରେ ଅଛି କେବଳ ଗୋଟିଏ ସ୍ତୂପ । ଲୋକେ ତାହାକୁ ପାରାଭିଡ଼ି ବୋଲି କହନ୍ତି । କେହି ଅନୁମାନ କରେ, ଏହିଠାରେ ସିଂହାସନ ଥିଲା; କେହି ଅନୁମାନ କରେ, ଏ ହେଉଛି ଘଣ୍ଟାସ୍ତମ୍ଭ । ପୁଣି କିଏ ଅନୁମାନ କରେ ଏହା ଗୋଟିଏ ବୌଦ୍ଧ-ସ୍ତୂପ । ଲୋକେ ଏ ଭୂଖଣ୍ଡକୁ ବିରାଟଗଡ଼ ବୋଲି ମଧ୍ୟ କହନ୍ତି । ଏ ପାରାଭିଡ଼ିଟି ଠିକ୍ ମଧ୍ୟ ସ୍ଥଳରେ ପ୍ରତିଷ୍ଠିତ । ଏହିଠାରୁ ପ୍ରାୟ ଦୁଇ ମାଇଲ ଦୂରରେ କେତେଗୁଡ଼ିଏ ଗ୍ରାମ ଅଛି । ଚଉଦ୍ୱାର ନାମରେ ଗୋଟିଏ ଗ୍ରାମ ଅଛି । ଅଗ୍ରାହାଟ, ନୂଆପାଟଣା, ଯାଜଭୈରବ ନାମରେ ଗ୍ରାମମାନ ଅଛି । ଯାଜଭୈରବ ଗ୍ରାମଠାରେ ପ୍ରାଚୀନ କାଳରେ ଯଜ୍ଞ ହୋଇଥିବାର ପ୍ରବାଦ ଅଛି । ଏଠାରେ ଭୈରବ ମୂର୍ତ୍ତି ଅଛନ୍ତି । ହିନ୍ଦୁ ଓ ବୌଦ୍ଧମାନେ ଏ ମୂର୍ତ୍ତିକୁ ପୂଜା କରନ୍ତି । ପ୍ରାଚୀନ ଦୁର୍ଗାମୂର୍ତ୍ତି ଏ ଅଞ୍ଚଳରେ ଅଛି—ଅତି ସୁନ୍ଦର ମୂର୍ତ୍ତି । ପ୍ରାଚୀନ କଳା-ବିଭବରେ ପରିପୂର୍ଣ୍ଣ । ଶିବ ମନ୍ଦିର ନିକଟରେ ଏକ ସର୍ପାକାର ସ୍ତମ୍ଭ ଅର୍ଦ୍ଧ ଭଗ୍ନାବସ୍ଥାରେ ଅଛି । ଏ ଅଞ୍ଚଳରେ ବର୍ତ୍ତମାନ କ୍ଷୁଦ୍ର ସ୍ୱର୍ଣ୍ଣ ଖଣ୍ଡ ମିଳେ । ସେ ସ୍ୱର୍ଣ୍ଣ ଖଣ୍ଡରେ ବୃଷଭ ଚିହ୍ନ ଥିବାର କଥିତ ହୁଏ । ଏ ଅଞ୍ଚଳରେ କେତେକ ଲୋକ ଅଛନ୍ତି, ସେମାନେ ଏହି କ୍ଷୁଦ୍ର ସ୍ୱର୍ଣ୍ଣ ଖଣ୍ଡ ସଂଗ୍ରହ କରିବା ବ୍ୟବସାୟ କରନ୍ତି । ବହୁ ପରିଶ୍ରମ କଲେ ଖଣ୍ଡେକାକର ମିଳେ ମାତ୍ର, ତାହାର ଦାମ ଚାରି ପାଞ୍ଚ ଟଙ୍କା ।

ସେହି ସ୍ୱର୍ଣ୍ଣ-ଗର୍ଭା ଚଉଦ୍ୱାର ଆଜି ନୂତନ ଓଡ଼ିଶାର ରାଜଧାନୀ ହେବ ବୋଲି ଓଡ଼ିଶା ବ୍ୟବସ୍ଥାପକ ସଭା ମତ ଦେଇଅଛନ୍ତି । ବିଶାରଦମାନଙ୍କ ମତରେ ଏ ଭୂଖଣ୍ଡ ମଧ୍ୟ ନୂତନ ଓଡ଼ିଶାର ରାଜଧାନୀ ପାଇଁ ଉପଯୁକ୍ତ ସ୍ଥାନ । ସ୍ଥାନଟି ସ୍ୱାସ୍ଥ୍ୟକର । ଜଳବାୟୁ ଅତି ଉତ୍ତମ । ଜଳର ଅଭାବ ନାହିଁ । ଆଜି ଚଉଦ୍ୱାରର ଭାଗ୍ୟ ପରିବର୍ତ୍ତିତ ହୋଇଅଛି । ଆଜି ଚଉଦ୍ୱାରଠାରେ ଇଂରେଜ ସାମ୍ରାଜ୍ୟର ରାଜଧାନୀ ପ୍ରତିଷ୍ଠିତ ହେବ, ପୁନଶ୍ଚ ଏ ସ୍ଥାନର ମହାତ୍ମ୍ୟ ବଢ଼ିବ । ପୁନଶ୍ଚ ଚଉଦ୍ୱାର ହସିବ, ପୁନଶ୍ଚ ମୁଣ୍ଡ ଟେକିବ ।

ରାଜଧାନୀ ଗଢ଼ାହେବା ପାଇଁ ପ୍ରାୟ ଅର୍ଦ୍ଧ କୋଟି ଟଙ୍କା ଖର୍ଚ୍ଚ ହେବ । ନୂତନ ନଗର ପ୍ରତିଷ୍ଠିତ ହେବ । କେତେ ଶିଳ୍ପୀ ଆସି କାର୍ଯ୍ୟ କରିବେ । ନଗରଟି ସୁନ୍ଦର ସୁସଜ୍ଜିତଭାବେ ନିର୍ମିତ ହେଲେ ମନୋହର ଦେଖାଯିବ । ଏ ସମସ୍ତ ଭୂଖଣ୍ଡ ସରକାର ନେଇଯିବା ଆବଶ୍ୟକ । ଯେଉଁ ନଗରଟି ପ୍ରତିଷ୍ଠିତ ହେବ ସେଥିରେ ନୂତନ ଓଡ଼ିଶାର ସବୁ ଜିଲ୍ଲାଗୁଡ଼ିକର ସ୍ମୃତି ରହିଲେ ଉପଯୁକ୍ତ ହେବ । ପ୍ରତ୍ୟେକ ଜିଲ୍ଲା ପାଇଁ ଗୋଟିଏ ସାହି ବା ଗଳି ନିର୍ଦ୍ଦିଷ୍ଟ ରହିବ । ଗଞ୍ଜାମ, କୋରାପୁଟ, ପୁରୀ, କଟକ, ବାଲେଶ୍ୱର, ସମ୍ବଲପୁର, ଗଡ଼ଜାତ ନାମରେ ଚତୁର୍ଦ୍ଦିଗରେ ସାହି ରହିବ । ସେହି ଅଞ୍ଚଳ ଲୋକେ ସେହି ସେହି ଅଞ୍ଚଳରେ ଗୃହ ନିର୍ମାଣ କରି ପାରିବେ । ସରକାରଠାରୁ ଜମି ପଟ୍ଟା ନେବେ, ଏହାଦ୍ୱାରା ସରକାରର ଲାଭ ହେବ । ସମଗ୍ର ଓଡ଼ିଶାଟି ଏହି ରାଜଧାନୀ ଚଉଦ୍ୱାର କଟକରେ ପ୍ରତିଫଳିତ ହେବ ।

ନୂତନ ପ୍ରଦେଶଟିଏ ହେଲା । ନୂତନ ରାଜଧାନୀଟିଏ ହେବ । କିନ୍ତୁ ଏଥିରେ ବିଶେଷ ଆନନ୍ଦିତ ହେବାର କଥା କିଛି ଦେଖୁ ନାହୁଁ । ଓଡ଼ିଆ ଜାତିର ଦାବି ସମଗ୍ର ଉତ୍କଳ ଭାଷୀ ଅଞ୍ଚଳର ଏକତ୍ରୀ-କରଣ । ଉତ୍କଳ ସମ୍ମିଳନୀ ଏହି ଦାବି ଉପସ୍ଥାପିତ କରିବା ପାଇଁ ଜନ୍ମ ଲାଭ କରିଥିଲା । ଉତ୍କଳର କେତେ ସୁସନ୍ତାନ ଏହି ଆଶା ପୋଷଣ କରି ଏହି ପ୍ରତିକାର ଲୋଡ଼ି ଲୋଡ଼ି ଇହଧାମ ତ୍ୟାଗ କଲେ । ଓଡ଼ିଶା ପ୍ରଦେଶ ହେଲା, ମାତ୍ର ପୂର୍ଣ୍ଣାଙ୍ଗ ନୁହେ । ସିଂହଭୂମି ସିଂହରଡ଼ି ଦେଇ କ୍ରନ୍ଦନ କରୁଅଛି । ଗଞ୍ଜାମର କେତେଗୁଡ଼ିଏ ଓଡ଼ିଆ ଅଞ୍ଚଳ ସୀମାର ଆର ପାଖେ ରହିଗଲା । ମେଦିନୀପୁର ଅଞ୍ଚଳରେ କେତେ ରହିଗଲା । ଏସବୁ ନ ଆସି ଓଡ଼ିଶା ପ୍ରଦେଶ ସଙ୍ଗେ ଯୁକ୍ତ ନ ହେଲେ ଓଡ଼ିଶାର ଦାବି ଅପୂର୍ଣ୍ଣ ରହିଛି । ସବୁ ଓଡ଼ିଆ ଭାଇ ଏ ନୂତନ ରାଜଧାନୀ ଲାଭରେ ଆନନ୍ଦ ଉପଭୋଗ କରି ପାରିଲେ ନାହିଁ । ସୁତରାଂ ଏ ଆନନ୍ଦରେ ନ ମାତି ପରିତ୍ୟକ୍ତ ଅଞ୍ଚଳ କିପରି ଆସିବ ତହିଁ ପାଇଁ ତୁମୁଳ ଆନ୍ଦୋଳନ ଚଳାଇବା ପ୍ରତ୍ୟେକ ଓଡ଼ିଆର କର୍ତ୍ତବ୍ୟ ଓ ଧର୍ମ୍ମ । ନିଶ୍ଚିନ୍ତ ହେଲେ ଚଳିବ ନାହିଁ ।

# ସ୍ମୃତି

ଶ୍ରୀ ଉପେନ୍ଦ୍ର ପ୍ରସାଦ ମହାନ୍ତି

ପବପୁର କୋଡ଼ିଏ ବର୍ଷ ବୟସରେ ମୋର ମାଇନର ପାଶ ହେଲା । ଖଡ଼ିଛୁଆଁଟା ଟିକିଏ ଡେରିରେ ଆରମ୍ଭ ହୋଇଥିଲା । ତା' ଛଡ଼ା ବିଦ୍ୟାଦେବୀ ମଧ୍ୟ ମୋ ପ୍ରତି ବିଶେଷ ସୁପ୍ରସନ୍ନା ନ ଥିଲେ । ଅନେକ ଅଭ୍ୟାସ କରି ପାଠ ପଢ଼ିଛି । ପଣ୍ଡିତ ପ୍ରାଣଧନ ବିଶୋଇଙ୍କ ବେତର ମଧ୍ୟ କମ୍ ଗୁଣ ନୁହେଁ । ଢେର ମାଡ଼ ଛାଟ ଖାଇଛି—ଗାଳି ମନ୍ଦ ସହିଛି । ବହୁ କଷ୍ଟରେ ଘୋସରି ଘୋସରି ମାଇନର ଫାଷ୍ଟ କ୍ଲାସରେ ଯାଇ ପହଞ୍ଚି ସେଠି ବର୍ଷ ତିନି ପର୍ଯ୍ୟନ୍ତ ପଡ଼ି ରହିଲି ! ଶେଷରେ ମା ସରସ୍ୱତୀଙ୍କର କୃପା ହେଲା । କଠୋର ତପସ୍ୟାରେ ଦେବତାର ଆସନ ଟଳେ । ମୋର ଏହି କଠୋର ତପସ୍ୟା ଦେଖି ବିଦ୍ୟାଦେବୀ ତରଳିଲେ । ଅବଶେଷରେ ମୋର ମାଇନର ପାଶ ହୋଇଗଲା । ବିଶୋଇ ପଣ୍ଡିତେ କହିଲେ, "ଖୁବ୍ ଖସାଟା ଖସିଲୁରେ ମାନିଆ !"

ମୋ ନାଁ ମାନଗୋବିନ୍ଦ ଦାସ । ଘର ଯାଜପୁର ସବ୍-ଡିଭିଜନ ଭିତରେ ଗୋଟାଏ ମଫସଲ ଗାଁରେ । ସେ ଗାଁରେ ବଡ଼ ପାଠୁଆ ବୋଲି ଯେଉଁ ଜଣକ ଥିଲେ ସେ ଏଣ୍ଟ୍ରେନ୍ସ ଫେଲ । ହାଲିରୁ ସହରରେ ବସା କରି ରହିଅଛନ୍ତି । ବଡ଼ ହାକିମଙ୍କର ସେ ହେଉଛନ୍ତି ପେସ୍କାର । ମୁଠା ମୁଠା ଉପରି ରୋଜଗାର କରନ୍ତି । ବହୁତ ସମ୍ପତ୍ତି ବାଡ଼ି । ଆଗରୁ ଘରେ ଖୁଦକଣା ନ ଥିଲା । ଚାକିରି କଲା ଦିନରୁ ଅବସ୍ଥା ବଦଳିଛି । ବର୍ତ୍ତମାନ ସେ ବଡ଼ ଲୋକ । ଗାଁ ଗଣ୍ଡାର ଲୋକେ ତାଙ୍କୁ ବଡ଼ ଖାତିର କରନ୍ତି । କହିବାର କଥା । ପଇସା ଯେଉଁଠି, ମାନ ମର୍ଯ୍ୟାଦା ଆଜିକାଲି ସେଇଠି ।

ପେସ୍କାର ବାବୁଙ୍କ ନାମ ବଳରାମ ପଟ୍ଟନାୟକ । ବଳରାମଙ୍କୁ ଦେଖିଲେ ଆମ ବାପାଙ୍କର ଭାରି ଈର୍ଷା ହୁଏ । ଅନେକ ସମୟରେ କହନ୍ତି—"ଦେଖ ତ, ବଳିଆଟା ଥିଲା କଣ, ହେଲା କଣ ! ପାଠ ଦି ଅକ୍ଷରର ଏତେ ଗୁଣ ! ପାଠ ପଢ଼ିଥିଲାରୁ ଏବେ ଦି ହାତରେ ପଇସା ଗୋଟାଉଛି ।" ମୋତେ ପାଠ ପଢ଼ାଇବା ମୂଳରେ ବାପାଙ୍କର ଏହି ଈର୍ଷା ଭାବ ଥିଲା । ମୁଁ ପାଠ ପଢ଼ି ମଣିଷ ହେବି—ବଳରାମ ବାବୁଙ୍କ ପରି ମୁଠା ମୁଠା ପଇସା ରୋଜଗାର କରିବି ।

ମାଇନର ପାଶ କଲା ପରେ ମୁଁ ହେଲି ଆମ ଗାଁରେ ଦ୍ୱିତୀୟ ପାଠୁଆ । ବାପାଙ୍କର ଭାରି ଉତ୍ସାହ ବଢ଼ିଗଲା । ମୋତେ ଆହୁରି ଦି ଅକ୍ଷର ପାଠ ପଢ଼େଇ ବଳରାମ ପେସ୍କାର ପରି ଗୋଟାଏ ମଣିଷ କରି ଛିଡ଼ା କରି ଦେବାକୁ ତାଙ୍କର ଇଚ୍ଛା । ସେଥିପାଇଁ ସେ ସ୍ଥିର କଲେ—ଯାହା ଖର୍ଚ୍ଚ ପଡ଼ୁ ପଡ଼ୁଛି ସେ ମୋତେ ବଡ଼ ସ୍କୁଲରେ ନେଇ ଭର୍ତ୍ତି କରେଇବେ ।

ଦିନେ ସକାଳୁ ସକାଳୁ ମୁଁ ବଡ଼ ସ୍କୁଲରେ ଭର୍ତ୍ତି ହୋଇଗଲି । ଚାରି ଛଅ ମାସ ବୋର୍ଡିଂରେ ରହି ଦେଖିଲି—ସେଠି ମୋ ପକ୍ଷରେ ଚଳିବା ଦୁଷ୍କର । ଖର୍ଚ୍ଚ ଖୁବ୍ ଟାଣ । ବାପା ଠିକ୍ ରୂପେ ଟଙ୍କା ପଠାଇ ପାରନ୍ତି ନାହିଁ । ମୋତେ ବଡ଼ ହଇରାଣ ହେବାକୁ ହୁଏ । ମେସ୍‌ରେ କଡ଼ା କଟକଣା । ଟଙ୍କା ନ ଦେଲେ ଉପାସ ରହିବାକୁ ହୁଏ । ଏହିପରି କେତେ ଥର ଉପାସ ରହି, ଶେଷରେ ବଡ଼ ଡିକ୍‌ଦାର ହୋଇ ଭାବିଲି—"ଯା, ମଲା, ଏତେ ହଇରାଣ କିଏ ହେବ ? ଏ ବୋର୍ଡିଂରେ ରହିବା କଥା ପଟିବ ନାହିଁ । ଦୋସରା ଜାଗା ଦେଖିବା ଦରକାର, ନଚେତ୍ ପାଠରେ ଜଳାଞ୍ଜଳି ଦେଇ ଘରକୁ ଫେରି ଯିବା ଉଚିତ ।" ଏହା ଭାବି ଆଖି ଫେରାଇଲି—ଅନ୍ୟ କେଉଁଠି ଅଳ୍ପ ଖର୍ଚ୍ଚରେ ରହି ହେବ କି ନା ଦେଖିଲି । ଶେଷରେ ଗୋଟାଏ ସ୍ଥାନ ସ୍ଥିର କଲି । ମାସରେ ଚାଉଳ ୩୦ ସେର ଆଉ ନଗଦ ଦେଢ଼ ଟଙ୍କା ଦେଇ ଜଣେ ବିଧବାର ଘରେ ରହିବାର ଠିକ୍ ହେଲା । ବୋର୍ଡିଂରୁ ଉଜୁଳି ବୁଜୁଳି ବାନ୍ଧି ବିଦା ହୋଇ ଆସିଲି ।

ବିଧବାଟିର ନାମ ଲକ୍ଷ୍ମୀ । ଲକ୍ଷ୍ମୀର ବୟସ ଖୁବ୍ ଅଳ୍ପ—ଅଠରର ଏ ପାଖ କି ସେ ପାଖ । ଦେଖିବାକୁ ସେ ହେଉଛି ମନ୍ଦ ନୁହେଁ । ଲକ୍ଷ୍ମୀକୁ ସୁନ୍ଦରୀ ବୋଲି ମଧ୍ୟ କୁହାଯାଇପାରେ । କିନ୍ତୁ ସୌନ୍ଦର୍ଯ୍ୟ ଅପେକ୍ଷା ଅଧିକ ମନୋହର ଥିଲା ତାର ସ୍ୱଭାବ । କୋମଳ-କର୍କଶ ଉଭୟ ଭାବର ସମ୍ମିଶ୍ରଣରେ ତାହାର ପ୍ରକୃତିଟି ଏପରି ଗଠିତ ହୋଇଥିଲା ଯେ ତାହା ବାସ୍ତବିକ ଲକ୍ଷ୍ୟ କରିବାର ବସ୍ତୁ । ନମ୍ରତା ସହିତ ତାହାର ଚରିତ୍ରରେ ମିଶିଥିଲା ତେଜସ୍ୱିତା । ବୋଧହୁଏ ଏହି ତେଜସ୍ୱିତା ହିଁ ଥିଲା ତାର ଅଭେଦ୍ୟ କବଚ । ନଚେତ୍ ସୌନ୍ଦର୍ଯ୍ୟ ଉପରେ ପ୍ରତି ଦିନ ଏ ସଂସାରରେ ଯେ ପାଶବିକ ଅତ୍ୟାଚାର ଲାଗି ରହିଛି, ସେଥିରୁ ଲକ୍ଷ୍ମୀ କଦାପି ନିସ୍ତାର ପାଇ ପାରି ନ ଥାନ୍ତା । ମନୁଷ୍ୟର ଭଗବାନ ଅନେକ ସମୟରେ ଅବିବେକିତା ପ୍ରକାଶ କରି ଯୋଗ୍ୟ ବ୍ୟକ୍ତିର ଯାହା ପ୍ରାପ୍ୟ ତାହା ହରଣ କରି ନେଇଥାଏ । ତେଣୁ ଲକ୍ଷ୍ମୀକୁ ସ୍ୱାମୀହୀନା ହୋଇ ସଂସାରରେ କାଳ କଟାଇବାକୁ ପଡ଼ିଥିଲା । କିନ୍ତୁ ସେଥିପାଇଁ ତାର ହୃଦୟର ଦମ୍ଭ ଯେ ତୁଟି ଯାଇଥିଲା, ତାହା ନୁହେଁ । ବରଂ ତାହାର ଚରିତ୍ରର ଦୃଢ଼ତା ଅଧିକ ପ୍ରଦୀପ୍ତ ହୋଇ ଉଠିଥିଲା ।

ଲକ୍ଷ୍ମୀ ତାହାର ଜୀବିକା ନିର୍ବାହର ଉପାୟ ଉଦ୍ଭାବନ କରି ନେଇଥିଲା । ... ଘର ... ଘରେ ରହି ଅନ୍ୟଟିରେ ସେ ମେସ୍ ଖୋଲିଥିଲା । ମେସ୍‌ରେ ... ସ୍କୁଲ ପିଲାଏ ରହନ୍ତି । ଅଳ୍ପ ଖର୍ଚ୍ଚରେ ... ଆଜିକାଲିର ଶିକ୍ଷା ... ଯେଉଁମାନେ ଗରିବ, ସେହିମାନେ ଏହି ମେସ୍‌ରେ ଆଶ୍ରୟ ନେଉଥାନ୍ତି । ଲକ୍ଷ୍ମୀ ସେମାନଙ୍କର ... ହାତରେ ରୋଷେଇ କରି ସେମାନଙ୍କୁ ଖୋଇବାକୁ ଦିଏ । ଗୋଟାଏ ଠିକା ଚାକରାଣୀ ରଖି

Digitized by srujanika@gmail.com

ବାହାରର ସମସ୍ତ କାର୍ଯ୍ୟ ତାହାର ଦ୍ୱାରା ତୁଲାଇ ନିଏ। ଲକ୍ଷ୍ମୀର ତତ୍ତ୍ୱାବଧାନରେ କେହି କୌଣସି ଅସୁବିଧା ଭୋଗ କରେ ନାହିଁ।

ଯୁବତୀ ବିଧବାର ସୁଗୋଲ କଳାଭ୍ରମର ପରି ଆଖି ଦୁଇଟିରେ ଥାଏ ଏକ ବଜ୍ର-ଗୃହାଣି। ଅସତ୍ ପୁରୁଷର ପାପଦୃଷ୍ଟି ତାହାର ଅଗ୍ନିମୟ ସମ୍ପର୍କରେ ଆସି ମୁହୂର୍ତ୍ତିକ ମଧ୍ୟରେ ଭସ୍ମୀଭୂତ ହୋଇଯାଏ। ଲକ୍ଷ୍ମୀର ମୁହଁକୁ ଚାହିଁଦେଲେ ଅନ୍ତରର ସମସ୍ତ ଅସତ୍ କଳ୍ପନା ଶଙ୍କିତ ଶୃଗାଲବତ୍ କେଉଁଆଡ଼େ ପଳାୟନ କରେ,—ମନୁଷ୍ୟ ତାହାର ତୀବ୍ର ଗୃହାଣିରେ ଜର୍ଜରିତ ହୋଇ ଫେର ପାଳଟି ଯାଏ।

ଲକ୍ଷ୍ମୀର ମେସ୍‌ରେ ଆସି ମୁଁ ଯେତେବେଳେ ଯୋଗଦେଲି, ସେତେବେଳେ ସେ ମେସ୍‌ରେ ଅନ୍ୟୂନ ତିନୋଟି ପିଲା ଥିଲେ। ମୋତେ ଲଗାଇ ଗୁରି ପୂର୍ତ୍ତି ହେଲେ। ବୋର୍ଡିଂର କାରିବାରରୁ ମୁକ୍ତି ଲାଭ କରି ମୁଁ ବେଶ ପ୍ରଫୁଲ୍ଲ ଚିତ୍ତରେ କାଳଯାପନ କରିବାକୁ ଲାଗିଲି। "ସୁପରିଣ୍ଟେଣ୍ଡେଣ୍ଟ"ର ଦାଉ ନାହିଁ, "ମେନେଜର"ର ଅତ୍ୟାଚାର ନାହିଁ, ବୋର୍ଡିଂ ପୂଜାରୀଙ୍କର ଅନୁଗ୍ରହପ୍ରାର୍ଥୀ ହେବାକୁ ପଡ଼େ ନାହିଁ, ମାଉଣା ନ ଦେଲେ ଖୋରାକ ବନ୍ଦ ହୁଏ ନାହିଁ; ବେଣ୍ଡ୍ ସୁଟରେ, ଭୂମିରେ, ଆରାମରେ ଲକ୍ଷ୍ମୀର ବାହୁଚ୍ଛାୟା ଅବଲମ୍ବନ କରି ପଡ଼ିରହିଲି। ଘରୁ ଟଙ୍କା ଆସିଲେ ଲକ୍ଷ୍ମୀ ଜମା କରିଦିଏ, ମାସରେ ଦେଢ଼ଟି ମୁଦ୍ରା ତା' ହାତରେ ଦେଇ ନିଶ୍ଚିନ୍ତରେ ରହେଁ। ଅନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରି ଲକ୍ଷ୍ମୀ ତାହାର ଲକ୍ଷ୍ମୀ-ହସ୍ତରେ ଠିକ୍ ବେଳେ ଆଣି ପରଶି ଦେଇଯାଏ। ପରମ ଆତ୍ମୀୟାଠାରୁ ବଳି ଆମ୍ଭମାନଙ୍କର ଯତ୍ନ କରେ; ବେଳେ ଅବେଳେ ବେରାମ୍ ଆରାମ୍ ପଡ଼ିଲେ ପଥ୍ୟ ସେବା ଶୁଶ୍ରୂଷାର ଅଭାବ ହୁଏ ନାହିଁ। ମାତା ଭଗିନୀ ବେଷ୍ଟିତ ହୋଇ ଘରେ ଥିଲା ପରି ମୁଁ ନିଜକୁ ମନେ କରେଁ, ଅନ୍ୟାନ୍ୟ ପିଲାଏ ମଧ୍ୟ ସେହିପରି ଭାବନ୍ତି।

ଏହିପରି ବର୍ଷ ଗୋଟାଏ କଟିଗଲା। ବାର୍ଷିକ ପରୀକ୍ଷା ପରେ ମୋର ସହାଧ୍ୟାୟୀ ସଙ୍ଗୀମାନେ ସମସ୍ତେ ଉପର ଶ୍ରେଣୀକୁ ଉଠିଗଲେ। କେବଳ ମୁଁ ସେ ଶ୍ରେଣୀର ମାୟା ତୁଟାଇ ପାରି ପାରିଲି ନାହିଁ। ଡିସେମ୍ବର ମାସ ୨୨ ତାରିଖଟା ମୋ' ପକ୍ଷରେ କାଳ ହେଲା। ପ୍ରଧାନ ଶିକ୍ଷକ ମହାଶୟ ଅନ୍ୟାନ୍ୟ ସଙ୍ଗୀ ଶିକ୍ଷକମାନଙ୍କ ସହିତ ଖୁବ୍ ଆଟୋପରେ ଆସି ଟେବୁଲ ପାଖରେ ଫରକଟା ଗୋଡ଼ରେ ଛିଡ଼ା ହୋଇ ଗୋଟି ଗୋଟି କରି ସମସ୍ତଙ୍କ ନାମ ପଢ଼ି ଦେଇଗଲେ—ମୋ ନାମରେ ଖଡ଼ି ପଡ଼ିଲା ନାହିଁ। ସମସ୍ତେ ଚାଲିଗଲେ ପରେ ମୁଁ ମୋଟରଟି ପରି ମୁହଁ ତଳକୁ କରି ବାହାରି ଆସିଲି। ମନଟା ବଡ଼ ଖରାପ ହୋଇଗଲା। ଆତ୍ମଧିକ୍କାରରେ ଅନ୍ତସ୍ଥଳ ପୂର୍ଣ୍ଣ ହୋଇ ଉଠିଲା। ଛିଃ—ମୋ ପରି ଗୋଟାଏ ନର-ଗର୍ଦ୍ଦଭ ସୃଷ୍ଟି କରି ସୃଷ୍ଟିକର୍ତ୍ତାଙ୍କର କି ଲାଳସା ଚରିତାର୍ଥ ହେଲା? ନୈରାଶ୍ୟର ଛାୟା ଜଗତ୍ ବ୍ୟାପି ରହି ଥିଲା ପରି ମୋତେ ଜଣାଗଲା। ଅନ୍ତରେ ବାହାରେ କେବଳ ଗୋଟାଏ ଶୂନ୍ୟତା ବୋଧକଲି। ମ୍ଳାନ ମୁଖରେ ଲଜ୍ଜିତ ବଦନରେ ଧୀରେ ଧୀରେ ଚାଲି ଅବଶେଷରେ ଆସି ବସାରେ ଉପସ୍ଥିତ ହେଲି।

ସେତେବେଳକୁ ଅନ୍ୟ ପିଲାମାନେ ଆସି ନାହାନ୍ତି। ବୁଝିଲି,—ସେମାନେ ମୋ ପରି ହତଭାଗ୍ୟ ନୁହନ୍ତି—"ପ୍ରମୋସନ୍" ପାଇ ଆନନ୍ଦରେ ବୁଲୁଛନ୍ତି। ଘର ଭିତରକୁ ପ୍ରବେଶ କରି ଅନ୍ୟମନସ୍କ ଭାବରେ ଗୋଟାଏ କୋଣରେ ବସି ରହିଲି।

ଅଳ୍ପ ସମୟ ପରେ ଲକ୍ଷ୍ମୀ ଆସି ମୋ ଆଗରେ ଠିଆ ହୋଇଥିବାର ଦେଖିଲି। କାହିଁକି କେଜାଣି ମୋର ଶୋକ ଅସମ୍ଭାଳ ହୋଇ ଉଠିଲା। ନିତାନ୍ତ ପ୍ରାଣର ପ୍ରିୟଜନ ପାଖରେ ହୃଦୟ ଯେପରି ଆପେ ଆପେ ଉନ୍ମୁକ୍ତ ହୋଇ ଉଠେ ସେହିପରି ହେଲା। ଫସ୍ କରି କାନ୍ଦି ପକାଇଲି। ଦୁଇ ଆଖିରୁ ଦୁଇ ଧାର ଲୁହ ବହିଗଲା। ତାହା ଆଗରେ ମୁଁ କାନ୍ଦୁଛି—କି ଲଜ୍ଜାର କଥା—ଏ ଭାବ ସେତେବେଳେ ମୋ ହୃଦୟରେ ପ୍ରବେଶ କଲା ନାହିଁ। ଲକ୍ଷ୍ମୀ ନିଜର ଲୁଗା-କାନିରେ ଅତି ଆଦରରେ ମୋର ଅଶ୍ରୁଧାରା ଦୁଇଟି ପୋଛି ଦେଇ କୋମଳ କଣ୍ଠରେ କହିଲା—"ଛି, ଛି, କାନ୍ଦୁଛ କାହିଁକି? ମୋ ରାଣ, କାନ୍ଦ ନାହିଁ। ଏହି ସାମାନ୍ୟ କଥାଟା ପାଇଁ ଏତେ କୋହ!" ବୁଦ୍ଧିମତୀ ଲକ୍ଷ୍ମୀ ଏକ ମୁହୂର୍ତ୍ତରେ ସମସ୍ତ ଘଟଣା ବୁଝି ନେଇଥିଲା।

ଲକ୍ଷ୍ମୀର କଥା ଶୁଣି ମୋର ଉନ୍ମୁକ୍ତ ଶୋକ-ଦ୍ୱାର ହଠାତ୍ ରୁଦ୍ଧ ହୋଇଗଲା। କେତେକ ପରିମାଣରେ ଲଜ୍ଜା ଆସି ହୃଦୟ ଅଧିକାର କଲା। ତା' ପରେ ଦମ୍ଭ ଆସିଲା। ଜୀବନରେ ଏପରି ବୈଫଲ୍ୟ ମୋର ଏ ପ୍ରଥମ ନୁହେଁ,—କେତେ ଥର ଘଟିଛି। ସେଥିରେ ମୁଁ ଅଭ୍ୟସ୍ତ। ସୁତରାଂ ଅଳ୍ପାୟାସରେ ଏ ବୈଫଲ୍ୟର ବେଦନା ଅନ୍ତରରୁ ଅପସାରିତ କରି ପାରିଲି। ପୂର୍ବ ପରି ପୁଣି ଗର୍ଦ୍ଦଭର ବୋଝ ବୋହି ଚାଲିଲି।

ଏଥର ଠିକ୍ ଚାରୋଟି ମାସ ପରେ ବିଧାତାର ଗୋଟାଏ ପ୍ରଚଣ୍ଡ କ୍ରୂର ଦୃଷ୍ଟି ମୋ ଉପରେ ପଡ଼ିଲା। ସମଗ୍ର ଶରୀର ବ୍ୟାପି ଦେଖାଦେଲା ବସନ୍ତ। ମୋର ମେସ୍ ସଙ୍ଗୀମାନେ ଯେତେବେଳେ ତାହା ଜାଣି ପାରିଲେ ସମସ୍ତେ ନିଜ ପ୍ରାଣର ଆଶଙ୍କା କରି ଦିନକ ମଧ୍ୟରେ ପଳାୟନ କଲେ। ମୋହ ପ୍ରତି ଯେ ସେମାନଙ୍କର କୌଣସି କର୍ତ୍ତବ୍ୟ ଅଛି, ତାହା ମନେ କଲେ ନାହିଁ। ନୀରବ-ଯନ୍ତ୍ରଣାରେ ମ୍ରିୟମାଣ ହୋଇ ପଡ଼ିରହିଲି ମୁଁ। ଜୀବନରେ କପଟ ମୃତ୍ୟୁଭୋଗ କରିବାକୁ ହୁଏ, ସେ ବିଷୟରେ ପ୍ରତି ମୁହୂର୍ତ୍ତ ଅଭିଜ୍ଞତା ଅର୍ଜନ କରିବାକୁ ଲାଗିଲି। ପ୍ରତି ଦିନ ମୃତ୍ୟୁର ଅପେକ୍ଷା କରି ରହିଲି। ଘରକୁ କୌଣସି ସମ୍ବାଦ ଦେଲି ନାହିଁ। ମରିବାର ଥିଲେ ମରିବି, ବଞ୍ଚିବାର ଥିଲେ ବଞ୍ଚିବି। ମୋ ପରି ଗୋଟାଏ ଅପଦାର୍ଥ ମରି ମାଟି ହୋଇଗଲେ ଯେ ଜଗତର କୌଣସି ଅଙ୍ଗ କିଛି କ୍ଷତ ହୋଇଯିବ, ତାହା ନୁହେଁ। ତା' ଛଡ଼ା ପିତୃକୁଳ ଯେ ଲୋପ ପାଇଯିବ, ତା' ବି ନୁହେଁ। ମୋର ଚାରି ବର୍ଷର ଗୋଟିଏ ଛୋଟ ଭାଇ ଥିଲା, ତାହାଦ୍ୱାରା କୁଳରକ୍ଷା ହୋଇପାରେ। ତେବେ ମୋର ବଞ୍ଚି ଲାଭ କିଣ?

କିନ୍ତୁ ଲକ୍ଷ୍ମୀ ମୋତେ ମରିବାକୁ ଦେଲା ନାହିଁ ।

ଯମ-ଦେବତା ସଙ୍ଗରେ ମୋତେ ଯେତିକି ସଂଗ୍ରାମ କରିବାକୁ ପଡ଼ିଥିଲା, ମୋହର ଏ ତୁଚ୍ଛ ଜୀବନଟା ବଞ୍ଚାଇବାକୁ ମଧ୍ୟ ଲକ୍ଷ୍ମୀକୁ ତାହାର ଦ୍ୱିଗୁଣ ସଂଗ୍ରାମ କରିବାକୁ ହୋଇଥିଲା । ମେସର ପିଲାମାନେ ଯେତେବେଳେ ଛାଡ଼ି ଚାଲିଗଲେ, ମୁଁ ବୁଝିଲି ମୋହ ଲାଗି ଲକ୍ଷ୍ମୀର ଜୀବିକାର୍ଜ୍ଜନର ପନ୍ଥା ବୁଡ଼ିଲା । ଅନୁତପ୍ତ ଅପରାଧୀ ପରି ମୁଁ ଲକ୍ଷ୍ମୀକୁ କହିଲି—"ଲକ୍ଷ୍ମୀ, ମୁଁ ବଡ଼ ଭୁଲ କଲି ଭଉଣୀ । ମୋ ପାଇଁ—।" ଲକ୍ଷ୍ମୀ ବାଧାଦେଇ କହିଲା—"ସେ କଥାର କୌଣସି ଅର୍ଥ ନାହିଁ, ମାନବାବୁ ! ଲକ୍ଷ୍ମୀ ନିକଟରେ ଏ ସବୁ ଭଣ୍ଡାମି ଚଳେ ନାହିଁ ।"

ତେଜସ୍ୱିନୀ ନାରୀ ନିକଟରେ ଅପରାଧ ସ୍ୱୀକାର କରିବାକୁ ଯାଇ କଥାରେ ମାଡ଼ ଖାଇଗଲି । କଥାଟା ଯେତିକି କର୍କଶ ମନେ ହେଲା, ସେତିକି ପରିମାଣରେ ଲକ୍ଷ୍ମୀର ବୈଶିଷ୍ଟ୍ୟ ପ୍ରକାଶ କରିଦେଲା । ମୋର ଆଉ ତୁଣ୍ଡ ଖୋଲିଲା ନାହିଁ—ଚୁପ୍ ହୋଇ ରହିଲି ।

ଅସହ୍ୟ ରୋଗ-ଯନ୍ତ୍ରଣାରେ ଜର୍ଜ୍ଜରିତ ହୋଇ ଯେତେବେଳେ ଲକ୍ଷ୍ମୀର ଶୁଶ୍ରୂଷା ଲାଭ କରୁଥାଏଁ, ସେତେବେଳେ ମନେ ହେଉଥାଏ ସ୍ୱର୍ଗର ଦ୍ୱାର ଯେପରି ଖୋଲି ଯାଉଅଛି । ଅତି ଦୟାବତୀ କୌଣସି ଏକ ସୁରବାଳା ଆସି ମୋତେ ଅମୃତ ଖୁଆଇ ଯାଉଛି, ମୋର ମୁମୂର୍ଷୁ ଶରୀର ଉପରେ ତାହାର କରୁଣାର କୋମଳ ଚନ୍ଦ୍ରିକା ବୋଳି ଦେଇ । ତାହାରି ଫଳରେ ମୋର ବଞ୍ଚିବାକୁ ତିଳାର୍ଦ୍ଧ ଇଚ୍ଛା ନ ଥିଲେ ସୁଦ୍ଧା ଜୀବନଟା ଉପରେ ମାୟା ଜାତ ହେଲା ।

ଯାହାହେଉ, ଯମ-ଦେବତା ସଙ୍ଗରେ ମୋର ଗୋଟାଏ ମିଳାମିଶା—ଗୋଟାଏ ମୀମାଂସା ହୋଇଗଲା । ବସନ୍ତର ମାର୍କାମରା ଚେହେରାଖଣ୍ଡ ନେଇ ମୁଁ ରୋଗ-ଶଯ୍ୟାରୁ ଉଠିଲି । ପୂର୍ବ ରୂପ ସହିତ ମୋର ବର୍ତ୍ତମାନ ରୂପର ଜମିନ୍ ଆସ୍‌ମାନ ଫରକ୍ ହୋଇଗଲା । ଲକ୍ଷ୍ମୀ କହିଲା—"କି ଚେହେରାଟା ହେଲା ମାନବାବୁ ! ଯାହା ହେଉ, ଭାଗ୍ୟର ଜୋର ଥିଲା ବଞ୍ଚିଗଲ । ବଡ଼ କଷ୍ଟ ପାଇଲ କିନ୍ତୁ ।" ମୁଁ କହିଲି—"ତମେ କି ତ ମୋ ପାଇଁ କମ୍ କଷ୍ଟ ଭୋଗ କରି ନାହଁ, ଲକ୍ଷ୍ମୀ । ଏ ଅଲୋଡ଼ା ଜୀବନଟା ବଞ୍ଚାଇବା ପାଇଁ କାହିଁକି ଯେ ଏତେ ଯତ୍ନ କଲ ମୁଁ କିଛି ବୁଝି ପାରୁ ନାହିଁ ।" ଲକ୍ଷ୍ମୀ ଏହାର କିଛି ଜବାବ ନ ଦେଇ କେବଳ ଗୋଟାଏ ନିଃଶ୍ୱାସ ପକାଇ ଚାଲିଗଲା । ସେଥିରେ ଟିକିଏ କରୁଣତା ପ୍ରଚ୍ଛନ୍ନ ରହିଥିଲା ପରି ବୋଧହେଲା । ମୋର ବୁଦ୍ଧିହୀନ ଆତ୍ମା ନିକଟରେ ତାହାର କୌଣସି ଅର୍ଥ ଧରିଦେଲା ନାହିଁ ।

ଦିନ ଆଠ ଦଶଟା ଭିତରେ ମୁଁ ପୁଣି ଚେଙ୍ଗ ଉଠିଲି । ଏ ପର୍ଯ୍ୟନ୍ତ ଘରକୁ କିଛି ଖବର ଦେଇ ନ ଥିଲି । ବର୍ତ୍ତମାନ ମୋର ରୋଗ ଭୋଗର କଥା ସମସ୍ତ ବର୍ଣ୍ଣନା କରି ଖଣ୍ଡିଏ ଚିଠି ଲେଖିଲି । ମୁଁ ସମ୍ପୂର୍ଣ୍ଣ ଭଲ ହୋଇ ଯାଇଅଛି—ମୋ ପାଇଁ ଚିନ୍ତା କରିବ ନାହିଁ—କେବଳ ଦେହଟାଯାକ ବସନ୍ତର ଚିହ୍ନଗୁଡ଼ାକ ରହିଯାଇଛି—ଦୁଇ ଚାରି ଦିନ ପରେ ଘରକୁ ଯାଇ ସମସ୍ତଙ୍କୁ ଏ ନୂଆ କଳେବର ଦେଖାଇ ଆସିବି । ଏହିପରି କେତେ କଥା ଲେଖିଲି ।

ପର ଦିନ ଅକସ୍ମାତ୍ ଗ୍ରାମରୁ ଏକ ଲୋକ ଆସି ଉପସ୍ଥିତ ହେଲା । ତାହାର ମୁଖର ଭାବ ଦେଖି ମୋ ଛାତିଟା ଧଡ଼ କରି ଡେଇଁ ଉଠିଲା । ଅଜ୍ଞାତ ବିପଦର ଆଶଙ୍କା ହୃଦୟରେ ଛାୟାପାତ କରିଗଲା । ଲୋକଟି ଅତି ସତର୍କରେ ଦାରୁଣ ଦୁଃଖର ସମ୍ବାଦ ଜଣାଇଦେଲା । ହାୟ ହାୟ ! ସର୍ବନାଶ ! ବାପାଙ୍କର ହଠାତ୍ କାଳ ହୋଇ ଯାଇଅଛି । ଦିନେ ମାତ୍ର ବିସୂଚିକା ରୋଗରେ ପୀଡ଼ିତ ହୋଇ ବାପା ଇହଧାମ ତ୍ୟାଗ କରି ଚାଲିଯାଇ ଅଛନ୍ତି । ଯମ-ଦେବତା ମୋତେ ନ ନେଇ ବାପାଙ୍କୁ ନେଇଗଲା—ଦୁଃଖୀର ସଂସାରଟିକୁ ଏକାବେଳକେ ଧୂଳିସାତ୍ କରି ଦେଇଗଲା ।

ପ୍ରଥମେ ପ୍ରଥମେ ମୁଁ ବଡ଼ ବ୍ୟାକୁଳ ହୋଇ ପଡ଼ିଲି । ଏତେ ବଡ଼ ବିପଦରେ ପଡ଼ି କିଏ ବା ସମ୍ଭାଳି ହୋଇ ରହି ପାରେ ? କିନ୍ତୁ ମନୁଷ୍ୟ ଯେତେବେଳେ ନିଜର ନିରାଶ୍ରୟ ଅବସ୍ଥା ବୁଝି ପାରେ ସେତେବେଳେ ଦୁଃଖରେ ସୁଦ୍ଧା ତାହାର ସାହସ ଆସେ । ମୋର ମଧ୍ୟ ତାହାହିଁ ହେଲା । ବିଧବା ମାତାର ଚିତ୍ର ମୋ ଆଖି ଆଗରେ ନୃତ୍ୟ କରି ଉଠିଲା—ଚାରି ବର୍ଷର ଅଜ୍ଞାନ ବାଳିତ ଭଉଣୀର ମୂର୍ତ୍ତି ମଧ୍ୟ ଶୂନ୍ୟରେ ଫୁଟି ଉଠିଲା—ମୁଁ ଯେ ବର୍ତ୍ତମାନ ଏମାନଙ୍କର ଏକମାତ୍ର ଭରସା—ଏକମାତ୍ର ଅବଲମ୍ବନ । ଏପରି ଅବସ୍ଥାରେ ମୋର ବର୍ତ୍ତମାନ ଦୁଃଖରେ ଅଧୀର ହେଲେ ଚଳିବ କି ? ମନରେ ସାହସ ବାନ୍ଧି ଉଠିଲି । ସ୍ନାନଟା ସାରି ସମସ୍ତ ଜିନିଷପତ୍ର ବନ୍ଧାବନ୍ଧି କରି ଡାକିଲି—"ଲକ୍ଷ୍ମୀ" ।

ଲକ୍ଷ୍ମୀ ଆଗରେ ଆସି ଉପସ୍ଥିତ ହେଲା । ବାଷ୍ପଗଦ୍‌ଗଦ କଣ୍ଠରେ କହିଲି—ଲକ୍ଷ୍ମୀ, ଶୁଣିଥିବ ତ, ବାପାଙ୍କର କାଳ ହୋଇଗଲା । ମୋତେ ଯିବାକୁ ହେବ । ଏଥର ବିଦାୟ ଦିଅ, ଭଉଣୀ । ଏ ଜୀବନରେ ତମର ଋଣ ମୁଁ ଶୁଝିପାରିବି ନାହିଁ । ଶତ ଜନ୍ମରେ ବି ତାହାର ପରିଶୋଧ ନାହିଁ ।

ଲକ୍ଷ୍ମୀ ପ୍ରଥମେ ଟିକିଏ ନିର୍ବାକ୍ ରହି ପରେ କହିଲା—ଯିବ ? ହେଉ, ତେବେ ଯାଅ । ଆଉ ବୋଧହୁଏ ଦେଖା ହେବ ନାହିଁ, ମାନ ବାବୁ ।

ନ ହେବ ବୋଲି କହିବି କିପରି, ଲକ୍ଷ୍ମୀ । କିନ୍ତୁ କେବେ ଯେ ସେପରି ସୁବିଧା ଘଟିବ ତାହା ଜାଣେ ନାହିଁ, ମୁଁ ଏ ଜବାବ ଦେଲି ।

ଲକ୍ଷ୍ମୀ କହିଲା—ଏ ଜନ୍ମରେ ନୁହେଁ, ମାନ ବାବୁ, ଏ ଜନ୍ମରେ ନୁହେଁ । ଏହା କହି ସେ ହଠାତ୍ ପଛକୁ ବୁଲିପଡ଼ିଲା, ବୋଧହୁଏ ତାହାର ବାଷ୍ପପୂର୍ଣ୍ଣ ନୟନ ଦୁଇଟି ଅନ୍ତରାଳରେ ପୋଛି ପକାଇବା ପାଇଁ ଏ କୌଶଳ ଅବଲମ୍ବନ କଲା ।

ଲକ୍ଷ୍ମୀର କଥା ଶୁଣି ମୋ ମନରେ କି ଗୋଟାଏ ଅପୂର୍ବ ଭାବ ଜାତ ହେଲା ତାହା ଅନ୍ତର୍ଯାମୀ ଛଡ଼ା ଆଉ କାହାରି ବୁଝିବାର ଶକ୍ତି ନାହିଁ । ଦୁଇଟି ମାତ୍ର ଟଙ୍କା ମୋ ପାଖରେ ଥିଲା, ତାହା ଲକ୍ଷ୍ମୀ ହାତରେ ଦେବାକୁ ଗଲି । ଲକ୍ଷ୍ମୀ ତାହା ଗ୍ରହଣ କରିବାକୁ ଆଦୌ ରାଜି ହେଲା ନାହିଁ । ବହୁତ ଅନୁରୋଧ କଲି, ତଥାପି ସେ ସମ୍ମତ ହେଲା ନାହିଁ । ଅଗତ୍ୟା ମୁଁ ସେଥିରୁ ନିରସ୍ତ ହେଲି ।

ବାହାରବାବୁ ଉଦ୍‌ଗତ ହେଉଛନ୍ତି, ଏହିପରି ସମୟରେ ଲକ୍ଷ୍ମୀ ଆସି ମୋର ପାଦତଳେ ମସ୍ତକ ଅବଲୁଣ୍ଠନ କରି ପ୍ରଣାମ କରିଗଲା । ମୁଁ ପ୍ରଥମେ କିମ୍ବାକ୍ ବସ୍ତୁପୁରେ ସ୍ତମ୍ଭୀଭୂତ ହୋଇ ରହିଲି । କିଛି ବୁଝି ପାରିଲି ନାହିଁ । ପରେ ଅତ୍ୟନ୍ତ ସହାନୁଭୂତି ଦେଖାଇ କହିଲି—"ଲକ୍ଷ୍ମୀ, କିଛି ଚିନ୍ତା କର ନାହିଁ । କେତେ ପିଲା ଆସିବେ, ମେସ୍ ଜମିବ । ପୁଣି ଯେପରି ଥିଲା ସେହିପରି ହେବ । ପୁରୁଣା ଯିବ, ନୂଆ ଆସିବ, ଏ ତ ଜଗତର ନିୟମ ।"

ଲକ୍ଷ୍ମୀ କରୁଣ ହାସ୍ୟ କରି ଜବାବ ଦେଲା—"ଆଉ ମେସ୍ ଜମିବ ନାହିଁ, ମାନ ବାବୁ ।"

ଲକ୍ଷ୍ମୀ ମୁହଁକୁ ଅନାଇ ଏହାର କାରଣ କଅଣ ପଚାରିବାକୁ ମୋର ସାହସ ହେଲା ନାହିଁ । ତାହାର ସମସ୍ତ କଥା ମୋତେ ପ୍ରହେଳିକା ପରି ବୋଧହେଲା । ଅଳ୍ପ କ୍ଷଣ ପରେ ମୁଁ ଗୃହାଭିମୁଖରେ ଯାତ୍ରାରମ୍ଭ କରିଦେଲି ।

ମୋର ପାଠପଢ଼ା ଶେଷ ହେଲା । ବଳରାମ ପେସ୍କାର ପରି ରୋଜଗାର କରି ଧନବାନ୍ ହେବାର ଆଶା ମଧ୍ୟ ସମୂଳରେ ଲୋପ ପାଇଲା । ଘରକୁ ଆସି ମୋର ଯାହା ଯାହା କର୍ତ୍ତବ୍ୟ ତାହା କଲି । ପିତାଙ୍କର ଶ୍ରାଦ୍ଧକ୍ରିୟା ମଧ୍ୟ ପାର୍ବ୍ୟ୍ୟନ୍ତ ନେଷ୍ଠାରେ ସମାଧା କଲି । ତାହା ପରେ ଗୋଟିଏ ମାସ ଯେନକେନ ପ୍ରକାରେଣ କଟିଗଲା ।

କିନ୍ତୁ ଲକ୍ଷ୍ମୀର ସ୍ମୃତି କଦାପି ମନରୁ ଦୂର କରି ପାରିଲି ନାହିଁ । ମନଟା ବରାବର ଚାଞ୍ଚଲ୍ୟ ହେବାକୁ ଲାଗିଲା । କି ଗୋଟିଏ ମାୟାପାଶରେ ଆବଦ୍ଧ ହୋଇ ପଡ଼ିଥିଲି କଳାଣି, ତାକୁ ଥରେ ଯାଇ ଦେଖି ଆସିବାକୁ ଭାରି ଇଚ୍ଛା ହେଲା । ଯଦି ସମ୍ଭବ ହୁଏ ଲକ୍ଷ୍ମୀକୁ ସମ୍ମତ କରାଇ ସଙ୍ଗରେ ନେଇ ଆସିବାକୁ ମଧ୍ୟ ସଙ୍କଳ୍ପ କଲି ।

କିନ୍ତୁ ମନୁଷ୍ୟର ସଙ୍କଳ୍ପ ଆଉ ବିଧାତାର ବିଧାନ ମନ୍ଦ ସମୟରେ ଏକ ଦଗରେ ଗତି କରେ ନାହିଁ । ଏ ଦୁହିଁଙ୍କର ଅମେଳରେ ଦୁନିଆରେ ଅନେକ ବୈଚିତ୍ର୍ୟ ଫୁଟି ଉଠେ । ଉପସ୍ଥିତ ଘଟଣାରେ ମଧ୍ୟ ତାହାହିଁ ହେଲା ।

ସେ ଦିନ ଛୋଟ ଗୋଟିଏ ଗଣ୍ଠିରି ଧରି ଲକ୍ଷ୍ମୀ ଅବାହନରେ ବାହାରିଲି । ଦୀର୍ଘ ପଥ ଅତିକ୍ରମ କରି ଅବଶେଷରେ ମୋର ସେହି ପୂର୍ବ ପରିଚିତ ମେସ୍ ନିକଟରେ ଉପସ୍ଥିତ ହେଲି । କିନ୍ତୁ ସେଠାରେ ପହଞ୍ଚି ଯାହା ଦେଖିଲି ଏବଂ ଯାହା ଶୁଣିଲି, ସେଥିରେ ମୋ ହୃଦୟରେ ଅକସ୍ମାତ୍ କିଏ ଯେପରି ଜ୍ୱଳନ୍ତ ଅଗ୍ନିଶଲାକା ବିନ୍ଧି କରିଦେଲା । ଲକ୍ଷ୍ମୀର ବିଦାୟକାଳୀନ ଉକ୍ତି ମନେ ପଡ଼ିଲା । ଯାହା ସବୁ ପ୍ରହେଳିକା ପରି ବୋଧ ହେଉଥିଲା, ତାହା ବର୍ତ୍ତମାନ ନିଷ୍ଠୁର ସତ୍ୟରୂପେ ପ୍ରତିଭାତ ହେଲା । ଦେଖିଲି ଆଉ ସେ ମେସ୍ ନାହିଁ— ସେ ଲକ୍ଷ୍ମୀପ୍ରତିମା ଲକ୍ଷ୍ମୀ ମଧ୍ୟ ନାହିଁ । ଲକ୍ଷ୍ମୀ ଯାହା କହିଥିଲା—ଏ ଜନ୍ମରେ ଆଉ ମୋ ସହିତ ଦେଖା ହେବ ନାହିଁ—ତାହା ଅକ୍ଷରେ ଅକ୍ଷରେ ଠିକ୍ । ମେସ୍ ଯେ ଆଉ ଜମିବ ନାହିଁ—ତାହା ବି ନିଗୂଢ଼ ସତ୍ୟ । ଶୁଣିଲି—ମୋର ବିଦାୟ ହୋଇଯିବାର ଦୁଇ ଦିନ ପରେ ଲକ୍ଷ୍ମୀ ବସନ୍ତ ରୋଗରେ ଆକ୍ରାନ୍ତ ହେଲି । କେହି ତାହାର ପାଖ ପଶିଲେ ନାହିଁ; ନିତାନ୍ତ ଅଯତ୍ନରେ ଓ ଅବହେଳାରେ ଅନନ୍ତ ଯନ୍ତ୍ରଣା ଭୋଗ କରି ଅଳ୍ପ କେତୋଟି ଦିନରେ ସେ ସହାନୁଭୂତି-ଶୂନ୍ୟ ସଂସାରରୁ ବିଦାୟ ନେଇଗଲା । ମେସ୍‌ର ଯେ ଠିକା ଚାକରାଣୀଟି ଥିଲା, ସେ ଆସି କହିଲା—ବାବୁ, ଆଖି ମୁଦିବା ଆଗରୁ ଲକ୍ଷ୍ମୀ କେବଳ ତୁମ୍ଭଙ୍କୁ ଭଜି ଭଜି ମରିଗଲା ।

କଥାଟା ଶୁଣି ମୋର ଆଦୌ ଲଜ୍ଜା ହେଲା ନାହିଁ । ଭିତରେ ଭିତରେ ଗୋଟିଏ କୋହ ଉଠିଲା । ଆଖି ଦୁଇଟା ବାଷ୍ପପୂର୍ଣ୍ଣ ହୋଇ ସମଗ୍ର ଜଗତକୁ ଅନ୍ଧକାରରେ ଆଚ୍ଛନ୍ନ କରିଦେଲା ଏବଂ ସେ ନିବିଡ଼ ଅନ୍ଧକାର ମଧ୍ୟରେ ଗୋଟିଏ ସୁନ୍ଦର ଜ୍ୟୋତି ସ୍ୱପ୍ନ ପରି ଜାଜ୍ଜ୍ୱଲ୍ୟମାନ ହୋଇ ଉଠିଲା—ମୋର ଲକ୍ଷ୍ମୀର ଲାବଣ୍ୟମୟୀ ମୂର୍ତ୍ତି । ତାହା ବିଧବାର ମୂର୍ତ୍ତି ନୁହେଁ—ଅହ୍ୟ ସୁଲକ୍ଷଣୀର ତେଜୋ-ମୟୀ ରୂପମାଧୁରୀ । ତାହାର ଅମର-ସ୍ମୃତି ଏ ପ୍ରାଣରେ ବହି ମୋର ଏହି ବୈଫଲ୍ୟମୟ ଦୀର୍ଘଜୀବନଟା କଟାଉଅଛି । ଆଉ କେତେ ଦିନ ଏହିପରି କଟାଇବାକୁ ପଡ଼ିବ ତାହା ଯେ ଆଲୋକ ଅନ୍ଧାର ମିଶାଇ ଦିନରାତି କରୁଛି ଓ ଏ ଜଗତରେ ନାନା ବୈଚିତ୍ର୍ୟ ସୃଷ୍ଟି କରି ଅତୃପ୍ତି ଲାଭ କରୁଛି—ସେହି ଜାଣେ ।

# ବିଷ୍ଣୁପୁର ପଥରଖଣି

**ଶ୍ରୀ ଶ୍ରୀନାଥ ଚନ୍ଦ୍ର ମିଶ୍ର**

କୋଇଲି ପୋହା ରାତି । ଭୁଆ ରାବିବା ପୂର୍ବରୁ ଭୁଆ-ପୋଷା ପୁଅଙ୍କର ଦିଗନ୍ତବିସ୍ତାରି କୁହୁକୁହୁ ମଧୁର କୁଜନରେ ନିଦ୍ରାଦେବୀ ବିଦାୟ ନେଲେ । ଶଯ୍ୟା ତ୍ୟାଗ କରି ପୂର୍ବ ଦିଗକୁ ଚାହିଁଲି—ପାହାନ୍ତିଆ ତାରାଟି ତାହାର ଉଜ୍ଜ୍ୱଳ ମସ୍ତକ ଦିକ୍-ଚକ୍ରବାଳରୁ ଧୀରେ ଧୀରେ ଉପରକୁ ଟେକି ଲୁଚକାଳି ଖେଳିବା ଆରମ୍ଭ କରିଦେଇଅଛି । ଅଧ ରାତିଆ ତାରାଟି ମଥା ଉପରୁ ପଶ୍ଚିମକୁ ଢଳି ପଡ଼ିଲଣି । ଅନ୍ୟମାନେ ମିଟି ମିଟି କରି ବୋଧହୁଏ ମିଳେଇ ଯିବାର ଉପକ୍ରମ କରୁଅଛନ୍ତି । ସନ୍ଧ୍ୟା ସମୟର ଆଦେଶ ମନେ ପଡ଼ିଲା—ଆଉ ଶୋଇବାକୁ ସାହସ ହେଲା ନାହିଁ । ତତ୍‌କ୍ଷଣରେ ଦନ୍ତଧାବନାଦି ସମାପନ କରି ସୋନ ନଦୀର ଶୁଷ୍କ ଧାରରେ



Digitized by srujanika@gmail.com

କଥଂଚତ୍ ସ୍ନାନ କରି ଆସିବାକୁ ବାଧ୍ୟ ହେଲି । ପୂଜା ଜପାଦି ଶେଷ ହେଲା, ତଥାପି ବସୁମତୀ କୃଷ୍ଣାବଗୁଣ୍ଠନ ଅପସାରିତ କରୁ ନାହାନ୍ତି । ଶତମନ୍ତ୍ରୋତ୍ତର ଗାୟତ୍ରୀ ସ୍ମରଣ ଶେଷ ହେବା ସଙ୍ଗେ ସଙ୍ଗେ କାକ-ପିକକୁଳ ଛାଡ଼ି ପବିତ୍ର ଅକ୍ଷୟ-ତୃତୀୟାର ଆଗମନୀ-ଡିଣ୍ଡିମ ଗୃହଅଙ୍ଗେ ବଜାଇଦେଲେ । ବସୁଧା ସ୍ମିତାସ୍ଫୁଟିତ ମୁଖରେ କୃଷ୍ଣ ଶାଢ଼ୀ ପରିବର୍ତ୍ତନ କରି ଶୁକ୍ଳାମ୍ବର ପରିଧାନପୂର୍ବକ ଜଗତ୍‌ସବିତା ବିଶ୍ୱବିଧାତାଙ୍କର ମଙ୍ଗଳ ଆରତି ବିଧାନ ନିମିତ୍ତ ସୁବର୍ଣ୍ଣ ଥାଳି ଧରି ଠିଆହେଲେ । ପ୍ରକୃତିଦେବୀଙ୍କର ଏହି ବିଶ୍ୱବିମୋହିନୀ ମୂର୍ତ୍ତି ଦର୍ଶନ କରି କରି ଉଆସକୁ ଅଗ୍ରସର ହେଲି ।

କନ୍ତିପଦାର ସର୍ବରାକାର ସାହେବ ଶ୍ରୀମନ୍ ଶ୍ରୀ ରଜତ୍ ଚନ୍ଦ୍ର ପରାକ୍ରମବାହୁ ଅଭିନବଭୂଜଙ୍ଗ ମାନଧାତା ମହୋଦୟ ଆଜି ଅକ୍ଷୟ-ତୃତୀୟା ପବିତ୍ର ଦିବସରେ ତାଙ୍କର ଅଭିଲଷିତ କେତୋଟି ମୁଗୁନୀ ପଥରର ମୂର୍ତ୍ତି ନିର୍ମିତ କରାଇବା ନିମିତ୍ତ ଶୁଭ ଦେବା ପାଇଁ ମୋତେ ନିର୍ଦ୍ଦେଶ କରିଥିଲେ । କେତେକ ଅନିବାର୍ଯ୍ୟ କାରଣରୁ କନ୍ତିପଦାରୁ ବାହାରିବାକୁ ପ୍ରାୟ ୮ଟା ବାଜିଗଲା । ଖଣ୍ଡିଏ ମୋଟରକାର୍‌ରେ ସର୍ବରାକାର ସାହେବ ତାଙ୍କର ଭାଇ ଶ୍ରୀମନ୍ ପ୍ରଫୁଲ୍ଲ ଚନ୍ଦ୍ର ଓ ଅଳା ସାମନ୍ତ ପ୍ରଭୃତିଙ୍କୁ ନେଇ ବାହାରିପଡ଼ିଲେ । ଯଥୋଚିତ ପୂଜା-ସମ୍ଭାର ଓ ସ୍ୱକୀୟ ମାଧ୍ୟାହ୍ନିକ ଉଦରପରିପୂରଣୋପଯୋଗୀ ଆହାରାଦି ସହି ସୁପରଭାଇଜର୍ ବାବୁ ବ୍ରଜେନ୍ଦ୍ର ନାଥ ରାୟ, ସ୍ଥାନୀୟ ମିଃ ଇଃ ସ୍କୁଲର ସେକେଣ୍ଡ ମାଷ୍ଟର ବାବୁ ରାମଚନ୍ଦ୍ର ଦାସ, ମୁଁ ଏବଂ କେତେକ ପରିକର ଖଣ୍ଡିଏ ଲରି ଆବୋରି ବସିଲୁଁ । ବାୟୁ-ବେଗରେ ଗାଡ଼ି ଦୁଇଖଣ୍ଡ ପୂର୍ବାଭିମୁଖରେ ଧାବିତ ହେଲା । ସମସ୍ତେ ଜାଣନ୍ତି 'ସାନ ସାପର ବଡ଼ ବିଷ' । ଲରି ଖଣ୍ଡିକ ତାହାର ସ୍ଥୂଳ-ଶରୀରରେ ଜଣ ଦଶଙ୍କୁ ଉଦରସ୍ଥ କରି ଧାଇଁ ପାରୁଛି କାହିଁ ? ସର୍ବରାକାର ସାହେବଙ୍କ କ୍ଷୁଦ୍ରାକାର କାର୍‌ଟି କ୍ଷିପ୍ରଗତିରେ ଆମ୍ଭମାନଙ୍କ ଚକ୍ଷୁରୁ ଅନ୍ତର୍ହିତ ହୋଇଗଲା । ଅଗତ୍ୟା ପଶ୍ଚାତ୍‌ପଦ ହୋଇ ଆମ୍ଭମାନଙ୍କୁ ନୀଳଗିରି ଗଡ଼ରେ ପହଞ୍ଚିବାକୁ ପ୍ରାୟ କିଛି କମ ୯ ଟା ।

ଅକ୍ଷୟତୃତୀୟା ଦିବସରେ ଜଗନ୍ନାଥ ମହାପ୍ରଭୁଙ୍କ ଅଙ୍ଗପ୍ରତିଷ୍ଠା ହୁଏ । ଆଜି ପୁରୀରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଦେବୀଙ୍କ ରଥାରମ୍ଭ ହୁଏ, ଅର୍ଥାତ୍ ରଥର ଅକ୍ଷ ଦଣ୍ଡରେ ଚକ୍ର ବା ଚକ ଆଜି ପ୍ରଥମ ସଂଲଗ୍ନ କରାଯାଏ । ପ୍ରସିଦ୍ଧ ଗଡ଼ଜାତ ମାନଙ୍କରେ ଜଗନ୍ନାଥ କ୍ଷେତ୍ରର ଏହି ସ୍ମାର୍ତ୍ତନୀତି ଅନୁସୃତ ହୋଇଥାଏ । ନୀଳଗିରିରେ ଗୋଟିଏ ସୁନ୍ଦର ସୁବୃହତ୍ ରଥ ହୁଏ । ଏହି ରଥରେ ନୀଳଗିରି ଦୁର୍ଗାଧିଷ୍ଠାତା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ମୂର୍ତ୍ତିତ୍ରୟ ଅଧିଷ୍ଠିତ ହୋଇ ଶ୍ରୀଗୁଣ୍ଡିଚା ଯାତ୍ରା ନିର୍ବାହ କରନ୍ତି । ଆଜି ରାଜମିସ୍ତ୍ରୀଙ୍କର ସିନ୍ଦୂରବିମଣ୍ଡିତ-ଲଲାଟପଟ ହୋଇ ଢୋଲ, ମହୁରୀ, ଶଙ୍ଖ ଓ ହରିବୋଲ ଧ୍ୱନି ମଧ୍ୟରେ ଅକ୍ଷଦଣ୍ଡରେ ଚକ୍ରସମା-ବେଶ କରାଇବା ଦୃଶ୍ୟ ଲୋଭନୀୟ ହୋଇଥିଲା । ଏହି ସମୟରେ ପୁରବାସୀ ପଥରମିସ୍ତ୍ରୀ ମାନଙ୍କରେ ଲରିର ପଶ୍ଚାଦ୍ଦ୍ୱାର ବାଟେ ଆସି ଆମ୍ଭମାନଙ୍କର ସଂଖ୍ୟାବୃଦ୍ଧି କଲେ । ନୀଳଗିରି ରାଜଦୁର୍ଗର ଶୋଭାସଂବର୍ଦ୍ଧକ ଶୃଙ୍ଗୀଋଷି (ଶୃଙ୍ଗବୃଟ୍) ପର୍ବତ ଓ ଶଙ୍କରାଖୁଣ୍ଟା

ପୁଷ୍କରିଣୀକୁ ପଛରେ ରଖି ଆମ୍ଭମାନଙ୍କ ଲରି ଦକ୍ଷିଣାଭିମୁଖରେ ମିରିଗିଣୀ କଚ୍ଚା ସଡ଼କରେ ଧାବିତ ହେଲା । ଆମ୍ଭମାନଙ୍କ ଦକ୍ଷିଣ ପଟରେ 'ବଂଶପୁର' ପର୍ବତ ଶ୍ରେଣୀ ଚଳନ୍ତା ଅଜଗର ପ୍ରାୟ ଭ୍ରମକାନ୍ତ ମୂର୍ତ୍ତି ଧରି ନେତ୍ର ଆହରଣ କରିବାକୁ ଲାଗିଲା । ସଡ଼କକୁ ଛାଡ଼ି ଗ୍ରାମ୍ୟ ଗୋହରୀ ମଧ୍ୟରେ ଯେତେବେଳେ ଲରିଟି ଫରେଷ୍ଟ ଅଫିସ ଆଡ଼କୁ ଅଗ୍ରସର ହେଲା, ସେତେବେଳର ଦୋଦୁଲ୍ୟମାନ ଅବସ୍ଥା— ଦୁଇ ପଟକୁ କେଞ୍ଚି ହୋଇ ପଡ଼ିବାର ମଧୁର ଭୈରବ ଅନୁଭୂତି— ଏକା ମୋର ନୁହେଁ—ବୋଧହୁଏ ଅନେକଙ୍କର ବହୁ ଦିନକୁ ମନେ ଥିବ ।

'ସନ୍ତରାଗଡ଼ିଆ' ଗୋଟିଏ ସୁବୃହତ୍ ପଲ୍ଲୀ ଗ୍ରାମ । ବ୍ରାହ୍ମଣାଦି ବର୍ଣ୍ଣଚତୁଷ୍ଟୟ, ବିଶେଷତଃ ପଥର ଖଣିରେ କାମ କରୁଥିବା ଆଦିମ ଶ୍ରେଣୀର ଲୋକ ବହୁତ ଏ ଗ୍ରାମରେ ବାସ କରନ୍ତି । ଗ୍ରାମଟିରେ ଅନେକ ଗଡ଼ିଆ ଅଛି । ଏଗୁଡ଼ିକର ପରିଚ୍ଛନ୍ନତା ଦୃଷ୍ଟିରେ ଗ୍ରାମଟି 'ସନ୍ତରାଗଡ଼ିଆ' ନାମ ସାର୍ଥକ କରିଅଛି । ଗ୍ରାମ ମଧ୍ୟରେ ଗୋଟିଏ ପକ୍କା ଦେବାଳୟ । ତତ୍‌ସମ୍ମୁଖରେ ଫରେଷ୍ଟ ଅଫିସ୍ । ଆମ୍ଭମାନଙ୍କ ସର୍ବରାକାର ସାହେବ ଆଗରୁ ପହଞ୍ଚି ଏହି ଅଫିସ୍ ପିଣ୍ଡାରେ ବିଶ୍ରାମ ନେଇ ଅଛନ୍ତି ଓ ଆମ୍ଭମାନଙ୍କୁ ଅପେକ୍ଷା କରି ଅଛନ୍ତି । କନ୍ତିପଦା ସର୍ବରାକାର ସାହେବ ନୀଳଗିରି ରାଜା ସାହେବଙ୍କ ନିକଟ ସମ୍ପର୍କୀୟ ଭଗିନେୟ । ରାଜା ସାହେବ ବର୍ତ୍ତମାନ ବିଲାତ ଯାତ୍ରା କରି ଅଛନ୍ତି । ତାଙ୍କର ସୁଯୋଗ୍ୟ ଦେବାନ୍ ବାବୁ କୃଷ୍ଣଚନ୍ଦ୍ର ଘୋଷ ସମ୍ପ୍ରତି ନୀଳଗିରି ଷ୍ଟେଟ୍‌ର ତତ୍ତ୍ୱାବଧାରକ ଓ ଭାରପ୍ରାପ୍ତ ପ୍ରତିନିଧି । କନ୍ତିପଦା ସର୍ବରାକାର ସାହେବ ତାଙ୍କ ବଂଶପୁର ପଥରଖଣିକୁ ଶରାଜମାନ କରୁ ଅଛନ୍ତି ବୋଲି ସମ୍ବାଦ ପାଇ ସେ ମହାଶୟ ଯତ୍‌ପରୋନାସ୍ତି ସୁବିଧା କରି ଦେଇ ଅଛନ୍ତି । ଦୁଇ ଜଣ ପୋଲିସ କନେଷ୍ଟବଲ ଓ ଫରେଷ୍ଟ ଅଫିସ୍‌କୁ ଆଦେଶ ଦେଇ ସହସା ଯେତେ ଦୂର ହୋଇପାରେ ରାସ୍ତାର ଯତ୍ନ ନେଇ ଅଛନ୍ତି । ଯଥେଷ୍ଟ ସଂଖ୍ୟକ କୁଳି ମହଜୁତ ରଖି ନୀଳଗିରିରୁ ପ୍ରଚୁର ପାନୀୟ ଜଳ ପଠାଇ ଅଛନ୍ତି । ମଫସଲ ଗ୍ରାମରେ ଯଥୋଚିତ ଭାବରେ ଖାଦ୍ୟ ରନ୍ଧନାଦିର ସୁବିଧା ଗୋଟିଏ ରାତିରେ ସେ ଯେପରି ଭାବରେ କରି ଦେଇ ପାରିଥିଲେ, ସେଥିରୁ ତାଙ୍କର କାର୍ଯ୍ୟତତ୍ପରତା ଓ ସଦାଶୟତାର ଯଥେଷ୍ଟ ପରିଚୟ ମିଳୁଥିଲା । ଅଫିସ ଫରେଷ୍ଟର ବାବୁ ପ୍ରାଣକୃଷ୍ଣ ଚୌଧୁରୀ ମଧ୍ୟ ଜଣେ କର୍ମଠ ବିନୀତ ସତ୍‌ସ୍ୱଭାବର ଲୋକ । ତାଙ୍କର ଆତିଥେୟତା ବାସ୍ତବିକ ପ୍ରଶଂସାର ଯୋଗ୍ୟ । ଆମ୍ଭର କନ୍ତିପଦାର ଓଭରସିଅର ବାବୁ ରାମଚନ୍ଦ୍ର ମହାନ୍ତି ହାତୀ ଦୁଇଟିସହି ପୂର୍ବ ଦିନରୁ ଏହି ଅଫିସରେ ଉପସ୍ଥିତ ଥିଲେ । ନୀଳଗିରି ଦେବାନ୍ ସାହେବଙ୍କ ଆଦେଶ ଅନୁଯାୟୀ ଫରେଷ୍ଟର ବାବୁଙ୍କ ଯତ୍ନରେ ତାଙ୍କୁ ଅଧିକ କିଛି କରିବାକୁ ପଡ଼ି ନ ଥିଲା ।

ଠିକ୍ ନ'ଟାରେ ଗଜପୃଷ୍ଠରେ ଆମ୍ଭେମାନେ ଖଣି ଅଭିମୁଖରେ ଯାତ୍ରାକଲୁଁ । ଉପତ୍ୟକାମାନ ଭେଦ କରି ଗଜାରୋହ-ଯାନୋପଯୋଗୀ ପ୍ରାୟ ୪ ମାଇଲ ପାର୍ବତ୍ୟ ପଥ ଅତିକ୍ରମ କରିବାକୁ ହେବ । ପ୍ରତି ମାଇଲକ ଅନ୍ତରେ ପାନୀୟ ଜଳବାହୀ ଦଳେ ଦଳେ

ଲୋକ ଜଣେ ଜଣେ କନେଷ୍ଟବଲଙ୍କ ଅଧ୍ୟକ୍ଷତାରେ ଆମ୍ଭମାନଙ୍କ ସହଯାତ୍ରୀ ହୋଇ ଥିବାର ଦେଖି ନୀଳଗିରି ଦେୱାନ ସାହେବଙ୍କ କର୍ମକୁଶଳତାକୁ ଶତ ମୁଖରେ ଧନ୍ୟବାଦ ଦେଲୁଁ । ଜ୍ୟେଷ୍ଠ ମାସର ଆରମ୍ଭ । ପ୍ରଚଣ୍ଡ ରୌଦ୍ର ତାପରେ ଦୁରାରୋହ ଗିରିପଥ ଉତ୍ତପ୍ତ । ବଣାଡ଼ ଗିରିକଣ୍ଟକରେ ଛତ୍ରଧାରଣ ଅସମ୍ଭବ । ଶ୍ରାନ୍ତିପିପାସାର୍ତ୍ତ ହସ୍ତୀଦ୍ୱୟର ପୃଷ୍ଠରେ ଆରୋହୀଗଣ ବ୍ୟତିବ୍ୟସ୍ତ । ବହୁ କଷ୍ଟରେ କେତୋଟି ଉପତ୍ୟକା ଅଧିତ୍ୟକା ଭେଦ କରି ଗୋଟିଏ ଦୁରାରୋହ ସ୍ଥାନରେ ହସ୍ତୀପୃଷ୍ଠରୁ ଅବତରଣ କରିବାକୁ ବାଧ୍ୟ ହେଲୁଁ । କ୍ରମେ ଏପରି ଗିରିଗର୍ଭରେ ଉପନୀତ ହେଲୁଁ ଯେ ଚାରିଆଡ଼େ ଗିରିଚୂଡ଼ା ଏବଂ ମସ୍ତକରେ ଅନନ୍ତ ଆକାଶ ଛଡ଼ା ଅନ୍ୟ କିଛି ଆମ୍ଭମାନଙ୍କ ଦୃଷ୍ଟିପଥକୁ ଆସିଲା ନାହିଁ । ସହସ୍ରାଂଶୁ ଅଂଶୁଜାଲରେ ଆମ୍ଭମାନଙ୍କ ଗାତ୍ରଦାହ ଜନ୍ମାଇଦେଇ ମସ୍ତକୋପରି ଅଟ୍ଟହାସ କରିବାକୁ ଲାଗିଲେ । ତଥାପି ଅରଣ୍ୟାନୀର ପତ୍ରାନ୍ତରାଳରେ ମୟୂରଙ୍କର ନୃତ୍ୟ ଉପଭୋଗ୍ୟ ହୋଇ ପାରୁଥିଲା । ବୁଲ୍‌ବୁଲ୍‌ମାନଙ୍କର କଳକଳ ଧ୍ୱନି ଗିରିଗର୍ଭରେ ପ୍ରତିଧ୍ୱନିତ ହୋଇ କି ଏକ ଅନନୁଭୂତ ଭାବ ଆଣି ଦେଉଥିଲା । ପାତାଳପୁରୀକୁ ଆକୃଷ୍ଟ ହେଲା ପରି ଆମ୍ଭେ କେତେ ଜଣ ନୀରବ ନିସ୍ପନ୍ଦ ହୃଦୟରେ ଧୀର ଧୀର ପଦକ୍ଷେପ କରି ଖଣିର ନିକଟବର୍ତ୍ତୀ ହେଲୁଁ । ପଥର କାଟିବାର ଠୁକର ଠୁକର ଶବ୍ଦରେ ପୁଣି ବାସ୍ତବ ରାଜ୍ୟକୁ ଫେରି ଆସିଲା ପରି ମନେ ହେଲା । ଦୀର୍ଘଶ୍ୱାସ ତ୍ୟାଗ କରି ଦେଖିଲୁଁ—ପରିଧେୟ ଘର୍ମାକ୍ତ ! ଯାହାହେଉ କ୍ରମେ ସ୍ଥାନଟିର ଶୀତଳତା ଅନୁଭୂତ ହେଲା । ଖଣିର ପୂର୍ବ ପଟ୍ଟାଦାର ଏବଂ ବର୍ତ୍ତମାନ ଅଂଶୀଦାର ନୀଳଗିରି ଫରେଷ୍ଟ କିରାଣୀ ବାବୁ ଭଗୀରଥି ଭୋଗଡ଼େଇ ଆସି ସର୍ବରାକାର ସାହେବଙ୍କୁ ହାସ୍ୟ ମୁଖରେ ଅଭ୍ୟର୍ଥନାପୂର୍ବକ ନେଇ ଯାଇ ଖଣ୍ଡିଏ ପୁଷ୍ପତୋରଣ-ଶୋଭିତ ପର୍ଣ୍ଣକୁଟୀର ମଧ୍ୟରେ ଆଶ୍ରୟ ଦେଲେ । ସ୍ଥାନଟିର ପ୍ରାକୃତିକ ଶୀତଳତା ମୁହୂର୍ତ୍ତ ମଧ୍ୟରେ ସମସ୍ତ କ୍ଲାନ୍ତି ଦୂର କରି ଏକ ଅପୂର୍ବ ଆନନ୍ଦାମୃତ ଆଣିଦେଲା । ବୋଲିବା ବାହୁଲ୍ୟ, ବିଳମ୍ବ ନ କରି ଆମ୍ଭମାନଙ୍କ ଉଦ୍ଦିଷ୍ଟ ନୂଆ ପଥରର ଶୁଭ ଦିଆ କାର୍ଯ୍ୟ ସମାହିତ ହେଲା ଓ ଝରଣା କୂଳରେ ସମସ୍ତଙ୍କ ସମଭିବ୍ୟାହାରରେ ଗୋଟିଏ ଆମୋଦ ବଣଭୋଜି ଅତି ଆନନ୍ଦରେ ପରିସମାପ୍ତ ହୋଇଥିଲା ।

ଏହି ସ୍ଥାନଟିର ନାମ ବସ୍ତପୁର ପଥରଖଣି । 'ଖଜୁରୀ' ଚକଲାରେ ଅବସ୍ଥିତ ବୋଲି କେହି କେହି 'ଖଜୁରୀ ପଥର-ଖଣି' ବୋଲି ମଧ୍ୟ କହନ୍ତି । ନୀଳଗିରି ଗଡ଼ର ଅନତିଦୂରରୁ ଆରମ୍ଭ କରି ଏହି ଅନୁଚ୍ଚ ପର୍ବତମାଳାଟି ଉତ୍ତର ଦକ୍ଷିଣରେ ସମଗ୍ର ରାଜ୍ୟର ଗର୍ଭରେଖା ପରି ପରିଶୋଭିତ ହୋଇ 'ବସ୍ତପୁର' ନାମରେ ଅଭିହିତ ହୋଇଅଛି । ଏଣୁ ତଦନ୍ତର୍ଗତ ଏହି ପ୍ରସିଦ୍ଧ ଖଣିଟି ମଧ୍ୟ ସେହି ନାମରେ ପରିଚିତ । ଖଣିଟି ନୀଳଗିରି ରାଜ୍ୟର ଗୋଟିଏ ବଣିଜ୍ୟ ସମ୍ପତ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ଅବହମାନ କାଳରୁ ଏହି ବସ୍ତପୁର ନୀଳଗିରି ରାଜଭଣ୍ଡାରକୁ କେତେ ଭାବରେ କେତେ ଅର୍ଥ ଦେଇ ଆସିଛି, କିଏ କହି ପାରିବ ? ଖଣିଟି ତିନି ବର୍ଷରେ ଥରେ ନିଲାମ କରି ପଟ୍ଟା ଦିଆଯାଏ । ବର୍ତ୍ତମାନ ପଟ୍ଟାଦାର ନରେନ୍ଦ୍ର ପଣ୍ଡା ନାମକ ଜଣେ ଷ୍ଟେଟ୍‌ବାସୀ ୨୦୦୦ ଟଙ୍କାରେ କବୁଲିୟତ କରି ଅଛନ୍ତି । ପୂର୍ବ ପଟ୍ଟାଦାର ଆମ୍ଭମାନଙ୍କ ପରିଚିତ ବାବୁ ଭଗୀରଥି ଭୋଗଡ଼େଇ ୩୦୦୦ ଟଙ୍କାରେ କବୁଲିୟତ କରିଥିଲେ । ଶାରୀରିକ ଅସୁସ୍ଥତା ନିବନ୍ଧନ ବ୍ୟବସାୟ ଚଳାଇବାକୁ ଅକ୍ଷମ ହୋଇ ସେ ଷ୍ଟେଟ୍‌ର ପ୍ରାପ୍ୟ ଦେଇ ନ ପାରିବାରୁ ସାନ ନିଲାମ ହୋଇଅଛି । ତାହାହେଲେ ମଧ୍ୟ ଭଗୀରଥି ବାବୁ ନୂତନ ପଟ୍ଟାଦାରଙ୍କ ସଙ୍ଗରେ ଅଂଶ ରଖି କ୍ଷତିପୂରଣ କରିବାର ଯତ୍ନ ନେଉ ଅଛନ୍ତି । ଯେତେଦୂର ବୁଝାଯାଏ ପଟ୍ଟାଦାରମାନେ ଏହି ଖଣିରୁ ବାର୍ଷିକ ୧୦୦୦ ଟଙ୍କାରୁ କମ ଲାଭ ପାଆନ୍ତି ନାହିଁ । ଏହି ବସ୍ତପୁର ପଥର-ଖଣିର ସଂଲଗ୍ନ ବିଭିନ୍ନ ସ୍ଥାନରେ ପାଞ୍ଚ ଗୋଟି ଖଣି ବିଦ୍ୟମାନ ଅଛି । ଷ୍ଟେଟ୍ ମଧ୍ୟରୁ ଏବଂ ବାହାର ମୋଗଲବନ୍ଦିରୁ ପ୍ରାୟ ୩୦୦୦ ଲୋକ ବର୍ଷର ଦଶ ମାସ ଏହି ବିଭିନ୍ନ ଖଣିମାନଙ୍କରେ କାମ କରି ଜୀବିକା ନିର୍ବାହ କରନ୍ତି । କେତେକ କାରିଗରଙ୍କୁ ପଚାରି ବୁଝିଲୁଁ,—ଏମାନେ କେଉଁ ଦିନ ୩ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତି ତ କେଉଁ ଦିନ ନାହିଁ । ପଥରମାନ କଟା ସରି ଥିଲେ ମଧ୍ୟ ସ୍ୱଳ୍ପ ଅସାବଧାନତାରେ ଭାଙ୍ଗି ଗଲେ ଗଲା । ଅତଏବ ତାଙ୍କ ଭାଷାରେ ସେମାନଙ୍କ ରୋଜଗାର 'ବାଘଅଧାଣ୍ଡି' । ତେବେ ଏମାନଙ୍କର ହାରାହାରି ଦୈନିକ ଆୟ ଏକ ଟଙ୍କା ଧରି ଯାଇ ପାରେ । ଏମାନେ ପଥର କାଟି ପଟ୍ଟାଦାରଙ୍କୁ ବିକ୍ରୟ କରନ୍ତି । ଏମାନଙ୍କ ମଧ୍ୟରୁ ଅନେକେ ମିସ୍ତ୍ରୀ କାମ କରି ଏହି ପଥରରେ ବିଭିନ୍ନ ପ୍ରକାର ସୁନ୍ଦର ସୁନ୍ଦର ବାସନ ଆଦି ପ୍ରସ୍ତୁତ କରନ୍ତି । ନୀଳଗିରିର ପଥର ବାସନ ଉତ୍କଳ-ପ୍ରସିଦ୍ଧ । ଏହି ବାସନମାନ ବସ୍ତପୁର ଖଣିରୁ ଆମଦାନୀ ହୁଏ । ଖଣିରୁ ପ୍ରଥମେ ଯେ ଗୋଟାଳିଆ ମୁରୁଜା ପଥର ବାହାରେ ତାହାକୁ 'ପୋଢ଼ା' କହନ୍ତି । କିଛି ପୋଢ଼ା ବାହାରିଲା ପରେ 'ଗଣ୍ଡି' ମିଳିଯାଏ । ଏହି ଗଣ୍ଡି ପଥରକୁ ନିହାଣ ଏବଂ ହାତୁଡ଼ି ସାହାଯ୍ୟରେ ପାଣି ଦେଇ ଦେଇ ପିଣ୍ଡି ପିଣ୍ଡି ଶିଳ ଆକାରରେ ଖଣ୍ଡିଏ ଖଣ୍ଡିଏ ପଥର ବାହାର କରନ୍ତି । 'ଧୀରେ ପାଣି ପଥର କାଟେ' ପ୍ରବାଦଟିର ସାର୍ଥକତା ଏହି କ୍ରିୟାରେ ମଧ୍ୟ ପ୍ରତିପନ୍ନ ହେବାର ଦେଖାଯାଏ । ଗଣ୍ଡି ପଥର ଖୁବ୍ ଶକ୍ତ ଓ ମୂଲ୍ୟବାନ୍ । ଗଣ୍ଡି ପାଖ 'ବକଳା' ପଥର ଝଡ଼ମିଶ୍ରିତ, ଏହା ସେପରି ଶକ୍ତ ନୁହେ । ପୋଢ଼ା ପଥରମାନଙ୍କରେ ବଡ଼ ବଡ଼ ମୂର୍ତ୍ତି, ହାତୀ, ଘୋଡ଼ା, ବଡ଼ ବଡ଼ ଜଳକୁଣ୍ଡ ଆଦି ନିର୍ମିତ ହୁଏ । ଗଣ୍ଡି ପଥରରୁ ଝରକାଟି ଥାଳି, ସୁନ୍ଦର କବାଟ, ଥାଳୀ, ଗିଲାସ, ଗିନା ଆଦି ବାସନ ନିର୍ମିତ ହୋଇଥାଏ । ଭଗୀରଥି ବାବୁ ଅଫିସରେ ଝରକାଟି ଥାଳିକଟା ଯେ ନମୁନା ଆଦି ଦେଖାଇ ଥିଲେ ତାହା ବାସ୍ତବିକ ଦର୍ଶନୀୟ । ଆଜି ପର୍ଯ୍ୟନ୍ତ ଉତ୍କଳ ଯେ ତାହାର କଳାକୌଶଳ ରଖି ପାରିଛି ତାହା ଏ ସ୍ଥାନର କାର୍ଯ୍ୟମାନ ଦେଖିଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ।

ଏହି ପଥରଖଣିର ଚାଡ଼ିମାନଙ୍କରୁ ନିର୍ମଳ ଝରଣା ବହୁଥିବାର ଦେଖାଯାଏ । କାରିଗରମାନେ ଏହି ଖଣିପାର୍ଶ୍ୱରେ କୁଡ଼ିଆ ନିର୍ମାଣ କରି ରାତିବାସ କରନ୍ତି । ଏହି ଝରଣା ଜଳରେ ସେମାନଙ୍କର



Digitized by srujanika@gmail.com

ସ୍ନାନପାନାବଗାହନ କରେ । ଯେଉଁ ଗିରିଗହ୍ୱରର ଶ୍ୟାମକାନ୍ତ ସ୍ଥଳରେ ଆମ୍ଭେମାନେ ଦିବା ଦ୍ୱିପ୍ରହର ସମୟରେ ବ୍ୟାଘ୍ରର ବିକଟ ଗର୍ଜ୍ଜନ ଓ ବନ୍ୟ ହସ୍ତୀର ବୃଂହଣ ଶୁଣିବାକୁ ପାଇଥିଲୁଁ, ସେଠାରେ ଏହି ପଥୁରିଆମାନେ ଦୂର ବିକ୍ଷିପ୍ତ କ୍ଷୁଦ୍ର କୁଟୀର ମଧ୍ୟରେ କିପରି ରାତ୍ରିବାସ କରନ୍ତି, ତାହା ଆମ୍ଭମାନଙ୍କୁ ଆଶ୍ଚର୍ଯ୍ୟଜନକ ହେଲେ ସୁଦ୍ଧା ସେମାନେ କହିଲେ,—"ଏହି ଖଣି ପାଖରେ ଥିବା ବାଉଁଶୁଣୀ ଠାକୁରାଣୀଙ୍କର ଏପରି ମହିମା ଯେ, ବାଘ ଆଉ ହାତୀ ଆମ୍ଭ କୁଡ଼ିଆ ପାଖକୁ ଆସିଲେ ମଧ୍ୟ ଆମ୍ଭର କିଛି ଅନିଷ୍ଟ କରନ୍ତି ନାହିଁ ।" ଧନ୍ୟ ଏମାନଙ୍କର ସରଳ ବିଶ୍ୱାସ ! ଧନ୍ୟ ଏମାନଙ୍କର ଧୀର ସାହସ !

ଏହି ଖଣିଗର୍ତ୍ତର ବାଲୁକାରାଶି ସୁବର୍ଣ୍ଣକଣାରେ ସମ୍ମିଶ୍ରିତ । ସୌରକିରଣ ସମ୍ପାତଦ୍ୱାରା ଅଣୁତାରକା ବାଲୁକାରାଶିରେ ବିଲୁଣ୍ଠିତ ହେଲା ପରି ନୟନମନ ଆକର୍ଷଣ କରେ । ନୀଳଗିରିର ଉଦୀୟମାନ ରାଜା ସାହେବ ଶ୍ରୀ ଶ୍ରୀ କିଶୋର ଚନ୍ଦ୍ର ହରିଚନ୍ଦନ ମର୍ଦ୍ଦରାଜ ମହୋଦୟ ବିଶେଷଜ୍ଞମାନଙ୍କଦ୍ୱାରା ଅନେକ ମୃତ୍ତିକା ପରୀକ୍ଷା କରାଉଅଛନ୍ତି । ସମ୍ପ୍ରତି ଅକରମୃତ୍ତିକା ଉପଯୁକ୍ତ ରୂପେ ପରୀକ୍ଷିତ ହେବାପାଇଁ ଲଣ୍ଡନ ପଠାଯାଇ ଥିବାର ଶୁଣାଯାଏ । ଖର୍ଚ୍ଚ ତୁଳନାରେ ଲଭ୍ୟାଂଶର ଅପ୍ରାଚୁର୍ଯ୍ୟ ହେତୁ ଉପେକ୍ଷିତ ହେଲେ ମଧ୍ୟ ନୀଳଗିରି ଯେ ସୁନାର ରାଜ୍ୟ, ବିଷ୍ଣୁପୁର ତାହା ଉଜ୍ଜ୍ୱଳ ରୂପେ ପ୍ରତିପାଦନ କରିଅଛି ।

ବିଷ୍ଣୁପୁର ପଥରଖଣିର ତିନି ଗୃହ ମାଇଲ ଦକ୍ଷିଣକୁ ବାଉଁଶୀବଣିଆ, କଣ୍ଠାବଣିଆ, ଭଅଁରି ଆଦି ଆଉ କେତୋଟି ଅପେକ୍ଷାକୃତ କ୍ଷୁଦ୍ର ପଥରଖଣି ନୀଳଗିରି ଓ ମୋଗଲବନ୍ଦର ବହୁ ପ୍ରଜାଙ୍କର ଅନ୍ନବସ୍ତ୍ର-ସଂସ୍ଥାନ ଚଳାଉଅଛି । ପ୍ରକୃତିର ଏହି ମହା ଦାନରେ ରାଜା ପ୍ରଜା ସମସ୍ତେ ଉପକୃତ, ପ୍ରାକୃତିକ ଉତ୍କଳ ମଧ୍ୟ ଅବିସମ୍ବାଦିତ ଗୌରବାନ୍ୱିତ । ବିଷ୍ଣୁପୁର ପର୍ବତମାଳାର ଉତ୍ତର ସୀମାରେ ପ୍ରସିଦ୍ଧ ପଞ୍ଚଲିଙ୍ଗେଶ୍ୱର ମହାଦେବ ଗିରିଶିଖରରେ ଶାଶ୍ୱତ ମହିମାରେ ବିରାଜମାନ କରିଅଛନ୍ତି । ଏ ସ୍ଥାନର ପ୍ରାକୃତିକ ଦୃଶ୍ୟ ଯେ ପ୍ରକାର ଶାନ୍ତିପ୍ରଦ ସେହିପରି ଉପଭୋଗ୍ୟ । ଫଳତଃ ବିଷ୍ଣୁପୁର ଧର୍ମ ଏବଂ ଅର୍ଥର ମହା ବୈଭବ ନିଜ ହୃଦୟରେ ଧାରଣ କରି ନୀଳଗିରି ରାଜଲକ୍ଷ୍ମୀର ଅଙ୍ଗସୌଷ୍ଠବ ବିଧାନ କରୁଅଛି ।

ଶୁକ୍ରବାର ବାଜିବାର ଅବ୍ୟବହିତ ପୂର୍ବେ ବନ୍ୟ ହସ୍ତୀମାନଙ୍କର ଉପଦ୍ରବ କଥା ଶୁଣି ଲେଉଟି ଆସିବାକୁ ବାଧ୍ୟ ହେଲୁଁ । ମାନନୀୟ ସର୍ବରାକାର ସାହେବ କେତେକ ବଳିଷ୍ଠ ଲୋକଙ୍କୁ ସଙ୍ଗରେ ଧରି ହସ୍ତିପୃଷ୍ଠରେ ଆସିଥିବା ରାସ୍ତାରେ ପ୍ରତ୍ୟାବୃତ୍ତ ହେଲେ । ଆମ୍ଭେମାନେ କେତୋଟି ବୟୋଜ୍ୟେଷ୍ଠ ଅଥଚ ବଳକନିଷ୍ଠ ବ୍ୟକ୍ତି ଏକ ସଂକ୍ଷିପ୍ତ ଗିରିବର୍ତ୍ମର ଅନୁସରଣ କଲୁଁ । ଶୃଙ୍ଗପଥରୁ ନିମ୍ନାଭିମୁଖରେ ଅବତରଣ କଲା ପରି ପ୍ରାୟ ନିରବଚ୍ଛିନ୍ନ ଦୁଇ ମାଇଲ ପଥ ଏପରି ଭାବରେ ଆସିବାକୁ ହେଲା,—ପ୍ରତ୍ୟେକ ପଦ ଏକ ଏକ ଫୁଟ ନିମ୍ନକୁ ପ୍ରକ୍ଷେପ କରିବାକୁ ପଡୁଥିଲା । ମାର୍ଗଟି ଗୋଟିଏ ସଙ୍କୀର୍ଣ୍ଣ ବା ନାଳର ପାର୍ଶ୍ୱବର୍ତ୍ତୀ ହୋଇ ନିପତିତ ଭାବରେ ନିମ୍ନକୁ ଆସିଥିଲେ ମଧ୍ୟ ଉଭୟ ପାର୍ଶ୍ୱଦେଶର ଦୃଶ୍ୟ ଚମତ୍କାର ଶାନ୍ତରସାଶ୍ରିତ । ନାନାବିଧ ବିହଙ୍ଗକାକଳିଦ୍ୱାରା ମଧୁବର୍ଷୀ ହେଲେ ସୁଦ୍ଧା ମୁହୂର୍ତ୍ତି ଅସାବଧାନତାରେ ମହା କାଳର ବିକଟ ଦନ୍ତ ପରି ଦନ୍ତୁରିତ ମାର୍ଗଟି ଅତିକ୍ରମ କରିବାକୁ ଯାଇ ବେଢା ପାଦ ଝୁଣ୍ଟିବାର ଯେଉଁ ପ୍ରକମ୍ପ ଜାତ ହୋଇଥିଲା, ତାହା ପରବର୍ତ୍ତୀ ତିନି ଦିନରେ ମଧ୍ୟ ଅପସାରିତ ହୋଇ ନ ଥିଲା । ଶାରୀରିକ କ୍ଳାନ୍ତି ଏବଂ ମାନସିକ ବିରତି ଅନୁଭୂତ ହେଲା ବିଷ୍ଣୁପୁରଠାରୁ ବିଦାୟ ପୂର୍ବକ ପୂର୍ବୋକ୍ତ ପଣ୍ଡିତରଗଡ଼ିଆ ଅଫିସରେ ଉପସ୍ଥିତ ହେଲୁଁ । ସର୍ବରାକାର ସାହେବ ପ୍ରତ୍ୟାବର୍ତ୍ତନ କରିବା ସଙ୍ଗେ ସଙ୍ଗେ ସୂର୍ଯ୍ୟଦେବ ସେହି ବିଷ୍ଣୁପୁରରେ ନକ୍ଷତ୍ରପୁରୀ-ଚୂଡ଼ା ସ୍ପର୍ଶ କରି ଅଦୃଶ୍ୟ ହେଲେ ! ଆମ୍ଭେମାନେ ପୂର୍ବବତ୍ ଲରୀ ଏବଂ ମୋଟରରେ ଅଙ୍କରେ ନିଃଶଙ୍କରେ ଅକ୍ଷୟ ତୃତୀୟାର ସମବର୍ଦ୍ଧମାନ ବାଲଚନ୍ଦ୍ରମାର ନବୀନ ଶୋଭା ଦେଖି ଦେଖି ଆସି କାପ୍ତିପଦା ଡାକବଙ୍ଗଳାରେ ନିରାପଦରେ ଅବତରଣ କଲୁଁ ।

# କଳ୍ପନା ଓ ବିଜ୍ଞାନ

**ଶ୍ରୀ ଶଶୀଭୂଷଣ ରାୟ**

ସାଧାରଣଙ୍କର ଧାରଣା ବିଜ୍ଞାନ ସହିତ କଳ୍ପନା (Imagination)ର କୌଣସି ସମ୍ପର୍କ ନାହିଁ । କଳ୍ପନା କବିଙ୍କର ନିଧି ସାର ସମ୍ପତ୍ତି । ଏହି ହେତୁରୁ କୌଣସି ଅସମ୍ଭବ ବିଷୟର ପ୍ରସଙ୍ଗ ଉତ୍ଥାପିତ ହେଲେ ତାହା କବି କଳ୍ପନା ବୋଲି ଉଡ଼ାଇ ଦେବାର ପ୍ରଥା ବିଦ୍ୟମାନ । କବି ରାଧାନାଥ ଏକ ସ୍ଥଳରେ ଲେଖିଅଛନ୍ତି:—

"କେଉଁ କେଉଁ ଦେଶ ସେ କଥା କାହାର ନାହିଁ ତ ଜଣା
ବିସ୍ମୃତି-ଗର୍ଭେଁ ଉଦ୍ଧାର ଆଣୁ ତା କବି-କଳ୍ପନା"

ଅନ୍ୟ ସ୍ଥଳରେ—

"କଳ୍ପନା ଯୋଗାଇ ଦେଲାରୁ ବାହନ
ସେ ବାହନେ କଲି ଗିରି ଆରୋହଣ"

କବିଗୁଡ଼ିକୁ ଉପଯୁକ୍ତ ସ୍ଥାନରେ ସ୍ୱୀୟ ଅର୍ଘ୍ୟ ପେଶ କରିଅଛନ୍ତି । କବି କଳ୍ପନା ସାହାଯ୍ୟରେ ସ୍ୱର୍ଗ, ମର୍ତ୍ତ୍ୟ, ରସାତଳର ସ୍ଥୂଳ ଓ ସୂକ୍ଷ୍ମ ସୌନ୍ଦର୍ଯ୍ୟ ଛନ୍ଦ ଓ ଲଳିତ ଭାଷା ସାହାଯ୍ୟରେ ପାଠକ ନିକଟରେ ସୁସ୍ପଷ୍ଟ ରୂପେ ଦେଖାଇଦିଅନ୍ତି । ଏହା ସାହାଯ୍ୟରେ ମହାକବି "ଅଷାଢ଼ସ୍ୟ ପ୍ରଥମ ଦିବସେ" ବିରହୀ ଜନର ଅତୁଳ ବ୍ୟଥାନୁଭବ କରନ୍ତି ; ଭ୍ରମର-ଗୁଞ୍ଜନ ଏବଂ ପ୍ରଣୟୀର ମଧୁର ସମ୍ଭାଷଣ ଶୁଣି-ଥାଆନ୍ତି ; ସ୍ୱର୍ଗରେ ଇନ୍ଦ୍ରଙ୍କର ରାଜସଭାରେ ଅପ୍ସରାବୃନ୍ଦଙ୍କର ନୂପୁର-ନିକ୍ୱଣ କର୍ଣ୍ଣଗୋଚର କରନ୍ତି ଏବଂ ରୌରବ ନରକରେ ପାପୀବୃନ୍ଦର କଠୋର ଶାସ୍ତି ଦେଖନ୍ତି । ଏ ସମସ୍ତହିଁ ଠିକ୍ କଥା । କିନ୍ତୁ ତାହା ବୋଲି ଏହା ଠିକ୍ ନୁହେଁ ଯେ ବୈଜ୍ଞାନିକଙ୍କର କଳ୍ପନା-ଶକ୍ତିର କୌଣସି ପ୍ରୟୋଜନ ନାହିଁ । ସାଧାରଣଙ୍କର ଧାରଣା—କାବ୍ୟ ଓ ବିଜ୍ଞାନ ଆଲୋକ ଓ ଅନ୍ଧକାର ଭଳି ସମ୍ପୂର୍ଣ୍ଣ ବିସଦୃଶ ପଦାର୍ଥ । କବି କଳ୍ପନା-ପ୍ରବଣ ଏବଂ ବୈଜ୍ଞାନିକ ଶୁଷ୍କ ଓ ନୀରସ । କାବ୍ୟ ଅସମ୍ଭବ ଆକାଶ କୁସୁମ, ବିଜ୍ଞାନ କଠୋର ଦୃଷ୍ଟ ସତ୍ୟ । ମାତ୍ର ଏହି ଅନୁମାନ ସବୁବେଳେ ସତ୍ୟ ନୁହେଁ ।

କଳ୍ପନାର ସାହାଯ୍ୟ ଗ୍ରହଣ ନ କଲେ ଯେପରି କବିଙ୍କର ଦିନେ ମାତ୍ର ଚଳିବ ନାହିଁ, ବୈଜ୍ଞାନିକଙ୍କର ଅବସ୍ଥା ମଧ୍ୟ ସେହିପରି । କଳ୍ପନା ବ୍ୟତୀତ ବୈଜ୍ଞାନିକଙ୍କର ମଧ୍ୟ ଏକ ଦଣ୍ଡ ଚଳିବ ନାହିଁ ଏବଂ ଯେଉଁ ବୈଜ୍ଞାନିକ କଳ୍ପନା ସାହାଯ୍ୟରେ ସ୍ଥୂଳ ମଧ୍ୟରେ ଯେତିକି ସୂକ୍ଷ୍ମତା ଦେଖନ୍ତି, ନାନା ପରୀକ୍ଷିତ ତଥ୍ୟ ମଧ୍ୟରେ ଗୂଢ଼ ସତ୍ୟ ଉପଲବ୍ଧି କରି ପାରନ୍ତି, ସେ ସେତିକି ବଡ଼ ବୈଜ୍ଞାନିକ । ଅଦ୍ଭୁତ କଳ୍ପନାର ସାହାଯ୍ୟ ଗ୍ରହଣ କଲେ ବଡ଼ ବୈଜ୍ଞାନିକ ହେବେ ନାହିଁ, କିମ୍ବା ଅଲୌକିକ କଳ୍ପନା ପଦ୍ୟରେ ପ୍ରୟୋଗ କଲେ ମଧ୍ୟ ବଡ଼ କବି ହେବେ ନାହିଁ । କି କବି କି ବୈଜ୍ଞାନିକ ପ୍ରତ୍ୟେକହିଁ କଳ୍ପନା ସାହାଯ୍ୟରେ ପ୍ରକୃତି ମଧ୍ୟରେ ନିହିତ ଗୂଢ଼ ସତ୍ୟର ସନ୍ଧାନ କରିଥାଆନ୍ତି । କବି ସୌନ୍ଦର୍ଯ୍ୟ ଦ୍ୱାରା ଅଧିକ ଆକୃଷ୍ଟ ହୁଅନ୍ତି, କିନ୍ତୁ ବୈଜ୍ଞାନିକ ସୌନ୍ଦର୍ଯ୍ୟର ମୂଳୀଭୂତ କାରଣର ସନ୍ଧାନରେ ସମ୍ପୂର୍ଣ୍ଣ ବ୍ୟସ୍ତ । କିନ୍ତୁ ଉଭୟହିଁ କଳ୍ପନା-ପ୍ରବଣ, ଏବଂ ଉଭୟହିଁ ଭାବ-ରାଜ୍ୟର ବିଶିଷ୍ଟ ପ୍ରଜା ।

କଳ୍ପନା ସାହାଯ୍ୟରେ ବିଜ୍ଞାନର କେତେ ଉନ୍ନତି ସମ୍ଭବପର ହୋଇଅଛି, ତାହାର ଦୃଷ୍ଟାନ୍ତ ପଦାର୍ଥ-ବିଦ୍ୟା, ରସାୟନ, ଭୂବିଦ୍ୟା, ଜ୍ୟୋତିଷ, ପ୍ରାଣୀବିଦ୍ୟା, ବୃକ୍ଷବିଦ୍ୟା, ମନସ୍ତତ୍ତ୍ୱବିଦ୍ୟା ପ୍ରଭୃତି ବିଜ୍ଞାନର ନାନା ବିଭାଗରୁ ଉଦ୍ଧୃତ କରିବା ଆବଶ୍ୟକ । ଏଗୁଡ଼ିକ ପ୍ରକୃତ ବୈଜ୍ଞାନିକଙ୍କର କାର୍ଯ୍ୟ । ଲେଖକ ବୈଜ୍ଞାନିକ ନୁହେଁ, ବିଜ୍ଞାନ ଅନୁଶୀଳନର ସ୍ପର୍ଦ୍ଧା ମଧ୍ୟ ରଖି ନାହିଁ । କେବଳ ସ୍ଥୂଳ ଭାବରେ ଯାହା ଜାଣେ ତାହା ପ୍ରକାଶ କରିବାହିଁ ଏ କ୍ଷୁଦ୍ର ପ୍ରବନ୍ଧର ଉଦ୍ଦେଶ୍ୟ ।

କଳ୍ପନାବଳରୁ ବୈଜ୍ଞାନିକଙ୍କର ଯେତେ ଅନୁମାନର (Theory) ସୃଷ୍ଟି । ବୈଜ୍ଞାନିକ ଗୋଟିଏ ମିଥ୍ୟା ଅନୁମାନକୁ ସୁଦ୍ଧା କୁଣାଇ ଧରିଥିବେ, ଅନୁମାନ ବ୍ୟତୀତ ତାହାଙ୍କର ଚଳିବା ଅସମ୍ଭବ । କେତେଗୁଡ଼ିଏ ପରୀକ୍ଷାଲବ୍ଧ ତଥ୍ୟର ଆବିଷ୍କାର ହେଲେ ଆବିଷ୍କାରକ ସ୍ୱୟଂ ଅଥବା ଅପର ଜଣେ ସେଗୁଡ଼ିକ ଭିତ୍ତି କରି କଳ୍ପନା ସାହାଯ୍ୟରେ ଗୋଟିଏ ଅନୁମାନ ଉପସ୍ଥାପିତ କଲେ । ଭଗବାନ ଜାଣନ୍ତି ସେହି ଅନୁମାନ ସତ୍ୟ କି ନାହିଁ । କିନ୍ତୁ ବୈଜ୍ଞାନିକ ତାହାକୁ ଆପାତତଃ ସତ୍ୟ ମନେ କରି ତାହା ଉପରେ ନିର୍ଭର କରି ନାନା ପରୀକ୍ଷିତ ତଥ୍ୟ ଆବିଷ୍କାର କରୁଥିବେ । କ୍ରମେ କ୍ରମେ ଏଭଳି ଏକ ସମୟ ଆସିବ ଏବଂ ପ୍ରାୟ ସେହି ସମୟ ଆସିବାଯାଏ, ଯେତେବେଳେ ଦେଖାଯିବ ଯେ ପୂର୍ବବର୍ତ୍ତୀ ଅନୁମାନ ଅଧୁନାଲବ୍ଧ ପରୀକ୍ଷିତ ତଥ୍ୟର ଅନୁଯାୟୀ ହେଉନାହିଁ । ସେତେବେଳେ ପରୀକ୍ଷକ ସ୍ୱୟଂ କିମ୍ବା ଅନ୍ୟ କଳ୍ପନା-କୁଶଳ ବୈଜ୍ଞାନିକ ଆଉ ଗୋଟିଏ ଅନୁମାନ ରଚନା କଲେ । କାଳକ୍ରମରେ ଏହି ଅନୁମାନ ପୂର୍ବବର୍ତ୍ତୀ ଅନୁମାନ ଭଳି ମିଥ୍ୟା ବୋଲି ପ୍ରମାଣିତ ହୋଇପାରେ କିମ୍ବା ସତ୍ୟ ବୋଲି ଗୃହୀତ ହୁଏ । ଏହି ସମସ୍ତ କଳ୍ପନା-ପ୍ରସୂତ ଅନୁମାନହିଁ ବିଜ୍ଞାନର ଭିତ୍ତି । ବିଜ୍ଞାନର କ୍ରମ-ବିକାଶର ଇତିହାସ ଏହି ଭଳି କେତେ ଭଗ୍ନ, ପରେ ଅସତ୍ୟ ବୋଲି ପରିତ୍ୟକ୍ତ ଅନୁମାନର ଅସ୍ତିତ୍ୱର ସାକ୍ଷ୍ୟ ଦେଉଅଛି । ପ୍ରକୃତ ବୈଜ୍ଞାନିକ କେବେହେଁ ଗର୍ବ କରି କହି ପାରିବେ ନାହିଁ ଯେ ସେ ନିରପେକ୍ଷ ଖାଣ୍ଟି ସତ୍ୟ ଆବିଷ୍କାର କରିଅଛନ୍ତି । ସେ କହିବେ ଯେ ତାହାଙ୍କର ଅନୁମାନ ସେହି **ପର୍ଯ୍ୟନ୍ତ ସତ୍ୟ ଯେଉଁ ପର୍ଯ୍ୟନ୍ତ** ଅନ୍ୟ ଅନୁମାନ ତାହାର ସ୍ଥାନ ଅଧିକାର ନ କରୁଥିବ । ଅବଶ୍ୟ ନିୟମ (Law) ଏବଂ ଅନୁମାନ ମଧ୍ୟରେ ପାର୍ଥକ୍ୟ ରହିଅଛି । ନିୟମ ପରୀକ୍ଷାଲବ୍ଧ ତଥ୍ୟ, ଅନୁମାନ ତଥ୍ୟମୂଳକ, କିନ୍ତୁ କଳ୍ପନା-ପ୍ରସୂତ ସତ୍ୟ ।

ବୈଜ୍ଞାନିକବର୍ଗ କଳ୍ପନାଲବ୍ଧ ଅନୁମାନର ଏତେ ପକ୍ଷପାତୀ କାହିଁକି ? ତାହାର କାରଣ ଏହି ଯେ ବୈଜ୍ଞାନିକ ସେହି ଅନୁମାନ ସତ୍ୟ କିମ୍ବା ମିଥ୍ୟା, ତାହାର ସପ୍ରମାଣ ସକାଶେ ନାନା ପ୍ରକାର ପରୀକ୍ଷାର ସୃଷ୍ଟି କରନ୍ତି । ଏହି ରୂପେ ବହୁ ତଥ୍ୟ ଆବିଷ୍କୃତ ହେବାରୁ ପରୀକ୍ଷାମୂଳକ ବିଜ୍ଞାନର ଉନ୍ନତି ହେଉଥାଏ, ଏବଂ କ୍ରମଶଃ ସତ୍ୟ ଅନୁମାନର ସୃଷ୍ଟି ହେବାର ପଥ ସୁପରିଷ୍କୃତ ହୁଏ । ଏହିପରି ବିଜ୍ଞାନର ଉନ୍ନତି ହୋଇଅଛି । ମାନବର ଜ୍ଞାନ ଓ ସୃଷ୍ଟିଶକ୍ତି ସୀମାବଦ୍ଧ ବୋଲି, ଏକହିଁ ସମୟରେ ଏକହିଁ ବିଷୟରେ ଏକାଧିକ ଅନୁମାନ ବିଜ୍ଞାନରେ ପ୍ରଚଳିତ ହେବାର ଦୃଷ୍ଟ ହୋଇଥାଏ । ଏଗୁଡ଼ିକ ମଧ୍ୟରୁ କେଉଁ ଗୋଟିକ ସତ୍ୟ କିମ୍ବା ସବୁଗୁଡ଼ିକ ମିଥ୍ୟା, ପଛେ ତାହା ସପ୍ରମାଣ ହୋଇଥାଏ ।

କାଠ କାହିଁକି ଜ୍ୱଳେ ? ଲୌହାଦି ଧାତୁ, ଗନ୍ଧକ ପ୍ରଭୃତି ଦାହ୍ୟ ପଦାର୍ଥ ଜ୍ୱଳେ କାହିଁକି ? ସେଗୁଡ଼ିକ ଯେତେବେଳେ ଜ୍ୱଳେ ସେତେବେଳେ କେଉଁ ରାସାୟନିକ ପ୍ରକ୍ରିୟା ସାଧିତ ହୋଇ-ଥାଏ ? ଏହାର ଉତ୍ତରରେ ସୁପ୍ରସିଦ୍ଧ ଜର୍ମାନ ରସାୟନିକ ଗୋଟିଏ ଅନୁମାନ ବହୁ ବର୍ଷ ପୂର୍ବେ ଉପସ୍ଥାପିତ କରିଥିଲେ—ମାତ୍ର ତାହା ସମ୍ପୂର୍ଣ୍ଣ କଳ୍ପନା-ପ୍ରସୂତ । କିନ୍ତୁ ତାହାଙ୍କର କଳ୍ପନା ତତ୍କାଳୀନ ପ୍ରତ୍ୟେକ ରସାୟନିକ ଗ୍ରହଣ କଲେ ଏବଂ ସେତେବେଳର ରସାୟନିକ ପରିଭାଷା ଏହି କଳ୍ପନାରୁ ବେଷ୍ଟିତ

କରି ରଚିତ ହୋଇଥିଲା । ଏହାପରେ ବହୁ ବର୍ଷ କଟିଗଲା, କିନ୍ତୁ ଏହି କଳ୍ପନା ସତ୍ୟ କିମ୍ବା ମିଥ୍ୟା ତାହାର ନିର୍ଣ୍ଣୟକାଳରେ ବହୁ ପରୀକ୍ଷା ଚାଲିଲା । ଏହା ଫଳରୁ ମୂଲ୍ୟବାନ ରାସାୟନିକ ତଥ୍ୟ-ସମୂହ ଆବିଷ୍କୃତ ହେଲା—ବାୟୁରୁ ଅକ୍ସିଜେନ୍ ଆବିଷ୍କୃତ ହେଲା, ବାୟୁର ସ୍ୱରୂପ ଏବଂ ଜଳର ସ୍ୱରୂପ ମଧ୍ୟ ଆବିଷ୍କୃତ ହେଲା । ମାତ୍ର ପରୀକ୍ଷାମୂଳକ ଗବେଷଣାରେ କ୍ରମଶଃ ଦେଖାଗଲା ଯେ ସୁପ୍ରସିଦ୍ଧ ଜର୍ମାନ ବୈଜ୍ଞାନିକଙ୍କର ସିଦ୍ଧାନ୍ତ ଆଉ ରହିଲା ନାହିଁ । ଅପର ପକ୍ଷରେ ସୁପ୍ରସିଦ୍ଧ ଫରାସୀ ରାସାୟନିକଙ୍କ କଳ୍ପନା-କୁଶଳତାରେ ସବୁ ରହସ୍ୟ ଉଦ୍‌ଘାଟିତ ହୋଇ ସତ୍ୟ ପ୍ରକାଶିତ ହୋଇଥିଲା ।

ପରମାଣୁ-ବାଦ ଦାର୍ଶନିକ ସତ୍ୟ ହିସାବରେ ବହୁ ଦିନର ଦ୍ରବ୍ୟ । ଭାରତରେ ବୈଶେଷିକ-ଦର୍ଶନକାର କଣାଦ, ଗ୍ରୀସରେ ଡିମକ୍ରାଇଟସ୍ ପ୍ରଭୃତି ଦାର୍ଶନିକଗଣ ଏହି ପରମାଣୁ-ବାଦର ପ୍ରଚାର କରିଥିଲେ । କିନ୍ତୁ ତାହାକୁ ପରିମାଣାତ୍ମକ ( Quantitative ) ବିଜ୍ଞାନର ଉପଯୋଗୀ କରି ପ୍ରଚାର କରିଥିଲେ—ସୁପ୍ରସିଦ୍ଧ ଇଂରାଜ ରାସାୟନିକ ଜନ୍ ଡାଲ୍‌ଟନ । ଜଣେ ଲେଖକ ସ୍ପଷ୍ଟ କହିଅଛନ୍ତି ଯେ ଆଧୁନିକ ରସାୟନ ଡାଲ୍‌ଟନଙ୍କର ପରମାଣୁ-ବାଦର ଅଭିବ୍ୟକ୍ତି ମାତ୍ର ( Modern Chemistry is only an elaboration of Dalton's atomic theory ) । ଏହି ସମୟରୁ ଆଧୁନିକ ରସାୟନ ଏହି ପରମାଣୁ-ବାଦ ଉପରେ ପ୍ରତିଷ୍ଠିତ । ମାନବର ଦୃଷ୍ଟି-ଶକ୍ତି ଅତି ସାମାନ୍ୟ । ଚର୍ମଚକ୍ଷୁରେ କିମ୍ବା ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଆଜଯାଏ କେହି ଅଣୁ (Molecule) କିମ୍ବା ପରମାଣୁ (Atom) ପ୍ରତ୍ୟକ୍ଷ କରି ନାହାନ୍ତି । କିନ୍ତୁ ରାସାୟନିକବର୍ଗ ମାନସ-ଚକ୍ଷୁରେ ଏବଂ କଳ୍ପନା-ଚକ୍ଷୁରେ ପ୍ରତ୍ୟେକ ଜଡ଼-ପଦାର୍ଥ ମଧ୍ୟରେ ଅଣୁ ଓ ପରମାଣୁର ସନ୍ନିହିତ ଏବଂ କ୍ରମାଗତ ଘୂର୍ଣ୍ଣାୟମାନ ଗତି ପ୍ରତ୍ୟହ ପ୍ରତ୍ୟକ୍ଷ କରୁଅଛନ୍ତି ଏବଂ ସେଗୁଡ଼ିକର ସ୍ୱରୂପ ଓ ଆକୃତି ମଧ୍ୟ ନିର୍ଦ୍ଦେଶ କରିଅଛନ୍ତି । ଆଧୁନିକ କାଳରେ ବୈଜ୍ଞାନିକବର୍ଗ ପରମାଣୁ ଅପେକ୍ଷା କ୍ଷୁଦ୍ରତର ପଦାର୍ଥର ସନ୍ଧାନ ପାଇଅଛନ୍ତି—ତାହାର ନାମ ପ୍ରଦତ୍ତ ହୋଇଅଛି ବିଦ୍ୟୁତ୍‌କଣା ( Electron ) । ଏହି ବିଦ୍ୟୁତ୍‌କଣାବାଦ ସାହାଯ୍ୟରୁ ପ୍ରାକୃତିକ ସୃଷ୍ଟିର କେତେ ନୂତନ ଗୂଢ଼ ତଥ୍ୟ ଆବିଷ୍କୃତ ହେଉଅଛି । କିନ୍ତୁ ଯେତେବେଳେ ଅଣୁ ପରମାଣୁ କେହି ପ୍ରତ୍ୟକ୍ଷ କରି ନାହାନ୍ତି ସେତେବେଳେ ବିଦ୍ୟୁତ୍‌କଣା ପ୍ରତ୍ୟକ୍ଷ କରିବାର ଆଶା ସୁଦୂର-ପରାହତ । ଏ ସମସ୍ତ ହିଁ ଅନୁମାନ, କଳ୍ପନା ବା ଭାବର ବିକାଶ । ମାତ୍ର ଏହି ସକଳ ଅନୁମାନ ହିଁ ଆଧୁନିକ ବିଜ୍ଞାନର ଭିତ୍ତି ସିନା ?

ଭୂବିଦ୍ୟାର ଆଲୋଚନାରେ ଦୃଷ୍ଟି ହୁଏ—ବୈଜ୍ଞାନିକ କଳ୍ପନା-ଶକ୍ତିର କେତେ ପ୍ରାଦୁର୍ଭାବ ! ଭୂତତ୍ତ୍ୱବିତ୍ ଆଲ୍ପସ୍ କିମ୍ବା ହିମାଳୟର ଅତ୍ୟୁଚ୍ଚ ଶିଖରବାହୀ ତୁଷାର-ନଦୀର (Glacier) କାର୍ଯ୍ୟ ଅଥବା ମୃତ୍ତିକାର ସ୍ତର-ବିନ୍ୟାସ ପର୍ଯ୍ୟବେକ୍ଷଣ କରି ପୃଥିବୀର ଆଦି ଅସ୍ତିତ୍ୱ, ତାହାର କ୍ରମ-ପରିଣତିର କେତେ ବିଚିତ୍ର ଅନୁମାନ ଆବିଷ୍କାର କରିଅଛନ୍ତି—ପୃଥିବୀର ବୟସ କେତେ କୋଟି ବର୍ଷ, ପୂର୍ବେ ଏହା ତରଳ ଥିଲା, ପରେ କଠିନ ଆକାର ଧାରଣ କରିଅଛି । ବର୍ତ୍ତମାନ ଯେଉଁଠାରେ ପର୍ବତ ବା ପ୍ରସ୍ତରମୟ ପ୍ରାନ୍ତର ଦେଖୁଅଛୁଁ ପୂର୍ବକାଳରେ ସେହି ସ୍ଥାନରେ ତୁଷାରର ନଦୀ ପ୍ରବାହିତ ହେଉଥିଲା । ଏହି ସମସ୍ତ ଅନୁମାନ ଶୁଣି ଶୁଣି ଏଗୁଡ଼ିକ ଅଲୌକିକ ଗଳ୍ପ ବୋଲି ବୋଧ ହୋଇଥାଏ । କିନ୍ତୁ ଏହା ହିଁ ଭୂତତ୍ତ୍ୱବିଦଙ୍କର ବୈଜ୍ଞାନିକ ସିଦ୍ଧାନ୍ତ । ଆଧୁନିକ ପ୍ରାକୃତିକ ବହୁ ପରିବର୍ତ୍ତନାଦି ପର୍ଯ୍ୟବେକ୍ଷଣ କରି ଭୂତତ୍ତ୍ୱବିତ୍ ଯୁକ୍ତି ଓ କଳ୍ପନାବଳରୁ ଏହି ସମସ୍ତ ସତ୍ୟରେ ଉପନୀତ ହୋଇଅଛନ୍ତି ।

ଭୂବିଦ୍ ଏବଂ ପ୍ରାଣୀବିଦ୍‌ବର୍ଗଙ୍କର ପ୍ରାଗୈତିହାସିକ କାଳର ଜନ୍ତୁ, ମତ୍ସ୍ୟ ଓ ପଶୁପକ୍ଷୀର କଥାଗୁଡ଼ିକ ମଧ୍ୟ ଅତ୍ୟନ୍ତ ବିସ୍ମୟାବହ । ବହୁ ଲକ୍ଷ ବର୍ଷ ପୂର୍ବେ ଏହି ସମସ୍ତ ଜନ୍ତୁଙ୍କର କିପରି ଅବୟବ ଥିଲା, ତାହା ଆପଣ ଦେଖି ନାହାନ୍ତି, ମୁଁ ମଧ୍ୟ ଦେଖି ନାହିଁ—ଭୂବିଦ୍ କିମ୍ବା ପ୍ରାଣୀବିଦ୍ ମଧ୍ୟ ଦେଖି ନାହାନ୍ତି । କିନ୍ତୁ ମୃତ୍ତିକାର ବିଭିନ୍ନ ସ୍ତର ମଧ୍ୟରେ ପ୍ରୋଥିତ ଓ ଲୁକ୍କାୟିତ ବହୁ ଜୀବ-କଙ୍କାଳ (Fossil) ବୈଜ୍ଞାନିକମାନେ ସଂଗ୍ରହ କରି ଦେଖିଅଛନ୍ତି ଯେ ସେହି ସମସ୍ତ କଙ୍କାଳ ଆଧୁନିକ ଜନ୍ତୁବର୍ଗଙ୍କ କଙ୍କାଳଠାରୁ ଅନେକ ପରିମାଣରେ ପୃଥକ୍ । ଏହି ସମସ୍ତ ଦେଖି ଏବଂ ଏଗୁଡ଼ିକ ଉପରେ ବୈଜ୍ଞାନିକ ସ୍ୱକୀୟ କଳ୍ପନା ପ୍ରୟୋଗ କରି, ବହୁ ସହସ୍ର କିମ୍ବା ଲକ୍ଷ ବର୍ଷ ପୂର୍ବର ପଶୁ, ପକ୍ଷୀ, ମତ୍ସ୍ୟ ପ୍ରଭୃତିର ଆକୃତି ଆପଣଙ୍କୁ ଦେଖାଇ ଦେବାକୁ ସମର୍ଥ ଏବଂ ସେହି ସମସ୍ତ ସ୍ତରରୁ ପୃଥିବୀର ବୟସ ମଧ୍ୟ ସେମାନେ ଅନୁମାନ କରିଥାଆନ୍ତି ।

ଡାର୍‌ଉଇନଙ୍କର କ୍ରମ-ବିବର୍ତ୍ତନ-ବାଦ ( Theory of Evolution) କଥା ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତି ଜାଣନ୍ତି । ଏହି ସୁପ୍ରସିଦ୍ଧ ଇଂରାଜ ବୈଜ୍ଞାନିକ ଜଗତର ସମସ୍ତ ବୃକ୍ଷଲତା ଓ ଜନ୍ତୁର ସୃଷ୍ଟି-ରହସ୍ୟ ଉଦ୍‌ଘାଟନର ଚେଷ୍ଟା କରି ଯେଉଁ ଅନୁମାନରେ ଉପସ୍ଥିତ ହୋଇଅଛନ୍ତି, ତାହାର ନାମ କ୍ରମବିବର୍ତ୍ତନ-ବାଦ । ଏହାଙ୍କ ମତରେ ମାନବର ପୂର୍ବପୁରୁଷ ମାଙ୍କଡ଼ । ଏହା ଶୁଣି ଲୋକେ ହସିଲେ ହେଁ ଏଥିରେ ହସିବାର କିଛି ହିଁ ନାହିଁ । ବୈଜ୍ଞାନିକମାନେ ବହୁ ପରୀକ୍ଷା ଓ ପର୍ଯ୍ୟବେକ୍ଷଣ ଦ୍ୱାରା ବହୁ ଦୂରଦର୍ଶୀ କଳ୍ପନା ସାହାଯ୍ୟରେ ଯେଉଁ ସତ୍ୟ ଉପଲବ୍ଧି କରିଥାଆନ୍ତି, ତାହା ଆପଣ କିମ୍ବା ମୁଁ ପାରିବା ନାହିଁ । କିନ୍ତୁ ତାହା—ବୋଲି ପ୍ରକୃତ ବୈଜ୍ଞାନିକ ତାହା ଆକାଶ-କୁସୁମ ବୋଲି ଉପେକ୍ଷା କରନ୍ତି ନାହିଁ । ଡାର୍‌ଉଇନଙ୍କର କ୍ରମବିବର୍ତ୍ତନ-ବାଦ ଆଧୁନିକ କାଳରେ କେତେକ ପରିମାଣରେ ପରିବର୍ତ୍ତିତ ହୋଇଅଛି ସତ୍ୟ କିନ୍ତୁ କିଏ କହିବ ଯେ ଭବିଷ୍ୟତ୍‌ରେ ଏହି କ୍ରମବିବର୍ତ୍ତନ-ବାଦ କଳ୍ପନା ଓ ଅନୁମାନର ରାଜ୍ୟରୁ ନିଷ୍କ୍ରାନ୍ତ ହୋଇ ଧ୍ରୁବ ସତ୍ୟର ଆକାର ଧାରଣ କରିବ ନାହିଁ ।

ନବ୍ୟ ଜ୍ୟୋତିଷର ଉନ୍ନତିର ପ୍ରଧାନ କାରଣ ଦୁଇଟି—ଗୋଟିଏ ଦୂରବୀକ୍ଷଣ (Telescope) ଯନ୍ତ୍ରର ଆବିଷ୍କାର, ଅପରଟି ନିଉଟନଙ୍କ କର୍ତ୍ତୃକ ମାଧ୍ୟାକର୍ଷଣବାଦର ପ୍ରଚାର । ଏହି ମାଧ୍ୟାକର୍ଷଣବାଦ ବର୍ତ୍ତମାନ ଗୋଟିଏ ସୁପ୍ରତିଷ୍ଠିତ ନିୟମର (Law) ଆକାର ଧାରଣ କରିଅଛି । ଅସଂଖ୍ୟ ଦୃଷ୍ଟ ଓ ଅଦୃଷ୍ଟ ଗ୍ରହନକ୍ଷତ୍ର-ବହୁଳ ସୌର-



Digitized by srujanika@gmail.com

ଜଗତର ସ୍ଥିତି, ଗ୍ରହ ନକ୍ଷତ୍ରର ଭ୍ରମଣ ଓ ଅବସ୍ଥାନ ପ୍ରଭୃତିର ନିରୂପଣ ମାଧ୍ୟାକର୍ଷଣବାଦର ସାହାଯ୍ୟରେ ହିଁ ସମ୍ଭବପର ହୋଇ-ଅଛି । ଏହି ମନୀଷାସମ୍ପନ୍ନ ଇଂରାଜ ବୈଜ୍ଞାନିକ କିପରି ମାଧ୍ୟାକର୍ଷଣ ସ୍ୱୟଂ ଉପଲବ୍ଧି କରିଥିଲେ ସେ ଗଳ୍ପ ଅନେକ ହିଁ ଶୁଣିଥିବେ । ସେ ତାହାଙ୍କର ଉଦ୍ୟାନରେ ବସି ଏହି ବିଷୟରେ ଚିନ୍ତା କରୁଥିବା ସମୟରେ ତାହାଙ୍କର ସମ୍ମୁଖସ୍ଥ ବୃକ୍ଷରୁ ଗୋଟିଏ ସୁପକ୍ୱ ଫଳ ମାଟିରେ ପଡ଼ିଗଲା । ସେତେବେଳେ ସେ ନିଜ ମନକୁ ପଚାରିଲେ, ଫଳ ପଡ଼ିଗଲା କାହିଁକି ? ହଠାତ୍ ମନରୁ କଳ୍ପନା ଉତ୍ତର ଦେଲା—ପୃଥିବୀ ଫଳକୁ ଆକର୍ଷଣ କରେ ବୋଲି ଫଳ ପଡ଼ିଗଲା । ଏଥିରୁ ନିଉଟନ ମାଧ୍ୟାକର୍ଷଣର ସନ୍ଧାନ ପାଇଲେ । ଏହା ଉତ୍ତାରୁ ତାହାଙ୍କରଅମାନୁଷିକ ବୈଜ୍ଞାନିକ ପ୍ରତିଭା ଓ କଳ୍ପନାର ସାହାଯ୍ୟରେ ସେ ବିଶ୍ୱଜଗତର ପ୍ରତ୍ୟେକ ଅଣୁ ସହିତ ପ୍ରତ୍ୟେକ ଅଣୁର—ପ୍ରତ୍ୟେକ ଗ୍ରହ ସହିତ ପ୍ରତ୍ୟେକ ଉପଗ୍ରହର ଆକର୍ଷଣ ଦିବ୍ୟ ଚକ୍ଷୁରେ ଦେଖିଲେ ଏବଂ କ୍ରମଶଃ ଏକ ବିଜ୍ଞାନର ଜନ୍ମଦାନ କରିବାକୁ ସମର୍ଥ ହେଲେ । ତାହାଙ୍କ ପୂର୍ବେ ଅନେକ ଲୋକ ବୃକ୍ଷରୁ ଫଳ ପଡ଼ିବାର ଦେଖି ସୁଦ୍ଧା ମାଧ୍ୟାକର୍ଷଣ ଆବିଷ୍କାରରେ ସମର୍ଥ ହୋଇ ନାହାନ୍ତି । ସମସ୍ତଙ୍କର ନିଉଟନଙ୍କ ଭଳି ଧୀଶକ୍ତି ଓ ବୈଜ୍ଞାନିକ ପରିକଳ୍ପନାର କ୍ଷମତା କାହୁଁ ଆସିବ ?

ସାଧାରଣତଃ ବୈଜ୍ଞାନିକବର୍ଗ ଦୁଇ ଶ୍ରେଣୀର ହୁଅନ୍ତି । ଏକ ଶ୍ରେଣୀର ବୈଜ୍ଞାନିକ ଯନ୍ତ୍ରାଦିର ଉଦ୍ଭାବନରେ ସମର୍ଥ ଏବଂ ଯନ୍ତ୍ର ସାହାଯ୍ୟରେ ପରୀକ୍ଷା କରିବାକୁ ଦକ୍ଷ । ଅପର ଶ୍ରେଣୀର ବୈଜ୍ଞାନିକ ସମଧିକ କଳ୍ପନା-କୁଶଳ ଏବଂ ଏହି ହେତୁରୁ ଅନୁମାନ ଗଠନରେ ସୁଦକ୍ଷ । ଉଭୟ ଶ୍ରେଣୀର ବୈଜ୍ଞାନିକଙ୍କର କାର୍ଯ୍ୟ ହିଁ ମୂଲ୍ୟବାନ ; କାରଣ, ବୈଜ୍ଞାନିକ-ପରୀକ୍ଷା ହିଁ ଅନୁମାନର ଭିତ୍ତି ଏବଂ ଅନୁମାନ ନ ଥିଲେ ପରୀକ୍ଷା ଅଗ୍ରସର ହୁଏ ନାହିଁ । ପରୀକ୍ଷାର ଫଳ ଅନେକ ସ୍ଥଳରେ ସୀମାବଦ୍ଧ କିନ୍ତୁ ଅନୁମାନର କାର୍ଯ୍ୟ ବହୁ ବିସ୍ତୃତ ।

ବିଜ୍ଞାନ କେବଳ ପରୀକ୍ଷାମୂଳକ ନୁହେ, ଏହାର ଗୋଟିଏ ଅତି ପ୍ରୟୋଜନୀୟ ଅଙ୍ଗ—ଅନୁମାନ । ଏହି ଅନୁମାନ ପୁଣି କଳ୍ପନା-ପ୍ରସୂତ । କଳ୍ପନାଶକ୍ତି ଯେପରି କବିଙ୍କର ପ୍ରୟୋଜନ, ବୈଜ୍ଞାନିକଙ୍କ ପକ୍ଷରେ ତାହା ସମଧିକ କିମ୍ବା ତତୋଧିକ ଆବଶ୍ୟକ ।

# ଅବସର-ବିଳାସ

**ଶ୍ରୀ ବୈକୁଣ୍ଠନାଥ ପଟ୍ଟନାୟକ**

## ୧ । ନରଦେବତା

ଶୁଣିଲି ମୁଁ ଆଧୁନିକ ନରପତି ଜଣେ
ଏ ଭାରତ ଭୂମେ—ନୁହେ ପ୍ରକୃତ—ସ୍ୱପ୍ନ ମଣେଁ !—
ଆପଣାର ରାଜ୍ୟେ ଶୁଣି ଦୁର୍ଭିକ୍ଷ ଆସନ୍ନ--
ତେଜିଛନ୍ତି ସ୍ୱେଚ୍ଛା କ୍ରମେ ବେଳାଏ ଅଶନ,
ରାଜଭୂଷା ବ୍ୟସନରେ ଦେଇ ଜଳାଞ୍ଜଳି,
କରୁଛନ୍ତି ଆରାଧନା ଦନ୍ତେ ତୃଣ ଧରି
ଦୁଃସ୍ଥ ପ୍ରଜାବର୍ଗ ଲାଗି; ସ୍ମରି ଅମଙ୍ଗଳ
ନୟନୁଁ ଝରଇ ଅଶ୍ରୁଧାର ଅବିରଳ !
ଭୁଲି ଧନ-ଧୈର୍ଯ୍ୟ ମୋର ନୁହଇ ସମ୍ଭାଳ
ଦେବଭକ୍ତିର ମୋହାବେଶ ଆପେ ଉଠେ ଜଳି ।
ଯେ ଦେଶେ ଏସନ ରାଜା ଚିର ଅବିପନ୍ନ
ସେ ଦେଶେ ମରଣ ସିନା ମଧୁର ସ୍ୱପନ ।
ଯେ ଦେଶେ ଏସନ ନର-ଦେବତା ପୂଜାରୀ
କି ଭୟ ଭାବନା କିସ କରିବ ଭିଗାରି !

ଧିକ ସେହି ରାଜା ଯାର ପରଜା ଅଶେଷ
ପ୍ରାଣ ସନମାନ ଲାଗି ଯାନ୍ତି ପରଦେଶ,
ପର ରାଜ୍ୟେ ପଥେ ଘାଟେ କରନ୍ତି ଶୟନ,
ଚିର ଭିକ୍ଷାଆଶୀ ଶୂନ୍ୟ ଅଶନ ବସନ,
ଶ୍ୱାନ ଶିବା ସମ ପଥେ ଭଜନ୍ତି ମରଣ,
ଛାଡ଼ି ନିଜ ବସବାସ ପ୍ରବାସ ବରଣ,
ବରନ୍ତି ଅକ୍ଲେଶେ ଶୀତ-ବରଷା-କଷଣ
ରାଜ-ପୀଡ଼ା ଦୁର୍ନୀତିକୁ ନୁହେ ଯା ଦୂଷଣ ।
ସେ ନର-ପିଶାଚ ତାର ଜନମକୁ ଧିକ
ଚିର ଭ୍ରାନ୍ତ ତାର ସୁଖ-କଳ୍ପନା ଅଲୀକ
ଜାଣି ସେ ବଢ଼ାଏ ଆତ୍ମ-ଅପମାନ-ତାପ
ତା ନାମ ଧରିବା ତୁଣ୍ଡେ ଭଲେ ପ୍ରାଣୀ ପାପ ।
ପାପ ଗ୍ରହ ବୋଲି ଅପସୃତ ଗୁଣୀ ଜ୍ଞାନୀ
ଜଇ ଥାଇ ମରେ ସେହୁ ପାରେ ନାହିଁ ଜାଣି ।



Digitized by srujanika@gmail.com

ଏ ଭାରତେ କାଲେ ରାଜା—କହେ ଇତିବୃତ୍ତ—
ବିପନ୍ନ ମାନବ ଲାଗି ପରମ ଅମୃତ—
ଆଣିବା ଆଶାରେ ତେଜି ଗଲେ ରାଜଗାଦି,
ହୃଦୟଶୋଣିତ ଦାନେ ହେଲେ ସର୍ବତ୍ୟାଗୀ,
ଛେଦିଲେ ସ୍ୱହସ୍ତେ ପ୍ରଜା ଲାଗି ହୃଦପ୍ରୀତି,
ବରିଲେ ସନ୍ନ୍ୟାସ ।
କାଳ ଯାଇଅଛି ବିତି ।
ପୁଣ୍ୟଶ୍ଳୋକ ରାଜନ୍ୟଙ୍କ ତୁମେ ବଂଶଧର,
ମରୁଦ୍ୟାନ ଫୁଲ ସମ ଦିଶୁଛ ସୁନ୍ଦର ।
ସେ ଆଦର୍ଶ ଆଜି କାଳେ ଅଙ୍ଗାର-ମାଣିକ୍ୟ,
ରକ୍ଷକର ନୀତି ଯହିଁ ସ୍ୱାର୍ଥରେ ଅଳୀକ,
ଶ୍ୱାପଦ-ବୁଭୁକ୍ଷା ଜଳେ ଶତ ରାଜ-ପ୍ରାଣେ
ପରଜା ଦୁର୍ଗତି ଶୁଣୁଛି କେ ଅବଧାନେ !
ନ ଖାଇ ମରି ନ ରାଜା, ମରୁଛି ଅଖାଦ୍ୟେ
ନମସ୍ୟ ଅମୃତ-ରାଜ୍ୟ ଭୋଗ ନିର୍ବିବାଦେ ।

**୨ । ତରୁଣ-ଶକ୍ତି**

କାହିଁ ଉଚ୍ଚ ଅଭିଳାଷ, କାହିଁ ଉଚ୍ଚ ଶିର,
କାହିଁ ସତ୍ୟ-ପ୍ରୀତି, ନିଷ୍ଠା ଅଟଳ ଯେ ଗୀର !
କାହିଁ ସେ ପୌରୁଷ, ବୀର୍ଯ୍ୟ, ବଳିଷ୍ଠ ସାହସ,
ଅଟଳ ବିଶ୍ୱାସ ପବିତ୍ରତା ଆଦରଣ ।
କାହିଁ ସେହି ସୌମ୍ୟ ମୁଖ ପ୍ରଶାନ୍ତ ସହାସ,
ନୈତିକତା ଜାଣେ ନାହିଁ ଯାର ଅବକାଶ,
କାହିଁ ସେ ସୁନ୍ଦର ଚିର ପବିତ୍ର ତାରୁଣ୍ୟ,
ନିଃସ୍ୱସେବା ଚିନ୍ତ ଯା' ଜୀବନ-ନୈପୁଣ୍ୟ ।
ହୀନବୀର୍ଯ୍ୟ ଅସ୍ଖଳନ ଘୃଣ୍ୟ ବାମାଗୃହ
ଅସଂଯତ ପ୍ରଗଳଭତା ମିଥ୍ୟା ଆଜି ସାର ।
ପ୍ରାଣହୀନ ଏ ତାରୁଣ୍ୟ ଅନ୍ତଃସାରଶୂନ୍ୟ,
କ୍ଳୀବତ୍ୱ ଆଦର୍ଶ ତାର, ନୈତିକତା ଘୃଣ୍ୟ !
ଅନାଗତ ଇତିହାସ ଦୁର୍ବଳ ଜାତିର
କରେଣି ବେଦନା-ଲାଜେ ନତ ହୁଏ ଶିର ।

# ଚୀନଦେଶର ଚିରନ୍ତନ ସଭ୍ୟତା

**ଶ୍ରୀ ମଦନମୋହନ ପଟ୍ଟନାୟକ**

ନାନା କାରଣରୁ ଅଧୁନିକ ଚୀନ ଜଗତର ଦୃଷ୍ଟି ଆକର୍ଷଣ କରିଅଛି । ନାନା ଜାତିର ବାଣିଜ୍ୟ-ସ୍ୱାର୍ଥ ନିହିତ ଥିବାରୁ ସାଙ୍ଘାଇ ବନ୍ଦର "ଇତିହାସ-ରଙ୍ଗସ୍ଥଳୀ" ହୋଇ ରହିଅଛି । ଜେନେଭାର ପୃଥିବୀ ପଞ୍ଚାୟତମାନେ ପ୍ରତିଦ୍ୱନ୍ଦୀ ଜାତିମାନଙ୍କର ଭବିଷ୍ୟତ୍ ବିଷୟରେ କି ସ୍ଥିର ସିଦ୍ଧାନ୍ତରେ ଉପନୀତ ହେବେ ଓ ବୁଭୁକ୍ଷୁ ଜାତିମାନଙ୍କର କ୍ଷୁଧା ନିବାରଣ ପାଇଁ କପରି କୋଷ୍ଟି ତିଆରି କରିବେ ତାହା ସେମାନଙ୍କୁ ଜଣା । ସେ ଯାହାହେଉ, ଘଟଣା-ଚକ୍ରରୁ ଆମ୍ଭେମାନେ ଦେଖି ପାରୁଅଛୁଁ ଯେ ଅଫିମ-ଉପାସକ ଚୀନଦେଶ ତାହାର ବହୁ ଯୁଗବ୍ୟାପୀ ସଭ୍ୟତା ଘେନି ଆଜି ସଗର୍ବରେ ଦଣ୍ଡାୟମାନ । ତାକୁ କଅଣ ଆଧୁନିକ ସଭ୍ୟତାର ଉପାଦାନ ଗୋଲା କମାଣ ବା ଏରୋପ୍ଲେନ୍ ଅଭିଯାନ ନିଷ୍ପ୍ରଭ କରି ପାରିବ ନାହିଁ ? ଆଶାବାଦୀ ଐତିହାସିକମାନଙ୍କ ମତରେ ଚୀନର ପତନ ସମ୍ଭାବନାଧୀ ନୁହେ ଓ ଯଦିବା କ୍ଷଣିକ ପତନ ହୋଇପାରେ, ତାହା ଚୀନ ସଭ୍ୟତାର ନାଡ଼ିକୁ ଚୂର୍ଣ୍ଣ କରି ପାରିବ ନାହିଁ ।

ପ୍ରାୟ ୨୦୦୦ ବର୍ଷ ତଳର କଥା । ତାତାର ଦେଶୀୟ ଲୋକମାନେ ଚୀନଦେଶ ଆକ୍ରମଣ କରିଥିଲେ । ମାତ୍ର ସେ ଆକ୍ରମଣ ଫଳରେ ଚୀନଦେଶର ଭାଷା ଓ ଆଚାର ପ୍ରଭୃତି ଅକ୍ଷୁଣ୍ଣ ରହିଥିଲା । ପଶ୍ଚାତ୍ତରେ ତାତାରମାନେ ଚୀନ ଦେଶୀୟ ଭାଷା ଓ ଚାଲିଚଳଣି ଶିଖିବା ପାଇଁ ଚେଷ୍ଟା କରିଥିଲେ ଓ ଚୀନ ଦେଶରେ ବିବାହ-ସୂତ୍ରରେ ଆବଦ୍ଧ ହୋଇଥିଲେ । ସେମାନେ ଚୀନ ଦେଶର ଆଦିମ ଅଧିବାସୀମାନଙ୍କ ସହିତ ଘନିଷ୍ଠ ଭାବରେ ମିଶିଥିଲେ ଓ ସେମାନଙ୍କ ଆକ୍ରମଣ ସେତିକିରେ ଶେଷ ହୋଇଥିଲା ।

ତାହାପରେ ତୁର୍କ ଦେଶୀୟ ଲୋକମାନେ ଚୀନ-ବିଜେତା ବୋଲି ପରିଚିତ ହୋଇଥିଲେ ଓ ୟାଙ୍ଗ୍‌ସିକିୟାଙ୍ଗ୍ ନଦୀ ପର୍ଯ୍ୟନ୍ତ ଚୀନଦେଶ ଜୟ କରିଥିଲେ । କିନ୍ତୁ ତୁର୍କୀମାନେ ଚୀନ ଦେଶର ମନ କିଣି ପାରି ନ ଥିଲେ କିମ୍ବା ଚୀନ ତୁର୍କୀ ରାଜ୍ୟରେ ପରିଣତ ହୋଇ ନ ଥିଲା । ବିଜେତା ତୁର୍କୀମାନେ ଚୀନାମାନଙ୍କର ଭାଷା, ପୋଷାକ-ପରିଚ୍ଛଦ ଓ ଆଚାର-ବ୍ୟବହାର ଏପରି ଭାବରେ ଅନୁକରଣ କରିଥିଲେ ଯେ ସେମାନଙ୍କୁ ସ୍ୱତନ୍ତ୍ର ଜାତି ବୋଲି ମନେ କରିଯାଉ ନ ଥିଲା ।

ଇଂଲଣ୍ଡର ସେ କାଳର (ନବମ ଶତାବ୍ଦୀର) ପ୍ରସିଦ୍ଧ ରାଜା ଆଲଫ୍ରେଡ଼ ଦ ଗ୍ରେଟ ଯେତେବେଳେ ଓସେସ୍ତର ଦରିଦ୍ର କୃଷକ ଘରେ ଇଂଲଣ୍ଡର ଭବିଷ୍ୟତ କଥା ଭାବୁ ଭାବୁ ପିଠା ପୋଡ଼ିପକାଇ ଥିଲେ, ସେ ଯୁଗରେ ଚୀନଦେଶ ଉପରେ ପୁଣି ଥରେ ଆକ୍ରମଣ କରାଯାଇଥିଲା ।



Digitized by srujanika@gmail.com

ଉତ୍ତର ଭାଗରୁ ଖିତାନ ଜାତିର ଲୋକମାନେ ଆସି ଉତ୍ତର ଚୀନଦେଶ ଅଧିକାର କରିଥିଲେ । ମାତ୍ର ସେମାନେ ବେଶୀ ଦିନ ତିଷ୍ଠି ପାରିଲେ ନାହିଁ ଓ ପ୍ରାୟ ଦୁଇ ଶତାବ୍ଦୀ ଭିତରେ ସେମାନେ ସେ ଦେଶରୁ ଅନ୍ତର୍ଦ୍ଧାନ ହୋଇଗଲେ । ଖିତାନମାନଙ୍କୁ ଆଜି ଚୀନଦେଶ ସ୍ମୃତିପଟରୁ ପୋଛି ପକାଇଅଛି ଓ ସେମାନଙ୍କର କାର୍ଯ୍ୟକଲାପ ବା ସଭ୍ୟତାର ମହତ୍ତ୍ୱ ଆଜି ଅନୁଭବ କରିବା ଅସମ୍ଭବ କହିଲେ ଚଳେ । ଚୀନସଭ୍ୟତା ତାହାର ସ୍ୱଭାବ-ସୁଲଭ ଗୁଣରେ ଇତିହାସର ସେ ଅଧ୍ୟାୟକୁ ବିସ୍ମୃତି ଗର୍ଭରେ ପକାଇଦେଇଅଛି ।

ଉଇଲିଅମ୍ ଦି କଙ୍କରର (**William the Conqueror**) ଏକାଦଶ ଶତାବ୍ଦୀର ଶେଷ ଭାଗରେ ଇଂଲଣ୍ଡ ଅଧିକାର କରିବା ପରେ ଯଚନ (**Juchens**) ନାମକ ଗୋଟିଏ ଜାତି ଚୀନଦେଶକୁ ପରାଜିତ କରିଥିଲା ଓ ସେମାନଙ୍କ ଦଳପତି ଚୀନ ଦେଶର ସମ୍ରାଟ ବୋଲି ପରିଚିତ ହୋଇଥିଲେ । ସେହି ଦଳପତି ଚୀନଦେଶର ସମ୍ରାଟଙ୍କୁ ଗାଦିଚ୍ୟୁତ କରିଥିଲେ ଓ ଚୀନ-ସମ୍ରାଟ ତାଙ୍କୁ ୫,୦୦୦,୦୦୦ ଅଉନ୍ସ ସୁନା, ୫୦,୦୦୦,୦୦୦ ଅଉନ୍ସ ରୁପା ଓ ୧,୦୦୦,୦୦୦ ଖଣ୍ଡ ସିଲ୍କ ଲୁଗା ଉପହାର ସ୍ୱରୂପ ଦେଇଥିଲେ ।

ତାହାପରେ ଯଚନ-ଦଳପତି ଲିଖିତ ହୁକୁମ ଜାରି କରିଥିଲେ ଯେ ତାଙ୍କ ଦେଶର ଲୋକମାନେ ଚୀନଦେଶର ଆଚାର ବ୍ୟବହାର ଗ୍ରହଣ କରିବେ ନାହିଁ । ସେ ହୁକୁମ ବିଫଳ ହେଲା । ଯଚନମାନେ ଏକ ଶତାବ୍ଦୀ ମାତ୍ର କ୍ଷମତା ବିସ୍ତାର କରିଥିଲେ ଓ ତାହାପରେ ଚୀନ ଦେଶ ତାହାର ନିଜର ସଭ୍ୟତା ବିସ୍ତାର କରିଥିଲା ।

ଏହାପରେ କେତେ ସମୟ କଟିଗଲା ଓ ଶେଷରେ ଦୁର୍ଦ୍ଦମନୀୟ ମଙ୍ଗୋଲ ଜାତି ଯେଙ୍ଗିସ୍ ଖାଁଙ୍କର ଅଧିନାୟକତ୍ୱରେ ନାନା ଉତ୍ପାତ ଆରମ୍ଭ କରିଥିଲେ; ସେମାନେ ଏସିଆ ମହାଦେଶ ଭେଦ କରି ଇଉରୋପ ମହାଦେଶରେ ଥିବା ରୁଷିଆ ଦେଶ ଆକ୍ରମଣ କରିଥିଲେ । ମଙ୍ଗୋଲମାନେ ସଭ୍ୟତାର ଘୋର ବିରୋଧୀ ଥିଲେ ଓ ପରାଜିତ ଜାତିର ମାନମର୍ଯ୍ୟାଦା ପ୍ରତି ସେମାନଙ୍କର ଟିକିଏ ମାତ୍ର ଦୃଷ୍ଟି ନ ଥିଲା । ଯେଙ୍ଗିସ୍ ଖାଁ କଳାପାହାଡ଼ୀ ନୀତିର ପ୍ରଧାନ ଉପାସକ ଥିଲେ ଓ ଅଧିକୃତ ସ୍ଥାନମାନଙ୍କରେ ସେ ଧ୍ୱଂସଲୀଳାର ଅବତାର ସ୍ୱରୂପ କାର୍ଯ୍ୟ କରିବାକୁ ଗୌରବାନ୍ୱିତ ମନେ କରୁଥିଲେ । ଏହି ଦୁର୍ଦ୍ଧର୍ଷ ମଙ୍ଗୋଲମାନେ ମଧ୍ୟ ଚୀନଦେଶର ସଭ୍ୟତା ନିକଟରେ ମସ୍ତକ ନତ କରିଥିଲେ । ଏକ ଶତାବ୍ଦୀର ରାଜତ୍ୱ ପରେ ମଙ୍ଗୋଲ ରାଜାମାନଙ୍କର ଅନ୍ତିମ କାଳ ଉପସ୍ଥିତ ହୋଇଥିଲା ଓ ମଙ୍ଗୋଲମାନେ ଚୀନଦେଶର ସଭ୍ୟତାରେ ମାର୍ଜିତ ହୋଇ ନିଜର ବ୍ୟକ୍ତିତ୍ୱ ହରାଇଥିଲେ ।

ତାହାପରେ ଚୀନ ସାମ୍ରାଜ୍ୟରେ କିଛି ଦିନ ଶାନ୍ତି ବିରାଜମାନ କରିଥିଲା ଓ ସେ ଦେଶର ଲୋକମାନେ ଜମି ଚଷିବାରେ ଓ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ଏହି ଶାନ୍ତି ବେଶୀ ଦିନ ତିଷ୍ଠି ପାରିଲା ନାହିଁ ଓ ଉତ୍ତର ଭାଗରୁ ଅସଭ୍ୟ ମାଞ୍ଚୁ-ଜାତିମାନେ ଚୀନଦେଶ ଆକ୍ରମଣ କଲେ । ଦୁର୍ଦ୍ଦଶା ନାନା ଆକାରରେ ଦେଖାଦେଲା । ତତ୍‌କାଳୀନ ଚୀନଦେଶ-ସମ୍ରାଟ୍ ତାଙ୍କର ସମ୍ମାନ ରକ୍ଷା କରିବା ସକାଶ ଯେଉଁ ଜଘନ୍ୟ ଉପାୟ ଅବଲମ୍ବନ କରିଥିଲେ ତାହା ଶୁଣିଲେ ରୋମାଞ୍ଚ ଉପସ୍ଥିତ ହେବ । ସେ ତାଙ୍କର ଝିଅମାନଙ୍କୁ ହତ୍ୟା କରିଥିଲେ ଓ ତାଙ୍କର ଆଦେଶ ଅନୁସାରେ ତାଙ୍କର ରାଣୀ ଆତ୍ମହତ୍ୟା କରିଥିଲେ ଏବଂ ନିଜେ ୟୁାଙ୍ଗ୍ ସିକ୍ୟୁାଙ୍ଗ୍ ନଦୀକୁ ଡେଇଁପଡ଼ି ପ୍ରାଣ ବିସର୍ଜନ କରିଥିଲେ । ଫଳରେ ବିଦେଶୀ ସମ୍ରାଟ୍ ଚୀନଦେଶର ରାଜ-ସିଂହାସନ ଅଧିକାର କରିଥିଲେ । ମାଞ୍ଚୁ ସମ୍ରାଟ୍‌ମାନେ ଯୋଦ୍ଧା ବୋଲି ବଡ଼ ଅହଙ୍କାର କରୁଥିଲେ ଓ ଯୁଦ୍ଧକାର୍ଯ୍ୟ ଛଡ଼ା ଅନ୍ୟ ବିଷୟରେ ମୋଟେ ନଜର ଦେଉ ନ ଥିଲେ । ଏହି ଅପଦାର୍ଥ ଯୋଦ୍ଧାମାନେ ଚୀନଦେଶର କୃଷ୍ଟିଗତ ବୁଝିପାରି ନ ଥିଲେ । ଚୀନ ଦେଶୀୟ କର୍ମଚାରୀମାନେ ସମସ୍ତ ଶାସନ କାର୍ଯ୍ୟ ଚଳାଉଥିଲେ ଓ ମାଞ୍ଚୁ-ସମ୍ରାଟ୍ ସାକ୍ଷୀଗୋପାଳ ସ୍ୱରୂପ ଗାଦିରେ ବସିଥିଲେ । ମାଞ୍ଚୁ ସମ୍ରାଟ୍‌ମାନେ ୧୬୪୪ ଖ୍ରୀଷ୍ଟାବ୍ଦରୁ ୧୯୧୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ତାହାପରେ ସେମାନଙ୍କର ଅଧଃପତନ ଆରମ୍ଭ ହୋଇଥିଲା । ଶେଷରେ ଦେଖାଗଲା ଯେ ମାଞ୍ଚୁମାନେ ଏ ଦେଶରେ ଗୋଡ଼ ଦେବା ଆଗରୁ ଚୀନଦେଶର ଅବସ୍ଥା ଯେପରି ଥିଲା, ୧୯୧୧ ଖ୍ରୀଷ୍ଟାବ୍ଦରେ ତାହାର ବିଶେଷ କିଛି ପରିବର୍ତ୍ତନ ହୋଇ ନ ଥିଲା । ଅଧିକର ଆଶ୍ଚର୍ଯ୍ୟ କଥା ଯେ ମାଞ୍ଚୁରିୟା ଚୀନଦେଶର ଗୋଟିଏ ପ୍ରଦେଶରେ ପରିଣତ ହୋଇଥିଲା ଏବଂ ଚୀନଦେଶରୁ ୩୦,୦୦୦,୦୦୦ ଅଧିବାସୀ ମାଞ୍ଚୁରିୟାରେ ଉପନିବେଶ ସ୍ଥାପନ କରିଥିଲେ ।

ବର୍ତ୍ତମାନ ପ୍ରଶ୍ନ ହୋଇପାରେ ଚୀନ-ସଭ୍ୟତାର କ'ଣ ବିଶେଷତ୍ୱ ଅଛି, ଯାହାଦ୍ୱାରା ତାହା ବିଜେତାମାନଙ୍କର ଦର୍ପ ଚୂର୍ଣ୍ଣ କରିଅଛି ଓ ସମୟ ସମୟରେ ବିଜେତାମାନେ ତାହାର ବାହୁଛାୟାରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଅଛନ୍ତି । ଚୀନାମାନେ ବହୁ ଶତାବ୍ଦୀ ହେଲା ଜୀବନକୁ ସୁଖ ସ୍ୱାଚ୍ଛନ୍ଦ୍ୟରେ ଚଳାଇବାର ମୂଳସୂତ୍ର ଧରି ପାରି ଅଛନ୍ତି । ଯେଉଁମାନେ ସେମାନଙ୍କର ସଂସ୍ପର୍ଶରେ ଆସନ୍ତି, ସେମାନେ ଏକ ରକମ ମୋହମନ୍ତ୍ରରେ ମୁଗ୍ଧ ହୋଇପଡ଼ନ୍ତି ଓ ଚୀନାମାନଙ୍କର ଜୀବନଯାପନ-ପ୍ରଣାଳୀ ସେମାନଙ୍କୁ ସୁଖକର ବୋଧହୁଏ ।

ଚୀନଦେଶ ଆୟତନରେ ଇଉରୋପ ମହାଦେଶ ସଙ୍ଗେ ତୁଳନା କରି ଯାଇପାରେ ଓ ଏହାର ଲୋକମାନେ ଅନେକ ରକମ କଠିନ ଭାଷା ବ୍ୟବହାର କରନ୍ତି । ଏପରି ଅବସ୍ଥାରେ ଚୀନାମାନେ ସେମାନଙ୍କର ଜାତୀୟ-ଶୃଙ୍ଖଳା ଓ ଶିକ୍ଷା ସଭ୍ୟତା ଅକ୍ଷୁଣ୍ଣ ଭାବରେ ରଖି ପାରିବା ବଡ଼ ବିସ୍ମୟକର ।

ଚୀନାମାନଙ୍କର ଲିଖନ-ପ୍ରଣାଳୀ ଅତି କଠିନ ଓ ଅଦ୍ଭୁତ ରକମର । ଏହା ଶିକ୍ଷା କରିବା ସହଜ ସାଧ୍ୟ ନୁହେଁ ଏବଂ ଏହାକୁ ଛପାଇବା ଅଧିକର କଠିନ । ଏହା କେବଳ ଶବ୍ଦ-ସମଷ୍ଟି ନୁହେଁ । ଗୋଟିଏ ଗୋଟିଏ ଅକ୍ଷରରେ ଅନେକ ଭାବ ଏହାଦ୍ୱାରା ବ୍ୟକ୍ତ ହୁଏ । ବଡ଼ ବିଚିତ୍ର କଥା, ଚୀନଦେଶର ବିଭିନ୍ନ ଅଞ୍ଚଳର ଲୋକମାନେ ଓ ଜାପାନୀମାନେ ମଧ୍ୟ ହଜାର ବର୍ଷ ପୂର୍ବରୁ ଚୀନଭାଷାର



Digitized by srujanika@gmail.com

ଲିଖିତ ପାଣ୍ଡୁଲିପି ସମାନ ଦକ୍ଷତା ଓ କୌଶଳ ସହିତ ପଢ଼ିବାକୁ ସମର୍ଥ ହେବେ ନାହିଁ । ସେହି ଦେଶର ଅଧିବାସୀମାନଙ୍କ ଭିତରେ ଯଦି ଏପରି ତାରତମ୍ୟ ଦେଖାଯାଏ, ତାହାହେଲେ ବିଦେଶୀମାନଙ୍କର ସେଥିରେ ଦିଗ୍‌ଭ୍ରାନ୍ତ ହେବା ତ ଦୂରର କଥା, ସେହି ଦେଶର ଭିନ୍ନ ଅଞ୍ଚଳର ଲୋକମାନେ ମଧ୍ୟ ଭିନ୍ନ ଭିନ୍ନ ସ୍ୱରରେ ଏକା ପାଣ୍ଡୁଲିପି ପଢ଼ିବାର ଦେଖାଯାଏ ଓ ଅନ୍ୟମାନେ ଯାହା କହିବେ, ତାହା ମଧ୍ୟ ସେମାନେ ସହଜରେ ହୃଦୟଙ୍ଗମ କରି ପାରିବେ ନାହିଁ । ପ୍ରତ୍ୟେକ ଦଳ ଭିନ୍ନ ଭିନ୍ନ ଭାଷା ବ୍ୟବହାର କରନ୍ତି ଏବଂ ସେହି ସବୁ ଭାଷା ମୂଳ ଚୀନ ଭାଷାଠାରୁ ଅନେକାଂଶରେ ପୃଥକ୍; କିନ୍ତୁ ଚୀନ ଭାଷାର ଅକ୍ଷର ସବୁ ସେମାନଙ୍କ ପ୍ରତି ସମାନ ଭାବ ପ୍ରକାଶ କରେ । ଫଳତଃ ସବୁ ଯୁଗର ଚୀନାମାନଙ୍କର ଜୀବନର ଆଦର୍ଶ ସବୁବେଳେ ସମାନ ରହିଅଛି ଓ ସେମାନେ ଏକ ରକମ ଭାବ ପ୍ରକାଶ କରନ୍ତି । ବିଦେଶୀ ଶାସନ କ୍ଷଣସ୍ଥାୟୀ ପ୍ରଭାବ ବିସ୍ତାର କରେ । କିନ୍ତୁ ଚୀନାମାନଙ୍କର ମନସ୍ତତ୍ତ୍ୱ ଓ ଚିନ୍ତା-ପ୍ରଣାଳୀ ନିଜ ଗତିରେ କାର୍ଯ୍ୟ କରେ ।

ବହୁ ଯୁଗର ଏହି ସଂସ୍କାର ଯୋଗେ ଚୀନ ସଭ୍ୟତା ଗଢ଼ା ହୋଇଅଛି—ଶତ୍ରୁର ଦର୍ପକୁ ଏହା ସହଜରେ ଚୂର୍ଣ୍ଣ କରିଅଛି ଏବଂ ଚୀନାମାନେ ବହିଃଶତ୍ରୁର ଆକ୍ରମଣ ସହଜରେ ଏଡ଼ି ପାରନ୍ତି ।

ଚୀନାମାନଙ୍କର ଦୃଢ଼ ବିଶ୍ୱାସ ଯେ ସେମାନଙ୍କର ସଭ୍ୟତା ପୃଥିବୀରେ ଶ୍ରେଷ୍ଠତମ । ଉଦାହରଣ ସ୍ୱରୂପ ଇଂଲଣ୍ଡର ରାଜା ତୃତୀୟ ଜର୍ଜଙ୍କର ରାଜତ୍ୱର ଗୋଟିଏ ଘଟଣା ଏଠାରେ ଉଲ୍ଲେଖ କରାଯାଇ ପାରେ । ତୃତୀୟ ଜର୍ଜ ଚୀନ ଦେଶରେ ପାଶ୍ଚାତ୍ୟ ସଭ୍ୟତାର ବିସ୍ତାର ପାଇଁ ଜଣେ ରାଜଦୂତଙ୍କୁ ପେକିଂକୁ ପଠାଇଥିଲେ । ଚୀନ ସମ୍ରାଟ୍ ଏଥିରେ କ୍ଷୁବ୍ଧ ହୋଇ ତାଚ୍ଛଲ୍ୟଭାବରେ ଯେଉଁ ଚିଠି ଲେଖିଥିଲେ ତାହାର କେତେକ ଧାଡ଼ି ଏଠାରେ ଉଦ୍ଧୃତ କରାଗଲା:—
**"You, Oh King, impelled by your humble desire to partake of the benefits of our civilization, have despatched a mission............You reveal a respectful humility on your part which is highly praiseworthy. ........... I do not forget the lonely remoteness of your island."** ଅର୍ଥାତ୍ ଇଂଲଣ୍ଡ ରାଜାଙ୍କୁ ଲକ୍ଷ୍ୟ କରି ସେ ଲେଖିଅଛନ୍ତି—

ଆପଣ ଚୀନ ସଭ୍ୟତାରୁ ଉପକରଣ ସଂଗ୍ରହ କରିବା ପାଇଁ ରାଜଦୂତ ପ୍ରେରଣ କରିବା ଦ୍ୱାରା ନିଜର ଯେଉଁ ବିନୟ ଓ ନମ୍ରତା ପ୍ରକାଶ କରିଅଛନ୍ତି ତାହା ବେଶ ପ୍ରଶଂସାର କଥା । ଆପଣ ଦୁନିଆରୁ ଅଲଗା ହୋଇ ଯେପରି ଭାବରେ ନିର୍ଜନ ଦ୍ୱୀପରେ ବାସ କରନ୍ତି, ତାହା ମୁଁ ଉପଲବ୍ଧି କରି ପାରୁଅଛି । ତାହାପରେ ଦର୍ପସହକାରେ ସେ କହିଅଛନ୍ତି—**"He sways the wide world"**—ଅର୍ଥାତ୍ ଚୀନ ସଭ୍ୟତା ସାରା ସଂସାରକୁ ଶାସନ କରେ । ଏବଂ ପତ୍ର ଶେଷରେ ଇଂଲଣ୍ଡର ରାଜାଙ୍କୁ ଉପଦେଶ ଦେଇଅଛନ୍ତି—**"Tremblingly obey, and show no negligence."** (ନତଜାନୁ ହୋଇ ଚୀନ ସଭ୍ୟତାକୁ ଅନୁକରଣ କରନ୍ତୁ; ଏଥିରେ ଅବହେଳା କରନ୍ତୁ ନାହିଁ) ।

ଏ କଥା ଉଲ୍ଲେଖଯୋଗ୍ୟ ଯେ ବୃଟେନର ସିଭିଲ୍ ସର୍ଭିସ୍ କଲରେ ଇଂରେଜମାନେ ଏକରକମ ଋଣୀ ହୁଅନ୍ତି । ଚୀନ ଦେଶର ସିଭିଲ୍ ସର୍ଭିସ୍ ବିଷୟରେ ଅନେକଙ୍କର ବୋଧହୁଏ ସ୍ପଷ୍ଟ ଧାରଣା ନାହିଁ । ସି. ଏ. ଲାୟନ ସାହେବଙ୍କ ଲେଖାରୁ ଏ କେତେ ଧାଡ଼ି ଏଠାରେ ଉଦ୍ଧୃତ କରାଯାଇ ପାରେ—**The Chinese Civil Service is the oldest in the world. It began in the mists of time and went on quite unchanged until 1905, when its examinations were reformed. Its power and devotion under all dynasties helped to keep China alive.** ଅର୍ଥାତ୍—ବୃଟେନର ସିଭିଲ୍ ସର୍ଭିସ୍ ପୃଥିବୀ ଭିତରେ ଅତି ପୁରାତନ । ଏହାର ଉତ୍ପତ୍ତି ଅନେକ ଯୁଗ ପୂର୍ବେ ହୋଇଥିଲା ଏବଂ ଏହା ଅବଲୀଳାକ୍ରମେ ୧୯୦୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲା । ତାହାପରେ ପରୀକ୍ଷା ସବୁରେ କେତେକ ପରିବର୍ତ୍ତନ ହୋଇଥିଲା । ଏହାର ଦୃଢ଼ ଶକ୍ତି ଓ ମଙ୍ଗଳଗତ-ଶକ୍ତି ଚୀନ ଦେଶକୁ ଯୁଗେ ଯୁଗେ ସଜୀବ ରଖିଅଛି । ଏକ କଥାରେ କହିବାକୁ ଗଲେ ଚୀନ ଦେଶର ସିଭିଲ୍ ସର୍ଭିସ୍‌ରେ ଭର୍ତ୍ତି ହେବା ପ୍ରତି ଚୀନାର ଶ୍ରେଷ୍ଠ ଆଦର୍ଶ ବୋଲି ଧରା ଯାଇଥାଏ ।

ବହୁ ଶତାବ୍ଦୀ ଧରି ଶତ ଶତ ଚୀନା ଯୁବକ ସେମାନଙ୍କର ଘରଦ୍ୱାର ଛାଡ଼ି ସିଭିଲ୍ ସର୍ଭିସ୍ ପରୀକ୍ଷାରେ ବସିବା ସକାଶେ ବିପୁଳ ଉତ୍ସାହ ଓ ଗମ୍ଭୀର-ଧ୍ୟାନ ସହିତ ପ୍ରସ୍ତୁତ ହୋଇ ଆସୁଅଛନ୍ତି । ପରୀକ୍ଷା ହଲ୍‌ରେ ସେମାନଙ୍କର ଖାଦ୍ୟ-ସାମଗ୍ରୀ ଓ ଲେଖିବାର ଉପକରଣ ସହିତ ସେମାନଙ୍କୁ କିଛି ଦିନ ସକାଶ ବନ୍ଦୀ ସ୍ୱରୂପ ରଖା ଯାଉଥିଲା । ସେମାନଙ୍କ ଭିତରୁ କେତେ ଜଣ ଅଭାଗା ମାନସିକ ଦୁର୍ବଳତା ଓ ଉତ୍ତେଜନା ହେତୁ ପରୀକ୍ଷା ହଲ୍‌ର ଡେକ୍ସ ନିକଟରେ ପ୍ରାଣ ବିସର୍ଜନ କରୁଥିଲେ । ଏହା ତ ବୁଦ୍ଧଦେବଙ୍କ ତପସ୍ୟାକୁ ବଳି ଯାଇଥିଲା !

ଦେଶର ଶ୍ରେଷ୍ଠ ମେଧାବୀ ଛାତ୍ରମାନେ ସିଭିଲ୍ ସର୍ଭିସ୍‌ରେ ଯୋଗ ଦେବାକୁ ପ୍ରସ୍ତୁତ ହେଉଥିଲେ । ଚୀନ ଦେଶର ଆକ୍ରମଣକାରୀମାନେ, ବିଶେଷତଃ ମାଞ୍ଚୁମାନେ ସିଭିଲ୍ ସର୍ଭିସ୍ ଛଡ଼ା କାର୍ଯ୍ୟ କରି ପାରୁ ନ ଥିଲେ । ଫଳରେ, ଇଂରେଜମାନେ ଚୀନ ଦେଶ ଅଧିକାର କଲେ ମଧ୍ୟ ଚୀନାମାନେ ପ୍ରକୃତରେ ରାଜ୍ୟ ଭୋଗୁଥିଲେ । ସେମାନେ ପ୍ରଥମେ ଇଂରେଜମାନଙ୍କର କର୍ମଚାରୀରୂପେ କାର୍ଯ୍ୟ କରୁଥିଲେ ଏବଂ ଆସ୍ତେ ଆସ୍ତେ କୌଶଳକ୍ରମେ ଇଂରେଜମାନଙ୍କୁ ନିଜ ହାତରେ ରଖୁଥିଲେ ।

ଇତିହାସର ଘଟଣାଚକ୍ର ଚୀନା ମନରେ ଏହି ଦୃଢ଼ ବିଶ୍ୱାସ ଜାତ କରାଇଅଛି ଯେ ସେମାନଙ୍କର ଜୀବନଯାପନ ପ୍ରଣାଳୀ ଓ ସଭ୍ୟତା ସଂସାରରେ ଶ୍ରେଷ୍ଠତମ ଓ ସେମାନେ ଯଥା ସମୟରେ ସବୁ କ୍ଷେତ୍ରରେ ଜୟଯୁକ୍ତ ହେବେ ।



ଟ

Digitized by srujanika@gmail.com

ରଣଦୁନ୍ଦୁଭି ବର୍ତ୍ତମାନ ଜାପାନରେ ବାଜୁଅଛି ଓ ଜାପାନ ଚୀନ ଉପରେ ଲୋଲୁପ ଦୃଷ୍ଟି ପକାଇଅଛି । ଚୀନ ଇତିହାସର ଶିକ୍ଷା ଭୁଲି ନାହିଁ ଓ ବୋଧହୁଏ ମନେ ମନେ ଭାବୁଅଛି, ସେ ଶେଷରେ ବିଜେତାକୁ କିଛି ଶିକ୍ଷା ଦେଇପାରେ । ଇତିହାସ ଦେଖାଇଅଛି କାଠାନ୍, ଇଚନ୍, ମଙ୍ଗଲ୍, ଟାଟାର୍ ଓ ମାଞ୍ଚୁ ପ୍ରଭୃତି ବିଜେତା ଜାତିମାନେ କେତେ ହୋଇ ସ୍ୱାଭାବିକ କାର୍ଯ୍ୟକ୍ରମେ ଚୀନ ଦେଶର ପଦଧୂଳି ଗ୍ରହଣ କରିଥିଲେ ଓ ଚୀନ ଦେଶ ମୁଣ୍ଡ ଟେକି ଠିଆ ହୋଇଥିଲା ।

ବର୍ତ୍ତମାନ ସମସ୍ୟାକୁ ଲକ୍ଷ୍ୟ କରି ଜଣେ ମନସ୍ୱୀ ଚୀନା କଥା ପ୍ରସଙ୍ଗରେ କହିଅଛନ୍ତି—“**Will it be best to resist the Japanese now, or shall we co-operate with them sincerely for my life and my son's life and teach my grandson to be disloyal to them ?**” ଅର୍ଥାତ୍, ବର୍ତ୍ତମାନ ସମସ୍ୟା ହେଉଛି, ଆମ୍ଭେମାନେ ଜାପାନର ଗତିରୋଧ କରିବାକୁ ଚେଷ୍ଟା କରିବୁଁ କିମ୍ବା ଜାପାନ ସହିତ ପୂର୍ଣ୍ଣ ସହଯୋଗରେ ମୋ ଜୀବଦ୍ଦଶାରେ ଓ ମୋ ପୁଅ ଜୀବନକାଳ ସମୟରେ କାର୍ଯ୍ୟ କରିବୁଁ ? ତାହାପରେ ମୋ ନାତିର ପାଳି ପଡ଼ିବ ଓ ସେ ଜାପାନକୁ ସମୁଚିତ ଶିକ୍ଷା ଦେଇପାରେ ।

ଜାପାନ ପୂର୍ବ ଗୋଲାର୍ଦ୍ଧର ଉଦୀୟମାନ ସୂର୍ଯ୍ୟ । ଏହି ସୂର୍ଯ୍ୟଙ୍କର ରଶ୍ମି ଚୀନଦେଶର ମାନବ-ସମୁଦ୍ରରେ ପଡ଼ିଲେ ଅନେକ ପାଣି ଶୋଷିନେବ, ଏଥିରେ ସନ୍ଦେହ ନାହିଁ । କିନ୍ତୁ ରାଜନୀତିଜ୍ଞମାନେ ଇତିହାସକୁ ସାକ୍ଷୀ ରଖି ପଚାରିପାରନ୍ତି, ଯେଉଁ ପାଣି ଜଳୀୟ ବାଷ୍ପ ଆକାରରେ ଶୁଖିଯିବ, ତାହା ସମୟକ୍ରମେ ଚୀନ ଦେଶରେ ଉତ୍ତାଳ ତରଙ୍ଗମାଳ-ସମୁଦ୍ରର ସୃଷ୍ଟି କରିବ ନାହିଁ ତ ? *

# ସତୀଚୌରା

## ଶ୍ରୀ କ୍ଷିତୀଶଚନ୍ଦ୍ର ଦେ

ବନ୍ଧୁ କହିଲେ, “ତା'ହେଲେ, ତୁମେ ଏହିଠାରେ ବସିଥାଅ । ଏଇ ପାଖରେ, ମୋର ଜଣକ ସହିତ ଟିକିଏ କାମ ଅଛି— ମୁଁ ଅଧଘଣ୍ଟା କି ପଇଁତିରିଶ ମିନିଟ୍ ମଧ୍ୟରେ ଫେରି ଆସିବି । ତୁମେ ଏହି ପଥର ଉପରେ ବସିଥାଅ । ମଶାଣି ପଦାଟା ବୋଲି ଡରିବ ନାହିଁ ତ ? ”

ମତେ ହସ ମାଡ଼ିଲା । କହିଲି, ଶ୍ମଶାନଘାଟରେ ଭୂତପ୍ରେତ ଡାକି ଆଳାପ ପ୍ରଳାପ କରିବାର ଅଭ୍ୟାସ ଅଛି । ମଶାଣି ପଦାଟା ପରି ତାଙ୍କର ଅଡ୍ଡା, ଡରିବି କାହିଁ ? ଯାଅ, ତମେ କାମ ସାରି ଆସ; ମୁଁ ଏଇଠାରେ ବସିଛି ।

ବନ୍ଧୁ ଚାଲିଗଲେ । ମୁଁ ପଥର ଖଣ୍ଡିକ ଉପରେ ଏକୁଟିଆ ବସି ରହିଲି । ସେତେବେଳକୁ ମୁହଁ ସଞ୍ଜ । ଦୂରରେ ନରାଜ ପାହାଡ଼ ପଛପଟେ ଦିନାନ୍ତର ନାଲି ଆଭା ଟିକିଏ ପଶ୍ଚିମ ଆକାଶରେ ଲାଗି ରହିଥାଏ । ଖଣ୍ଡେ ଧଳା ବଉଦ ଗୋଟାଏ ଦାଢ଼ିଆ ଅସୁରର ମୁଣ୍ଡପରି ଦିଶୁଥାଏ । ଘଡ଼ିଏ ଚାହିଁ ରହିଲି ତାହାରି ଆଡ଼କୁ । ଧୀରେ ଧୀରେ ତାହାର ଆକାର ବଦଳିଯିବାକୁ ଲାଗିଲା । କିଛି କ୍ଷଣ ପରେ ତାହା ଗୋଟିଏ ମଇଁଷି ମୁଣ୍ଡପରି ଦିଶିଲା । ତାହାରି ତଳରେ ହଠାତ୍ ପଡ଼ିଆ ଦେଇ ଅଳ୍ପ ଦଳେ ବଗ ଗୋଟିଏ ବଙ୍କା ମାଳ ପରି ମୋ' ଆଡ଼କୁ ଉଡ଼ି ଆସିବାକୁ ଲାଗିଲେ । ପିଲାଦିନରୁ ଏ ଦୃଶ୍ୟ କେତେ ଥର ଦେଖିଛି, କିନ୍ତୁ କେ ଜାଣି କାହିଁକି, ସେ ଦୃଶ୍ୟ ସେ ଦିନ ନୂଆ ପରି ଲାଗିଲା । ମୁଗ୍ଧ ଦୃଷ୍ଟିରେ ସେହି କ୍ରମଶଃ ସମୀପବର୍ତ୍ତୀ ହେଉଥିବା ବଗପନ୍ତି ପ୍ରତି ଚାହିଁରହିଲି । ଅଳ୍ପ କ୍ଷଣ ମଧ୍ୟରେ ସେମାନେ ମୁଣ୍ଡ ଉପର ବାଟେ ଉତ୍ତର ଆଡ଼କୁ ଉଡ଼ି ଚାଲିଗଲେ । ତାଙ୍କର ପକ୍ଷଚାଳନାର କ୍ଷଣିକ ଶବ୍ଦ ମନରେ କ୍ଷଣକାଳ ପାଇଁ ଗୋଟାଏ ଅନନ୍ଦଚଞ୍ଚଳତା ଜଗାଇ ଦେଇଗଲା ।

ପଦା ଆଡ଼କୁ ଚାହିଁଲି । ଚାରି ପାଞ୍ଚୋଟି ଗୋରୁ ଦିନଯାକର ଚରି ସାରି ପାକୁଳି କରି କରି ଅଳ୍ପ ଦୂରରେ ମନ୍ଥର ଗତିରେ ଘର ଆଡ଼କୁ ବାହୁଡ଼ୁଥିଲେ । ପଛରେ ଗଉଡ଼ ନାହିଁ କି କେହି ନାହିଁ । ବେଶ୍ ଜାଣିଲା ଶୁଣିଲା ଜୀବପରି କାହାରି ପରିଚାଳନା ଉପରେ ନିର୍ଭର ନ କରି ଦାର୍ଶନିକ ଗାମ୍ଭୀର୍ଯ୍ୟରେ ବାହୁଡ଼ୁଥିଲେ । ପଦା ଉପରେ ଆଉ ବିଶେଷ କିଛି ଦିଶୁ ନ ଥିଲା । ଗୋଟିଏ ଯୋଡ଼ିଏ ଲୋକ କିଛି ଦୂରରେ ସନ୍ଧ୍ୟାନ୍ଧକାରରେ ଗୋଟିଏ ଗୋଟିଏ ଛାୟା-ମୂର୍ତ୍ତି ପରି ଦିଶୁଥାନ୍ତି । ଧୂଆଁପତରର କ୍ଷେତ ଚାରିଆଡ଼େ । ବହୁତ ଦୂରରେ ଗୋଟିଏ ଅସ୍ପଷ୍ଟ ସାନ କୁଡ଼ିଆ ଉପରୁ ଧୂଆଁ ସର୍ପିଳ ଗତିରେ ଉପରର ଆକାଶ ଆଡ଼କୁ ଉଠୁଥିଲା ।

ଅନ୍ଧକାର କ୍ରମେ ଗାଢ଼ତର ହୋଇଆସିଲା । ପଦା ମଧ୍ୟରେ ଏବଂ ଅନ୍ଧାର ଦୂରରେ, ବୋଧହୁଏ ନଈ ଆର ପାରିରେ, ଗୋଟିଏ ଯୋଡ଼ିଏ ଆଲୁଅ ଜଳିଉଠିଲା । ସେ ଘନ ଅନ୍ଧାର ଭେଦକରି ଦୃଷ୍ଟି ଆଉ ଅଗ୍ରସର ହୋଇ ପାରିଲା ନାହିଁ; ନିକଟରେ ବସ୍ତୁ ପ୍ରତି ଫେରି ଆସିଲା । ଦେଖିଲି, ଚାରିଆଡ଼େ ଅଗଣ୍ୟ ସମାଧି—କେତେକ ନୂଆ, କେତେକ ପୁରୁଣା ଏବଂ କେତେ ପୁଣି ଏତେ ପୁରୁଣା ଯେ ଭାଙ୍ଗି ମାଟି ସହିତ ସାମିଲ ହୋଇଯିବାର ଉପକ୍ରମ ହେଲାଣି । ଉତ୍କଳର କୃତୀ ପୁତ୍ର କେତେ ଜଣଙ୍କର ସମାଧି ଉଚ୍ଚ ମଥାଟେକି

* ସଙ୍ଗୃହୀତ



Digitized by srujanika@gmail.com

ସେହିପରି ଅସ୍ପୃଷ୍ଟ ସୌନ୍ଦର୍ଯ୍ୟରେ ଠିଆ ହୋଇ ରହିଛି । ଭାବିଲି, ଏହି ଆମ ଦେଶର **Westminister Abbey** ର **Poets' Corner**! ଏହି ସତୀଚୌରା ଶ୍ମଶାନ! ଏହିଠାରେହିଁ ଆମ ଦେଶର ଶ୍ରେଷ୍ଠ ମାନବଙ୍କର ପବିତ୍ର କାୟା ମାଟିରେ ମିଶିଛି ଏବଂ ଭବିଷ୍ୟତରେ କେତେ ମଧ୍ୟ ମିଶିବ !

ମନ ଶଙ୍କାକ୍ରାନ୍ତ ହୋଇଉଠିଲା । ନିଜକୁ ପଚାରିଲି, ଏ ସ୍ଥାନକୁ ସତୀଚୌରା କାହିଁକି କହନ୍ତି ? କେଉଁ ସତୀ ଏଠାରେ ସ୍ୱାମୀଙ୍କ ସହିତ ସହମରଣରେ ଯାଇଥିଲେ ? କେଉଁ ଯୁଗର କଥା ସେ ? କେତେ ସତୀ ତ ସେ ସମୟରେ ଏହିପରି କାମ୍ୟ ମୃତ୍ୟୁ ବରଣ କରି ନେଇଥିବେ, କିନ୍ତୁ ଜଣକ ନାଁରେ ସ୍ଥାନଟି ଅମର ପ୍ରସିଦ୍ଧି ଲାଭ କଲା କାହିଁକି ? କି ଅସାଧାରଣତା ଥିଲା ତାଙ୍କ ମୃତ୍ୟୁରେ, ଯାହା ଯୋଗୁଁ କାଳର ଏତେ ପରିବର୍ତ୍ତନ ସତ୍ତ୍ୱେ ସ୍ଥାନର ନାମଟି ତାଙ୍କର ସ୍ମୃତି ବହନ କରି ଆସିଛି ? କିମ୍ବା ସେ କାଳର ସବୁ ସତୀଙ୍କର ମରଣଚିତା ଏହିଠାରେ ରଚିତ ହେଉଥିଲା ? କେ ଜାଣି, କିଣ !

କୌଣସି ପ୍ରଶ୍ନର ଉତ୍ତର ନାହିଁ, ଅଥଚ ପ୍ରଶ୍ନଗୁଡ଼ିକ ଭିଡ଼ାଭିଡ଼ି ଠେଲାଠେଲି କରି ଗୋଟିଏ ପରେ ଗୋଟିଏ ବାହାରି ଆସିବାକୁ ଲାଗିଲେ । ମନ ବର୍ତ୍ତମାନର ଆବେଷ୍ଟନୀ ପରିତ୍ୟାଗ କରି କଳ୍ପନା-ରଥରେ ଚଢ଼ି ଅତୀତ ଆଡ଼କୁ ଆଗେଇ ଯିବାକୁ ଲାଗିଲା । ଚାହୁଁ ଚାହୁଁ ଆଖି ଆଗରୁ ରହସ୍ୟ-ଲୋକର ପରଦାଟିଏ ଯେପରି ହଠାତ୍ ଖସିଗଲା ! ଯାହା ଦେଖିଲି, ତାହା ଅପୂର୍ବ—ସୁନ୍ଦର ! ସନ୍ଧ୍ୟାର ଛାଇ-ଅନ୍ଧାରରେ ଅସ୍ପଷ୍ଟ ସେ ଦିଗନ୍ତ ବିସ୍ତୃତ ପଟା ଆଉ ନାହିଁ କିମ୍ବା ମୁଁ ଯେଉଁ ପଥର ଉପରେ ବସିଥିଲି ତାହା ମଧ୍ୟ ନାହିଁ । ବରଂ ମନେହେଲା ମୁଁ ଯେପରି ମରକତ କେଶରୀଙ୍କ ନବ ନିର୍ମିତ ସୁଦୃଢ଼ ବନ୍ଧ ଉପରେ ବସିଛି । ମୋହରି ପାଦତଳେ ପୂର୍ଣ୍ଣା କାଠଯୋଡ଼ି ତାହାର ଉଚ୍ଛ୍ୱଳ ଜଳ ପ୍ରବାହ ଘେନି କଳ କଳ ଧ୍ୱନିରେ ବୋହିଯାଉଛି । କେତେ ଦେଶ ବିଦେଶର ବୋଇତ ତହିଁରେ ! ପ୍ରତି ବୋଇତରେ ଆଲୁଅ ଜଳୁଛି । କାଠଯୋଡ଼ିର ବୁକୁ ଉପରେ ଯେପରି କି ଦୀପାବଳୀ ଅମାବାସ୍ୟାର ଉତ୍ସବ ଲାଗିଛି ।

କୌଣସି କୌଣସି ବୋଇତରୁ ଭାସି ଆସୁଛି ନାଉରୀର ଉଚ୍ଛ୍ୱସିତ ଗୀତ । ଡାହାଣ ପଟରେ କିଛି ଦୂରରେ, ବାରବାଟୀ ଦୁର୍ଗ ଚୂଡ଼ାର ଆଲୋକ ବିନ୍ଦୁ ଗୁଡ଼ାପଟର ଘନାନ୍ଧକାରରେ ଲଲାଟରେ ଜୟନ୍ତୀକା ପରି ଶୋଭା ପାଉଛି । ପଶ୍ଚାତରୁ ଭାସି ଆସୁଛି, ସମୃଦ୍ଧ ନଗରର କଳକୋଳାହଳ ।

ଗୋଟିଏ ଘାଟ ମୋର ଅଦୂରରେ । ମସୃଣ ନାଲି ପଥରରେ ତିଆରି ତାହାର ପାହାଚଗୁଡ଼ିକ । ଗୋଟିକ ପରେ ଗୋଟିଏ ବନ୍ଧ ଉପରୁ କାଠଯୋଡ଼ି ଭିତରକୁ ଓହ୍ଲାଇ ଯାଇଛି । ବନ୍ୟା ସମୟରେ ତହିଁରୁ ଅନେକଗୁଡ଼ିଏ ପାଣି ଭିତରେ ବୁଡ଼ି ରହେ । ସଦ୍ୟ ବନ୍ଦିନୀ କାଠଯୋଡ଼ି ଏ ନୂଆ ଶୃଙ୍ଖଳରେ ଅଭ୍ୟସ୍ତ ହୋଇ ନାହିଁ ; ସୋପାନ ପରେ ସୋପାନ ଅତିକ୍ରମ କରି ଆର ପଟକୁ ଉଚ୍ଛୁଳି ପଡ଼ିବାକୁ ଇଚ୍ଛା କରେ । କିନ୍ତୁ ରାଜା ମରକତଙ୍କ ଶାସନ ଭଳି କଡ଼ା ଶାସନ, ପାରେ ନାହିଁ ତାକୁ ଅତିକ୍ରମ କରିବାକୁ ! ଗର୍ଜି ଉଠି, ବନ୍ଧକୁ ସହସ୍ର ଧକ୍କା ମାରି ବୋହି ଯିବାକୁ ଲାଗେ । ବନ୍ଧ ବି ଟିକିଏ ହେଲେ ଡରେ ନାହିଁ ତାହାର ଏ ନିଷ୍ଫଳ ଆସ୍ଫାଳନକୁ । ଆପଣା ଶକ୍ତିର ଦୃଢ଼ତାଜ୍ଞାନରେ ଠିଆ ହୋଇ ରହେ ସେହିପରି ଅଟଳ ଅଚଳ ଭାବରେ ।

କୌଣସି ପାହାଚରେ କାଠଯୋଡ଼ି ଅଜାଡ଼ିଏ ଶୀତଳ ଲେପି ଦେଇ ପାରି ନାହିଁ । ପ୍ରତି ପଥରଟି ନୂଆ ଦାଉ ଦାଉ କରୁଛି । ପୌରାଙ୍ଗନାମାନଙ୍କର ସେ ଘାଟ । ରାଜାଙ୍କର ମନା, ପୁରୁଷ କେହି ସେଠି ପାଦ ପକାଇ ପାରିବେ ନାହିଁ । ସନ୍ଧ୍ୟା ଓ ପ୍ରତ୍ୟୁଷରେ ଅଗଣ୍ୟ ସୁନ୍ଦରୀଙ୍କ ହାଟ ବସେ ସେଠି । ଶୂନ୍ୟ କଳସୀ ଧରି କେତେ ଆସନ୍ତି ସେଠାକୁ ; କେତେ ବି ନୂପୁର-କିଙ୍କିଣୀ ଶବ୍ଦରେ ଘାଟଟିକୁ ମୁଖରିତ କରି, ବଙ୍କ କ୍ଷୀଣ କଟୀ ଉପରେ ପୂର୍ଣ୍ଣ କଳଶୀଟି ଧରି, ଘାଟର ପଥର ଦେହରେ ସିକ୍ତ ପଦ ରେଖା ଅଙ୍କି ଦେଇ, ମରାଳ ଗମନରେ ଧୀରେ ଧୀରେ ଚାଲି ଯାଆନ୍ତି ନିଜ ନିଜ ଗୃହ ଆଡ଼େ । କେହି କେହି ଅବା ଜଳରେ ଅବଶ ବୁଡ଼ି ବସି ସଖୀ ସଙ୍ଗୀନୀଙ୍କ ସହିତ ହାସ୍ୟାଳାପରେ ରତ ରହେ, କାଠଯୋଡ଼ିର ସ୍ରୋତ ତାହାର ସ୍ଖଳିତ ଅଞ୍ଚଳ ସହିତ କ୍ରୀଡ଼ା ଆରମ୍ଭ କରିଦିଏ ।

ସେ ସନ୍ଧ୍ୟାରେ ବି ସୁନ୍ଦରୀଙ୍କ ଅଭାବ ନ ଥିଲା ଘାଟ ଉପରେ । ତାଙ୍କର ଅଳଙ୍କାରର ରୁଣୁଝୁଣୁ ଓ ନଦୀର କଳଧ୍ୱନି ସହିତ କଳହାସ୍ୟ ମିଶ୍ରିତ ହୋଇ ମୋ କର୍ଣ୍ଣରେ ଏକ ଅପୂର୍ବ ସଙ୍ଗୀତ ସୃଜନ କରୁଥିଲା । ଅନ୍ଧକାରର ଘନ ଆବରଣ ମୋତେ ରାଜାଦେଶ ଲଙ୍ଘନ-ଶାସ୍ତିରୁ ରକ୍ଷା କରିଥିଲା । ସେହିଠାରେ ବସି ମୁଁ ସବୁ ଶୁଣୁ ଥିଲି । ମନେ ହେଉଥିଲା ପ୍ରତି କଣ୍ଠ-ସ୍ୱର ସହିତ ମୋର ଯେପରି କି ଗୋଟାଏ ଅସ୍ପଷ୍ଟ ପରିଚୟ ଅଛି ; ଯେପରି କି କେଉଁ ବିସ୍ମୃତ ପୂର୍ବ ଜନ୍ମର ସଖୀ ସଙ୍ଗିନୀ ସେମାନେ ମୋର ! ଜୀବନର କେତେ ଅଶ୍ରୁ ହାସ୍ୟ ମଧ୍ୟରେ ତାଙ୍କ ସହିତ ମୋର ନିବିଡ଼ ସମ୍ବନ୍ଧ ଥିଲା । କିନ୍ତୁ କାଳର ଦାଉରେ ସେ ସମ୍ବନ୍ଧ ଛିନ୍ନ ହୋଇ ସୁଦ୍ଧା ସମ୍ପୂର୍ଣ୍ଣ ଲୋପ ପାଇ ନାହିଁ । ତାହାରି ଅସ୍ପଷ୍ଟ ସ୍ମୃତି ମନର ତାରରେ କ୍ଷୀଣ ଝଙ୍କାର ଜାଗରିତ କରୁଥିଲା କିନ୍ତୁ ପରକ୍ଷଣରେ ତାହା ଆପେ ଆପେ ଲୀନ ହୋଇ ଯାଉଥିଲା ।

ହସି ହସି ସେମାନେ କଥାଭାଷା ହେଉଥିଲେ ନିଜ ନିଜ ମଧ୍ୟରେ । ନିଜ ନିଜ ସରଳ ନିରାଡ଼ମ୍ବର ଜୀବନର ସୁଖ ଦୁଃଖର କଥା । କଳି ନାହିଁ, ଈର୍ଷା ନାହିଁ, ପର-ଚର୍ଚ୍ଚା ନାହିଁ ତହିଁରେ । ସହଜ, ସ୍ୱଚ୍ଛନ୍ଦ ଗତି, ଅଭାବଶୂନ୍ୟ, ସୁଖମୟ ଜୀବନର ପ୍ରତିଧ୍ୱନୀ ତାଙ୍କ ପ୍ରତି କଥାରେ । ସମବେଦନା ଅଛି, ହିଂସା ନାହିଁ ; ରସିକତା ଅଛି, ବ୍ୟଙ୍ଗର କଣ୍ଟକ ନାହିଁ ।

ଜଣେ କହିଲା, "ବାଉଳି, ରାତି ଆସି ପହଞ୍ଚେ ହେଲାଣି ; ଚାଲ, ଯିବା ଏଥର !"

"ହଁ ଯିବା ତ, ଏତେ ତରତର କିଆଁ ? ହଁ, କଣ କହୁଥିଲୁ —କହୁ କହୁ ଭୁଲି ହୋଇଗଲୁ କାହିଁକି ମ ? ତୋର ସେ କେବେ ଆସିବେ କହିଲୁ ?" "ଯେବେ ଆସନ୍ତୁ ସେ ; ତୁ ସେ କଥା

ଜାଣିବାକୁ ଏମିତ ଉଚ୍ଛନ୍ନ କାହିଁକି ହେଉଛୁ ? ସିଅଡ଼କି ତୋ' ଆଖି କାହିଁକି ଏତେ ଧାଉଁଛି ମ ? ଭିଗ ପାଇବାର ଆଶା କରୁଛୁ କି ? ସେ ଗୁଡ଼ରେ ବାଲି" ।

ଏହାର ଉତ୍ତର କଣ ଆସିଲା କେ ଜାଣି ; ସମସ୍ତେ ଠୋ ଠୋ ହସିଉଠିଲେ । କଲ ହାସ୍ୟରେ ସନ୍ଧ୍ୟାକାଶ କିଛି କ୍ଷଣ ଯାଏ ମୁଖର ହୋଇଉଠିଲା । ଅଳ୍ପ କ୍ଷଣ ପରେ ଯୋଡ଼ଏ ଛାୟାମୂର୍ତ୍ତି ନଗରାଭିମୁଖରେ ଧୀରେ ଧୀରେ ଗତି କରିବାକୁ ଲାଗିଲେ । ତାଙ୍କର ଶେଷ କଥା କେତୋଟି କାନରେ ଆସି ବାଜିଲା ।

"ପରିବୃଦ୍ଧିଥିଲ୍ସ ପରା ଲୋକ ଆସିବା କଥା ? ସେ ବୋଧହୁଏ କାଲି ଆସିବେ ।"

"କେମିତି ଜାଣିଲୁ ସେ କାଲି ଆସିବେ ବୋଲି ?"

"ଲଢ଼େଇ ଲୁଅଁକେ ସରିଲାଣି ବୋଲି ଜଣେ ଆଜ କହୁଥିଲା । ଯେଉଁମାନେ ସେଠିକି ଯାଇଥିଲେ ତାଙ୍କ ମଧ୍ୟରୁ କେହି କେହି ବାହୁଡ଼ି ଆସିଲେଣି । ଲଢ଼େଇ ଯଦି ସରିଥାଏ, ତା'ହେଲେ ସେ କଣ ଆଉ ସେଠି ଦିନଟିଏ ହେଲେ ରହିବେ ?"

ଆଉ କିଛି ଶୁଭିଲା ନାହିଁ । ଛାୟାମୂର୍ତ୍ତି ଯୋଡ଼ିକ କ୍ରମେ ଅନ୍ଧକାରରେ ମିଶିଗଲେ । ତାଙ୍କର ଝୁଣ୍ଟିଆର ଗୁଞ୍ଜନଧ୍ୱନି ମଧ୍ୟ କ୍ରମେ କ୍ରମେ ଅସ୍ପଷ୍ଟ ହୋଇଆସିଲା ।

ରାତି କ୍ରମେ ବଢ଼ିବାକୁ ଲାଗିଲା । ପଶ୍ଚିମ ଦିଗନ୍ତର ଅନତି ଦୂରରୁ ଅନ୍ଧୋନ୍ମୁଖ ସନ୍ଧ୍ୟା-ତାରା ଓଙ୍କାଇ ଆସିଲା । ଘାଟ କ୍ରମେ ନିର୍ଜନ ହୋଇ ଉଠିଲା । ନଦୀ-ବକ୍ଷ ପ୍ରାୟ ଅନ୍ଧକାର । ଖାଲି ଗୋଟିଏ ଯୋଡ଼ଏ ନୌକାରୁ ଅଳ୍ପ ଆଲୁଅ ଦିଶି ନ ଥାଏ । ଧ୍ୟାନମଗ୍ନା ତପସ୍ୱିନୀ ପରି ରାତି ନୀରବ, ନିଶ୍ଚଳ ! ସେ ଗମ୍ଭୀର ନିସ୍ତବ୍ଧତା ଭଙ୍ଗ କରୁଥିଲା ବନ୍ଧନୀ କାଠଯୋଡ଼ର ଘାଟ-ସୋପାନ ଉପରେ ନିଷ୍ଫଳ ଆକ୍ରୋଶ; ବେଳେ ବେଳେ ବଣାଚର ପକ୍ଷୀର ପକ୍ଷସଞ୍ଚାଳନର ଶବ୍ଦ ଏବଂ ଦୂର ରାଜପ୍ରାସାଦର ପ୍ରହର ଘଣ୍ଟାଧ୍ୱନି ।

ଅନ୍ଧକାରରେ ଆତ୍ମ ଗୋପନ କରି ମୁଁ ସେହିପରି ବସିଥାଏଁ । ଗୁହାଅଡ଼େ ରାତିର ମହା ମୌନ ଉଦାର ବିସ୍ତାର ମତେ ଆଚ୍ଛନ୍ନ କରି ପକାଉଥାଏ । ଘରର କଥା, ଇନ୍ଦ୍ରାମଗ୍ନ ନଗରର ପ୍ରାନ୍ତ ସୀମାରେ ମୋର ରାଜଦତ୍ତ କୁଟୀରର କଥା, ପ୍ରତୀକ୍ଷମାଣା ଇନ୍ଦ୍ରାଳସା ପ୍ରେୟସୀର ମୁଖଚ୍ଛବି, ଧୂପରେଣୁରଞ୍ଜିତ ଗଣ୍ଡ ଦ୍ୱୟର, ଅଗୁରୁ-ସୁବାସିତ କେଶପାଶର ସୌରଭ, ଶୟ୍ୟାଗୃହର ସ୍ତିମିତ ପ୍ରଦୀପ, ଗଜଦନ୍ତ ପଲଙ୍କ ଉପରେ ମସୃଣ କୋମଳ ଶଯ୍ୟା, ଉପାଧାନ ପାର୍ଶ୍ୱରେ ସପତ୍ରଲେପିତ ମଲ୍ଲିକାର ମାଳ ଓ ଚନ୍ଦନତାମ୍ବୂଳର ପାନ ଏବଂ ଶୟ୍ୟାସନ୍ନିହିତ ବାତାୟନର ଅପର ପାର୍ଶ୍ୱରେ ପ୍ରସ୍ଫୁଟିତ ରଜନୀଗନ୍ଧାର ମଧୁର ସୌରଭ ମୋତେ ବାରମ୍ବାର ଆସନ ଛାଡ଼ ଉଠିବାକୁ ଆହ୍ୱାନ କରୁଥାଏ; କିନ୍ତୁ ତାମସୀ ରାତିର ସେହି ବର୍ଣ୍ଣହୀନ ମୌନ ଅନ୍ଧକାର ମଧ୍ୟରେ କି କୁହୁକ ଥିଲା କେଜାଣି, ମୁଁ ଯିବ ଯିବ ହୋଇ ମଧ୍ୟ ଉଠି ପାରୁ ନ ଥିଲି । ଦିନର ଆଲୋକ ବସ୍ତୁର ବିଭେଦ ସୃଷ୍ଟି କରେ କିନ୍ତୁ ରାତିର ଅନ୍ଧକାର ଗୁଡିଅଡ଼େ କରେ ମହାଐକ୍ୟର ସ୍ଥାପନା । ମୁଁ ତାହାରି ମଧ୍ୟରେ ମୋର ନିଜର ସତ୍ତା ପାସୋରି ଦେଇ ବସିଥିଲି ; ମନେ ହେଉଥିଲା ମୋର ନିଜର ଯେପରି କିଛି ନାହିଁ, ପରିବେଷ୍ଟନୀ ମଧ୍ୟରେ ମୁଁ ଯେପରିକି ବିଲୀନ ।


ହଠାତ୍ ଚମକି ଉଠିଲି । କାନରେ ଆସି ବାଜିଲା ଗୋଟିଏ ମୃଦୁ ପଦଧ୍ୱନି । ଭାବିଲି, ଏତେ ରାତିରେ କିଏ ଆସିଲା ଏ ନିର୍ଜନ ନଈ କୂଳକୁ ! ଶବ୍ଦ ଅନୁସରଣ କରି ଅନ୍ଧକାର ମଧ୍ୟରେ ତୀକ୍ଷ୍ଣ ଦୃଷ୍ଟି ସଞ୍ଚାରଣ କଲି ; ବିଶେଷ କିଛି ଦିଶିଲା ନାହିଁ । ଶବ୍ଦ କ୍ରମେ ମୋହରି ଆଡ଼କୁ ପାଖେଇ ଆସିବାକୁ ଲାଗିଲା ଏବଂ ତାହା ସଙ୍ଗେ ସଙ୍ଗେ ଆଭରଣର ଅତି ଅସ୍ପଷ୍ଟ ଗୁଞ୍ଜନ ଥରେ ଦି'ଥର କାନରେ ଆସି ବାଜିଲା । ବୁଝିଲି କୌଣସି ରମଣୀ, କିନ୍ତୁ ଏତେ ରାତିରେ ଏଠାରେ କାହିଁକି ? ଅଭିସାରିକା ନୁହେ ତ ? ଯା' ହେଉ ସେ ସ୍ଥାନରେ ଆଉ ବସି ରହିବା ନିରାପଦ ନୁହେ ମନେ କରି ଧୀରେ ଧୀରେ ଅନ୍ଧକାର ମଧ୍ୟରେ କିଛି ଦୂରକୁ ଘୁଞ୍ଚିଗଲି ।

ଅନୁମାନ ସତ୍ୟ । ରମଣୀ ଆସି ମୋହରି ପୂର୍ବ ବସିବା ସ୍ଥାନରେ ଠିଆ ହୋଇ ଗୋଟିଏ ଅନୁଚ୍ଚ ଶବ୍ଦ କଲା ଏବଂ ଅଳ୍ପକାଳ ପରେ ନିକଟର ଅଶ୍ୱତ୍ଥ ବୃକ୍ଷ ଅନ୍ତରାଳରୁ ଗୋଟିଏ ପୁରୁଷ ମୂର୍ତ୍ତି ଆସି ତାହା ସହିତ ମିଳିତ ହେଲା । ଉଭୟେ ପରସ୍ପରର ବାହୁ-ବେଷ୍ଟନୀ ମଧ୍ୟରେ ଆବଦ୍ଧ ହୋଇ ବନ୍ଧ ଉପରେ ଯାଇ ବସିଲେ । କେତେ ଉଦ୍‌ବେଗ, କେତେ ଅଧୈର୍ଯ୍ୟ ପ୍ରତୀକ୍ଷା, କେତେ ପ୍ରତିବନ୍ଧକ ଅତିକ୍ରମଣ, କେତେ କଳ୍ପସ୍ୱର୍ଗ ରଚନା ପରେ ବାଞ୍ଛିତ ମିଳନର ଦୁର୍ଲଭ ସୁଯୋଗ ! ଅପୂର୍ବ ସୁନ୍ଦର ଲାଗିଲା ସେ ଦୃଶ୍ୟ । କିଏ ସେମାନେ, ଏ କୌତୂହଳ ମନରେ ଜାଗିଲା ନାହିଁ ; କେବଳ ଏତିକି ଭାବିଲି, ସୃଷ୍ଟିର ଆଦି କାଳରୁ ଯେଉଁ କୁହୁକ ନରନାରୀଙ୍କୁ ପରସ୍ପର ପ୍ରତି ଆକର୍ଷଣ କରି ଆସିଛି, ଏ ଦୃଶ୍ୟ ତାହାର ଗୋଟିଏ ଛବି ! ଧୀରେ ଧୀରେ ନିଃଶବ୍ଦ ପାଦ-ବିକ୍ଷେପରେ ସ୍ଥାନ ତ୍ୟାଗ କରି ଗୃହଲି ନିଜ ଗୃହ ଆଡ଼େ । ଢଂ ଢଂ କରି ରାଜପ୍ରାସାଦର ପ୍ରହରୀ ଘଣ୍ଟା ବାଜିବାକୁ ଲାଗିଲା ; ଅନ୍ୟମନସ୍କ ଥିଲି, କେତୋଟା ବାଜିଲା ଗଣି ନାହିଁ ।

ପର ଦିନ ଅପରାହ୍ନ । ପୂର୍ବ ସ୍ଥାନଟିରେ ସେହିପରି ବସିଛି । ସୂର୍ଯ୍ୟାସ୍ତ ହୋଇ ନାହିଁ··· ··· ···କିନ୍ତୁ ହେବାର ମଧ୍ୟ ଅଧିକ ବିଳମ୍ବ ନାହିଁ । ପଶ୍ଚିମ ଦିଗନ୍ତର ଗିରି ରେଖାର ଅଳ୍ପ ଉପରେ ସୂର୍ଯ୍ୟ ; ମନେ ହେଉଛି, ଗିରିଚୂଡ଼ା ଉପରେ ଠିଆ ହୋଇ ହାତ ବଢ଼ାଇଲେ ହାତ ପାଇବ ପରି । ସୁନେଲି କିରଣରେ କାଠଯୋଡ଼ର ସାନ ସାନ ତେଉଗୁଡ଼ିକ ଜକ ଜକ ଦିଶୁଛି । ଗୋଟିଏ ନୌକା ନରାଜ ପାହାଡ଼ ଆଡ଼କୁ ଉଜାଣି ଗୃହଛି ; ମନେ ହେଉଛି, ଏ ସୁନାସାଗର ସନ୍ତରଣ କରି ସେ ଯେପରି ଗୃଲିଛି କେଉଁ ସ୍ୱପ୍ନପୁରୀ ଆଡ଼େ । ଆଜି ନଦୀତୀର ସେତେ ନିର୍ଜନ ନୁହେ । ମୋ' ବସିବା ସ୍ଥାନରୁ ଅଳ୍ପ ଦୂରରେ ଗୋଟିଏ ଅଶ୍ୱତ୍ଥ ତଳେ ଗୁଡ଼ଏ ଲୋକ ରୁଣ୍ଡ ହୋଇ ଗୋଟିଏ ସ୍ଥାନରେ କେତେ ଗୁଡ଼ାକ କାଠ ସଜାଡୁଛନ୍ତି । ପ୍ରଥମେ ସେମାନେ ମୋର କୌତୂହଳ ସେତେ ଆକର୍ଷଣ କରି ନ ଥିଲେ । ଏ ଦୁନିଆରେ କେତେ ଲୋକର କେତେ ପ୍ରକାରର ପ୍ରୟୋଜନ-ମୋର କି ଦରକାର କିଏ କେଉଁଠି କଣ କଲା, ଏଥିଲାଗି ମନ



Digitized by srujanika@gmail.com



ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍

ଗୋ-ଦୋହନ
ଶିଳ୍ପୀ—ଶ୍ରୀ ଗୋପାଳଚନ୍ଦ୍ର କାନୁନ୍‌ଗୋ

Digitized by srujanika@gmail.com

ଉଚ୍ଛନ୍ନ କରବା ? ଏହା ଭାବ ସିଆଡ଼େ ମନ ନ ଦେଇ, ଦେଖୁଥିଲି ସୂର୍ଯ୍ୟାସ୍ତର ସ୍ୱର୍ଣ୍ଣ-ବେହରଣ । କିନ୍ତୁ ଜନତା କ୍ରମେ ସେଠାରେ ବଢ଼ିବାକୁ ଲଗିଲା ଏବଂ ନାନା କଣ୍ଠର ମିଶ୍ରିତ ଧ୍ୱନି ବାଧ୍ୟ କଲା ସେ ଆଡ଼େ ଗୃହିବାକୁ । ଅଳ୍ପ ଦୂରରେ ଠିଆ ହୋଇଥିବା ଗୋଟିଏ ଲୋକକୁ ଡାକି ପଚାରିଲି, "କଣ ହଉଛି କି ସେଠି ?" ଲୋକଟି କିଛି ବିସ୍ମିତ ହୋଇ କହିଲା, "ଜାଣି ନାହିଁ ? ସେଠି ପରା ଗୋଟିଏ ସତୀ ଦାହ ହେବ ବୋଲି ଚିତା ସଜା ହେଉଛି ।" ମୋର ବିସ୍ମୟ ଓ କୌତୂହଳ ଯୁଗପତ୍ ବଢ଼ିଲା । ପଚାରିଲି. "କେଉଁ ସତୀ ? କାହାର ସ୍ତ୍ରୀ ସେ ?"

"କେ ଜାଣି, ନାଁ ଜାଣେ ନାହିଁ ; ତେବେ ଶୁଣିଛି, କେଉଁ ପାଇକର ସ୍ତ୍ରୀ ସେ । ପୂର୍ବ ସୀମାରେ ଲଢ଼େଇ କଥା ଶୁଣିଥିବ ନିଶ୍ଚୟ । ଲଢ଼େଇ ତ ସରିଲାଣି—ପାଇକଟି ଲଢ଼େଇରେ ଆହତ ହୋଇ ଘରକୁ ଲେଉଟୁଥିଲା କିନ୍ତୁ ଏମିତି କପାଳ ତାର, ଘରେ ପହଞ୍ଚି ପାରିଲା ନାହିଁ । ବିରୂପା କୂଳରେ ତାର ପ୍ରାଣ ଗଲା । ଆଜି ଦିନ ପହରେ ବେଳକୁ ତାର କେତେ ଜଣ ସାଙ୍ଗ ଶବକୁ ଆଣି ଘରେ ପହଞ୍ଚାଇଲେ । ଆହା, ବଡ଼ ହତଭାଗିନୀ ତାହାର ସ୍ତ୍ରୀ ! ମୋଟେ ବରଷେ ହେଲା ବୁଆଡ଼େ ଗେରସ୍ତ-ଘର କରି ଆସିଥିଲା ! ଦଇବ ଦାଉ, କାହାର ଚାରା ଅଛି !"

ମୁଁ ଆଉ କିଛି ପଚାରି ପାରିଲି ନାହିଁ, ପଚାରିବାର ପ୍ରବୃତ୍ତି ମଧ୍ୟ ହେଲା ନାହିଁ । ଲୋକଟି ଦୁଃଖ କରୁ କରୁ ଚାଲିଗଲା । ମନଟା ଗୋଟାଏ ଅବ୍ୟକ୍ତ ଦୁଃଖରେ ହାହାକାର କରି ଉଠିଲା । ସୂର୍ଯ୍ୟ ସେତେବେଳକୁ ଅସ୍ତ ଗଲେଣି । ଜଳ, ସ୍ଥଳ, ଆକାଶ, ଚାରିଆଡ଼େ ଫଗୁ-ଖେଳ ଚାଲିଛି, କିନ୍ତୁ କିଛି ମୋତେ ସ୍ପର୍ଶ ଲାଗିଲା ନାହିଁ । ଚାରିଆଡ଼ ଗୋଟାଏ ଗାଢ଼ ବିଷାଦର ଛାୟାରେ ଆଚ୍ଛନ୍ନ ହୋଇଗଲା । ଭାବିଲି, ଅସହାୟ ମନୁଷ୍ୟ ଉପରେ, ବେଳେ ବେଳେ ଏହି ରୂଢ଼ ଆଘାତ କରି କି ନିଷ୍ଠୁର ଆନନ୍ଦ ଲାଭ କରେ ବିଧାତା ? ଟିକି ଟିକି କରି ଭାଙ୍ଗି ଦବାହିଁ ଯଦି ଶେଷ ଲକ୍ଷ୍ୟ, ତା'ହେଲେ ଏତେ ସୁନ୍ଦର କରି କାହିଁ ପାଇଁ ଜୀବନର ଏହି ଇନ୍ଦ୍ରଧନୁ ରଚନାର ପୁଣି ଆୟୋଜନ ? କି ନିଷ୍ଠୁର ନିୟତିଖେଳ ଏ !

ଆଉ ବସି ହେଲା ନାହିଁ । ଧୀରେ ଧୀରେ ଚିତା ପାଖକୁ ଗଲି । ଶବକୁ ସେତେବେଳକୁ ଚିତା ଉପରେ ଶୁଆଇ ଦିଆ ହେଲାଣି । ଦେଖିଲି, ଜଣେ ବ୍ରାହ୍ମଣ କଣ ମନ୍ତ୍ର ପାଠ କରୁଛନ୍ତି । ଅଦୂରରେ କେତେ ଜଣ ସ୍ତ୍ରୀ ଲୋକ ଠିଆ ହୋଇଛନ୍ତି—ସମସ୍ତେ କାନ୍ଦୁଛନ୍ତି । ଜଣେ କେବଳ କାନ୍ଦୁ ନ ଥିଲେ ! ଲଲାଟ ତାଙ୍କର ଚନ୍ଦନଚର୍ଚ୍ଚିତ ; ସୀମନ୍ତର ଉଜ୍ଜ୍ୱଳ ସିନ୍ଦୂର ରେଖା ଝଲକି ଉଠୁଥାଏ । ସର୍ବାଙ୍ଗ ଗୋଟିଏ ରକ୍ତ ପଟ୍ଟବସ୍ତ୍ରରେ ଆଚ୍ଛାଦିତ । ମୁହଁରେ ଆନନ୍ଦ ବା ଦୁଃଖର କୌଣସି ଚିହ୍ନ ନାହିଁ । ଉଦାସୀନ ଦୃଷ୍ଟି ଶୂନ୍ୟ ଆଡ଼କୁ ଚାହିଁ ରହିଥାଏ ।

ବୁଝିଲି, ସେହି ସତୀ । ଭକ୍ତି ଓ ଶ୍ରଦ୍ଧାରେ ମଥା ଆପେ ଆପେ ନତ ହୋଇଗଲା ।

ଅଳ୍ପ କ୍ଷଣ ପରେ ଚିତାରେ ଅଗ୍ନି ସଂଯୋଗ କରାହେଲା । ଚାହୁଁ ଚାହୁଁ କ୍ଷୁଧାର୍ତ୍ତ ଅଗ୍ନି ଲେଲିହରସନା ପ୍ରସାରିତ କରି, ଚିତା ଚାରିପଟରେ ବେଢ଼ି ଯାଇ ଊର୍ଦ୍ଧ୍ୱକୁ ଭୟଙ୍କର ଶିଖା ଉତ୍ତୋଳନ କରି ଜଳିବାକୁ ଲଗିଲା । ସମବେତ ଜନମଣ୍ଡଳୀ ହରିନାମ କୀର୍ତ୍ତନ କରିବାକୁ ଲଗିଲେ । ପୁରୋହିତ ତାର-ସ୍ୱରରେ ମନ୍ତ୍ର ପାଠ କରୁ କରୁ ଉପଯୁକ୍ତ ସମୟ ଉପସ୍ଥିତ ହେଲାରୁ ସତୀଙ୍କ ଆଡ଼କୁ ଚାହିଁ କଣ କହିଲେ । ଏହା ଶୁଣିଲା କ୍ଷଣି ସ୍ତ୍ରୀଲୋକମାନେ ଅଧୈର୍ଯ୍ୟ ହୋଇ କାନ୍ଦି ଉଠିଲେ କିନ୍ତୁ ସତୀ ଧୀରେ ଧୀରେ ଚିତାର ସମୀପବର୍ତ୍ତୀ ହେଲେ । ବାରମ୍ବାର ଶଙ୍ଖଧ୍ୱନି ହେବାକୁ ଲଗିଲା । ଅଗ୍ନିର ଲେଲିହାନ ଶିଖା ତାଙ୍କର ଅଞ୍ଚଳ ସ୍ପର୍ଶ କଲା । ସେ ହଠାତ୍ ପଛକୁ ମୁହଁ ଫେରାଇ କହି ଉଠିଲେ ।

"ଚାଲିଲି ବଉଳ, ଭୁଲିବୁ ନାହିଁ !"

ତାହା ପରେ ଧୀରେ ଧୀରେ ଅଗ୍ନି ମଧ୍ୟରେ ପ୍ରବେଶ କରି ସ୍ୱାମୀଙ୍କୁ ଆଲିଙ୍ଗନ କରି ବସି ରହିଲେ । ଅସହ୍ୟ ଯନ୍ତ୍ରଣାର ଚିହ୍ନ ମୁହଁରେ ଫୁଟି ଉଠିଲା କିନ୍ତୁ ଭୁଣ୍ଡରୁ କଥା ପଦଟିଏ ବାହାରିଲା ନାହିଁ ।

ମୁଁ ଆଉ ଠିଆ ହୋଇ ପାରିଲି ନାହିଁ । ଘରକୁ ଆଡ଼କୁ ଚାଲିଲି କିନ୍ତୁ ସତୀଙ୍କର ଶେଷ କଥା ଗୁଡ଼ିକ ଅନ୍ତରରେ ଧ୍ୱନିତ ହେବାକୁ ଲଗିଲା—"ଚାଲିଲି ବଉଳ, ଭୁଲିବୁ ନାହିଁ !" କାଲି ରାତିରେ ତ ଏହି ବଉଳ ଗୀତ ଶୁଣିଥିଲି ! ଏ କଣ ସେହି ? ଏତେ ଦିନ ପ୍ରିୟତମର ପଥ ଚାହିଁ ବସିବାର ପରିଣାମ କଣ ଏଇଆ ହେଲା ? ହାୟରେ ଜୀବନ ! ଆଉ ଭାବି ପାରିଲି ନାହିଁ　*　*　*

*　*　*　*　*　*　*

"କିହୋ, ଶୋଇ ସାରିଲଣି ପରା ? ଧନ୍ୟ ଏଭଳି ଉପର ନିଦ !" ଚେତନା ହେଲା । ଦେଖିଲି, ବନ୍ଧୁବର ପାର୍ଶ୍ୱରେ ଠିଆ ହୋଇଛନ୍ତି । ଠିଆ ହୋଇ, ଗୋଟାଏ ହାଇ ମାରି କହିଲି, "କଣ କହୁଥିଲ ?"

"କହୁଥିଲି କିଛି ନୁହେଁ । ଖାଲି ପଥର ଉପରେ ବସି, ଭ୍ରୂକୁଞ୍ଚିତ ପାଇଁ ଚିତାର ଉପର ଅମାନୁଷୀ ଶକ୍ତି ଦେଖି ଟିକିଏ ବିସ୍ମିତ ହେଉଥିଲି ।"

ଚାଲୁ ଚାଲୁ କହିଲି, "ମୁଁ ତ ଶୋଇ ନ ଥିଲି ।"

"ତା'ହେଲେ ମୁଁ ଯେ ଏତେବେଳ ଯାଏଁ ତମକୁ ମାଟି କରି ଡାକି ଡାକି ହାଲିଆ ହେଲିଣି, ସେ ଡାକ ଗୁଡ଼ାକ ତୁମ ଶ୍ରବଣ ବିବରରେ ପ୍ରବେଶ କଲା ନାହିଁ କାହିଁକି ?"

"ଡାକୁଥିଲ ? ହୋଇଥିବ, ମୁଁ ଶୁଣି ନାହିଁ । ମୁଁ ସ୍ୱପ୍ନ ଦେଖୁଥିଲି ।"



Digitized by srujanika@gmail.com

# କଳା ଓ ଯୁଗ

ଶ୍ରୀ ଗୋପାଳ ଚନ୍ଦ୍ର କାନୁନ୍‌ଗୋ

ବହୁ ଶତ ବର୍ଷ ପୂର୍ବେ ମନୁଷ୍ୟ ଯେତେବେଳେ ଭାଷା-ଶିଳ୍ପକୁ ପୂର୍ଣ୍ଣ ଆୟତ୍ତ କରି ପାରି ନ ଥିଲା ସେତେବେଳେ ନିଜର ମନୋଭାବକୁ ସ୍ଥାନାନ୍ତରକୁ ପ୍ରେରଣ କରିବା ପାଇଁ କିମ୍ବା କୌଣସି ଏକ ସ୍ଥାନରେ ପଦାର୍ପଣ କରିବାର ଘଟଣାକୁ ଚିରସ୍ମରଣୀୟ କରିବା ପାଇଁ ଚିତ୍ର-ଚିହ୍ନ, ଭାଷା-ଚିହ୍ନ, ଭାବ-ଲିପି, **(ideograms, phonograms** ଏବଂ **pictographs)** ପ୍ରଭୃତି ବ୍ୟବହାର କରିବାକୁ ବାଧ୍ୟ ହୋଇଥିଲା । ଭାଷା ଓ ଭାବକୁ ଚିରସ୍ଥାୟୀ ଓ ସ୍ମରଣୀୟ କରିବା ନିମନ୍ତେ ପ୍ରସ୍ତର ଦେହରେ ଏବଂ ଗୁହାଭ୍ୟନ୍ତରରେ ଯେଉଁ ସ୍ମାରକଦ୍ୱାରା ଭାବ ବ୍ୟକ୍ତ କରିବାର ପ୍ରୟାସ ସୃଷ୍ଟିହେଲା, ତାହାହିଁ ଲିପିଶିଳ୍ପ ଓ ଚିତ୍ରଶିଳ୍ପର ଆଦି କଥା । ଅତଃପର ଏହା ବିଭିନ୍ନ ଯୁଗରେ କପରି ଭାବରେ ମାର୍ଜିତ ଓ ବିକଶିତ ହେଲା—ତାହା ସ୍ୱତଃ କୌତୂହଳ ଜାଗ୍ରତ କରାଏ । ବିଂଶ ଶତାବ୍ଦୀର ପୂର୍ଣ୍ଣ ବିକଶିତ ଚିତ୍ରପଟ ଓ ବହୁ ଶତ ବର୍ଷ ପୂର୍ବର ସେହି ଭାବ-ଲିପି ମଧ୍ୟରେ ଯେଉଁ କ୍ରମବିକାଶ ଲକ୍ଷିତ ହୁଏ, ତାହାହିଁ ଯୁଗ ସହିତ କଳାର ଘନିଷ୍ଠତା ପ୍ରତିପାଦନ କରେ ।

ଏବେ ସୁଦ୍ଧା ଏହି ଚିତ୍ର-ଚିହ୍ନ ଓ ଭାବ-ଲିପି ପ୍ରଗଣା ଓ ଜିଲ୍ଲାର ନକ୍ସାରେ, ରେଲବାଇ ସମୟ-ସୂଚିକାରେ, କିମ୍ବା ଗାଇଡ୍ ପୁସ୍ତକରେ ଦେଖିବାକୁ ମିଳେ । ନକ୍ସାରେ ମନ୍ଦିରାକୃତି କ୍ରୁଶ ଚିହ୍ନଦ୍ୱାରା ଦେବାଳୟ ନିର୍ଦ୍ଦେଶ କରାଯାଇଥାଏ; ରେଖାବଦ୍ଧ ସ୍ଥାନରେ କେତେକ ଛୋଟ ଛୋଟ ସମାନ୍ତର ରେଖାଦ୍ୱାରା ପୁଷ୍କରିଣୀ ସୂଚିତ ହୋଇଥାଏ । ଟାଇମ୍-ଟେବୁଲରେ ପିଆଲାର ଚିହ୍ନଦ୍ୱାରା ରେଷ୍ଟୁରାଁ ଏବଂ ଲଫାପା ଚିହ୍ନରୁ ପୋଷ୍ଟଅଫିସ ପ୍ରଭୃତିର ସୂଚନା ମିଳିଥାଏ । ପୂର୍ବକାଳର ଲୋକେ କପରି ଏହି ଚିହ୍ନଦ୍ୱାରା ଘଟଣା ଲିପିବଦ୍ଧ କରୁଥିଲେ ତାହାର ପ୍ରମାଣ **Lake Superior** ନିକଟସ୍ଥ ଏକ ଗୁହାଗାତ୍ରରେ ଦେଖିବାକୁ ମିଳେ । ଉକ୍ତ ଚିତ୍ରରେ ୫ ଗୋଟି ନୌକା ଓ ନୌକାର ଉପରି ଭାଗରେ ଛୋଟ ଛୋଟ ଲମ୍ବରେଖା—ଏବଂ ତାହାର ସମ୍ମୁଖରେ ଗୋଟିଏ ପକ୍ଷୀଚିତ୍ର, ଉକ୍ତ ଚିତ୍ରର ଦକ୍ଷିଣ କୋଣର ନିମ୍ନଭାଗରେ ଅର୍ଦ୍ଧ ଚନ୍ଦ୍ରାକୃତି ୩ ଗୋଟି ବକ୍ରରେଖା ମଧ୍ୟରେ ତିନୋଟି ବର୍ତ୍ତୁଳାକାର ୦ ଚିହ୍ନ ଏବଂ ତନ୍ନିକଟରେ ଗୋଟିଏ କଚ୍ଛପ ।

*ନୌକାର ଉପରିଭାଗର ଲମ୍ବରେଖା ଗୁଡ଼ିକ ପ୍ରତ୍ୟେକ ନୌକାର ଆରୋହୀଙ୍କର ସଂଖ୍ୟା ନିର୍ଦ୍ଦେଶ କରୁଅଛି ଏବଂ ସମ୍ମୁଖସ୍ଥ ପକ୍ଷୀ ଶକ୍ତିଶାଳୀ ଦଳପତିର ସୂଚନା ଦେଉଅଛି । ଦକ୍ଷିଣକୋଣସ୍ଥ ବକ୍ରରେଖା ଆକାଶ ଓ ତନ୍ମଧ୍ୟସ୍ଥ ୩ଗୋଟି ବର୍ତ୍ତୁଳାକାର ୦ ଚିହ୍ନ ତିନି ଗୋଟି ସୂର୍ଯ୍ୟ ଅର୍ଥାତ୍ ୩ଦିନ ମଧ୍ୟରେ ଏହି ଜଳ-ଯାତ୍ରା ସମ୍ପୂର୍ଣ୍ଣ ହୋଇଥିବା ନିର୍ଦ୍ଦେଶ କରୁଅଛି । କଚ୍ଛପର ଚିହ୍ନଟି ନିର୍ବିଘ୍ନରେ ଭୂଭାଗ ଅବତରଣ କଥା ସ୍ପଷ୍ଟ ଇଙ୍ଗିତ କରୁଅଛି ।

ଚୀନ୍, ମିଶର ଓ ଭାରତବର୍ଷୀୟ ଲୋକେ ମନୋଗତ ଭାବ ଓ ତଦନୁଯାୟୀ କାର୍ଯ୍ୟକୁ ଅଳ୍ପ କଥାରେ ବ୍ୟକ୍ତ କରିବା ପାଇଁ ଏହି ସ୍ମାରକ ପନ୍ଥା କପରି ଅନୁସରଣ କରିଥିଲେ ତାହାର ଭୂରିଭୂରି ପ୍ରମାଣ ମିଳେ । ନଗ୍ରଜପାହାଡ଼ରୁ ଏବେ ଏଭଳି ଭାବଲିପିର ନମୁନା ମିଳିଛି । ଏବେ ମଧ୍ୟ ମୁଦ୍ରାକରମାନେ, କିମ୍ବା କୌଣସି ବିଶିଷ୍ଟ ସାହିତ୍ୟ ଓ ଶିଳ୍ପଗୋଷ୍ଠୀ ଯଥା **Oxford University Press,** ବିଶ୍ୱଭାରତୀ, ପ୍ରାଚ୍ୟକଳାସଂଘ, ସବୁଜ-ସାହିତ୍ୟ-ସମିତି ପ୍ରଭୃତି ଗୋଟିଏ ଗୋଟିଏ ପୃଥକ ସ୍ମାରକଦ୍ୱାରା ଏହିସବୁ ସଂସଦମାନଙ୍କର ଆନ୍ତରିକ ଉଦ୍ଦେଶ୍ୟ ସୂଚାଇ ଦେଇଥାନ୍ତି । କିନ୍ତୁ ସେ କାଳରେ ଲୋକେ ଯେଉଁ ଉଦ୍ଦେଶ୍ୟରେ ଏହା ବ୍ୟବହାର କରୁଥିଲେ ବର୍ତ୍ତମାନ ସେ ଉଦ୍ଦେଶ୍ୟରେ କରାଯାଉ ନ ଥିଲେହେଁ—ସ୍ମରଣ-କରାଇବାହିଁ ଉଭୟ କାଳର ସାଧାରଣ ଉଦ୍ଦେଶ୍ୟ—ଏହା ସହଜରେ ଅନୁମାନ କରାଯାଏ ।

ଏତଦ୍‌ବ୍ୟତୀତ, ଚିତା, ମୁରୁଜ, ଠା, ଘଡ଼ି ଓ ହାଣ୍ଡି ଚିତ୍ର ପ୍ରଭୃତି ଆଜି କାରୁକଳା ମଧ୍ୟରେ ପରିଗଣିତ ହେଉଥିଲେହେଁ ଏହା ସେହିପରି ଏକ ଆଲଙ୍କାରିକ ଚିହ୍ନ—ଯାହା ପୂର୍ବୋକ୍ତ ଭାବଲିପିର କ୍ରମବିକାଶ କହିଲେ ଅତ୍ୟୁକ୍ତି ହେବ ନାହିଁ । ପଲ୍ଲୀବଧୂ ଓ ବାଳିକାମାନେ ଏବେ ସୁଦ୍ଧା ଏହାକୁ ବିଭିନ୍ନ ସମୟରେ ଅଙ୍କନ କରି ନିଜ ନିଜର ସହଜାତ କଳାକୌଶଳର ସୂଚନା ଦେଇଥାନ୍ତି । ସାଧାରଣ କାର୍ଯ୍ୟକଳାପ, ଗୃହସଜ୍ଜା ଓ ପର୍ବମାନଙ୍କରେ ଏଭଳି କଳାନୁରାଗ ଦେଖିଲେ ଏ ଜାତିର ପୁରାତନ ଚିତ୍ରସ୍ପୃହା ଓ ସଂସ୍କୃତି ସ୍ୱତଃ ପ୍ରମାଣିତ ହୋଇଯାଏ । ପଲ୍ଲୀର କେଉଁ ଅଜ୍ଞାତ କୋଣରେ ଏହାର କ୍ଷୀଣାବଶେଷ ଅଦ୍ୟାବଧି ଜୀବିତ ଥିଲେହେଁ "କରଣ ଘରର ଢ଼ମ—ଉଖୁଡ଼ା ହାଣ୍ଡିକ ଛଅଣା କଉଡ଼ି, ଗୋଟି-ଯାକ କୋନ୍ଦିକମ" ପ୍ରଭୃତି କଦର୍ଯ୍ୟ ବ୍ୟଙ୍ଗକବିତା ଦ୍ୱାରା ଏହାର ଅବଶେଷ ସମ୍ପୂର୍ଣ୍ଣ ଲୁପ୍ତ ହେବାରେ ସହାୟତା କରିଛି । କାରଣ ବର୍ତ୍ତମାନ "ଢମ" ପରିତ୍ୟାଗ ପୂର୍ବକ ପ୍ରତିବେଶୀ ସଭ୍ୟତାରେ ନିଜକୁ ଭୁଲି ହାଣ୍ଡି ପରିବର୍ତ୍ତରେ ଝୁଡ଼ିର ପ୍ରଚଳନ ହେବା ସଙ୍ଗେ ସଙ୍ଗେ—ବାଳିକାମାନଙ୍କର ଏହି ସହଜାତ କଳା ପ୍ରତି ସାଧାରଣ ଅନୁରାଗର ଅଭାବ ହୁଅନ୍ତେ ତାହା ମୃତକଳ୍ପ ହୋଇ ପଡ଼ିଅଛି । ସେହି ସବୁ କଳାର ପରିବର୍ତ୍ତିରେ ଯେ ପର୍ଯ୍ୟନ୍ତ ତାଙ୍କୁ କୌଣସି ପ୍ରକାର ପ୍ରକାଶ ପନ୍ଥା ଦିଆଯାଇ ନାହିଁ—ସେ ପର୍ଯ୍ୟନ୍ତ ତାହାର ପ୍ରଚଳନ ବାଞ୍ଛନୀୟ । କାରୁଶିଳ୍ପର ପାଶ୍ଚାତ୍ୟ ନମୁନା ଅପେକ୍ଷା ଏହି ସହଜାତ କଳାର ମୌଳିକତା ବେଶୀ ଥିବା ମୁଁ ବିଶ୍ୱାସ କରୁଛି । ଅକ୍ଷୟ-ତୃତୀୟାର ଚଢ଼ଚିତ୍ର ଓ ଯୌତୁକରେ ଭାର-ହାଣ୍ଡି-ଚିତ୍ର ଆଧୁନିକ **Vase-design** ଠାରୁ କୌଣସି ଅଂଶରେ ନ୍ୟୂନ ନୁହେଁ । କଳ

* ଓଏଲଟ୍

କମ୍ପାସର ବିନା ସାହାଯ୍ୟରେ କେବଳ ସୂକ୍ଷ୍ମ ଅଙ୍ଗୁଳି ସଞ୍ଚାଳନଦ୍ୱାରା, ସ୍ୱହସ୍ତନିର୍ମିତ ତୁଳିକାଦ୍ୱାରା ଏବଂ ସାଧାରଣ ଖଡ଼ି, ପିଠଉ, ଚାଉ, ହରିତାଳ ଓ ଶିଙ୍ଖୁ କଳା ପ୍ରଭୃତି ଦେଶଜ ବର୍ଣ୍ଣ ସାହାଯ୍ୟରେ ଯେଉଁ ଚିତ୍ର ରଚନା କରି ଯାଉଥିଲା ତାହା ପ୍ରଶଂସନୀୟ । ଏବଂ ରେଖା ଟାଣିବାର ଅନନ୍ୟନିର୍ଭର ଭଙ୍ଗୀ ଏହି ସବୁ ଚିତ୍ରରୁ ଯାହା ପରିଲକ୍ଷିତ ହୁଏ ତାହା ଦେଖିଲେ ଏ ଜାତିର ସାଧାରଣ କଳା ପ୍ରିୟତା ଓ କଳାନୁରାଗ ସ୍ପଷ୍ଟ ପ୍ରତିପାଦିତ ହୋଇଥାଏ । ଏହି ରେଖା ଚିତ୍ରଗୁଡ଼ିକ ଯେପରି ସାମଞ୍ଜସ୍ୟପୂର୍ଣ୍ଣ—ସେହିପରି ଛନ୍ଦମୟ । ଯେଉଁ ଛନ୍ଦ ପୃଥିବୀର ଅତି ପୁରାତନ ଅଜନ୍ତା ଚିତ୍ରପୁଞ୍ଜର ପ୍ରାଚୀରସ୍ଥ ରେଖାଚିତ୍ରରେ ଦେଖିବାକୁ ମିଳେ, ତାହା ଯେ ଘରେ ଘରେ ଏପରି ସହଜରେ ସମ୍ପାଦିତ ହୋଇ ପାରୁଥିଲା, ଏହାହିଁ ଦର୍ଶକକୁ ବିସ୍ମିତ କରିଏ । କିନ୍ତୁ ଗୁହାର ଏହି ରେଖାଚିତ୍ର—ଏହି ଠା, ମୁରୁଜ, ଯେଡ଼ି ଓ ହାଣ୍ଡିଚିତ୍ର ହିଁ ଅଜନ୍ତା ରେଖାଚିତ୍ରର ପୂର୍ବାଭାସ । ସୁତରାଂ ଏହି ଅନାଡ଼ମ୍ବର ଗତି ଓ ପ୍ରକାଶ-କୌଶଳ ଅବଲୀଳାକ୍ରମେ ଅଜନ୍ତାର ଭିତ୍ତି ଗାତ୍ରରେ ବିକଶିତ ହୋଇଉଠିଛି । ଏବଂ ଏହି ରେଖା ଓ ଗତି କ୍ରମେ ତାହାର ଉଦ୍ଦେଶ୍ୟର ସୀମା ପରିତ୍ୟାଗ କରି ନାନା ଭାବରେ ଫୁଟି ଉଠିଛି ଏବଂ ସଙ୍ଗେ ସଙ୍ଗେ ଶିଳ୍ପୀର ବ୍ୟକ୍ତିଗତ ଚିନ୍ତାର ବିକାଶ ପାଇଁ ନୂତନ ଦିଗ ଦେଖାଇ ଦେଇଛି । ଅଜନ୍ତାରେ ଯେଉଁ ଧର୍ମର ଉଦ୍ଦେଶ୍ୟରେ କେତେଗୁଡ଼ିଏ ଘଟଣାର ସମଷ୍ଟି ଏକ ସ୍ୱତନ୍ତ୍ର ରୀତିରେ ଅଙ୍କିତ ହୋଇଥିଲା—ତାହା ଅଳ୍ପ ପରିବର୍ତ୍ତିତ ହୋଇଥିଲେ ହେଁ—ରକ୍ଷଣଶୀଳତା ଯୋଗୁଁ ଏ ଦେଶରେ ତାହା ସମ୍ପୂର୍ଣ୍ଣ ପରିବର୍ତ୍ତିତ ହୋଇ ପାରିନାହିଁ । ତଥାପି ପ୍ରତ୍ୟେକେ ସ୍ୱୀକାର କରିବେ ଯେ ଗୁହାଧିବାସୀ ଭାଷାହୀନ ମାନବର ଭାବ-ଲିପି ଓ ବିଂଶ ଶତାବ୍ଦୀର ବିକଶିତ ଚିତ୍ର ଓ ଭାସ୍କର୍ଯ୍ୟ ମଧ୍ୟରେ ଏକ ସ୍ପଷ୍ଟ ବ୍ୟବଧାନ ପରିଦୃଷ୍ଟ । ଆଧୁନିକ ଚିତ୍ର ଯେ କେତେ ଭାବର ଦ୍ୟୋତନା ଦିଏ ଏବଂ କେତେ ବେଶି କଥା କହେ ତାହା ପ୍ରତ୍ୟେକେ ହୃଦୟଙ୍ଗମ କରି ପାରୁଥିବେ । ମାନବ ଯଦି ସେହି ଅବସ୍ଥାରେ ନିଜକୁ ଆବଦ୍ଧ ରଖି ମୂକ ଓ ଭାଷାହୀନ ରହିଥାନ୍ତା ଏବଂ ସେହି ଭାବଲିପି ଓ ରେଖାଚିତ୍ରରେ ନିଜକୁ ବନ୍ଦୀ କରିଥାନ୍ତା ତାହାହେଲେ କଳାରାଜ୍ୟରେ ଏତେ ବିକାଶ ଓ ପ୍ରଗତି ସମ୍ଭବ ହୋଇ ପାରି ନ ଥାନ୍ତା—ସୁତରାଂ କାଳଭେଦରେ ସେ ଯେତେ କ୍ରମବିକାଶ ମଧ୍ୟରେ ଗତି କରିଛି ତେତେ ବେଶୀ ସଂକୀର୍ଣ୍ଣତା ପରିତ୍ୟାଗ ପୂର୍ବକ ଆତ୍ମପ୍ରକାଶର ପଥ ପ୍ରଶସ୍ତ ଓ ବିକଶିତ କରିଛି—ଏହାହିଁ ଇତିହାସ ପ୍ରମାଣ ଦିଏ । ମନୋରାଜ୍ୟରେ ଏହି ବିକାଶ ଯେତେ ସମ୍ଭବ ହୋଇଛି ମାନବ ତେତେ ସମ୍ମୁଖକୁ ଗତି କରିଛି ଏବଂ କାଳ ସହିତ ସହଯୋଗ ରଖି ତାହାର ଭାବର ଅଭିବ୍ୟକ୍ତି ପାଇଁ ନବ ନବ ରୂପ ଓ ରସର ସୃଷ୍ଟିରେ ଆତ୍ମନିୟୋଗ କରିଛି—ନିର୍ଭୀକ ଭାବରେ । ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟ ଭୂଭାଗର ଲୋକେ ପରିସ୍ଥିତି ଓ ବିଚ୍ଛିନ୍ନତା ଦିଗରୁ ପୃଥକ ହୋଇଥିଲେହେଁ ପ୍ରତ୍ୟେକ ଦେଶର ବିକାଶେଚ୍ଛା ସର୍ବଦା ଅଗ୍ରଗାମୀ । ଉଭୟ ଦେଶର ଉପକରଣାଦି, ବେଶ, ଭୂଷା, ଗୃହସଜ୍ଜା, ଆଚାର, ବ୍ୟବହାର ଓ ରୀତିନୀତିର ପାର୍ଥକ୍ୟ ଥିଲେହେଁ ସମ୍ମୁଖଯାତ୍ରା ( advancement ) ଓ ବିକାଶୋନ୍ମୁଖ ପ୍ରକୃତି ଉଭୟର ସମାନ । ଏହି ବିକାଶର ତରଙ୍ଗ ଏକ ବିଶିଷ୍ଟ ଭୂଭାଗକୁ ଆଗେ ସ୍ପର୍ଶ କଲେ ପରେ ଅପରକୁ ସ୍ପର୍ଶ କରିବ । କିନ୍ତୁ ସ୍ପର୍ଶ କରିବ ନିଶ୍ଚୟ ।

ବ୍ୟବହାର୍ଯ୍ୟ ଦ୍ରବ୍ୟରେ କାହିଁକି, ସଙ୍ଗୀତ, ସାହିତ୍ୟ, ଚିତ୍ର, ଭାସ୍କର୍ଯ୍ୟ ଓ ବିଜ୍ଞାନରେ ମଧ୍ୟ ଏହି ବିକାଶ ଓ ପ୍ରଗତିର ମୁଦ୍ରା ଅଙ୍କିତ ହୋଇ ଉଠିବ । ନିଜର ବିକାଶୋନ୍ମୁଖ ମନର ଏବଂ ବିକଶିତ ଚିନ୍ତାର ଇଙ୍ଗିତ ବହନ କରି ତାହାର କଳା ଓ ବିଜ୍ଞାନ କ୍ରମେ ଭବିଷ୍ୟତ ହାତକୁ ଚାଲିଯାଏ—ଭବିଷ୍ୟତର ମନକୁ ଅଚଳ କରିବା ପାଇଁ ନୁହେଁ—ବରଂ ଭବିଷ୍ୟତ ବଂଶଧରଙ୍କୁ ଅଧିକ ଉନ୍ନତତର ପଥରେ ଚାଳିତ କରିବାକୁ, ନୂତନତ୍ୱର ସନ୍ଧାନ ଦେବାକୁ । ସୁତରାଂ କଳା ଏକରଙ୍ଗୀ ନୁହେଁ—ନୀରସ ଓ ପରିବର୍ତ୍ତନହୀନ ନୁହେଁ । ଏହା ନିର୍ଝର ଜଳ ନିର୍ମଳ ଓ ନିତ୍ୟ-ପ୍ରବହମାନ । ଏହି ପ୍ରବାହକୁ ସଙ୍କୀର୍ଣ୍ଣ ଜଳାଶୟର ଆବଦ୍ଧ ଜଳ ଭଳି ପଙ୍କିଳ ଓ କଳୁଷିତ କରିବାରେ ସାର୍ଥକତା ନାହିଁ । ଏହା ଉଦାର ଓ ଗତିଶୀଳ ।

" ବହତା ପାନି ନିର୍ମଳା
ବନ୍ଧା ଗନ୍ଧିଲା ହୋୟ "

ସୁତରାଂ ଏହାକୁ ଗତିଶୀଳ ଓ ଉଦାର କରିବାକୁ ହେଲେ ଏହାର ସମସ୍ତ ଆବର୍ଜନା ଓ ତନ୍ନିହିତ ରକ୍ଷଣଶୀଳତାକୁ ପରିତ୍ୟାଗ କରିବାକୁ ହେବ, ମାତ୍ର ଏହାର ଉଦ୍ଦେଶ୍ୟ ସମ୍ବନ୍ଧରେ ଏକ ଦଳ ମତ ପ୍ରକାଶ କରନ୍ତି ଯେ କଳା ନୀତିଶାସ୍ତ୍ର ସହିତ ଦୃଢ଼ ସଂଯୁକ୍ତ—ଅନ୍ୟ ଦଳେ ଯୁକ୍ତି କରନ୍ତି ରସସୃଷ୍ଟି ସହିତ ଏହାର ସମ୍ବନ୍ଧ ଅତି ଘନିଷ୍ଠ ।

ଗୋଷ୍ଠିଗତ ନୀତିର ବନ୍ଧନୀ ମଧ୍ୟରେ କଳା ନିଜର ଅସ୍ତିତ୍ୱ ଲୋପ କରିବା ଆଦୌ ସମୀଚୀନ ନୁହେଁ । ତାହାହେଲେ ଗତିଶୀଳତା ଓ ଉଦାରତା କଳା ଦେହରୁ ସମ୍ପୂର୍ଣ୍ଣ ଭାବରେ ଲୁପ୍ତ ହେବ । ଉନ୍ନତତର ଜୀବନ-ଯାତ୍ରାର ପ୍ରେରଣା ଦେବାକୁ ହେଲେ ତାହା ଦେଶକାଳପାତ୍ରର ଗଣ୍ଡିରେ ଆବଦ୍ଧ ରହି ପାରିବ ନାହିଁ—ଏହା ନିଃସନ୍ଦେହରେ ବୋଲିପାରି ପାରେ । ମାତ୍ର ଯେଉଁ ନୀତିବାଦୀମାନେ କହନ୍ତି, ଯାହାଘଟିବା ଉଚିତ, ମାତ୍ର ଯାହା ଘଟୁଛି ତାହାର ସୂଚନା ନୁହେଁ) ତାହାହିଁ ଯଦି କଳା ଆମକୁ ଦିଏ ତେବେ ପୌରାଣିକ ଓ ଦାର୍ଶନିକ ଔଚିତ୍ୟହିଁ କଳାର ଏକମାତ୍ର ଉଦ୍ଦେଶ୍ୟ ହେବ । କିନ୍ତୁ ଜୀବନର ପ୍ରତିବିମ୍ବ—ଯାହା ଜୀବନରେ ଅଛି ତାହା କଳାରେ ଅବଶ୍ୟ ରହିବ, ତାହା ନ ହେଲେ କଳା ଓ ନୀତି ଏକ ପର୍ଯ୍ୟାୟଭୁକ୍ତ ହୋଇଯିବେ । ଜୀବନର ବର୍ଣ୍ଣମୟ ବିଚିତ୍ର ଘଟଣାରୁ ବହୁ ଦୂରରେ ରହି କାଳ୍ପନିକ ଔଚିତ୍ୟ ସୃଷ୍ଟି କରିବା କଳାର ଉଦ୍ଦେଶ୍ୟ କଦାପି ହୋଇ ନ ପାରେ । ନିତ୍ୟନୈମିତ୍ତିକ ଘଟଣାବଳୀରେ ଯାହା ସାଧାରଣଙ୍କ ଅଗୋଚରରେ ରହିଯାଏ—ଶିଳ୍ପୀ ତାକୁହିଁ ସ୍ୱୀୟ କ୍ଷମତା ବଳରେ ଏପରି ରସମୟ କରନ୍ତି ଯାହା ସହସ୍ର ପ୍ରାଣ ସ୍ପର୍ଶ କରିଯାଏ—ବ୍ୟଥା ଓ ଆନନ୍ଦର ଅଶ୍ରୁରେ ଧୌତ ହୋଇ ତାହା ଉଜ୍ଜ୍ୱଳତର ହୋଇଉଠେ ।

ରାଫେଲଙ୍କର (ସିଷ୍ଟାଇନ୍ ମ୍ୟାଡୋନା)—ମାତୃମୂର୍ତ୍ତି ଦେଖି କେହି ହୁଏ ତ ଜନନୀର ସ୍ନିଗ୍ଧ ସରଳ ଓ ସସ୍ନେହ ଦୃଷ୍ଟିରେ ମୁଗ୍ଧ ହେବ, କେହି ଅବା ସୁସ୍ଥ ସବଳ ଶିଶୁର ଜନନୀକୁ ଜାତିର ଏକ ଆଦର୍ଶ-ଜନନୀ ମନେ କରିବ, କେହି ଅବା ଏହାକୁ କୋଣାର୍କର ସପ୍ତମାତୃକା ସହିତ ତୁଳନା କରିବାକୁ ଯାଇ ଏଥିରେ ନିମୁଣ୍ଡ ନ ଥିବା ଦେଖି ହତାଶ ହେବ । ମାତ୍ର ଏହାର ମଧ୍ୟସ୍ଥିତ ସେହି ଜନନୀତ୍ୱ—ସେହି ବାତ୍ସଲ୍ୟ—ଯାହାକୁ ପ୍ରତି ଦିନ ଆମେ ଆମର ଗୃହ ମଧ୍ୟରେ ଦେଖୁଁ, ଅନୁଭବ କରୁଁ, ଦେଖି ମୁଗ୍ଧ ହେଉଁ—ମାତ୍ର ପ୍ରକାଶ କରି ପାରୁ ନାହିଁ, ସେହି ଭାବଟି କେତେ ଦୂର ସାର୍ଥକତା ଲାଭ କରୁଛି. ଅଙ୍କିତ ପଟରେ ବିକଶିତ ହୋଇ ପାରିଛି—ତାହାହିଁ ଦେଖିବାର କଥା । ଏଭଳି ସୁସ୍ଥ ଓ ସବଳ ଶିଶୁ, ଜାତିର ସମ୍ପଦ; ଏଭଳି ଜନନୀ ଜନନୀ ହେବାର ଉପଯୁକ୍ତା—ଏକଥା ଯେଉଁମାନେ ଉଦାର ଚକ୍ଷୁରେ ଦେଖିବେ ସେମାନେ ଅଙ୍କିତ ଚିତ୍ର-ପଟରେ ଶିଳ୍ପୀର ଆଦର୍ଶ, ରସ ଓ ପ୍ରକାଶନୈପୁଣ୍ୟ ଅବଶ୍ୟ ହୃଦୟଙ୍ଗମ କରିପାରିବେ । ସାଧାରଣଙ୍କର ଉପଭୋଗ୍ୟ ଏହି କଳାର ନମୁନା କାହିଁକି ବହୁ ବର୍ଷାବଧି ଯୁଗ-ସମ୍ପତ୍ତି ବୋଲି ବିବେଚିତ ହୋଇଛି ତାହା ମଧ୍ୟ ଠଉର କରିବେ ।

ଏହା କଣ ଆମକୁ ଆଦର୍ଶ ଜୀବନ-ଯାତ୍ରାର ପ୍ରେରଣା ଦିଏ ନାହିଁ? ଏହା କଣ ପ୍ରକାରାନ୍ତରରେ ସୁସ୍ଥ ଓ ସବଳ ଶିଶୁର ପ୍ରୟୋଜନୀୟତା ବୁଝାଇ ଦିଏ ନାହିଁ? ମାତ୍ର ଏହା ବାସ୍ତବର ବହୁ ଦୂରରେ ନୁହେଁ, ଏହା ଏକ ବାସ୍ତବ ନାରୀର ରୂପ ମହିମାରେ ମହିମାନ୍ୱିତ ହୋଇ ଶିଳ୍ପୀର କଳାକୌଶଳ ଓ ସାଫଲ୍ୟକୁ ସ୍ପଷ୍ଟ ପ୍ରକଟିତ କରୁଛି । ଏହା କ'ଣ ପୁରାକାଳର ଭାବଲିପି ଓ ରେଖାଚିତ୍ରଠାରୁ ଅଧିକ ସ୍ପଷ୍ଟବାଦୀ ନୁହେଁ—ଅଧିକ ଭାବପୂର୍ଣ୍ଣ ଓ ଭାଷାମୟ ନୁହେଁ ? ମାତ୍ର ଉଦ୍ଦେଶ୍ୟକୁ ମୂଳମନ୍ତ୍ର କରି ରାଫେଲ ଏ ଚିତ୍ର ଅଙ୍କନ କରିଥିଲେ କି ନାହିଁ ତାହା କୁହାଯାଇ ପାରେନା । ତାହା ହୋଇଥିଲେ ବୋଧହୁଏ ଏହା ଏତେ ପ୍ରାଞ୍ଜଳ ଓ ରସମୟ ହୋଇ ପାରି ନଥାନ୍ତା । କାରଣ ଆଦର୍ଶବାଦକୁ ବହନ କରି ଯେଉଁ କଳା ସୃଷ୍ଟି ହୁଏ ତାହା ମଧ୍ୟରେ ସ୍ୱଚ୍ଛନ୍ଦ—ପ୍ରକାଶ ଆଦୌ ଦୃଷ୍ଟ ହୁଏ ନାହିଁ । ଶିଳ୍ପୀ ଓ କଳାବିତ୍ ଯେଉଁ ଘଟଣା ମଧ୍ୟରେ ଜୀବନର କାଳଗୁଡ଼ିକ ଅତିବାହିତ କରେ ତାହାର ମଧ୍ୟରୁ ଏକ ସ୍ୱତନ୍ତ୍ର ଘଟଣା ତାହାର ଚକ୍ଷୁକୁ ଚଞ୍ଚଳ କରେ ଏବଂ ଫଳରେ ଗୋଟିଏ ସୁନ୍ଦର ଚିତ୍ରପଟ ବାହାରି ଆସେ ତାହାର କଳାଗାରରୁ—ତାହାରି ଅନ୍ତରାତ୍ମାର ମୁଦ୍ରା ବହନ କରି । ଦର୍ଶକ ମୁଗ୍ଧ ଓ କୌତୁକିତ ହୁଏ ଏବଂ କେତେ କଥା ଭାବି ତାହାକୁ ବିଶ୍ଳେଷଣ କରେ । ଯାହା ହୁଏ ତ କେହି ଭାବି ନ ଥିଲେ, ଭାବିଥିଲେ ମଧ୍ୟ ଏପରି ଏକ ସୂକ୍ଷ୍ମ କଳ୍ପନା ପାଇ ପାରି ନଥିଲେ, ତାହାକୁ ଶିଳ୍ପୀ ଅତି କୌଶଳ ସହକାରେ ଶୃଙ୍ଖଳିତ ଭାବରେ ପ୍ରକାଶ କରି ଆମକୁ ଅନୁଭବ କରାଇଛନ୍ତି । ତାହାପରେ ଚିତ୍ରଟି ଆମକୁ ପ୍ରେରଣା ଦେବ କି ନାହିଁ—ଆମକୁ କେତେ କଥା କହିବ କହିବ । ମାତ୍ର ଯାହା କହିବ, ସେ ଆମ ଜୀବନର ଗଭୀରତମ ଆଘାତ କି ନା—ଉନ୍ନତ କି ଅବନତ ଆଦର୍ଶ, ସେ କଥା ସ୍ଥିର କରିବ ସମାଲୋଚକ, ଶିଳ୍ପୀ ନୁହେଁ ।

ମାତ୍ର ବାକ୍‌ବିତଣ୍ଡା ମଧ୍ୟରେ କଳାର ଅବସ୍ଥା, ଧୂଳି ଧୂସରିତ ଗୁମ୍ଫାମାନଙ୍କ ଦାଉରେ ତୀର୍ଥଯାତ୍ରୀର ଅବସ୍ଥା ଭଳି ଅତୀବ ଶୋଚନୀୟ ହେବାକୁ ବସିଲାଣି ।

କିନ୍ତୁ ଶିଳ୍ପୀଙ୍କର ଅନ୍ତରର ପ୍ରତିବିମ୍ବ ବହନ କରି ଯେଉଁ ପଟ ଆମ ନିକଟକୁ ଆସେ ତାହା ଯଦି ବାସ୍ତବିକ ଆମକୁ କିଛି କହି ନ ପାରେ, ତାହାହେଲେ ବୁଝିବାକୁ ହେବ ଯେ ଚିତ୍ରପଟଟି କେତେଗୁଡ଼ିଏ ବିଶୃଙ୍ଖଳ ବର୍ଣ୍ଣ-ମିଶ୍ରଣ ଛଡ଼ା ଅନ୍ୟ କିଛି ନୁହେଁ—ପୁନଶ୍ଚ ଏହାର ସ୍ରଷ୍ଟା ବିକୃତ ମସ୍ତିଷ୍କ ଓ ଚିନ୍ତାହୀନ । ରାଫେଲଙ୍କ ଯୁଗ ପରେ ୟୁରୋପୀୟ ମନୋଭାବ ବହୁ ଚିତ୍ରପଟରେ ପ୍ରକଟିତ ହୋଇଛି, ଏଥିରେ ସନ୍ଦେହ ନାହିଁ । ସୁତରାଂ ସେହି ନଗ୍ନ ନାରୀ ମୂର୍ତ୍ତିର ପ୍ରାବଲ୍ୟ ଦେଖି ଘୃଣା କରିବାର କାରଣ କିଛି ନାହିଁ । ବୋରୋବୁଦୁରର ସ୍ଥାପତ୍ୟରେ ଭାସ୍କର୍ଯ୍ୟର ରମଣୀୟ ନିଦର୍ଶନ ସିଦ୍ଧାର୍ଥଜନନୀଙ୍କର ଲୁମ୍ବିନୀ ବନକୁ ଯାତ୍ରା କରିବାର ଫଳକଖଣ୍ଡି ଏକ ଅପୂର୍ବ ରଚନା । ତହିଁରେ ନଗ୍ନ ସୌନ୍ଦର୍ଯ୍ୟର ଚରମ ବିକାଶ ଦେଖି ନୀତିବାଦୀମାନେ ଅଶ୍ଳୀଳତାର ଆରୋପ କରି ପାରନ୍ତି ମାତ୍ର ପ୍ରକୃତିର ଉପଭୋଗ ଆଭରଣହୀନ, ଏ କଥା ଅସ୍ୱୀକାର କରି ଯାଇ ନ ପାରେ । ପୁଷ୍ପ, ଫଳ, ତରୁ, ପଲ୍ଲବ, ପଶୁପକ୍ଷୀ ସମସ୍ତେ ଏହି ନଗ୍ନତା ସ୍ୱୀକାର କରନ୍ତି—ଉଦାରଭାବରେ ଦେଖିବାକୁ ଗଲେ ଆଭରଣ ଏକ ସ୍ୱତନ୍ତ୍ର ଜାତିକୁ ଦର୍ଶକ ନିକଟରେ ପରିଚିତ କରାଇଦିଏ । ଯେଉଁଠାରେ ନଗ୍ନ ସୌନ୍ଦର୍ଯ୍ୟ ଅନ୍ତରର ଗଭୀର ସତ୍ୟକୁ ପ୍ରକାଶ ନ କରି ଶରୀରସ୍ଥ ରିପୁକୁ ଉତ୍ତେଜିତ କରେ କେବଳ ସେତିକିବେଳେ ନଗ୍ନତା, ଅଶ୍ଳୀଳତାରେ ପର୍ଯ୍ୟବସିତ ହୁଏ । ମାତ୍ର ଶିଳ୍ପୀ ନିକଟରେ ଏ ନଗ୍ନତା ଅର୍ଥହୀନ ବିତଣ୍ଡା ଛଡ଼ା ଅନ୍ୟ କିଛି ନୁହେଁ । ଏହା ବୋଲି ଅଶ୍ଳୀଳତାକୁ ଶିଳ୍ପରେ ସ୍ଥାନ ଦେବା ସମର୍ଥନ କରି ଯାଇ ନ ପାରେ । କାରଣ ଏହା ଦ୍ୱାରା ଶିଳ୍ପୀର ଦାୟିତ୍ୱ ବଢ଼ିଯାଏ ଓ ଅପର ପକ୍ଷରେ ଏହା ବ୍ୟଭିଚାରର ସୃଷ୍ଟି କରେ । ମାତ୍ର ଏ ଯୁଗରେ ସେହି ନଗ୍ନତ୍ୱକୁ ଆଦର୍ଶ ବୋଲି ଗ୍ରହଣ କରିବା ଆଦୌ ଯୁକ୍ତିଯୁକ୍ତ ନୁହେଁ । ଯେଉଁ ଯୁଗରେ ରାଜା ଓ ରାଣୀ ସାମାନ୍ୟ ବସ୍ତ୍ରାଭରଣ ନେଇ ( ଅଜନ୍ତାଚିତ୍ର) ସାଧାରଣଙ୍କର ଅଭିଯୋଗ ଶୁଣୁଥିଲେ ସେ ଯୁଗ ବର୍ତ୍ତମାନ ନାହିଁ, ସୁତରାଂ ସେ ଭଳି ଚିତ୍ରରେ ଚିତ୍ରାଙ୍କନର ଆବଶ୍ୟକତା ମଧ୍ୟ ଲୋପ ପାଇଛି । ସେ ଭଳି ବେଶ, ଭୂଷା, ଅଳଙ୍କାର, ଅତିରଞ୍ଜିତ ପରିପାଟି, ଗଜ, ଅଶ୍ୱର ବାହନ କେବଳ ସେହି ଯୁଗର ବାର୍ତ୍ତା ଦିଏ—ଏ ଯୁଗର ନୁହେଁ । ଆଦର୍ଶ ମଧ୍ୟରେ ଏଠା ସେହି ବ୍ୟବଧାନ ! ବୌଦ୍ଧ ଯୁଗର ଭାରତୀୟ ଚିତ୍ର କଳାର ଗଠନ, ବିକାଶଭଙ୍ଗୀ ଏ ଯୁଗର ବିକାଶ ଓ ଗଠନଭଙ୍ଗୀଠାରୁ ପୃଥକ । ସେ ଯୁଗର ଚିନ୍ତାଧାରା-ଠାରୁ ଏ ଯୁଗର ଚିନ୍ତାଧାରାର ପାର୍ଥକ୍ୟ ହିଁ—ଏହି ରୂପସୃଷ୍ଟିର ବ୍ୟବଧାନର କାରଣ । ବୌଦ୍ଧ ଯୁଗ, ରାଜପୁତ ଯୁଗ, ମୋଗଲ ଯୁଗ, ପ୍ରତ୍ୟେକର ସ୍ୱାତନ୍ତ୍ର୍ୟ ନ ଥିଲେ ଶିଳ୍ପୀ ଯେ ଯୁଗର ପ୍ରତିନିଧି ତାହା ଆଦୌ ଦର୍ଶାଇ ହୁଅନ୍ତା ନାହିଁ । ଧର୍ମଯୁଗର ଆଦର୍ଶ ଏବଂ ବର୍ଣ୍ଣନା ବାହୁଲ୍ୟ ଯାହାକି ଅଜନ୍ତାର ଭିତ୍ତି ଚିତ୍ରରୁ ମିଳେ, ସେ ନମୁନା ଓସ୍ତାଦ୍ ମନସୁରଙ୍କର ଚିତ୍ରରେ ଦୃଷ୍ଟ ହୁଏ ନାହିଁ କିମ୍ବା ରାଜପୁତ—



Digitized by srujanika@gmail.com

କଳାସଂଘ ସହିତ ଖାପ ଖାଏ ନାହିଁ । କାଙ୍ଗ୍ରା ଶିଳ୍ପସଂଘ ଏବଂ ପାଟଲିପୁତ୍ର କଳାସଂଘ ଓ ଦକ୍ଷିଣ ଭାରତୀୟ କଳାସଂଘ ପ୍ରତ୍ୟେକେ ପ୍ରତ୍ୟେକଠାରୁ ପୃଥକ ରୀତି ଓ ଆଦର୍ଶ ଅନୁସରଣ କରିଥିବା କଥା ସୁପ୍ରମାଣିତ ହୋଇପାରିଛି । ଅବନୀନ୍ଦ୍ର ନାଥଙ୍କର ଭାରତୀୟ କଳାର ପୁନରୁତ୍ଥାନ କାଳଠାରୁ ଅବଧି ଯେତେ ଚିତ୍ର ରଚିତ ହୋଇଛି—ତାହାର ଅଭ୍ୟନ୍ତରୀଣ ଆଦର୍ଶ ପ୍ରତି ଦୃଷ୍ଟି ଦେଲେ ସ୍ପଷ୍ଟ ବୁଝାଯାଏ ଯେ ବର୍ତ୍ତମାନ ଭାରତୀୟ ଚିତ୍ରକଳା ଉପରୋକ୍ତ ସଂଘମାନଙ୍କର ଅନୁକରଣରେ ରଚିତ । କିନ୍ତୁ ଅବନୀନ୍ଦ୍ର ସ୍ୱୟଂ ଭାରତୀୟ ଅଙ୍କନ-ପଦ୍ଧତି ଓ କୌଶଳରେ ଚିତ୍ରାଙ୍କନ କରୁଥିଲେହେଁ, ତାହା ତାଙ୍କର ବ୍ୟକ୍ତିତ୍ୱର ମୁଦ୍ରା ବହନ କରି ଏକ ସ୍ୱତନ୍ତ୍ର ରୂପ ଲାଭ କରିଛି—ଯାହାକି ଅଜନ୍ତା, ମୋଗଲ, ରାଜପୁତ କିମ୍ବା କାଙ୍ଗ୍ରା ଶିଳ୍ପକଳା-ସଂଘରେ ଆଦୌ ଦୃଷ୍ଟ ହୁଏ ନାହିଁ, ମାତ୍ର ତାଙ୍କର ପରବର୍ତ୍ତୀ ଶିଳ୍ପୀ-ମାନେ ଏହି ସ୍ୱାତନ୍ତ୍ର୍ୟ ରକ୍ଷି ନ ପାରି ନିଜକୁ ପ୍ରୋକ୍ତ ସଂଘର ଆଦର୍ଶ ମଧ୍ୟରେ ହରାଇ ଦେଇଛନ୍ତି—ଏହାହିଁ ଆକ୍ଷେପର ବିଷୟ ।

ଉପରୋକ୍ତ ସଂଘଗୁଡ଼ିକ ପ୍ରକାଶ-ଭଙ୍ଗୀ ଓ ଅଙ୍କନ-କୌଶଳ ଦିଗରୁ ଯଦିବା ସ୍ୱାତନ୍ତ୍ର୍ୟ ରକ୍ଷି ପାରିଛନ୍ତି ତଥାପି ଏମାନଙ୍କର ଚିତ୍ର ମଧ୍ୟରେ ବର୍ଣ୍ଣବ୍ୟଞ୍ଜନା, ରେଖାଶୈଳୀ, ଲାଳିତ୍ୟ, ଆଡ଼ମ୍ବର, ଅଳଙ୍କାରିକ ଅତିରଞ୍ଜନ, ଛନ୍ଦ, ଧାର୍ମିକତ୍ୱ ଓ ଘଟଣାବାହୁଲ୍ୟ ଯେତେ ବେଶୀ ଦେଖାଯାଏ; ବାସ୍ତବ ମନୁଷ୍ୟର ଗତିବିଧି, ସୁଖ, ଦୁଃଖ, ଦୈନ୍ୟ ଓ ଅଭାବ ପ୍ରତି ସେମାନେ ଉଦାସୀନ ଥିବାର ଅନୁମାନ କରିହୁଏ । ତତ୍‌କାଳୀନ ଦାର୍ଶନିକ ଆଦର୍ଶ କିମ୍ବା ଗଠନ ଆଦର୍ଶ ଯାହା ଥିଲା ତାହାର ବନ୍ଧନୀ ମଧ୍ୟରୁ କୌଣସି ନାରୀ କିମ୍ବା ପୁରୁଷ ମୁକ୍ତି ଲାଭ କରି ପାରି ନାହାନ୍ତି । ଆଦର୍ଶ ଶୁକଚଞ୍ଚୁ ଭଳି ନାସିକାର ବୈଚିତ୍ର୍ୟ କୌଣସି ଗୋଟିଏ ଚିତ୍ରରେ ମଧ୍ୟ ବାଦ୍ ପଡ଼ି ନାହିଁ । ସମସ୍ତଙ୍କ ନାସିକା ଯେ ଶୁକଚଞ୍ଚୁ ଭଳି ଥାଇପାରେ କିମ୍ବା ଓଷ୍ଠ ବିମ୍ବୋଷ୍ଠ ହୋଇପାରେ ଏ କଥା ଅସମ୍ଭବ ଓ ଅସ୍ୱାଭାବିକ । କିନ୍ତୁ ଏ ସମସ୍ତ ସମ୍ଭବ ହୋଇପାରିଛି ଅଜନ୍ତାର ଚିତ୍ରପୁଞ୍ଜରେ, କାରଣ ତାହା ପୂର୍ଣ୍ଣ ଆଦର୍ଶ-ଚିତ୍ର । ବିଭିନ୍ନ ଗଠନ-ଭଙ୍ଗୀ ଯେ ବିଭିନ୍ନ ମାନବର ପୃଥକ ଅନ୍ତରର ସୂଚନା ଦେବ, ଏ କଥା ତତ୍‌କାଳୀନ ଶିଳ୍ପୀର ଚିନ୍ତାର ବହିର୍ଭୂତ ଥିଲା । ସୁତରାଂ ସେ ସବୁ ଚିତ୍ରରେ ସେହି ଆଦର୍ଶର ରୂପ ଅତି ମାତ୍ରାରେ ଦେଖା ଦେଇଛି, ସେହି ଧର୍ମ ଯୁଗର ଉଦ୍ଦେଶ୍ୟ ସାଧନ କରିବା ନିମନ୍ତେ । ସେ କାଳର ଭାଷାର ସ୍ୱଳ୍ପତା ପାଇଁ ଯେଉଁ **Ideograms**ର ଉପାଦେୟତା ଦେଖା ହୋଇଥିଲା—ତାହା କ୍ରମେ ବିକଶିତ ଚିତ୍ରପଟର ପ୍ରଚଳ ସଙ୍ଗେ ସଙ୍ଗେ ଲୋପ ପାଇଛି । ଏଥି ସଙ୍ଗେ ଏ କଥା ମଧ୍ୟ ବୋଲି ଯାଇପାରେ ଯେ, ସେ ଯୁଗର ବୁଦ୍ଧ ଓ ସୁଜାତା, ଗରୁଡ଼ ଓ ଅର୍ଦ୍ଧନାରୀଶ୍ୱର, କିମ୍ବା ସାକାହାନଙ୍କର ଦେହତ୍ୟାଗ ଏବଂ ଶିବ ଓ ଅନ୍ନପୂର୍ଣ୍ଣା ଆଜିର ଶିଳ୍ପୀର ଅଙ୍କନ ବିଷୟ ହେବା କେତେ ଦୂର ଯୁକ୍ତିଯୁକ୍ତ ତାହା ସାଧାରଣ ବିଚାର କରିବେ ।

ପ୍ରତ୍ୟେକ ଜାତି, ଦେଶ ଓ କାଳରେ ମନୋଭାବ ପ୍ରକାଶ କରିବା ପାଇଁ ଯଦି କଳା ହୁଏ ମାଧ୍ୟମ ଓ ଯୁଗସଭ୍ୟତାର ମାନଦଣ୍ଡ, ତେବେ ଆଜିର ଶିଳ୍ପକଳା ମହଲରେ ଯେଉଁ ରକ୍ଷଣଶୀଳତା ଦେଖାଯାଉଛି, ତାହା କ'ଣ ଏ ଯୁଗର ସଭ୍ୟତାର ପ୍ରକାଶକ ଓ ପରିମାପକ ? ସେଥିପାଇଁ ତ ଦୃଢ଼ଭାବରେ କୁହାଯାଇ ପାରେ ଯେ ବିଗତ ଅର୍ଦ୍ଧ ଶତାବ୍ଦୀ ମଧ୍ୟରେ କଳା ଆମକୁ ପ୍ରଗତିପଥରେ ଚାଳିତ କରି ପାରି ନାହିଁ । ଆଧୁନିକ ଶିଳ୍ପୀର ଚିତ୍ରପଟରେ ସେହି **time-old** ଭାବପ୍ରବଣତା, ଅତିମାନବିକତା, ଆଦର୍ଶବାଦ, ଔଚିତ୍ୟ, ନାରୀବନ୍ଦନା, ରାଜପ୍ରଶସ୍ତି, ଅଶ୍ଳୀଳତା, ଅତିନମ୍ରତା, ଅସ୍ୱାସ୍ଥ୍ୟକର ଶିଥିଳ ଶୀର୍ଣ୍ଣ ଅଙ୍ଗବିକ୍ଷେପ, ଅମାନୁଷିକ ଆକଣ୍ଠବିସ୍ତୃତ ନେତ୍ର ସର୍ବଦା ଦୃଷ୍ଟିଗୋଚର ହୁଏ । ଅର୍ଥାତ ଏ ଯୁଗର ବାସ୍ତବ ମନୁଷ୍ୟ ସହିତ ତାହାର ସାମଞ୍ଜସ୍ୟ ଆଦୌ ନାହିଁ—ପ୍ରକୃତ କଥା କିଛି ନାହିଁ—ଅଛି କେବଳ ଅଳୀକ ଅବାସ୍ତବ କଳ୍ପନା ଓ ମିଥ୍ୟା ।

କିନ୍ତୁ ପୃଥିବୀର ଅନ୍ୟାନ୍ୟ ଦେଶର କଳାସୃଷ୍ଟି ପ୍ରତି ଦୃଷ୍ଟି ଦେଲେ ଜଣାଯାଏ ସେ ଦେଶର ଶିଳ୍ପୀ ନୂତନତ୍ୱ ପାଇଁ ବ୍ୟାକୁଳ—କେହି ଆଲୋକର ବିଚିତ୍ର ମହିମାରେ ମୋନେଙ୍କ ଭଳି ମୁଗ୍ଧ ହୋଇ ପ୍ରକୃତିର ବିଭୂତିରେ ବିଦ୍ରୋହ କରିଛି—କେହି ବାସ୍ତବ ଜୀବନର ଗଭୀର ଘାତ-ପ୍ରତିଘାତରେ ମିଲେଙ୍କ ଭଳି ବିଚଳିତ ହୋଇ ସେହି ଦୀନ ଦରିଦ୍ର ଅସହାୟ ଶ୍ରମିକ ଜୀବନର ସାର୍ଥକତା ଉପଲବ୍ଧି କରିଛି; କେହି ଅବା ବିଶ୍ୱର ସକଳ ପଦାର୍ଥକୁ ଘନକ୍ଷେତ୍ର ପ୍ରକାରରେ ପର୍ଯ୍ୟବସିତ କରି ଏଷ୍ଟିକାନ୍‌ସନ୍‌ଙ୍କ ପରି ନିର୍ଜନତା, ମୌନତା, ନୃତ୍ୟ ପ୍ରଭୃତି ବିଶିଷ୍ଟ ଭାସ୍କର୍ଯ୍ୟ ରଚନାରେ ମନୋନିବେଶ କରିଛି କିନ୍ତୁ ଏ ଦେଶର ଶିଳ୍ପୀ ସେହି 'ପ୍ରତୀକ୍ଷା', 'ବାତାୟନପଥେ', 'ଅଭିସାରପଥେ', 'ବସନ୍ତାଗମେ' ପ୍ରଭୃତି ଭାବପ୍ରବଣ ଛବି ଅଙ୍କନ କରି ସେହି ପୁରାତନ ମଧ୍ୟରେ ନିଜକୁ ସମ୍ପୂର୍ଣ୍ଣ ଆବଦ୍ଧ କରି ରଖିଛି । ସେହି ଶକୁନ୍ତଳା, ଦମୟନ୍ତୀ, ବୁଦ୍ଧ, କାର୍ତ୍ତିକେୟ ପ୍ରଭୃତି ପୌରାଣିକ ବିଷୟ ନିର୍ବାଚନ ବ୍ୟତୀତ ଅନ୍ୟ କୌଣସି ବିଷୟ ତାହାର ଅସ୍ପୃଶ୍ୟ ଓ ଅଗମ୍ୟ ରହିଛି । ରକ୍ଷଣଶୀଳ କେହି ବ୍ୟକ୍ତି କହିପାରନ୍ତି—ଏହା ହିଁ ଆମ ଦେଶର ପୁରାତନ କଳା, ଏହା ହିଁ ଆମକୁ ଆଙ୍କିବାକୁ ହେବ, ଏହାକୁ ହିଁ ପୁନରୁଦ୍ଧାର କରିବାକୁ ହେବ । ମାତ୍ର ସେହି ପୁରାତନ ବିଷୟ-ନିର୍ବାଚନ ଓ ପ୍ରକାଶ-ନୈପୁଣ୍ୟକୁ ପୁନରୁକ୍ତି କରିବାରେ ଇତିହାସ ଓ ପୁରାଣର ଗୋଟିଏ ପୁରାତନ ପୃଷ୍ଠା ଉଦ୍‌ଘାଟନ କରିବା ସହିତ ସମାନ ନୁହେଁ କି ? ଏହା ବୋଲି ଅତୀତକୁ ଆମେ ଅବହେଳାରେ ଫିଙ୍ଗି ଦେଇ ନ ପାରୁଁ ମାତ୍ର ତାହାକୁ ସ୍ମରଣ କରି ବିକାଶୋନ୍ମୁଖ ମନକୁ ନବତର ପନ୍ଥାରେ, ନବତର ମାର୍ଗରେ, ନୂତନ ଉଦ୍ଦେଶ୍ୟରେ ଚାଳିତ କରି ନୂତନ କିଛି ସୃଷ୍ଟି କରିବାକୁ ହେବ । ଆଜି ଆମେ ଯେଉଁ ଆଦର୍ଶ ଓ ଭାବକୁ ଏବଂ ଘଟଣାକୁ ମନରେ ଅନ୍ତରରେ ଗ୍ରହଣ କରୁଁ, ବନ୍ଦନା କରୁଁ, ଆଜିର କଳାରେ ତାହା ହିଁ ପ୍ରକାଶ କରିବାକୁ ହେବ । ଯୁଗ ସହିତ ସମପଦବିକ୍ଷେପରେ ଗତି କରିବାକୁ ହେବ । ଆଲୋକ ଓ ମୁକ୍ତିର ବନ୍ଦନା କରିବାକୁ ହେବ ଏବଂ ଅଙ୍କିତ ଚିତ୍ରପଟକୁ ଆଜିର ଘଟଣାରେ, ଭାବରେ, ଆଦର୍ଶରେ ନାନା ବର୍ଣ୍ଣରଞ୍ଜିତ କରିବାକୁ ହେବ—ତାହାର ଅଭିବ୍ୟକ୍ତି ଚିତ୍ରରେ, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ସଙ୍ଗୀତ ଓ ସାହିତ୍ୟରେ ସ୍ୱାଭାବିକ ସତ୍ୟକୁ ଓ ମଙ୍ଗଳକୁ ସୁନ୍ଦରତର କରି ପ୍ରକାଶ କରିବ ।

---

# ଖିଚିଙ୍ଗ

ଶ୍ରୀ ଗିରୀଶ ଚନ୍ଦ୍ର ପାଣିଗ୍ରାହୀ

ଉତ୍କଳର ଶୋଭା-ସୀମନ୍ତର ମଣି
ଏକାମ୍ର କୋଣାର୍କେ ଶୋଭିତ ଧରଣୀ । ୧ ।
କାଳର ବକ୍ଷରେ କଷାଘାତ ସହି
ଦ୍ୱାପରର କୀର୍ତ୍ତି ମୂର୍ତ୍ତି ଧରି ଯହିଁ । ୨ ।
ସେ ସଙ୍ଗସଙ୍ଗିନୀ ଖିଚିଙ୍ଗ-ରଙ୍ଗିନୀ
ବିରାଜେ ଏ ସ୍ଥଳେ ବିଶ୍ୱ-ବିମୋହିନୀ । ୩ ।
ନ ଚାହେଁ ମୋ ଧନ ବୋଲି ଯା ଉତ୍କଳ
ନ ଜାଣେ ଏ ଚିର ଗୌରବ-ସମ୍ବଳ । ୪ ।
ଅଭାଗ୍ୟ-ଅନ୍ଧାରେ ଲୁଚିଛି ଦୁଃଖିନୀ
ଅଭିମାନେ ମୁଖ ଘୋଡ଼ାଇ ମାନିନୀ । ୫ ।
କରିଛି ବା ମାନ ଅଯୋଗ୍ୟ ସନ୍ତାନେ
କିନ୍ତୁ କେଉଁ କାଳେ କାହିଁ କେହି ଜାଣେ । ୬ ।
ଅଭାଗ୍ୟ କରମେ ହେଲେ ଅଭାଜନ
ମାତା କି ତେଜନ୍ତି ଅଯୋଗ୍ୟ ନନ୍ଦନ । ୭ ।
ନିଜ କର୍ମ ଦୋଷେ ହୋଇଛି ପତିତ
ଏ ଉତ୍କଳ ଆଜି ହରାଇ ସ୍ୱ ସ୍ୱତ୍ୱ । ୮ ।
କହ ମାତ ଖିଚିଙ୍ଗ! କହିବୁ କି ଆଜ
କାହିଁଗଲା, ତୋତେ ଥିଲା ଯେତେକ ସାଜ? । ୯ ।
ତୋ ବିଶାଳ ବକ୍ଷେ ସରଗ-ସୁମନ
ଫୁଟାଇ ଯେ ଥିଲା କାହିଁ ସେହି ଜନ? । ୧୦ ।
କାହିଁ ସେ ଅସଂଖ୍ୟ ଦେବ ଦେବୀ ସ୍ଥାପି
ଗଲା ଯେବେ ଥରେ ନ ଫେରେ ଅଦ୍ୟାପି ? । ୧୧ ।
ସ୍ଥାନେ ସ୍ଥାନେ ତୋର ଅଳକା-ନିନ୍ଦିତ
ଗୃହ ଦେବ-ଗୃହ ଗୌରବେ ମଣ୍ଡିତ । ୧୨ ।
ହସୁଅଛି ବସି ସୌନ୍ଦର୍ଯ୍ୟର ହାଟ
ରସିଣ ପଥିକ ନ ପାଉଛି ବାଟ । ୧୩ ।
ଭସି ଯାଉଅଛି ଉତ୍ତରେ ଭଣ୍ଡିନୀ *
ଦକ୍ଷିଣେ ଖଇରୀ ସୁକ୍ଷୀଣା-ତଟିନୀ । ୧୪ ।
ନାଚନ୍ତି ଏ ନିତି ମିଳି ମାଳ ପାଠ
ଗାଆନ୍ତି ତୋ ଜୟ ତାଙ୍କ ଊର୍ମିଓଠ । ୧୫ ।
ଭଣ୍ଡିନୀ ତଟକୁ ମଣ୍ଡି ଲତା-କୁଞ୍ଜ
ସ୍ଥାନେ ସ୍ଥାନେ ଉଭା ହୋଇ ପୁଞ୍ଜ ପୁଞ୍ଜ । ୧୬ ।
ନର୍ତ୍ତକୀ-ତଟିନୀ ରୂପ-ଛଟା ଗ୍ରହି
ଭୋଳେ ଏ ଦୋଳନ୍ତି ନତ ହୋଇ ବାହି । ୧୭ ।
ଯା'ଙ୍କ ଅଙ୍ଗେ ଶୋଭା ନିଜ ଆଭା ଧରି
ସଜ ଫୁଲ ରୂପେ ବୁଲୁଛି ବିହରି । ୧୮ ।
ଏକ କାଳେ ଫିଙ୍ଗି ଦିଅନ୍ତି ଅଙ୍ଗରୁ
ସୁରତରୁ ସୁମନ ଗଗନ ଉପରୁ । ୧୯ ।
ବନ୍ଦିସ୍ତର ପ୍ରାୟେ ବିରଚି ମାଳାକୁ
ପୁରସ୍କାର ବାତ ଦିଅଇ ବାଳାକୁ । ୨୦ ।
ନୀଳ ନଭେ ଯେତେ ସୃଷ୍ଟି-ଦୃଷ୍ଟି-କାରା
ଫୁଟନ୍ତି ନିଶିରେ ଅଗଣିତ ତାରା । ୨୧ ।
ଭଣ୍ଡିନୀ ନୀଳିମା-ବିଗ୍ରହେ ତେସନ
ଦିଶନ୍ତି ଏ ପୁଷ୍ପ ରଜତ ବରଣ । ୨୨ ।
ଯାହାର ତଟରେ ବିରାଟ ନଗରୀ †
ବିରାଟ କାୟାକୁ ରହିଛି ବିସ୍ତାରି । ୨୩ ।
ଯହିଁ ଦେଖ ତହିଁ ପ୍ରାସାଦ-ନିଶାଣ
ଦେଖାଉଛି ରାଜ-ସ୍ତମ୍ଭ ସନମାନ । ୨୪ ।
ମାନ ତା ନମିଣ ଜଗତ-ବନ୍ଦନ
ନାହିଁ ଆଜି ଏହି ଉତ୍କଳ ଭୁବନ । ୨୫ ।
କାଳସ୍ରୋତେ ଭସି ଅଜ୍ଞାତ ରାଇଜେ
ଚିର ଧନ ପାଇଁ କରିଅଛି ବିଜେ । ୨୬ ।
ଲୁଚିଛି ଅତୀତ-ଗରଭେ ତା ନାମ
ସେ ଦିନୁ ହୋଇଛି ଭାଗ୍ୟ ବିଧି ବାମ । ୨୭ ।
ସେ ଯାଇଛି, ହରି ନେଇଛି ସକଳ
ତେଣୁ ତା ନଗରୀ ଭଜିଛି ବିକଳ । ୨୮ ।
ମୁହଁ ମାଡ଼ି ତଳେ ପଡ଼ିଛି କଗୃଡ଼
ନାଡ଼ିକାରୁ ପ୍ରାଣ ଯାଇଅଛି ଛାଡ଼ି । ୨୯ ।
ଉଠିଛି ଉପରେ ଶ୍ୟାମ ଦୂର୍ବାଦଳ
ମେଷ ମହିଷ ଯା କରନ୍ତି କବଳ । ୩୦ ।
ଭଣ୍ଡିନୀ କେବଳ ସାକ୍ଷୀ ରୂପେ ରହି
ପ୍ରତିଧ୍ୱନି ଛଳେ ପାନ୍ଥେ ଦିଏ କହି । ୩୧ ।
"ନାହିଁ ସେ ବିଭବ ନାହିଁ ସେ ଗୌରବ
ପଡ଼ି ଅଛି ଫୁଲ, ସରିଛି ସୌରଭ" । ୩୨ ।

* ଖିଚିଙ୍ଗର ଉତ୍ତର ଓ ଦକ୍ଷିଣ ଦିଗରେ ପ୍ରବାହିତା ନଦୀ ଦ୍ୱୟ ।

† ଭଣ୍ଡିନୀ ନଦୀର ତଟ ଉପରେ ବିରାଟଗଡ଼ ନାମକ ଏକ ପ୍ରକାଣ୍ଡ ରାଜ ଗଡ଼ର ଚିହ୍ନ ଦେଖାଯାଏ ।



Digitized by srujanika@gmail.com

# ଦେଶୀୟ ରାଜ୍ୟ ସମାଚାର

## ମହୀସୁର

### ଶିଳ୍ପ ଓ ବାଣିଜ୍ୟ ବିଭାଗର ଉନ୍ନତି

ମହୀସୁର ସରକାରଙ୍କ ନିଜ ତତ୍ତ୍ୱାବଧାନରେ ପରିଚାଳିତ ଶିଳ୍ପ-ଅନୁଷ୍ଠାନମାନଙ୍କ ମଧ୍ୟରେ ମହୀସୁର ଲୌହ କାରଖାନା, ଚନ୍ଦନ-ତୈଳ କାରଖାନା, ରେଶମ କାରଖାନା, ଚୀନା-ବାସନ, ସାବୁନ ଓ ବିଜୁଳିବତୀ କାରଖାନାମାନ ବିଶେଷ ଉଲ୍ଲେଖଯୋଗ୍ୟ ।

ରାଜ୍ୟର ଅନ୍ୟାନ୍ୟ ଶିଳ୍ପ-ଅନୁଷ୍ଠାନମାନଙ୍କ ମଧ୍ୟରେ ମହୀସୁର ଲୌହ କାରଖାନା ସବୁଠାରୁ ବଡ଼ ଓ ଏହାର ଆୟତନ ପ୍ରାୟ ଏକ ଶତ ମାଣ । ଲୌହକୁ ତରଳ କରି ସେଥିରୁ ନାନା ପ୍ରକାର ଆବଶ୍ୟକୀୟ ଜିନିଷ ତିଆରି କରିବା ପାଇଁ ଏହି କାରଖାନାରେ ସାଜସରଞ୍ଜାମ ରଖା ଯାଇଅଛି । ପ୍ରତ୍ୟେକ ବର୍ଷ ପ୍ରାୟ ୨୪,୦୦୦ ଟନ୍ ଲୌହ ଏହି କାରଖାନାରୁ ଆମଦାନି ହୁଏ ।

ଦୁଇ ଇଞ୍ଚଠାରୁ ତିରିଶ ଇଞ୍ଚ ବ୍ୟାସ ବିଶିଷ୍ଟ ଢଳା ଲୌହ ନଳ (Pipe) ଏହି କାରଖାନାରେ ପ୍ରସ୍ତୁତ ହୁଏ ଓ ବର୍ଷରେ ୮,୦୦୦ ଟନ୍ ପର୍ଯ୍ୟନ୍ତ ଏହି ନଳ ଆମଦାନି ହୁଏ । ବାଙ୍ଗାଲୋର ସହରରେ ଯେଉଁ ପାଣି-କଳ କାରଖାନା ହୋଇଛି ସେଥିରେ ୧୪ ମାଇଲ ଲମ୍ବ ଏହି ନଳ ବ୍ୟବହୃତ ହୋଇଅଛି ।

ଏହି କାରଖାନାର କାର୍ଯ୍ୟ ୧୯୩୬ ମସିହା ଏପ୍ରିଲ ମାସରେ ଆରମ୍ଭ ହୋଇଅଛି ଓ ଆବଶ୍ୟକୀୟ ନାନା ପ୍ରକାର ଲୌହ ସାମଗ୍ରୀ-ମାନ ପ୍ରସ୍ତୁତ ହେଉଅଛି ।

### ରେଶମ କାରଖାନା

ବର୍ଷରେ ରାଜ୍ୟ ମଧ୍ୟରୁ ୧୦ ଲକ୍ଷ ପାଉଣ୍ଡ କଞ୍ଚା ରେଶମ ଆମଦାନି ହୁଏ । ଶୁଣାଯାଏ ଯେ ଅଳ୍ପ ଦିନ ପୂର୍ବେ ରାଜ୍ୟରେ ଉତ୍ପନ୍ନ ହେଉଥିବା ସମସ୍ତ ରେଶମକୁ ସୂତା ପ୍ରସ୍ତୁତ କରି ଯାଇଥିଲା । ୧୯୩୨ ମସିହାରେ ମହୀସୁର ସରକାର ରେଶମ ଲୁଗା ବୁଣିବା, ରଙ୍ଗ କରିବା ଓ ଉଚ୍ଚ ଦରର ରେଶମ ସୂତା ପ୍ରସ୍ତୁତ କରିବା ପାଇଁ ରାଜ୍ୟରେ ଏହି କାରଖାନା ସ୍ଥାପନ କରିଅଛନ୍ତି ।

### ଚନ୍ଦନ-ତୈଳ କାରଖାନା

ଇତିପୂର୍ବରୁ ମହୀସୁର ରାଜ୍ୟରେ ଆମଦାନି ହେଉଥିବା ଚନ୍ଦନ କାଠ ବାହାରକୁ ରପ୍ତାନି ହେଉଥିଲା । ବିଗତ ମହାଯୁଦ୍ଧ ଆରମ୍ଭ ସମୟରେ ବଜାରରେ ଏହି କାଠର ବିକ୍ରି ଏକାବେଳେ ବନ୍ଦ ଥିଲା । ପ୍ରଥମେ ୧୯୧୬ ମସିହାରେ ବାଙ୍ଗାଲୋର ସହରରେ ଚନ୍ଦନ କାଠରୁ ନିର୍ଯ୍ୟାସ ବାହାର କରିବା ପାଇଁ ଗୋଟିଏ କାରଖାନା ଖୋଲା ହେଲା ଓ ତହିଁ ପର ବର୍ଷ ମହୀସୁରରେ ଗୋଟିଏ ବଡ଼ କାରଖାନା ଖୋଲା ହେଲା । ବର୍ତ୍ତମାନ ମହୀସୁର ରାଜ୍ୟରେ ଯେଉଁ ଚନ୍ଦନ-ତୈଳ ପ୍ରସ୍ତୁତ ହେଉଅଛି, ତାହା ପ୍ରାୟ ସମସ୍ତ ପ୍ରଧାନ ଦେଶର ଔଷଧ ପ୍ରସ୍ତୁତ-କାରୀମାନଙ୍କ ଦ୍ୱାରା ଆଦୃତ ହୋଇଅଛି ।



ମହୀସୁରର ମହାମାନ୍ୟ ମହାରାଜା ଶ୍ରୀ ସର କୃଷ୍ଣରାଜ ଉଦେୟାର ବାହାଦୁର ।



ଜ

Digitized by srujanika@gmail.com

୧୯୩୬-୩୭ ମସିହାରେ ରାଜ୍ୟରୁ ୧୩୩,୬୬୭ ପାଉଣ୍ଡ ଅର୍ଥାତ ୧୫,୩୨,୯୧୫ ଟଙ୍କା ମୂଲ୍ୟର ଚନ୍ଦନ-ତେଲ ରପ୍ତାନି ହୋଇଥିଲା ।

## ଚୀନା-ବାସନ କାରଖାନା

ଷ୍ଟେଟ୍ ଇଲେକ୍‌ଟ୍ରିକ କାରଖାନାରେ ଅଧିକ ସଂଖ୍ୟକ ଚୀନା ଇନ୍‌ସୁଲେଟର ବ୍ୟବହୃତ ହେଉଥିବାରୁ ସରକାର ରାଜ୍ୟ ମଧ୍ୟରେ ମିଳୁଥିବା ଚୀନା ମାଟିରୁ ସେ ସମସ୍ତ ପ୍ରସ୍ତୁତ କରିବା ପାଇଁ ଗୋଟାଏ କାରଖାନା ସ୍ଥାପନ କରିଅଛନ୍ତି ଏବଂ ସେଠାରେ ସମସ୍ତ ପ୍ରକାର ଇନ୍‌ସୁଲେଟର ପ୍ରସ୍ତୁତ ହେଉଥିବାର ଶୁଣାଯାଏ । ଦିନକୁ ଦିନ ଏହି କାରଖାନାର ଉନ୍ନତି ହେଉଅଛି ।

## ସାବୁନ କାରଖାନା

୧୯୩୭ ମସିହାରେ ଏହି କାରଖାନା ପ୍ରଥମେ ପରୀକ୍ଷା ସ୍ୱରୂପ ସ୍ଥାପନ କରି ଯାଇଥିଲା ଓ ଲୁଗା ଧୋଇବା ସାବୁନ ପ୍ରସ୍ତୁତ କରିବାର ବନ୍ଦୋବସ୍ତ କରା ଯାଇଥିଲା । ୧୯୩୬-୩୭ ରେ ମୋଟରେ ୪୫୦ ଟନ୍ ସାବୁନ ଏହି କାରଖାନାରେ ପ୍ରସ୍ତୁତ ହୋଇଥିଲା । ଲୁଗା କାଚ ଓ ଦେହ ଲଗା ସାବୁନ ଛଡ଼ା ଏହି କାରଖାନା ଏବେ ଦାନ୍ତ ଘଷା ପାଉଡ଼ର ଓ ମୁହଁରେ ଲଗାଇବା କ୍ରିମ୍ ପ୍ରସ୍ତୁତ କରାଯାଉଅଛି ।

ଅନ୍ୟାନ୍ୟ ମୁଦ୍ରା ଶିଳ୍ପ-ଅନୁଷ୍ଠାନ ମଧ୍ୟରେ ରାଜ୍ୟରେ ମିଳୁଥିବା କେତେ ମୂଳ ପଦାର୍ଥରୁ ଔଷଧ ପ୍ରସ୍ତୁତ କରିବା ପାଇଁ ସରକାର ପରୀକ୍ଷା ସ୍ୱରୂପ ଗୋଟାଏ କାରଖାନା ସ୍ଥାପନ କରିଅଛନ୍ତି । ଅଳ୍ପ ଦିନ ତଳେ ରପ୍ତାନିରେ ଦେବା ପାଇଁ କଣ୍ଟ୍ରେନ୍ କ୍ୟାପସୁଲ ପ୍ରସ୍ତୁତ କରା ଯାଇଥିଲା । ଏହା ଛଡ଼ା ଏହି କାରଖାନାରେ ଗାଲା, ବାର୍ନିସ୍ ଓ ରଙ୍ଗ ପ୍ରସ୍ତୁତ ପାଇଁ ମଧ୍ୟ ଚେଷ୍ଟା କରା ଯାଉଅଛି ।

## କାରଖାନାର ଶ୍ରମିକମାନଙ୍କ ପାଇଁ ବ୍ୟବସ୍ଥା

କାରଖାନାର ଶ୍ରମିକମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ଥିବା ଆଇନର ସଂଶୋଧନ କରାଯାଇ ଭାରତୀୟ କାରଖାନାମାନଙ୍କର ଆଇନ ଅନୁଯାୟୀ ତାହା ଶୃଙ୍ଖଳାବଦ୍ଧ କରା ଯାଇଅଛି ଓ ଶ୍ରମିକମାନେ ତାଙ୍କର ନିଯୁକ୍ତ କାଳରେ କୌଣସି ଆକସ୍ମିକ ଦୁର୍ଘଟଣା ଯୋଗୁଁ କାର୍ଯ୍ୟ କରିବାକୁ ଅକ୍ଷମ ହୋଇ ପଡ଼ିଲେ, ସେଥିପାଇଁ ସେମାନଙ୍କୁ କ୍ଷତିପୂରଣ ଦେବାର ବ୍ୟବସ୍ଥା ହୋଇଅଛି । ଶ୍ରମିକମାନଙ୍କର ଆପତ୍ତି ଅଭିଯୋଗ ଶୁଣିବା ପାଇଁ ସରକାର ଗୋଟିଏ ଶାନ୍ତି-ରକ୍ଷକ ସଭା ସ୍ଥାପନ କରିଅଛନ୍ତି ।


କାରଖାନାର ଶ୍ରମିକମାନଙ୍କ ରହିବାର ଅସୁବିଧା ଦୂର କରିବା ପାଇଁ ବାଙ୍ଗାଲୋର ସହରର ମ୍ୟୁନିସିପାଲିଟି ଗୋଟାଏ ଶ୍ରମିକ ଉପନିବେଶ ସ୍ଥାପନ କରିଅଛନ୍ତି ଓ ଆଧୁନିକ ବ୍ୟବସ୍ଥାନୁଯାୟୀ ସେଠାରେ କେତେଗୋଟି ସୁନ୍ଦର ସ୍ୱାସ୍ଥ୍ୟୋପଯୋଗୀ ଗୃହ ପ୍ରସ୍ତୁତ ହୋଇଅଛି ।

## ରେଶମ ଚାଷ

ମହୀଶୂର ରେଶମ-ବିଭାଗ ରାଜ୍ୟର ପ୍ରାୟ ଛଅ ଭାଗର ଏକ ଭାଗ ଲୋକଙ୍କୁ କାର୍ଯ୍ୟ ଯୋଗାଇଅଛି ଓ ସରକାର ଏହାର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଶେଷ ଦୃଷ୍ଟି ଦେଇଅଛନ୍ତି । ଏଥିପାଇଁ ଗୋଟାଏ ପୃଥକ୍ ବିଭାଗ ଖୋଲା ଯାଇଅଛି ଓ ରେଶମ ଆମଦାନି ହେଉଥିବା ସ୍ଥାନମାନଙ୍କରେ ଗୋଟିଏ ଗୋଟିଏ ଆଦର୍ଶ ଫାର୍ମ ସ୍ଥାପନ କରା ଯାଇଅଛି । ନୂତନ ବିହନ ପ୍ରସ୍ତୁତ କରିବା ପାଇଁ ଗବେଷଣା ମଧ୍ୟ ହେଉଅଛି । ବହୁଳ ପରିମାଣରେ ମଲବେରି ଗଛ କରି ଦିବାର ବ୍ୟବସ୍ଥା ହେଉଅଛି ଓ ରେଶମ-ସମବାୟ ସମିତିମାନ ସ୍ଥାପନ କରା ଯାଉଅଛି । ତସର ବିକି ହେବା ପାଇଁ ଉପଯୁକ୍ତ ବ୍ୟବସ୍ଥା ହୋଇ ଗତ ବର୍ଷ ପ୍ରାୟ ୬୦,୦୦୦ ପାଉଣ୍ଡ ତସର ଗୁଟି ବିକ୍ରୟ ହୋଇଥିଲା ।

## ତନ୍ତବୁଣା ଉନ୍ନତି

ମହୀଶୂର ସରକାରଙ୍କ ସାହାଯ୍ୟରେ ବଦନଭାଲପୁରରେ ଗୋଟାଏ ସୂତାକଟା ଓ ଲୁଗାବୁଣା କେନ୍ଦ୍ର ସ୍ଥାପିତ ହୋଇଅଛି ।



ଭଦ୍ରାବତୀ ଲୌହ କାରଖାନା, ମହୀଶୂର ।

ଗ୍ରାମ୍ୟ ଶିଳ୍ପର ପୁନରୁତ୍ଥାନ ଦିଗରେ ସରକାରଙ୍କର ଏହା ଏକ ବିଶିଷ୍ଟ ଉଦ୍ୟମ । ଭାରତୀୟ ସୂତାକଟା ସଂଘ ସାହାଯ୍ୟରେ ୧୯୨୭ ମସିହାରେ ଏହା ପରୀକ୍ଷା ସ୍ୱରୂପ ସ୍ଥାପନ କରା ଯାଇଥିଲା । ସେତେବେଳେ କେବଳ ଗୋଟିଏ ଗ୍ରାମରେ ଏହି ସୂତାକଟା କାମ ହେଉଥିଲା କିନ୍ତୁ ବର୍ଷ ଶେଷ ବେଳକୁ ଉକ୍ତ କେନ୍ଦ୍ରର ୨୦ ମାଇଲ ମଧ୍ୟରେ ଥିବା ସମସ୍ତ ଗ୍ରାମରେ ଏହି କାର୍ଯ୍ୟର ବିସ୍ତାର ହୋଇଥିଲା ଓ ପ୍ରାୟ ହଜାରେ ଲୋକ ସୂତାକଟା କାର୍ଯ୍ୟରେ ବ୍ୟାପୃତ ରହିଥିଲେ । ୧୯୩୭ ମସିହା ଜୁନ ମାସ ଶେଷକୁ ଏହି କେନ୍ଦ୍ରରେ ୨୯୦୦ ଲୋକ ସୂତା କାଟୁଥିଲେ ଓ ୧୪୦ ଜଣ ଲୁଗା ବୁଣୁଥିଲେ । ଏହି କେନ୍ଦ୍ରରେ ପ୍ରସ୍ତୁତ ହେଉଥିବା ସମସ୍ତ ଖଦି ଲୁଗା ସରକାର କ୍ରୟ କରନ୍ତି ଓ ତାହା କର୍ମଚାରୀମାନଙ୍କୁ ଯୋଗାନ୍ତି । ନିଖିଳ-ଭାରତ ସୂତାକଟା ସଂଘ ସାହାଯ୍ୟରେ ମଧ୍ୟ ଏଠାରୁ ଖଦି ଅନ୍ୟତ୍ର ବିକ୍ରୟ କରାଯାଏ । ଗତ ବର୍ଷ ଏହି ଖଦିକୁ ଗ୍ରାମମାନଙ୍କରେ ୧୦,୩୬୮



Digitized by srujanika@gmail.com


ଗଜ, ସରକାରୀ ବିଭାଗରେ ୧୧,୨୦୭ ଗଜ ଓ ଅନ୍ୟାନ୍ୟ କେନ୍ଦ୍ର-ମାନଙ୍କରେ ୩୬,୮୭୮ ଗଜ ବିକ୍ରୟ ହୋଇଥିଲା ।

## କୁଟୀର-ଶିଳ୍ପ

କ୍ଲୋଜ୍‌ପେଟ୍‌ଠାରେ ଯେଉଁ ଗ୍ରାମ୍ୟ-ସଂଗଠନ କେନ୍ଦ୍ରର ପୁନର୍ଗଠନ ହୋଇଅଛି, ସେଠାରେ ସ୍ଥାନୀୟ କମାରମାନଙ୍କୁ ନୂତନ ଧରଣର କୃଷି ସରଞ୍ଜାମ ପ୍ରସ୍ତୁତ କରିବା ପାଇଁ ଶିକ୍ଷା ଦିଆ ଯାଉଅଛି । ପ୍ରଚୁର ପରିମାଣରେ ମିଳୁଥିବା ନଡ଼ିଆ କତାରୁ ଦଉଡ଼ି ତିଆରି କରିବା ପାଇଁ ମଧ୍ୟ ଲୋକମାନଙ୍କୁ ବିଶେଷ ଉତ୍ସାହିତ କରାଯାଉଛି ।

## ବେସରକାରୀ ଅନୁଷ୍ଠାନମାନଙ୍କୁ ସାହାଯ୍ୟ

ଗତ କେତେକ ବର୍ଷ ମଧ୍ୟରେ ଅନେକଗୁଡ଼ିଏ ବେସରକାରୀ ଶିଳ୍ପ-ଅନୁଷ୍ଠାନ ମହୀସୁର ସରକାରଙ୍କ ସାହାଯ୍ୟରେ ସ୍ଥାପିତ ହୋଇ-ଅଛି । ସରକାର ଯେଉଁଗୁଡ଼ିକର ମୂଳଧନ ପାଇଁ କେତେ ଅଂଶ କିଣି



ଗୋଟିଏ ପ୍ରଧାନ ତୋରଣ ଦ୍ୱାର ବାଟେ ମହୀସୁର ରାଜପ୍ରାସାଦର ଦୃଶ୍ୟ ।

ନିର୍ଦ୍ଦିଷ୍ଟ ରୂପେ ଆର୍ଥିକ ସାହାଯ୍ୟ ଦେଉଅଛନ୍ତି । ଏହା ଛଡ଼ା ଉକ୍ତ ଅନୁଷ୍ଠାନମାନଙ୍କ କାର୍ଯ୍ୟ ଦେଖିବା ପାଇଁ ସରକାର ତରଫରୁ ଡାଇରେକ୍ଟର ନିଯୁକ୍ତ ହୋଇଅଛନ୍ତି । ଅନୁଷ୍ଠାନ ଗୁଡ଼ିକପାଇଁ ସରକାର ଜମି ଛାଡ଼ି ଦେଇଅଛନ୍ତି ଓ ବିଜୁଳିବତୀ ଓ ଜଳ ଯୋଗାଇବାର ବ୍ୟବସ୍ଥା ମଧ୍ୟ କରିଅଛନ୍ତି । ମହୀସୁର ଚିନି କମ୍ପାନି, ଧୂଆଁପତ୍ର କମ୍ପାନି, ପଥର ପାଇପ୍ ଓ ଟ୍ରମ୍-କାର୍ଯ୍ୟ କମ୍ପାନି ଏବଂ ରେଶମ୍-କଳ ସରକାରଙ୍କ ସାହାଯ୍ୟରେ ଚାଳିତ ହେଉଅଛି ।

# ଗୋୟାଲିଅର

## ସମବାୟ ବିଭାଗ

୧୯୩୫-୩୬ ମସିହାର ଗୋୟାଲିଅର ଷ୍ଟେଟ୍ ସମବାୟ ବିଭାଗର ବାର୍ଷିକ ବିବରଣୀରୁ ଜଣାଯାଏ ଯେ ସମବାୟ ବିଭାଗର ଡାଇରେକ୍ଟର ସମବାୟ କାର୍ଯ୍ୟ-କାଳକୁ ତିନୋଟି ପ୍ରଧାନ ଭାଗରେ ବିଭକ୍ତ କରିଅଛନ୍ତି । ୧୯୧୬ ରୁ ୧୯୨୧ ମସିହା ମଧ୍ୟରେ ୧୮୬୯ ଗୋଟି ସମବାୟ ସମିତି ରେଜେଷ୍ଟ୍ରି ହୋଇଥିଲା । ୧୯୨୧ ରୁ ୧୯୩୨ ମସିହା ମଧ୍ୟରେ କୃଷି ବ୍ୟାଙ୍କ ଗୁଡ଼ିକୁ ଉଠାଇଦେବା, ବ୍ୟାଙ୍କ ଆଇନ୍ ଜାରି ହେବା ଓ ସମବାୟ ନୀତିର ପ୍ରଚାର ପାଇଁ ଉପଯୁକ୍ତ ଆର୍ଥିକ ସାହାଯ୍ୟ ଯୋଗାଇବା ଓ ସମିତି ଗୁଡ଼ିକୁ ଅତିରିକ୍ତ ଆର୍ଥିକ ସାହାଯ୍ୟ ଦେବାର ବ୍ୟବସ୍ଥା ହୋଇଥିଲା ।

ଡାଇରେକ୍ଟରଙ୍କ ମତରେ ବ୍ୟାଙ୍କ ଆକ୍ଟର ସମ୍ପର୍କ କେବଳ ଟଙ୍କା ସହିତ, ବ୍ୟକ୍ତି ସହିତ ନୁହେ । ଏହା ସମ୍ପୂର୍ଣ୍ଣ ରୂପେ ସମବାୟ ନୀତି-ବିରୁଦ୍ଧ । ବ୍ରିଟିଶ୍ ଭାରତର ଅନ୍ୟାନ୍ୟ ପ୍ରଦେଶମାନଙ୍କରେ ପ୍ରଚଳିତ ଆଇନ ଅପେକ୍ଷା ଏହା ବହୁ ଦୂରରେ । ଏହାଦ୍ୱାରା ଏକ ଅସାଧାରଣ ବନ୍ଧକ ପ୍ରଥାର ବ୍ୟବସ୍ଥା ହୋଇଅଛି, ତାହାର ଫଳରେ ପ୍ରତ୍ୟେକ ସଭ୍ୟର ସମସ୍ତ ସମ୍ପତ୍ତି ସମିତି ନିକଟରେ ବନ୍ଧକ ରହିବ ଓ ଏହିପରି ଭାବରେ ପ୍ରତ୍ୟେକ ସଭ୍ୟଠାରୁ ପାଇଥିବା ସମିତିର ବନ୍ଧକ ଗୁଡ଼ିକ ମଧ୍ୟ ବ୍ୟାଙ୍କରେ ବନ୍ଧକ ରୂପେ ରହିବ । ଏହି ବ୍ୟବସ୍ଥା ଦ୍ୱାରା ସମିତି ଗୁଡ଼ିକୁ ଅତିରିକ୍ତ ଆର୍ଥିକ ସାହାଯ୍ୟ ଦେବାପାଇଁ ବନ୍ଦୋବସ୍ତ କରା ଯାଇଥିଲା । ନିଜର ଇଚ୍ଛାନୁଯାୟୀ ସରକାରୀ ଟଙ୍କା ବ୍ୟୟ କରିବାର ସୁବିଧା ପାଇ ବ୍ୟାଙ୍କ ତାଙ୍କର ବ୍ୟବସାୟର ପ୍ରସାର ଖୁବ୍ ଦ୍ରୁତଗତିରେ ବଢ଼ାଇଲେ । ନୂଆ ନୂଆ ଅନେକ ସମିତି କ୍ରମେ ବଢ଼ିଲା । ଏପରି ଭାବରେ ସମିତି ବଢ଼ାଇବାର ଯେ କୌଣସି ଆବଶ୍ୟକତା ଥିଲା ତାହା ନୁହେ । କିନ୍ତୁ ପୁରୁଣା ସମିତିଗୁଡ଼ିକ ଠିକମତ କାର୍ଯ୍ୟ ଚଳାଇ ନ ପାରିବାରୁ ଓ ବ୍ୟାଙ୍କ ସବୁବେଳେ ସରକାରୀ ଟଙ୍କା ଖର୍ଚ୍ଚ କରିବା ପାଇଁ ନୂଆ ରାସ୍ତା ଖୋଜୁ ଥିବାରୁ ସମିତି ସଂଖ୍ୟା କ୍ରମେ ବଢ଼ିଥିଲା । କେବଳ ଏତିକି ନୁହେ । ଋଣଗ୍ରହୀତାର ସମସ୍ତ ସମ୍ପତ୍ତି ସମିତି ନିକଟରେ ବନ୍ଧକ ଥିବା ଓ ତାହା ନିଜର ଋଣ ଏବଂ ଅନ୍ୟାନ୍ୟ ସଭ୍ୟଙ୍କର ଋଣ ପାଇଁ ପୃଥକ୍ ଓ ସମଷ୍ଟି ଭାବରେ ଦାୟୀ ଥିବା, ପୁଣି ସେମାନେ ଅନ୍ୟ କୌଣସି ସ୍ଥାନରୁ ଟଙ୍କା କରଜ କରିବାର ଉପାୟ ନ ଥିବା ସ୍ଥଳେ, ଋଣଦାତା ବ୍ୟାଙ୍କଗୁଡ଼ିକ ଟଙ୍କା କରଜ ଦେବାପାଇଁ ଅସ୍ୱୀକାର କରି ପାରିଲେ ନାହିଁ । ଫଳତଃ ସମବାୟ ନୀତି ବିରୁଦ୍ଧରେ ସେମାନଙ୍କୁ ଟଙ୍କା କରଜ ଦିଆ ଯାଇଥିଲା ।

ଆର୍ଥିକ ଅବସ୍ଥାର ଦୁର୍ଗତି ସମୟରେ ସମବାୟ ସମିତି ଓ ବ୍ୟାଙ୍କ



Digitized by srujanika@gmail.com

ଗୁଡ଼ିକର ଏହି ଅବସ୍ଥା ଘଟିଥିଲା । ତାହା ସଙ୍ଗେ ସଙ୍ଗେ ରାଜ୍ୟରେ ଅନେକ ସ୍ଥାନରେ ଫସଲ ହାନି ଘଟିଲା ଓ ଲୋକସଂଖ୍ୟା ମଧ୍ୟ ଅପେକ୍ଷାକୃତ ବଢ଼ି ଯାଇଥିଲା । ଯାହାହେଉ, ବିପଦ ଅବସ୍ଥାକୁ ଫେରି ଆସିବା ଓ ଭବିଷ୍ୟତ ଦୁର୍ଗତିରୁ ରକ୍ଷା ପାଇବାର ସହଜ ଉପାୟ ଉଦ୍ଭାବନ କରିପାରିବାରୁ ସମବାୟ ବିଭାଗର ଅବସ୍ଥା ୧୯୩୧-୩୨ ଅପେକ୍ଷା ବର୍ତ୍ତମାନ ଅନେକ ଗୁଣରେ ସ୍ୱଚ୍ଛଳ ଓ ଶକ୍ତ ହୋଇଅଛି ।

ଡାଇରେକ୍ଟର ତାଙ୍କ ରିପୋର୍ଟରେ ଆହୁରି ମଧ୍ୟ କହିଅଛନ୍ତି ଯେ ସେ ତୃତୀୟ ଅବସ୍ଥାର ଉନ୍ନତି ପାଇଁ କିଛି ଦାବି କରନ୍ତି ନାହିଁ, କିନ୍ତୁ ସାହସର ସହିତ ବର୍ତ୍ତମାନ ବୋଲି ଯାଇପାରେ ଯେ ଏହି କେତେକ ବର୍ଷ ମଧ୍ୟରେ ବହୁ ଉନ୍ନତି କରି ଯାଇପାରିଛି । ତାହା ଛଡ଼ା ଏହାର ଭିତ୍ତି ମଧ୍ୟ ଅନେକ ପରିମାଣରେ ଶକ୍ତ କରି ଯାଇଅଛି । ସରକାରଙ୍କର ସାହାଯ୍ୟ ଓ ସହାନୁଭୂତି ବଳରେ ହିଁ ସମବାୟ ବିଭାଗ ବର୍ତ୍ତମାନ ନିଜ ଅବସ୍ଥାକୁ ଠିକ୍ ରାସ୍ତାକୁ ଆଣି ପାରିଅଛି ।

ଅନିର୍ଦ୍ଦିଷ୍ଟ ସମୟ ପାଇଁ ଋଣ ଦେବା ସକାଶେ ଡାଇରେକ୍ଟର ଜମି ବନ୍ଧକ ବ୍ୟାଙ୍କ ସ୍ଥାପନ କରିବାର ପ୍ରସ୍ତାବ କରିଅଛନ୍ତି । ନିୟମିତଭାବରେ ଉକ୍ତ ଉଦ୍ୟମକୁ ଆର୍ଥିକ ସାହାଯ୍ୟ ଯୋଗାଇ ଏବଂ ବେସରକାରୀ ମୂଳଧନ ଗ୍ରହଣ କରି ସେଥିପାଇଁ ସୁଧର ବ୍ୟବସ୍ଥା କରିଯିବା ସକାଶେ ସରକାରଙ୍କୁ ଜଣାଇଅଛନ୍ତି ।

## ଜାମୁ ଓ କାଶ୍ମୀର

### ସାମାଜିକ ଉନ୍ନତି

ଜାମୁ ଓ କାଶ୍ମୀର ଷ୍ଟେଟରେ ମହାରାଜାଙ୍କର ଗାଦି ପ୍ରାପ୍ତି ସଙ୍ଗେ ସଙ୍ଗେ, ଆଜି ମଧ୍ୟ ସାରଦା ଆଇନ ଜାରି ହେବା ପୂର୍ବରୁ, ଜାମୁ ଓ କାଶ୍ମୀର ଷ୍ଟେଟରେ ବାଲ୍ୟ-ବିବାହ ଆଇନ ଜାରି ହୋଇଥିଲା ଓ ତଦ୍ଦ୍ୱାରା ବାଳକ ବାଳିକାମାନଙ୍କର ନ୍ୟୁନତମ ବିବାହ ବୟସ ଯଥାକ୍ରମେ ୧୮ ଏବଂ ୧୪ ବୋଲି ନିର୍ଦ୍ଧାରିତ କରି ଯାଇଥିଲା । ହିନ୍ଦୁ ବିଧବାମାନଙ୍କର ପୁନର୍ବିବାହ ହୋଇ ପାରିବ ବୋଲି ଛଅ ବର୍ଷ ପୂର୍ବେ ଏକ ଆଇନ ଜାରି କରା ଯାଇଥିଲା । ସ୍ତ୍ରୀଲୋକ-ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଦୂର କରିବା ପାଇଁ ଏକ ଆଇନ ମଧ୍ୟ ଜାରି ହୋଇଅଛି । ବଳପୂର୍ବକ ବାଳିକା ଓ ସ୍ତ୍ରୀ ଅପ-ହରଣ କରିବା ବିଷୟରେ ଗ୍ରାମ୍ୟ କର୍ମଚାରୀମାନେ ଅନୁସନ୍ଧାନ କରି ଅପରାଧୀମାନଙ୍କୁ ଧରିବା ଓ ଏହି କଦର୍ଯ୍ୟ ପନ୍ଥାର ନିରାକରଣରେ ସାହାଯ୍ୟ କରିବା ପାଇଁ ଦାୟୀ ହୋଇଅଛନ୍ତି । ଅଳ୍ପ ଦିନ ହେଲା ସହରମାନଙ୍କରୁ ବେଶ୍ୟାଳୟ ସବୁ ଉଠାଇ ଦିଆ ହୋଇଅଛି ।

ଉପେକ୍ଷିତ ଓ ଅସ୍ପୃଶ୍ୟ ଜାତିମାନଙ୍କର ଉନ୍ନତି ପାଇଁ ୧୯୩୧ ମସିହାରେ ଏକ ଆଇନ ଜାରି କରା ହୋଇଅଛି । ତଦ୍ଦ୍ୱାରା ସେମାନଙ୍କୁ ସମସ୍ତ ସ୍କୁଲରେ ପଢ଼ିବା ଓ କୂପରୁ ଜଳ ଗ୍ରହଣ କରିବା ପାଇଁ ଛାଡ଼ ଦିଆ ଯାଇଅଛି । ସମସ୍ତ ଷ୍ଟେଟର ମନ୍ଦିର ଗୁଡ଼ିକ ମଧ୍ୟ ଏହି ଅସ୍ପୃଶ୍ୟ ଜାତିମାନଙ୍କ ପାଇଁ ଖୋଲି ଦିଆ ଯାଇଅଛି । ଅସ୍ପୃଶ୍ୟ ଜାତିମାନଙ୍କ ପାଇଁ ଅତିରିକ୍ତ ବୃତ୍ତିମାନ ବଜେଟରେ ମଞ୍ଜୁର କରା ଯାଇଅଛି ।

## ଶିକ୍ଷା

୧୯୩୦ ମସିହାରେ ମ୍ୟୁନିସିପାଲିଟି ଓ ଅନ୍ୟ କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ପ୍ରଚଳିତ ହେବା ନିମିତ୍ତ ଏକ ଆଦେଶ ଜାରି ହୋଇଅଛି । ଷ୍ଟେଟ ମଧ୍ୟରେ ଥିବା ଶିକ୍ଷାନୁଷ୍ଠାନ ଗୁଡ଼ିକର ମୋଟ ସଂଖ୍ୟା ୧୪୦୦ । ଗତ ବର୍ଷ ସ୍କୁଲ ଯିବା ବୟସର ଶତକରା ୨୯ ଜଣ ବାଳକ ଓ ୬ ଜଣ ବାଳିକା ଅଧ୍ୟୟନ କରୁଥିଲେ । ଗତ ତିନି ବର୍ଷ ମଧ୍ୟରେ ଶିକ୍ଷାଲାଭ କରୁଥିବା ବାଳକମାନଙ୍କର ସଂଖ୍ୟା ୭୦୬୪ ପର୍ଯ୍ୟନ୍ତ ବଢ଼ି ଯାଇଥିଲା ଏବଂ ସେଥିମଧ୍ୟରୁ ୪୯୬୧ ଜଣ ମୁସଲମାନ ଥିଲେ । ବାଳିକା-ମାନଙ୍କର ସଂଖ୍ୟା ମଧ୍ୟ ୨୧୬୮ ପର୍ଯ୍ୟନ୍ତ ବଢ଼ି ଯାଇଥିଲା । ଶ୍ରୀନଗର ଓ ଜାମୁଠାରେ ଥିବା କଲେଜର ଛାତ୍ର ସଂଖ୍ୟା ୧୨୮୭ ରୁ ୧୦୭୯ ପର୍ଯ୍ୟନ୍ତ ଓ ଶିକ୍ଷା ବିଭାଗର ଖର୍ଚ୍ଚ ୧୮,୬୨,୦୦୪ ଟଙ୍କାରୁ ୨୦,୪୦,୨୯୭ ଟଙ୍କା ପର୍ଯ୍ୟନ୍ତ ବଢ଼ି ଯାଇଥିଲା ।

## ଅନ୍ୟାନ୍ୟ ସଂସ୍କାର

ଶାସନନୀତିର ଅନ୍ୟାନ୍ୟ ସଂସ୍କାର ମଧ୍ୟରେ ଷ୍ଟେଟ୍ ସବ୍‌ଜେକ୍ଟ ରେଗୁଲେସନ ବିଶେଷ ଉଲ୍ଲେଖଯୋଗ୍ୟ । ଏହି ଆଇନ ଅନୁଯାୟୀ ଷ୍ଟେଟର ସାଧାରଣ କାର୍ଯ୍ୟ ଗୁଡ଼ିକରେ ପୁରୁଷାନୁ-କ୍ରମିକ ଷ୍ଟେଟବାସୀମାନଙ୍କୁ ନିଯୁକ୍ତ କରାଯିବ ଏବଂ କଣ୍ଟ୍ରାକ୍ଟ କିମ୍ବା ଅନ୍ୟାନ୍ୟ ବିଷୟରେ ମଧ୍ୟ ସର୍ବାଗ୍ରେ ସେମାନଙ୍କୁ ସୁବିଧା ଦିଆଯିବ । ଷ୍ଟେଟବାସୀ ଶିକ୍ଷିତ ଯୁବକମାନଙ୍କୁ ବିଭିନ୍ନ ବିଭାଗରେ ଟ୍ରେନିଂ ଦିଆଯାଇ ସେମାନଙ୍କୁ ଉପଯୁକ୍ତ ଚାକିରି ମଧ୍ୟ ଦିଆ ଯାଇଅଛି ।

ଅନ୍ୟାନ୍ୟ ସଂସ୍କାର ମଧ୍ୟରେ ନିମ୍ନଲିଖିତ ଦୁଇଟି ବିଷୟ ବିଶେଷ ଉଲ୍ଲେଖଯୋଗ୍ୟ ।

(୧) ଛାପାଖାନା, ବକ୍ତୃତା ଓ ସଭାସମିତିର ସ୍ୱାଧୀନତା ।

(୨) ଅଧିକ ସଂଖ୍ୟକ ବେସରକାରୀ ସଭ୍ୟମାନଙ୍କ ଦ୍ୱାରା ଗଠିତ ପ୍ରତିନିଧି ସଭା ।

ଆଜିକାଲି ଷ୍ଟେଟରେ ୪୦ ଗୋଟି ସମ୍ବାଦପତ୍ର ପ୍ରକାଶିତ ହେଉଅଛି । ବ୍ରିଟିଶ ଭାରତର ଛାପାଖାନା ଆଇନ ଅନୁଯାୟୀ ଷ୍ଟେଟ ଛାପାଖାନା ଆଇନର ସଂସ୍କାର କରା ଯାଇଅଛି ।

୭୬ ଜଣ ସଭ୍ୟଙ୍କୁ ନେଇ ବ୍ୟବସ୍ଥାପକ ସଭା ଗଠିତ ହୋଇଅଛି । ତନ୍ମଧ୍ୟରୁ ୩୩ ଜଣ ନିର୍ବାଚିତ, ୩୦ ଜଣ ମନୋନୀତ ଓ ୧୨ ଜଣ କର୍ମଚାରୀ । ଏହି ବ୍ୟବସ୍ଥାପକ ସଭାର କ୍ଷମତା ଖୁବ୍ ବେଶୀ ଓ ତାହା ସମସ୍ତ ବିଷୟରେ ଆଇନ ପ୍ରଣୟନ କରି ପାରିବ । ଗତ ଦୁଇ ବର୍ଷ ମଧ୍ୟରେ ଉକ୍ତ ବ୍ୟବସ୍ଥାପକ ସଭା ୫ ଥର ବସିଅଛି ଓ ଅନ୍ୟାନ୍ୟ ବ୍ୟବସ୍ଥା ମଧ୍ୟରେ ସ୍ତ୍ରୀଲୋକମାନଙ୍କ ଉପରେ ଅତ୍ୟାଚାରର ନିବାରଣ, ଗ୍ରାମ୍ୟ ପଞ୍ଚାୟତ ଆଇନ, ଶିଳ୍ପ ବିଭାଗ ପାଇଁ ଷ୍ଟେଟ ସାହାଯ୍ୟ, କୃଷି ଓ ଆଇନ ସଂସ୍କାର ପାଇଁ ସରକାରୀ ସାହାଯ୍ୟ ଇତ୍ୟାଦି ବିଷୟରେ ଆଇନ ପ୍ରଣୟନ କରିଅଛି ।



Digitized by srujanika@gmail.com

## ତ୍ରିବାଙ୍କୁଡ଼

### ଗ୍ରାମ୍ୟ ଚିକିତ୍ସାର ବନ୍ଦୋବସ୍ତ

ତ୍ରିବାଙ୍କୁଡ଼ ଷ୍ଟେଟରେ ଗ୍ରାମ୍ୟ-ସଂଗଠନ ଦିଗରେ ପ୍ରଚଳିତ ନାନା ଉଦ୍ୟୋଗ ମଧ୍ୟରେ ଚିକିତ୍ସାର ସୁବନ୍ଦୋବସ୍ତ କରିବା ସରକାରଙ୍କର ବିଶେଷ ଦୃଷ୍ଟି ଆକର୍ଷଣ କରିଅଛି । ଏହି ବ୍ୟବସ୍ଥାନୁଯାୟୀ ମଫସଲର କେତେ ଗୁଡ଼ିଏ ନିର୍ଦ୍ଦିଷ୍ଟ କେନ୍ଦ୍ରରେ ସ୍ୱଳ୍ପ ସାଜ-ସରଞ୍ଜାମ ସହିତ ଗୋଟିଏ ଗୋଟିଏ ଡାକ୍ତରଖାନା ଖୋଲିଯିବ । ଉକ୍ତ କେନ୍ଦ୍ରମାନଙ୍କରୁ ମଟର ଯୋଗେ ମଫସଲର ଲୋକଙ୍କୁ ଚିକିତ୍ସାର ସୁବିଧା ଦିଆଯିବ । ତ୍ରିବାଙ୍କୁଡ଼ର ଯାତାୟାତ ପନ୍ଥା ବିଶେଷ ସୁଗମ ଏବଂ ରାସ୍ତା କିମ୍ବା କେନାଲଦ୍ୱାରା ମଫସଲର ପ୍ରତ୍ୟେକ ଗ୍ରାମକୁ ଯିବାର ସୁବିଧା ଅଛି । ତେଣୁ ମଟର ଦ୍ୱାରା ପ୍ରତ୍ୟେକ ଗ୍ରାମର ଲୋକଙ୍କୁ ଚିକିତ୍ସାର ସୁବିଧା ଦିଆଯାଇ ପାରିବ ।

ରାଜ୍ୟର ଦକ୍ଷିଣାଞ୍ଚଳରେ ଅନାବୃଷ୍ଟି ଯୋଗୁଁ ପ୍ରଜା ସାଧାରଣର ଅବସ୍ଥା ବିଶେଷ ଶୋଚନୀୟ ହୋଇଥିବାରୁ ତାହା ଯେପରି ଭବିଷ୍ୟତରେ ନ ଘଟେ ସେଥିପାଇଁ ଯଥାବିଧି ବ୍ୟବସ୍ଥା କରାଯାଉଅଛି । ସେଠାରେ ଉପଯୁକ୍ତ ଜଳସେଚନର ବ୍ୟବସ୍ଥା ହେଉଅଛି । ମହାରାଜା ସାହେବ ନିଜେ ଦକ୍ଷିଣ ତ୍ରିବାଙ୍କୁଡ଼ ପରିଦର୍ଶନ କରି ଏକ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଭୂମି-ରାଜସ୍ୱ ପ୍ରଜାମାନଙ୍କୁ ଛାଡ଼ ଦେଇଅଛନ୍ତି ଓ ଜଳସେଚନର ବ୍ୟବସ୍ଥା ପାଇଁ ଟଙ୍କା ମଞ୍ଜୁର କରିଅଛନ୍ତି ।


## ବିକାନିର

### ମହାରାଜାଙ୍କର ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବ

ବିକାନିରର ମହାରାଜା ସାହେବ ତାଙ୍କର ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବ ଉପଲକ୍ଷରେ ଧର୍ମ ଓ ହିତକର କାର୍ଯ୍ୟରେ ୩ ଲକ୍ଷ ଟଙ୍କା ତାଙ୍କ ନିଜ ଧନରୁ ଦାନ କରିଅଛନ୍ତି । ଏହି ଟଙ୍କାର ଅଧିକାଂଶ ବିକାନିରର ୩୦ ମାଇଲ ଦୂରବର୍ତ୍ତୀ କୋଲାୟତ ହ୍ରଦ କୂଳରେ ଏକ ନୂତନ ମନ୍ଦିର ନିର୍ମାଣରେ ବ୍ୟୟିତ ହେବ ବୋଲି ଶୁଣାଯାଏ । ଦ୍ୱାରକାର ରଣଛୋଡ଼ଜୀ ମନ୍ଦିର ପାଇଁ ଦୁଇଟି ସ୍ୱର୍ଣ୍ଣର ତୋରଣ ଦିଆଯିବ ଓ ପୁଷ୍କର ତୀର୍ଥର ମାତାଜୀ ଠାକୁରାଣୀଙ୍କର ମନ୍ଦିର ପୁନର୍ନିର୍ମାଣ ପାଇଁ ମଧ୍ୟ ବ୍ୟୟ କରାଯିବ । ତାହା ଛଡ଼ା ରାଜଧାନୀରେ ନୂତନ ମନ୍ଦିର ନିର୍ମାଣ ଓ ପୁରାତନ ମନ୍ଦିର ଗୁଡ଼ିକର ସଂସ୍କାର ପାଇଁ ଉକ୍ତ ଅର୍ଥରୁ ବ୍ୟୟିତ ହେବ ।

ଅନ୍ୟାନ୍ୟ ଧର୍ମର ଧର୍ମାନୁଷ୍ଠାନମାନଙ୍କ ପାଇଁ ମଧ୍ୟ ସାହାଯ୍ୟ ଦିଆଯିବ । ମହାରାଜା ସାହେବ ରାଜଧାନୀର ପ୍ରଧାନ ଜୈନ ମନ୍ଦିର ପାଇଁ ୧୦୦୦ ଟଙ୍କା ମୂଲ୍ୟର ଦୁଇଟି ରୌପ୍ୟ କଳସ-ବୃନ୍ତ ଦାନ କରିଅଛନ୍ତି ଓ ଖ୍ରୀଷ୍ଟୀୟ ( Church ) ଗିର୍ଜାରେ କାଚର ଝରକା ଲଗାଇବା ପାଇଁ ୫୦୦ ଟଙ୍କା ଦେଇଅଛନ୍ତି । ମୁସଲମାନମାନଙ୍କର ମସଜିଦ୍ ଓ ଶିଖ୍‌ମାନଙ୍କର ଗୁରୁଦ୍ୱାର ପାଇଁ ଯଥାକ୍ରମେ ୧୬୦୦ ଓ ୫୦୦ ଟଙ୍କା ଦାନ କରିଅଛନ୍ତି ।

ଉପରୋକ୍ତ ଧର୍ମାନୁଷ୍ଠାନ ଗୁଡ଼ିକୁ ଦାନ କରିବା ଛଡ଼ା ମହାରାଜା ସାହେବ ରାଜକୁମାର ବିଜୟ ସିଂହଙ୍କ ମେମୋରିଆଲ୍ ନାରୀ-ଚିକିତ୍ସାଳୟରେ ଏକ ଶିଶୁ-ବିଭାଗ ଖୋଲିବା ସକାଶେ ୨୦,୦୦୩ ଟଙ୍କା ଦେଇଅଛନ୍ତି । ଏହା ଛଡ଼ା ୨,୨୦,୦୦୦ ଟଙ୍କା ବ୍ୟୟରେ ଉଭୟ ପୁରୁଷ ଓ ସ୍ତ୍ରୀମାନଙ୍କ ପାଇଁ ଯକ୍ଷ୍ମା ଚିକିତ୍ସା ସକାଶେ ଏକ ଡାକ୍ତରଖାନା ଖୋଲି ଯିବାର ଶୁଣାଯାଏ । ବିକାନିର ସୈନ୍ୟ ବିଭାଗ ଓ କର୍ମଚାରୀମାନଙ୍କ ଦ୍ୱାରା ଗଠିତ "ସ୍ୱର୍ଣ୍ଣ ଜୟନ୍ତୀ ସୈନ୍ୟ-ମଙ୍ଗଳ ପାଣ୍ଠି" ପାଇଁ ମଧ୍ୟ ୫୦୦୦ ଟଙ୍କା ଦେଇଅଛନ୍ତି । ସୈନ୍ୟମାନେ ଯୁଦ୍ଧ କ୍ଷେତ୍ରରେ ନିହତ ହେଲେ କିମ୍ବା ଅକର୍ମଣ୍ୟ ହୋଇ ପଡ଼ିଲେ ତାଙ୍କର ସନ୍ତାନ କିମ୍ବା ବିଧବା ପତ୍ନୀ ଏହି ଫଣ୍ଡରୁ ସାହାଯ୍ୟ ପାଇବେ ।



ତ୍ରିବାଙ୍କୁଡ଼ର ମହାମାନ୍ୟ ମହାରାଜା ମହୋଦୟ ।

# ସମ୍ବାଦ ଓ ସଙ୍କେତ

## ମୟୂରଭଞ୍ଜରେ ଦଶହରା ଉତ୍ସବ

ମୟୂରଭଞ୍ଜରେ ଦୁର୍ଗାପୂଜା ଗତ ଅକ୍ଟୋବର ମାସ ୩ ତାରିଖଠାରୁ ଆରମ୍ଭ ହୋଇ ୭୬ ତାରିଖରେ ଶେଷ ହୋଇଥିଲା । ଶ୍ରୀମାନ୍ ମହାରାଜା ସାହେବ ଛୁଟିରେ ରାଜଭବନରେ ଉପସ୍ଥିତ ଥାଇ କୌଳିକ ପ୍ରଥାନୁଯାୟୀ ପ୍ରାସାଦର ଅଧିଷ୍ଠାତ୍ରୀ ଦେବୀ କୀଚକେଶ୍ୱରୀଙ୍କର ପୂଜା ଏବଂ ଲକ୍ଷୀବନ୍ଧା ଓ ଚଳନ୍ତିବରଣ ଶୋଭାଯାତ୍ରାରେ ଯୋଗ ଦେଇଥିଲେ ।

## ମୟୂରଭଞ୍ଜରେ ପୂର୍ବାଞ୍ଚଳ ଦେଶୀୟ ରାଜ୍ୟର ରେସିଡେଣ୍ଟ

ଗତ ସେପ୍ଟେମ୍ବର ମାସରେ ପୂର୍ବାଞ୍ଚଳ ଦେଶୀୟ ରାଜ୍ୟର ରେସିଡେଣ୍ଟ ଲେଫ୍‌ଟେନେଣ୍ଟ କର୍ଣ୍ଣେଲ ଏଚ୍. ଡବ୍ଲିଉ. ରବସନ୍, ତାଙ୍କର ସହଧର୍ମିଣୀ ଓ ସେକ୍ରେଟେରୀ ମିଷ୍ଟର ଭି. ଏଚ୍. ଏମାରସନ୍, ଆଇ. ସି. ଏସ୍., ମୟୂରଭଞ୍ଜ ଆଗମନ କରିଥିଲେ । ୨୩ ତାରିଖ ସକାଳେ ସେମାନେ ରୂପ୍ସା ଷ୍ଟେସନରେ ଟ୍ରେନରୁ ଅବତରଣ କରି ମଟର ଯୋଗେ ଷ୍ଟେଟର ରାଜଧାନୀ ବାରିପଦାରେ ପହଞ୍ଚିଥିଲେ । ଏଠାରେ ଅବସ୍ଥାନ ସମୟରେ ରେସିଡେଣ୍ଟ ଶ୍ରୀମାନ୍ ମହାରାଜା ସାହେବଙ୍କ ସହିତ କଚେରୀ, ଅଫିସ, ବାରିପଦା କୁଷ୍ଠାଶ୍ରମ, ମ୍ୟୁନିସିପାଲିଟି, ପୂର୍ଣ୍ଣଚନ୍ଦ୍ର ଶିଳ୍ପ-ସଦନ, କିଙ୍ଗ୍ ଏଡୱାର୍ଡ ଡାକ୍ତରଖାନା, ବାରିପଦା କେନ୍ଦ୍ର ଜେଲ୍, ହାଇସ୍କୁଲ, ଭିକ୍ଟୋରିଆ ମେମୋରିଆଲ ଲାଇବ୍ରେରୀ ଓ ବାରିପଦା ଯାଦୁଘର ପରିଦର୍ଶନ କରିଥିଲେ ଏବଂ ମିସେସ୍ ରବସନ୍ ଲେଡି ଫ୍ରେଜାର ବାଳିକା ବିଦ୍ୟାଳୟ ପରିଦର୍ଶନ କରିଥିଲେ । ପୂର୍ଣ୍ଣଚନ୍ଦ୍ର ଶିଳ୍ପ-ସଦନରେ ଦେଶୀ ତନ୍ତବୁଣା ହାତକଟା ସୂତାର ତସର ଲୁଗା, ଶିଳ୍ପ ଓ ପଶମ ଲୁଗାମାନ ଦେଖି ରେସିଡେଣ୍ଟ ସାହେବ ଅତ୍ୟନ୍ତ ପ୍ରୀତ ହୋଇଥିଲେ । ମୟୂରଭଞ୍ଜ-ରାଜ୍ୟ ଅନ୍ତର୍ଗତ ଖିଚିଙ୍ଗ ଓ ହରିପୁର ଗଡ଼ରୁ ଅଣାଯାଇ ବାରିପଦା ମ୍ୟୁଜିୟମରେ ସୁରକ୍ଷିତ ପ୍ରାଚୀନ ପ୍ରତ୍ନତତ୍ତ୍ୱ ବିଷୟକ ପ୍ରାଗୈତିହାସିକ ସଙ୍କେତମାନ ଓ ପ୍ରସ୍ତର ମୂର୍ତ୍ତିମାନ ବିଶିଷ୍ଟ ଦର୍ଶକମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲା ।

୨୪ ତାରିଖ ସନ୍ଧ୍ୟାରେ ଶ୍ରୀମାନ୍ ମହାରାଜା ସାହେବ ରେସିଡେଣ୍ଟଙ୍କୁ ନିମନ୍ତ୍ରଣ କରି ଗୋଟିଏ ଭୋଜି ଦେଇଥିଲେ । ରାଜବଂଶୀୟ ଓ ସ୍ଥାନୀୟ କର୍ମଚାରୀମାନେ ଏହି ଭୋଜିରେ ଯୋଗ ଦେଇଥିଲେ । ୨୫ ତାରିଖ ଅପରାହ୍ନରେ ରେସିଡେଣ୍ଟ ସାହେବ, ତାଙ୍କର ସହଧର୍ମିଣୀ ଓ ସେକ୍ରେଟେରୀ ସାହେବ କଲିକତା ଫେରି ଯାଇଥିଲେ ।

## ମୟୂରଭଞ୍ଜ କର୍ମଚାରୀମାନଙ୍କର ସମ୍ମିଳନୀ

ମୟୂରଭଞ୍ଜର ବିଭିନ୍ନ ବିଭାଗୀୟ ଉଚ୍ଚ ରାଜ-କର୍ମଚାରୀମାନଙ୍କର ସେପ୍ଟେମ୍ବର ମାସ ୧୭, ୧୮ ଓ ୧୯ ତାରିଖରେ ମୟୂରଭଞ୍ଜ ଷ୍ଟେଟ୍ ସେକ୍ରେଟେରିଏଟ୍ ପ୍ରାସାଦରେ ଗୋଟିଏ ସମ୍ମିଳନୀ ବସିଥିଲା । ରାଜ୍ୟର ଶାସନ ସଂକ୍ରାନ୍ତ କେତେକ ଆବଶ୍ୟକୀୟ ବିଷୟ ନେଇ ସେମାନେ ଦେୱାନ ସାହେବଙ୍କ ସହିତ ପରାମର୍ଶ କରିଥିଲେ । ଏହା ପୂର୍ବରୁ ଜୁଲାଇ ମାସ ୧୮ ତାରିଖ ଓ ତାହାର ପରବର୍ତ୍ତୀ ଦୁଇ ଦିନ ଉକ୍ତ ବିଷୟରେ ଆଉ ଗୋଟିଏ ସଭା ମଧ୍ୟ ହୋଇଥିଲା ।

## ବନ୍ୟା-ବିପନ୍ନ ଅଞ୍ଚଳ ପାଇଁ ମୟୂରଭଞ୍ଜର ସାହାଯ୍ୟ

ବାରିପଦା-ଦେଉଳସାହି-ହିତବ୍ରତ-ସମିତିର ସଭ୍ୟବୃନ୍ଦ, ଏବଂ ହାଇସ୍କୁଲ ଛାତ୍ରମାନେ ସହରର ଦ୍ୱାରେ ଦ୍ୱାରେ ବୁଲି ଭିକ୍ଷା ସଂଗ୍ରହ କରି ଓଡ଼ିଶାର ଗତ ବନ୍ୟାରେ ପୀଡ଼ିତ ଅଞ୍ଚଳ ପାଇଁ ଆଶାନୁରୂପ ଆର୍ଥିକ ସାହାଯ୍ୟ କରିଥିଲେ । ଅର୍ଥ ବ୍ୟତୀତ ଚାଉଳ ଓ ଲୁଗା ମଧ୍ୟ ପଠା ଯାଇଥିଲା । ପୂର୍ତ୍ତବିଭାଗର କର୍ମଚାରୀମାନେ ମଧ୍ୟ ଆଶାନୁରୂପ ଚାନ୍ଦା ଉଠାଇଥିଲେ । ମୟୂରଭଞ୍ଜର ଏଥ୍‌ଲେଟିକ୍ ଏସୋସିଏସନ୍ ଜାମସେଦ୍‌ପୁର, କଟକ ଓ ପୁରୀ ଫୁଟବଲ ଟିମ୍-ମାନଙ୍କରୁ ଇଉରେସିଆନ ଖେଳାଳିମାନଙ୍କୁ ନେଇ ବାରିପଦା, କଟକ ଓ ପୁରୀ ଟିମ୍‌ର ନିର୍ବାଚିତ ଭାରତୀୟ ଖେଳାଳିମାନଙ୍କ ସହିତ ଗୋଟିଏ ଫୁଟବଲ ମ୍ୟାଚ୍ କରିଥିଲେ ଓ ତହିଁର ଟିକଟଲବ୍ଧ ଧନ ବନ୍ୟା ସାହାଯ୍ୟ ପାଇଁ ପଠାଇଥିଲେ ।

## ବାରିପଦାରେ ଫୁଟବଲ ପ୍ରତିଯୋଗିତା

ଇଣ୍ଟର ସ୍କୁଲ ଚ୍ୟାଲେଞ୍ଜ ଓ ଶ୍ରୀରାମଚନ୍ଦ୍ର ମେମୋରିଏଲ ଫୁଟବଲ ପ୍ରତିଯୋଗିତା ପାଇଁ ଏ ବର୍ଷ ମୟୂରଭଞ୍ଜ ଏଥ୍‌ଲେଟିକ୍ ଏସୋସିଏସନ୍ ବିଶେଷ ସୁବନ୍ଦୋବସ୍ତ କରିଥିଲେ । ଜାମସେଦ୍‌ପୁର ଓ ସୁଦୂର ସମ୍ବଲପୁର ଏବଂ ପୁରୀ ସହରରୁ ମଧ୍ୟ ଉକ୍ତ ଫୁଟବଲ ପ୍ରତିଯୋଗିତାରେ ଅଧିକ ସଂଖ୍ୟକ ଫୁଟବଲ ଟିମ୍ ଯୋଗ ଦେଇଥିଲେ । ଏହା ସ୍ଥାନୀୟ ଏସୋସିଏସନର ସୁଖ୍ୟାତିର ନିଦର୍ଶନ ସୂଚନା ଦେଉଅଛି ।

ଇଣ୍ଟର-ସ୍କୁଲ-ଚ୍ୟାଲେଞ୍ଜ ଫୁଟବଲ ପ୍ରତିଯୋଗିତା ଅଗଷ୍ଟ ମାସ ୯ ତାରିଖରୁ ଆରମ୍ଭ ହୋଇ ୧୫ ତାରିଖରେ ଶେଷ ହୋଇଥିଲା । ଏହି ପ୍ରତିଯୋଗିତାରେ ସ୍ଥାନୀୟ ଦୁଇଟି ଟିମ୍ ଛଡ଼ା ବାଲେଶ୍ୱର, ସମ୍ବଲପୁର ଓ ପୁରୀ ଜିଲ୍ଲା ସ୍କୁଲର ଟିମ୍‌ମାନ ଯୋଗ ଦେଇଥିଲେ । ସ୍କୁଲ ପ୍ରତିଯୋଗିତାରେ ସେପରି କୌଣସି ଉଲ୍ଲେଖଯୋଗ୍ୟ ଘଟଣା




Digitized by srujanika@gmail.com

ଘଟି ନ ଥିଲେହେଁ ବାରିପଦା ହାଇସ୍କୁଲ "ଏ" ଅନ୍ୟାନ୍ୟ ଟିମ୍ ଗୁଡ଼ିକ ଅପେକ୍ଷା ଭଲ ଖେଳ ଦେଖାଇଥିଲେ ଓ ଶେଷ ପ୍ରତିଯୋଗିତାରେ ପୁରୀ ଜିଲ୍ଲା ସ୍କୁଲ ଟିମ୍‌କୁ ୪-୧ ଗୋଲରେ ପରାସ୍ତ କରି ଶିଲ୍ଡ ପାଇଥିଲେ । ଏହି ବର୍ଷକୁ ମିଶାଇ ବାରିପଦା ହାଇସ୍କୁଲ କ୍ରମାଗତ ଛଅ ବର୍ଷ ହେଲା ଶିଲ୍ଡ ନେଇଅଛି । ଖେଳ ଆରମ୍ଭ ହେବା ସଙ୍ଗେ ସଙ୍ଗେ ବାରିପଦା ଅଗ୍ରଗାମୀ ହୋଇଥିଲେ ଓ ଏକ ମିନିଟ ମଧ୍ୟରେ ତାଙ୍କ ଦଳର ଜଗନ୍ନାଥ ଗୋଟିଏ ଗୋଲ ଦେଲେ । ପର ମୁହୂର୍ତ୍ତରେ ଜଗନ୍ନାଥ ପୁଣି ଆଉ ଗୋଟିଏ ଗୋଲ ଦେଲେ । କିନ୍ତୁ ଗୋଲ ଦେବାର ପାଞ୍ଚ ମିନିଟ୍ ମଧ୍ୟରେ ପୁରୀ ଟିମ୍‌ର ବିଜେନ୍ଦ୍ର ଗୋଟାଏ ଗୋଲ ଶୁଝାଇ ଦେଲେ । ହାଫ୍‌ଟାଇମ୍ ପରେ ପ୍ରାୟ ସାତ ମିନିଟ୍ ମଧ୍ୟରେ ବାରିପଦାର ଜଗନ୍ନାଥ ଓ ଅଗାନ୍ଦ୍ର କ୍ରମାଗତ ଦୁଇଗୋଟି ଗୋଲ ଦେଲେ ।

ମୟୂରଭଞ୍ଜର ଟୀକାଏତ ସାହେବ ଶ୍ରୀମନ୍ ପ୍ରଦୀପ ଚନ୍ଦ୍ର ଭଞ୍ଜ ଦେଓ ଖେଳ ଶେଷରେ ବିଜେତାମାନଙ୍କୁ ଶିଲ୍ଡ ପ୍ରଦାନ କରିଥିଲେ । ସେ ଅଳ୍ପ ଦିନ ପୂର୍ବରୁ ଗ୍ରୀଷ୍ମାବକାଶରେ ଇଂଲଣ୍ଡରୁ ଏଠାକୁ ଆସିଥିଲେ ।

ଶ୍ରୀରାମଚନ୍ଦ୍ର ସ୍ମୃତି ଫୁଟବଲ ପ୍ରତିଯୋଗିତା ଗତ ଅଗଷ୍ଟ ମାସ ୧୫ ତାରିଖରେ କଟକ ବି. ଏନ୍. ଆର୍. ଓ ବାହାଡ଼ାଗୋଡ଼ା



ଶ୍ରୀରାମଚନ୍ଦ୍ର ସ୍ମୃତି ପ୍ରତିଯୋଗିତାର ଫାଇନାଲ୍ ଖେଳରେ ବି. ଏନ୍. ଆର୍. ଗୋଲପୋଷ୍ଟ ପାଖରେ ଗୋଟିଏ କର୍ଣ୍ଣର ସୁଟ୍ ପୂର୍ବର ଅବସ୍ଥା ।

ଜୁଭେନାଇଲ ସ୍ପୋର୍ଟିଂ ଏସୋସିଏସନ୍ ମଧ୍ୟରେ ଆରମ୍ଭ ହୋଇ ଦିନକୁ ଦିନ ଅଧିକ ଉତ୍ତେଜନାପୂର୍ଣ୍ଣ ହୋଇ ଉଠିଥିଲା । ଦର୍ଶକ ସଂଖ୍ୟା ମଧ୍ୟ ସେହି ଅନୁପାତରେ ବଢ଼ିଥିଲା । ଏହି ପ୍ରତିଯୋଗିତାର ଶେଷ ଖେଳ କଟକ ବି. ଏନ୍. ଆର୍. ସ୍ପୋର୍ଟିଂ କ୍ଲବ ଏବଂ ଟାଟାନଗର ଟ୍ରାନ୍ସପୋର୍ଟେସନ କ୍ଲବ ସହିତ ସେପ୍ଟେମ୍ବର ମାସ ପହିଲା ତାରିଖରେ ହୋଇଥିଲା । ସେଥିରେ ଟ୍ରାନ୍ସପୋର୍ଟେସନ କ୍ଲବ କଟକ ବି. ଏନ୍. ଆର୍‌କୁ ଦୁଇଗୋଟି ଗୋଲରେ ପରାସ୍ତ କରିଥିଲେ । ଉଭୟ ପକ୍ଷ ଚମତ୍କାର ଖେଳ ଦେଖାଇ ଥିଲେହେଁ ବିଜେତା ଦଳର ଖେଳ ବିଶେଷ ଶୃଙ୍ଖଳାବଦ୍ଧ ଓ ସୁନ୍ଦର ହୋଇଥିଲା । କଟକ ବି. ଏନ୍. ଆର୍ ସବୁବେଳେ ଡ୍ରିବ୍‌ଲିଂ ଖେଳ ଖେଳି ବଲ୍‌କୁ ଅଧିକାଂଶ ସମୟ ଆବଦ୍ଧ କରି ରଖୁଥିବା ହେତୁ ଅନେକ ଗୁଡ଼ିଏ ସୁବିଧା ହରାଇଥିଲେ । ପ୍ରଥମ ହାଫ୍‌ଟାଇମର ୨୦ ମିନିଟ ପରେ ଟ୍ରାନ୍ସପୋର୍ଟେସନ୍ କ୍ଲବର ଇନ୍‌ସାଇଡ୍ ରାଇଟ୍ ପି. ଫିନ୍, ପଡ଼ିଆ ମଝିରୁ ଖୁବ୍ ଦ୍ରୁତ ଗତିରେ ବଲ ନେଇ ଚମତ୍କାର୍ ଭାବରେ ଗୋଟାଏ ଶକ୍ତ ସୁଟ୍‌ଦ୍ୱାରା ପ୍ରଥମ ଗୋଲ ଦେଲେ । ଦ୍ୱିତୀୟ ହାଫ୍‌ଟାଇମର ୧୫ ମିନିଟ୍ ଖେଳ ପରେ କଟକ ବି. ଏନ୍. ଆର୍. ଗୋଟାଏ ପେନାଲ୍ଟି ପାଇଥିଲେ ହେଁ ତାଙ୍କର ଫରୱାର୍ଡ୍ ଜଗନ୍ନାଥମ୍ ତାହା ଭୁଲ ଭାବରେ ନିକ୍ଷେପ କରି ଏକ ମସ୍ତ ସୁବିଧା ହରାଇ ଥିଲେ । ଟ୍ରାନ୍ସପୋର୍ଟେସନ୍ ଏଥିରେ ଅଧିକ ଉତ୍ସାହିତ ହୋଇ ପି. ଫିନଙ୍କଦ୍ୱାରା ଆଉ ଗୋଟିଏ ଗୋଲ ଦେଇଥିଲେ ।

ଶ୍ରୀଯୁକ୍ତ ଲାଲମୋହନ ପତି ଗୋଟିଏ କ୍ଷୁଦ୍ର ବକ୍ତୃତା ଦେଲାପରେ ମୟୂରଭଞ୍ଜର ରାଜମାତା ସାହେବ ଶିଲ୍ଡ, ରନରସ୍ କପ୍ ଓ ମେଡ଼େଲ ଆଦି ପ୍ରଦାନ କରିଥିଲେ ।

## ମହାରାଜା ପୂର୍ଣ୍ଣଚନ୍ଦ୍ର ବୃତ୍ତି ପାଣ୍ଠି

ମହାରାଜା ପୂର୍ଣ୍ଣଚନ୍ଦ୍ର ବୃତ୍ତି ପାଣ୍ଠିରୁ ବିବିଧ ଶିଳ୍ପ-ବିଜ୍ଞାନ ସମ୍ବନ୍ଧରେ ଶିକ୍ଷାଲାଭ କରିବା ପାଇଁ ଏ ବର୍ଷ ଅନେକ ଗୁଡ଼ିଏ ବୃତ୍ତି ଦିଆ ଯାଇ ଅଛି । ଇଲେକ୍‌ଟ୍ରିକେଲ୍ ଇଞ୍ଜିନିୟରିଂ ଓ ଅଟୋମୋବାଇଲ୍ ଇଞ୍ଜିନିୟରିଂ ଶିକ୍ଷା କରିବା ପାଇଁ ଦୁଇ ଜଣ ଛାତ୍ରଙ୍କୁ ତିନି ବର୍ଷ ପାଇଁ ଯଥାକ୍ରମେ ୪୫ ଓ ୩୫ ଟଙ୍କା ଲେଖାଏଁ ମାସିକ ବୃତ୍ତି ଦିଆ ଯାଇ ଅଛି । ସେମାନେ ଆଗ୍ରାର ଦୟାଲବାଗ କଲେଜରେ ଶିକ୍ଷା ଗ୍ରହଣ କରିବେ । କଟକ ଇଞ୍ଜିନିୟରିଂ ସ୍କୁଲରେ ଅଧ୍ୟୟନ କରିବା ପାଇଁ ତିନି ବର୍ଷ ସକାଶେ ଦୁଇ ଜଣ ଛାତ୍ରଙ୍କୁ ମାସିକ ୨୦ ଟଙ୍କା ଲେଖାଏଁ ବୃତ୍ତି ଦିଆ ଯାଇଅଛି । ବରୋଦା କଳା-ଭବନ ଶିଳ୍ପ-ସଦନରେ ତନ୍ତ୍ରବୁଣା କାର୍ଯ୍ୟ ଶିକ୍ଷା କରିବା ପାଇଁ ଆଉ ଜଣେ ଛାତ୍ରକୁ ତିନି ବର୍ଷ ପାଇଁ ମାସିକ ୩୫ ଟଙ୍କା ଲେଖାଏଁ ବୃତ୍ତି ଦିଆ ଯାଇଅଛି । ଏହା ଛଡ଼ା ପୁରୀ ସଂସ୍କୃତ କଲେଜରେ

ଆୟୁର୍ବେଦ ଓ କଲିକତା ହୋମିଓପ୍ୟାଥି କଲେଜରେ ହୋମିଓପ୍ୟାଥି ପଢ଼ିବା ପାଇଁ ଦୁଇ ଜଣ ଛାତ୍ରଙ୍କୁ ଚାରି ବର୍ଷ ପାଇଁ ଯଥାକ୍ରମେ ୧୭ ଓ ୨୫ ଟଙ୍କା ଲେଖାଏଁ ମାସିକ ବୃତ୍ତି ଦିଆ ଯାଇଅଛି । ସ୍ୱର୍ଗୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେଓଙ୍କର ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ ଏହି ପାଣ୍ଠିର ସୃଷ୍ଟି ହୋଇଅଛି ।

## ଓଡ଼ିଆ ବର୍ଷାରମ୍ଭ

ଗତ ସେପ୍ଟେମ୍ବର ମାସ ୧୭ ତାରିଖରେ ଓଡ଼ିଆ ବର୍ଷାରମ୍ଭ ବା ସୁନିଆଁ ଏଠାରେ ଯଥାବିଧି ପ୍ରତିପାଳିତ ହୋଇଥିଲା । କୌଳିକ ପ୍ରଥାନୁଯାୟୀ ରାଜଭବନରେ ଉକ୍ତ ଉତ୍ସବ ଅନୁଷ୍ଠିତ ହୋଇଥିଲା ଓ ଷ୍ଟେଟ୍‌ର ସମସ୍ତ ଅନୁଷ୍ଠାନମାନ ସେ ଦିନ ବନ୍ଦ ରହିଥିଲା । ସେହି ଦିନ ବାରିପଦା ଫ୍ରେଣ୍ଡସ୍ ଋକ୍ରିଏସନ କ୍ଲବର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା ଓ ସେଠାକୁ ସହରର ବଶିଷ୍ଟ ବ୍ୟକ୍ତିମାନେ ନିମନ୍ତ୍ରିତ ହୋଇ ଗୋଟିଏ ସାନ୍ଧ୍ୟ ଭୋଜନରେ ଯୋଗ ଦେଇ-ଥିଲେ ।

## ବିଦାୟ ସଭା

ମୟୂରଭଞ୍ଜର ଷ୍ଟେଟ୍ ଜଜ୍ ମିଷ୍ଟର ଏ. କେ. ଚାଟାର୍ଜି ଓ ସହକାରୀ ଇଞ୍ଜିନିୟର ମିଷ୍ଟର ଏ. ଭୂୟାଁ ଷ୍ଟେଟ୍ କାର୍ଯ୍ୟରୁ ଅବସର ଗ୍ରହଣ କରୁଥିବାରୁ ସେମାନଙ୍କୁ ବିଦାୟ ଦେବା ସକାଶେ ଅଗଷ୍ଟ ମାସ ୫ ତାରିଖ ସନ୍ଧ୍ୟା ସମୟରେ ସ୍ଥାନୀୟ ହାଇସ୍କୁଲ ହଲରେ ଗୋଟିଏ ସଭା ଆହୂତ ହୋଇଥିଲା । ସ୍ଥାନୀୟ ଅନେକ କର୍ମଚାରୀ ଓ ଭଦ୍ରଲୋକ ଏହି ସଭାରେ ଏକତ୍ରିତ ହୋଇଥିଲେ । ମିଷ୍ଟର ଚାଟାର୍ଜି ଓ ଭୂୟାଁଙ୍କ ବିଦାୟ ସଭାର ସୁବ୍ୟବସ୍ଥା ଉଭୟ କର୍ମଚାରୀଙ୍କର ଲୋକପ୍ରିୟତାର ସୂଚନା ଦେଇଥିଲା । ବର୍ତ୍ତମାନ ସେମାନେ ଷ୍ଟେଟ୍‌ର ନିୟମାନୁଯାୟୀ ପେନ୍‌ସନ୍ ଭୋଗ କରିବେ ।

## ଷ୍ଟେଟ୍ ଛାପାଖାନାରେ ବିଶ୍ୱକର୍ମା ପୂଜା

ପ୍ରତ୍ୟେକ ବର୍ଷ ପରି ଏଠାର ଷ୍ଟେଟ୍ ଛାପାଖାନା, ଗେରେଜ୍ ଓ ପାଓ୍ୱାର ହାଉସ୍‌ରେ ବିଶ୍ୱକର୍ମାଙ୍କ ଜନ୍ମୋତ୍ସବ ପୂଜା ସେପ୍ଟେମ୍ବର ମାସ ୧୭ ତାରିଖରେ ଯଥାବିଧି ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବ ଷ୍ଟେଟ୍ ଛାପାଖାନାରେ ବିଶେଷ ସମାରୋହର ସହିତ ଅନୁଷ୍ଠିତ ହୋଇଥିଲା ଏବଂ ଶ୍ରୀମନ୍ ରାଜଗୁରୁ ସାହେବ ଏହି ଉତ୍ସବରେ ଉପସ୍ଥିତ ଥିଲେ । ସ୍ଥାନୀୟ ବିଭିନ୍ନ ବିଭାଗୀୟ ଉଚ୍ଚପଦସ୍ଥ କର୍ମଚାରୀମାନେ ମଧ୍ୟ ନିମନ୍ତ୍ରିତ ହୋଇ ପ୍ରେସ୍ ହଲର ସୁସଜ୍ଜିତ କକ୍ଷରେ ଚା-ଭୋଜରେ ଯୋଗ ଦେଇଥିଲେ ।

## ଆଇନ ବ୍ୟବସାୟୀମାନଙ୍କର କ୍ଷମତା ଓ ଦାୟିତ୍ୱ

ମୟୂରଭଞ୍ଜର ଆଇନ ବ୍ୟବସାୟୀମାନଙ୍କ କ୍ଷମତା ଓ ଦାୟିତ୍ୱ ସ୍ଥିର କରିବା ପାଇଁ ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ନେଇ ଗୋଟିଏ ସଭା ଗଠନ କରା ଯାଇଅଛି ବୋଲି ଅକ୍ଟୋବର ମାସ ୨ ତାରିଖ ଷ୍ଟେଟ୍ ଗେଜେଟରେ ଏକ ଇସ୍ତାହାର ପ୍ରକାଶିତ ହୋଇଅଛି । ଏ ବିଷୟରେ କିପରି ବିଧିଯୁକ୍ତ ଆଇନ ପ୍ରଣୟନ କରା ଯାଇପାରେ ତାହା ସେମାନେ ବିଚାର କରି ସ୍ଥିର କରିବେ ।

ସଭାପତି—ରାୟ ବାହାଦୁର ଏମ୍. ଏନ୍. ଦାସ, ଏମ୍. ଏ., ବି. ଏଲ୍., ହାଇକୋର୍ଟର ପ୍ରଧାନ ପୁଇନ୍ ଜଜ୍ ।

ସଭ୍ୟ—ରାୟ ବାହାଦୁର ହି. ଏନ୍. ରାୟ, ଏମ୍. ଏ., ବି. ଏଲ୍., ଷ୍ଟେଟଜଜ୍, ମିଷ୍ଟର ବି. ମହାପାତ୍ର, ବି. ଏଲ୍., ସଦର ଏସ୍. ଡି. ଓ., ମିଷ୍ଟର ଆର୍. ଏନ୍. ମହାନ୍ତି, ବି. ଏଲ୍., ଏଲ୍. ଆର. ଓ., ସଦର ଓ ଉଦଳା, ଏବଂ ବାରିପଦା ବାର୍ ଏସୋସିଏସନର ଜଣେ ସଭ୍ୟ ।

ସେକ୍ରେଟେରୀ—ମିଷ୍ଟର ପି. ସି. ମହାନ୍ତି, ବି. ଏଲ୍., ସଦର ମାଜିଷ୍ଟ୍ରେଟ ।

ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍‌ରେ ଶ୍ରୀ ପଦ୍ମଚରଣ ଦାଶଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ।



Digitized by srujanika@gmail.com

# ଉତ୍କଳ ପ୍ରଭା

ବାରିପଦା, ପୌଷ ୧୩୪୪



PHONE 2492 CAL. GRAM "LAVATORY"

# SANITATION

PLUMBING
DRAINAGE
& WATER-WORKS.

CONSULT.

## S. K. CHAKRAVARTI LTD.

MISSION ROW — SANITARY ENGINEERS — CALCUTTA

**Mayurbhanj Law Reporter**

Highly appreciated in India & Abroad.

It is a quarterly publication.

It is published in September, December, March and June.

| | |
|---|---|
| Yearly Subscription | Rs. 3 |
| Single Copy | As. 12 |

Postage Extra.

*Manager*—N. C. SANYAL, B. A.
MAYURBHANJ LAW REPORTER.

Estd. Half A Century

**J. N. CHUNDER & BROS.**

14/2 Old Chinabazar Street, Room No. 105 CALCUTTA

CHEAPEST HOUSE FOR

**PRINTING & STATIONERY GOODS**

*Please ask for Price List.*

**Bhanja Pradeepa**

*It is an illustrated Oriya quarter. quite independent of the English Editio. of the Mayurbhanj Chronicle.*

SUBSCRIPTION

| | | |
|---|---|---|
| *Annual* - | *Rs. 0-12-0* | *(post fr* |
| *,,* | *1-4-0* | *(with postag* |
| *Price per copy ,,* | *0-3-0* | *(post free)* |
| *,,* | *0-5-0* | *(with postage)* |

*Manager*—N. C. SANYAL, B.A.
BHANJA PRADEE

Digitized by srujanika@gmail.com


# M·B·SIRKAR & SONS

**Son and grandsons of Late B. SIRKAR.**

**MANUFACTURING JEWELLERS**


**DEALERS IN GUINEA ( 22 CT. ) GOLD ONLY.**

124 & 124/1, BOWBAZAR STREET, CALCUTTA.



A large assortment of genuine Jewelleries, Guinea Gold Ornaments and Silverwares of enduring value and distinction are always in stock for sale ana are also made to Orders within 24 hours. MAKING CHARGES MODERATE. Old Gold and Silver exchanged with New Ornaments and we refund full value of Gold Ornaments manufacture by us at the current rate of Guinea Gold. Our latest Catalogue No. B. 2 with revised rates and designs is sent free on request.





**PHONE:-B.B.1761.** **TEL:-BRILLIANTS.**

---

# ସାଧନା ଔଷଧାଳୟ—ଢାକା (ବଙ୍ଗ)

ଅଧ୍ୟକ୍ଷ ଯୋଗେଶଚନ୍ଦ୍ର ଘୋଷ, ଆୟୁର୍ବେଦ ଶାସ୍ତ୍ରୀ, ଏମ୍. ଏ., ଏଫ୍. ସି. ଏସ୍, (ଲଣ୍ଡନ) ଭାଗଲପୁର କଲେଜର ପୂର୍ବତନ ରସାୟନ ଅଧ୍ୟାପକ ।

ଶାଖା ଅଫିସମାନ:—( ଶ୍ୟାମବଜାର—କଲିକତା ଟ୍ରାମଡିପୋ ନିକଟ ) । (୨) ୨୧୩, ବଉବଜାର ଷ୍ଟ୍ରିଟ, କଲିକତା । (୩) ଏଣ୍ଡରକିଲ୍ଲ, ଚଟ୍ଟଗାଙ୍ଗ୍ (୪) ପାଟୁଆଟୋଲା ଷ୍ଟ୍ରିଟ ଢାକା । (୫) ଦିନାଜପୁର (୬) ୭୭/୪ ଷ୍ଟ୍ରାଣ୍ଡରୋଡ, ବଡ଼ବଜାର, କଲିକତା ।

ଆୟୁର୍ବେଦ ଶାସ୍ତ୍ରାନୁଯାୟୀ ପ୍ରସ୍ତୁତ ହୋଇଥିବା ଅକୃତ୍ରିମ ଶୁଦ୍ଧ ଔଷଧ—ଗ୍ୟାରେଣ୍ଟି ଦିଆଯିବ ।

କ୍ୟାଟଲଗ ପାଇଁ ଲେଖନ୍ତୁ:—ରୋଗର ବିଶଦ ବିବରଣ ଲେଖିଲେ ବିନା ମୂଲ୍ୟରେ ଔଷଧ ଓ ରୋଗ ନିର୍ଣ୍ଣୟ କରି ଯାଇଥାଏ ।

**ମକରଧ୍ୱଜ ( ସ୍ୱର୍ଣ୍ଣସିନ୍ଦୁର ) ଏକ ତୋଲାକୁ—ଟ ୪୮ଙ୍କା**

ଏହା ସର୍ବରୋଗନାଶକ, ବଳକାରକ, ମାନସିକ ଏବଂ ଶାରୀରିକ ପୁଷ୍ଟିସାଧକ ।

**ସାରିବାଦି ସାଲସା ଏକ ସେରକୁ—ଟ ୨୲ ଅଣା**

ଏହା ଚର୍ମରୋଗନାଶକ, ରସାତ୍ମକ ବିଷନାଶକ, ମେହନାଶକ, ମୂତ୍ର ସମ୍ବନ୍ଧୀୟ ସମସ୍ତ ରୋଗନାଶକ ଏବଂ ରକ୍ତପରିଷ୍କାରକ ଅଟେ ।

Digitized by srujanika@gmail.com

# ଭଞ୍ଜ ପ୍ରଦୀପ

ସପ୍ତମ ଭାଗ — ଦ୍ୱିତୀୟ ସଂଖ୍ୟା

## ସୂଚି-ପତ୍ର


| | | | ପୃଷ୍ଠା |
|---|---|---|---|
| ୧ । ସତ୍ୟ ପ୍ରତି ନିଷ୍ଠା | | ଶ୍ରୀ ପଦ୍ମଚରଣ ପଟ୍ଟନାୟକ, ବି. ଏଲ୍. | ୧ |
| ୨ । ପ୍ରାଚୀନ ଭାରତରେ ବର୍ଣ୍ଣ ଓ ବୈବାହିକ ପ୍ରଥା | ମିଲୀ | ଶ୍ରୀ ବିଦ୍ୟାଧର ବର୍ମା | ୩ |
| ୩ । ଅବସର-ବିଳାସ (କବିତା) | | ଶ୍ରୀ ବୈକୁଣ୍ଠନାଥ ପଟ୍ଟନାୟକ, ଏମ୍. ଏ., ବି. ଇଡ୍. | ୭ |
| ୪ । ଅଭିମାନିନୀ (ଗଳ୍ପ) | | ଶ୍ରୀ ନିତ୍ୟାନନ୍ଦ ମହାପାତ୍ର | ୮ |
| ୫ । ପୂଜା | କବିବର | ଶ୍ରୀ ଚିନ୍ତାମଣି ମହାନ୍ତି | ୧୩ |
| ୬ । ଶାନ୍ତି ଓ କ୍ରାନ୍ତି | | ଶ୍ରୀ ବୃନ୍ଦାବନଚନ୍ଦ୍ର ଦାଶ | ୧୪ |
| ୭ । ଆଧୁନିକ ସଭ୍ୟତା | | ଶ୍ରୀ ଶଶିଭୂଷଣ ରାୟ | ୧୬ |
| ୮ । ଖିଚିଙ୍ଗ (ପଦ୍ୟ) | | ଶ୍ରୀ ଗୀର୍ବାଣ ଚନ୍ଦ୍ର ପାଣିଗ୍ରାହୀ | ୨୧ |
| ୯ । ଦେଶୀୟ ରାଜ୍ୟ ସମାଚାର | | | ୨୩ |
| ୧୦ । ପୁସ୍ତକ ପରିଚୟ | | | ୨୬ |
| ୧୧ । ଚନ୍ଦ୍ରାଲୋକ (କବିତା) | | ଶ୍ରୀ ରାଧାମୋହନ ଗଡ଼ନାୟକ | ୨୭ |
| ୧୨ । ସମ୍ବାଦ ଓ ସଙ୍କେତ | | | ୨୮ |


## ଚିତ୍ର-ସୂଚି


| | |
|---|---|
| ୧ । କୋଣାର୍କ-କୁଟୀର | ପ୍ରଚ୍ଛଦପଟ |
| ୨ । ଖିଚିଙ୍ଗରେ ମିଉଜିୟମ୍ ପ୍ରକାଶ ଓ [illegible] ଦରବାର | ୨୮ |
| ୩ । ଇଙ୍ଗ୍ଲଣ୍ଡର ଫୁଟବଲ ଖେଳରେ ବହୁସଂଖ୍ୟ ଦର୍ଶକଗଣ | ୩୧ |
| ୪ । ଇଙ୍ଗ୍ଲଣ୍ଡର ଫୁଟବଲ ଖେଳର ଗୋଟିଏ ଦୃଶ୍ୟ | ୩୧ |


0

Digitized by srujanika@gmail.com

# ଭଞ୍ଜପ୍ରଦୀପ

ସମ୍ପାଦକ—ଶ୍ରୀ ରାଧାଗୋବିନ୍ଦ ଦାସ    ସହକାରୀ ସମ୍ପାଦକ—ଶ୍ରୀ କାଳିନ୍ଦୀଚରଣ ପାଣିଗ୍ରାହୀ

ମକର ସଂଖ୍ୟା

ସପ୍ତମ ଭାଗ | ପୌଷ, ସନ ୧୩୪୬ ସାଲ | ୬ୟ ସଂଖ୍ୟା

## ସତ୍ୟ ପ୍ରତି ନିଷ୍ଠା

ଶ୍ରୀ ପଦ୍ମଚରଣ ପଟ୍ଟନାୟକ

ଏ ଦେଶର ଶିକ୍ଷିତ ଯୁବକମାନଙ୍କ ମଧ୍ୟରେ ଗୋଟିଏ ପ୍ରଧାନ ଗୁଣର ଅଭାବ ଦେଖି ହୃଦୟ ଅବସନ୍ନ ହୋଇପଡ଼େ । ତାହା ସତ୍ୟ ପ୍ରତି ନିଷ୍ଠାର ଅଭାବ । ଯେ ଯାହା ଭାବି ଚିନ୍ତି ସତ୍ୟ ବୋଲି ଠିକ୍ କଲେ ସେ ଯଦି ସେଥି ପ୍ରତି ନିଷ୍ଠା ନ ରଖନ୍ତି, ତେବେ ତାଙ୍କର ଶିକ୍ଷାଦୀକ୍ଷାର ମୂଲ୍ୟ ବା କେଉଁଠାରେ ? ଉନ୍ନତ ଦେଶବାସୀ ସତ୍ୟସନ୍ଧ ପୁରୁଷମାନଙ୍କ ଜୀବନର ଇତିହାସ ଆଲୋଚନା କଲେ ଦେଖାଯାଏ, ସେମାନେ ନିଜ ନିଜ ମତ ପ୍ରତି ସତତ ଶ୍ରଦ୍ଧାବାନ । ଜୀବନର କୃତକାର୍ଯ୍ୟତା ପାଇଁ ଏ ସଂସାରରେ ଦୁଇଟି ମହତ୍ ଗୁଣର ସର୍ବଥା ପ୍ରୟୋଜନ । ଗୋଟିଏ ଗୁଣ, ବୁଦ୍ଧି ବିଚାରି କେଉଁଟି ଭଲ ମନ୍ଦ ତାହା ଠିକ୍ କରିନେବା ; ଅନ୍ୟଟି, ଯାହା ସତ୍ୟ ବୋଲି ବୁଝିବା ସେଥି ପ୍ରତି ଅଚଳା ଭକ୍ତି ରଖି ସେହି ସତ୍ୟ ବା ନୀତିର ପଥରେ ଶତ ବାଧାବିଘ୍ନ ସତ୍ତ୍ୱେ ସ୍ଥିର ବିକ୍ରମରେ ପଥିକ ହେବା । ପ୍ରତି ପ୍ରଧାନ ପୁରୁଷଙ୍କ ଜୀବନରେ ଏହି ନୀତିର ସାର୍ଥକତା ଘଟିଥାଏ ।

ଆଜି ଏ ଜଗତରେ ବିଜ୍ଞାନର ଯେ ଏତେ ପ୍ରାଧାନ୍ୟ ଏବଂ ତାହାର ବଳରେ ଯେ ଅସାଧ୍ୟ ସାଧନ ହେଉଅଛି ତାହାର ଇତିହାସ ଆଲୋଚନା କଲେ ଦେଖି ପାରିବା, ତାହା ମୂଳରେ ସତ୍ୟନିଷ୍ଠ ବିଜ୍ଞାନ-ସେବୀଙ୍କର ଅସାଧାରଣ ସ୍ୱାର୍ଥ ତ୍ୟାଗ । ସେମାନଙ୍କର ସତ୍ୟନିଷ୍ଠା ଲାଗି ପ୍ରକୃତ ନିର୍ଯ୍ୟାତନ ହୋଇଅଛି । ଇଟାଲିର ପ୍ରସିଦ୍ଧ ବୈଜ୍ଞାନିକ କୋପର୍ନିକସ ଯେତେବେଳେ ପ୍ରଚାର କଲେ ଯେ ସୂର୍ଯ୍ୟ ସ୍ଥିର ହୋଇ ରହିଅଛି ଏବଂ ପୃଥିବୀ ତାହାର ଚତୁର୍ଦ୍ଦିଗରେ ବୁଲୁଅଛି, ସେତେବେଳେ ଏ ସତ୍ୟ ପ୍ରଚାର ଲାଗି ତାଙ୍କୁ ଅନେକ ଯନ୍ତ୍ରଣା, ଲୋକାପବାଦ, ରାଜପୁରୁଷ ଓ ଧର୍ମଗୁରୁମାନଙ୍କର କଠିନ ଦଣ୍ଡ ଭୋଗ କରିବାକୁ ପଡ଼ିଥିଲା । ସେ ସେ ସବୁ ପ୍ରତି ଭ୍ରୂକ୍ଷେପ ନ କରି ନିଜର ସତ୍ୟ ପ୍ରତି, ନିଜର ବିବେକ ପ୍ରତି ଅଚଳ ଅଟଳ ଆସ୍ଥା ସ୍ଥାପନ କରିପାରିଲେ । ଆଜି ତାଙ୍କ ନିଷ୍ଠାର ଫଳ ଫଳିଅଛି । ଆଜି ସଂସାର ବୁଝିଅଛି ଯେ କୋପର୍ନିକସ ଯାହା ବୁଝିଥିଲେ ତାହା ସତ୍ୟ ଓ ତାଙ୍କର ବିପକ୍ଷବାଦୀମାନଙ୍କ କଥା ଅମୂଳକ । କୋପର୍ନିକସଙ୍କର ଏହି ବୈଜ୍ଞାନିକ ମତ ପ୍ରଚାର ପାଇଁ ବ୍ରୁନୋଙ୍କୁ ଜ୍ୱଳନ୍ତା ଅଗ୍ନିରେ ପକାଇ ଦଗ୍ଧ କରିବାର ଆଦେଶ ହୋଇଥିଲା ଏବଂ ସେହି ଆଦେଶ ମଧ୍ୟ କାର୍ଯ୍ୟରେ ପ୍ରତିପାଳିତ ହୋଇଥିଲା । କିନ୍ତୁ ଆଜି ବ୍ରୁନୋଙ୍କର ସେହି ଉକ୍ତ ବୈଜ୍ଞାନିକ ସତ୍ୟ ନବ ମୂର୍ତ୍ତି ପରିଗ୍ରହ କରି ସଂସାରରେ

Digitized by srujanika@gmail.com

ନିଜର ସ୍ଥାନ ଅଧିକାର କରିଅଛି । ଏହି ସତ୍ୟ ପ୍ରତି ନିଷ୍ଠା ଲାଗି ଆଉ ଜଣେ ଇଟାଲୀୟ ବୈଜ୍ଞାନିକ ୮୦ ବର୍ଷର ବୃଦ୍ଧ ଗାଲିଲିଓ ଜେଲ-ଦଣ୍ଡ ଭୋଗ କରିଥିଲେ । ସେ କାଳର ଧର୍ମଯାଜକଙ୍କ ମତରେ ତାଙ୍କ ପ୍ରଚାରିତ ବୈଜ୍ଞାନିକ ତଥ୍ୟ ଧର୍ମ-ବିରୁଦ୍ଧ ଥିବାରୁ ସେ ନାସ୍ତିକ ବୋଲି ପ୍ରମାଣିତ ହୋଇଥିଲେ । ସେ ଯେଉଁ ଦୂରବୀକ୍ଷଣ ଯନ୍ତ୍ର ଉଦ୍ଭାବନ କରିଥିଲେ ତାହା ସାହାଯ୍ୟରେ ବହୁ ଦୂରସ୍ଥିତ ଗ୍ରହ ନକ୍ଷତ୍ରଙ୍କୁ ଦେଖି ପାରିଲେ କାଳେ ଧର୍ମ ନଷ୍ଟ ହେବ ଓ କାୟା ଭ୍ରଷ୍ଟ ହେବ, ଏହି ଭୟରେ ଗାଲିଲିଓଙ୍କର ସହକର୍ମୀ କଲେଜର ଜଣେ ଅଧ୍ୟାପକ ମଧ୍ୟ ସେହି ଦୂରବୀକ୍ଷଣ ଯନ୍ତ୍ରକୁ ସ୍ପର୍ଶ କରି ପାରି ନ ଥିଲେ । ଏତେ ବାଧା ବିଘ୍ନ ନିର୍ଯ୍ୟାତନ ଓ କାରାଦଣ୍ଡ ପ୍ରଭୃତିକୁ ଅମ୍ଳାନବଦନରେ ବରଣ କରି ନେଇ ପାରିବାର ସାହସ ଥିଲା ବୋଲି ଆଜି ଗାଲିଲିଓଙ୍କ ନାମ ବିଜ୍ଞାନର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ।

ଆଉ ଜଣେ ବୈଜ୍ଞାନିକଙ୍କର ଦୁର୍ଦ୍ଦଶାର କାହାଣୀ ଶୁଣିଲେ ଘୃଣା ଓ ଲଜ୍ଜାରେ ମସ୍ତକ ଆପେ ଆପେ ଅବନତ ହୋଇପଡେ । ଇଂଲଣ୍ଡର ଜଣେ ଡାକ୍ତର ଏଡ଼ୱାର୍ଡ଼ ଜେନର ୧୭୯୯ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରି ୧୮୨୩ ଖ୍ରୀଷ୍ଟାବ୍ଦରେ ମାନବଲୀଳା ସମ୍ବରଣ କରିଥିଲେ । ବିଜ୍ଞାନ ପ୍ରତି ତାଙ୍କର ବିଶେଷ ମମତା ଥିଲା । ସେ କାଳରେ ଇଉରୋପ ଓ ଆମେରିକାର ଲକ୍ଷ ଲକ୍ଷ ଲୋକ ବସନ୍ତ ରୋଗରେ ଆକ୍ରାନ୍ତ ହୋଇ ପ୍ରାୟ ସମସ୍ତେ ମୃତ୍ୟୁ ଭୋଗ କରୁଥିଲେ । ସୌଭାଗ୍ୟ କ୍ରମେ ଯେଉଁମାନେ ସେଥିରୁ ରକ୍ଷା ପାଇ ଯାଉଥିଲେ, ସେହି ଭୟାନକ ରୋଗ ସେମାନଙ୍କୁ ବିକଳାଙ୍ଗ କରି ପକାଉଥିଲା । ଏହି ରୋଗର ପ୍ରକୋପରୁ ସଂସାରକୁ ରକ୍ଷା କରିବାଲାଗି ଜେନର ନାନା ଅନୁସନ୍ଧାନ କରି ଗୋବୀଜ ଟିକାର ଆବିଷ୍କାର କଲେ । ସେହି ଆବିଷ୍କାର ସଙ୍ଗେ ସଙ୍ଗେ ପ୍ରତିବାଦୀମାନେ ମାତି ଉଠିଲେ । ସଙ୍ଗେ ସଙ୍ଗେ ପ୍ରଚାରିତ ହେଲା, ଏ ମହା ଧର୍ମ-ବିରୁଦ୍ଧ କଥା । ଅଧିକନ୍ତୁ ମଧ୍ୟ ଏକ ବିଚିତ୍ର କଥା ପ୍ରଚାରିତ ହେଲା ଯେ ଏହି ଗୋବୀଜ ଟିକା ଯେଉଁମାନେ ନେବେ ସେମାନଙ୍କର ଗୋରୁ ପରି ଦୁଇଟା ଶିଙ୍ଗ ମୁଣ୍ଡରେ ଉଠିବ । ଅଜ୍ଞତାର ଏହି ପ୍ରଚାରରେ ବିଜ୍ଞ ଜେନର ମ୍ରିୟମାଣ ହେଲେ ସତ୍ୟ କିନ୍ତୁ ହତୋତ୍ସାହ ହେଲେ ନାହିଁ । ତାଙ୍କ ମନରେ ଆଶା ଓ ବିଶ୍ୱାସ ବରାବର ରହିଥିଲା ଯେ ଅବଶ୍ୟ ଦିନେ ତାଙ୍କର ଲୋକୋପକାରୀ ସତ୍ୟର ଆଦର ହେବ । ସେ ଧୀର ସ୍ଥିର ଭାବରେ ତାଙ୍କର ତଥ୍ୟ ପ୍ରଚାର କରିବାକୁ ଲାଗିଲେ । ତାଙ୍କର ସେହି ନିଷ୍ଠା ଫଳରେ ଇଉରୋପ ଓ ଆମେରିକା ମହାଦେଶ ଦ୍ୱୟର ସୁଧୀ-ମଣ୍ଡଳ ତାଙ୍କ ଉକ୍ତିର ସତ୍ୟତା ଉପଲବ୍ଧି କରି ପାରିଲେ ଏବଂ ଏହି ଦୁଇ ମହାଦେଶରୁ ଅଜସ୍ର ସମ୍ମାନ ତାଙ୍କ ଉପରେ ବର୍ଷିତ ହେବାକୁ ଲାଗିଲା । ଆଜି ଗୋବୀଜ ଟିକାର ଆବିଷ୍କାରକ ରୂପେ ଜେନର ପୃଥିବୀ ପୃଷ୍ଠରେ ଜଣେ ଜଗଜ୍ଜନହିତକାରୀ ମହାପୁରୁଷ ରୂପେ ସୁପ୍ରତିଷ୍ଠିତ ।

ଏ ଯୁଗର ଆଉ ଜଣେ ଦୁଇ ଜଣ ବୈଜ୍ଞାନିକଙ୍କ ଜୀବନର କଥା ଆଲୋଚନା କଲେ ସେହି ନିଷ୍ଠାର ସତ୍ୟତା ଅଧିକ ଟିକିଏ ଉଦ୍‌ଘାଟିତ ହେବ । ଇଂରେଜ ବୈଜ୍ଞାନିକ ମାଇକେଲ ଫାରାଡେଙ୍କ ନାମ ଆଜି ଏ ବିଜ୍ଞାନ-ଯୁଗରେ ଘରେ ଘରେ ପରିଚିତ । ଆଜି ଯେଉଁ ଡାଇନାମୋ ଓ ମଟର-ଶକ୍ତି ସମସ୍ତ କଳ କାରଖାନାକୁ ଚଳାଇ ବାଣିଜ୍ୟ ବ୍ୟବସାୟରେ ଯୁଗାନ୍ତର ଉପସ୍ଥିତ କରିଅଛି, ତାହା ମୂଳରେ ଏହି ତ୍ୟାଗୀ ବୈଜ୍ଞାନିକ ଫାରାଡେଙ୍କର ହସ୍ତ ବିଦ୍ୟମାନ । ତାଙ୍କ ଆବିଷ୍କାରର ମୂଳତତ୍ତ୍ୱ ସବୁ ଯେତେବେଳେ ପ୍ରଥମେ ଲୋକ ସମାଜରେ ପ୍ରଚାରିତ ହେଲା ତାହାର ସନ୍ଧାନ ପାଇ ବାଣିଜ୍ୟ ବ୍ୟବସାୟର କୋଟିପତି ମାଲିକମାନେ ନବ ଆବିଷ୍କୃତ ବୈଜ୍ଞାନିକ ଶକ୍ତିକୁ କେବଳ ସେମାନଙ୍କ ସକାଶେ ବ୍ୟୟ କରିବାକୁ ଫାରାଡେଙ୍କୁ ଶତ ଶତ ବାର ଆହ୍ୱାନ କରିଥିଲେ । ତାହା କରିଥିଲେ ଦରିଦ୍ର ଫାରାଡେ ଲକ୍ଷ ଲକ୍ଷ ମୁଦ୍ରା ଉପାର୍ଜନ କରି ପାରିଥାନ୍ତେ । କିନ୍ତୁ ସେ ସବୁ ପ୍ରତି ଭ୍ରୂକ୍ଷେପ ନ କରି ସେ ନିଜର ବୈଜ୍ଞାନିକ ତଥ୍ୟ ଆବିଷ୍କାର କାର୍ଯ୍ୟରେ ନିବିଷ୍ଟମନା ହୋଇ ରହିଲେ ଏବଂ ଅର୍ଥର ଆହ୍ୱାନକୁ ଅନାୟାସରେ ଅବହେଳାର ସହିତ ପାଦରେ ଠେଲି ଦେଲେ । ଏହି ଫାରାଡେଙ୍କୁ ଯେତେବେଳେ ଇଂଲଣ୍ଡମନ୍ତ୍ରୀ ମହାମତି ଗ୍ଲାଡ଼ଷ୍ଟୋନ ତାଙ୍କର ଅସାମାନ୍ୟ ଜ୍ଞାନଚର୍ଚ୍ଚା ଲାଗି ରାଜ-ସରକାରରୁ ବୃତ୍ତି ଗ୍ରହଣ କରିବା ଲାଗି ସାଦର ନିମନ୍ତ୍ରଣ ପଠାଇଲେ, ଫାରାଡ଼େ ତାଙ୍କୁ ଲେଖି ପଠାଇ ଥିଲେ "ଭଗବାନ ଭଲରେ ବା ମନ୍ଦରେ ମୋର ମୁଠାଏ ଖାଇବାର ବନ୍ଦୋବସ୍ତ କରି ଦେଇଅଛନ୍ତି । ଏପରି ଅବସ୍ଥାରେ ମୁଁ ରାଜ-ସରକାରରୁ ବୃତ୍ତି ନେବା ପ୍ରସ୍ତାବରେ ସମ୍ମତ ହୋଇ ନ ପାରି ଦୁଃଖିତ ହେଲି ।" ମନ୍ତ୍ରୀ ସାର୍ ରବର୍ଟ ପିଲ୍ ମଧ୍ୟ ଫାରାଡେଙ୍କୁ ରାଜ-ସରକାରରୁ ବୃତ୍ତି ନେବା ଲାଗି ପରେ ବହୁତ ଅନୁରୋଧ କରିଥିଲେ । କିନ୍ତୁ ଦୈବଦୁର୍ବିପାକରୁ ଏକ ଘଟଣା ଘଟି ପିଲ୍‌ଙ୍କର ସମସ୍ତ ଚେଷ୍ଟା ବୃଥା କରିଦେଲା । ପିଲ୍ ଥରେ ଫାରାଡ଼େଙ୍କ ସଙ୍ଗେ ମନଖୁସିରେ ନାନା କଥାବାର୍ତ୍ତା ହେଉଥିବା ବେଳେ କଥା-ସ୍ରୋତ ଭିତରେ କହି ପକାଇଥିଲେ "ବୈଜ୍ଞାନିକମାନେ ଫାଙ୍କି ଲୋକ ।" ଫାରାଡ଼େ ସେହି କଥା ଶୁଣି ସେତେବେଳେ କିଛି କହି ନ ଥିଲେ । କିନ୍ତୁ ପିଲ୍ ଯେତେବେଳେ ବୃତ୍ତି ନେବାର ପ୍ରସ୍ତାବ କରି ସରକାରୀ ଚିଠି ଲେଖିଲେ, ଫାରାଡ଼େ ତାଙ୍କୁ ଉତ୍ତରରେ ଲେଖିଲେ, "କଥା ପ୍ରସଙ୍ଗରେ ମୁଁ ଆପଣଙ୍କର ବୈଜ୍ଞାନିକମାନଙ୍କ ପ୍ରତି ମନୋଭାବ ବୁଝି ପାରିଅଛି । ବୈଜ୍ଞାନିକମାନେ ଆପଣଙ୍କ ଚକ୍ଷୁରେ ଦଳେ ଫାଙ୍କି ଲୋକ । ମୁଁ ଜଣେ ବୈଜ୍ଞାନିକ । ଆପଣଙ୍କର ଯେତେବେଳେ ଆମ୍ଭମାନଙ୍କ ପ୍ରତି ଏହିପରି ମନୋଭାବ, ସେପରି ଅବସ୍ଥାରେ ଆପଣଙ୍କ ହସ୍ତରୁ ରାଜବୃତ୍ତି ଗ୍ରହଣ କରିବା ମୋର ବିଜ୍ଞାନନିଷ୍ଠା ପ୍ରତି ଅସାଧୁତା ହେବ । ଏହି ବିବେଚନାରେ ମୁଁ ରାଜସରକାରରୁ ଆପଣଙ୍କ ପ୍ରସ୍ତାବିତ ବୃତ୍ତି ପ୍ରତ୍ୟାଖ୍ୟାନ କଲି !" ଏ ପତ୍ର ପାଇ ପିଲ୍ କିଂକର୍ତ୍ତବ୍ୟବିମୂଢ଼ ହୋଇ ନିଜର ତ୍ରୁଟି ସ୍ୱୀକାର କରି ଫାରାଡେଙ୍କ ନିକଟରେ କ୍ଷମା ପ୍ରାର୍ଥନା କଲେ । ଅବଶ୍ୟ ଏହାର କିଛି ଦିନ ପରେ ମହାରାଣୀ ଭିକ୍ଟୋରିଆଙ୍କ ଆଗ୍ରହାତିଶଯ୍ୟରେ ଫାରାଡେ ରାଜ-ସରକାରରୁ ବୃତ୍ତି ଗ୍ରହଣ କଲେ ଏବଂ ମହାରାଣୀଙ୍କ ପ୍ରଦତ୍ତ ଗୃହରେ



Digitized by srujanika@gmail.com

ବାସ କଲେ । ଏ ଯେଉଁ ଉଦାହରଣ ଦୁଇ ଗୋଟି ଦିଆଗଲା ଏହା ସତ୍ୟ ପ୍ରତି ନିଷ୍ଠାର ନମୁନା ମାତ୍ର । ଏ ସଂସାରରେ ଶତ ଶତ ଦୃଷ୍ଟାନ୍ତ ସୁଲଭ ।

ନାନା ପ୍ରତିକୂଳ ଅବସ୍ଥାରେ ସତ୍ୟର ସନ୍ଧାନ ପ୍ରତି ନିଷ୍ଠା ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ହୁଏ । ବିଜ୍ଞାନ, ସାହିତ୍ୟ ପ୍ରଭୃତି ବିଭିନ୍ନ ବିଭାଗରେ ଏହି ନିଷ୍ଠାର ଶତ ସହସ୍ର ଉଦାହରଣ ଦ୍ୱାରା ଇତିହାସର କଲେବର ସୁମଣ୍ଡିତ । ଏହି ନିଷ୍ଠା, ତ୍ୟାଗ ଓ ମହାପ୍ରାଣତାର ପ୍ରଭାବରୁ ପୃଥିବୀରେ ନାନା ପ୍ରକାର ଉନ୍ନତି ସାଧନ ସମ୍ଭବ ହୋଇଅଛି । ଯେଉଁ ଦେଶରେ ଯେଉଁ ଯୁଗରେ ଧର୍ମ ଓ ସମାଜ କ୍ଷେତ୍ରରେ ଏହି ନିଷ୍ଠାପର ଯୋଗୀମାନେ ଜନ୍ମଗ୍ରହଣ କରି ସାହିତ୍ୟ, ବିଜ୍ଞାନ ବା ଧର୍ମକ୍ଷେତ୍ରକୁ ଅଲଙ୍କୃତ କରନ୍ତି, ସେହି ଦେଶ ବା ଯୁଗ ମହାମହିମାରେ ମହିମାନ୍ୱିତ ହୁଏ ଏବଂ ଇତିହାସରେ ବିକ୍ରମାଦିତ୍ୟ ଯୁଗ, ଏଲିଜାବେଥ ଯୁଗ ବା ଭିକ୍ଟୋରିଆ ଯୁଗ ପରି ଚିରସ୍ମରଣୀୟ ହୋଇ ରହେ ।

ପକ୍ଷାନ୍ତରେ ଏହି ମନୋବୃତ୍ତିର ଅଭାବ ଘଟିଲେ ଜାଣିବାକୁ ହେବ, ଦେଶ ବା ସମାଜ ନିଶ୍ଚୟ ଅଧୋଗାମୀ ହେଉଅଛି । ଧର୍ମ ପ୍ରତି, ସମାଜ ପ୍ରତି ଅନୁରାଗୀ ସତ୍ୟନିଷ୍ଠ ବ୍ୟକ୍ତିଙ୍କ ଅଭାବ ରହିଲେ ଦେଶ ବା ସମାଜ କୌଣସି କ୍ରମେ ଊର୍ଦ୍ଧ୍ୱଗାମୀ ହୋଇ ପାରିବ ନାହିଁ ।

ଆମ୍ଭେମାନେ ନାନା କ୍ଷେତ୍ରରେ ଏ ଦେଶରେ ପ୍ରତିକୂଳ ଅବସ୍ଥାର ଦୋହାଇ ଦେଇ ନିଜ ନିଜ ଉଦ୍ଧାରର ପନ୍ଥା ଖୋଜୁଥାଉଁ । କିନ୍ତୁ ପ୍ରକୃତ ପକ୍ଷେ ଆମ୍ଭମାନଙ୍କର ସତ୍ୟ ସନ୍ଧାନ ଉଦ୍ୟମରେ ପ୍ରତିକୂଳ ଅବସ୍ଥା ଯେତେ ଦାୟୀ, ଆମ୍ଭମାନଙ୍କର ଦୁର୍ବଳ ଅସମର୍ଥ ମନୋବୃତ୍ତି ସେଥିପାଇଁ ବେଶୀ ଦାୟୀ । ଏ ଦେଶରେ ଯେଉଁ କାଳେ ନିଷ୍ଠାର ପ୍ରାଧାନ୍ୟ ଥିଲା ସେତେବେଳେ ନାନା କ୍ଷେତ୍ରରେ ଶକ୍ତିଶାଳୀ ବୀରମାନେ ରହି ନିଜ ନିଜର ନାମକୁ ଅମର କରି ଯାଇଅଛନ୍ତି । ସେହି ନିଷ୍ଠା, ସେହି ମନୋବୃତ୍ତି ପୁଣି ଏ ଦେଶକୁ ନ ଆସିଲେ ଏ ଦେଶର ଅନ୍ଧକାର ଦୂରୀକରଣର ଅନ୍ୟ ଉପାୟ ନାହିଁ ।

# ପ୍ରାଚୀନ ଚିତ୍ରରେ ବର୍ଣ୍ଣ ଓ ବେଶ ଚର୍ଯ୍ୟା

ଶ୍ରୀ ବିମ୍ବାଧର ବର୍ମା

କାଳ୍ପନିକ ଓ ବାସ୍ତବ ଭାବରେ ଚିତ୍ରକୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । କାଳ୍ପନିକ ଚିତ୍ର ଧ୍ୟାନୋଦ୍ଭବ ଏବଂ ବାସ୍ତବ ଚିତ୍ର ଦର୍ଶନୋଦ୍ଭବ । ସ୍ଥୂଳତଃ ଅତୀତ ଯୁଗର (ପୌରାଣିକ) ଓ ମାନସ-ଜଗତର ଚିତ୍ର ପ୍ରଭୃତି କାଳ୍ପନିକ ଶ୍ରେଣୀର ଅନ୍ତର୍ଗତ । ଚଳିତ ଯୁଗର ସାମାଜିକ, ରାଜନୈତିକ ଏବଂ ଦୃଶ୍ୟମାନ ଜଗତର ଚିତ୍ର ପ୍ରଭୃତି ବାସ୍ତବ ଶ୍ରେଣୀର ଅନ୍ତର୍ଭୁକ୍ତ । ଯାହା ଆଖି ଆଗରେ ଦେଖୁଁ କିମ୍ବା ନମୁନା ଦେଖି ଅଙ୍କନ କରୁଁ, ତାହା ସମ୍ବନ୍ଧରେ କୌଣସି ବିଶେଷ ନିୟମ ରହିବାର ସେପରି ଆବଶ୍ୟକତା ନ ଥାଏ । କାରଣ, ସେହି ଆଦର୍ଶ ବସ୍ତୁ ହିଁ ନିୟମପୂର୍ଣ୍ଣ ଅର୍ଥାତ୍ ନିୟମ ଦେଇ ଗଢ଼ା । ମାତ୍ର ଯେଉଁ ପୌରାଣିକ ଚିତ୍ର, ଯାହା ଆମେ ଆଖିରେ ନ ଦେଖି ଧ୍ୟାନ କିମ୍ବା ଧାରଣାରୁ ଅଙ୍କନ କରୁଁ, ସେଥିପାଇଁ ନିୟମ ପ୍ରଣୟନ ହେବା ସ୍ୱାଭାବିକ । ପୁନଶ୍ଚ, ସେହି ନିୟମ ଗୁଡ଼ିକ ଯେ କୌଣସି ଶିଳ୍ପୀ ବିଶେଷରେ ପୃଥକ ହେବ, ଏହା ମଧ୍ୟ ନୁହେ । ଶ୍ରୀକୃଷ୍ଣ କିମ୍ବା ରାମଚନ୍ଦ୍ର ପ୍ରଭୃତି ଆଜି ଧ୍ୟାନର ବସ୍ତୁ ହୋଇ ପାରନ୍ତି, ସେମାନଙ୍କର ରୂପ ଆଜି କଳ୍ପନା-ରାଜ୍ୟର ପଦାର୍ଥ ହୋଇ ପାରେ; କିନ୍ତୁ ପୌରାଣିକ ଯୁଗରେ ତାହାଙ୍କର ରୂପରେଖ ସେପରି କାଳ୍ପନିକ ନ ଥିଲା । ସେମାନଙ୍କର ଗୃହୀତ ରୂପ-ବର୍ଣ୍ଣନା ପରବର୍ତ୍ତୀ ଯୁଗରେ ତାହାଙ୍କର ଧ୍ୟାନରେ ପରିଣତ ହୋଇଅଛି ଏବଂ ବର୍ତ୍ତମାନ ଯୁଗରେ ପୂର୍ବବର୍ତ୍ତୀ ଯୁଗର ସେହି ଧ୍ୟାନ ହିଁ ଦେବଦେବୀ ଓ ପ୍ରାଚୀନ ନରନାରୀ ମୂର୍ତ୍ତି ରଚନାର ନିୟମ ଶୃଙ୍ଖଳାରେ ପରିଣତ ଲାଭ କରିଅଛି । କିନ୍ତୁ ଦୁଃଖର ବିଷୟ, ଏତେ ନିୟମ ଶୃଙ୍ଖଳା, ଏତେ ଶାସ୍ତ୍ର-ପୁରାଣ ଓ ଧ୍ୟାନ ପ୍ରଭୃତିର ପ୍ରାଚୁର୍ଯ୍ୟ ଥାଇ ମଧ୍ୟ ଏ ଦେଶର ଆଧୁନିକ ଶିଳ୍ପୀ-ଅଙ୍କିତ ପୌରାଣିକ ଚିତ୍ରରେ ବହୁ ଭ୍ରମ ପରିଲକ୍ଷିତ ହୁଏ । ଏ ପ୍ରବନ୍ଧରେ ଦେବଦେବୀ ଓ ପ୍ରାଚୀନ ଭାରତର ଶିଳ୍ପ ପଦ୍ଧତି-ଗତ କେତେକ ବର୍ଣ୍ଣବେଶ-ବିନ୍ୟାସର ନିୟମ ଲିପିବଦ୍ଧ କରିବାକୁ ମନସ୍ଥ କରିଛି । ଏହା ଶିଳ୍ପୀମାନଙ୍କୁ ଛବି ଅଙ୍କନ କରିବାରେ ଏବଂ ସାଧାରଣଙ୍କୁ ଛବିର ଆଲୋଚନାରେ ସାହାଯ୍ୟ କରିବ ବୋଲି ମୋର ଆଶା । ନିମ୍ନୋକ୍ତ ବର୍ଣ୍ଣନା ଗୁଡ଼ିକ ଭରତଙ୍କ ନାଟ୍ୟଶାସ୍ତ୍ର ଏବଂ ମତ୍ସ୍ୟ ଓ ମାନସାରଙ୍କ ଶିଳ୍ପ-ଶାସ୍ତ୍ରରୁ ଗୃହୀତ ହୋଇଅଛି । ଆଉ ମଧ୍ୟ ଏହି ପ୍ରବନ୍ଧରେ ଏପରି ଅନେକ ଅଳଙ୍କାର ପ୍ରଭୃତିର ନାମୋଲ୍ଲେଖ ହେବ ଯାହାକି ବର୍ତ୍ତମାନ ଆମ୍ଭମାନଙ୍କୁ ଅବୋଧ । ଏହା ତ ଅତି ଅତୀତର କଥା । ଲବଣ୍ୟବତୀର ଛନ୍ଦ ଅଙ୍କିଲା ବେଳେ ମଧ୍ୟ ମୁଁ ଉଞ୍ଜ-ଲଖିତ ଅନେକ ଅଳଙ୍କାରର ଅର୍ଥ ବୁଝିପାରି ନ ଥିଲି । ପୁରୀର ଜଣେ ବନିଆଙ୍କ-ଠାରୁ ସେ ବିଷୟରେ ବହୁତ କଥା ଜାଣିବା ପରେ ଛବିଟିର ଅଳଙ୍କାରିକ ସୌନ୍ଦର୍ଯ୍ୟ ବିକଶିତ କରିବାକୁ ସମର୍ଥ ହୋଇ ପାରିଥିଲି । ସେହିପରି ଏହି ସବୁ ଅପ୍ରଚଳିତ ଅଳଙ୍କାର ଓ ତାହାର ନାମ ଗୁଡ଼ିକ ସମ୍ବନ୍ଧରେ ଦେଶର ସୁଧୀବ୍ୟକ୍ତିମାନେ ଯଦି ଗବେଷଣା କରନ୍ତେ, ତାହା ହେଲେ ବହୁ ଲୁପ୍ତ ତଥ୍ୟର ପୁନରୁଦ୍ଧାର ହୋଇ ପାରନ୍ତା ।



Digitized by srujanika@gmail.com

ଆଲେଖ୍ୟ ଚିତ୍ରଣରେ ପ୍ରଥମତଃ ବର୍ଣ୍ଣ-ଯୋଜନା କର୍ତ୍ତବ୍ୟ । ଶାସ୍ତ୍ରରେ କେଉଁ କେଉଁ ରଙ୍ଗ କିପରି ଭାବରେ ପ୍ରସ୍ତୁତ କରିବାକୁ ହୁଏ, ତାହାର ଉଲ୍ଲେଖ ଅଛି । ବର୍ତ୍ତମାନ ଏ ବିଜ୍ଞାନ-ଯୁଗରେ ସେ ସବୁ ଉଲ୍ଲେଖର ଆବଶ୍ୟକତା ନାହିଁ । ସୁତରାଂ କାହାର ବର୍ଣ୍ଣ କିପରି ହେବା ଉଚିତ ଏହାହିଁ ଏଠାରେ ଆଲୋଚ୍ୟ ଓ ଗ୍ରହଣୀୟ ।

ଦେବ, ଯକ୍ଷ ଓ ଅପ୍ସରାମାନଙ୍କ ବର୍ଣ୍ଣ ଗୌର ହେବ । (ରକ୍ତ ପୀତର ଏକୀକରଣରେ ଗୌର ବର୍ଣ୍ଣ ଜାତ ହୁଏ । ଏହାକୁ "ସଂଯୋଗଜ" ବର୍ଣ୍ଣ କୁହାଯାଏ) । ରୁଦ୍ରଗଣ, ବ୍ରହ୍ମା ଓ ସ୍କନ୍ଦ (କାର୍ତ୍ତିକ)ଙ୍କର ବର୍ଣ୍ଣ ହେବ ତପ୍ତକାଞ୍ଚନପ୍ରଭ । ସୋମ, ବୃହସ୍ପତି, ଶୁକ୍ର, ବରୁଣ, ତାରକାଗଣ, ସମୁଦ୍ର,* ହିମାଚଳ,* ଗଙ୍ଗା,* ଏମାନଙ୍କୁ ଶ୍ୱେତ ବର୍ଣ୍ଣ-ରଞ୍ଜିତ କରିବାକୁ ହେବ । ଅଙ୍ଗାରକ (ମଙ୍ଗଳଗ୍ରହ) ରକ୍ତ ବର୍ଣ୍ଣ, ବୁଧଗ୍ରହ ଓ ହୁତାଶନ ପୀତ ବର୍ଣ୍ଣ । ନର ନାରାୟଣ ଉଭୟେ ଶ୍ୟାମ ବର୍ଣ୍ଣ । ବାସୁକି, ଦୈତ୍ୟଗଣ, ଦାନବବୃନ୍ଦ, ରାକ୍ଷସସମୂହ, ଗୁହ୍ୟକଗଣ, ନଗ (ପର୍ବତ ବା ବୃକ୍ଷ), ଆକାଶ, ପିଶାଚଗଣ ଓ ଯମ ଶ୍ୟାମ ବର୍ଣ୍ଣ । ଯକ୍ଷଗଣଙ୍କୁ ଗୌର-ବର୍ଣ୍ଣ ରଞ୍ଜିତ କରିବାକୁ କୁହାଯାଇଛି, ଏମାନଙ୍କୁ ବିଚିତ୍ର ବର୍ଣ୍ଣ ମଧ୍ୟ କରାଯାଇପାରେ । ଗନ୍ଧର୍ବ, ଭୂତ, ପନ୍ନଗ (ସର୍ପ), ବିଦ୍ୟାଧର, ପିତୃଗଣ, ବାନର ପ୍ରଭୃତିଙ୍କୁ ମଧ୍ୟ ନାନା ବର୍ଣ୍ଣରେ ରଞ୍ଜିତ କରିବା ପ୍ରୟୋଜନ । ସାଧାରଣତଃ ସପ୍ତଦ୍ୱୀପର ଅଧିବାସୀ ମାନବମାନଙ୍କୁ ତପ୍ତକାଞ୍ଚନ ବର୍ଣ୍ଣ କରିବା ଉଚିତ । କେବଳ ଜମ୍ବୁଦ୍ୱୀପର ବିଭିନ୍ନ ବର୍ଷରେ ଯେଉଁ ସବୁ ଭିନ୍ନ ବର୍ଣ୍ଣ ନରନାରୀ ବାସ କରନ୍ତି (ଏକ ମାତ୍ର କୁରୁର ଅଧିବାସୀମାନଙ୍କୁ ବାଦ ଦେଇ), ସେମାନଙ୍କୁ ଈଷତ୍ ସ୍ୱର୍ଣ୍ଣାଭ କରିବା ପ୍ରୟୋଜନ । (ଜମ୍ବୁଦ୍ୱୀପର ୯ଟି ବର୍ଷ ବା ବିଭାଗ—କୁରୁ, ହିରଣ୍ମୟ, ରମ୍ୟକ, ଇଳାବୃତ, କେତୁମାଳ, ଭଦ୍ରାଶ୍ୱ, କିନ୍ନର ଓ ଭାରତବର୍ଷ) । ଭଦ୍ରର ଅଧିବାସୀ ଶ୍ୱେତ ବର୍ଣ୍ଣ, କେତୁମାଳବାସୀ ମଧ୍ୟ ତଦ୍ରୂପ । ଅବଶିଷ୍ଟ ବର୍ଷବାସୀଗଣ ଗୌର ।

ଭାରତବର୍ଷରେ ବର୍ଣ୍ଣ ବିଭାଗର ବୈଶିଷ୍ଟ୍ୟ ଅନେକ । ରାଜଗଣ ଶ୍ୟାମ ବା ଗୌରବର୍ଣ୍ଣ ହୋଇ ପାରନ୍ତି । ଆବଶ୍ୟକ ଅନୁସାରେ ସେମାନଙ୍କୁ ପଦ୍ମବର୍ଣ୍ଣରେ ରଞ୍ଜିତ ମଧ୍ୟ କରାଯାଇପାରେ । ସୁଖୀ ଆଉ ଭୋଗୀମାନଙ୍କୁ ଗୌରବର୍ଣ୍ଣ କରିବାକୁ ହେବ । ଦେଶ, ଜାତି, କାଳ ଓ ବୟସ ଅନୁସାରେ ବର୍ଣ୍ଣର ବିଶେଷ ଭିନ୍ନତା କରଣୀୟ । କିରାତ, ବର୍ବର, ଅନ୍ଧ୍ର, ଦ୍ରମିଳ, କାଶୀ ଓ କୋଶଳର ଅଧିବାସୀ, ପୁଳିନ୍ଦ ଓ ଦାକ୍ଷିଣାତ୍ୟମାନେ ପ୍ରାୟ ଅସିତ (କୃଷ୍ଣ) ବର୍ଣ୍ଣ । ଶକ, ଯବନ, ପହ୍ଲବ, ବାହ୍ଲୀକମାନେ ଗୌରବର୍ଣ୍ଣ । ଉତ୍ତର ଦେଶର ଅଧିବାସୀମାନେ ମଧ୍ୟ ଗୌର । ପାଞ୍ଚାଳ, ଶୂରସେନ, ଓଡ୍ର, ମାଗଧ, ଅଙ୍ଗ, ବଙ୍ଗ ଓ କଳିଙ୍ଗର ଅଧିବାସୀ ଶ୍ୟାମ ବର୍ଣ୍ଣ † । ଏମାନଙ୍କ ମଧ୍ୟରେ ବ୍ରାହ୍ମଣ ଓ କ୍ଷତ୍ରିୟମାନେ ଈଷତ୍ ରକ୍ତାଭ ଏବଂ ବୈଶ୍ୟ ଓ ଶୂଦ୍ରମାନେ ଶ୍ୟାମାଭ ହେବା ପ୍ରୟୋଜନ ।

ଏହାପରେ ଶ୍ମଶ୍ରୁ ଚିତ୍ରଣ । ଶ୍ମଶ୍ରୁ ଚାରି ପ୍ରକାର—ଶୁକ୍ଳ, ଶ୍ୟାମ, ବିଚିତ୍ର ଓ ଲୋମଶ । ଅକୁମାର ବ୍ରହ୍ମଚାରୀ ବା ତପସ୍ୱୀମାନଙ୍କର ଶୁଦ୍ଧ ଶ୍ୱେତ ଶ୍ମଶ୍ରୁ । ଅମାତ୍ୟ ଓ ପୁରୋହିତମାନଙ୍କର ମଧ୍ୟ ତଦ୍ରୂପ । ମଧ୍ୟାବସ୍ଥାରେ ଉପନୀତ, ପୀଡ଼ିତ, ବ୍ୟାଧିଯୁକ୍ତ, ସିଦ୍ଧ, ବିଦ୍ୟାଧର, ନୃପତି ବା ରାଜକୁମାରଙ୍କର ଅନୁଜୀବୀ, ଶୃଙ୍ଗାରୀ ଓ ଯୌବନ-ମଦୋନ୍ମତ୍ତମାନଙ୍କର ଶ୍ମଶ୍ରୁ ବିଚିତ୍ର (ଶ୍ୱେତ ଶ୍ୟାମ ମିଶ୍ରିତ) । ଅପୂର୍ଣ୍ଣ ପ୍ରତିଜ୍ଞ, ଦୁଃଖିତ, ହତଭାଗ୍ୟ, ବ୍ୟସନଗ୍ରସ୍ତମାନଙ୍କର ଶ୍ୟାମ ଶ୍ମଶ୍ରୁ । ଋଷି, ତାପସ, ସିଦ୍ଧ, ବିଦ୍ୟାଧରମାନଙ୍କର ଲୋମଶ ଶ୍ମଶ୍ରୁ କରିବା କର୍ତ୍ତବ୍ୟ ।

**ବେଶ ବିଧି ।** ଜୀବିକାନୁସାରେ ଦେଶର ଭେଦ ଅନନ୍ତ । ତେବେ ମୋଟା ମୋଟି ବେଶ ତିନି ପ୍ରକାର—ଶୁଦ୍ଧ, ବିଚିତ୍ର, ମଳିନ । ସେହିପରି ଆଚ୍ଛାଦନ ମଧ୍ୟ ତିନି ପ୍ରକାର—ଶୁଦ୍ଧ, ରକ୍ତ ଓ ବିଚିତ୍ର । ଦେବତା ପୂଜା ବା ଦେବ-ବିଗ୍ରହ ସମ୍ମୁଖରେ ମାଙ୍ଗଳିକ ନିୟମ ବା ଉତ୍ସବ ଉପଲକ୍ଷରେ, ଶୁଭ ତିଥି-ନକ୍ଷତ୍ର ଯୋଗେ, ବିବାହ କାର୍ଯ୍ୟରେ, ସ୍ତ୍ରୀ ପୁରୁଷଙ୍କର ଯାବତୀୟ ଧର୍ମାନୁଷ୍ଠାନରେ ଶୁଦ୍ଧ ବେଶ ରଚନୀୟ । ଦେବ, ଦାନବ, ଯକ୍ଷ, ଗନ୍ଧର୍ବ, ଉରଗ, ରାକ୍ଷସ ଓ କର୍କଶ ସ୍ୱଭାବ ରାଜାମାନଙ୍କର ବେଶ ବିଚିତ୍ର ହେବ । କଞ୍ଚୁକୀ, (ଅନ୍ତଃପୁରଚର କଞ୍ଚୁକ (ଲମ୍ବା ହାତଥିଆ ଜାମା) ପିନ୍ଧନ୍ତି ବୋଲି କଞ୍ଚୁକୀ) ଅମାତ୍ୟ, ଶ୍ରେଷ୍ଠୀ, ପୁରୋହିତ, ସିଦ୍ଧ, ବିଦ୍ୟାଧର, ଶାସ୍ତ୍ରବିତ୍, ବଣିକ, ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟମାନଙ୍କ ମଧ୍ୟରେ ସୌମ୍ୟଭାବାପନ୍ନ ଲୋକମାନଙ୍କର ବେଶ ଶୁଦ୍ଧ ହେବା ପ୍ରୟୋଜନ । ଉନ୍ମତ୍ତ, ପ୍ରମତ୍ତ, ପଥିକ, ପ୍ରବାସୀ, ବ୍ୟସନାଭିହତ ବ୍ୟକ୍ତିମାନଙ୍କର ବେଶ ମଳିନ । ମୁନି (ମୌନବ୍ରତଧାରୀ ବା ମନନଶୀଳ ତପସ୍ୱୀ), ନିର୍ଗ୍ରନ୍ଥ (ଦିଗମ୍ବର ଜୈନ ଭିକ୍ଷୁ), ଶାକ୍ୟ (ବୌଦ୍ଧଭିକ୍ଷୁ) ଓ ନିଦର୍ଶୀ, ଶ୍ରୋତ୍ରିୟ ପ୍ରଭୃତିଙ୍କର ଯଥାଯଥ ରୂପାନୁଯାୟୀ ଅଳଙ୍କାର ଓ ବେଶ ରଚନା ହେବ । ପରିବ୍ରାଜକ ଓ ମୁନିଶ୍ରେଷ୍ଠଙ୍କର କାଷାୟ ବସନ ବିହିତ । ପାଶୁପତ-ଗଣଙ୍କର ବିଚିତ୍ର ବେଶ ହେବ । ଅନ୍ୟାନ୍ୟ କୁଳଜାତ ଗୃହସ୍ଥ-ମାନଙ୍କର ଯଥୋଚିତ ବେଶ ରଚନୀୟ । ଅନ୍ତଃପୁର ରକ୍ଷା ପାଇଁ ଯେଉଁ ସବୁ ବ୍ୟକ୍ତି ନିଯୁକ୍ତ ହୁଅନ୍ତି ସେମାନଙ୍କର କଞ୍ଚୁକ ଓ ବସ୍ତ୍ର କାଷାୟରଞ୍ଜିତ ହେବ । ତାପସମାନଙ୍କର ଚୀର, ବଲ୍କଲ ଓ ଚର୍ମ

* Landscape ରେ ନୁହେଁ, ଯେତେବେଳେ ସେମାନେ ରୂପକ ଭାବରେ ମୂର୍ତ୍ତିମନ୍ତ ହେବେ ।

† କିରାତ—ପାର୍ବତ୍ୟ ଅସଭ୍ୟ ଜାତି । ବର୍ବର—ଅନାର୍ଯ୍ୟ ( Barbours ) । ଅନ୍ଧ୍ର—ବର୍ତ୍ତମାନ ତେଲଙ୍ଗ । ଦ୍ରମିଳ—ଦ୍ରାବିଡ଼ । ଯବନ—Ionians, Bactrian Greeks । ପହ୍ଲବ—Parthians. ବାହ୍ଲିକ, ବାହ୍ଳିକ ବା ବଲ୍ଖ—ଏ ଜାତି ଜାତିମାନଙ୍କର ସ୍ଥାନ ପେଶାବର ସିନ୍ଧୁନଦ ଓ ଏହାର ଚତୁଃପାର୍ଶ୍ୱ ଭୂଭାଗରେ ଥିଲା । ପାଞ୍ଚାଳ—ଗଙ୍ଗା ଓ ଯମୁନାର ମଧ୍ୟ ଭୂଭାଗ । ( Gangetic Doab ) ବୃନ୍ଦାବନ, ଫରକାବାଦ ପ୍ରଭୃତି । ଶୂରସେନ—ମଥୁରା । ଓଡ୍ର—ବର୍ତ୍ତମାନ ଓଡ଼ିଶାର କିୟଦଂଶ, ମେଦିନୀପୁରର ପଶ୍ଚିମ ଭାଗ, ମାନଭୂମ, ସିଂହଭୂମ, ବାଙ୍କୁଡ଼ା । ଉତ୍କଳ—ବାଲେଶ୍ୱରଠାରୁ ଲୋହାରଡାଗା । ଅଙ୍ଗ—ଭାଗୀରଥୀର ଦକ୍ଷିଣ ତୀର—ଭାଗଲପୁର ପ୍ରଭୃତି ସ୍ଥାନ । ବଙ୍ଗ—ଦକ୍ଷିଣ ଓ ପୂର୍ବ ବଙ୍ଗ । କଳିଙ୍ଗ—ଉତ୍କଳର ଦକ୍ଷିଣ, କଂସାଇର ଦକ୍ଷିଣ ପୂର୍ବଘାଟର କିୟଦଂଶ । ମଗଧ—ଦକ୍ଷିଣ ବିହାର ।



Digitized by srujanika@gmail.com

ପରିଧେୟ । ସ୍ତ୍ରୀମାନଙ୍କର ବେଶ ଅବସ୍ଥାନୁରୂପ ହୋଇଥାଏ । ବୀର-ମାନଙ୍କର ଯୁଦ୍ଧସଜ୍ଜା ମଧ୍ୟରେ ବିଚିତ୍ର ଶସ୍ତ୍ର, କବଚ, ନାନାବିଧ ଅଙ୍ଗତ୍ରାଣ (ଅଙ୍ଗୁଳିତ୍ର, ଶିରସ୍ତ୍ରାଣ ପ୍ରଭୃତି) ଓ ଧନୁ ପ୍ରଭୃତି ପ୍ରଧାନ ।

**ଶିରୋଭୂଷଣ ରଚନାର ନିୟମ ।** ଦେବତା ଓ ମାନବ-ମାନଙ୍କର ଦେଶ, ଜାତି, ବୟସ ଓ ପାଣ୍ଡିତ୍ୟ ଅନୁସାରେ ମୁକୁଟ, କିରୀଟ ପ୍ରଭୃତି ରଚନା କରିବା ଉଚିତ । ରାଜାଙ୍କ ପକ୍ଷରେ ସମଗ୍ର ମସ୍ତକ-ବ୍ୟାପୀ ରାଜମୁକୁଟ ବା କିରୀଟ ଧାରଣୀୟ । ମଧ୍ୟମ-ପ୍ରକୃତି ପାତ୍ରଙ୍କର ମସ୍ତକୋପରି ଅପେକ୍ଷାକୃତ କ୍ଷୁଦ୍ର ମୁକୁଟ ରହିବ । କନିଷ୍ଠ ପ୍ରକୃତିକ ପାତ୍ରର ଶୀର୍ଷ ଦେଶରେ ଚୂଡ଼ା ଆକାର ବିଶିଷ୍ଟ କ୍ଷୁଦ୍ର ମୁକୁଟ ରଚିତ ହେବ । ବିଦ୍ୟାଧର, ସିଦ୍ଧ, ଚାରଣ ପ୍ରଭୃତିଙ୍କର କେଶପାଶ ମୁକୁଟ ଆକାରରେ ବନ୍ଧନ କରି ପରି ଅଙ୍କିତ ହେବ । ଏମାନଙ୍କ ମଧ୍ୟରେ ଯେଉଁମାନେ ଉଦାତ୍ତ ପ୍ରକୃତିକ ସେମାନଙ୍କର ଚୂଡ଼ା ମସ୍ତକର ଏକ ପାଖରେ ରହିବ । ଅମାତ୍ୟ, କଞ୍ଚୁକୀ, ଶ୍ରେଷ୍ଠୀ, ପୁରୋଧା ପ୍ରଭୃତିଙ୍କର ମସ୍ତକରେ ପଟ୍ଟବନ୍ଧନ ରଚନା କର୍ତ୍ତବ୍ୟ । ସେନାପତି ଓ ଯୁବରାଜଙ୍କ ମସ୍ତକରେ ଅର୍ଦ୍ଧ ମୁକୁଟ ଦେବା ପ୍ରୟୋଜନ । ଅନେକ ସମୟରେ ମଧ୍ୟ ପ୍ରୟୋଗର ବଶବର୍ତ୍ତୀ ହୋଇ ମସ୍ତକସଜ୍ଜା ଅଙ୍କନ କରିବାକୁ ହେବ । ତଦନୁଯାୟୀ କାକପକ୍ଷ ଅଙ୍କନ କୈଶୋରାବସ୍ଥାରେ ପ୍ରଶସ୍ତ ହେଲେ ମଧ୍ୟ ବାଳକ ପକ୍ଷରେ ଶିଖଣ୍ଡ ଧାରଣ ନିଷିଦ୍ଧ ଅଛି । ଋଷିମାନଙ୍କର ଶିରୋଦେଶରେ ଜଟାମୁକୁଟ ଲମ୍ବିତ ହେବା ପ୍ରୟୋଜନ । ରାକ୍ଷସ, ଦାନବ ଓ ଦୈତ୍ୟମାନଙ୍କ ଶ୍ମଶ୍ରୁ ପିଙ୍ଗଳ ବର୍ଣ୍ଣ ହେବ । ଅନୁତୀର୍ଣ୍ଣ ପ୍ରତିଜ୍ଞମାନଙ୍କର ମସ୍ତକର କେଶ ଲମ୍ବମାନ ରହିତ ହେବ । ଶାକ୍ୟ, ଶ୍ରୋତ୍ରିୟ, ପରିବ୍ରାଜକ, ନିର୍ଗ୍ରନ୍ଥ ଓ ଯଜ୍ଞଦୀକ୍ଷିତମାନଙ୍କର ମସ୍ତକ ମୁଣ୍ଡିତ ରହିବ । ବଧୂ, ରାଜୋପଜୀବୀ ଓ ଶୃଙ୍ଗାରୀମାନଙ୍କର କୁଞ୍ଚିତ କେଶଦାମ ରଚନା କରିବା ବିଧେୟ । ଚେଟୀମାନଙ୍କର ମସ୍ତକ ହୟ ମୁଣ୍ଡିତ ଅଥବା ତିନୋଟି ଚୂଡ଼ା ବିଶିଷ୍ଟ ହେବା ପ୍ରୟୋଜନ । ବିଦୂଷକର ମସ୍ତକର ମଧ୍ୟ ସ୍ଥଳ ଟାଙ୍ଗରା ଓ ଉଭୟ ପାଖ କାକପଦ (ଲମ୍ବାଝିଲ୍‌ପି)ରେ ଶୋଭା ପାଇବ । ଏହିପରି ପ୍ରୟୋଗ ଓ ରସସୃଷ୍ଟିର ଅନୁକୂଳ ଭାବରେ ଯଥାଯଥ ବିଚିତ୍ର ବସନ, ଭୂଷଣ ଓ ମାଲ୍ୟ ପ୍ରଭୃତି ଦ୍ୱାରା ଅଙ୍ଗ ରଚନା କର୍ତ୍ତବ୍ୟ ।

**ଶେଷରେ ଅଲଙ୍କରଣ ।** ଅଲଙ୍କାର କହିଲେ ଅଙ୍ଗ ଓ ଉପାଙ୍ଗରେ ମାଲ୍ୟ ଆଭରଣ ଓ ବସ୍ତ୍ରାଦିର ସଂଯୋଗ ବୁଝାଏ । ଆଭରଣ ଚାରି ପ୍ରକାର—ଆବେଧ୍ୟ, ବନ୍ଧନୀୟ, ପ୍ରକ୍ଷେପ୍ୟ ଓ ଆରୋପ୍ୟ । ଆବେଧ୍ୟ—କୁଣ୍ଡଳ ପ୍ରଭୃତି କର୍ଣ୍ଣ ଭୂଷଣ । ବନ୍ଧନୀୟ—ଶ୍ରେଣୀସୂତ୍ର ( ଚନ୍ଦ୍ରହାର ? ), ଅଙ୍ଗଦ, ମୁକ୍ତାଜାଳ ପ୍ରଭୃତି । ପ୍ରକ୍ଷେପ୍ୟ—ନୂପୁର ବସ୍ତ୍ରାଭରଣ ଇତ୍ୟାଦି । ଆରୋପ୍ୟ—ସ୍ୱର୍ଣ୍ଣ ସୂତ୍ର, ନାନାବିଧ ହାର ଇତ୍ୟାଦି ।

> ଚତୁର୍ବିଧନ୍ତୁ ବିଜ୍ଞେୟଂ ଦେହସ୍ୟାଭରଣଂ ବୁଧୈଃ ।
> ଆବେଧ୍ୟଂ ବନ୍ଧନୀୟଞ୍ଚ କ୍ଷେପ୍ୟମାରୋପ୍ୟକନ୍ତଥା ॥
> ଆବେଧ୍ୟଂ କୁଣ୍ଡଳାଦୀହ ଯତ୍‌ସ୍ୟାଚ୍ଛ୍ରବଣଭୂଷଣମ୍ ।
> ଶ୍ରୋଣୀସୂତ୍ରାଙ୍ଗଦୈର୍ମୁକ୍ତା ବନ୍ଧନୀୟା ବିନିର୍ଦ୍ଦିଶେତ୍ ॥
> ପ୍ରକ୍ଷେପ୍ୟଂ ନୂପୁରଂ ବିଦ୍ୟାଦ୍ବସ୍ତ୍ରାଭରଣମେବ ଚ ।
> ଆରୋପ୍ୟଂ ହେମସୂତ୍ରାଣି ହାରାଶ୍ଚ ବିବିଧାଶ୍ରୟାଃ ॥

ଦେଶ ଭେଦ, ଜାତି ଭେଦ ଏବଂ ସ୍ତ୍ରୀ-ପୁରୁଷ ଭେଦରେ ଭୂଷଣ ଭେଦ ଶାସ୍ତ୍ରରେ ଦେଖିବାକୁ ମିଳେ । ପୁରୁଷର ଉପଯୋଗୀ ଗୋଟିଏ ତାଲିକା ଏହିପରି ।

ଶିରୋଭୂଷଣ—ଚୂଡ଼ାମଣି ଓ ମୁକୁଟ । କର୍ଣ୍ଣାଭରଣ—କୁଣ୍ଡଳ, ମୋଚକ ଓ କୀଲ । କଣ୍ଠ-ଭୂଷଣ—ମୁକ୍ତାବଳୀ, ହର୍ଷକ, ଓ ସତ୍ ସୂତ୍ର ପ୍ରଭୃତି । ଅଙ୍ଗୁଳି ଭୂଷଣ—କଟକ, ଅଙ୍ଗୁଳି ମୁଦ୍ରା । ହସ୍ତ ଭୂଷଣ—ହସ୍ତବୀ ଓ ବଳୟ । ମଣିବନ୍ଧ ଭୂଷଣ—ରୁଚକ ଓ ଉଚ୍ଛିତିକ । କୂର୍ପର (କହୁଣୀ) ଉପରକୁ କେୟୂର ଓ ଅଙ୍ଗଦ । ବକ୍ଷୋଭୂଷଣ—ତ୍ରିସର (ତିସର) ହାର, ବିଲମ୍ବିତ ମୌକ୍ତିକ ହାର, ପୁଷ୍ପମାଲ୍ୟ, ରତ୍ନମାଳା ପ୍ରଭୃତି । କଟୀ ଭୂଷଣ—ତରଳ ଓ ସୂତ୍ରକ । ଏହା ପରେ ଦେବତା, ନୃପତି ଓ ନାରୀ ସାଧାରଣଙ୍କର ଧାରଣ-ଯୋଗ୍ୟ ଭୂଷଣ । ଶିର—ଶିଖାପାଶ, ଶିଖାଜାଲ, ଖଡ଼ଗପତ୍ର, ଖଣ୍ଡପତ୍ର, ଚୂଡ଼ାମଣି, ଦାରକ, ମକରିକା, ମୁକ୍ତାଜାଲ, ଗବାକ୍ଷି, ବିଚିତ୍ର, ଶୀର୍ଷଜାଲକ, କୁଣ୍ଡଳ, ଶିଖିପତ୍ର, ବେଚକ, ବେଣୀ, କଞ୍ଜ (କଞ୍ଜ—ପଦ୍ମ) । ଲଲାଟ ତିଳକ, ଅର୍ଥାତ୍ ଲଲାଟରେ ଚନ୍ଦନ-କସ୍ତୁରୀର ଲେପନ ସହ ନାନା ପ୍ରକାର ଶିଳ୍ପ କାର୍ଯ୍ୟ । ଭ୍ରୂ ଓ କପାଳ ଉପର ଭାଗରେ କୁସୁମାନୁକାରୀ ସ୍ୱର୍ଣ୍ଣାଭରଣ-ଗୁଚ୍ଛ ନିବେଶ କରିବାକୁ ହେବ । କର୍ଣ୍ଣ—କର୍ଣ୍ଣିକା, କର୍ଣ୍ଣବଳୟ, ପତ୍ରକର୍ଣ୍ଣିକା, ଆବେଷ୍ଟିତ, କର୍ଣ୍ଣମୁଦ୍ରା, କର୍ଣ୍ଣୋତ୍କୀଲକ, ନାନା ପ୍ରକାର ରତ୍ନ ବିଚିତ୍ର ରତ୍ନପତ୍ର, କର୍ଣ୍ଣପୂର ଇତ୍ୟାଦି । ( ଏଠାରେ କୋଣାର୍କ ଓ ଭୁବନେଶ୍ୱରର ମୂର୍ତ୍ତି ଗୁଡ଼ିକର କର୍ଣ୍ଣଭୂଷଣ ଦ୍ରଷ୍ଟବ୍ୟ ) । ଗଣ୍ଡଭୂଷଣ—ତିଳକ ଓ ପତ୍ରଲେଖା ( ଅଳକା—ତିଳକା ) । ବକ୍ଷୋଭୂଷଣ—ତ୍ରିବେଣୀ ଓ ବିଚିତ୍ର ଶିଳ୍ପଯୁକ୍ତ-ହାର । ଆଖିର ଅଞ୍ଜନ ଓ ଅଧର-ରଞ୍ଜନ ଏକାନ୍ତ ପ୍ରୟୋଜନୀୟ ଥିଲା । ସମ୍ମୁଖର ଅନ୍ତତଃ ଚାରୋଟି ଦାନ୍ତକୁ ମଧ୍ୟ ରଞ୍ଜିତ କରିବାକୁ ପଡୁଥିଲା । ଏହାର ନାମ ଥିଲା ଦଶନରାଗ ବା ଦନ୍ତରାଗ । ଉଜ୍ଜ୍ୱଳ ଶୁକ୍ଳ ବର୍ଣ୍ଣ ଦ୍ୱାରା ଦନ୍ତରାଗ ନିଷ୍ପାଦିତ ହେଉଥିଲା । ମନୋହାରିଣୀ ସୁନ୍ଦରୀ-ମାନଙ୍କର ଦନ୍ତ ମୁକ୍ତା ଭଳି ସିତଶୋଭନ ବର୍ଣ୍ଣରେ ଅଥବା ପଦ୍ମପଲାଶ ସଦୃଶ ରକ୍ତ ବର୍ଣ୍ଣରେ ରଞ୍ଜିତ କରିବାର ପ୍ରଥା ଥିଲା । ନବୋଦ୍‌ଗତ ପଲ୍ଲବ ପରି ଆରକ୍ତିମ ଅଧରପଲ୍ଲବ ମଧ୍ୟରୁ ଶ୍ୱେତ ପ୍ରସ୍ତର ଭଳି ଦନ୍ତ ପଂକ୍ତିର ପ୍ରଭା ବିଶେଷ ଶୋଭା ବିସ୍ତାରକାରୀ ଅଟେ । ଏହା ଉପରେ ନାରୀମାନଙ୍କର ସବିଭ୍ରମ ଦୃଷ୍ଟିପାତ ଏକ ଅପୂର୍ବ ବିଳାସର ସୃଷ୍ଟି କରେ । (ବିଳାସ—ଶୋଭା, ସ୍ଥିର-ସଂଚାରିଣୀ ଦୃଷ୍ଟି, ବିଚିତ୍ର ଗତି ଓ ସ୍ମିତପୂର୍ବବଚନ ; ଇଷ୍ଟ ସନ୍ଦର୍ଶନ ହେତୁ ସ୍ଥିତି, ଉପବେଶନ, ହସ୍ତ, ଭ୍ରୂ, ନେତ୍ର, ମୁଖ ପ୍ରଭୃତିର ବିଶେଷ ଭାବ । ଦୟିତର ଆଗମନ ପ୍ରଭୃତି କାରଣରୁ ହର୍ଷ, ଅନୁରାଗ ଓ ହୃଦ୍‌ବଶତଃ ଅସ୍ଥାନେ ଭୂଷଣାଦିର ବିନ୍ୟାସ—ବିଭ୍ରମ) । କଣ୍ଠ—ମୁକ୍ତାବଳୀ, ବ୍ୟାଳପଂକ୍ତି, ମଞ୍ଜରୀ, ରତ୍ନମାଳିକା, ରତ୍ନାବଳୀ ଓ ହେମସୂତ୍ର ।



Digitized by srujanika@gmail.com

ଏହା ଛଡ଼ା ଦ୍ୱିରସ, ତ୍ରିରସ, ଚତୁରସକ ଶୃଙ୍ଖଳିକା ମଧ୍ୟ କଣ୍ଠଭୂଷା ଭାବରେ ବ୍ୟବହୃତ ହୁଏ। ସ୍ତନଭୂଷଣ—ମଣିଜାଲ-ବନ୍ଧନ। ବାହୁମୂଳ—ଅଙ୍ଗଦ ଓ ବଳୟ। ହସ୍ତ—ବଜ୍ରୁ ର, ସ୍ୱେଚ୍ଛିତକ। ଅଙ୍ଗୁଳିଭୂଷଣ—କଣ୍ଟକ, କଳଶାଖା, ହସ୍ତପତ୍ର, ସୁପୁରକ ଓ ମୁଦ୍ରାଙ୍ଗୁଳୀୟକ (ଅଙ୍ଗୁଳି-ମୁଦ୍ରା)। ଶ୍ରୋଣୀଭୂଷଣ—ମୁକ୍ତାଜାଳ-ଯୁକ୍ତ କାଞ୍ଚୀ, ତୂଳକ, ମେଖଳା, ରଶନା ଓ କଳାପ। କାଞ୍ଚୀ ଏକ ଯଷ୍ଟି ଅର୍ଥାତ୍ ଏକହାର (ଏକସର-ରଚିତ ମୁକ୍ତାହାରକୁ 'ଏକାବଳି' ଏବଂ ଏକାବଳୀର ମଧ୍ୟ ଭାଗରେ ଗୋଟିଏ 'ମଣି' ବସା ଗଲେ ତାହାକୁ 'ଯଷ୍ଟି' କୁହାଯାଏ।) ମେଖଳା—ଅଷ୍ଟଯଷ୍ଟି, ରଶନା—ଷୋଡ଼ଶ ଯଷ୍ଟି ଆଉ କଳାପ-ପଚିଶ ଯଷ୍ଟି। ଗୁଳ୍ଫଭୂଷଣ—ନୂପୁର, କିଙ୍କିଣୀ, ରତ୍ନଜାଳକ ଓ ଘଣ୍ଟୋଷ-କଟକ। ଜଙ୍ଘା (ଜାନୁ) ଭୂଷଣ—ପାଦପତ୍ର। ପାଦାଙ୍ଗୁଳିଭୂଷଣ—ଅଙ୍ଗୁଳୀୟକ। ପାଦାଙ୍ଗୁଷ୍ଠ ଭୂଷଣ—ତିଳକ। ଏହା ବ୍ୟତୀତ ପାଦତଳେ ଓ ପଦପଲ୍ଲବ ପ୍ରାନ୍ତରେ ନାନା ପ୍ରକାର (ଭକ୍ତି) ଅଲକ୍ତରାଗ ରଚନା କରାଯାଏ। ଅଶୋକର ନବ ପଲ୍ଲବରାଜି ସଦୃଶ ଈଷତ୍ ଅରୁଣବର୍ଣ୍ଣ ଅଥବା ଲାଜାର ସ୍ୱାଭାବିକ ରଙ୍ଗ ଏହି ଅଲକ୍ତକର ହେବା ଉଚିତ। ଏହି ରୂପେ ନାରୀର କେଶଠାରୁ ପାଦନଖ ପର୍ଯ୍ୟନ୍ତ ଭାବ, ରସ ଓ ଅବସ୍ଥାନୁଯାୟୀ ଅଳଙ୍କାର ଚୟନ କର୍ତ୍ତବ୍ୟ।

ପୁଣି ବିଦ୍ୟାଧରୀ, ଯକ୍ଷୀ, ଅପ୍ସରା, ନାଗକନ୍ୟା, ଋଷି କୁମାରୀ, ଦେବ, ସିଦ୍ଧ, ଗନ୍ଧର୍ବ, ରାକ୍ଷସ ଓ ଅସୁରଜାତୀୟା ନାରୀମାନଙ୍କର ଓ ବିଭିନ୍ନ ଦେଶୀୟା ମାନୁଷୀମାନଙ୍କର ବିଭିନ୍ନ ପ୍ରକାର ଭୂମିକା ଓ ଅବସ୍ଥାନୁଯାୟୀ ବିଚିତ୍ର ବେଶଭୂଷା ରଚନା କରିବାର ବିଧି। ବିଦ୍ୟାଧରୀମାନଙ୍କର ବେଶ ହେବ ଶୁଦ୍ଧ ଶୁଭ୍ର ବର୍ଣ୍ଣ। ଅଳଙ୍କାରରେ ମୁକ୍ତାର ବାହୁଲ୍ୟ ରହିବ। ଶିରୋଭୂଷଣ ସ୍ୱରୂପ ଶିଖାପୁଟ ଓ ଶିଖଣ୍ଡ ରଚନା କରିବାକୁ ହେବ। ଯକ୍ଷବଧୂ ଓ ଅପ୍ସରାମାନଙ୍କର ଭୂଷଣ ରତ୍ନଖଚିତ ହେବା ପ୍ରୟୋଜନ। ଯକ୍ଷୀମାନଙ୍କର ଶିରୋଭୂଷଣ ହେବ କେବଳ ଶିଖା। ଭୂମିକା ଓ ଅବସ୍ଥା ଭେଦରେ ଦେବ-କନ୍ୟାମାନଙ୍କର ବିଭିନ୍ନ ପ୍ରକାର ବେଶଭୂଷା ସ୍ୱେଚ୍ଛାବଶତଃ ରଚିତ ହେବ। ନାଗକନ୍ୟାମାନଙ୍କର ଭୂଷଣ ହେବ ଦେବକନ୍ୟାମାନଙ୍କ ପରି; ତେବେ ଏଥିରେ ମୁକ୍ତାମଣିଖଚିତ-ଲତାପତ୍ରର ବାହୁଲ୍ୟ ରହିବ। ମୁନିକନ୍ୟାମାନେ ଏକ ବେଣୀଧାରିଣୀ ହେବେ। ସେମାନଙ୍କ ଶରୀରରେ ଅତିରିକ୍ତ ଭୂଷଣ-ବିବେଶ ବାଞ୍ଛନୀୟ ନୁହେଁ। ସିଦ୍ଧ-ଯୁବତୀମାନଙ୍କର ଅଳଙ୍କାର ମୁକ୍ତାମରକତଖଚିତ ହେବା ଉଚିତ। ଏମାନଙ୍କର ପରିଚ୍ଛଦ ପୀତ ବର୍ଣ୍ଣ। ଗନ୍ଧର୍ବୀ-ମାନଙ୍କର ଭୂଷଣରେ ପଦ୍ମରାଗ ମଣିର ବାହୁଲ୍ୟ ରହିବ। ରାକ୍ଷସୀ-ମାନଙ୍କର ଭୂଷଣରେ ଇନ୍ଦ୍ରନୀଳ ରହିବ। ଏମାନଙ୍କ ଦନ୍ତ ଉଜ୍ଜ୍ୱଳ ଶ୍ୱେତ ବର୍ଣ୍ଣ ଓ ବସ୍ତ୍ର ଘୋର କୃଷ୍ଣ ବର୍ଣ୍ଣ ହେବ। ଦେବବାଳା-ମାନଙ୍କର ବେଶଭୂଷା ସ୍ୱେଚ୍ଛାକ୍ରମେ ରଚିତ ହେଲେ ମଧ୍ୟ ବୈଦୂର୍ଯ୍ୟ ଓ ମୁକ୍ତାଖଚିତ ଆଭରଣର ବାହୁଲ୍ୟ ରହିବା ପ୍ରୟୋଜନ। ଶୁକ-ପିଚ୍ଛନିଭ ହରିତ୍ ବର୍ଣ୍ଣ ବସ୍ତ୍ର ସେମାନଙ୍କର ପରିଚ୍ଛଦ ହେବ। ଦିବ୍ୟ ନରନାରୀମାନଙ୍କର ଭୂଷଣ ପଦ୍ମରାଗ ଓ ବୈଦୂର୍ଯ୍ୟଖଚିତ ହେବ। ଶୃଙ୍ଗାରୀମାନଙ୍କର ବେଶ ଦିବ୍ୟାଙ୍ଗନାମାନଙ୍କ ପରି ହେବ କିନ୍ତୁ ଅବସ୍ଥାନ୍ତରରେ ଶୁଦ୍ଧ ବେଶ ରଚନୀୟ।

ବିଭିନ୍ନ ଦେଶୋଦ୍ଭବା ମାନୁଷୀମାନଙ୍କର ବେଶଭୂଷା ନିମ୍ନ ପ୍ରକାରେ କରିବାକୁ ହେବ। ଅବନ୍ତୀ ଯୁବତୀମାନଙ୍କର ମସ୍ତକରେ ଅଳକଯୁକ୍ତ କୁନ୍ତଳ ରହିବ। ଗୌଡ଼ୀମାନଙ୍କର ଅଳକର ବାହୁଲ୍ୟ; ଏବଂ ତାହା ସଙ୍ଗରେ ଶିଖାପାଶ ଓ ବେଣୀ ରହିବ (ଶିଖାପାଶ—ମସ୍ତକ ଉପରର ଚୂଡ଼ା ଓ ଚୂଡ଼ା ଲମ୍ବିତ କେଶଦାମ)। ଆଭୀର ଯୁବତୀମାନଙ୍କର ବେଣୀ ଦୁଇଟି; ମସ୍ତକଟି ବେଷ୍ଟିତ; (ବେଷ୍ଟିତ—ବେଣୀ ଦ୍ୱାରା ଅଥବା ମାଲ୍ୟାଦି ଅନ୍ୟ କୌଣସି ଦ୍ରବ୍ୟ ଦ୍ୱାରା, ତାହାର ଉଲ୍ଲେଖ ନାହିଁ) ବସ୍ତ୍ର ପ୍ରାୟ ନୀଳ ବର୍ଣ୍ଣ। ପୂର୍ବ ଓ ଉତ୍ତର ଦେଶୀୟ ରମଣୀମାନଙ୍କର ଶିଖଣ୍ଡିକ ରଚନା କରିବା ଉଚିତ ଓ କେଶ ପର୍ଯ୍ୟନ୍ତ ସର୍ବ ଶରୀର ଆଚ୍ଛାଦିତ କରିବାକୁ ହେବ। (ଶିଖଣ୍ଡ, ଶିଖଣ୍ଡକ, ଶିଖଣ୍ଡିକ—ପୁରୁଷ ପକ୍ଷରେ ଝୁଲପି, ନାରୀ ପକ୍ଷରେ କର୍ଣ୍ଣପ୍ରାନ୍ତଲମ୍ବୀ କେଶଗୁଚ୍ଛଦ୍ୱୟ), ଦକ୍ଷିଣ ଦେଶ ନାରୀ-ମାନଙ୍କ ପକ୍ଷରେ ଉଲ୍ଲେଖ୍ୟ—କୁମ୍ଭୀପଦ ଓ ବର୍ତ୍ତିଲଲାଟିକା ରଚନୀୟ। (ଏହି ଦୁଇଟି ଶବ୍ଦର ଅର୍ଥ ବୁଝାଯାଏ ନାହିଁ। ଲଲାଟିକା—ଚନ୍ଦନାଦିକୃତ ଲଲାଟସ୍ଥ ତିଳକର ନାମ ହୋଇପାରେ)। ଗଣିକାଗଣ ଇଚ୍ଛାବିଚ୍ଛିତ୍ତିମଣ୍ଡନ ଧାରଣ କରିବେ। (ସ୍ୱେଚ୍ଛାରେ ଅଙ୍ଗରାଗ ଶୋଭା। ବିଚ୍ଛିତ୍ତି—ଅଙ୍ଗରାଗ; ରୂପଗର୍ବିତା ହୋଇ ବେଶଭୂଷାରେ ଶୈଥିଲ୍ୟ।) ଏହିପରି ଜାତି, ଦେଶ ଓ ଅବସ୍ଥା ଭେଦରେ ବେଶଭୂଷାର ଭେଦ କର୍ତ୍ତବ୍ୟ। ଅନ୍ୟଥା ଅଦେଶଜ ବେଶ ଶୋଭା-ସୃଷ୍ଟିରେ ଅକ୍ଷମ।

ପ୍ରୋଷିତ-ଭର୍ତ୍ତୃକା ନାରୀ ଅଥବା ବ୍ୟସନାଭିହତା ରମଣୀ ପକ୍ଷରେ ମଳିନ ବେଶ ଓ ମସ୍ତକରେ ଏକ ବେଣୀଧାରଣ କର୍ତ୍ତବ୍ୟ (ବ୍ୟସନାଭିହତା—ବିପଦାପନ୍ନ, ଅର୍ଥାତ୍ ବୈଧବ୍ୟ ପ୍ରଭୃତି ଅଶୁଭ ଦ୍ୱାରା ଆକ୍ରାନ୍ତା)। ବିପ୍ରଲମ୍ଭ ଶୃଙ୍ଗାରରେ ନାରୀର ବେଶ ଶୁଦ୍ଧ ହେବ, ଅଳଙ୍କାର ଗୁଡ଼ିକ ମାର୍ଜିତ ଅର୍ଥାତ୍ ପାଲିଶ କରାହେବ ନାହିଁ, ବା ଅଧିକ ଅଳଙ୍କାର ମଧ୍ୟ ରହିବ ନାହିଁ। (ଶୃଙ୍ଗାର ଦ୍ୱିବିଧ—(୧) ସମ୍ଭୋଗ ଓ (୨) ବିପ୍ରଲମ୍ଭ। ସମ୍ଭୋଗ ଶୃଙ୍ଗାର—ନାୟକ ନାୟିକାର ମିଳନରେ ରତିରସାସ୍ୱାଦନ। ଏହାର ବିପରୀତ ବିପ୍ରଲମ୍ଭ—ଅଭିଳାଷ, ବିରହ, ଈର୍ଷା, ପ୍ରବାସ ଓ ଶାପ ହେତୁକ ବିଚ୍ଛେଦ, ଯୁବକ ଯୁବତୀର ପରସ୍ପର ବିରହରେ ଅଥବା ମିଳନା-ବସ୍ଥାରେ ଅଭିପ୍ରେତ ଆଲିଙ୍ଗନ ପ୍ରଭୃତିର ଅଭାବରେ ବିପ୍ରଲମ୍ଭ ଶୃଙ୍ଗାର ଉତ୍ପନ୍ନ ହୁଏ)। ଏହା ହିଁ ଦେଶ ଓ ଅବସ୍ଥା ଭେଦରେ ନାରୀମାନଙ୍କର ବେଶ ବିଧି।

ବର୍ତ୍ତମାନ ଦେଖାଯାଉଛି, ଦେହର ସର୍ବ ଅଙ୍ଗର ଅଳଙ୍କାର ପୂର୍ବେ ପ୍ରଚଳିତ ଥିଲା। କେବଳ ନାସିକାରେ କୌଣସି ଅଳଙ୍କାର ବିବେଶର ଉଲ୍ଲେଖ ନାହିଁ। ଆମ୍ଭମାନଙ୍କର ଭାରତୀୟ ସ୍ଥାପତ୍ୟ ଓ ଅଜନ୍ତାର ଚିତ୍ର-ଶିଳ୍ପ ଗୁଡ଼ିକ ମଧ୍ୟ ନାସାଭୂଷଣ-ବିହୀନ। ଆଉ ମଧ୍ୟ ରାଜପୁତ ଚିତ୍ର ଓ ଓଡ଼ିଶାର ତାଳପତ୍ର ପୋଥି ଚିତ୍ର ତଥା ଦେଉଳ ପ୍ରଭୃତିର ଭିତ୍ତିର ଚିତ୍ର ଗୁଡ଼ିକରୁ ନାକ-ଗହଣା



Digitized by srujanika@gmail.com

ଦେଖିବାକୁ ମିଳେ। ସୁତରାଂ ନାସିକା ଅଳଙ୍କରଣ ମଧ୍ୟ ଯୁଗରେ ହିଁ ଘଟିଅଛି । ଭୁବନେଶ୍ୱରର ପ୍ରାଚୀର ଗାତ୍ରରେ ଖୋଦିତ ଯେଉଁ ସବୁ ବଡ଼ ବଡ଼ ପ୍ରତିମୂର୍ତ୍ତି ରହିଛି, ସେ ମୂର୍ତ୍ତି ଗୁଡ଼ିକରେ ବିବିଧ ପ୍ରକାର ସୁନ୍ଦର ହାରର ନିଦର୍ଶନ ମିଳେ । ଏହି ହାରଗୁଡ଼ିକୁ ଦେଖିଲେ ବୋଧହୁଏ ମଣିମୁକ୍ତାଖଚିତ ବିଭିନ୍ନ ଧରଣର ହାରର ପ୍ରଚଳନ ପୂର୍ବେ ଭଲ ଭାବରେ ଥିଲା । ସୁତରାଂ ବର୍ତ୍ତମାନ ଦେଖାଯାଉଛି ପ୍ରାଚୀନ ଭାରତରେ ସାଜସଜ୍ଜା କହିଲେ ପ୍ରଧାନତଃ ଅଳଙ୍କରଣକୁ ହିଁ ବୁଝାଉଥିଲା । ବିଶେଷତଃ ଶରୀରର ସକଳ ଅଂଶ, ଏପରିକି କଟୀଠାରୁ ପାଦାଙ୍ଗୁଳି ପର୍ଯ୍ୟନ୍ତ ନାନା ପ୍ରକାର ଭୂଷଣର ଅଚାର ଥିଲା । କିନ୍ତୁ ଶୀତ-ପ୍ରଧାନ ଦେଶରେ ପାଦରେ କୌଣସି ପ୍ରକାର ଅଳଙ୍କାର ପରିଧାନ କରିବା ଅତି କଠିନ, ଗରମ ମୋଜା, ଯୋତା ଓ ଅନ୍ୟାନ୍ୟ ଆଭରଣଦ୍ୱାରା ସେମାନଙ୍କୁ ପାଦଦ୍ୱୟ ଏବଂ ଗୋଡ଼ ଦୁଇଟିକୁ ମଧ୍ୟ ସବୁ ସମୟରେ ଆବୃତ କରି ରଖିବାକୁ ହୁଏ । ସେହି ହେତୁ ପ୍ରାଚୀନ ଗ୍ରୀକ୍ ଓ ରୋମାନ୍ ଭାସ୍କର୍ଯ୍ୟରେ ଆମ୍ଭେମାନେ ମେଖଳା ବ୍ୟତୀତ ଅନ୍ୟ କୌଣସି ବିଶେଷ ଅଳଙ୍କାର ଦେଖିବାକୁ ପାଉ ନାହିଁ । ଗ୍ରୀକ୍‌ମାନଙ୍କର ଏହି ମେଖଳା କେବଳ ଅଳଙ୍କାର ନ ଥିଲା, କଟିବନ୍ଧର କାର୍ଯ୍ୟ ମଧ୍ୟ ଏହାଦ୍ୱାରା କରି ଯାଉଥିଲା । କିନ୍ତୁ ଭାରତରେ କେବଳ ସୌନ୍ଦର୍ଯ୍ୟବୃଦ୍ଧି ନିମନ୍ତେ ଏହା ସଜ୍ଜାଭରଣ ରୂପେ ବ୍ୟବହୃତ । ଭାରତର ଅବସ୍ଥା ଭିନ୍ନ ପ୍ରକାର । ପ୍ରାଚୀନ କାଳରେ ସେଥିଯୋଗୁଁ ପାଦର ବହୁ ପ୍ରକାର ଅଳଙ୍କାରର ବ୍ୟବସ୍ଥା ଥିଲା । ପୁରୁଷ ଓ ସ୍ତ୍ରୀଲୋକମାନେ ମଧ୍ୟ କିଙ୍କିଣୀ ପରିଧାନ କରୁଥିଲେ । ଓଡ଼ିଶାରେ ପ୍ରଚଳିତ ଝଙ୍କମାଳା ଓ ବେଙ୍ଗପାହିଆ ଅନ୍ୟ ପ୍ରକାର ପାଦାଭରଣ । ଏହା ରାଜେନ୍ଦ୍ରଲାଲ ମିତ୍ରଙ୍କ **Indo Aryans** ବହିରେ ପ୍ରକାର ଭେଦରେ ଦେଖିବାକୁ ମିଳେ । ଘୁଙ୍ଗୁର, ନୂପୁର ଓ ଗୁଞ୍ଜରି ପ୍ରଭୃତି ବିବିଧ ଅଳଙ୍କାର ବର୍ତ୍ତମାନ ମଧ୍ୟ ଦେଶରେ ପ୍ରଚଳିତ ଅଛି । ନୂପୁରର ରୁଣୁଝୁଣୁ ଓ କିଙ୍କିଣୀର କିଣିକିଣି ଆଜି ମଧ୍ୟ ଶ୍ରୁତି-ମଧୁର ପ୍ରତୀତ ହୁଏ ।

# ଅବସର-ବିଳାସ

ଶ୍ରୀ ବୈକୁଣ୍ଠନାଥ ପଟ୍ଟନାୟକ

**ହରିଜନ —**

ମଳିନ ଭୂଷଣ ପୁଣି ନୀଚ କୁଳଜାତ,
ମାତର ପଡ଼ଇ ମନେ ମଙ୍ଗଳ ପ୍ରଭାତ—
ଶାରଦ ଶିଶିର-ସ୍ନାତ ରହି ନେତ୍ର ଠାଣି
ଧନ୍ୟ ହିନା ସେହି ତୁମେ ଯା କୁଟୀରରାଣୀ !
କୃଷ୍ଣା, ରୂପହୀନା, କହି କରେ ଯେ ପ୍ରଚାର,
ଅବିମୃଷ୍ୟକାରୀ କରେ ଘୋର ଅବିଚାର
ଆପଣାର ପ୍ରତି ; ନାହିଁ ଜାଣେ ଅକିଞ୍ଚନ
ସେ ରୂପେ ଉଜ୍ଜ୍ୱଳ ଦେବତାର ସିଂହାସନ !
ପରମ-ମଙ୍ଗଳ-ରୂପ ଆନନ୍ଦ-ସନ୍ଦେଶ
ବହି ଆଣେ ସୌମ୍ୟ ନେତ୍ର ! ଦିଏ ନାହିଁ କ୍ଲେଶ !
ମରୁଦ୍ୟାନ ସମ ପାନ୍ଥ-ନେତ୍ର-ପ୍ରୀତିକର
ଚିତ୍-କ୍ଲାନ୍ତିହର ଶିର ପ୍ରଶାନ୍ତ ସୁନ୍ଦର !
ବିପଥ ପଥିକ ତୀବ୍ରତମ ତୃଷା ହରି
କହି ଦିଏ ଯାହା ପଥ ସେ ନେତ୍ର ଭ୍ରମରି ।

—0—

ଯେ କୁସୁମ ଆଜି ବନ୍ଧୁ ଦେଲି କରି ଛିନ୍ନ,
ନ ବୁଝିଲ ସରଳ ପ୍ରାଣର ପ୍ରୀତି-ଚିହ୍ନ,
ଯାର ରୂପ-ସ୍ପର୍ଶ-ଗନ୍ଧେ ହେଲ ହେ ବିହ୍ୱଳ,
ଦେଖିଛ ତା ଅନ୍ତରାଳେ ଶତ ଅଶ୍ରୁ ଢଳ ?
ଦେଖି ନାହିଁ ଯେବେ ବନ୍ଧୁ ନାହିଁ କିଛି ଦେଖି
ଦେଖ ଯେବେ ସ୍ମୃତି ପତ୍ରେ ରଖିବନି ଲେଖି ।
ଅଜ୍ଞାତ ସରଳ ପ୍ରାଣ ପ୍ରଥମ ମିଳନେ
ଦେଲି ଯେ କୁସୁମ ଧରି ରଖିବ ତ ମନେ ?
ସକଳ ମାଧୁରୀ ତାର ହୋଇ ନାହିଁ ଶେଷ,
ଛୁଞ୍ଚ ଦଳ-ବୃନ୍ତ ଲାଗି ତବ ମୋହାବେଶ—
ଦେଖି ବୁଝିଲି ମୁଁ ଲାଜେ !

ବାସର ଉତ୍ତରି

ସକଳ ରଜନୀ ଶେଷେ ଶୁଷ୍କ ନାରୀ-ଗର୍ବ !
ମଉଳି ନାହିଁ ସେ ଫୁଲ ହଜିନି ମାଧୁରୀ
ବାସର କୁସୁମ ବ୍ୟଥା ନିବ ନାହିଁ ଭୁଲି ।

—0—

**ଅଶ୍ରୁବିନ୍ଦୁ—**

ଅଶ୍ରୁବିନ୍ଦୁ ! ଏ ସୃଷ୍ଟିର କ୍ଷୁଦ୍ର ଅଶ୍ରୁବିନ୍ଦୁ !
(କହି ନାହିଁ ଉଦ୍‌ବେଳିତ ସେ ଲୋତକ-ସିନ୍ଧୁ !
ତୁଚ୍ଛ ବୋଲି ଯିବେ ଯାକୁ ସଭ୍ୟତା-ବିଜ୍ଞାନ—
କୃତିତ୍ୱ, ନାରୀତ୍ୱ ଯାର ସହଜ ପ୍ରମାଣ !
ଏ ଯୁଗେ କଳନା ତାର ! ଏତେ ବଡ଼ ପାପ—
କହିବାକୁ ନାହିଁ ଦୟା ! ଦେବ ନାହିଁ ତାପ ! )
କ୍ଷୁଦ୍ର ମୋର ଅଶ୍ରୁବିନ୍ଦୁ, ଅବା ବାରିବିନ୍ଦୁ,
ଶିଶିର ଶ୍ୟାମଳ ଦାହେ, ନଭେ ସ୍ଥିର ଇନ୍ଦୁ !
ପ୍ରଣୟ ଗୌରବ, ସୌନ୍ଦର୍ଯ୍ୟ ସେ ଅନୁତାପେ,
ଅନନ୍ତ କରୁଣାରୂପୀ ଦୈବ-ଅଭିଶାପେ !



Digitized by srujanika@gmail.com

ସକଳ ଅସ୍ତିତ୍ୱେ ସେ ଯେ ଗୌରବ ପ୍ରମାଣ,
ସକଳ ପ୍ରପଞ୍ଚ ମେଲେ ଅନଶ୍ୱର ପ୍ରାଣ !
ଦେଖିଛ ସେ ଅଶ୍ରୁବିନ୍ଦୁ ? ପ୍ରସ୍ଫୁଟିତ ଫୁଲେ ?
ସେ ସୌନ୍ଦର୍ଯ୍ୟ ଗଢ଼ ମୋର ସ୍ମୃତି-ସିନ୍ଧୁ-କୂଳେ ।
କୋଟିପତି ଅଭିମାନ ତା ଲାଗି ଜୀବନେ
ମୋ ପ୍ରାଣ-ମଞ୍ଜିକା ମଧୁ ସୃଷ୍ଟି-ଉପବନେ,
ସକଳ ପୂଜାରେ ମୋର ଲାଗି ସେ ମୂରତି,
ସକଳ ମୋ ପରିଚୟ ସହଜ ସରଳ ।

କୃପଣ ସମ୍ପଦ ସମ ରଖେଁ ମୁଁ ଲୁଚାଇ
ଦମ୍ଭ-ଅଭିମାନ ହେଲେ ଦେବ ବୋଲି ଚାହିଁ ।
ଏକାଇ ମୋ ସ୍ୱାର୍ଥ ତାକୁ ନିଭୃତ ଅନ୍ତରେ
ଏକାଇ ସମ୍ବଳ ବୋଲି ଦୁର୍ଦ୍ଦିନ ବାସରେ ।
ଲୋଡ଼ା ନାହିଁ କାହିଁ କିଛି ନାହିଁ ଅଭିଯୋଗ,
ଗୌରବ ସ୍ୱପନେ କ୍ଷୁଦ୍ର ଅଶ୍ରୁବିନ୍ଦୁ ଭୋଗ ।
କୋଟି ସିଦ୍ଧି ସାଧନାର ପରମ ସାଧନା,
ପରମ ସେ ପ୍ରୀତି ବିନା ସବୁ ପ୍ରବଞ୍ଚନା ।

# ଅନ୍ୱେଷଣ

ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

— ଏକ —

'ଅବନ୍ତୀ, ରାଜକୁମାର !'

'ଅବନ୍ତୀ ?'

'ଆଜ୍ଞା ହଁ, ଅବନ୍ତୀ ।'

'ସ୍ୱୟମ୍ବର କେବେ ?'

'ଫାଲ୍‌ଗୁନ ପୂର୍ଣ୍ଣିମା ।'

'ଆଉ କେତେ ଦିନ ରହିଲା ?'

'ଆଠ ମାସ ଦଶ ଦିନ ଆଜକୁ ।'

'ଉତ୍ତମ ।'

* * * *

'ଚିନୋଟି ?'

'ଚିନୋଟି ରତ୍ନ, ମହିମା ।'

'ହୁଁ ।'

'ପ୍ରଥମ ନୂଆଟି ସ୍ୱର୍ଗର ଅପ୍ସରା । ମାତ୍ର—'

'ମାତ୍ର—?'

'କନିଷ୍ଠା କନ୍ୟାଟି ସାମାନ୍ୟ—'

'କୁତ୍ସିତ ? ବେଶ୍ । ଭଲ କଥା । ସେଥିରେ ମୋର ଯାଏ କେତେ ଆସେ କେତେ !'

* * * *

'ରାଜକୋଷ ସାହାଯ୍ୟରେ ମନୁଷ୍ୟ ଜୟ କରିହୁଏ ରାଜକୁମାର, ମାତ୍ର ହୃଦୟର ମୂଲ୍ୟ କରିହୁଏ ନାହିଁ ।'

ମୁଁ ଜୟ କରିବ । ମନୁଷ୍ୟ ଜୟ କରିବି—ହୃଦୟ ଜୟ କରିବ । କଳିଙ୍ଗର ବିପୁଳ ଐଶ୍ୱର୍ଯ୍ୟ କ'ଣ ଯଥେଷ୍ଟ ହେବ ନାହିଁ ଏଥିପାଇଁ ?'

'କଳିଙ୍ଗ—ଐଶ୍ୱର୍ଯ୍ୟର ଏକସହସ୍ରାଂଶ ମୂଲ୍ୟରେ ଶତ ଶତ ଦାସ କ୍ରୟ କରିବା ସମ୍ଭବ ହୋଇପାରେ କୁମାର, କିନ୍ତୁ—'

'କିନ୍ତୁ ?'

'ସହସ୍ର ଗୁଣ ମୂଲ୍ୟରେ ମଧ୍ୟ ଗୋଟିଏ ମାତ୍ର ହୃଦୟ କ୍ରୟ କରିହୁଏ ନାହିଁ । ହୃଦୟ କ୍ରୟ କରାଯାଏ ନାହିଁ ରାଜକୁମାର, ଜୟ କରାଯାଏ । ଆପଣ ଦାସୀ ଚାହାନ୍ତି, ନା ପ୍ରିୟା ଚାହାନ୍ତି, ଯୁବରାଜ ?'

ଯୁବରାଜ ହସିଲେ ।

* * * *

'ପାଗଳ ।'

'ପାଗଳାମି ନୁହେଁ ଯୁବରାଜ—ସତ୍ୟ ।'

'ତମେ କ'ଣ କହିବାକୁ ଚାହୁଁ ବୟସ୍ୟ, ଯେ ଐଶ୍ୱର୍ଯ୍ୟଶାଳୀ କଳିଙ୍ଗର ଯୁବରାଜ ସାମାନ୍ୟ ଗୋଟିଏ ନାରୀର ହୃଦୟ ଜୟ କରିବାକୁ ଅକ୍ଷମ ?'

'କଳିଙ୍ଗର ଯୁବରାଜ ଅକ୍ଷମ ନୁହନ୍ତି କୁମାର, କଳିଙ୍ଗର ଐଶ୍ୱର୍ଯ୍ୟ ଅକ୍ଷମ ।'

'ଭାରତର ଭାବୀ ଚକ୍ରବର୍ତ୍ତୀ ଯଦି ପଥର ଭିକାରୀ ହୋଇ ବୁଲେ, ତେବେ କଣ 'ଅବନ୍ତୀ'ର ରୂପଗୁଣସମ୍ପନ୍ନା କନ୍ୟାଗଣ ତାହା ପ୍ରତି ଅଧିକ ଆକୃଷ୍ଟ ହେବେ ?'

'ମନର ଆସକ୍ତି ଓ ହୃଦୟର ମମତା ଦୁଇଟିକୁ ଏକ କରି ଦେବେ ନାହିଁ, କୁମାର ! ମନେ ରଖିବେ, ଆସକ୍ତି କ୍ଷଣସ୍ଥାୟୀ କିନ୍ତୁ ମମତା ଚିରନ୍ତନ ।

* * * *

— ଦୁଇ —

ସୁନ୍ଦର ସୁଗଠିତ ଶରୀର, ବିଶାଳ ବକ୍ଷ, ଆଜାନୁଲମ୍ବିତ ଭୁଜ, ଆକର୍ଣ୍ଣବିସ୍ତୃତ ଚକ୍ଷୁ, ସୁଦୀର୍ଘ ଲଲାଟ—କିନ୍ତୁ ପରିଧେୟ ଅତିଶୟ ଜୀର୍ଣ୍ଣ ଏବଂ ମ୍ଳାନ । ରାଜପଥରେ ଯେ ତାହାକୁ ଦେଖେ, ଦୁଃଖ କରେ—'ହାୟ, ବିଧାତା ଏହାକୁ ରାଜକୁଳରେ ଜନ୍ମ ନ ଦେଲା କାହିଁକି ?'

ସେ ଥିଲା ଗୋଟିଏ ଭିଖାରୀ ।

* * * *



Digitized by srujanika@gmail.com

ଅବନ୍ତୀ ନଗର । ନଭସ୍ପର୍ଶୀ ବିଶାଳ ପ୍ରାସାଦାବଳି ଧନଶାଳୀ-ଅବନ୍ତୀର ବିଜୟସ୍ତମ୍ଭ ସ୍ୱରୂପ ଦଣ୍ଡାୟମାନ । ଭିନ୍ନ ଦେଶୀୟ ଅସଂଖ୍ୟ ବାଜିରାଜିର ଖୁରୋତ୍ଥିତ ଧୂଳି-ପଟଳରେ ଆକାଶ ଆଚ୍ଛନ୍ନ । ମଦମତ୍ତ ଗଜରାଜରେ ରାଜବଂଶଜ ପୌତ୍ରବୃନ୍ଦ ଅବିରତ ପରିଭ୍ରମଣ-ରତ ।

ସେହି ସୁମହାନ ଧନଶାଳୀ ରାଜ୍ୟରେ ଭିକ୍ଷାପ୍ରଥା ସ୍ୱପ୍ନବତ୍ । କାରଣ ଏ ଦେଶରେ ଭିକ୍ଷାର୍ଥୀ ରାଜଦ୍ୱାରରେ ଦଣ୍ଡିତ ହୁଏ ।

* * * *

'ଭିକ୍ଷାର୍ଥି !'

'ମହାରାଜ !'

'ଜାଣ, ଏ ଦେଶର ନିୟମାନୁଯାୟୀ ତୁମ୍ଭେ ଦଣ୍ଡନୀୟ ।'

'ଜାଣେଁ ।'

'ତୁମ୍ଭେ ଦଣ୍ଡ ନେବାକୁ ପ୍ରସ୍ତୁତ ?'

'ପ୍ରସ୍ତୁତ ମହାରାଜ ।'

'ତୁମ୍ଭର ଅପରାଧ ନିମନ୍ତେ ବଡ଼ କଠିନ ଦଣ୍ଡର ବ୍ୟବସ୍ଥା ଅଛି ।'

ଯେଉଁ ବ୍ୟକ୍ତି ଭିକ୍ଷାଭଳି ଜଘନ୍ୟ ଦଣ୍ଡକୁ ସ୍ୱେଚ୍ଛାରେ ବରଣ କରିପାରେ, ତା' ପ୍ରତି ଆଉ କେଉଁ କଠିନତର ଦଣ୍ଡ ବିଧାନ କରିବେ ମହାରାଜ ।'

'ତୁମ୍ଭେ ଭିକ୍ଷାକୁ ଘୃଣା କର ?'

'ନରକଠାରୁ ଅଧିକ ଘୃଣା କରେଁ ।'

'ଶୁଣି ସୁଖୀ ହେଲି । ବିଧାନାନୁଯାୟୀ ଅଷ୍ଟାଦଶ ମାସ ନିମନ୍ତେ ନିର୍ଜନ କାରାଦଣ୍ଡ ବିହିତ ହେଲା । ମାତ୍ର ତୁମ୍ଭେ ଭିକ୍ଷା ପ୍ରଥାକୁ ଘୃଣା କରୁଥିବା ସ୍ଥଳେ ବୋଧହୁଏ କୌଣସି ବିଶେଷ ପରିସ୍ଥିତିରେ ଏ ଘୃଣ୍ୟ ପଥ ବାଛି ନେଇଥିବାରୁ, ଏହି କାରାବାସ ସମୟ ମଧ୍ୟରେ ତୁମ୍ଭର ଇଚ୍ଛାନୁଯାୟୀ କାରାଗାରର ଶୃଙ୍ଖଳା ବହିର୍ଭୂତ କୌଣସି ଗୋଟିଏ ସୁବିଧା ଉପଭୋଗ ନିମନ୍ତେ ତୁମ୍ଭେ କ୍ଷମ ହେବ ।'

'ମହାରାଜ, ଆପଣଙ୍କର ଏ ଦୟା ନିମନ୍ତେ ମୁଁ ଆପଣଙ୍କଠାରେ କୃତଜ୍ଞ ରହିଲି । ତତ୍ ସଙ୍ଗେ ସଙ୍ଗେ ଶ୍ରୀମନ୍ତଙ୍କର ମଙ୍ଗଳକାମନା କରି ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଛି ।'

'ତୁମ୍ଭେ ତୁମ୍ଭର ଇଚ୍ଛା ପ୍ରକାଶ କରିପାର ।'

'ମହାରାଜ, ମୁଁ ପ୍ରତି ଦିନ ସନ୍ଧ୍ୟାରେ ଥରେ ମାତ୍ର କାରାଗାରର ବାହାରକୁ ଆସି ମୋହର ବଂଶୀଟି ଯେପରି ବଜାଇ ପାରିବି, ସେଥିପାଇଁ ଅନୁମତି ଚାହେଁ ।'

'ଗୋଟାଏ ପରିମିତ ସମୟ ଦେବାକୁ ହେବ ।'

'ଘଡ଼ିଏ ମାତ୍ର ।'

'ତଥାସ୍ତୁ ।'

—ଦୁଇ—

ରାଜପ୍ରାସାଦର ଅନତି ଦୂରରେ କେତେଗୁଡ଼ିଏ କ୍ଷୁଦ୍ର ପ୍ରସ୍ତର ନିର୍ମିତ ଗୃହ । ପ୍ରତ୍ୟେକ ପୃଥକଭାବରେ ଅବସ୍ଥିତ । ଗୃହ ସମୂହର ପ୍ରାଚୀରଗୁଡ଼ିକ ଲୁପ୍ତ ଅତୀତର ଭିତ୍ତି ଉପରେ ଅବିଚଳିତ ସାକ୍ଷୀ ସ୍ୱରୂପ ଅତି ରୁକ୍ଷ ମୂର୍ତ୍ତି ଧରି ଦଣ୍ଡାୟମାନ । ଗୋଟାଏ ନରରକ୍ତପିପାସୁ ଦୁର୍ଦ୍ଧର୍ଷ ରାକ୍ଷସର ବିକଟ ଦନ୍ତ-ଦାବନକୁ ଅନୁକରଣ କରି ବନ୍ଦ ଲୌହ-କପାଟଚୟ ଅତି ଭୀଷଣ ଦୃଶ୍ୟ ସର୍ଜନା କରୁଥାନ୍ତି । ଯଥେଷ୍ଟ ବାତାଲୋକର ଯାତାୟାତ ନିମନ୍ତେ ଗୋଟିଏ ଅତ୍ୟନ୍ତ କ୍ଷୁଦ୍ର ଛିଦ୍ର ବ୍ୟତିରେକେ କୌଣସି ବାତାୟନର ବ୍ୟବସ୍ଥା ନ ଥିବାରୁ ପ୍ରତ୍ୟେକ ଗୃହର ସଙ୍କୀର୍ଣ୍ଣ ଅଭ୍ୟନ୍ତର ଗୋଟାଏ ଗୋଟାଏ ପ୍ରକାଣ୍ଡ ଅନ୍ଧକୂପ ଭଳି ପ୍ରତୀୟମାନ ହେଉଥିଲା ।

ତନ୍ମଧ୍ୟରୁ ଗୋଟିଏ ଗୃହ ସହିତ ସଂଲଗ୍ନ ସୁଦୃଢ଼ ଲୌହ-ଶଲାକା-ପରିବେଷ୍ଟିତ ଅନୁର୍ବର ପ୍ରାଙ୍ଗଣ ମୃତ୍ୟୁର କବଳ ହସ୍ତ ସଦୃଶ ପ୍ରସାରିତ । ପ୍ରତି ଦିନ ସନ୍ଧ୍ୟାରେ ଅତି ସୁନ୍ଦର ସୁଷ୍ଠୁ କୌଣସି ଯୁବକ ଉକ୍ତ ପ୍ରାଙ୍ଗଣପ୍ରାନ୍ତ ଗୋଟିଏ ଭଗ୍ନ ପ୍ରସ୍ତର ଉପରେ ବସି ହସ୍ତସ୍ଥିତ ଶୁଷ୍କ ଛିଦ୍ରଯୁକ୍ତ ବଂଶ ଖଣ୍ଡ ଦେହରେ ଅତି ଧୀର ଭାବରେ ଗୋଟିଏ ନିବିଡ଼ ଚୁମ୍ବନ ଦିଏ …… ।

* * * *

ପ୍ରତି ଦିନ ସନ୍ଧ୍ୟାରେ ରାଜ ପ୍ରାସାଦ ଗୋଟାଏ ଅନାଗତ ସ୍ୱରର ଗୁଞ୍ଜନରେ ଥରିଉଠେ । ଉଦ୍ୟାନସ୍ଥ ସହକାରଶାଖାରୁ ଅସମୟରେ ଅଜଣା କାରଣରୁ ପିକର ପ୍ରକମ୍ପିତ କୁହୁସ୍ୱର ଶୁଣାଯାଏ । ସ୍ଫଟିକନିର୍ମିତ ସ୍ନାନ-କୁଣ୍ଡର ନୀର ଶୀତଳ ନିର୍ଝର-ଜଳ ହଠାତ୍ ଉତଲା ହୋଇଉଠେ । ଅନ୍ତଃପୁରର ପ୍ରତ୍ୟେକ ପ୍ରାଣରେ କ୍ଷଣକ ଲାଗି ଗୋଟାଏ ବିଦ୍ୟୁତ୍ ପ୍ରବାହ ଖେଳିଯାଏ ।

—ତିନି—

'ବନ୍ଧୁ !'

'କହନ୍ତୁ ।'

'ତମର ଘର ?'

'କଳିଙ୍ଗ ଦେଶରେ ।'

'ତମେ ଏ ବଂଶୀ କେଉଁଠାରୁ ପାଇଲ ?'

'କଳିଙ୍ଗର ରାଜକୁମାରଙ୍କଠାରୁ ।'

'ରାଜକୁମାରଙ୍କଠାରୁ ?'

'ଆଜ୍ଞା ହଁ ।'

'ଶୁଣିଛି, ରାଜକୁମାର ଖୁବ୍ ସୁନ୍ଦର, ନୁହେଁ ?'

'କାର୍ତ୍ତିକଙ୍କ ଭଳି ସୁନ୍ଦର ।'

'କହି ପାରିବ ବନ୍ଧୁ, ସେ ଏ ଅବନ୍ତୀର ସ୍ୱୟମ୍ବରକୁ ଆସୁଛନ୍ତି କି ?'

'ବୋଧହୁଏ ନା ।'

* * *

'ବନ୍ଧୁ !'

'କହନ୍ତୁ ।'

'ତମ ଘର କଳିଙ୍ଗ ଦେଶରେ ?'

'ଆଜ୍ଞା ।'

'ତମକୁ ବଂଶୀ ବଜାଇବା ଶିଖାଇଲା କିଏ ?'

'କଳିଙ୍ଗର ରାଜକୁମାର ।'

'କଳିଙ୍ଗର ରାଜକୁମାର ?'

'ଆଜ୍ଞା ।'

'ଶୁଣିଛ, କଳିଙ୍ଗାଧିପତି ବିପୁଳ ଐଶ୍ୱର୍ଯ୍ୟର ଅଧିକାରୀ, ନୁହେଁ ?'

'କୁବେର ସଦୃଶ ।'

'କହି ପାରିବ, ଅବନ୍ତୀର ସ୍ୱୟମ୍ବରକୁ ରାଜକୁମାର ଆସୁଛନ୍ତି କି ?'

'ବୋଧହୁଏ ନା ।'

*　　*　　*　　*

'ବିଦେଶି !'

'କିଏ ?'

'ତମେ କ'ଣ କଳିଙ୍ଗରୁ—'

'ଆଜ୍ଞ କଳିଙ୍ଗ ଦେଶରେ ମୋର ଘର ।'

'ବିଦେଶି !'

'କହନ୍ତୁ !'

'କହିବି ?'

'କ'ଣ ?'

'ଗୋଟାଏ କଥା ।'

'ପଚାରି ପାରନ୍ତି ।'

'ଏହି ଶୁଷ୍କ ଯନ୍ତ୍ରର ଧ୍ୱନିରେ ତମର ହୃଦୟର ସ୍ୱର ଏତେ କରୁଣ ଶୁଣାଯାଏ କାହିଁକି ?'

ବନ୍ଦୀ ଚମକି ଉଠିଲା—ଆଶ୍ଚର୍ଯ୍ୟରେ । ଗଭୀର ଅନ୍ଧକାର ମଧ୍ୟରେ ସେ ସେହି ପ୍ରଶ୍ନକର୍ତ୍ତାଙ୍କୁ ଠିକ୍ ନିରୀକ୍ଷଣ କରି ମଧ୍ୟ ଦେଖିବାକୁ ସମର୍ଥ ହେଲା ନାହିଁ ।............

'ବିଦେଶି !'

'କହନ୍ତୁ ।'

'କଳିଙ୍ଗର ରାଜକୁମାର କ'ଣ ଏଭଳି କରୁଣ ସ୍ୱରରେ ବଂଶୀ ବଜାନ୍ତି ?'

'କରୁଣତର ସ୍ୱରରେ ।'

'ଶୁଣିଛି, ସେ ବଡ଼ ଦୟାଳୁ, ନୁହେଁ ?'

'ଅତିଶୟ ଦୟାଳୁ !'

'ବଡ଼ ବିଦ୍ୱାନ୍ ।'

'ଗଣେଶଙ୍କ ଭଳି !'

'ବୀର ଯୋଦ୍ଧା ମଧ୍ୟ !'

'ସାକ୍ଷାତ୍ ଅର୍ଜୁନ ଯେପରି !'

'ସେ ତେବେ ଅବନ୍ତୀର ସ୍ୱୟମ୍ବରକୁ...'

'ଆସି ପାରନ୍ତି ।'

—ପାଞ୍ଚ—

ପ୍ରାଙ୍ଗଣ-ସଂଲଗ୍ନ ସେହି ବନ୍ଦୀଗାରର ପାର୍ଶ୍ୱରେ ଗୋଟାଏ ଯୋଡ଼ାଏ ସୂର୍ଯ୍ୟମୁଖୀ ଯେଉଁଠି ମଉଳି ପଡ଼ିଥାଏ, ସେଇଠି ।....

ସନ୍ଧ୍ୟାର ଅନ୍ଧକାର ଯେତେବେଳେ ସେହି ନିର୍ମମ ପାଷାଣ ପ୍ରାଚୀରକୁ ସମ୍ପୂର୍ଣ୍ଣ ଗ୍ରାସ କରିଦିଏ—ଯେତେବେଳେ ବନ୍ଦୀର ବଂଶୀ-ନିସୃତ ଧ୍ୱନି ଆକାଶରେ ପ୍ରଥମ ମୂର୍ଚ୍ଛନା ସଞ୍ଚାର କରେ, ସେତେ-ବେଳେ—

ଗୋଟିଏ ନାରୀମୂର୍ତ୍ତିର ଆବିର୍ଭାବ ହୁଏ । କିଛି କ୍ଷଣ ପରେ ସେ ପୁଣି ଅନ୍ତର୍ଦ୍ଧାନ ହୋଇଯାଏ ।

ଏପରି ପ୍ରତି ଦିନ ।

*　　*　　*　　*

ତାହାର ଅପର ପାର୍ଶ୍ୱରେ ଯେଉଁଠି ରଜନୀଗନ୍ଧାର ମଧୁର ଗନ୍ଧ ପାଗଳ ହୋଇ ବିଚରଣ କରୁଥାଏ, ସେଇଠି— ।

ଘନ ଅନ୍ଧକାରର ଗର୍ଭ ମଧ୍ୟରେ ସବୁଜ ପୃଥିବୀ ଓ ପାଷାଣକାରା ଯେତେବେଳେ ଏକାକାର ହୋଇଥାନ୍ତି—ଯେତେବେଳେ ବଂଶୀର କରୁଣ ଧ୍ୱନି ଆକାଶର ସ୍ତର ସ୍ତର ଭେଦ କରି କେଉଁ ସୁଦୂର ଅଜଣା ପଥରେ ଧାଇଁ ବୁଲୁଥାଏ—ସେତେବେଳେ— ।

ଆଉ ଗୋଟିଏ ନାରୀମୂର୍ତ୍ତି ଦେଖାଦିଏ । ଉଚ୍ଚତାରେ ପୂର୍ବ ମୂର୍ତ୍ତିଠାରୁ କ୍ଷୁଦ୍ର । କିଛି କ୍ଷଣ ପରେ ସେ ପୁଣି ଉଭେଇ ଯାଏ ।

ଏହିପରି ନିତିପ୍ରତି

*　　*　　*　　*

କାରାଦ୍ୱାରର ଅପର ଦିଗରେ ବାତାସଲୋକର ଯାତାୟାତ ନିମନ୍ତେ ଯେଉଁ କ୍ଷୁଦ୍ର ଛିଦ୍ର ଅଛି, ସେଇଠି— ।

ଗଭୀର ନିଶୀଥର ନିବିଡ଼ ନିସ୍ତବ୍ଧତା ଭେଦ କରି ଯେତେବେଳେ ପ୍ରାଚୀରଛିଦ୍ର ଭିତରେ ପବନର ଶିହରଣ ବନ୍ଦୀ-ପ୍ରାଣରେ ଚମକ ଲଗାଇ ଦିଏ, ସେତେବେଳେ— ।

ଗୋଟିଏ କ୍ଷୀଣ ନାତି କ୍ଷୁଦ୍ର ନାରୀମୂର୍ତ୍ତି ଆସି ଠିଆ ହୁଏ । ଗୋଟିଏ ପାତ୍ରରେ ସାମାନ୍ୟ କେତୋଟି ଫଳମୂଳ ଭରି ସେହି ଛିଦ୍ର ଦ୍ୱାରରେ ଥୋଇଦିଏ ।

ବନ୍ଦୀ ପଚାରେ 'କିଏ ?'

ଉତ୍ତର ଆସେ 'ସେଇ ।'

ବନ୍ଦୀ ନିଃସଙ୍କୋଚରେ ଆହାର କରେ । ଶୂନ୍ୟ ପାତ୍ର ନେଇ ନାରୀମୂର୍ତ୍ତି ଛାୟା ପରି ଉଭେଇଯାଏ । କେହି କାହାକୁ ଦେଖନ୍ତି ନାହିଁ, ଦେଖି ପାରନ୍ତି ନାହିଁ । ଗଭୀର ରଜନୀର ଘନ ଅନ୍ଧକାରର ଯଦି ଚକ୍ଷୁ ଥାଏ ତେବେ ତା'ଛଡ଼ା ଆଉ କେହି ଦେଖେ ନାହିଁ—ଦୁଇ ଜଣଙ୍କ ନେତ୍ର ଅଶ୍ରୁଭରା ।

ଏହିପରି ସବୁ ଦିନେ ।

—ଛଅ—

ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀର ସନ୍ଧ୍ୟା ।

କାଲି ଅବନ୍ତୀର ରାଜକନ୍ୟାମାନଙ୍କର ସ୍ୱୟମ୍ବର,—ଆଜି ।

କାଲି ବନ୍ଦୀର ଆଠ ମାସ କାରାଦଣ୍ଡ ଭୋଗ ପରେ ମୁକ୍ତି ହେବାର କଥା,—ଆଜି ।

*　　*　　*　　*

'ବନ୍ଦି, ଥରେ ବଂଶୀ ବଜାଅ ।'

'ବଂଶୀ ? ବଂଶୀ ଆଉ ବାଜିବ ନାହିଁ ।'

'କାରଣ ?'

'ଆଜକୁ ଦିନେ ଊଣା ଆଠ ମାସ ହେଲା ମୁଁ ନିୟମିତ ଭାବରେ ବଂଶୀ ବଜାଉଛି । ବହୁ ଲୋକ ଏହି ପଥରେ ତାହାର ସ୍ୱର ଶୁଣିବା ପାଇଁ ଯାଆନ୍ତି, ଆସନ୍ତି । ମୁଁ ଦେଖେଁ । କିନ୍ତୁ—କିନ୍ତୁ—'



Digitized by srujanika@gmail.com

'କିନ୍ତୁ ?'

'ଯାହା ଉଦ୍ଦେଶ୍ୟରେ ଏ ମୁରଲୀ ବାଜେ, ତାହା ହୃଦୟରେ କେବେ ଆଘାତ କରିବାକୁ କ୍ଷମ ହୋଇ ନାହିଁ । ସେ ଶୁଣେ—ସ୍ୱରର ବିଳାସିତାରେ ଆମୋଦ ଉଠାଏ, କିନ୍ତୁ ମୋର ହୃଦୟ ବୁଝେ ନାହିଁ । ମୁଁ ବଂଶୀ ବଜାଏଁ, ସେ ହୁଏ ତ ପ୍ରଶଂସା କରେ, କିନ୍ତୁ ମୁଁ ଯେ କାନ୍ଦେ, ସେଥିପାଇଁ ତାହା ଆଖିରୁ କେବେ ଲୁହ ଝରେ ନାହିଁ । କାରଣ ମୁଁ ଭିକ୍ଷୁ—ମୁଁ ବନ୍ଦୀ—ସେ ମୁକ୍ତା—ସେ ରାଜକୁମାରୀ ।

'କେଉଁ ରାଜକୁମାରୀ ?'

'ଏଇ ଅବନ୍ତୀର କୌଣସି ରାଜକୁମାରୀ ।'

'ଅବନ୍ତୀର ?'

'ହଁ ଅବନ୍ତୀର । ଚମକି ଉଠିଲ ଯେ !'

'ତୋର ଏତେ ସ୍ପର୍ଦ୍ଧା ? ତୁ ଖଞ୍ଜ ହୋଇ ସୁରତରୁ-କୁସୁମକୁ ଇଚ୍ଛା କରୁଛୁ ? ଜାଣୁ ? କାଲି ଭାରତର ନାନା ପ୍ରଦେଶରୁ ରାଜଚକ୍ରବର୍ତ୍ତୀମାନେ ପାଠମଣିଙ୍କର ସ୍ୱୟମ୍ବର ଉଦ୍ଦେଶ୍ୟରେ ଆସିବେ । ହୁଏ ତ କିଛି ଦିନ ପରେ ସେ ଛତ୍ରପତି କଳିଙ୍ଗାଧିପତିଙ୍କର ଅର୍ଦ୍ଧାଙ୍ଗିନୀ ହେବାର ଗୌରବ ଲାଭ କରିବ ।'

'ବୁଝିଛି ।'

'ବନ୍ଦି, ଜାଣୁ ? ଏ ସମ୍ବାଦ ରାଜାଙ୍କ କର୍ଣ୍ଣରେ ପ୍ରବେଶ କଲେ ତୋର ପ୍ରାଣଦଣ୍ଡ ହୋଇ ପାରେ ।'

'ମୋର ଆଉ ଜୀବନରେ ପ୍ରୟୋଜନ ନାହିଁ । ସେ ଭୟ ମୋତେ ଦେଖାଇବା ଧୃଷ୍ଟତା ।'

'ଉତ୍ତମ, ଜାଣିରଖ, ମୁଁ ପାଠମଣି ।'

*    *    *    *

'ବନ୍ଦି, ଆଜି ତୁମର ବଂଶୀ ଗାଇବ କାହିଁକି ?'

'ସେ ଆଉ ବାଜିବ ନାହିଁ ।'

'କାରଣ ?'

'ମୁଁ ତାକୁ ଭାଙ୍ଗି ଦେଇଛି ।'

'ଉଦ୍ଦେଶ୍ୟ ।'

'ଶକ୍ତିର ଶ୍ରୋତାର ଅଭାବରେ ।'

'ବହୁ ଲୋକେ ତ ତୁମର ବଂଶୀ ଶୁଣନ୍ତି ଓ ଶୁଣି ଆମୋଦ ଲାଭ କରନ୍ତି !'

'କିନ୍ତୁ କେହି ବୁଝନ୍ତି ନାହିଁ ।'

'ବୁଝନ୍ତି କି ନାହିଁ ଜାଣିଲ କିପରି ?'

'ନିଜକୁ ନିଜେ ପଚାରି ।'

'ତାତ୍ପର୍ଯ୍ୟ ?'

'ଅର୍ଥାତ୍ ମୁଁ ଯେପରି ବୁଝାଏଁ ସେପରି କେହି ବୁଝନ୍ତି ନାହିଁ ।'

'କାହାରିକୁ ବୁଝାଇବାକୁ କେବେ—'

'ଯତ୍ନ ? ବହୁ ଯତ୍ନ କରିଛି ।'

'କେତେ ଦିନ ?'

'ଆଠ ମାସରୁ ଗୋଟିଏ ମାସ ଦିନ ଊଣା ।'

'କାହାକୁ ?'

'ଯାହାକୁ ଅନ୍ତରରେ ଚାହେଁ ।'

'କିଏ ସେ ?'

'କହିବା ଅନାବଶ୍ୟକ ହେବ ।'

'ନା, କହ ।'

'ଗୁପ୍ତ ରଖିବେ ଏ କଥା ?'

'ରଖିବି ।'

'ଅବନ୍ତୀର କୌଣସି ରାଜକୁମାରୀ ।'

'ଅବନ୍ତୀର ରାଜକୁମାରୀ ?'

'ହଁ, ଚମକି ଉଠିଲ ଯେ !'

'ଅର୍ବାଚୀନ, ତୋର ଏତେ ସ୍ପର୍ଦ୍ଧା ? ତୁ ବାମନ ହୋଇ ଚନ୍ଦ୍ରକୁ କାମନା କରୁଛୁ ? କାଲି ପ୍ରଭାତରେ କଳିଙ୍ଗର ରାଜସିଂହାସନ ଯେ ଅଳଙ୍କୃତ କରିବ ତୁ ତାହା ନିକଟରେ ପ୍ରଣୟ-ଭିକ୍ଷା କରିବାର ବାସନା ପୋଷିଛୁ ? ଏ ସମ୍ବାଦ ରାଜାଙ୍କ କର୍ଣ୍ଣରେ ବାଜିଲେ, ତୋର କି ଦଣ୍ଡବିଧାନ ହେବ ଜାଣୁ ?'

'ଜାଣେଁ । ମୃତ୍ୟୁଦଣ୍ଡ । ମୃତ୍ୟୁକୁ ଭୟ ନାହିଁ ମୋର । ଏ ନିର୍ମମ ସଂସାରରେ ଆଉ ବଞ୍ଚି ରହିବାକୁ ଚାହେଁ ନାହିଁ ମୁଁ ।'

'ଉତ୍ତମ, ତେବେ ସେଥିପାଇଁ ପ୍ରସ୍ତୁତ ହୋଇ ରହ । ଜାଣିରଖ, ମୁଁ ମଧ୍ୟମା ରାଜକୁମାରୀ ।'

*    *    *    *

'ଭିକ୍ଷୁ !'

'ଆସିଲି ।'

'ଆଜି କାହିଁକି ଆହାର ଗ୍ରହଣ କରୁ ନାହିଁ ?'

'ଇଚ୍ଛା ନାହିଁ ।'

'କାରଣ ?'

'କାରଣ, ଏଥିରେ ମୋର ଅନ୍ତରର କ୍ଷୁଧା ମେଣ୍ଟେ ନାହିଁ ।'

*    *    *    *

'ବନ୍ଦି !'

'କ'ଣ ?'

'ତୁମର ଏ କରୁଣ ମୁରଲୀ କ'ଣ ତେବେ—'

'ହଁ ତା'ରି ଉଦ୍ଦେଶ୍ୟରେ ।'

'ତୁମର ଆକୁଳ ଆହ୍ୱାନ କ'ଣ ତା' କାନରେ ବାଜେ ନାହିଁ ?'

'ନା ।'

'କିପରି ଜାଣିଲ ?'

'ନିଜର ମନକୁ ପ୍ରଶ୍ନ କରି ।'

*    *    *    *

'ଭିକ୍ଷୁ ! ରାଜକୁମାରୀର ହୃଦୟ କ'ଣ ପଥର ?'

'ହୁଏ ତ ମୂଲ୍ୟବାନ୍ ପଥର ହୋଇପାରେ ।'

'ସେ କ'ଣ ଗୁଣ ଚିହ୍ନେ ନାହିଁ ?'

'ରୂପ ଚିହ୍ନେ ।'

‘ସେ କ'ଣ ମନ ବୁଝେ ନାହିଁ ?’

‘ମନ ବୁଝେ ।’

‘ସେ କ'ଣ ପରର ଦୁଃଖ ଦେଖେ ନାହିଁ ।’

‘ନିଜର ସୁଖ ଦେଖେ ।’

‘ଭୁଲ୍—ଭୁଲ୍—ଭୁଲ୍ !!!’

* * * *

—ସାତ—

‘ବନ୍ଦ—ବନ୍ଦ—ବନ୍ଦ !—’

‘କିଏ ?’

‘ଚୁପ୍ ।’

‘ଓଃ, ମୋର ପ୍ରାଣଦଣ୍ଡ ହୋଇଛି କି ? ଚାଲନ୍ତୁ । ମୁଁ ପ୍ରସ୍ତୁତ ଅଛି ।’

‘ପାଟି କର ନାହିଁ ।’

‘କାରଣ ?’

‘ତମେ ବଞ୍ଚିବାକୁ ଚାହିଁ ତ ମୋ କଥା କର ।

‘ମୁଁ ବଞ୍ଚିବାକୁ ଚାହେଁ ନା ।’

‘ନା—ନା—ତମକୁ ବଞ୍ଚିବାକୁ ହେବ ।’

‘କାରଣ ?’

‘ଜଣଙ୍କ ଲାଗି ତମକୁ ବଞ୍ଚିବାକୁ ହେବ ।’

‘କାହା ଲାଗି ?’

‘କହିବାର ସମୟ ଏ ନୁହେଁ । କାରାର ଦ୍ୱାର ଉନ୍ମୁକ୍ତ । ଦ୍ୱାରଦେଶରେ ସଜ୍ଜିତ ଅଶ୍ୱ ରହିଛି । ତୁମେ ଶୀଘ୍ର ସ୍ୱଦେଶ ପ୍ରସ୍ଥାନ କର । ନହିବା କାଲି ତୁମକୁ ଶୂଳରେ ବସିବାକୁ ହେବ ।’

‘କିଏ ତମେ ? ଏ କାରା-ଗହ୍ୱରକୁ କିପରି ଆସିଲ—କାହିଁକି, କାହା ଆଜ୍ଞାରେ ଆସିଲ ?’

‘ବର୍ତ୍ତମାନ କିଛି କହିବାର ସମୟ ନାହିଁ । ତେବେ ଏତିକି କହିପାରେଁ ଯେ ଯିଏ ତମର ଗୁଣ ଚିହ୍ନେ, ତମର ମନ ବୁଝେ, ତମର ଦୁଃଖ ଦେଖି କାନ୍ଦେ, ତାହାରି ଆଜ୍ଞାରେ ଆସିଛି ।’

‘ତାଙ୍କୁ ଧନ୍ୟବାଦ ନ ଦେଇ ରହିପାରୁ ନାହିଁ । କିନ୍ତୁ ମୋ ପାଇଁ ଯା'ର ଏତେ ମମତା, ଜାଣି ପାରିବି କି ସେ କିଏ ?’

‘ମୁଁ ତାଙ୍କୁ ଭଲ କରି ଚିହ୍ନେ ନାହିଁ ! ତେବେ ମୁଁ ଏତିକି ଜାଣେ ଯେ ତମର କରୁଣ ବଂଶୀଧ୍ୱନିର ଅକୁଳ ଗୁଞ୍ଜରଣ ତା’ କାନରେ ବାଜେ । କିନ୍ତୁ ଭିକ୍ଷୁ, ରାଜକୁମାରୀମାନଙ୍କ ପରି ସେ କେବେ ତୁମକୁ ବଜାଇବାକୁ ଅନୁରୋଧ କରେ ନାହିଁ—କାରଣ ସେ କାନ୍ଦେ କିନ୍ତୁ ତୁମକୁ କନ୍ଦାଇବାକୁ ଚାହେଁ ନାହିଁ ।’

‘ମୁଁ ବଡ଼ ବିନୀତ ଭାବରେ ଜଣାଉଛି ଯେ ପ୍ରାଣଭୟରେ ପଳାୟନ କରିବା କଳିଙ୍ଗ-ସନ୍ତାନ ପକ୍ଷରେ ସମ୍ଭବ ନୁହେ । କିନ୍ତୁ ମରିବା ପୂର୍ବରୁ ଯଦି ପ୍ରକୃତରେ ମୋ ପ୍ରତି ସହାନୁଭୂତି ଥାଏ ତେବେ କହିପାରିବେ କି, ଏହି ଦୀନ ହୀନ ଭିକ୍ଷାର୍ଥୀ ପ୍ରତି ଏତେ ଦୟା ଯାହାର ସେ କିଏ ?’

‘କହିଲେ କ'ଣ ବିଶ୍ୱାସ କରିବ, ଭିକ୍ଷୁ ?’

‘କାହିଁକି ନ କରିବି ?’

‘କରିବ ତ ?’

‘ନିଶ୍ଚୟ କରିବି ।’

‘ସେ—ସେ—’

‘ରହିଗଲ ଯେ ।’

‘କନିଷ୍ଠା ରାଜକନ୍ୟା ।’

* * * *

—ଆଠ—

‘ମହାରାଜ !’

‘ଆଜ୍ଞାହେଉ ।’

‘ଆପଣଙ୍କର ପ୍ରଥମା ଏବଂ ଦ୍ୱିତୀୟା କନ୍ୟା ମୋର ଅନୁପସ୍ଥିତିରେ ମୋର ପ୍ରତିମୂର୍ତ୍ତି କଣ୍ଠରେ ବରଣମାଳା ଦେଇଛନ୍ତି କିନ୍ତୁ ମୋ କଣ୍ଠରେ ନୁହେଁ । ମୁଁ ଯେତେବେଳେ ବନ୍ଦୀ ଅବସ୍ଥାରେ—’

‘ଅପରାଧ କ୍ଷମା କରିବେ, ଆପଣ ଛଦ୍ମବେଶରେ ଥିବାରୁ ସେମାନେ ଆପଣଙ୍କୁ ଚିହ୍ନି ପାରି ନାହାନ୍ତି ।’

‘ଆପଣ କଣ କହିବାକୁ ଚାହାନ୍ତି ଯେ ଆପଣଙ୍କର ତୃତୀୟା କନ୍ୟା ଚିହ୍ନି ପାରିଥିଲେ । ମହାରାଜ, କଳିଙ୍ଗର ଐଶ୍ୱର୍ଯ୍ୟଶାଳୀ ରାଜକୁମାର ହେଲେହେଁ ମୁଁ କଳିଙ୍ଗର ଦରିଦ୍ରତମ ପ୍ରଜାଠାରୁ ମଧ୍ୟ ହୀନ । ସେଇ ନିଃସ୍ୱ ବ୍ୟକ୍ତିର କଣ୍ଠରେ ଯେ ବରଣମାଳା ଦେଇଛନ୍ତି, ସେଇ କେବଳ ମୋର ପତ୍ନୀ ହୋଇପାରନ୍ତି । ଆମ୍ଭମାନଙ୍କୁ ଆଶୀର୍ବାଦ କରନ୍ତୁ, ଆମ୍ଭେମାନେ ପ୍ରଜାଙ୍କ ପାଇଁ ଯେପରି ପ୍ରାଣପାତ କରିପାରୁଁ ।’



Digitized by srujanika@gmail.com

# ପୂଜା

ଶ୍ରୀ ଚିନ୍ତାମଣି ମହାନ୍ତି

ଈଶ୍ୱର ହେ ! ମୁଁ ତୁମ୍ଭଙ୍କୁ ପୂଜା କରେଁ, କିନ୍ତୁ ପୂଜାର ବିଧିବିଧାନ ମୁଁ କଅଣ ଜାଣେ । ତାହା ପୂଜା ନୁହେ—ପିଲାଖେଳ । ନିଜ ପିଲାର ଖେଳ ଦେଖି ପିତା ଖୁସି ହୁଅନ୍ତି । ତୁମ୍ଭେ ତ ପିତା, ଅନ୍ୟ କୌଣସି ବାଗରେ ମୁଁ ତୁମ୍ଭଙ୍କୁ ଖୁସି କରିପାରି ନାହିଁ; ଏହି ପିଲାଖେଳରେ ଯେବେ ତୁମ୍ଭଙ୍କୁ ହସାଇ ପାରେଁ, ତେବେ ତାହା ହିଁ ମୋର ପରମ ଲାଭ । ଏହି ଭରସାରେ ମୁଁ ପୂଜା କରେଁ । ପୂଜାରେ ଫୁଲ ଚନ୍ଦନ କିଛି ଥାଏ ନାହିଁ, କଳ୍ପନାରେ ସବୁ ହୁଏ । ମୋର ପୂଜା ଦେଖି ମୁଁ ମଧ୍ୟ ହସେଁ—ଜଗତ ବି ହସିବ । ମୋ ଭିତରେ ଯେଉଁ ଭଗବାନ୍ 'ମୁଁ' ଟି ଅଛି, ସେ ପଛେ ହସୁ—ଜଗତ ପଛେ ହସୁ, ମାତ୍ର ମୋର ପ୍ରିୟ ପୂଜା ମୁଁ ଛାଡ଼ି ପାରିବି ନାହିଁ । ଏହାଠାରୁ ସହଜ ଓ ସୁଲଭ ପୂଜାର ଉପାୟ ଆଉ ନାହିଁ ବୋଲି ମୋର ବିଶ୍ୱାସ । ତୁମ୍ଭେ ମୋର ଏ ପୂଜାକୁ କି ଭାବରେ ଗ୍ରହଣ କର କେଜାଣି । ଗ୍ରହଣ କର ବା ନ କର ମୁଁ ପୂଜା କରୁଛି, ଆଉ କରୁଥିବି । ପୂଜାରେ ମୋର ଆନନ୍ଦ—ପୂଜାରେ ମୋର ସନ୍ତୋଷ । ପୂଜାର ଫଳ ବି ମୁଁ ମାଗୁ ନାହିଁ । ତୁମ୍ଭେ ଟିକିଏ ହସିଲେ ମୁଁ ମୋର ବାଞ୍ଛିତ ଫଳ ପାଇଲି ବୋଲି ମନେ କରିବି । ସତେ ମୋ ପୂଜା ଦେଖି ତୁମ୍ଭେ ହସ କି ହସ ! ଦାନ କରିବାର ଶକ୍ତି ନାହିଁ—ପୁଣ୍ୟ କରିବାର ମାର୍ଗ ଜାଣେ ନାହିଁ—ସେବା କରିବାର ସାମର୍ଥ୍ୟ ନାହିଁ, ତେବେ ଆଉ କାହିଁରେ ତୁମ୍ଭଙ୍କୁ ଖୁସି କରି ପାରିବି ? ତୁମ୍ଭ ସୃଷ୍ଟିର କିଛି ଉପକାର ମୁଁ କରି ପାରି ନାହିଁ ବରଂ ତୁମ୍ଭ ସୃଷ୍ଟିକୁ ଭାର ଦେଇଅଛି—ପୀଡ଼ା ଦେଇଅଛି । କିନ୍ତୁ ଯାହାକୁ ପୀଡ଼ା ଦେଇଛି, ତାହାଠାରୁ ଉପକାର ପାଇଛି । ଜ୍ଞାନର ବଳ ତ ନାହିଁ, ସୁତରାଂ ଯାହା କରେଁ ତାହା ଖିଆଲରେ କରେଁ । ଏ ପୂଜା ବି ସେହିପରି ମୋ ଗୋଟାଏ ଖିଆଲ । ଖିଆଲ ତ ମନୁଷ୍ୟର ପ୍ରକୃତି, ତାକୁ କଅଣ କରିବି—ପ୍ରଭୁ ? ତାକୁ ଛାଡ଼ି ପାରିବ କିଏ ଆଉ ତାକୁ ଛାଡ଼ିଲେ ସେ ଅବା ଛାଡ଼ିବ କାହିଁକି ? ତାକୁ ମାରି ଘଉଡ଼ିଲେ ବି ସେ ଛାଡ଼େ ନାହିଁ । ବିଶେଷତଃ ମୁଁ ବି ସେ ଖିଆଲକୁ ଛାଡ଼ିବାକୁ ଇଚ୍ଛା କରେଁ ନାହିଁ । ଖିଆଲରେ ତୁମ୍ଭଙ୍କୁ ଖୁସି କରିବି—ଏହା ହିଁ ମୋର ଆଶା । ତାକୁ ଛାଡ଼ିଲେ ଆଶାକୁ ଛାଡ଼ିବାକୁ ହେବ । ଆଶା ଛାଡ଼ିଗଲେ ଜୀବନକୁ ଆଉ ଜିଆଇ ରଖିବ କିଏ ? ସେ ଯେ ଆଖିପଲକେ ଶୁଖି ଜଳିଯିବ । ପୂଜା ମୋର ଖିଆଲ ହୋଇ ପଛେ, ସେହି ମୋର ହାହାକାରର ସାନ୍ତ୍ୱନା ।

ପ୍ରଭୁ ! ମୁଁ ତୁମ୍ଭଙ୍କୁ ଅନେକ ରୂପରେ ପୂଜା କରେଁ କିନ୍ତୁ ସବୁ ଫଳ ଏକା ତୁମ୍ଭଠାରୁ ପାଏଁ । ଅନ୍ୟ କାହାକୁ ଅର୍ଚ୍ଚନା ନ କଲେ ବି ଚଳନ୍ତା, ମାତ୍ର ସେଥିରେ ତୁମ୍ଭର ଅବମାନନା ହେବାର ଆଶଙ୍କା କରେଁ । କାରଣ, ମୁଁ ଯେଉଁମାନଙ୍କୁ ପୂଜା କରେଁ, ସେହି ଦୁର୍ଗା, ସରସ୍ୱତୀ, ଲକ୍ଷ୍ମୀ ଇତ୍ୟାଦି ସମସ୍ତେ ତୁମ୍ଭ ଛଡ଼ା ସ୍ୱତନ୍ତ୍ର କେହି ନୁହନ୍ତି । ସବୁ ଦେବତା ତ ତୁମ୍ଭେ, ସୁତରାଂ ତାଙ୍କୁ ପୂଜା ନ କଲେ ତୁମ୍ଭଙ୍କୁ ପୂଜା ନ କରିବା ପରି ହେବ । ଗୋଟାଏ ରୂପକୁ ସବୁବେଳେ ମନରୁ ଆକର୍ଷଣ କରି ରଖିପାରେ ନାହିଁ—ବୈଚିତ୍ର୍ୟର ଆବଶ୍ୟକ ହୁଏ । ମନ ଅଧିକ କ୍ଷଣ ତୁମ୍ଭ ପାଖରେ ରହେ ନାହିଁ, ତୁମ୍ଭଙ୍କୁ ନାନା ମୂର୍ତ୍ତିରେ ପୂଜା କଲେ ସେ ସବୁବେଳେ ତୁମ୍ଭ ପାଖରେ ରହିବ, ଏହି ବିଶ୍ୱାସରେ ନାନା ମୂର୍ତ୍ତିର ପୂଜା କରେଁ । ମର୍ତ୍ତ୍ୟରେ ମାନବର ମନ ପ୍ରକାର-ଭେଦ ଖୋଜେ । ଏଣୁ, ମୁଁ ତୁମ୍ଭଙ୍କୁ ପିତା ମାତା ଉଭୟ ରୂପରେ ପୂଜା କରେଁ । ଖାଲି ପିତୃସ୍ନେହରେ ମନ ତୃପ୍ତ ହୁଏ ନାହିଁ, ସନ୍ତାନର ମନ ପିତୃସ୍ନେହଠାରୁ ମାତୃସ୍ନେହ ଅଧିକ ଖୋଜେ । ମା ପାଖରେ କାନ୍ଦିବାରେ ଅଳି, ଜଞ୍ଜାଳ, ଅଭିମାନ କରିହୁଏ, ମାତ୍ର ପିତା ପାଖରେ ସେସବୁ କରିବାକୁ ସଙ୍କୋଚ ବୋଧହୁଏ । ଅନ୍ତରର ଦୁଃଖ ବ୍ୟଥା ଓ ବେଦନା ମା ଯେପରି ବୁଝିପାରେ, ବାପ ସେପରି ବୁଝିପାରେ ନାହିଁ । ପିତୃସ୍ନେହକୁ ବିଶ୍ଳେଷଣ କଲେ କେବଳ ସ୍ନେହ ଛଡ଼ା ଆଉ କିଛି ଉପାଦାନ ମିଳେ ନାହିଁ, ପିତୃସ୍ନେହରେ ଶାସନ ମିଶିଥାଏ । ଅର୍ଥାତ୍ ମା କେବଳ ସ୍ନେହ କରେ, ବାପ ସ୍ନେହ ଓ ଶାସନ ଉଭୟ କରେ । ମା'ର ସ୍ନେହ ନିର୍ମଳ ଖାଣ୍ଟି ସ୍ନେହ, ତାହା ସ୍ୱଚ୍ଛ ଏବଂ ଶୀତଳ, କିନ୍ତୁ ପିତୃସ୍ନେହରେ ଟିକିଏ ଉଷ୍ଣତା ଥାଏ । ମାତୃସ୍ନେହ ନବନୀତ, ପିତୃସ୍ନେହ ଈଷତ୍ ଉଷ୍ଣ ଦୁଗ୍ଧ । କିନ୍ତୁ ଉଭୟେ ପୁଷ୍ଟିକର—ଉଭୟେ ତୁମ୍ଭର ଦାନ । ତୁମ୍ଭର ପିତୃମୂର୍ତ୍ତି ଓ ମାତୃମୂର୍ତ୍ତି ମଧ୍ୟରେ ଭେଦ ନାହିଁ—ଉଭୟେ ଏକ । ତାହା ଗୋଟିଏ ଶବ୍ଦର ଦୁଇଟି ପ୍ରତିଶବ୍ଦ ପରି; ଅର୍ଥାତ୍ ବ୍ୟକ୍ତି ଏକ, ମାତ୍ର ଉପାଧି ଭିନ୍ନ । ଆହୁରି ସରଳଭାବରେ କହିଲେ—ଜଣେ ବ୍ୟକ୍ତିର ଦୁଇଟି ଉପାଧି ପରି । ମାତୃସ୍ନେହ ବି ତୁମ୍ଭର ଦାନ, ପିତୃଶାସନ ବି ତୁମ୍ଭର ଦାନ । ମା ଶବ୍ଦଟି ଅମୃତଠାରୁ ମଧୁର ଲାଗେ ବୋଲି ମୁଁ ତୁମ୍ଭଙ୍କୁ ମା ବୋଲି ସମ୍ବୋଧନ କରେଁ । ସେଥିରେ ଯେଉଁ ତୃପ୍ତି, ଆନନ୍ଦ ଓ ଆତ୍ମପ୍ରସାଦ ଉପଭୋଗ କରେଁ ତାହା ମୁଁ ଜାଣେ । ତୁମ୍ଭର ତ ମା ନାହିଁ, ତୁମ୍ଭେ ତାହା କାହୁଁ ଜାଣିବ—ହରି !

ମାତଃ, ତୁମ୍ଭ ପୂଜା ପାଇଁ ମୁଁ ଦ୍ରବ୍ୟସମ୍ଭାର ଖୋଜେଁ ନାହିଁ—ତାହା ଯୋଡ଼େ ଭଲ ଲାଗେ ନାହିଁ । ମନ ଥାଉଁ ଥାଉଁ ପୂଜା ପାଇଁ ତୁଳସୀଚନ୍ଦନ କାହିଁକି ଖୋଜି ବୁଲିବି ? ଭକ୍ତି ପ୍ରୀତି ଥାଉଁ ଥାଉଁ ଫୁଲ ଚନ୍ଦନ ବା କି ଲୋଡ଼ା ? ତୁମ୍ଭ ପୂଜାରେ ମୋର ପ୍ରାଣ, ଆତ୍ମା ଧୂପ, ପ୍ରଦୀପ ହୁଏ । ହୃଦୟ ଆସନ ହୁଏ, ନୟନ ଗଙ୍ଗାଜଳର କାର୍ଯ୍ୟ କରେ । ଷଡ଼ରିପୁ ଦୀପକ ହୁଏ, ଧୂଳି ପାପ, ଅଜ୍ଞାନ, ଅନାଚାର, ଦୁର୍ବାସନା ଆଉ ସନ୍ଦେହ—ଏ ସମସ୍ତ ପଞ୍ଚବର୍ତ୍ତୀ ମିଷ୍ଟାନ୍ନ ନୈବେଦ୍ୟର ସ୍ଥାନ ଅଧିକାର କରେ । ତୁମ୍ଭେ ତ ହୃଦୟ ଘରେ, ମନ ମଧ୍ୟରେ—ବିଶେଷତଃ ମୋ ଭିତରେ



Digitized by srujanika@gmail.com

କାହାରେ ଗୃହ ପାଖରେ ଡଳେ ଉପରେ ସବୁଆଡ଼େ ଅଛ, ଅଉ ଆବାହନ ମନ୍ତ୍ର ଉଚ୍ଚାରଣ କରିବି କାହାପାଇଁ ? ପୁଣି ସ୍ୱାଗତଶ୍ଲୋକ ବା କାହିଁକି ପଢ଼ିବାକୁ ଯିବି ? ଜଗତର ପ୍ରତି ଲୋମକୂପରୁ କୋଟି ସ୍ୱରରେ ତୁମର ସ୍ତୁତି-ସଙ୍ଗୀତର ମଧୁର ମୂର୍ଚ୍ଛନା ସର୍ବଦା ଉଠୁଅଛି, ମୁଁ ଅଉ ସ୍ୱତନ୍ତ୍ର ସ୍ତୁତି କଅଣ କରିବି ! ପ୍ରାଣ ମଧ୍ୟରୁ ବି ମୋର ଅଜ୍ଞାତରେ ଶ୍ୱାସବାୟୁ ସଙ୍ଗରେ ତୁମର ନିର୍ବାଣୀ ସ୍ତୁତି ଅନର୍ଗଳ ବାହାରି ଆସୁଅଛି । ତାହା ଅନ୍ୟର ଅଶ୍ରୁତ ହିନା, ମାତ୍ର ତୁମେ ତ ଶୁଣି ପାରୁଅଛ । ସେ ସ୍ତୁତି ଯେଉଁ ଦିନ ଶେଷ ହେବ, ସେହି ଦିନ ମୋର ମୂର୍ତ୍ତି ବି ବିଲୟ ହୋଇଯିବ । ପ୍ରାଣ କି ସ୍ତୁତି ଗାଏ, ତାହା ମୁଁ ଜାଣେ ନାହିଁ—ଜାଣିବାକୁ ଚେଷ୍ଟା ମଧ୍ୟ କରେଁ ନାହିଁ । ଅଳଙ୍କାର ବି ତୁମ ପୂଜାର ଗୋଟିଏ ଉପାଦାନ । ମାତ୍ର ଯେ ଜଗତର ଅଳଙ୍କାର, ପୁଣି ଜଗତ ଯାହାର ଅଳଙ୍କାର, ତାହାକୁ କିଏ ଅଉ କେଉଁ ଅଳଙ୍କାରରେ ମଣ୍ଡନ କରିବ । ପାର୍ଥିବ କୃତ୍ରିମ ଅଳଙ୍କାର ତୁମର ଯୋଗ୍ୟ ନୁହେ—ତାହା ହେୟ । ତୁମ ଯଶର ଅର୍ଦ୍ଧ-ମ୍ଲାନର ସୌଭାଗ୍ୟ ବା ପୁଣ୍ୟ ତାହାର ନାହିଁ । ଅଳଙ୍କାର ନ ହେଲେ ମୋର ପୂଜାର ଅଙ୍ଗହାନି ହେବ, ତେବେ ଅଳଙ୍କାରର ବ୍ୟବସ୍ଥା କରିବାକୁ ମୁଁ ପ୍ରସ୍ତୁତ ଅଛି । ମୁଁ ତ ତୁମ ସୃଷ୍ଟିର ଗୋଟିଏ ଜୀର୍ଣ୍ଣ, କଦର୍ଯ୍ୟ ଓ ଅସୁନ୍ଦର ଅଳଙ୍କାର; ମୁଁ ଅଳଙ୍କାରରେ ତାହା ଛାମୁରେ ସମର୍ପଣ କରୁଅଛି, ତାକୁ ଭାଙ୍ଗି ତୁମର ଆଦରଣୀୟ ମନୋମତ ନୂତନ ଅଳଙ୍କାର ଗଢ଼ିନିଅ, ପ୍ରଭୁ ! ପୂଜା ଶେଷରେ ପ୍ରାର୍ଥନା କରିବାର ବିଧି ଅଛି, ମାତ୍ର ମୁଁ କଅଣ ପ୍ରାର୍ଥନା କରିବି ଭାବି ପାଉନାହିଁ । ଅଯାଚିତ ଦାତା ନିକଟରେ ପ୍ରାର୍ଥନା କରିବା ନିଷ୍ପ୍ରୟୋଜନୀୟର ପରାକାଷ୍ଠା ହିନା । ତଥାପି ପ୍ରାର୍ଥନା ଏହି ଯେ—ମୋର ଏହି ନଗଣ୍ୟ ପୂଜା ରୂପି ପିଲ୍-ଖେଳ ତୁମେ ଗ୍ରହଣ କର, ଅଉ ମୋତେ ପ୍ରାର୍ଥନା-ଶୂନ୍ୟ କର—ଏହାଠାରୁ ବଳି ବଡ଼ ପ୍ରାର୍ଥନା ମୋର ଆଉ କିଛି ନାହିଁ ।

ପ୍ରଭୋ ! ଧନୀ ତୁମ୍ଭଙ୍କୁ ମହାର୍ଘ ଦ୍ରବ୍ୟସମ୍ଭାରରେ ଆଡ଼ମ୍ବରରେ ପୂଜା କରି ଧନର ଗର୍ବ ଦେଖାଉଥାଏ—ଜ୍ଞାନୀ ଶାସ୍ତ୍ର-ବିଧିରେ ମନ୍ତ୍ରଶ୍ଲୋକ ଆବୃତ୍ତି କରି ଜ୍ଞାନ-ଗରିମା ପ୍ରକାଶ କରେ, ମାତ୍ର ମୋର ତାହା କିଛି ନାହିଁ—ଧନ ନାହିଁ କି ଜ୍ଞାନ ବି ନାହିଁ; ଅଛି କେବଳ ମନ, ମୁଁ ସେହି ମନରେ ପୂଜା କରେଁ । ତାହାକୁ ମୁଁ ପୂଜାର ସହଜ ଉପାୟ ବୋଲି ବାଛି ନେଇଅଛି । ସେହି ହେତୁରୁ ମୁଁ ମନେ ମନେ ଦ୍ରବ୍ୟଶୂନ୍ୟ ପୂଜା କରେଁ । ସେ ପୂଜାର କାଳ ନିରୂପଣ ନାହିଁ । ବସୁଁ ବସୁଁ—ଖାଉଁ ଖାଉଁ—ବାଟ ଚାଲୁଁ ଚାଲୁଁ—ଶୋଇବା ବେଳେ ବିଛଣାରେ ପଡ଼ି ସୁଦ୍ଧା ସେ ପୂଜା କରିହୁଏ । ମୋର ଯେତେବେଳେ ଇଚ୍ଛାହୁଏ—ଯେତେବେଳେ ଟିକିଏ ଅନୁକୂଳ ସମୟ ପାଏଁ, ସେତେବେଳେ ମୁଁ ପୂଜା କରେଁ । ଯେତେବେଳେ ଚିତ୍ତ ପ୍ରସନ୍ନ ଥାଏ, ସେତେବେଳେ ପୂଜା କରେଁ—ମୋ ପୂଜାର ଧରାବନ୍ଧା ନିୟମ ନାହିଁ । ମୋର ଏହି ବିଶୃଙ୍ଖଳ ଅନିୟମିତ ପୂଜା ସାର୍ଥକ ହୁଏ କି ନାହିଁ, ତାହା ମୁଁ ଭାବେଁ ନାହିଁ । କେବଳ ପୂଜା କଲି ବୋଲି ଅପ୍ରତ୍ୟାଶିତ ତୃପ୍ତି, ଆନନ୍ଦ ଏବଂ ଗର୍ବ ଅନୁଭବ କରେଁ, ସେତିକି ମୋର ପରମ ଲାଭ । ତୁମ ଆଗରେ ଦ୍ରବ୍ୟ ସାମଗ୍ରୀ ବାଢ଼ି ପୂଜା କରିବାକୁ ମୋତେ ଲାଜମାଡ଼େ । ତୁମର ଦାନ ତୁମ୍ଭଙ୍କୁ "ଗ୍ରହଣ କର ବୋଲି" କହିବାକୁ ମୁଁ କେଉଁ ମୁଖରେ ବା ସାହସୀ ହେବି ? ମୂଢ଼ ଭାବରେ ମୁଁ ଏତିକି ମାତ୍ର ବୁଝେଁ । ସେହି ମୂଢ଼ତା ହିଁ ମୋର ଦୃଢ଼ତା, ଏହି ମୂଢ଼ ପୂଜାରେ ମୋର ଆନନ୍ଦ—ମୋର ସୁଖ । କିନ୍ତୁ ମନମୂର୍ଖ ସେହି ଆନନ୍ଦଟିକ ମୋତେ ସମ୍ପୂର୍ଣ୍ଣ ଉପଭୋଗ କରିବାକୁ ସୁବିଧା ଦିଏ ନାହିଁ । ଦୁର୍ଦ୍ଦାନ୍ତ, ଅବାଧ୍ୟ, ପ୍ରବଳ ଶିଶୁ ପରି ସେ କ୍ଷଣ କ୍ଷଣକେ ଏଣେତେଣେ ପଳାଇ-ଯାଏ । ଥରକୁ ଥର ତାକୁ ଧରି ଆଣିବାକୁ ହୁଏ । ଯେତେ ସାନ୍ତ୍ୱନା କଲେ—ଯେତେ ବହଲା ବହଲି କଲେ ସୁଦ୍ଧା ସେ ମାନିବାର ପାତ୍ର ନୁହେ । ତାହାର ଦୁଷ୍ଟ ସ୍ୱଭାବ ସେ ଛାଡ଼ି ପାରେ ନାହିଁ । ସବୁ ଦିନେ ତାହାର ପିଲାବୁଦ୍ଧି, ଚଞ୍ଚଳ ପ୍ରକୃତି—ଏକ ସ୍ଥାନରେ ଅଧିକ କ୍ଷଣ ରହିବା ତାହା କୋଷ୍ଠୀରେ ନାହିଁ । ମୁହୂର୍ତ୍ତିକ ମଧ୍ୟରେ ସେ ଚଉଦ ଭୁବନ ବୁଲିଆସେ । ରେଳ ବା ଉଡ଼ାଜାହାଜ କେହି ତାହାର ଗତିକୁ ସରି ନୁହେ । ସେ ଦୁର୍ଜନକୁ ଶାସନ କରି ରଖିବାକୁ ମୋର ଶକ୍ତି ପାଏ ନାହିଁ । ମୁଁ ତାକୁ ଯେତେ ଧରେଁ, ସେ ତେତେ ପଳାଏ । ଜୀବନଟା ଯାକ ସେ ମୋତେ ଏହିପରି ହଇରାଣ କରୁ-ଅଛି । ତଥାପି ସେଥିରେ ମୁଁ ଯେଉଁ ଆନନ୍ଦ ଉପଭୋଗ କରେଁ, ତାହା ଦୁର୍ଲଭ ଏବଂ ଅମୂଲ୍ୟ । ତାହା ଠିକ୍ ସୁଖ-ସ୍ୱପ୍ନ ପରି ମଧୁର ଲାଗେ । ସେହି ମନ ମୋତେ ତୁମ ପୂଜାର ପ୍ରବର୍ତ୍ତନା ଦିଏ, ସେହି ପୁଣି ବିଘ୍ନ ଘଟାଏ । ତାହାର ଏ ଲୀଳା, କୌତୁକରେ ମୁଁ ମୁଗ୍ଧ ହୋଇଯାଏଁ । ମୁହୂର୍ତ୍ତେ ତାକୁ ଧରି ରଖି ପାରିଲେ ମୁଁ ନିଜକୁ ଧନ୍ୟ ଓ କୃତାର୍ଥ ମଣେଁ ! ସେହି ଆନନ୍ଦ ଟିକକୁ ମୋର ପୂଜାର ବହୁ ଗୁଣ ସଦ୍ୟଫଳ ବୋଲି ମୁଁ ଜ୍ଞାନ କରେଁ, ପୁଣି ବିଶ୍ୱାସ ମଧ୍ୟ କରେଁ । ଏହାହିଁ ମୋର ମୂଢ଼ତା । ତାହା ଛଡ଼ା ମୁଁ ପାଣ୍ଡିତ୍ୟ ଖୋଜେଁ ନାହିଁ, ସେହି ମୂଢ଼ତା ମୋର ପାଣ୍ଡିତ୍ୟ । ତୁମେ ତ ପୂଜାର କିଛି ଗ୍ରହଣ କର ନାହିଁ, କେବଳ ଆନ୍ତରିକତାଟିକ ଗ୍ରହଣ କର । ମୋର ଏହି ମୂଢ଼ ପୂଜାରେ ଆନ୍ତରିକତା ଥାଏ କି ନାହିଁ ତାହା ତୁମେ ଜାଣ, ମୁଁ ଜାଣେଁ ନାହିଁ । ଯଦି ଥାଏ, ତେବେ ଗ୍ରହଣ କର—ନ ଥିଲେ ନାହିଁ । ପୂଜା କରିବା ମୋର କର୍ତ୍ତବ୍ୟ—ମୁଁ ଏତିକି ବୁଝେଁ । ମାତ୍ର ତୁମେ ତାହା ଗ୍ରହଣ କର କି ନାହିଁ ତାହା କାହିଁକି ବୁଝିବି ? ତାହା ତୁମର କର୍ତ୍ତବ୍ୟ, ସୁତରାଂ ତୁମେ ବୁଝିବ, ମୋ ପକ୍ଷରେ ତାହା ଅନଧିକାର ଚର୍ଚ୍ଚା ହିନା । ଅଦା ବେପାରି କରି ଜାହାଜର ଖବର ନେବା ହାସ୍ୟକର ଧୃଷ୍ଟତା ନୁହେ କି ? ଏତେଗୁଡ଼ାଏ କଥା କହିଗଲି, ମାତ୍ର ସେ କଥାର କିଛି ଅର୍ଥ ଅଛି କି ନାହିଁ—ତାହା ମୁଁ ନିଜେ ବୁଝିବାକୁ ଅକ୍ଷମ । କଳ ଗୀତ ଗାଇଲା ପରି ମୁଁ କଥା କହି ଯାଉଅଛି ମାତ୍ର । ଭବତ୍ରାହୀ ହରି ! ତୁମ ପାଦପଦ୍ମରେ ମୋର ଅଶେଷ କୋଟି ପ୍ରଣାମ । ସ୍ୱସ୍ତି-ସ୍ୱସ୍ତି-ସ୍ୱସ୍ତି ।

# ସାହିତ୍ୟ ଓ ଜାତି

**ଶ୍ରୀ ବୃନ୍ଦାବନଚନ୍ଦ୍ର ଦାଶ**

ସାହିତ୍ୟ ଜାତିର ଉନ୍ନତିର ପରିମାପକ, ଜାତୀୟ ସଭ୍ୟତାର ନିଦର୍ଶନ ଏବଂ ଜାତୀୟ ଚିନ୍ତାଧାରାର ଅଭିବ୍ୟକ୍ତି । ଜାତୀୟ ସାହିତ୍ୟରୁ ସମାଜର ରୀତି, ନୀତି, କଳ୍ପନା ଓ ଆକାଂକ୍ଷା, ସାଧନା ଓ ଶକ୍ତି ଇତ୍ୟାଦିର ପୂର୍ଣ୍ଣ ପରିଚୟ ମିଳେ । ଏହି ଭାବରେ ଦେଖିଲେ ବୁଝାଯାଏ ଯେ ଜାତୀୟ ସାହିତ୍ୟରେ ଜାତିର ମହା ପୁରୁଷମାନଙ୍କର ଚିନ୍ତା ଓ କଳ୍ପନା ପ୍ରତିବିମ୍ବିତ ହୋଇ ଅତୀତ ଜାତିର ସମ୍ୟକ ପରିଚୟ ଆମ୍ଭମାନଙ୍କୁ ପ୍ରଦାନ କରେ । ଭାରତର ପ୍ରାଚୀନ ଆର୍ଯ୍ୟ ଜାତି ଓ ଆଧୁନିକ ଇଉରୋପୀୟ ଇଂରେଜ, ଜର୍ମାନ ଫରାସୀ ପ୍ରଭୃତି ଜାତିର ସାହିତ୍ୟ ତାହାର ଜ୍ୱଳନ୍ତ ନିଦର୍ଶନ ।

ଜାତୀୟ ସାହିତ୍ୟ ଉନ୍ନତ ହେଲେ ଜାତୀୟ ଜୀବନ ଉନ୍ନତ ହୋଇ ଉଠିବ । ସାହିତ୍ୟିକ ସ୍ୱୀୟ ହୃଦୟର ସମୁଚ୍ଚ ଭାବରାଜି ଯେତେବେଳେ ସାହିତ୍ୟ ମଧ୍ୟରେ ଜନ ସମାଜରେ ପ୍ରଚାର କରିବ, ସେତେବେଳେ ସମଗ୍ର ଜାତି ଓ ସମାଜ ତଦ୍ଦ୍ୱାରା ଅନୁପ୍ରାଣିତ ନ ହୋଇ ରହି ପାରିବ ନାହିଁ । ବହୁ ଚିନ୍ତାଶୀଳ ଲେଖକ ସ୍ୱୀୟ ଲେଖନୀ ବଳରେ ଇଉରୋପରେ ଏକ ନବ ଯୁଗ ଆଣି ଦେଇଅଛନ୍ତି ଏବଂ ଜାତୀୟ ଚିନ୍ତାଧାରାର ଗତିକୁ ଏକାବେଳେ ପରିବର୍ତ୍ତିତ କରି ଦେଇଛନ୍ତି । ଇଟାଲି ଓ ଜର୍ମାନ ପ୍ରଭୃତି ଦେଶର ଇତିହାସରୁ ଦେଖାଯାଏ ଯେ ପ୍ରଥମେ ସାହିତ୍ୟିକମାନଙ୍କର ଆବିର୍ଭାବରେ ଏବଂ ସେହିମାନଙ୍କର ଉଦ୍‌ଘୋଷିତ ସତ୍ୟ-ମନ୍ତ୍ରରେ ଜାତିର ପ୍ରାଣରେ ଚେତନା ଆସିଛି ଏବଂ ପରେ ଜାତୀୟ ବୀରମାନେ ଜନ୍ମି ଉକ୍ତ ସାହିତ୍ୟିକମାନଙ୍କର ଉଦ୍‌ଘୋଷିତ ସତ୍ୟକୁ କାର୍ଯ୍ୟରେ ପରିଣତ କରି ଜାତୀୟ ଜୀବନର ବିକାଶ ପଥ ଉନ୍ମୁକ୍ତ କରି ପାଇଛନ୍ତି ।

ଅନ୍ୟ ଦିଗରୁ ଦେଖିବାକୁ ଗଲେ ମଧ୍ୟ ସେହିପରି ଜାତୀୟ ସାହିତ୍ୟ ଗଠନ ପାଇଁ ଜାତୀୟ ଜୀବନର ଇତିହାସ ଯଥେଷ୍ଟ ଉପାଦାନ ଯୋଗାଇଥାଏ । ଜାତିର ଇତିହାସ ଜାତୀୟ ପ୍ରେରଣାର ଉତ୍ସ । ଇଂଲଣ୍ଡର ସ୍କଟ୍ ଓ ବଙ୍ଗର ବଙ୍କିମଚନ୍ଦ୍ର ସ୍ୱ ସ୍ୱ ଜାତୀୟ ଇତିହାସକୁ ଉପନ୍ୟାସ-କଳାଦ୍ୱାରା ଯେପରି ଜୀବନ୍ତ କରି ଯାଇଛନ୍ତି, ଓଡ଼ିଶାର ଇତିହାସ କେବଳ ଉପନ୍ୟାସ-କଳା କାହିଁକି କାବ୍ୟକଳା ଦ୍ୱାରା ମଧ୍ୟ ତଦ୍ରୂପ ଜୀବନ୍ତ ନ ହେବାଯାଏ, ଓଡ଼ିଆ ସାହିତ୍ୟରେ ନବଯୁଗର ସମାଗମ ହେଲା ବୋଲି କୁହାଯାଇ ପାରିବ ନାହିଁ । ଏ ଦିଗରେ କେତେକଙ୍କର ସାଧନା ଆଶାପ୍ରଦ ହେଲେହେଁ ତାହା ସମୁଦ୍ରକୁ ଶିଶିରପାତ ସଦୃଶ । ତାଙ୍କ ପରି ଅନ୍ୟାନ୍ୟ ଦେଶ-ପ୍ରେମିକ ସାହିତ୍ୟିକମାନଙ୍କ ପକ୍ଷରେ ଉତ୍କଳର ଐତିହାସିକ ନାନା ବିବରଣ ଘେନି କେବଳ ଉପନ୍ୟାସ କାହିଁକି, କାବ୍ୟ, ନାଟକ ଓ କ୍ଷୁଦ୍ର ଗଳ୍ପ ଆଦି ସାହିତ୍ୟର ବିଭିନ୍ନ ଅଙ୍ଗର ପରିପୁଷ୍ଟି ସାଧନ ଏକାନ୍ତ କର୍ତ୍ତବ୍ୟ । ଏହାର ଅଭାବରେ ଜାତୀୟ ସାହିତ୍ୟର ବିକାଶ ଅସମ୍ଭବ ।

ଆମର ଭାଷା ସଂସ୍କୃତ-ପ୍ରଭାବିତ । ସଂସ୍କୃତକୁ ଏକାବେଳକେ ଛାଡ଼ିଦେଲେ ଆମର ଭାଷା ତିଷ୍ଠି ପାରିବ ନାହିଁ । ଏକା ଆମର ଭାଷା ନୁହେ, ଭାରତର ଯେ କୌଣସି ପ୍ରାଦେଶିକ ଭାଷା ପକ୍ଷରେ ଏହା ପ୍ରଯୋଜ୍ୟ । ତେଣୁ ସୁକବି ବା ସୁଲେଖକ ହେବାକୁ ସଂସ୍କୃତ-ଜ୍ଞାନ ଏକାନ୍ତ ପ୍ରୟୋଜନ । କି ଉତ୍କଳ କି ବଙ୍ଗଳା, ସର୍ବତ୍ର ଯେଉଁମାନେ ସ୍ୱୀୟ ସାହିତ୍ୟ ପାଇଁ ସୁନାମ ଅର୍ଜନ କରି ଯାଇଛନ୍ତି ଏବଂ କରୁଛନ୍ତି ସେମାନେ ପ୍ରାୟ ସମସ୍ତେ ସଂସ୍କୃତରେ ଅଭିଜ୍ଞତା ଅର୍ଜନ କରିଥିଲେ ଏବଂ କରିଛନ୍ତି । ଇଂରେଜୀ ସାହିତ୍ୟର ଆଲୋଚନା ଫଳରେ ରୁଚି ମାର୍ଜିତ ହୋଇପାରେ, କିନ୍ତୁ ସେଥି ସଙ୍ଗେ ସଙ୍ଗେ ସଂସ୍କୃତ ସାହିତ୍ୟରେ ଅନଭିଜ୍ଞ ହେଲେ ଜାତୀୟ ସାହିତ୍ୟ ଗଢ଼ା ହୋଇ ପାରିବ ନାହିଁ । ଅନ୍ୟ ପକ୍ଷରେ ମଧ୍ୟ କେବଳ ସଂସ୍କୃତ-ଜ୍ଞାନ ଘେନି ଜାତୀୟ ସାହିତ୍ୟ ଗଢ଼ିବା ସମୀଚୀନ ନୁହେ । ପ୍ରାଦେଶିକ ସାହିତ୍ୟର ସମ୍ୟକ ବିକାଶ ନିମିତ୍ତ ଇଂରେଜୀ ସାହିତ୍ୟ ସାହାଯ୍ୟରେ ବିଶ୍ୱ-ସାହିତ୍ୟର ଭାବଧାରାକୁ ଗ୍ରହଣ କରିବାକୁ ହେବ । ଜାତୀୟ ସାହିତ୍ୟର ପୂର୍ଣ୍ଣ ଗଠନ ପାଇଁ ବିଶେଷ ଇଂରେଜ, ଫରାସୀ, ଜର୍ମାନ ଓ ରୁଷ ସାହିତ୍ୟିକମାନଙ୍କର ଭାବରାଜି ଗ୍ରହଣ ତଥା ସଂସ୍କୃତ ସାହିତ୍ୟର ସାହାଯ୍ୟ ସମାନ ଭାବରେ ପ୍ରୟୋଜନ । ଆଧୁନିକ ଯୁଗର ଆଦର୍ଶ ଅନୁସାରେ ଜାତୀୟ ସାହିତ୍ୟ ଗଠନ କଲାବେଳେ ଆମ୍ଭମାନଙ୍କୁ ସଂସ୍କୃତ ସାହିତ୍ୟର କଳ୍ପନା-ବିଳାସ ସଂଯତ କରିବାକୁ ହେବ ଏବଂ ପାଶ୍ଚାତ୍ୟ ସାହିତ୍ୟରୁ ମଧ୍ୟ ଭାବ ଗ୍ରହଣ କଲାବେଳେ ଆମ ଦେଶ ଓ ଅବସ୍ଥାର ପ୍ରତିକୂଳ ଏକାନ୍ତ ପାଶ୍ଚାତ୍ୟ ଭାବଯୁକ୍ତ ପ୍ରେରଣାକୁ ବାଦ୍ ଦେବାକୁ ପଡ଼ିବ । ବସ୍ତୁତଃ ଯେଉଁମାନେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟ ଭାବରାଜ୍ୟରେ ସମ୍ୟକ ଗତି କରିଛନ୍ତି ସେହିମାନେ ହିଁ ଆମ୍ଭମାନଙ୍କର ଜାତୀୟ ସାହିତ୍ୟ ଗଠନ ପାଇଁ ଉପଯୁକ୍ତ ।

ଭାଷାର କଠିନ ଆବରଣରେ ଭାବକୁ ଆବୃତ ନ କରି ଯଥାଶକ୍ତି ସରଳ ଭାଷାରେ ଉଚ୍ଚ ଭାବରାଶିର ଅବତାରଣା କରିବା ଏ ଯୁଗର ସାହିତ୍ୟିକ ପକ୍ଷରେ ଏକାନ୍ତ ପ୍ରୟୋଜନ । ଏହାଦ୍ୱାରା ସାହିତ୍ୟର ଉଚ୍ଚ ଭାବରାଶି ମୁଷ୍ଟିମେୟଙ୍କଠାରେ ଆବଦ୍ଧ ନ ରହି ଲୋକ-ସମାଜରେ ପ୍ରଚାର ଲାଭ କରିଥାଏ । ସାହିତ୍ୟର ଅର୍ଥ ସହିତର ଭାବ ଅଥବା ମିଳନ । ଏ କ୍ଷେତ୍ରରେ ଯେବେ ତାହାର ଅଭାବ ହେଲା ତେବେ ତାହା ସାହିତ୍ୟ ପଦବାଚ୍ୟ ହେବ କିପରି ? ସମସ୍ତଙ୍କର ସ୍ମରଣ ରଖିବା ଉଚିତ ଯେ ସାହିତ୍ୟ କେତେ ଜଣ ଲବ୍ଧପ୍ରତିଷ୍ଠ ଲେଖକଙ୍କର ବ୍ୟକ୍ତିଗତ ସମ୍ପତ୍ତି ନୁହେ । ସାହିତ୍ୟ ଲେଖା ହୁଏ ସର୍ବସାଧାରଣଙ୍କ ପାଇଁ । ଲେଖକ ଯଦି ସାଧାରଣ ସ୍ତରର ଢେର ଉପରେ ବୋଲି ନିଜକୁ ମନେ କରନ୍ତି, ତେବେ ତାଙ୍କର ଲେଖା ସାଧାରଣ ସାହିତ୍ୟ ପଦବାଚ୍ୟ ହୋଇ ପାରିବ



Digitized by srujanika@gmail.com

ନାହିଁ । ଫଳତଃ ତାଙ୍କର ଲେଖା ଜାତୀୟ ଜୀବନର ବିକାଶ ପାଇଁ ସାହାଯ୍ୟ କରି ପାରିବ ନାହିଁ ।

ସମାଜ ଯେତେବେଳେ କୃତ୍ରିମ ହୋଇଉଠେ, ତାର ସାହିତ୍ୟ ଓ ଭାଷା ସେତେବେଳେ ଜଟିଳ ହୋଇପଡ଼େ । ଭଞ୍ଜୀୟ ଯୁଗର କୃତ୍ରିମ ସମାଜର ଚିତ୍ର ଆମ୍ଭେମାନେ ଭଞ୍ଜଙ୍କ ସାହିତ୍ୟରେ ପାଉଁ । ଏଥିରେ ଭାଷା ସହଜବୋଧ୍ୟ ନୁହେଁ କିମ୍ବା ଭାବ ସାର୍ବଜନୀନ ନୁହେଁ । ମନୁଷ୍ୟର ହୃଦୟ କୃତ୍ରିମ ହୋଇଉଠିଲେ ସୂକ୍ଷ୍ମ ମନୋବୃତ୍ତି ଗୁଡ଼ିକ ମଧ୍ୟ କ୍ରମେ କ୍ଷୀଣ ଓ ଲୁପ୍ତ ହୋଇଯାଏ । ସରଳ ଓ ଅନାବିଳ ପ୍ରାଣ ଜୀବନକୁ ସରସ ଓ ଜୀବନ୍ତ କରି ରଖେ । ଜଗତରେ ଯାହା କିଛି ସୁନ୍ଦର ଓ ମହତ୍ ତାହାର ମୂଳରେ ଏହି ସରଳ, ନିର୍ଦ୍ଦୋଷ ଓ ସୁନ୍ଦର ପୂର୍ଣ୍ଣପ୍ରାଣତା ବିଦ୍ୟମାନ । ଜଗତର ଶ୍ରେଷ୍ଠ କାବ୍ୟ-ସମ୍ପଦମାନ ଏହିପରି କେତେକ ସରଳ ସୁନ୍ଦର ପ୍ରାଣର ଅନାବିଳ ଭାବର ଚରମ ଅଭିବ୍ୟକ୍ତି ଛଡ଼ା ଅନ୍ୟ କିଛି ନୁହେଁ । କବି-ପ୍ରାଣ ଜଗତର ସମସ୍ତ କୃତ୍ରିମତା ମଧ୍ୟରେ ପ୍ରକୃତିର କୁସୁମ ପରି ଫୁଟି ଉଠେ ଓ ନିଜର ମନୋହର ସୌରଭକୁ ଭାଷା ମଧ୍ୟରେ ମିଶାଇ ଦେଇ ଜଗତକୁ ଦାନ କରିଯାଏ । ଏହିଠାରେ କବିକୁ ଅମୃତସୁଖ ଢାଳି ଦେଇ ଜୀବନ ନିୟୋଜିତ କରିବାକୁ ହୁଏ— ଜାତୀୟ ସାହିତ୍ୟ ଶ୍ରୀବୃଦ୍ଧି ନିମିତ୍ତ ।

ଉତ୍କଳର ଜାତୀୟ ଜୀବନ ଭଲ ଭଲ କରି ଦେଖିଲେ ତାହାର ପ୍ରତ୍ୟେକ ଅଙ୍ଗରେ ସାହିତ୍ୟର ଫଲ୍‌ଗୁଧାର ପ୍ରବାହିତ ବୋଲି ମନେହୁଏ । ଅପର କୋଟି କୋଟି ଦରିଦ୍ର ପଲ୍ଲୀ ପରିବାର ସେମାନଙ୍କର ଦୈନନ୍ଦିନ ସୁଖ ଦୁଃଖ ନେଇ ଯେଉଁ ଜୀବନ ଯାପନ କରନ୍ତି, ସେଥିରେ କାବ୍ୟର ଉପାଦାନ ପୂରି ରହିଛି । ପଲ୍ଲୀରେ ଅନେକ ସମୟରେ ଭ୍ରମଣ କରିବାର ସୁଯୋଗ ଯେଉଁମାନେ ଲାଭ କରିଛନ୍ତି, ସେମାନେ ଜାଣନ୍ତି ଏ କଥା କେତେ ଦୂର ସତ୍ୟ । ପଲ୍ଲୀର ସାନ ସାନ ବାଳକାମାନଙ୍କ ତୁଣ୍ଡରୁ ଯେଉଁ ସମସ୍ତ ସ୍ୱଚ୍ଛନ୍ଦ କବିତାଧାର ଶୁଣିବାକୁ ମିଳେ ସେ ଗୁଡ଼ିକ ପ୍ରାଣରେ ବଡ଼ ଆନନ୍ଦ ଦିଏ ଏବଂ ଜାତୀୟ ଜୀବନରେ ଅଜ୍ଞାତସାରରେ ପ୍ରଭାବ ବିସ୍ତାର କରିଥାଏ । ମାତ୍ର ଆଧୁନିକ ଯୁଗର ଇଂରେଜୀ ଶିକ୍ଷା ଫଳରେ ଜାତିର ପ୍ରାଣରୁ ଏହି ସହଜ ସ୍ୱଚ୍ଛନ୍ଦ କବିତାଧାର କ୍ରମେ ଲୋପ ପାଇ ଯାଉଛି । ନୂତନ ଶିକ୍ଷା ପାଇବାକୁ ପଲ୍ଲୀବାସୀ ଆଜି ସହରର ସ୍କୁଲକୋଠା ଭିତରକୁ ପ୍ରବେଶ କରିବା ସଙ୍ଗେ ସଙ୍ଗେ ସେ ଗ୍ରାମ୍ୟ ଜୀବନର ସରଳତା ଓ ସ୍ୱାଚ୍ଛନ୍ଦ୍ୟ ଭୁଲି ଯାଉଛି ଏବଂ ତାହି ସଙ୍ଗେ ସଙ୍ଗେ ଗ୍ରାମରେ ପ୍ରଚଳିତ ପ୍ରୋକ୍ତ ସ୍ୱାଭାବିକ କବିତାଧାର ପ୍ରତି କ୍ରମେ ଉଦାସୀନ ହୋଇପଡୁଛି । ସବୁ ଦେଶରେ ଓ ସବୁ ଜାତିରେ ଗ୍ରାମ୍ୟ କବିତାର ଫଲ୍‌ଗୁଧାର ପ୍ରବାହିତ । ପୃଥିବୀ ପୃଷ୍ଠର ଯେଉଁ ଲକ୍ଷ ଲକ୍ଷ ନରନାରୀ ଗ୍ରାମ୍ୟ ଜୀବନକୁ ମୃତ୍ତିକାର ସେବାରେ ନିୟୋଜିତ କରନ୍ତି ଏହି ଗୁଡ଼ିକ ସେମାନଙ୍କ ପ୍ରାଣର ଭାଷା । ମନୁଷ୍ୟପ୍ରାଣର ସହଜ, ସରଳ, ତୃପ୍ତି ଓ ଆକାଂକ୍ଷାମାନ ଏଥିମଧ୍ୟରେ ବିମ୍ବିତ ହୋଇଥାଏ । ବଡ଼ ବଡ଼ ସାହିତ୍ୟିକଙ୍କ ଭାଷା ସହିତ ତୁଳନୀୟ ନ ହେଲେହେଁ ଏ ଗୁଡ଼ିକର ଏକ ସ୍ୱତନ୍ତ୍ର ମାଧୁରୀ ଅଛି । ଏଗୁଡ଼ିକ ମାନବ ପ୍ରାଣର ଅନାବିଳ ଭାବରାଜିର ଅବିକଳ ପ୍ରକାଶ । ଏଥିଯୋଗୁଁ ସାହିତ୍ୟରେ ମଧ୍ୟ ଏହାର ଆଦର ସର୍ବଦା ଥାଏ ଏବଂ ଥିବା ବାଞ୍ଛନୀୟ । ଦେଶର ପ୍ରତିଭାଶାଳୀ ସାହିତ୍ୟିକ ଓ କବିମାନେ ଏଗୁଡ଼ିକ ମଧ୍ୟରୁ ପ୍ରତିଭା ଲାଗି ପ୍ରେରଣା ଲାଭ କରନ୍ତି ଏବଂ ସ୍ୱୀୟ କାବ୍ୟ ଉପନ୍ୟାସାଦିର ଉପାଦାନ ମଧ୍ୟ ସଂଗ୍ରହ କରିଥାନ୍ତି । ଉତ୍କଳର ମୂକପଲ୍ଲୀରେ ଯେଉଁ କବିତାର ଫଲ୍‌ଗୁଧାର ପ୍ରବାହିତ, ଲବ୍ଧପ୍ରତିଷ୍ଠ ସାହିତ୍ୟିକମାନେ ତାର ସମାଦର ନ କଲେ ଏବଂ ସେଥିପ୍ରତି ଉଦାସୀନ ରହିଲେ, ଉତ୍କଳର ଜାତୀୟ ସାହିତ୍ୟ ଅପୂର୍ଣ୍ଣ ରହିଲା ବୋଲି ମନେହୁଏ । ଏତାଦୃଶ ପରିସ୍ଥିତିରେ ଉତ୍କଳର କବିମାନେ ଏହି କବିତାଧାର ଆୟାସ ସହକାରେ ସଂଗ୍ରହ କରି ଦେଶର ପ୍ରକୃତ ଜନସାଧାରଣଙ୍କ ପ୍ରାଣର କଥା ନିଜ ଲେଖାରେ ପ୍ରକାଶ କଲେ ଉତ୍କଳର ଜାତୀୟ ସାହିତ୍ୟର ଶ୍ରୀବୃଦ୍ଧି ହୁଅନ୍ତା ବୋଲି ମୋର ବିଶ୍ୱାସ ।

# ଆଧୁନିକ ସଭ୍ୟତା *

ଶ୍ରୀ ଶଶିଭୂଷଣ ରାୟ

ସଭ୍ୟତାର ପରିମାଣ କରିବାକୁ କୌଣସି ପ୍ରକାର ତୁଳାଦଣ୍ଡ ଅଛି କି ? ଇଉରୋପ ଓ ଆମେରିକାର ଶ୍ୱେତ ଜାତିମାନଙ୍କର ଅଭିମତ ଏହି ଯେ ସେମାନେ ହିଁ ସୁସଭ୍ୟ ; ଆସିଆର ପୀତ ଏବଂ ଆମ୍ଭମାନଙ୍କ ଭଳି ଧୂସର ଜାତି ଅର୍ଦ୍ଧସଭ୍ୟ ; ଆଫ୍ରିକା ଓ ଆମେରିକାର ନିଗ୍ରୋ ପ୍ରଭୃତି କୃଷ୍ଣ ଜାତି ଅସଭ୍ୟ । ଅନ୍ୟଆଡ଼େ ଭାରତବାସୀ କେବେହେଁ ସ୍ୱୀକାର କରିବେ ନାହିଁ ଯେ ସେମାନେ ଅସଭ୍ୟ କିମ୍ବା ଅର୍ଦ୍ଧସଭ୍ୟ । ପଚିଶ ତିରିଶ ବର୍ଷ ପୂର୍ବେ ଜାପାନୀମାନେ ଅସଭ୍ୟ ବୋଲି କଥିତ ହେଉଥିଲେ, କିନ୍ତୁ ରୁଷ-ଜାପାନ ଯୁଦ୍ଧରେ ରୁଷ ଜାତିକୁ ଯୁଦ୍ଧରେ ପରାସ୍ତ କରିବା ପରଠାରୁ ସେମାନେ ସୁସଭ୍ୟ

* ବାରିପଦା ସାହିତ୍ୟ ସମାଜର ଅଧିବେଶନରେ ପଠିତ ଓ ଅନୁମୋଦିତ ।

ଜାତିବୃନ୍ଦଙ୍କ ମଧ୍ୟରେ ଉଚ୍ଚ ସ୍ଥାନ ଲାଭ କରିଅଛନ୍ତି । ଆଫ୍ରିକା ଓ ଆମେରିକାର ନିଗ୍ରୋ ଜାତି ନିଜକୁ ଅସଭ୍ୟ କିମ୍ବା ସୁସଭ୍ୟ ବୋଲି ଆଜିକାଲି ମନେ କରନ୍ତି କି ନାହିଁ ଲେଖକ ଜାଣେ ନାହିଁ । ସୁତରାଂ ସଭ୍ୟତାର ସର୍ବବାଦୀସମ୍ମତ ସଂଜ୍ଞା ଦେବା ହିଁ କଠିଣ କାର୍ଯ୍ୟ ।

ପ୍ରାଚୀନ କାଳର ଇତିହାସ ପାଠକେ ଦେଖିଥାଏଁ, ଯେତେବେଳେ କୌଣସି ଜାତି ଶୌର୍ଯ୍ୟ, ବୀର୍ଯ୍ୟ, ଐଶ୍ୱର୍ଯ୍ୟ, ଜ୍ଞାନ, ବିଜ୍ଞାନ କିମ୍ବା ଧର୍ମରେ ବଡ଼ ହୋଇଅଛି, ସେହି ଜାତି ଗୋଟିଏ ବିଶିଷ୍ଟ ସଭ୍ୟତାର ଅଧିକାରୀ ହୋଇଅଛି । ଏହାର ଦୃଷ୍ଟାନ୍ତ—ପ୍ରାଚୀନ କାଳର ଗ୍ରୀକ୍ ସଭ୍ୟତା, ରୋମୀୟ ସଭ୍ୟତା, ଆରବ ସଭ୍ୟତା, ଭାରତୀୟ ସଭ୍ୟତା ଏବଂ ମିଶରୀୟ ସଭ୍ୟତା ପ୍ରଭୃତି । ଏ କାଳରେ ଇଉରୋପୀୟ କିମ୍ବା ପାଶ୍ଚାତ୍ୟ ସଭ୍ୟତା ହିଁ ପୃଥିବୀସ୍ଥ ଜାତିବର୍ଗଙ୍କର ଇଚ୍ଛା ବା ଅନିଚ୍ଛାରେ ଆଦର୍ଶ ହୋଇ ଉଠିଅଛି । ଇଉରୋପ ଓ ଆମେରିକାର ଶ୍ୱେତ ଜାତିବୃନ୍ଦ ମଧ୍ୟରେ ଏହି ସଭ୍ୟତାର ପୂର୍ଣ୍ଣ ବିକାଶ । ଅସିଆର ଜାତିବୃନ୍ଦ ମଧ୍ୟରେ ଜାପାନ ଗତ ୫୦ ବର୍ଷ ମଧ୍ୟରେ ଏହି ପାଶ୍ଚାତ୍ୟ ସଭ୍ୟତାକୁ ବହୁ ପରିମାଣରେ ନିଜସ୍ୱ କରିଅଛି । ଏହି ଆଦର୍ଶ ଭାରତବାସୀଙ୍କର ସମ୍ମୁଖରେ ଗତ ଶତ ବର୍ଷରୁ ଅଧିକ କାଳ ବିଦ୍ୟମାନ । କିନ୍ତୁ ତାହା ଭାରତର ପ୍ରାଚୀନ ଆଦର୍ଶ ସହିତ ବହୁ ପରିମାଣରେ ଭିନ୍ନ ବୋଲି ଭାରତବାସୀ ଏ ପର୍ଯ୍ୟନ୍ତ ସୁଦ୍ଧା ଏହି ପାଶ୍ଚାତ୍ୟ ସଭ୍ୟତାକୁ ସନ୍ଦେହଚକ୍ଷୁରେ ଦେଖୁଅଛନ୍ତି । ଚୀନ, ମିଶର, ପାରସ୍ୟ, ଆରବ, ତୁରସ୍କ ପ୍ରଭୃତି ସ୍ଥାନର ଜାତିବୃନ୍ଦଙ୍କ ମଧ୍ୟରେ ଏହି ନୂତନ-ପୁରାତନ ସଭ୍ୟତାର ସଂଘର୍ଷ ପ୍ରବଳ ଭାବରେ ଚାଲିଅଛି । ଏହି ସଂଘର୍ଷଫଳରୁ ପ୍ରାଚୀନ ଓ ନବୀନ ସଭ୍ୟତା ମଧ୍ୟରେ କାହାର ଜୟ ହେବ, ତାହା କହିବା ଅତି କଠିଣ ।

ଏହି ନବୀନ ସଭ୍ୟତାର ଭଲ ମନ୍ଦ, ଉପଯୋଗିତା ଅନୁପଯୋଗିତା ପ୍ରଭୃତି ସମସ୍ତ ଦିଗ ଦେଖାଇବାର ସ୍ଥାନ ଏହା ନୁହେ । ଏଠାରେ ଆଲୋଚ୍ୟ ବିଷୟ ଏହି ସଭ୍ୟତାର ଗୋଟିଏ ଦିଗ ମାତ୍ର । ବୋଧହୁଏ ସମସ୍ତେ ଲକ୍ଷ୍ୟ କରିଥିବେ ଯେ ଏହି ଆଧୁନିକ ସଭ୍ୟତା ମଧ୍ୟରେ ଏ ଭଳି ଗୋଟିଏ ଶକ୍ତି ରହିଅଛି, ଯାହାର ପ୍ରଭାବରୁ ଅପେକ୍ଷାକୃତ ଅନୁନ୍ନତ ଏବଂ ଅର୍ଦ୍ଧମୃତ ଜାତି ଉନ୍ନତ ଓ ସଚେତନ ହୋଇ ଉଠିଅଛି । ଏହାର ପ୍ରକୃଷ୍ଟ ଦୃଷ୍ଟାନ୍ତ ଜାପାନ । ପଚିଶ ବର୍ଷ ପୂର୍ବେ, ଅର୍ଥାତ୍ ଏହି ନବୀନ ସଭ୍ୟତା ଜାପାନରେ ପ୍ରବିଷ୍ଟ ହେବା ପୂର୍ବରୁ—ଜାପାନ ଅସିଆର ଏକ ପ୍ରାନ୍ତରେ ଗୋଟିଏ ପର୍ବତମୟ କ୍ଷୁଦ୍ର ରାଜ୍ୟମାତ୍ର ଥିଲା । କିନ୍ତୁ ବର୍ତ୍ତମାନ ? ବର୍ତ୍ତମାନ ଜାପାନ ପୃଥିବୀର ଶ୍ରେଷ୍ଠ ଜାତିବୃନ୍ଦଙ୍କର ଅନ୍ୟତମ ହୋଇ ଉଠିଅଛି । ଜାପାନର ବିସ୍ତୃତ ନୌ-ବାହିନୀ ସୁନୀଳ ସାଗରବକ୍ଷ ଭେଦ କରି ଜାପାନକୁ "ଉଦୀୟମାନ ସୂର୍ଯ୍ୟାଙ୍କିତ" ଜାତୀୟ ପତାକା ଉଡ଼ାଇ ସର୍ବତ୍ର ଜାପାନ-ଜାତ ଶିଳ୍ପ ସମ୍ଭାର ବହନ କରୁଅଛି । ଯୁଦ୍ଧ-ବିଦ୍ୟା କଳ-କାରଖାନା, ଜ୍ଞାନ-ବିଜ୍ଞାନରେ ଜାପାନ ବର୍ତ୍ତମାନ ଅନ୍ୟ କୌଣସି ଜାତି ଅପେକ୍ଷା ହୀନ ନୁହେ ।

ଏହି ପଚିଶ ବର୍ଷ ମଧ୍ୟରେ ଜାପାନ ତାହାର ପୁତ୍ର କନ୍ୟାମାନଙ୍କୁ ଇଉରୋପ ଏବଂ ଆମେରିକାକୁ ପ୍ରେରଣ କରି ସେ ଦେଶବାସୀଙ୍କର ନବୀନ ସଭ୍ୟତା ମଧ୍ୟରେ ଏହି ଗୁପ୍ତ ଶକ୍ତିର ଅନୁସନ୍ଧାନ କରୁଥିଲା । ଏମାନେ ସ୍ୱଦେଶ ପ୍ରତ୍ୟାଗମନ ପୂର୍ବକ ଏହି ଶକ୍ତିକୁ କାର୍ଯ୍ୟ କ୍ଷେତ୍ରରେ ପ୍ରୟୋଗ କରିବାରୁ ବର୍ତ୍ତମାନ ଜାପାନର ରାଷ୍ଟ୍ରନୀତି, ସମାଜ-ନୀତି, ଯୁଦ୍ଧ-ନୀତି, ନୌ-ଗଠନ-ବିଦ୍ୟା, ଶିକ୍ଷା-ପଦ୍ଧତି ଆଉ ମଧ୍ୟଯୁଗର ସଭ୍ୟତାର ଅନୁଗାମୀ ନୁହେ । ବର୍ତ୍ତମାନ ଏହି ସମସ୍ତ ଆଧୁନିକ ସଭ୍ୟତାନୁଯାୟୀ ହେବାରୁ ଜାପାନ ପୃଥିବୀର ସମସ୍ତ ଜାତିମାନଙ୍କ ମଧ୍ୟରେ ଅତି ଉଚ୍ଚ ସ୍ଥାନ ଲାଭରେ ସମର୍ଥ ହୋଇଅଛି । ଜାପାନରେ ଏହି ଶକ୍ତିର ପୂର୍ଣ୍ଣ ବିକାଶ ପରିଦୃଶ୍ୟମାନ, ମାତ୍ର ଏହାର ଆଂଶିକ ବିକାଶ ଚୀନ, ଫିଲିପାଇନ ଦ୍ୱୀପପୁଞ୍ଜ, ଭାରତବର୍ଷ, ପାରସ୍ୟ, ତୁର୍କିସ୍ଥାନ ପ୍ରଭୃତି ଅସିଆର ଅନ୍ୟାନ୍ୟ ଦେଶସମୂହରେ ସୁସ୍ପଷ୍ଟ । ସଭ୍ୟତାର ବାହ୍ୟ ପରିଚ୍ଛଦ ଓ ଗୃହସଜ୍ଜାର ଅନୁକରଣକୁ ସେହି ସଭ୍ୟତାକୁ ବରଣକରିବା କହନ୍ତି ନାହିଁ । ତାହା ମଧ୍ୟରେ ଯାହା ସାର, ଯାହା ସତ୍ୟ, ଯାହା ନିତ୍ୟ, ତାହାହିଁ ଦେଶ ଓ ଜାତିବୃନ୍ଦର ମଙ୍ଗଳଦାୟକ ।

ନବୀନ ସଭ୍ୟତାର ଅନ୍ତରାଳରେ ନିହିତ ଏହି ଶକ୍ତିଟି କଅଣ ? ବିଜ୍ଞାନ ହିଁ ଏହି ଶକ୍ତି ବୋଲି ଲେଖକର ବିଶ୍ୱାସ । ଆଧୁନିକ ସଭ୍ୟତାର ମୂଳରେ ବିଜ୍ଞାନର ପ୍ରଭାବ ସମ୍ୟକ ଭାବରେ ବିଦ୍ୟମାନ । ଉକ୍ତ ସଭ୍ୟତାର ବୟସ ଶତ ବର୍ଷ ମାତ୍ର । ବିଜ୍ଞାନ ହିଁ ଆଧୁନିକ ସଭ୍ୟତାକୁ ପରିପୁଷ୍ଟ କରିବାକୁ ସମ୍ପୂର୍ଣ୍ଣ ସାହାଯ୍ୟ କରୁଅଛି ।

ବିଜ୍ଞାନ ସାର୍ବଜନୀନ । ଏ ପର୍ଯ୍ୟନ୍ତ କୌଣସି ଧର୍ମ ସାର୍ବଜନୀନ ବୋଲି ସ୍ୱୀକୃତ ହୋଇ ନାହିଁ—ତାହା ଜାତି ଓ ଦେଶ ବିଶେଷରେ ବିଭିନ୍ନ । ବୋଧହୁଏ କୌଣସି ଦର୍ଶନ ( **Philosophy** ) ମଧ୍ୟ ସର୍ବବାଦୀସମ୍ମତ ନୁହେ । କିନ୍ତୁ ବିଜ୍ଞାନ ସର୍ବବାଦୀସମ୍ମତ । ଏହାର ରାଜ୍ୟ ସମଗ୍ର ମାନବ ସମାଜ । ବିଜ୍ଞାନର ଆବିଷ୍କୃତ ସତ୍ୟ ଦେଶ ଓ ଜାତି ନିର୍ବିଶେଷରେ ସତ୍ୟ । ବ୍ୟକ୍ତିବିଶେଷ କହିଅଛନ୍ତି ବୋଲି କୌଣସି ବୈଜ୍ଞାନିକ ତଥ୍ୟ ସତ୍ୟ ନୁହେ । ସତ୍ୟ ବୋଲି ହିଁ ବୈଜ୍ଞାନିକ ତଥ୍ୟ ସତ୍ୟ । ଏହି ହେତୁରୁ ବୈଜ୍ଞାନିକର ଆବିଷ୍କୃତ ତଥ୍ୟ, ଯନ୍ତ୍ରାବଳୀ, ନବାବିଷ୍କୃତ ନାନା ଶିଳ୍ପସମ୍ଭାର, ସକଳ ଦେଶ ଓ ଜାତି ହିଁ ଗ୍ରହଣ କରି ପାରନ୍ତି । ଏହି ହେତୁରୁ ବିଜ୍ଞାନର ଚର୍ଚ୍ଚା ଓ ଶିକ୍ଷା ମାନବର ଚିନ୍ତାଶକ୍ତିକୁ କୂପମଣ୍ଡୂକର ବଦ୍ଧ ସୀମା ମଧ୍ୟରୁ ବାହାର କରି ତାହାକୁ ଯଥେଚ୍ଛ ବିଚରଣ କରିବାର ଶକ୍ତି ଦାନ କରିଥାଏ । ସେହି ଶିକ୍ଷାରେ କୁସଂସ୍କାର ଏବଂ ବିନା ବିଚାରରେ କେବଳ ମାତ୍ର ପ୍ରାଚୀନତ୍ୱର ଦାବୀରେ ସତ୍ୟ ବୋଲି ସ୍ୱୀକୃତ ଅସତ୍ୟର ସେବା ପ୍ରଭୃତି ଅକଲ୍ୟାଣ ସମାଜରୁ କ୍ରମଶଃ ଦୂରୀଭୂତ ହେବାର ଅବକାଶ ଜନ୍ମିଥାଏ । ଏହି ହେତୁରୁ ଦେଖାଯାଏ ଯେ ଯେଉଁ ସମାଜରେ ବିଜ୍ଞାନର ସାର୍ବଜନୀନ ସତ୍ୟର ପ୍ରଚୁର ସମାଦର, ସେ ସମାଜରେ ପ୍ରକୃତିର ସୃଷ୍ଟି-ସ୍ଥିତି-ଲୟର ଗୂଢ଼ ରହସ୍ୟର



Digitized by srujanika@gmail.com

ଆବିଷ୍କୃତ ଜ୍ଞାନ ଅଧିକତର ସୁସ୍ପଷ୍ଟ ଓ ପରିବ୍ୟାପ୍ତ, ଏବଂ ସେହି ସଙ୍ଗରେ ସେହି ସମାଜରେ ଚରିତ୍ରାଣଙ୍କ ସମଧିକ ସ୍ୱାଧୀନତା ଲାଭ କରିଥିବାରୁ ନାନା କୁସଂସ୍କାରମୋହରୁ ସେହି ସମାଜ ଅଧିକତର ମୁକ୍ତ । ଅଧିକନ୍ତୁ ଏହି ରୂପ ସମାଜରେ ସକଳ ଅନୁଷ୍ଠାନ ମଧ୍ୟରେ ଗୋଟିଏ ଶୃଙ୍ଖଳା ଦୃଷ୍ଟ ହୋଇଥାଏ । ଏହି ଶୃଙ୍ଖଳା ଯେ କେବଳ ଯୁଦ୍ଧକ୍ଷେତ୍ର କିମ୍ବା ସୈନ୍ୟ-ଶିବିରରେ ଦୃଷ୍ଟ ହୁଏ, ତାହା ନୁହେ—ତାହା କଳକାରଖାନା, ହାସପାତାଲ, ଧର୍ମାଧିକରଣ, ସ୍କୁଲ କଲେଜ, ଆହାର-ବିହାର ଏବଂ ଧର୍ମ-କର୍ମରେ ସୁଦ୍ଧା ଅତ୍ୟନ୍ତ ପରିସ୍ଫୁଟ । ସମସ୍ତେ ହିଁ ଜାଣନ୍ତି ଗୋଳମାଳ ଭାବରେ କାର୍ଯ୍ୟ କରିବାକୁ ଗଲେ ଶକ୍ତିର କିପରି ଅପଚୟ ହୋଇଥାଏ । ବାସ୍ତବିକ ସମସ୍ତ କାର୍ଯ୍ୟରେ ଏହି ଶୃଙ୍ଖଳା ପାଶ୍ଚାତ୍ୟ ଜାତିବୃନ୍ଦର କୃତକାର୍ଯ୍ୟତାର ଅନ୍ୟତମ କାରଣ ।

ଦ୍ୱିତୀୟତଃ, ଆଧୁନିକ ବିଜ୍ଞାନ ଏକ ଆଡ଼େ ଯେପରି ଅନନ୍ତ ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି-ସ୍ଥିତି-ଲୟର କାରଣ ଏବଂ ନିୟମାବଳୀର ଅନୁସନ୍ଧାନରେ ବ୍ୟାପୃତ, ଅପର ଆଡ଼େ ଏହି ସମସ୍ତ ବୈଜ୍ଞାନିକ ବିଷୟର ଆବିଷ୍କାର ଫଳରୁ କ୍ରମଶଃ ପ୍ରାକୃତିକ ଶକ୍ତିନିଚୟକୁ ଜୟ କରି ମନୁଷ୍ୟର ସୁଖ ଓ କଲ୍ୟାଣ ସକାଶେ ସେ ଗୁଡ଼ିକୁ ନିଯୁକ୍ତ କରିଅଛି । ଗତ ଶତାବ୍ଦୀ ମଧ୍ୟରେ ପାଶ୍ଚାତ୍ୟ ଜାତିବୃନ୍ଦର ଶତ ଶତ ବୈଜ୍ଞାନିକର ଜୀବନ-ବ୍ୟାପୀ ଗବେଷଣା ଏବଂ ପରିଶ୍ରମ ଫଳରୁ ବର୍ତ୍ତମାନ ତାପ, ଆଲୋକ, ଶବ୍ଦ, ଚୁମ୍ବକତତ୍ତ୍ୱ, ବିଦ୍ୟୁତ୍ ପ୍ରଭୃତି ପ୍ରାକୃତିକ ଶକ୍ତିନିଚୟ ଭୃତ୍ୟ ଭାବରେ ମାନବର ସେବା କରୁଅଛି । ଯେଉଁ ବିଦ୍ୟୁତ୍ ପୂର୍ବେ କେବଳ ଆକାଶ ପଟରେ ବିଚିତ୍ର ସୌଦାମିନୀ ରୂପେ ମାନବର ଚକ୍ଷୁ ଝଲସାଇ ନିବୃତ୍ତ ହେଉଥିଲା, ବର୍ତ୍ତମାନ ତାହା ପ୍ରକାଣ୍ଡ ପ୍ରକାଣ୍ଡ କଳ ଚଳାଉଅଛି, ବଡ଼ ବଡ଼ ସହରକୁ ଆଲୋକମାଳାରେ ସଜାଇଅଛି, ଘର୍ମାକ୍ତ-କଳେବର ପରିଶ୍ରାନ୍ତ କର୍ମୀଙ୍କୁ ବ୍ୟଜନ କରୁଅଛି ; ପୁଣି ସତାର କିମ୍ବା ତାରହୀନ ଯନ୍ତ୍ର ସାହାଯ୍ୟରେ ସୁଦୂରସ୍ଥିତ ପ୍ରିୟ ଜନର ମଙ୍ଗଳାମଙ୍ଗଳ ସମ୍ବାଦ ନିମିଷରେ ଜ୍ଞାପନ କରୁଅଛି । ବର୍ତ୍ତମାନ ଆଉ କାଶୀ, କାଞ୍ଚୀ, ଦ୍ୱାରିକା ଯିବା ସକାଶେ ପର୍ଯ୍ୟଟକଙ୍କୁ ଗୋଯାନ କିମ୍ବା ମନୁଷ୍ୟ ଯାନରେ ଯିବାକୁ ହୁଏ ନାହିଁ । ବର୍ତ୍ତମାନ ମନୁଷ୍ୟ ଛଅ ଘଣ୍ଟାରେ ଛଅ ଦିନର ମାର୍ଗ ଅତିକ୍ରମ କରିଥାଏ । ପୁଣି ମନୁଷ୍ୟ ଆକାଶ ପଥରେ ଛଅ ଦିନର ମାର୍ଗ କିପରି ଛଅ ମିନିଟରେ ଅତିକ୍ରମ କରି ପାରିବ, ତାହାର ବ୍ୟବସ୍ଥା ମଧ୍ୟ ଚାଲିଅଛି । ବୈଜ୍ଞାନିକମାନେ ଜଳ, ସ୍ଥଳ, ପାତାଳ ଓ ଅନ୍ତରୀକ୍ଷ ଜୟ କରିଅଛନ୍ତି—ତହିଁରେ ବ୍ୟବଧାନ କିମ୍ବା ଦୂରତ୍ୱ ରହୁ ନାହିଁ । ଏହା ଫଳରୁ ଜାତିବର୍ଗ ମଧ୍ୟରେ ସାମାଜିକ, ନୈତିକ ଗୁଣରାଶି ପରସ୍ପରକୁ ଆକୃଷ୍ଟ କରୁଅଛି । ସାମାଜିକ ଆଦାନ ପ୍ରଦାନ ଦ୍ୱାରା ସଭ୍ୟତାର ଏକୀକରଣ କ୍ରମଶଃ ସାଧିତ ହେଉଅଛି, ସ୍ତ୍ରୀ ପୁରୁଷର ଅଧିକାରରେ ସାମ୍ୟଲାଭ ଘଟୁଅଛି, ଲୋକଶିକ୍ଷା ସାର୍ବଜନୀନ ହେଉଅଛି ଏବଂ ଏହି ଶିକ୍ଷା ଫଳରୁ ପତିତ ଅନ୍ତ୍ୟଜ ଜାତିବର୍ଗ କ୍ରମଶଃ ମୁଣ୍ଡ ଉଠାଉଅଛନ୍ତି । ଧର୍ମର ଏକ-ଦେଶ-ଦର୍ଶିତା କମି ଯାଉଅଛି, ଆହାର-ବିହାରର ବୈଷମ୍ୟ କମି ଯାଉଅଛି, ଜାତିବର୍ଗଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ବଢ଼ୁଅଛି । ଯନ୍ତ୍ରକୃତ ଶକ୍ତି ସାହାଯ୍ୟରେ ବିଭିନ୍ନ ପ୍ରୟୋଜନୀୟ ବସ୍ତୁ ଅନାୟାସ ଏବଂ ସୁଲଭରେ ପ୍ରସ୍ତୁତ ହେବାରୁ ଦରିଦ୍ର ପକ୍ଷରେ ସେ ସମସ୍ତ ସହଜ-ଲଭ୍ୟ ହୋଇଅଛି । ଶିଳ୍ପ ବାଣିଜ୍ୟରେ ଦେଶ ଗୁଡ଼ିକ ସମୃଦ୍ଧିଶାଳୀ ହେଉଅଛି, ଜ୍ଞାନ-ବିଜ୍ଞାନର ସୀମା ବଢ଼ୁଅଛି, ଏବଂ ଖଣ୍ଡ ଖଣ୍ଡ ଜାତି ଗୁଡ଼ିକ ଏକ ବିଶାଳ ମାନବ-ସମାଜର ଅଙ୍ଗୀଭୂତ ହେବାକୁ ଉତ୍ସୁକ । ଏହା ଇଉରୋପରେ ପ୍ରତିଷ୍ଠିତ " ଜାତି ସଂଘ " ( League of Nations ) କର୍ତ୍ତୃକ ଅଭିବ୍ୟକ୍ତ । ଏ ସମସ୍ତ ଆଧୁନିକ ସଭ୍ୟତାର ଲକ୍ଷଣନିଚୟ ଏବଂ ବିଜ୍ଞାନ ହିଁ ଏହି ସଭ୍ୟତାର ମୂଳ ଭିତ୍ତି ?

ଏ ଦେଶରେ ଏକ ଦଳ ଭାବୁକ ଓ କର୍ମୀ ଅଛନ୍ତି ଯେଉଁମାନେ ଆଧୁନିକ ସଭ୍ୟତା ଓ ବିଜ୍ଞାନକୁ ଭୟ ଏବଂ ଅବିଶ୍ୱାସ କରିଥାଆନ୍ତି । ସେମାନେ କହନ୍ତି, "ଆମ୍ଭେମାନେ କଳ କାରଖାନା ଲୋଡ଼ୁଁ ନାହିଁ, ଆଧୁନିକ ସଭ୍ୟତା ଓ ଶିକ୍ଷା ଆମ୍ଭମାନଙ୍କର ଅନାବଶ୍ୟକ, ଆମ୍ଭେମାନେ ପୁଣି ପ୍ରାଚୀନ ଯୁଗକୁ ଫେରିଯିବୁଁ, ପାଶ୍ଚାତ୍ୟ ଜଗତର କିଛି ହିଁ ଗ୍ରହଣ କରିବୁଁ ନାହିଁ ।" ଏମାନଙ୍କୁ ଏତିକି ଜିଜ୍ଞାସ୍ୟ, ଆଧୁନିକ ସଭ୍ୟତାର ଭାବ-ତରଙ୍ଗ ରୁଦ୍ଧ କରିବାକୁ କାହାର ବଳ ଅଛି ? ଆମ୍ଭେମାନେ ସହସ୍ର ଚେଷ୍ଟା କଲେ ଏହି ବିଜ୍ଞାନ ଓ ସଭ୍ୟତା ରୁଦ୍ଧ କରି ପାରିବୁଁ ନାହିଁ । ଏହାର ଉତ୍ତାଳ ତରଙ୍ଗରେ ଐରାବତ ଭାସି ଯିବ ।

ଭାରତବାସୀ ଭାରତର ଚତୁଃସୀମା ମଧ୍ୟରେ ଆବଦ୍ଧ ରହିବାର ଦିନ ଚାଲି ଗଲଣି । ଭାରତବାସୀ ବିଦ୍ୟାର୍ଜ୍ଜନ କିମ୍ବା ବ୍ୟବସାୟ ସକାଶ ସମୁଦ୍ର ପାରି ହେଲେ ଜାତି ଯିବାର ଦିନ ମଧ୍ୟ ଅନ୍ତର୍ହିତ ହେଲାଣି । ବର୍ତ୍ତମାନ ସମୁଦ୍ର ଆର ପାଖର ବିଶାଳ ମାନବ-ସମାଜ ଓ ବିଭିନ୍ନ ଜାତି ଯେ ଭାରତବାସୀଙ୍କୁ ଅହରହ ଆହ୍ୱାନ କରୁ-ଅଛନ୍ତି । ଯେତେବେଳେ ଜଗତର ଆଧୁନିକ ସଭ୍ୟତାରେ ପରିପୁଷ୍ଟ ଜାତିବର୍ଗ ବାଣିଜ୍ୟାର୍ଥ କିମ୍ବା ଦେଶଜୟର ଆକାଙ୍କ୍ଷାରେ ସମଗ୍ର ପୃଥିବୀ ଜୟ କରି ପକାଇଅଛନ୍ତି, ସେତେବେଳେ ଭାରତ-ବାସୀ ସମୁଦ୍ର ଡେଇଁ ବିଦେଶ ଗଲେ ତାହାର କଅଣ ଜାତି ଯିବାର ସମ୍ଭାବନା ଅଛି ? ହାତରେ ସୂତା କାଟିବା, ହାତରେ ଲୁଗା ବୁଣିବା, ଶିଳ୍ପ-ଶିକ୍ଷା ହିସାବରେ କିମ୍ବା ଅକ୍ଷମର କିଛି ଦିନର ଉପାୟ ରୂପେ ଚଳି ପାରେ । କିନ୍ତୁ ପରିଣାମରେ କିମ୍ବା ଉତ୍ତର କାଳରେ ଆମ୍ଭେମାନେ କଳ କାରଖାନା ଲୋଡ଼ୁଁ ନାହିଁ, ଏହା କହିଲେ ଚଳିବ କି ? ପୃଥିବୀର ଇତିହାସ ସାକ୍ଷ୍ୟ ଦେଉଅଛି, କଳ ସହିତ ପ୍ରତିଯୋଗିତାରେ ହାତର ସୂତା କଟା, ହାତରେ ତନ୍ତ ଚଳାଇବା କିଛି ଦିନ ଉତ୍ତାରୁ ବନ୍ଦ ହୋଇଯିବ, ଏଥିରେ ସନ୍ଦେହ ମାତ୍ର ନାହିଁ । ଇଂଲଣ୍ଡରେ ଏପରି ଦିନ ମଧ୍ୟ ଥିଲା ଯେ ଯେତେବେଳେ ଷ୍ଟିମ ଏଞ୍ଜିନ ପ୍ରଥମରେ ବାହାରି ହାତର ଅରଟ ବଦଳରେ କଳର ଅରଟ ଏବଂ ତନ୍ତ ଆବିଷ୍କୃତ ହୋଇଥିଲା—ସେହି ସମୟରେ ଶ୍ରମଜୀବୀବର୍ଗ ଏହି ସମସ୍ତ କଳ ଭାଙ୍ଗି ଦେଇ କାରଖାନା ଗୁଡ଼ିକ ନଷ୍ଟ କରି ଦେଇଥିଲେ । କିନ୍ତୁ ବିଲାତରେ କଳ କାରଖାନା

କମିଅଛି କିମ୍ବା ସହସ୍ର ଗୁଣରେ ବଢ଼ିଅଛି ? ସୁତରାଂ ଏହି ବୈଜ୍ଞାନିକ ସଭ୍ୟତା ରୁଦ୍ଧ ହେବ କିପରି ?

ବିଜ୍ଞାନର ଏହି ନିତ୍ୟ ନୂତନ ଅସମ୍ଭବ ଆବିଷ୍କାର ଦିନରେ ବଳଦ ଗାଡ଼ିରେ ଦିଲ୍ଲୀ ଯିବା ଚଳିବ ନାହିଁ, ନୌକାରେ ବିଲାତ ଯିବା ଅସମ୍ଭବ । ମୁଁ ଯେବେ ସାଧାରଣ ପ୍ରଚଳିତ ବଳଦ ଗାଡ଼ିରେ ହିଁ ସନ୍ତୁଷ୍ଟ ରହିଥାଏଁ, ତାହାହେଲେ ଯାହାଙ୍କର ଘଣ୍ଟାରେ ଦୁଇ ଶତ ମାଇଲ ଗତିବିଶିଷ୍ଟ ଏରୋପ୍ଲେନ ଅଛି, ସେ ତ ମୋତେ ପ୍ରତି ଘଣ୍ଟାରେ ଦୁଇଶ ମାଇଲ ପଛରୁ ପକାଇ ଅଗ୍ରସର ହୋଇ-ଯିବେ । ପଛେଇବାର ମନ୍ତ୍ର କଅଣ ଜାତିବର୍ଗକୁ ଉନ୍ନତ କରି ପାରିବ ? ଜାପାନ କଅଣ ପଛେଇବାର କିମ୍ବା ଫେରିବାର ମନ୍ତ୍ର ଜପ କରିଥିଲା ? ଜାପାନ ବିପରୀତ ମନ୍ତ୍ରର ଉପାସକ । ଜାପାନ ବିଜ୍ଞାନକୁ ବରଣ କରି ନେଇଅଛି, କଳ କାରଖାନା ଗୁଡ଼ିକରେ ଦେଶ ପୂର୍ଣ୍ଣ କରି ଦେଇଅଛି, ଆଧୁନିକ ସଭ୍ୟତା ମଧ୍ୟରେ ଯାହା ସତ୍ୟ ଓ ଶିବ ତାହାକୁ ସାଦରେ ଗ୍ରହଣ କରିଅଛି ଓ କରୁଅଛି—ଏହି ହେତୁରୁ ଜାପାନର ଏ ଭଳି ଉନ୍ନତି ।

ଏହି ଆଧୁନିକ ସଭ୍ୟତାର ମୂଳ ସ୍ୱରୂପ ଅସଂଖ୍ୟ ବୈଜ୍ଞାନିକ ପ୍ରୟୋଗ ମଧ୍ୟରେ କଅଣ ଯେ ଜାତିର ଓ ଦେଶର ମଙ୍ଗଳ ସକାଶ ପ୍ରୟୋଜନ ନୁହେଁ, ତାହା ତ କହିବା ସହଜ ନୁହେଁ । ଯାନ ବାହନ ସକାଶ ରେଲଗାଡ଼ି, ମୋଟର, ବୈଦ୍ୟୁତିକ ଟ୍ରାମ-ଗାଡ଼ି, ଏରୋପ୍ଲେନ; ସମୁଦ୍ର ଡେଇଁବା ସକାଶ ଷ୍ଟିମର ଏବଂ ସିପ୍ଲେନ; ବାର୍ତ୍ତା ବହନ ସକାଶ ସତାର ଓ ବେତାର ଟେଲିଗ୍ରାଫ ଓ ଟେଲିଫୋନ ଏବଂ ବସ୍ତ୍ରାଦି ସକାଶ କଳ କାରଖାନା ପ୍ରଭୃତି ତ ଆବଶ୍ୟକ । କୋଟି କୋଟି ନର ନାରୀ ପାଇଁ ସୁଲଭ ଓ ସୁଶୋଭନ ଆଚ୍ଛାଦନ ସକାଶ ସବଂସ କଳ କାରଖାନା ଚାଲୁଅଛି । ଗୋଟିଏ ଯୋଡ଼ିଏ ଦେଶରେ ନ ଚାଲିଲେ ସେ ଦେଶର କ୍ଷତି କିନା ?

କାଗଜ, ଅଖା ନିର୍ମିତ ବସ୍ତା ତ ପ୍ରତ୍ୟହ ଆବଶ୍ୟକ । କାଗଜର କଳ, ଅଖାର କଳ ( Jute-mill ) ପ୍ରଭୃତିର ନାମ କଲେ କଅଣ ଭୟ ହେବ ? ଲଡୁ, ରସଗୋଲାକୁ ଆମ୍ଭେମାନେ ଭଲ ପାଉଁ, ମାତ୍ର କଳ ହିଁ ଏହାର ପ୍ରଧାନ ଉପାଦାନ ସ୍ୱରୂପ ଚିନି ଯୋଗାଇଥାଏ । ଆମ୍ଭେମାନେ ରସଗୋଲାର ରସରେ ସନ୍ତୁଷ୍ଟ ରହିଅଛୁଁ—ଚିନିର କଳ କିଏ କରୁଅଛି !

ଘ୍ୟ ପ୍ରସ୍ତୁତର କଳ-କାରଖାନା ଯେଉଁମାନେ ଦେଖିଅଛନ୍ତି, ସେମାନେ କହନ୍ତି କେତେ ବଡ଼ ବଡ଼ କାରଖାନା ଘ୍ୟ ପ୍ରସ୍ତୁତ ସକାଶ ନିଯୁକ୍ତ ।

ଲୁହା, ତମ୍ବା, ପିତ୍ତଳ, ସ୍ୱର୍ଣ୍ଣ, ରୌପ୍ୟ, ପ୍ରତି ବର୍ଷ କୋଟି କୋଟି ଟଙ୍କାର ଆବଶ୍ୟକ ହୋଇଥାଏ । ଏ ଗୁଡ଼ିକ ବିନା ଆୟାସରେ ପଇସା ପକାଇଲେ ମିଳେ ବୋଲି, କିପରି ଏହି ସମସ୍ତ ଧାତୁ ଏବଂ ତହିଁରୁ ନିର୍ମିତ ବିବିଧ ଜିନିଷ ପ୍ରଭୃତି ପ୍ରସ୍ତୁତ ହୁଏ, ତାହାର ସନ୍ଧାନ ଏକ ବିଶେଷଜ୍ଞ ବ୍ୟତୀତ ଅପର କେହି ନିଅନ୍ତି ନାହିଁ ।

ଜଣେ ବୈଜ୍ଞାନିକ-କବି ଥରେ କହିଥିଲେ, "ଭୋଜନେ ନ ନି ଃ ସତ୍ୟ ଅନ୍ନ ଶ୍ରେଷ୍ଠ ଡାଲି, କିପରି ଜନ୍ମିବ ପ୍ରଶ୍ନେ ଲାଗିଯିବ କଳି"—ବର୍ତ୍ତମାନ ଆମ୍ଭମାନଙ୍କର ଏହି ଦଶା । ଲୁହା କଡ, ବରଗା, ଇସ୍ପାତ, ଲୁହାର ପଟା, କରୋଗେଟେଡ଼ ପତ୍ର ପ୍ରଭୃତି ଟଙ୍କା ପକାଇଲେ ଅକ୍ଳେଶରେ ପାଉଁ, କିନ୍ତୁ କି ସୁବୃହତ୍ ଚେଷ୍ଟାରେ ଏ ସମସ୍ତ ପ୍ରସ୍ତୁତ ହୋଇଥାଏ, ତାହା ଜାମସେଦପୁରସ୍ଥ ଟାଟାଙ୍କର ବିରାଟ କାରଖାନା ନ ଦେଖିଲେ ବୁଝିବା କଠିଣ । ଏହି କାରଖାନାର ବିଶାଳତ୍ୱ ଯୁଗାନ୍ତର ପୂର୍ବର "ବିଶ୍ୱକର୍ମାଙ୍କର କୀର୍ତ୍ତି"ର ସ୍ମାରକ କିନା ?

ଭୂତତ୍ତ୍ୱବିତ୍ ଲୌହ-ଖଣି, ପଥରକୋଇଲା ଖଣି, ଚୂନର ଖଣି ଆବିଷ୍କାର କଲେ । ରସାୟନିକ ତହିଁରୁ ଲୌହ, ଇସ୍ପାତ ପ୍ରଭୃତି ପ୍ରସ୍ତୁତର ପଦ୍ଧତି ବାହାର କଲେ ! ଇଞ୍ଜିନିୟର କଳ-କାରଖାନାର ବୈଦ୍ୟୁତିକ ଯନ୍ତ୍ରାଦି ଦେଲେ, ମହାଜନ କିମ୍ବା ବ୍ୟବସାୟୀ ଟଙ୍କା ଢାଳିଦେଲେ । ପରିଚାଳକ ଅଥବା ମ୍ୟାନେଜର ସହସ୍ର ସହସ୍ର ଶ୍ରମଜୀବୀ ଦେଇ କିପରି ଶୃଙ୍ଖଳାରେ ପ୍ରକାଣ୍ଡ ବ୍ୟାପାର ସୁନ୍ଦର ରୂପେ ଚଳାଉଅଛନ୍ତି । ଏଥିରେ କଅଣ ଆମ୍ଭମାନଙ୍କର ଶିକ୍ଷାର କିଛି ହିଁ ନାହିଁ ? ଏହିପରି କେତେ ସୁବୃହତ୍ କାରଖାନା ପୃଥିବୀର କୋଟି କୋଟି ଟଙ୍କା ମୂଲ୍ୟର ଲୌହ ପ୍ରଭୃତିର ଅଭାବ ଘୁଞ୍ଚାଇ ଦେଉଅଛି । ଯେଉଁମାନେ କହନ୍ତି, 'ଆମ୍ଭେମାନେ କଳ-କାରଖାନା ଲୋଡ଼ୁଁ ନାହିଁ' ସେମାନେ ଅପରର ପ୍ରସ୍ତୁତ ଓ ପ୍ରଦତ୍ତ ଦ୍ରବ୍ୟ ପଇସା ପକାଇ ଦେଲେ ପାଇଥାଆନ୍ତି ବୋଲି ସେମାନଙ୍କର ଏହି ବିଷୟର ଗୁରୁତ୍ୱର ଅନୁଭୂତି ଅତ୍ୟନ୍ତ କମ । କିନ୍ତୁ ବିଜ୍ଞାନ କହୁଅଛି, ଏ ମନ୍ତ୍ର ତ୍ୟାଗ କରିବାକୁ ହେବ; ନୋହିଲେ ପତିତ ଜାତିର ଚିର-ଅନ୍ଧକାର-ଭୋଗ ଅପରିହାର୍ଯ୍ୟ ।

ଆଧୁନିକ ବୈଜ୍ଞାନିକ ସଭ୍ୟତା-ପୁଷ୍ଟ ଦେଶ ସମୂହର ଯେଉଁ ଆଡ଼କୁ ଦୃଷ୍ଟି ପକାଇଲେ ବୁଝାଯିବ ବିଜ୍ଞାନର ନାନା ବିଭାଗ-ଲବ୍ଧ ତଥ୍ୟର ଅସଂଖ୍ୟ ପ୍ରୟୋଗ । ଭାରତର କୃଷି ସେହି ମାନ୍ଧାତାଙ୍କ ଅମଳର ହଳ ଚାଳନାରେ ଆବଦ୍ଧ । ବାୟସ୍କୋପରେ ଇଉରୋପ ଓ ଆମେରିକାର ପ୍ରଚଳିତ କୃଷି ପ୍ରଣାଳୀ ଦେଖିଲେ ପ୍ରକାଣ୍ଡ ପ୍ରକାଣ୍ଡ ମୋଟର ଟ୍ରାକ୍ଟର, ହୋୟାର, ହୋ, ଡ୍ରିଲ ପ୍ରଭୃତିରେ କୃଷିକାର୍ଯ୍ୟ କିପରି ଦ୍ରୁତ ଭାବରେ ସମ୍ପନ୍ନ ହେଉଅଛି, ତାହା ବୁଝାଯିବ ।

ଇଞ୍ଜିନିୟରିଂ କାରଖାନା, ଜାହାଜ ପ୍ରସ୍ତୁତର ଡକ୍, ରଙ୍ଗ-ଛପାର କାରଖାନା, ସାବୁନ, ଦିଆସିଲି, ଚମଡ଼ା, ଔଷଧ, ପୋର୍ସିଲେନ୍, କାଚ, ସିମେଣ୍ଟ, ଛୁରି, କଇଞ୍ଚି ପ୍ରଭୃତି ଶତ, ସହସ୍ର, ଲକ୍ଷ ଦ୍ରବ୍ୟ ପ୍ରସ୍ତୁତ କରିବାର ବୈଜ୍ଞାନିକ କାରଖାନା ଚାଲିଅଛି ଓ ନୂତନ ନୂତନ ପ୍ରସ୍ତୁତ ହେଉଅଛି । ଏହି ସମସ୍ତ ଦ୍ରବ୍ୟର ବହୁଳ ବ୍ୟବହାର ଆଧୁନିକ ସଭ୍ୟତାର ଅପରିହାର୍ଯ୍ୟ ଅଙ୍ଗ ।

ଆଧୁନିକ ବୈଜ୍ଞାନିକ ସଭ୍ୟତା-ବିରୋଧୀ କହିବେ, "ଆମ୍ଭେମାନେ ଏହି ଦ୍ରବ୍ୟାଦି ଲୋଡ଼ୁଁ ନାହିଁ, ତେବେ ଏହି କଳକାରଖାନାର ପ୍ରୟୋଜନ କଅଣ ?" ମାତ୍ର ଏତିକି ବୁଝିବା ଆବଶ୍ୟକ ଯେ



Digitized by srujanika@gmail.com

ଦିଆସିଲିର ଛଡ଼ ଚକ୍‌ମକିର ଆଲୁଅ ଜାଳିବା କଅଣ ଏ ଯୁଗର ଚରମ ମନୁଷ୍ୟତ୍ୱ ? କାଚ ଅଥବା ଏନାମେଲର ବାସନ କିମ୍ବା ଗିଲାସରେ ନ ଖାଇ୍ଁ ପଛକେ ଦୂରବୀକ୍ଷଣ କିମ୍ବା ଅଣୁବୀକ୍ଷଣ ଯନ୍ତ୍ର ପ୍ରଭୃତି ଶତ ଶତ ଜ୍ଞାନ-ବର୍ଦ୍ଧକ ଯନ୍ତ୍ର ପାଇବୁଁ କିପରି ? ରସାୟନାଗାରରେ ଯେଉଁ ଶତ ଶତ ପ୍ରକାର କାଚର ତୈଜସ ପ୍ରୟୋଜନ ହୋଇଥାଏ, ସେ ଗୁଡ଼ିକ କଅଣ ବିଳାସର ଦ୍ରବ୍ୟ କିମ୍ବା ଜ୍ଞାନାର୍ଥରେ ସେ ଗୁଡ଼ିକର ପ୍ରୟୋଜନ ? ଇଞ୍ଜିନିୟରିଂ କାରଖାନା ସ୍ଥାପନ ନ କରି, ମୋଟର ଅଥବା ରେଲରେ ନ ଯାଇ, ବଳଦଗାଡ଼ିରେ ତିନି ମାସରେ କାଶୀ ପହଞ୍ଚିଲି । କିନ୍ତୁ ଏହି ଇଞ୍ଜିନିୟରିଂ କାରଖାନା କେବଳ କଅଣ ବିଳାସର ସାମଗ୍ରୀ ? ରେଲ, ମୋଟର ପ୍ରଭୃତି କଅଣ ଦେଶର, ଜାତିର ଓ ସମାଜର ଅଶେଷ କଲ୍ୟାଣ ସାଧନ କରୁ ନାହିଁ ? ଏହା ଉତ୍ତାରୁ ଆଧୁନିକ ସଭ୍ୟତାର ଅପରିହାର୍ଯ୍ୟ ଅଙ୍ଗ ସାର୍ବଜନୀନ ଶିକ୍ଷା—ଧନୀନିର୍ଦ୍ଧନର ଶିକ୍ଷା । ଏହା ତ ଆବଶ୍ୟକ । ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ, ବିଜ୍ଞାନାଗାର, ରସାୟନାଗାର, ମେଡିକେଲ କଲେଜ, ଇଞ୍ଜିନିୟରିଂ କଲେଜ, ଟେକ୍‌ନିକାଲ କଲେଜ, ମାଇନିଂ କଲେଜ, କମର୍ସିଏଲ୍ କଲେଜ, ସ୍ତ୍ରୀ କଲେଜ, ଏ ସବୁ ଆବଶ୍ୟକ । ଆର୍ତ୍ତର ସେବା ସକାଶେ ଆଧୁନିକ ହାସପାତାଳ, ମାତୃସେବା ପାଇଁ ମେଟର୍ନିଟି-ହୋମ, ଏକ୍ସ-ରେ ଇନ୍‌ଷ୍ଟିଚ୍ୟୁଟ, କୁଷ୍ଠାଗାର, ରେଡିୟମ ଇନ୍‌ଷ୍ଟିଚ୍ୟୁଟ, ପାଷ୍ଟର ଇନ୍‌ଷ୍ଟିଚ୍ୟୁଟ ପ୍ରଭୃତି ମଧ୍ୟରୁ କଅଣ ଅନାବଶ୍ୟକ, ତାହା ତ ବୁଝା ଯାଉ ନାହିଁ । ଏହି ସମସ୍ତ ପ୍ରତିଷ୍ଠାନର ମୂଳରେ ବିଜ୍ଞାନ ସର୍ବଦା ବିରାଜମାନ । ଦାନ୍ତ ଚିକିତ୍ସାର ବିଶେଷଜ୍ଞ ଏବଂ ଆଧୁନିକ ଚକ୍ଷୁ-ରୋଗର ଚିକିତ୍ସକଙ୍କର ପରୀକ୍ଷାଗାର ଦେଖିଲେ, ସେମାନଙ୍କର ବିବିଧ ପ୍ରକାର ଯନ୍ତ୍ରାଦିରେ ଚକ୍ଷୁ ଫାଟିଯିବ । ସ୍ତ୍ରୀ-ଚିକିତ୍ସକ କିମ୍ବା ଅସ୍ତ୍ର-ଚିକିତ୍ସକଙ୍କର ଯନ୍ତ୍ରାଦି ଦେଖିଲେ ଭୟ ହିଁ ହୋଇଥାଏ । ଆଧୁନିକ ସଭ୍ୟତାର ଏହି ସମସ୍ତ ଅଙ୍ଗର ମୂଳ ବିଜ୍ଞାନ ।

ଅନେକ ହିଁ ମନେକରନ୍ତି, ଆଧୁନିକ ସଭ୍ୟତା କେବଳ ମାତ୍ର ଜଡ଼ମୂଳକ—ଏହା ମଧ୍ୟରେ ହୃଦୟ, ତ୍ୟାଗ କିମ୍ବା ଧର୍ମ ନାହିଁ । ଏ କଥା କଅଣ ଖାଣ୍ଟି ସତ୍ୟ ? କାର୍ଣ୍ଣେଗୀ, ରକ୍‌ଫେଲର ପ୍ରଭୃତି ଧନୀବୃନ୍ଦ ବୈଜ୍ଞାନିକ କଳକାରଖାନାର ମାଲିକରୂପେ ଯେପରି ଏକ ଆଡ଼େ ଅତୁଳ ସମ୍ପତ୍ତିର ଅଧିକାରୀ, ସେହି ସଙ୍ଗରେ ସେମାନଙ୍କର ଦାନ ମଧ୍ୟ ଅତୁଳନୀୟ ଏବଂ ଜଗତର ଆଦର୍ଶ । ବିଲାତ ଏବଂ ଆମେରିକାର ସମ୍ବାଦ-ପତ୍ର ପାଠରେ ଜଣାଯାଏ, କେତେ ହୃଦୟବାନ ବ୍ୟକ୍ତି କେତେ ସହସ୍ର ସହସ୍ର, ଲକ୍ଷ ଲକ୍ଷ ମୁଦ୍ରା ପ୍ରାୟ ପ୍ରତ୍ୟହ ହିଁ ଶିକ୍ଷା, ବିଜ୍ଞାନାଗାର ପ୍ରତିଷ୍ଠା, ହାସପାତାଳ ବା ଗିର୍ଜ୍ଜା ନିର୍ମାଣ ଏବଂ ଆତୁର-ସେବା ସକାଶ ଦାନ କରୁଅଛନ୍ତି । ଆର୍ତ୍ତର ସେବା ସକାଶ, ରେଡକ୍ରସ ସୋସାଇଟି (Red–Cross Society), ସେଣ୍ଟ୍‌ଜନ ଆମ୍ବୁଲେନ୍ସ (St. John Ambulance), ସାଲଭେସନ ଆର୍ମି (Salvation Army), ସିସ୍‌ଟରସ୍ ଅଫ୍ ଦି ପୁଅର (Sisters of the Poor) ପ୍ରଭୃତି ଅନୁଷ୍ଠାନମାନଙ୍କରେ ବହୁ ତ୍ୟାଗୀ ନରନାରୀ ଦିବା ରାତି ବ୍ୟସ୍ତ ରହିଅଛନ୍ତି । ଇଉରୋପର ମହାସମର ସମୟରେ ଆମ୍ଭମାନଙ୍କର ଚକ୍ଷୁରେ ବିଳାସମଗ୍ନ ପାଶ୍ଚାତ୍ୟ ଜାତିବୃନ୍ଦର ମହାମହିମାନ୍ୱିତ ସମ୍ରାଟଠାରୁ ହୀନତମ ନରନାରୀ ଦେଶସେବା ସକାଶ ଯେଉଁ ସୁମହତ୍ ତ୍ୟାଗର ଦୃଷ୍ଟାନ୍ତ ଦେଖାଇଅଛନ୍ତି, ତାହା ଜଗତରେ ଅତୁଳନୀୟ । ମଦ୍ୟପାନ ନିବାରଣ ସକାଶ, ପଶୁ-କ୍ଳେଶ ନିବାରଣ ହେତୁ ମଧ୍ୟ ପ୍ରତିଷ୍ଠାନର ପ୍ରାଚୁର୍ଯ୍ୟ ପାଶ୍ଚାତ୍ୟ ଦେଶରେ ସର୍ବଦା ଦୃଷ୍ଟ ହୋଇଥାଏ । ପୃଥିବୀର ନିଭୃତ କୋଣ ପର୍ଯ୍ୟନ୍ତ ସର୍ବତ୍ର ଖ୍ରୀଷ୍ଟଧର୍ମ ପ୍ରଚାର ସକାଶ ଯେଉଁ ଅସଂଖ୍ୟ ଗିର୍ଜ୍ଜା ଓ ଧର୍ମ ମନ୍ଦିର ଦୃଷ୍ଟ ହୁଏ, ଏହାର ପ୍ରାୟ ସମସ୍ତ ହିଁ ଜାତିର ବହୁ ଧର୍ମପ୍ରାଣ ନରନାରୀର ଦାନ-ସମ୍ଭୂତ । ସୁତରାଂ ବିଜ୍ଞାନପୁଷ୍ଟ ଆଧୁନିକ ସମାଜରେ ଦାନ, ତ୍ୟାଗ, ଧର୍ମ ଓ ନୀତି ସର୍ବତ୍ର ସୁପ୍ରଚଳିତ ରହିଅଛି, ଏଥିରେ ମତଦ୍ୱୈଧର ଅବକାଶ ନାହିଁ ।

ଆଧୁନିକ ବିଜ୍ଞାନ-ପ୍ଳାବିତ ସଭ୍ୟତାର ଗୋଟିଏ କଳଙ୍କ ସର୍ବବାଦୀସମ୍ମତ । ତାହା ଶ୍ରମଜୀବୀଙ୍କର ଅବସ୍ଥା । ଶିକ୍ଷା-ବିସ୍ତାର ସହିତ ଏମାନଙ୍କ ଅବସ୍ଥାର କ୍ରମିକ ଉନ୍ନତି ହେଉଅଛି ଏବଂ ଅଦୂର ଭବିଷ୍ୟତ୍‌ରେ ଆହୁରି ହେବ । ଶ୍ରମଜୀବିବର୍ଗ ବର୍ତ୍ତମାନ ସ୍ୱ ସ୍ୱ କ୍ଷମତା ବୁଝିଅଛନ୍ତି, ଦଳବଦ୍ଧ ଭାବରେ ସ୍ୱ ସ୍ୱ ଅଭାବ-ଅଭିଯୋଗର ପ୍ରତିକାର-ବ୍ରତୀ ହୋଇଅଛନ୍ତି । ସେମାନଙ୍କର ବାସସ୍ଥାନ, ଆହାର-ବିହାର, ଆମୋଦ ପ୍ରମୋଦ, ଶିକ୍ଷା ଓ ଧର୍ମ ଚର୍ଚ୍ଚାର ସୁବ୍ୟବସ୍ଥା ସର୍ବତ୍ର ହେଉଅଛି । League of Nations (ଜାତି-ସଂଘ) ର ଗୋଟିଏ ବିଭାଗ ପୃଥିବୀର ଶ୍ରମଜୀବିବର୍ଗର ସୁଖ ସ୍ୱାଚ୍ଛନ୍ଦ୍ୟ ଦେଖିବା ସକାଶ ନିଯୁକ୍ତ ହୋଇଅଛି । ରାଷ୍ଟ୍ରୀୟ ଜୀବନରେ ଶ୍ରମଜୀବିମାନଙ୍କର ପ୍ରତିନିଧିଗଣ ସର୍ବତ୍ର ବିରାଜିତ ଓ ଶକ୍ତି ସମ୍ପନ୍ନ । ଏଥିରେ ପୃଥିବୀର ସର୍ବତ୍ର ଗୋଟିଏ ଅଶାନ୍ତିର ଭାବ ଦେଖାଯାଉଅଛି ସତ୍ୟ, କିନ୍ତୁ କ୍ରମଶଃ ଯେତେବେଳେ ଶ୍ରମଜୀବିବର୍ଗଙ୍କ ଦାବୀ ସମ୍ପୂର୍ଣ୍ଣ ଗ୍ରାହ୍ୟ ହେବ, ସେତେବେଳେ ଏହି ଅଶାନ୍ତି ବହୁ ପରିମାଣରେ କମିଯିବ ବୋଲି ମନେ ହୋଇଥାଏ । ଅଧିକାର ପ୍ରାପ୍ତି ହିଁ ଶାନ୍ତିର ପ୍ରକୃଷ୍ଟ ଉପାୟ ।

ମୋଟରେ କହିବାକୁ ଗଲେ, ଆଧୁନିକ ସଭ୍ୟତାରୁ ବିଜ୍ଞାନକୁ କାଢ଼ିଦେଲେ, ତାହା ପ୍ରାଚୀନ କିମ୍ବା ମଧ୍ୟଯୁଗର ସଭ୍ୟତାରେ ଛିଡ଼ାହୋଇ ରହିବ ଏବଂ ବିଜ୍ଞାନ-ମୂଳକ ଏହି ନବୀନ ସଭ୍ୟତାକୁ ଯେଉଁ ଜାତି ନିଜସ୍ୱ କରି ନ ନେବେ, ସେ ଜାତି ସ୍ୱଭାବତଃ ହିଁ ମୃତ କିମ୍ବା ଅର୍ଦ୍ଧମୃତ ହୋଇ ରହିଥିବେ । ବିଜ୍ଞାନ ହିଁ ପ୍ରାକୃତିକ ଶକ୍ତିନିଚୟକୁ ଜୟକରିଅଛି । ଆହାର-ବିହାର, ପରିଚ୍ଛଦ, ସାମାଜିକ ପ୍ରଥା ପ୍ରଭୃତି ଧର୍ମ-ଭେଦ, ଦେଶ-ଭେଦ ଏବଂ ଜଳବାୟୁ-ଭେଦରେ ଭିନ୍ନ ହୋଇଥାଏ । ସେ ଗୁଡ଼ିକର ଅନ୍ଧ ଅନୁକରଣ କରିବାକୁ ସଭ୍ୟତାକୁ ଆପଣାର କରିବା କହନ୍ତି ନାହିଁ । ଏଥିରେ ଅନେକ ସ୍ଥଳରେ ଇଷ୍ଟ ପରିବର୍ତ୍ତେ ଅନିଷ୍ଟର ସମ୍ଭାବନା । ପ୍ରଚଳିତ ସାମାଜିକ ପ୍ରଥା ପ୍ରାଚୀନ ହେଲେହେଁ, ଯେବେ ଏହା କୌଣସି ଜାତିର ଉନ୍ନତିର ଅନ୍ତରାୟ ହୁଏ, ତାହା ହେଲେ ତାହାକୁ ତ୍ୟାଗ କରିବାକୁ ହେବ । ଅପର ପକ୍ଷରେ ଭିନ୍ନ ଦେଶର ସାମାଜିକ ନିୟମ ଯେବେ ନିଜ ଦେଶର ଉନ୍ନତିର ସହାୟକ ହୁଏ, ତାହାକୁ



Digitized by srujanika@gmail.com

ଗ୍ରହଣ କରିବାକୁ ହେବ । ଏ ବିଷୟରେ ଦେଶର ଓ ଜାତିର ଉନ୍ନତି ଓ ମଙ୍ଗଳ ହିଁ ଏକମାତ୍ର ନିୟାମକ ।

ଯେବେ ପୃଥିବୀର ସକଳ ଜାତି ଏକତ୍ର ମିଳିତ ହୋଇ ଏକ ଯୋଗରେ ଆଧୁନିକ ବିଜ୍ଞାନକୁ ଅଗ୍ନିସାତ୍ କରିବାକୁ ସମ୍ମତ ହୁଅନ୍ତି, ତେବେ ପୁଣି ସେହି ଆଦିମ ଯୁଗର ସଭ୍ୟତା ପୃଥିବୀରେ ଅନୟନ କରିବାର ସମ୍ଭାବନା । ମାତ୍ର ଯେଉଁମାନେ ଜ୍ଞାନର ଉପାସକ ସେମାନେ ବିଜ୍ଞାନର ଅସୀମ ଜ୍ଞାନ-ଭଣ୍ଡାରକୁ ଏହିପରି ନଷ୍ଟ କରିବାକୁ ସ୍ୱୀକୃତ ହେବେ କି ? ଅତଏବ ପ୍ରତ୍ୟେକ ଜାତିକୁ ଏହି ବୈଜ୍ଞାନିକ ସଭ୍ୟତା ବରଣ କରିନେବାକୁ ହେବ—ଏହା ବ୍ୟତୀତ ଜାତିର ସାମାଜିକ ଉନ୍ନତିର ଦ୍ୱିତୀୟ ପନ୍ଥା ନାହିଁ ।

# ଖିଚିଙ୍ଗ

## ଶ୍ରୀ ଗିରୀଶ ଚନ୍ଦ୍ର ପାଣିଗ୍ରାହୀ

( ପୂର୍ବାନୁବୃତ୍ତ )

ଗୁପ୍ତ ଭାବେ ରହି ତୋର ସପ୍ତପୁରୀ *
ତୋ ବୀର ସନ୍ତାନେ ମରୁଅଛି ଝୁରି । ୩୩ ।
ପାତାଳ ସଙ୍ଗତେ ଯାର ବନ୍ଧୁପଣ
ନ ଚହ୍ନିଲି ଯେହ୍ନୁ ସବୁତା-କାରଣ । ୩୪ ।
ଅନ୍ଧାର ଯାହାର ଚିର ସହଚର
ପକ୍ଷୀ କଳରବେ ଯା' ବକ୍ଷ ମୁଖର । ୩୫ ।
ବେଢ଼ିଣ ସୁସଜ୍ଜ ଘଞ୍ଚ ଦ୍ରୁମରାଜି
ସଞ୍ଜି ପୁଷ୍ପ ଫଳେ ଅଛନ୍ତି ବିରାଜି । ୩୬ ।
ବିବର୍ଣ୍ଣ ପଲ୍ଲବେ ମଣ୍ଡିତ ସେ ତରୁ
ଯା ଦେଖି ପାଶୋର ନ ଯାଏ ମନରୁ । ୩୭ ।
କେହ୍ନୁ ରଙ୍ଗାମ୍ବର କେହ୍ନୁ ପୀତାମ୍ବର
କାର ବା ସବୁଜ-ବାସ ମନୋହର । ୩୮ ।
ଘୋଡ଼ାଇ ଗୌରବେ ହୋଇଛନ୍ତି ଉଭା
କେହ୍ନୁ ବର୍ଷୀୟାନ କେବା ନବ ଯୁବା । ୩୯ ।
କାର ଶ୍ୟାମ ଅଙ୍ଗେ ରକ୍ତିମା-ପଲ୍ଲବ
କଅଁଳିଛି ରୂପ ଧରି ଅଭିନବ । ୪୦ ।
ସତେ ଅବା ତରୁ ପ୍ରଦୋଷ ପ୍ରତୀଚୀ
ତାକୁ ଆଣି ଅଙ୍ଗେ ଆଦରେ ରଖିଛି । ୪୧ ।
କାହିଁ ଉଚ୍ଚ ଘଞ୍ଚ ଡାଳେ ମଧୁଚକ୍ର
ବାନ୍ଧି ଜଗାଇଛି ଅସଂଖ୍ୟ ରକ୍ଷକ । ୪୨ ।
ଭୁଜେ ଭୁଜ ଭିଡ଼ି ଲତା ପରେ ଲତା
ଛନ୍ଦାଛନ୍ଦି ହୋଇ ଦୋହଲନ୍ତି ମଥା । ୪୩ ।
କାର ଶ୍ୟାମ-ଅଙ୍ଗେ ଶୋଭିତ ସୁମନ
କାହାର ବା ଶ୍ୱେତ ଅସିତ ବରଣ । ୪୪ ।
ଫୁଟି ଗୋଟି ଗୋଟି ପଡ଼ନ୍ତି ଗରଭେ
ଅଳୁଲେ ମଧୁପ ଲୁଟନ୍ତି ସୌରଭେ । ୪୫ ।
ଆଦରେ ଅଧରେ ଚୁମ୍ବି ଚୁମ୍ବି ବାଇ
ପିଇଯାନ୍ତି ମଧୁ ଉଦର ପୂରାଇ । ୪୬ ।
ଝରି ଝରି ଭାବେ ଝରଣା ସତତ
ସପତ-ଗରଭେ ଝରେ ଶତ ଶତ । ୪୭ ।
ମିଶିଅଛି ମୁଣ୍ଡ ଭଣ୍ଡିମାରେ ଯେଣୁ
ଧାମନ୍ତି ଏ ତହିଁ ଦବା କିଶି ତେଣୁ । ୪୮ ।
କି କାର୍ଯ୍ୟ ସାଧନେ କେଉଁ ଅଭିପ୍ରାୟେ
ନିର୍ମିତ ଏ ଗର୍ଭ ସିନ୍ଧୁଗର୍ଭ ପ୍ରାୟେ । ୪୯ ।
ଅବା ଗୁପ୍ତାଗାର ରାଜପୁତଙ୍କର
ଗୁପ୍ତେ ରହି କରୁଥିଲେ କି ସମର ? ୫୦ ।
କୌଶଳେ ଲୁଚାଇ ନିଜ କଳେବର
ଭାଙ୍ଗୁଥିଲେ ଗର୍ବ ଅବା ଶତ୍ରୁଙ୍କର । ୫୧ ।
ଅକମି ବିକ୍ରମ ଦେଖାଇ ନ ପାରି
ଲଙ୍କା ପାଇ ଶତ୍ରୁ ଯାଉଥିଲେ ହାରି । ୫୨ ।
ଏକା ସାତପୁରୀ ପାଇଁ ନିଜ ଧନ
ରଖି ଏ ନଗରୀ ହୋଇଛି ବା ଧନ୍ୟ । ୫୩ ।
ଅବା ଆଉ କେଉଁ ରହସ୍ୟ କେ ଜାଣେ
କଳ୍ପନା କେବଳ ଏହି ଭାବ ଆଣେ । ୫୪ ।
ଧନ୍ୟ ସାତପୁରୀ ଧନ୍ୟ ଆଗୋ ଭୂମି
ତୋ ଯୋଗୁଁ କେବଳ ରହିଛି ଏ ଭୂମି । ୫୫ ।
ସେ ଦିନ ପଡ଼ୁଛି ମନେ ମୋର ଆଜି †
ଉଲ୍ଲସି ଉଠୁଛି ଅଙ୍ଗ-ଲୋମରାଜି । ୫୬ ।

* ସପ୍ତପୁରୀ—ଅରଣ୍ୟ ମଧ୍ୟରେ ଲୁକ୍କାୟିତ ଗହ୍ୱରେ ଥିବା ପୁରାତନ ସପ୍ତଗର୍ଭ ବିଶିଷ୍ଟ ଏକ ବୃହତ୍ ଗୁମ୍ଫା ।
† ସନ ୧୯୨୭ ସାଲର ଏଠାକାର ବନ୍ୟାବ୍ୟାପ୍ତି ପ୍ରାପ୍ତ ସମ୍ବନ୍ଧୁ ଜଣାଥିବ ।

ସେ ବିଷାଦ-ଭେଳ ଶୁଭୁଛି ଶ୍ରବଣେ
ଅମଙ୍ଗଳ ମୂର୍ତ୍ତି ଦିଶୁଛି ନୟନେ । ୫୭ ।
ଆଷାଢ଼ାନ୍ତେ ଯେବେ ଆସିଲା ଶ୍ରାବଣ
ଏକ ଦିନେ କଲା ଅଙ୍ଗକୁ ଭୀଷଣ । ୫୮ ।
ଘୋର ରଡ଼ି ଦେଇ ଧାଇଁଲେ ଆକାଶେ
ଖଣ୍ଡ ଖଣ୍ଡ କଳା ବଉଦ ବତାସେ । ୫୯ ।
ଘୋଟିଗଲା ଚଉଦିଗେ ଅନ୍ଧକାର
ଜଳ ସ୍ଥଳ ସବୁ ହେଲା ଏକାକାର । ୬୦ ।
ତିମିର-ବସନ ପିନ୍ଧିଲା ମେଦିନୀ
ଦିବସରେ ମାଡ଼ି ଆସିଲା ଯାମିନୀ । ୬୧ ।
ଅନ୍ତରୀକ୍ଷେ ଲୁଚି ରହିଲେ ତପନ
ଜଳଧର ଜଳ ଢାଳିଲା ଭୀଷଣ । ୬୨ ।
ତିନି ଦିନ ତିନି ରଜନୀ ସହିତ
ମନ୍ଦ୍ର ନାଦେ ମହୀ ହେଲା ଚମକିତ । ୬୩ ।
ଚୌଦିଗ କମ୍ପାଇ ଭୟଙ୍କର ନାଦେ
ଭାଙ୍ଗି ପଡ଼ିଗଲେ ଗୃହେ ଅବସାଦେ । ୬୪ ।
କୋଟି କୋଟି ଫଣୀ ଉଦ୍ଗାରି ଗରଳ
ବାହାରିଲେ ଗର୍ତ୍ତୁ ପରବେଶୁଁ ଜଳ । ୬୫ ।
ଶସ୍ୟ ଧୂଶ୍ୟାମଳା ହୋଇଥିଲା ଧରା
ଏ ଶ୍ରୀତଳେ ବୃଦ୍ଧି ହେଲା ଜଳାନ୍ତରା । ୬୬ ।
ଗୃହେଁ ଗୃହେଁ ବାସ୍ତୁ ହେଲା ଜଳମୟ
ସତେ ଅବା ଆସି ଘୋଟିଲା ପ୍ରଳୟ । ୬୭ ।
ଶସ୍ୟକ୍ଷେତ୍ରୁଁ ଶସ୍ୟ ହୋଇ ଭଣି ଭଣି
ବିଶ୍ୱଗ୍ରାସୀ ସେହି ଜଳେ ଗଲେ ଭସି । ୬୮ ।
ଦିବା ନିଶି ବୁଝି ହେଲା ଏକାକାର
କାନ୍ଦିଲେ ପ୍ରାଣୀଏ କରି ହାହାକାର । ୬୯ ।
ସେ କାଳେ ଉଣ୍ଡିନୀ ଚଣ୍ଡ-ମୂର୍ତ୍ତି ଧରି
ଆକାଶକୁ ଛୁଇଁ ଠେଲିଲା ଲହରୀ । ୭୦ ।
ଗର୍ଜିଲା ଉଦଗାରି ଫେଣ ଅବିରତ
ଉପାଡ଼ି ନେଲା ସେ ବୃକ୍ଷ ଶତ ଶତ । ୭୧ ।
ଗୃହେଁ ଗୃହେଁ ଲଂଘି ଆସିଲା କୂଳକୁ
ଜୀବଜନ୍ତୁ ସବୁ ଫିଙ୍ଗିଲା ଜଳକୁ । ୭୨ ।
କାଢ଼ି ଲହ ଲହ ଲୋଳିତ ରସନା
ଧାଇଁଲା ସେ ହୋଇ ଗୈରିକ-ବସନା । ୭୩ ।
କେତେ ଘର କେତେ ଗ୍ରାମ ଭାଙ୍ଗି ଆଣି
ଘୋର ରଡ଼ି ଦେଇ ଠେଲିଲା ଉଜାଣି । ୭୪ ।
ତା ଦେଖି ଖିଚଙ୍ଗ ହେଲା ହତଜ୍ଞାନ
ଆଜ କି ସମ୍ଭାଳି ରଖିବ ପରାଣ । ୭୫ ।
ଉପାୟ ନ ଦେଖି ଶତ ନର ନାରୀ
କାନ୍ଦିଲେ ବିକଳେ ଚାହିଁ ଅଶ୍ରୁ ବାରି । ୭୬ ।

ଚୌଦିଗେ ଉଚ୍ଛଳ କନ୍ଦନର ଭେଳ
ଜଳଭେଳେ ମିଶି ହେଲା ମହାଗୋଳ । ୭୭ ।
ଧାଆନ୍ତେ ଭଣ୍ଡିନୀ ଗ୍ରାସିବାକୁ ପୁଣି
ଓଗାଳିଲୁ ପଥ ଆଗେ ସାତମୁଖୀ । ୭୮ ।
ଯେ ଯାର ସେ ତାର ବୁଝେ ତା ବେଦନା
ବିଷାଦେ ତାହାକୁ ଦିଅଇ ସାନ୍ତ୍ୱନା । ୭୯ ।
ଦେଖି ଏ ବିକଳ ଦେଖାଇଲୁ ଛାତି
ଛାତି ପରେ ଜଳ ଆସି ଗଲା ମାତି । ୮୦ ।
ସୁଗନ୍ଧିର ତୋର ସପତ ଗରଭ
ଜଳେ ପୂର୍ଣ୍ଣ କରି ରଚିଲା ତାଣ୍ଡବ । ୮୧ ।
ମନ୍ତ୍ର-ମୁଗ୍ଧ ସମ ନ ପାରିଲା ଯାଇ
ତୋତେ ଲଂଘିଥିଲେ ସବୁ ଥାନ୍ତା ଖାଇ । ୮୨ ।
ତା ଦେଖି ଖିଚଙ୍ଗ ହୋଇଲା ଉଶ୍ୱାସ
ଭୟ ଗଲା ଯହୁଁ ଛାଡ଼ିଲା ନିଶ୍ୱାସ । ୮୩ ।
ତୋ ଯୋଗେ ସଙ୍କଟୁଁ ହେଲା ଯହୁଁ ପାରି
ଗାଇଲା ତୋ ଜୟ କରତାଳି ମାରି । ୮୪ ।
କୁଟେଇଚଣ୍ଡୀ ତୋ ରଜଇ ଦକ୍ଷିଣେ *
ବିନା ମୂଲ୍ୟେ ଯେହ୍ନେ ମନ ପ୍ରାଣ କିଣେ । ୮୫ ।
ଶୋଭାମୟୀ ଏହି ଖିଚଙ୍ଗ ନଗରୀ—
ଗର୍ଭରେ ଏ ଶୋଭା ସଜ ପୁଷ୍ପ ପରି । ୮୬ ।
ଆଜ ଯେତେ ସବୁ ସୌନ୍ଦର୍ଯ୍ୟର ଖଣି
ସେ ଖଣିରେ ଏହୁ ଅଟେ ଦିବ୍ୟ ମଣି । ୮୭ ।
ଫୁଟଇ ବସନ୍ତେ ନାନା ପୁଷ୍ପମାନ
ମାତ୍ର ଶତଦଳ-ରୂପେ କେ ସମାନ ? । ୮୮ ।
ଅର୍ଯ୍ୟ ରୂପେ ଆସି ଏ ଉତ୍କଳ ରାଜ୍ୟ
ବିଶ୍ୱକର୍ମା ଗଢ଼ି ଗଲେ କି ଏ କାର୍ଯ୍ୟ ! । ୮୯ ।
ସ୍ୱର୍ଗୁଁ ହରି ଆଣି ସର୍ବ ଶୋଭା-ପ୍ରଭା
ମଞ୍ଜୁଳ କରିଲେ ଏ ଦେଉଳେ ଅବା ! । ୯୦ ।
ଓଡ଼ିଶାର ଯଶ-ପୌରୁଷ-ନିଶାଣ
ଉଡ଼ାଇ ଏଠାରେ କଲେ କି ପ୍ରୟାଣ । ୯୧ ।
ହେ ଉତ୍କଳ-ମୁଖ-ଉଜ୍ଜ୍ୱଳକାରକ !
ହତାଶ ପ୍ରାଣର ଆଶା-ପ୍ରଦାୟକ । ୯୨ ।
ଛାଡ଼ ସବୁ ଆଶା ନ ପାଇ ଭରସା
ବିଷାଦେ ଏ ଦେଶ ହୋଇଛି ବିବଶା । ୯୩ ।
ସୁଯୋଗ୍ୟ ହେଲେହେଁ ନିଜ ମର୍ଯ୍ୟାଦାରେ
ହତଭାଗ୍ୟ ଆଜି ପଡ଼ିଛି ଅନ୍ଧାରେ । ୯୪ ।
କେବଳ ତୁ ତହିଁ ଆଶା-ଦୀପ ଜାଳି
ଆଶ୍ୱାସନା ଦେଇ ପୋଛୁଅଛୁ କାଳି । ୯୫ ।
ତୋତେ ଦେଖି ସେହି ଭାବୁଅଛି ମନେ
ଫୁଟିବ ମୋ ଫୁଲ ଆଶାର କାନନେ । ୯୬ ।

* କୁଟେଇଚଣ୍ଡୀ ନାମକ ମାତୃସ୍ଥାନ ନିକଟସ୍ଥ ମହାଦେବ ମନ୍ଦିର ।



Digitized by srujanika@gmail.com

# ଦେଶୀୟ ରାଜ୍ୟ ସମାଚାର

## ହାଇଦ୍ରାବାଦ

### କୋଇଲା ଖଣିର ବ୍ୟବସ୍ଥା

ହାଇଦ୍ରାବାଦ ନିଜାମଙ୍କ ରାଜ୍ୟରେ ସିଙ୍ଗାରେନି ଓ ତାନ୍ଦୁର କୋଇଲା ଖଣି ଦୁଇଟି ସବୁଠାରୁ ବଡ଼ । ସିଙ୍ଗାରେନି ବେଜ୍‌ଓଆଡ଼ାର ଉତ୍ତରକୁ ୯୦ ମାଇଲ ଓ ତାନ୍ଦୁର ହାଇଦ୍ରାବାଦର ଉତ୍ତର-ପୂର୍ବ ସୀମାରେ ୧୫୦ ମାଇଲ ଦୂରରେ ଅବସ୍ଥିତ । ଏହି ଦୁଇଟି ଖଣିରୁ ଯେଉଁ କୋଇଲା ବାହାରେ ତାହା ବଙ୍ଗଦେଶରେ ଆମଦାନି ହେଉଥିବା ପ୍ରଥମ ଶ୍ରେଣୀ କୋଇଲା ସଙ୍ଗେ ସମାନ । ଭାରତବର୍ଷ ମଧ୍ୟରେ ଏହି ଦୁଇଟି ଖଣିରେ ଆଧୁନିକ ସମସ୍ତ ପ୍ରକାର ଆବଶ୍ୟକୀୟ ସରଞ୍ଜାମ ଥିବାର ଜଣାଯାଏ । ଏହା ଛଡ଼ା ସିଙ୍ଗାରେନି କୋଇଲା କମ୍ପାନି ତାହାର କର୍ମୀମାନଙ୍କର ଜୀବନ ରକ୍ଷା ପାଇଁ ଯେଉଁ ସବୁ ଉପାୟ ଅବଲମ୍ବନ କରିଅଛନ୍ତି ଏବଂ ଯେଉଁ ଉପାୟରେ ସୁନ୍ଦର ରୂପେ ଏବଂ ସମ୍ପୂର୍ଣ୍ଣ ଭାବରେ କୋଇଲା ବାହାର କରୁଅଛନ୍ତି ତାହା ଭାରତର କୋଇଲା ଖଣିଗୁଡ଼ିକୁ ରକ୍ଷା କରିବା ଦିଗରେ ଏକ ଆଦର୍ଶ କହିଲେ ଚଳେ ।

ଏହି ଦୁଇଟି କୋଇଲା ଖଣି ରାଜ୍ୟର ଗୋଟିଏ ପ୍ରଧାନ ଶିଳ୍ପ ହୋଇପଡ଼ିଛି ଓ ବର୍ଷରେ ଦୁଇ ନିୟୁତ ଟନ୍‌ରୁ ଅଧିକ କୋଇଲା ତହିଁରୁ ଆମଦାନି ହେଉଅଛି । ସିଙ୍ଗାରେନି କୋଇଲା ଖଣି ନିକଟରେ ନୂତନ ଗର୍ତ୍ତସବୁ ଖୋଳା ଯାଉଅଛି । ଆଶା କରାଯାଏ ସେଗୁଡ଼ିକରୁ ଉଚ୍ଚ ଶ୍ରେଣୀର କୋଇଲା ପ୍ରଚୁର ପରିମାଣରେ ମିଳିବ ।

## ଶିକ୍ଷା

ରାଜ୍ୟର ସମସ୍ତ ବିଦ୍ୟାଳୟ ଗୁଡ଼ିକରେ ଅଧ୍ୟୟନ କରୁଥିବା ଛାତ୍ରମାନଙ୍କ ମଧ୍ୟରେ ବୃତ୍ତିଭୋଗୀ ଛାତ୍ରଙ୍କ ସଂଖ୍ୟା ଶତକଡ଼ା ୧୬·୯ । ଗତ ବର୍ଷର ବିବରଣୀରୁ ଜଣାଯାଏ ଯେ ଅନୁନ୍ନତ ଶ୍ରେଣୀର ଛାତ୍ରମାନଙ୍କ ପାଇଁ ୧୩୦ ଗୋଟି ବିଦ୍ୟାଳୟ ଓ ବାଳିକାମାନଙ୍କ ପାଇଁ ୭୧୪ ଗୋଟି ବିଦ୍ୟାଳୟ ରାଜ୍ୟ ମଧ୍ୟରେ ଥିଲା ଓ ମୋଟ ଛାତ୍ର ସଂଖ୍ୟା ୪୯,୧୪୨ ଥିଲା । ତନ୍ମଧ୍ୟରୁ ଗୋଟିଏ ପ୍ରଥମ ଶ୍ରେଣୀର କଲେଜ ଅଛି । ଛାତ୍ରମାନଙ୍କୁ ସେମାନଙ୍କର ଶିକ୍ଷା ସମାପ୍ତି କରିବା ପାଇଁ ୧·୪୨ ଲକ୍ଷ ପର୍ଯ୍ୟନ୍ତ ଟଙ୍କା କରଜ ଦିଆଯାଇ ଥିବାର ପ୍ରକାଶ ।

## ମହୀସୂର

### ଜଳସେଚନ ବ୍ୟବସ୍ଥାର ଉନ୍ନତି

ମହୀସୁରର ମହାରାଜା ସାହେବ ଗତ ଜାନୁଆରୀ ମାସ ୨୦ ତାରିଖରେ କୁନିଗାଲ୍ ତାଲୁକରେ ଥିବା ମାର୍କୋନାହାଲି ଜଳ ଭଣ୍ଡାରର ଭିତ୍ତି ସ୍ଥାପନ କରିଥିଲେ । ଉକ୍ତ ଜଳ-ଭଣ୍ଡାରର ସର୍ବମୋଟ ଆୟତନ ୧୫୮୪ ବର୍ଗ ମାଇଲ ଓ ତନ୍ମଧ୍ୟରୁ ୧୩୦ ବର୍ଗ ମାଇଲରେ ସର୍ବଦା ଜଳ ରହିବ । ବାର୍ଷିକ ହାରାହାରି ବୃଷ୍ଟି ପରିମାଣ ଅନୁପାତରେ ( ୨୬ ଇଞ୍ଚ ) ଓ କେନାଲ ସଂଖ୍ୟା ଦୃଷ୍ଟିରେ ଏହି ଜଳ-ଭଣ୍ଡାରରୁ ମୋଟରେ ୫୬,୨୬୪ ଇଉନିଟ୍ ଜଳ ସରବରାହ ହୋଇ ପାରିବ ବୋଲି ଅନୁମାନ କରାଯାଏ । ଏଥି ଭିତରୁ ଉପରର ଜଳାଶୟଗୁଡ଼ିକ ପ୍ରାୟ ୪୭,୮୧୦ ଇଉନିଟ ଜଳ ଟାଣିନେବ ଏବଂ ଜଳ-ଭଣ୍ଡାରରେ ବାକି ୮,୪୫୪ ଇଉନିଟ ଜଳ ସଞ୍ଚିତ ରହିବ । ଯେତିକି ଜମିରେ ଜଳ ମାଡ଼ ରହିବ ତାହାର ଆୟତନ ୩,୦୯୪ ମାଣ । କାର୍ଯ୍ୟ ଶେଷ ହେଲା ପରେ ବନ୍ଧର ଲମ୍ବ ୪୫୬ ଫୁଟ ହେବ ଏବଂ ନଦୀଗର୍ଭର ଗଭୀରତମ ପ୍ରଦେଶରେ ଏହି ବନ୍ଧର ଉଚ୍ଚତା ୭୩ ଫୁଟ ହେବ । ଏହି ବନ୍ଧରେ ପାଞ୍ଚୋଟି ସ୍ରୋତ-ଦ୍ୱାର ରହିବ ।

ନଦୀର ବାମ ପାର୍ଶ୍ୱରେ ଥିବା ସ୍ଥାନ ଗୁଡ଼ିକରେହିଁ ଜଳ ସେଚନ ସମ୍ଭବପର ହେବ । ଦକ୍ଷିଣ ପାର୍ଶ୍ୱରେ ଥିବା ସ୍ଥାନ ଗୁଡ଼ିକ ଅନେକ ନାଳଦ୍ୱାରା ବିଚ୍ଛିନ୍ନ ହୋଇ ଥିବାରୁ ଓ ଗୋଟିଏ ସ୍ରୋତ ଥିବାରୁ ସେ ଅଞ୍ଚଳରେ ଜଳ ଯୋଗାଇବାର ସୁବିଧା ନାହିଁ । ଏହି ସ୍ରୋତର ଦୈର୍ଘ୍ୟ ୧୮½ ମାଇଲ ଓ ଏହାର ପାର୍ଶ୍ୱରେ ଥିବା ୧୧,୭୦୦ ମାଣ ଜମି ମଧ୍ୟରୁ ୧୦,୦୦୦ ମାଣ ଜମିରେ କୃଷି କରାଯିବାର ବନ୍ଦୋବସ୍ତ କରା ହେଉଅଛି ।

ଉକ୍ତ ଜଳ-ଭଣ୍ଡାରର ନିର୍ମାଣ କାର୍ଯ୍ୟ ପାଇଁ ୫୦୦୦ ଲୋକ ଦରକାର ହେବେ । ଜଣାଯାଏ ଯେ ଏହି ବନ୍ଧଦ୍ୱାରା ଯେଉଁ ପ୍ରଜାମାନଙ୍କର ବିଶେଷ ଉପକାର ହେବ ସେମାନେ ମାଣ ପ୍ରତି ୧୭୫ ଟଙ୍କା ଲେଖାଏଁ ଦେବା ପାଇଁ ସ୍ୱୀକୃତ ହୋଇଅଛନ୍ତି । ଶୁଷ୍କ ଜମିରେ ଜଳ ଯୋଗାଇବା ପାଇଁ ମାଣ ପିଛା ୬ ଟଙ୍କା ଲେଖାଏ ଓ ଜଳ ଜମିରେ ମାଣ ପିଛା ୨ ଟଙ୍କା ଲେଖାଏ ଜଳକର ଧାର୍ଯ୍ୟ ହେବ ।

ବନ୍ଧ ନିର୍ମାଣ ପାଇଁ ଯେତେ ଟଙ୍କା ଖର୍ଚ୍ଚ ହେବ ସେଥିମଧ୍ୟରୁ ଶତକଡ଼ା ୪·୮୧ ଟଙ୍କା ଉକ୍ତ ଜଳକର ଦ୍ୱାରା ଆଦାୟ ହେବ । ମହୀସୁର ସରକାର ଏଥିପାଇଁ ୨୨ ଲକ୍ଷ ଟଙ୍କା ମଞ୍ଜୁର କରିଅଛନ୍ତି ଓ ପାଞ୍ଚ ବର୍ଷ ମଧ୍ୟରେ ଏହାର କାର୍ଯ୍ୟ ଶେଷ କରିବାର ବ୍ୟବସ୍ଥା କରିଅଛନ୍ତି ।



Digitized by srujanika@gmail.com

## ପ୍ରଜାମାନଙ୍କ ପ୍ରତି ଆଂଶିକ ସାହାଯ୍ୟ

ମହୀଶୂର ରାଜ୍ୟର କେତେକ ଅଂଶରେ ତାହା ଜମି ଗୁଡ଼ିକ ଉପରେ ଖଜଣା ଅତିରିକ୍ତ ଭାବରେ ଧାର୍ଯ୍ୟ ହୋଇଥିବାରୁ ଓ ସେ ଅଞ୍ଚଳର ପ୍ରଜାମାନେ ବାରମ୍ବାର ଆପତ୍ତି ଦରଖାସ୍ତ କରିବାରୁ ମହୀଶୂର ସରକାର ମାଣ ପ୍ରତି ଟ ୩୲ ଖଜଣା ଧାର୍ଯ୍ୟ ଥିବା ସ୍ଥଳେ ତାହାକୁ ଟ ୨୲ ପର୍ଯ୍ୟନ୍ତ କମାଇ ଦେଇଅଛନ୍ତି । ଏହାଦ୍ୱାରା ସରକାରଙ୍କ ଭୂମି ରାଜସ୍ୱରେ ୧,୩୮,୦୦୦ ଟଙ୍କା ଓ ଶିକ୍ଷା କରରେ ୧୩,୦୦୦ ଟଙ୍କା କ୍ଷତି ହେବ ବୋଲି ହିସାବ କରି ଯାଇଅଛି । ବଗିଚା ଗୁଡ଼ିକ ଉପରେ ଧାର୍ଯ୍ୟ ଥିବା ଜମା ଶତକରା ୧୨½ ଭାଗ ହିସାବରେ କିଛି ଦିନ ପାଇଁ କମାଇ ଦେଇଅଛନ୍ତି । ଶେଷୋକ୍ତ ଜମା ହ୍ରାସ ଦ୍ୱାରା ବର୍ଷରେ ପ୍ରାୟ ୩୦,୦୦୦ ଟଙ୍କା ରାଜସ୍ୱରୁ ଊଣା ପଡ଼ିବ ବୋଲି ଜଣାଯାଏ ।

## ତ୍ରିବାଙ୍କୁଡ଼

### ଆଦର୍ଶ ଉପନିବେଶ

ଶୁଣାଯାଏ ଯେ ତ୍ରିବାଙ୍କୁଡ଼ ସରକାର ଅନୁନ୍ନତ ଶ୍ରେଣୀର ଲୋକମାନଙ୍କ ପାଇଁ ଚଙ୍ଗାନଚେରୀ ତାଲୁକର କୁରିଶିଠାରେ ଗୋଟିଏ ଆଦର୍ଶ ଉପନିବେଶ ସ୍ଥାପନ କରୁଅଛନ୍ତି । ଏଥିପାଇଁ ୧୧୨.୭୬ ଏକର ସରକାରୀ ଜମି ପୃଥକ କରି ରଖା ହୋଇଅଛି ଓ ସେଠାରେ ପ୍ରାୟ ୭୫ କିମ୍ବା ୧୦୦ ଜଣ ଗୃହସ୍ଥ ବାସ କରି ପାରିବେ । ଗୃହ ନିର୍ମାଣ ପାଇଁ ପ୍ରତ୍ୟେକ ଗୃହସ୍ଥକୁ ୨୫ ଡେସିମିଲ ଲେଖାଁଏ ଜମି ଦିଆଯିବ ଓ ଅବଶିଷ୍ଟ ଜମିରେ ଉକ୍ତ ବାସିନ୍ଦାମାନେ ଏକତ୍ର ମିଳି କୃଷି କରିବେ । ସେମାନଙ୍କର ସାଧାରଣ ବ୍ୟବହାର ପାଇଁ ଗୃହ ନିର୍ମାଣ ସକାଶେ ମଧ୍ୟ ସେଥିରୁ ଜମି ଛାଡ଼ି ଦିଆଯିବ । ୬୦ ଟଙ୍କାରୁ ୭୫ ଟଙ୍କା ମଧ୍ୟରେ ବ୍ୟୟ କରାଯାଇ ଗୋଟିଏ ଗୋଟିଏ ଗୃହ ନିର୍ମାଣ କରାଯିବ । ଷ୍ଟେଟ୍ ଏହି ସମସ୍ତ ଖର୍ଚ୍ଚ ବହନ କରିବେ ଏବଂ ଏହି ଗୃହଗୁଡ଼ିକର ଦଖଲ ସ୍ୱତ୍ୱ ଷ୍ଟେଟ୍ ହାତରେ ରହିବ ।

ଯେତେଗୁଡ଼ିଏ ଗୃହ ଓ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଯେତେଗୋଟି କୂପ ଆବଶ୍ୟକ ହେବ ତାହାର ନିର୍ମାଣ ଭାର ସରକାର ବହନ କରିବେ ଏବଂ ରାସ୍ତା କଡ଼କୁ ଲଗାଇ ପ୍ରତ୍ୟେକ ଘରର ପାଚେରି ତିଆରି କରାଇଦେବେ । ଏହି ସମସ୍ତ ଗୃହ ଓ କାନ୍ଥ ତିଆରି କରିବା ପାଇଁ ଉକ୍ତ ବାସିନ୍ଦାମାନଙ୍କୁ ହିଁ ନିଯୁକ୍ତ କରାଯିବ ଓ ସେଥିପାଇଁ ତାଙ୍କର ଚଳିବା ଭଳି ମଜୁରି ଦିଆଯିବ । କୃଷି ପାଇଁ ଯେଉଁ ଜମି ପୃଥକ ରଖା ଯାଇଅଛି ସେଠାରେ ସେମାନେ ଏକତ୍ର ମିଳି କୃଷି କରିବେ ଓ ସେଥିପାଇଁ ଦୈନିକ ମଜୁରି ମଧ୍ୟ ସେମାନଙ୍କୁ ମିଳିବ । କୃଷି ପାଇଁ ଯାହା ଖର୍ଚ୍ଚ ହେବ ତାହା ଷ୍ଟେଟ୍ ବହନ କରିବେ । ଉକ୍ତ କୃଷିରୁ ବର୍ଷ ଶେଷରେ ଯାହା ଆୟ ହେବ ସେଥିରୁ ଏହି ଖର୍ଚ୍ଚ କାଟି ନେଇ ଅବଶିଷ୍ଟ ଧନ ସେହି ବାସିନ୍ଦାମାନଙ୍କ ମଧ୍ୟରେ ଭାଗ କରି ବାଣ୍ଟି ଦିଆଯିବ । ସମସ୍ତ ଉପନିବେଶ ଜଣେ କର୍ମଚାରୀଙ୍କ ଅଧୀନରେ ରହିବ ଓ ସରକାର ସେହି କର୍ମଚାରୀଙ୍କୁ ନିଯୁକ୍ତ କରିବେ । ଅନୁନ୍ନତ ଶ୍ରେଣୀର ଲୋକଙ୍କ ରକ୍ଷା କରିବା ପାଇଁ ନିଯୁକ୍ତ ହୋଇଥିବା ଉପରିସ୍ଥ ରାଜକର୍ମଚାରୀ ଉକ୍ତ କର୍ମଚାରୀଙ୍କର କାର୍ଯ୍ୟ ପରିଦର୍ଶନ କରିବେ ।

## ଶିଳ୍ପ ବ୍ୟାଙ୍କ

ତ୍ରିବାଙ୍କୁଡ଼ ସରକାର ମାର୍ଚ୍ଚ ମାସ ୧୬ ତାରିଖରେ ଗୋଟିଏ ନୂତନ ଶିଳ୍ପ-ବ୍ୟାଙ୍କ ପ୍ରତିଷ୍ଠା କରୁଅଛନ୍ତି । ଏହି ବ୍ୟାଙ୍କ ଦୁଇ ଗୋଟି ଉଦ୍ଦେଶ୍ୟ ନେଇ ଆରମ୍ଭ କରି ଯାଉଅଛି । ପ୍ରଥମତଃ କୃଷକମାନଙ୍କର ଋଣଭାର ଲାଘବ କରିବା ଓ ଦ୍ୱିତୀୟତଃ ରାଜ୍ୟରେ ଶିଳ୍ପର ଉନ୍ନତି କରିବା । ଷ୍ଟେଟ୍ ବ୍ୟବସ୍ଥାପକ ସଭା ବ୍ୟାଙ୍କ ଆଇନ ଉପସ୍ଥାପିତ କରିବେ ଓ ତାହା ଷ୍ଟେଟ୍ ଶ୍ରୀଚିତ୍ର କାଉନ୍‌ସିଲରେ ମଞ୍ଜୁର ହେବ । ଏହି ବ୍ୟାଙ୍କ ପ୍ରଥମେ ୧୦ କୋଟି ଟଙ୍କା ମୂଳଧନରେ ଆରମ୍ଭ ହେବ ଓ ସେଥି ମଧ୍ୟରୁ ୨୫ ଲକ୍ଷ ଟଙ୍କା ବର୍ତ୍ତମାନ ସଂଗୃହୀତ ହେବ । ଏହା ଛଡ଼ା ଯଦି ଆହୁରି ଅଧିକା ମୂଳଧନର ଆବଶ୍ୟକ ହେବ ତାହାହେଲେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଦଲିଲ (ଡିବେଞ୍ଚର) ଦ୍ୱାରା ଉକ୍ତ ଟଙ୍କା ଯୋଗାଇବାର ବ୍ୟବସ୍ଥା କରାଯିବ ।

## ନୂତନ ବିଶ୍ୱବିଦ୍ୟାଳୟ

ତ୍ରିବାଙ୍କୁଡ଼ର ମହାରାଜାଙ୍କ ଦ୍ୱାରା ତ୍ରିବାଙ୍କୁଡ଼ ବିଶ୍ୱ-ବିଦ୍ୟାଳୟ ୧୯୩୮ ମାର୍ଚ୍ଚ ମାସରେ ପ୍ରତିଷ୍ଠିତ ହେବ ଓ ତାହା ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟଠାରୁ ସମ୍ପୂର୍ଣ୍ଣ ପୃଥକ ହେବ । ଷ୍ଟେଟ୍‌ର ପ୍ରଧାନ ସମସ୍ୟା ଗୁଡ଼ିକ ସହିତ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷ ସମ୍ପର୍କ ରହିବ । ଉଦାହରଣ ସ୍ୱରୂପ ବିଶ୍ୱବିଦ୍ୟାଳୟରୁ ଜଙ୍ଗଲ ସମ୍ବନ୍ଧରେ ଜ୍ଞାନ ଲାଭ କରିଥିବା ପ୍ରବୀଣ ବ୍ୟକ୍ତି ଷ୍ଟେଟ୍‌ର ଜଙ୍ଗଲ-ଜାତ ଦ୍ରବ୍ୟ ଗୁଡ଼ିକ ବିଷୟରେ ବୈଜ୍ଞାନିକ ଗବେଷଣା କରିବେ ଏବଂ ଗୃହ ନିର୍ମାଣ କାର୍ଯ୍ୟ ପାଇଁ କିମ୍ବା ଅନ୍ୟାନ୍ୟ ଆବଶ୍ୟକୀୟ କାର୍ଯ୍ୟରେ ଲୁହା କଡ଼ି ବରଗା ପରିବର୍ତ୍ତିରେ ତ୍ରିବାଙ୍କୁଡ଼ର କାଠ କଡ଼ି ଓ ବରଗା ବ୍ୟବହାର କରାଯାଇ ପାରିବ କି ନା ତାହା ପରୀକ୍ଷା କରିବେ । ଲୁହା ପରିବର୍ତ୍ତିରେ ଏହିପରି କାଠର କଡ଼ି ଇତ୍ୟାଦି ଜାପାନ, ସ୍କାଣ୍ଡିନେଭିଆ ଓ ଅନ୍ୟାନ୍ୟ ଦେଶମାନଙ୍କରେ ଆଜିକାଲି ବ୍ୟବହୃତ ହେଉଅଛି । ତାହାର ଫଳରେ କମ୍ ଖର୍ଚ୍ଚ ହେଉଛି ଅଥଚ ଗୃହଗୁଡ଼ିକର ଦୃଢ଼ତା କିମ୍ବା ସ୍ଥାୟିତ୍ୱ ସମ୍ବନ୍ଧରେ କିଛି ପ୍ରଭେଦ ରହୁ ନାହିଁ । ତ୍ରିବାଙ୍କୁଡ଼ରେ ଗୋଟିଏ ବଡ଼ ପୋଲ ନିର୍ମାଣ କରିବା ପାଇଁ ପରୀକ୍ଷା ସ୍ୱରୂପ ଲୌହ ପରିବର୍ତ୍ତିରେ କାଠ ବ୍ୟବହାର କରାଯିବ ଓ ତଦ୍ୱାରା ଖର୍ଚ୍ଚ ପ୍ରାୟ ଅଧେ କମିଯିବ ବୋଲି ହିସାବ କରି ଦେଖା ଯାଇଅଛି ।

ଗୋଟିଏ ପ୍ରଧାନ ଗବେଷଣାଗାର ଓ ଗୋଟିଏ ଶିଳ୍ପ ଅନୁଷ୍ଠାନ ଉକ୍ତ ବିଶ୍ୱବିଦ୍ୟାଳୟର ପ୍ରଧାନ ଅଙ୍ଗ ହେବ । ବିଶ୍ୱବିଦ୍ୟାଳୟ ଗବେଷଣା ବିଭାଗର ଡାଇରେକ୍ଟର ଡକ୍ଟର କେ. ଏଲ୍. ମନ୍ଦଗିଲ୍‌ଙ୍କ ତତ୍ତ୍ୱାବଧାନରେ ଉକ୍ତ ବିଭାଗ ରହିବ ଏବଂ ପ୍ରତ୍ୟେକ ବିଭାଗର ଲାବରେଟରୀମାନଙ୍କରୁ ସମସ୍ତ ଆବଶ୍ୟକୀୟ ସରଞ୍ଜାମ ଆଣି ସେ ଏହି ବିଭାଗ ଖୋଲିବେ । ଆଗ୍ରା ବିଶ୍ୱବିଦ୍ୟାଳୟର ପ୍ରାଣୀ-ବିଦ୍ୟା-ବିଶାରଦ ପ୍ରଫେସର ଡକ୍ଟର ସି. ସି. ଜୋନ୍ସ ଏହି ବିଶ୍ୱବିଦ୍ୟାଳୟର



Digitized by srujanika@gmail.com

ସାମୁଦ୍ରିକ ଜୀବ-ବିଜ୍ଞାନ ଓ ମତ୍ସ୍ୟପାଳନ ବିଷୟରେ ପ୍ରଫେସର ନିଯୁକ୍ତ ହୋଇଅଛନ୍ତି ।

## ଯକ୍ଷ୍ମାନିବାରଣ ଚିକିତ୍ସାଳୟ

ମହାମାନ୍ୟା ଲେଡ଼ି ଲିନ୍‌ଲିଥ୍‌ଗୋଙ୍କ ଦ୍ୱାରା ସ୍ଥାପିତ ଯକ୍ଷ୍ମା-ନିବାରଣ ପାଣ୍ଠିକୁ ତ୍ରିବାଙ୍କୁଡ଼ର ମହାରାଜା ମହୋଦୟ ଏକ ଲକ୍ଷ ଟଙ୍କା ଦାନ କରିଅଛନ୍ତି । ଉକ୍ତ ଦାନରୁ ଷ୍ଟେଟ୍ ଶତକଡ଼ା ୯୫ ଟଙ୍କା ହିସାବରେ ଯେଉଁ ଟଙ୍କା ଫେରସ୍ତ ପାଇବେ, ତାହା ଗୋଟିଏ ଯକ୍ଷ୍ମା-ନିବାରଣ ଚିକିତ୍ସାଳୟ ଓ ସ୍ୱାସ୍ଥ୍ୟ-ନିବାସ ନିର୍ମାଣରେ ବ୍ୟୟିତ ହେବ ।

## ଡାକ ବିଭାଗ

ଯେଉଁ କେତେଗୋଟି ଦେଶୀୟରାଜ୍ୟ ଅଧୀନରେ ନିଜର ଡାକବିଭାଗ ରହିଅଛି, ସେମାନଙ୍କ ମଧ୍ୟରେ ତ୍ରିବାଙ୍କୁଡ଼ ଏକତମ । ଏହି ବିଭାଗକୁ ସେଠାରେ "ଅଞ୍ଚଲ" ବୋଲି କୁହାଯାଏ । ଗତ ବର୍ଷ ଏହି ବିଭାଗରେ ଡାକ ଲାଇନ ସଂଖ୍ୟା ୧୫୭୭ ପର୍ଯ୍ୟନ୍ତ ବଢ଼ି ଯାଇଥିଲା । ପୋଷ୍ଟ ଅଫିସ ସଂଖ୍ୟା ମୋଟରେ ୩୧୬ ଗୋଟି ଥିଲା ଓ ତହିଁ ମଧ୍ୟରୁ ୧୮୪ ଗୋଟି ଡାକ ବିଭାଗ ତତ୍ତ୍ୱାବଧାନରେ ଏବଂ ଅବଶିଷ୍ଟ ଗୁଡ଼ିକ ବେସରକାରୀ ଭାବରେ କାର୍ଯ୍ୟ କରୁଥିଲେ । ଗତ ବର୍ଷ ଡାକବିଭାଗ ଦ୍ୱାରା ମୋଟରେ ୨,୩୦,୬୪,୬୨୯ ଗୋଟି ପାର୍ଶେଲ ଓ ଅନ୍ୟାନ୍ୟ ଚିଠିପତ୍ର ବଣ୍ଟା ଯାଇଥିଲା ଏବଂ ଡାକ ପିଅନଙ୍କ ସଂଖ୍ୟା ଅନୁପାତରେ ହିସାବ କଲାବେଳେ ପ୍ରତ୍ୟେକ ଡାକ ପିଅନକୁ ହାରାହାରି ୩୫,୦୨୯ ଗୋଟି ପାର୍ଶେଲ ବା ଚିଠିପତ୍ର ବଣ୍ଟନ କରିବାକୁ ପଡ଼ିଥିଲା । ଉପରୋକ୍ତ ହିସାବରୁ ଡାକବିଭାଗର କାର୍ଯ୍ୟ-କୁଶଳତାର ପରିଚୟ ମିଳୁଅଛି । ଗତ କେତେକ ବର୍ଷ ମଧ୍ୟରେ ଡାକବିଭାଗ ସେଭିଂସ୍ ବ୍ୟାଙ୍କ୍ ମଧ୍ୟ ଉନ୍ନତି କରିଅଛି ବୋଲି ଜଣାଯାଏ । ଏହି ବର୍ଷ ବର୍ଷାରମ୍ଭରେ ସେଭିଂସ୍ ବ୍ୟାଙ୍କରେ ମୋଟ ୮,୨୮,୨୫,୪୩୦ ଟଙ୍କା ଜମା ଥିଲା । ସର୍ବସାଧାରଣଙ୍କ ଦ୍ୱାରା ବ୍ୟବହୃତ ଡାକ ଟିକଟରୁ ଏହି ବିଭାଗର ଆୟ ବର୍ଷ ମଧ୍ୟରେ ୨,୪୭,୪୫୮ ଟଙ୍କା ଓ ସରକାରୀ କାର୍ଯ୍ୟରେ ବ୍ୟବହୃତ ଡାକ ଟିକଟରୁ ୧,୪୩,୪୯୧ ଟଙ୍କା ଆୟ ହୋଇଥିଲା । ବର୍ଷ ମଧ୍ୟରେ ଏହି ବିଭାଗରେ ୩,୮୪,୯୮୨ ଟଙ୍କା ଖର୍ଚ୍ଚ ହୋଇଥିଲା ।

## ଭାବନଗର

### ଋଣଭାର ମୋଚନର ବ୍ୟବସ୍ଥା

ଭାବନଗର ରାଜ୍ୟର ବିଭିନ୍ନ ଅଞ୍ଚଳରେ ଗତ ୪୮ ବର୍ଷ ମଧ୍ୟରେ ପ୍ରଜାକୁଳର ଋଣଭାର ମୋଚନର ବ୍ୟବସ୍ଥା କରା ଯାଇ-ଅଛି । ଅଳ୍ପ ଦିନ ପୂର୍ବେ ଅନୁସନ୍ଧାନ କରି ଦେଖା ଯାଇଥିଲା ଯେ ଏହି ବ୍ୟବସ୍ଥା ଦ୍ୱାରା ସନ୍ତୋଷଜନକ ଫଳ ମିଳିଅଛି । ପ୍ରାୟ ୩୦,୦୦୦ ପ୍ରଜାଙ୍କ ମଧ୍ୟରୁ ଶତକଡ଼ା ମାତ୍ର ୬ ଜଣ ନୂତନ ଋଣ ଗ୍ରହଣ କରିଅଛନ୍ତି ଓ ଏହି ଋଣର ପରିମାଣ ମୋଟରେ ୨,୫୦,୬୧୩ ଟଙ୍କା । କିନ୍ତୁ ଉକ୍ତ ଋଣ ସେମାନଙ୍କ ଦ୍ୱାରା ପୂର୍ବରୁ ପରିଶୋଧ କରା ହୋଇଥିବା ପୁରୁଣା ଋଣ ବାବଦ୍ ୮୬,୪୦,୨୯୩ ଟଙ୍କାର ଶତକଡ଼ା ୩ ଭାଗ ଅଟେ । ତାହା ଛଡ଼ା ସେମାନେ ଯେଉଁ ନୂତନ ଋଣ କରିଅଛନ୍ତି, ତାହା ସାମୟିକ ଓ କେବଳ ସେମାନଙ୍କର ଗୃହ ଖର୍ଚ୍ଚ ପାଇଁ । ତାହାକୁ ସେମାନେ ଫସଲ ଅମଦାନି ସମୟରେ ପରିଶୋଧ କରିବେ । ଉଦାହରଣ ସ୍ୱରୂପ, ବୋଟାଡ଼ ମହାଲରେ ୧୯୩୬ ଅକ୍ଟୋବର ମାସରେ ମୋଟରେ ୫୨,୬୮୧ ଟଙ୍କା ଋଣ ଥିଲା । ଅଥଚ ପରବର୍ତ୍ତୀ ଛଅ ମାସ ମଧ୍ୟରେ ଏହା ୧୯,୦୪୫ ଟଙ୍କା ପର୍ଯ୍ୟନ୍ତ କମି ଯାଇଥିଲା । କାରଣ ଫସଲ ଅମଦାନି ସମୟରେ ସେମାନେ ଏହି ଟଙ୍କା ପରିଶୋଧ କରିଥିଲେ । ବର୍ତ୍ତମାନ ହିସାବରୁ ଜଣାଯାଏ ଯେ ଶତକଡ଼ା ୬୨ ଗୋଟି ଗ୍ରାମର ଲୋକେ ସମ୍ପୂର୍ଣ୍ଣ ଭାବରେ ଋଣମୁକ୍ତ ହୋଇ-ଅଛନ୍ତି ଓ ସେମାନଙ୍କର ସାମୟିକ ଋଣଭାର ମଧ୍ୟ ନାହିଁ । ଏହା ଛଡ଼ା ଋଣଭାରବିଶିଷ୍ଟ ୨୦୩ ଗୋଟି ଗ୍ରାମ ମଧ୍ୟରୁ ୭୯ ଗୋଟି ଗ୍ରାମରେ କୃଷକମାନଙ୍କ ମଧ୍ୟରୁ ଶତକଡ଼ା ୫ ଜଣରୁ କମ ଲୋକଙ୍କର ଋଣ ଅଛି । ପୁଣି ୫୧ ଗୋଟି ଗ୍ରାମରେ ଶତକଡ଼ା ୫ ଠାରୁ ୧୦ ପର୍ଯ୍ୟନ୍ତ ଓ ୬୫ ଗୋଟି ଗ୍ରାମରେ ଶତକଡ଼ା ୧୦ ରୁ ୩୦ ଜଣ ପର୍ଯ୍ୟନ୍ତ କୃଷୀଙ୍କର ଋଣ ଅଛି । ୨୮ ଗୋଟି ଗ୍ରାମରେ କୃଷକମାନଙ୍କ ମଧ୍ୟରୁ ଶତକଡ଼ା ୩୦ ଜଣ ବେଶୀ ଋଣୀ ଥିବାର ଦେଖା ଯାଇଥିଲା ଓ କେବଳ ୧୦ ଗୋଟି ଗ୍ରାମରେ ଋଣୀ ଲୋକଙ୍କ ସଂଖ୍ୟା ଶତକଡ଼ା ୫୦ ଜଣରୁ ବେଶୀ ଥିଲା ।

ଉକ୍ତ ଋଣ ମୋଚନ ବ୍ୟବସ୍ଥା କରିବା ପୂର୍ବରୁ କୃଷକମାନଙ୍କ ବିରୁଦ୍ଧରେ ଦେଓଆନି ଅଦାଲତରେ ଅନେକ ମକଦ୍ଦମା ଦାଏର ହେଉଥିଲା କିନ୍ତୁ ବର୍ତ୍ତମାନ ଏହି ମକଦ୍ଦମା ସଂଖ୍ୟା ତଥା ଟଙ୍କାର ପରି-ମାଣ ଅନେକ ଗୁଣରେ କମିଅଛି । ଅତିରିକ୍ତ ସୁଧ ଆଦାୟ ସମ୍ବନ୍ଧରେ ଦାଏର ହେଉଥିବା ମାଲ ମକଦ୍ଦମା ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇ ନ ଥିଲେହେଁ ଅନେକ ପରିମାଣରେ କମି ଯାଇଅଛି । ଅନୁନ୍ନତ ଓ ମୂର୍ଖ ଶ୍ରେଣୀର କୃଷକମାନେ ଯେଉଁ ଅଞ୍ଚଳରେ ବାସ କରନ୍ତି ସେହିଠାରେ ଏ ସମସ୍ତ ଗୋଳମାଳ ଘଟିଥାଏ । ଯେଉଁମାନେ ନୂତନ ଋଣ ଗ୍ରହଣ କରୁଅଛନ୍ତି, ସେମାନେ ତାହା ନିଜ ନିଜର ଅବଶ୍ୟକୀୟ ଗୃହ ଖର୍ଚ୍ଚ ପାଇଁ ନ କରି ସମାଜର କଠୋର ନିୟମା-ନୁଯାୟୀ ବିବାହ ଓ ଶ୍ରାଦ୍ଧକ୍ରିୟା ସକାଶ ଅଯଥା ଖର୍ଚ୍ଚ କରୁଅଛନ୍ତି । ଏହି ସବୁ ସାମାଜିକ ବିଷୟରେ କିପରି ଭାବରେ ଖର୍ଚ୍ଚ କରିବାକୁ ହେବ ସେ ସମ୍ବନ୍ଧରେ ଷ୍ଟେଟ୍ କର୍ତ୍ତୃପକ୍ଷ ବ୍ୟବସ୍ଥାପକ ସଭାରେ ସ୍ଥିର କରି ଦେଇଅଛନ୍ତି ।

ମହାଜନ କବଳରୁ କୃଷକମାନଙ୍କୁ ରକ୍ଷା କରିବା ପାଇଁ ଷ୍ଟେଟ କୃଷି ଓ କୃଷି ସରଞ୍ଜାମ ପାଇଁ ଅଳ୍ପ ସୁଧରେ ତଗାବି ଋଣ ମଞ୍ଜୁର କରୁଅଛନ୍ତି । କେତେକ ସ୍ଥଳରେ ତାହା ବିନା ସୁଧରେ ଓ ବେଶୀ ଟଙ୍କା ଋଣ ନେଲେ ସ୍ୱଳ୍ପ ସୁଧରେ ଦିଆ ଯାଉଅଛି । ଋଣଭାରରୁ କୃଷକମାନଙ୍କୁ ରକ୍ଷା କରିବା ପାଇଁ ଏହା ଛଡ଼ା ଜମି ହସ୍ତାନ୍ତର ନିଷିଦ୍ଧ ବ୍ୟବସ୍ଥାମାନ ମଧ୍ୟ କରା ଯାଇଅଛି ।



ଛ

୧ । ଗୋଟିଏ କମ୍ପା ଖୋଲିଛି ଗାଈ ଋଣ ତାଙ୍କର ନିଜ ଗୃହ ଲାଗି ବଳଦ କିଣିବା ପାଇଁ କୃଷକମାନଙ୍କୁ ଉତ୍ସାହିତ କରା ଯାଉଅଛି ।

୨ । ସମବାୟ ଋଣ ସମିତିର ସଂଖ୍ୟା ବୃଦ୍ଧି ।

୩ । ଗ୍ରାମ୍ୟ ପଞ୍ଚାୟତ ପ୍ରଥାର ପ୍ରସାର ।

୪ । ଯେଉଁ ସ୍ଥଳରେ ଟଙ୍କା ଅଦାୟ ହେବାର ନିଶ୍ଚିତ, ସେ ସ୍ଥଳରେ ଅଧିକ ତଗାବି ଋଣ ମଞ୍ଜୁର କରିବା ।

ଉକ୍ତ ତଗାବି ଋଣ ଦେବାରେ କୌଣସି ଗୋଳମାଳ ନ ହେବା ପାଇଁ ତାହା ଗ୍ରାମ୍ୟ ପଞ୍ଚାୟତ କମ୍ପା ସମବାୟ ସମିତି ଜରିଆରେ ଦିଆ ଯାଉଅଛି । ଉକ୍ତ ଋଣ ଟଙ୍କା ମଞ୍ଜୁର କରିବାରେ ସାଧାରଣ ଅଫିସ ନିୟମାନୁଯାୟୀ ଯେପରି ବିଳମ୍ବ ନ ଘଟେ, ସେଥିପାଇଁ ଷ୍ଟେଟ ରାଜସ୍ୱବିଭାଗ ସନ୍ତୋଷଜନକ ରୂପେ କାର୍ଯ୍ୟ କରୁଥିବା ଗ୍ରାମ୍ୟ ପଞ୍ଚାୟତ ଗୁଡ଼ିକର ନିଷ୍ପତ୍ତି ଉପରେ ତାହା ଛାଡ଼ ଦେବାର ବନ୍ଦୋବସ୍ତ କରୁଅଛନ୍ତି । ସେମାନେ ଗ୍ରାମର ଭୂରାଜସ୍ୱର କେତେକ ଅଂଶ ତାଙ୍କର ନିଜ ଦାୟିତ୍ୱରେ ତଗାବି ଋଣ ରୂପେ ମଞ୍ଜୁର କରି ପାରିବେ ବୋଲି ସେମାନଙ୍କୁ କ୍ଷମତା ଦିଆଯାଉଅଛି ।

# ପୁସ୍ତକ-ପରିଚୟ

**ପ୍ରବନ୍ଧ-ସୋପାନ**:—ଶ୍ରୀ ବିପିନ ବିହାରୀ ରାୟଙ୍କ କୃତ । ୧୪୪ ପୃଷ୍ଠା । ମୂଲ୍ୟ ଏକ ଟଙ୍କା ମାତ୍ର ।

ଅଧ୍ୟାପକ ଶ୍ରୀ ବିପିନ ବିହାରୀ ରାୟ ଚିନ୍ତାଶୀଳ ପ୍ରବନ୍ଧଲେଖକ ରୂପେ ଓଡ଼ିଶାରେ ସୁପରିଚିତ । 'ନବ-ଭାରତ' 'ଉତ୍କଳ-ସାହିତ୍ୟ' ଓ 'ସହକାର' ମାସିକ ପତ୍ରିକାମାନଙ୍କରେ ତାଙ୍କ ପ୍ରବନ୍ଧ ଅନେକଙ୍କର ଦୃଷ୍ଟି ଆକର୍ଷଣ କରିଅଛି । ଉକ୍ତ ପ୍ରବନ୍ଧ ଗୁଡ଼ିକ ଏବଂ ଉତ୍କଳ ସାହିତ୍ୟ ସମାଜର ଏକ ବିଶେଷ ଅଧିବେଶନରେ ପଠିତ 'କେଉଁଆଡ଼େ ?' ଶୀର୍ଷକ ପ୍ରବନ୍ଧଟିର ଏକତ୍ର ସମାବେଶରେ ପୁସ୍ତକଟି ପ୍ରକାଶିତ । ଧର୍ମ, ମନସ୍ତତ୍ତ୍ୱ, ନୀତି, ସମାଜ, ରାଜନୀତି ଏବଂ ସାହିତ୍ୟ ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ପ୍ରବନ୍ଧ ଗୁଡ଼ିକ ଲିଖିତ ହୋଇଅଛି । ଭାବର ଗଭୀରତା ଓ ଗାମ୍ଭୀର୍ଯ୍ୟ ଅନୁପାତରେ ଭାଷା ମଧ୍ୟ ସରଳ ସୁବୋଧ ହୋଇଅଛି । ଶ୍ରୀ ବ୍ରଜସୁନ୍ଦର ଦାସ ପୁସ୍ତକଟିର ଗୋଟିଏ ଦୀର୍ଘ ମୁଖବନ୍ଧ ଲେଖି କହିଅଛନ୍ତି, "ପୁସ୍ତକଟି ବିବିଧ ଚିନ୍ତା-ରତ୍ନ-ଖଚିତ ଷୋଳଟି ସୋପାନ-ବିଶିଷ୍ଟ ଗୋଟିଏ ଅମୂଲ୍ୟ ସାହିତ୍ୟ-ସୌଧ । ମୋର ମନେହୁଏ, ସ୍ୱାଧୀନ-ଚିନ୍ତା-ପ୍ରସୂତ ଓ ନିରପେକ୍ଷ ଲେଖନୀ-ନିଃସୃତ ଏହି ପ୍ରବନ୍ଧ ଗୁଡ଼ିକ ପାଠକର ଚିନ୍ତାକୁ ଅନ୍ତର୍ମୁଖୀ କରି ସ୍ୱାଧୀନ-ଚିନ୍ତାର ଦ୍ୱାର ଉନ୍ମୋଚନ କରିବାରେ ସମର୍ଥ ହେବ ।" ଆମ୍ଭେମାନେ ପ୍ରବନ୍ଧଗୁଡ଼ିକ ମଧ୍ୟରୁ ଅଳ୍ପ କେତେ ଗୋଟି ବାକ୍ୟ ଉଦ୍ଧାର କରି ଭାବ-ଅଭିବ୍ୟକ୍ତିରେ ଲେଖକଙ୍କର ନୈପୁଣ୍ୟ ପ୍ରତି ପାଠକମାନଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁଁ ।

'ମୂଲ୍ୟ ପ୍ରସଙ୍ଗ' ପ୍ରବନ୍ଧରେ ସେ କହିଅଛନ୍ତି—"ଜନ-ସଂଖ୍ୟା ଗୁଣସୃଷ୍ଟି କରି ନ ପାରେ, ଗୁଣ ଥିଲେ ତାହାର ସମୃଦ୍ଧି ଘଟାଇବାରେ ସହାୟତା କରେ । ବହୁତ ଲୋକ ଥିଲେ ଯେ କାର୍ଯ୍ୟ ଭଲ ହୁଏ, ଏମନ୍ତ ନୁହେ । ଭଲ କାର୍ଯ୍ୟ ପାଇଁ ଭଲ ଲୋକ ଆବଶ୍ୟକ । ମୂଲ୍ୟ ଜଗତରେ ଭଲ ଲୋକର ସ୍ଥାନ ବେଶୀ ଲୋକର ଉପରେ ।"

* * * *

"ସମାଜର ମଙ୍ଗଳ ଜୀବନ୍ତ ବର୍ଦ୍ଧିଷ୍ଣୁ ନରନାରୀ ସୃଷ୍ଟିରେ ଅଛି—ନର ପ୍ରକୃତିକ ନାରୀ ବା ନାରୀ ପ୍ରକୃତିକ ନରର ସୃଷ୍ଟିରେ ନାହିଁ ।"

* * * *

"ଚିନ୍ତା ଚିନ୍ତାରେ ରହିଗଲେ, କାର୍ଯ୍ୟ ଚିନ୍ତା-ବିଯୁକ୍ତ ହେଲେ, ପ୍ରତ୍ୟେକର ମୂଲ୍ୟ ସମଧିକ ପରିମାଣରେ ହ୍ରାସ ହୁଏ ।"

"ବ୍ୟକ୍ତି ଓ ଜାତି" ପ୍ରବନ୍ଧରେ କହିଅଛନ୍ତି—"ବ୍ୟକ୍ତିବିଚ୍ଛିନ୍ନ ଜାତି ଅବାସ୍ତବ; ଜାତି-ବିଚ୍ଛିନ୍ନ ବ୍ୟକ୍ତି ଅସାର ଜଡ଼ ପଦାର୍ଥ ତୁଲ୍ୟ ।"

"ପରିବର୍ତ୍ତନ ଓ ପ୍ରଗତି" ପ୍ରବନ୍ଧରେ—"ପ୍ରଗତି ପରିବର୍ତ୍ତନ ସାପେକ୍ଷ; କିନ୍ତୁ ପରିବର୍ତ୍ତନ ମାତ୍ରେ ପ୍ରଗତି ନୁହେ ।"

ପୁଣି, "କାଳ ଓ ସୃଷ୍ଟି" ପ୍ରବନ୍ଧରେ—"ପୁରାତନ ଓ ନୂତନ ମୂଳତଃ ଏକ । ଯାହା ନୂତନ, ତାହା ପୁରାତନର ଅଭିନବ ସାଜସଜ୍ଜା ।"

**ସାମୟିକ**—( ଗଳ୍ପ ବହି ) ସନାତନ ମହାନ୍ତିଙ୍କ କୃତ । ୧୬୨ ପୃଷ୍ଠା । ମୂଲ୍ୟ ଆଠ ଅଣା ମାତ୍ର । ପୁସ୍ତକଟିରେ ନଅ ଗୋଟି ଛୋଟ ଗପ ସନ୍ନିବେଶିତ ଅଛି । ସେଥି ଭିତରୁ ଦୁଇଟି ଗପ ଇଂରାଜୀ ଗପର ଛାୟାରେ ଏବଂ ଗୋଟିଏ ଇଂରାଜୀରୁ ଅନୂଦିତ । ବାକି ଗୁଡ଼ିକ ଲେଖକଙ୍କର ମୌଳିକ ସୃଷ୍ଟି । ବହିଟିର ଆଦ୍ୟରେ ଲେଖକ କହି ଅଛନ୍ତି, " ଏହି କ୍ଷୁଦ୍ର ପୁସ୍ତକଟିର ଉଦ୍ଦେଶ୍ୟ ଅବକାଶ ରଞ୍ଜନ ।" ଆମ୍ଭମାନଙ୍କର ମନେହୁଏ ଏହି ଉଦ୍ଦେଶ୍ୟ ସିଦ୍ଧି ପାଇଁ ପୁସ୍ତକଟି ସମ୍ପୂର୍ଣ୍ଣରୂପେ କ୍ଷମ ହୋଇଅଛି । ଗଳ୍ପ ଗୁଡ଼ିକର ପରିକଳ୍ପନା ଯେପରି ଆମୋଦ-ଦାୟକ ତାହାର ପରିଚ୍ଛଦ ଅର୍ଥାତ୍ ଭାଷା ଓ ପ୍ରକାଶ-ଭଙ୍ଗୀ ମଧ୍ୟ ସେହିପରି ମୋହିତ କରେ । ଗଳ୍ପ ଉପନ୍ୟାସର ଅନ୍ୟାନ୍ୟ ଗୁଣ ଭିତରେ ଗୋଟିଏ ବିଶେଷ ଗୁଣ ଏହି ଯେ ତାହା କର୍ମ-କ୍ଳାନ୍ତ ପାଠକର ଶ୍ରମ ଅପନୋଦନ କରି ମନରେ ଆନନ୍ଦ ସଞ୍ଚାର କରେ । ତେଣୁ ତାହା ପାଠ କରିବା ପାଇଁ ଯଦି ଶ୍ରମ ସ୍ୱୀକାର କରାହୁଏ, ତେବେ ତାହା ଗଳ୍ପର ବିଶେଷ ଦୋଷ ବୋଲି



Digitized by srujanika@gmail.com

ଲୁଚିବାକୁ ହେବ ! "ସାମୟିକ"ରେ ଏପରି ଦୋଷ ବିରଳ । ପ୍ରମାଣ ଦ୍ୱାରା ଏ କଥାର ପ୍ରତିପାଦନ କରିବା ଏଠାରେ ସମ୍ଭବପର ନୁହେ । କିନ୍ତୁ ଗଳ୍ପଗୁଡ଼ିକର ସ୍ଥାନେ ସ୍ଥାନେ ଯେଉଁ ସବୁ ପ୍ରାଞ୍ଜଳ ଓ ଉପଭୋଗ୍ୟ ବର୍ଣ୍ଣନା ଦେଖିବାକୁ ମିଳେ, ତହିଁ ମଧ୍ୟରୁ ଗୋଟିଏ ଏଠାରେ ଉଦ୍ଧାର କରାଯାଇ ପାରେ । "ଇନ୍ଦ୍ରଦେବୀ" ଶୀର୍ଷକ ପ୍ରଥମ ଗଳ୍ପରେ—"ଭାରତବର୍ଷର ପୂର୍ବ ପ୍ରାନ୍ତରେ ଓଡ଼ିଶା ବୋଲି ଯେଉଁ ମରୁଭୂମି ଖଣ୍ଡିକ ଅଛି, ଶୁଣାଯାଏ, ତାହା ଦିନେ ଥିଲା ସୁଜଳା, ସୁଫଳା, ମଳୟଜ ଶୀତଳା । ତାହା ଥିଲା ସ୍ୱର୍ଣ୍ଣପ୍ରସୂ, ବୀରପ୍ରସୂ, ହିନ୍ଦୁ ସ୍ୱାଧୀନତାର ଶେଷ ଆଶ୍ରୟଭୂମି । ସେଥିରେ ଥିଲା, କାବ୍ୟ କବିତା କାହାଣୀର କେଳିକୁଞ୍ଜ । ତାର ନଦୀ ପର୍ବତ ବନାନୀରେ ଥିଲା ସ୍ୱାସ୍ଥ୍ୟ ଏବଂ ସୌନ୍ଦର୍ଯ୍ୟ । ତାର ସମୁଦ୍ର ତଟର ପ୍ରଶସ୍ତ ପ୍ରସ୍ତରପଟ୍ଟ ଉପରେ ଫୁଟି ଉଠିଥିଲା ସ୍ଥପତିର ଯେଉଁ ଶୃଙ୍ଗ-ଚାର-ଲେଖା, ତାହା ଯେପରି ବିରାଟ ସେହିପରି ସୁକୁମାର, ଯାହାର ଭଗ୍ନାବଶେଷ ଆଜି ମଧ୍ୟ ସମଗ୍ର ପୃଥିବୀର ବିସ୍ମୟ ଉତ୍ପାଦନ କରୁଛି । କିନ୍ତୁ ସେ ଦିନ ଆଉ ରହିଲା ନାହିଁ । ସମୟର ରଥଚକ୍ର ଆବର୍ତ୍ତନରେ ଗଲା ଚାଲିକି । ଦେଶ ଉପରେ ମାଡ଼ି ଆସିଲା ଅନାହାର, ଦୁର୍ଭିକ୍ଷ, ମହାମାରୀ, ମଡ଼କ, ଅତିବୃଷ୍ଟି, ଅନାବୃଷ୍ଟି, ବନ୍ୟାବିପତ୍ତି ଏବଂ ଅବିଦ୍ୟାର ପୁଞ୍ଜୀଭୂତ ଅନ୍ଧକାର ।" ଏହା ଅବଶ୍ୟ ଗଳ୍ପକାରଙ୍କ ବର୍ଣ୍ଣନା ଶୃଙ୍ଖଳାର ଗୋଟିଏ ଦିଗର ନମୁନା ।

କିନ୍ତୁ ଗଳ୍ପଗୁଡ଼ିକ ପାଠକଲେ ମନେ ହେବ, ଲେଖକଙ୍କର ମୌଳିକତା ବର୍ଣ୍ଣନା-ଭଙ୍ଗୀରେ ଯେତେ ଫୁଟି ନାହିଁ, ଫୁଟିଛି ଚରିତ୍ର ସୃଷ୍ଟିରେ । ସେ ସୃଷ୍ଟି ଯେପରି ଜୀବନ୍ତ, ସେହିରୂପ ବାସ୍ତବ ଏବଂ ଆଧୁନିକ । "ଇନ୍ଦ୍ରଦେବୀ", "ଭୂଆଁବୁଲା", "ଡେହେରାର କରାମତି" ବା "କଳାପାଦ୍ରୀ" ପ୍ରଭୃତି ଗଳ୍ପଗୁଡ଼ିକ କେବଳ ଯେ ଓଡ଼ିଶାର ଆଧୁନିକ ଖ୍ରୀଷ୍ଟିଆନ ସମାଜର ବିଚକ୍ଷଣ ସମାଲୋଚନା ରୂପେ ଆମ୍ଭମାନଙ୍କର ପାଠ୍ୟ, ତାହା ନୁହେ ; ଅତ୍ୟାଧୁନିକ ହିନ୍ଦୁ ସମାଜ ପ୍ରତି ମଧ୍ୟ ତାହା ସମ୍ପୂର୍ଣ୍ଣରୂପେ ପ୍ରଯୋଜ୍ୟ । କେତେ ବର୍ଷ ହେଲା ଆଧୁନିକ ଓଡ଼ିଆ ସାହିତ୍ୟରେ ଏପରି ସୂକ୍ଷ୍ମ ବିଚାର, ତୀବ୍ର ଚରିତ୍ର ବିଶ୍ଳେଷଣ, ସ୍ୱୀୟ ସମାଜର ବ୍ୟର୍ଥତା ଉପରେ କଠୋରପେଷ ସମାଲୋଚନା ଅଥଚ ପ୍ରାଣପୂର୍ଣ୍ଣ ଗଳ୍ପ-ସୃଷ୍ଟି ଦେଖିବାକୁ ପାଇ ନ ଥିଲୁଁ । ଆଧୁନିକ ଓଡ଼ିଆ ସାହିତ୍ୟରେ ଏହି ଗଳ୍ପଗୁଡ଼ିକ ସହଜରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଅଛି ।

**ଭକ୍ତିମୀମାଂସା ଦର୍ଶନମ୍**—ଶ୍ରୀ ନରୋତ୍ତମାନନ୍ଦ ଦେବ ବେଦାନ୍ତ-ବାଚସ୍ପତି କୃତ । ସମ୍ପାଦକ ଶ୍ରୀ ବାଞ୍ଛାନିଧି ରଥ । ପ୍ରକାଶକ—ଧର୍ମ ସାହିତ୍ୟ ମନ୍ଦିର, ପୁରୀ । ୯୯ ପୃଷ୍ଠା, ମୂଲ୍ୟ ଚାରି ଅଣା ।

ଶତାଧିକ ଶାଣ୍ଡିଲ୍ୟ ସୂତ୍ରର ସଂସ୍କୃତ ଟୀକା ଏବଂ ଓଡ଼ିଆ ଗଦ୍ୟାନୁବାଦ ସହିତ ପୁସ୍ତକଟି ପ୍ରକାଶିତ । ବର୍ତ୍ତମାନ ପାଶ୍ଚାତ୍ୟ ଦର୍ଶନ ଓ ବିଜ୍ଞାନର ପ୍ରଭାବରେ ଭାରତୀୟ ଚିନ୍ତାଧାରା ଆନ୍ଦୋଳିତ । ଭାରତୀୟ ପ୍ରାଚୀନ ଦର୍ଶନରେ ମଧ୍ୟ ଆଧୁନିକ ମାନବ ସମାଜ ପ୍ରତି ଯେଉଁ ମହତ୍ତର ଦାନ ନିହିତ ଅଛି, ଯୁଗର ଏହି ସନ୍ଧିସ୍ଥଳରେ ସେଥି ସହିତ ଏ ଦେଶବାସୀ ପରିଚିତ ହେବା ଆବଶ୍ୟକ । ଶାଣ୍ଡିଲ୍ୟ ସୂତ୍ର ଗୁଡ଼ିକର ଓଡ଼ିଆ ବ୍ୟାଖ୍ୟା ଏ ଦିଗରେ ଓଡ଼ିଆ ପାଠକମାନଙ୍କୁ ସାହାଯ୍ୟ କରିବ ବୋଲି ମନେହୁଏ । ଭାରତୀୟ ସମସ୍ତ ଦର୍ଶନ ଗ୍ରନ୍ଥ ଓଡ଼ିଆ ଭାଷାରେ ବ୍ୟାଖ୍ୟା ସହିତ ପ୍ରକାଶିତ ହୋଇନାହିଁ । କ୍ରମେ ସେ ଗୁଡ଼ିକ ପ୍ରକାଶିତ ହେଲେ ଓଡ଼ିଆ ଭାଷାର ମଧ୍ୟ ଶ୍ରୀବୃଦ୍ଧି ହେବ । ଲେଖକ ଏବଂ ସମ୍ପାଦକ ଏ ଦିଗରେ ଯତ୍ନବାନ୍ ହେଲେ ଦେଶର ବହୁ ଅଭାବ ଦୂର କରି ପାରିବେ ବୋଲି ଆଶାକରୁଁ । ସାଧାରଣଙ୍କର ସହଜ-ଲଭ୍ୟ ହେବା ପାଇଁ ପୁସ୍ତକଟିର ମୂଲ୍ୟ ଯଥେଷ୍ଟ ଅଳ୍ପ ହୋଇଅଛି ।

# ଚକ୍ଷୁଲାଭ

## ଶ୍ରୀ ରାଧାମୋହନ ଗଡ଼ନାୟକ

ଯାଉଁ ଯାଉଁ ସଦ୍ୱଶିଷ୍ୟ ଅନାହାରୀ ବାବା ମହିମା ଗୋସାଇଁ,
ଉପପଥ କୂପଗର୍ଭୁଁ ଉଦ୍ଧାରିଲେ ଥରେ ଏକ ଅନ୍ଧ ଜନେ ।
କୃତଜ୍ଞତା-ଭରା-କଣ୍ଠେ ଅନ୍ଧ କହି ଉଠେ ଉଦାସ ବଚନେ,
"କିଏ ତୁମେ ଦୟାବନ୍ତ, ଉଦ୍ଧାରିଲ ମୋତେ କହ, କାହିଁପାଇଁ ?
ଅନ୍ଧ ମୁଁ, ଜୀବନଯାକ ପୋଡ଼ି ମରୁଥିଲି ଦୁଃଖ କ୍ଲେଶ ପାଇ
ମରି ତରି ଯାଇଥାନ୍ତି ନିଃସନ୍ତ ଜଙ୍ଗଲେ । ପୁଣି କ'ଣ ହେବ?
ଜୀବନ ରଖିଲ ଏବେ ଚକ୍ଷୁ କ'ଣ ଫେରି ଦେବ ତୁମେ ଦେବ ?"
"ଅଚ୍ଛା ବାବା, ଚକ୍ଷୁ ତୁମେ ପାଇବ" କହିଲେ ମହିମା ଗୋସାଇଁ ।

ଚାଲିଲେ ବାବାଙ୍କ ସଙ୍ଗେ ଅନ୍ଧ ଭୀମଭୋଇ ଉତ୍ସାହ-ଉଦ୍ଭ୍ରାନ୍ତ
ଗ୍ରାମେ ଗ୍ରାମେ ରାଜ୍ୟେ ରାଜ୍ୟେ ଅଲେଖ-ଭଜନ ବୋଲି ଧାବମାନେ ।
ପ୍ରବ୍ରଜ୍ୟାର ଦୀକ୍ଷା ଧରି ବାହୁଲେ ଜୀବନ ଦିନକର ପ୍ରାନ୍ତେ
ଗୁରୁଙ୍କୁ କହଇ ଅନ୍ଧ, "ଦେଖିଲି, ଦେଖିଲି ! ଅନ୍ଧତା ମୋ ଦୂର ।
ଅନ୍ତରେ ଦେଖଇଁ ଆଜି ସୃଷ୍ଟିର ସୌଷ୍ଠବ ବିରାଟ ବିପୁଳ,
ବିଶ୍ୱର ଯେତେକ ଯା ଦୃଶ୍ୟ । ଏତେ ଦିନେ ଚକ୍ଷୁ ଦେଲ ମହାପ୍ରଭୁ ।"
"ଚକ୍ଷୁ ଦେଇ ନାହିଁ ମୁଁ ତ," କହିଲେ ଗୋସାଇଁ "ନାହିଁ ମେ ଶକତି,
ଚକ୍ଷୁ ପାଇଅଛ ତୁମେ ଅଲେଖ ଆଲୋକ ଅଲେଖ ପ୍ରଭୁର !"

# ସମ୍ବାଦ ଓ ସଙ୍କେତ

## ସନ୍ଧି-ଦିବସ

ଅନ୍ୟାନ୍ୟ ବର୍ଷ ପରି ଗତ ନଭେମ୍ବର ମାସ ୧୧ ତାରିଖରେ ମୟୂରଭଞ୍ଜରେ ଯଥାବିଧି ସନ୍ଧି-ଦିବସ ପ୍ରତିପାଳିତ ହୋଇଥିଲା। ବାରିପଦା ପୋଲିସ ପଡ଼ିଆରେ ବ୍ରିଟିଶ ପତାକା ଉତ୍ତୋଳିତ ହେଲା ପରେ ପୋଲିସ ଫୌଜ ପରେଡ଼ କରିଥିଲେ ଓ ବ୍ୟାଣ୍ଡ ବାଦ୍ୟ ବାଜିଥିଲା। ସ୍ଥାନୀୟ କର୍ମଚାରୀମାନେ ସେଠାରେ ସମବେତ ହୋଇ-ଥିଲେ। ମଫସଲ ସବ୍-ଡିଭିଜନମାନଙ୍କରେ ମଧ୍ୟ ଏହି ଶୁଭ ଦିନଟି ପ୍ରତିପାଳିତ ହୋଇଥିଲା।

## ମିଷ୍ଟର ଏଚ୍. ଡେପି

ଓଡ଼ିଶା ଶିକ୍ଷାବିଭାଗୀୟ ଡିରେକ୍ଟର ମିଷ୍ଟର ଏଚ୍. ଡେପି. ଏମ୍. ଏ (ଅକ୍ସନ), ଆଇ. ଇ. ଏସ୍., ଓ. ଏସ୍. ଓ., ସି. ଆଇ. ଇ. ଗତ ନଭେମ୍ବର ମାସରେ ପାଟନା ବିଶ୍ୱବିଦ୍ୟାଳୟ ସହିତ ଅନ୍ତର୍ଭୁକ୍ତ ଥିବା ସମ୍ପର୍କରେ ବାରିପଦା ଉଚ୍ଚ ଇଂରାଜୀ ବିଦ୍ୟାଳୟ ପରିଦର୍ଶନ କରିବାକୁ ଆସିଥିଲେ। ସେ ଛାତ୍ରାବାସ ଦୁଇଟି ବୁଲି ଦେଖିଥିଲେ ଏବଂ ବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀକୁ ମଧ୍ୟ ଯାଇଥିଲେ। ଗୋଟିଏ ଶ୍ରେଣୀର କ୍ରୀଡ଼ା ମଧ୍ୟ ସେ ପରିଦର୍ଶନ କରିଥିଲେ ଏବଂ ସବୁଥିରେ ପ୍ରୀତ ହୋଇଥିଲେ।

## ବ୍ରାହ୍ମ ମନ୍ଦିରରେ ସଭା

ନଭେମ୍ବର ମାସ ୧୯ ତାରିଖ ସନ୍ଧ୍ୟା ସମୟରେ ବାରିପଦା ବ୍ରାହ୍ମମନ୍ଦିରରେ ବ୍ରହ୍ମାନନ୍ଦ କେଶବ ଚନ୍ଦ୍ର ସେନଙ୍କ ଜନ୍ମଶତ ବାର୍ଷିକ ଜନ୍ମୋତ୍ସବ ଉପଲକ୍ଷରେ ଏକ ସଭା ହୋଇଥିଲା। ସ୍ଥାନୀୟ ଅନେକ ବିଶିଷ୍ଟ ବ୍ୟକ୍ତି ଓ ସ୍କୁଲ ଛାତ୍ର ଏହି ସଭାରେ ଉପସ୍ଥିତ ଥିଲେ। ଶ୍ରୀଯୁକ୍ତ ଯୋଗେନ୍ଦ୍ର ନାଥ ଗୁପ୍ତ ସଭାପତି ନିର୍ବାଚିତ ହୋଇ-ଥିଲେ ଏବଂ ଡକ୍ଟର ଏସ୍. ମୁଖାର୍ଜି, ଶ୍ରୀଯୁକ୍ତ ଦିବ୍ୟସିଂହ ପାଣିଗ୍ରାହୀ ଓ ଶ୍ରୀଯୁକ୍ତ ଲାଲ ମୋହନ ପତି କେଶବ ଚନ୍ଦ୍ରଙ୍କ ଜୀବନୀ ସମ୍ବନ୍ଧରେ ବକ୍ତୃତା କରିଥିଲେ। ସଭାପତି ମହୋଦୟ ବ୍ରହ୍ମାନନ୍ଦଙ୍କର ବାଲ୍ୟ ଜୀବନ ସମ୍ବନ୍ଧରେ ଅନେକ କଥା କହିଥିଲେ। ପ୍ରାର୍ଥନା ଓ ସଙ୍କୀର୍ତ୍ତନ ଦ୍ୱାରା ସଭାଟି ଚିତ୍ତାକର୍ଷକ ହୋଇଥିଲା।

## ମୟୂରଭଞ୍ଜର ପ୍ରାଚୀନ ରାଜଧାନୀ ଖିଚିଙ୍ଗରେ ବିଶିଷ୍ଟ ପରିଦର୍ଶକ

ନଭେମ୍ବର ମାସ ୧୮ ତାରିଖରେ ବିହାର, ଓଡ଼ିଶା ଓ ମଧ୍ୟ-ପ୍ରଦେଶର ଜଏଣ୍ଟ ପବ୍ଲିକ୍ ସର୍ଭିସ୍ କମିଶନର ଚେୟାରମ୍ୟାନ ମିଷ୍ଟର ଜି. ଇ. ଫକାସ୍, ତାଙ୍କର ସହଧର୍ମିଣୀ ଓ ଜଣେ ଆତ୍ମୀୟାଙ୍କ ସହିତ ମୟୂରଭଞ୍ଜର ପ୍ରାଚୀନ ରାଜଧାନୀ ଖିଚିଙ୍ଗର ଐତିହାସିକ ଶିଳ୍ପ-କଳାର ଭଗ୍ନାବଶେଷ ଦେଖିବାକୁ ଆସିଥିଲେ। ସେମାନେ ସେଠାରେ ଉପସ୍ଥିତ ହୋଇ ଯାଦୁଘରରେ ସୁରକ୍ଷିତ ମୂର୍ତ୍ତିମାନ ଦେଖିଥିଲେ ଏବଂ କୀଚକେଶ୍ୱରୀ ଠାକୁରାଣୀଙ୍କ ମନ୍ଦିର ଚତୁଃପାର୍ଶ୍ୱରେ ପଡ଼ିଥିବା ପ୍ରସ୍ତର ଖଣ୍ଡମାନଙ୍କର ଚମତ୍କାର କାରୁକାର୍ଯ୍ୟ ଦେଖି ମୁଗ୍ଧ



ଖିଚିଙ୍ଗରେ ମିଷ୍ଟର ଫକାସ୍ ଓ ତାଙ୍କର ପରିବାର।

ହୋଇଥିଲେ। ଚନ୍ଦ୍ରଶେଖର ଓ କୁଣ୍ଠାଇତୁଣ୍ଡୀ ମନ୍ଦିର ଏବଂ ବଡ଼ ଦେଉଳର ବର୍ତ୍ତମାନ ନିର୍ମାଣ କାର୍ଯ୍ୟ ଦେଖି ମଧ୍ୟ ବିଶେଷ ପ୍ରୀତ ହୋଇଥିଲେ। ତତ୍‌ପରେ ପ୍ରାଚୀନ ଦୁର୍ଗ ବିରାଟଗଡ଼ର ଭଗ୍ନାବଶେଷ ଓ ସ୍ତମ୍ଭଗୁଡ଼ିକ ଦେଖି ସେହି ଦିନ ମଟର ଯୋଗେ ସେମାନେ ମେଦିନୀପୁର ରାସ୍ତା ଦେଇ ଫେରି ଯାଇଥିଲେ।



Digitized by srujanika@gmail.com

## ମୟୂରଭଞ୍ଜର ଶ୍ରମିକମାନଙ୍କ ପାଇଁ କ୍ଷତିପୂରଣର ଆଦେଶ

ଶ୍ରମିକମାନେ କୌଣସି କାରଖାନାରେ କାର୍ଯ୍ୟ କରୁଥିବା ସମୟରେ ସେମାନଙ୍କର ମୃତ୍ୟୁ ହେଲେ କିମ୍ବା କେହି ଅକ୍ଷମ ହୋଇ ପଡ଼ିଲେ ସେମାନଙ୍କୁ କ୍ଷତିପୂରଣ ଦେବା ସମ୍ବନ୍ଧରେ ଉପରୋକ୍ତ ଆଦେଶରେ ଯଥୋଚିତ ବ୍ୟବସ୍ଥା କରି ଯାଇଅଛି ଏବଂ ଏହାର ଏକ ସଂଶୋଧିତ ଆଦେଶ ନଭେମ୍ବର ୨୨ ତାରିଖ ଷ୍ଟେଟ ଗେଜେଟରେ ପ୍ରକାଶିତ ହୋଇଅଛି । ଏଥିରେ ମାସିକ ବେତନରେ କାର୍ଯ୍ୟ କରୁଥିବା ପୂର୍ଣ୍ଣବୟସ୍କ ଶ୍ରମିକମାନେ କୌଣସି ଆଘାତ ପାଇ ମରିଗଲେ କିମ୍ବା ଚିର ଦିନ ପାଇଁ ପୂର୍ଣ୍ଣ ଭାବରେ କିମ୍ବା ଆଂଶିକ ଭାବରେ ଅକ୍ଷମ ହୋଇ ପଡ଼ିଲେ ସେମାନଙ୍କୁ କ୍ଷତିପୂରଣ ଦେବାର ବ୍ୟବସ୍ଥା କରି ଯାଇଅଛି । ମାସିକ ୧୦ ଟଙ୍କା କିମ୍ବା ତହିଁରୁ ଊର୍ଦ୍ଧ୍ୱ ବେତନ ପାଉଥିବା କୌଣସି ପୂର୍ଣ୍ଣବୟସ୍କ ବ୍ୟକ୍ତିର ଆଘାତଜନିତ ମୃତ୍ୟୁ ହେଲେ ତାହାର ଉତ୍ତରାଧିକାରୀ ୫୦୦ ଟଙ୍କା ଠାରୁ ୪୦୦୦ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ପାଇ ପାରିବ । କିନ୍ତୁ ଶେଷୋକ୍ତ ସ୍ଥଳରେ ତାହାର ମାସିକ ବେତନ ୨୦୦ ଟଙ୍କାରୁ ଊର୍ଦ୍ଧ୍ୱ ହେବା ଆବଶ୍ୟକ । ଅପ୍ରାପ୍ତ ବୟସ୍କ ବ୍ୟକ୍ତିମାନଙ୍କର ମୃତ୍ୟୁରେ ୨୦୦ ଟଙ୍କା ପାଇ ପାରିବାର ବ୍ୟବସ୍ଥା ଅଛି । ୧୦ ଟଙ୍କା କିମ୍ବା ତହିଁରୁ ଊର୍ଦ୍ଧ୍ୱ ମାସିକ ବେତନ ପାଉଥିବା କୌଣସି ପୂର୍ଣ୍ଣବୟସ୍କ ବ୍ୟକ୍ତି ଚିରଦିନ ପାଇଁ ସମ୍ପୂର୍ଣ୍ଣ ଭାବରେ ଅକ୍ଷମ ହୋଇ ପଡ଼ିଲେ ସେଥିପାଇଁ ୭୦୦ ଟଙ୍କାରୁ ୫୬୦୦ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ମିଳିବାର ବ୍ୟବସ୍ଥା ଅଛି । କିନ୍ତୁ ଶେଷୋକ୍ତ କ୍ଷେତ୍ରରେ ତାହାର ମାସିକ ବେତନ ୨୦୦ ଟଙ୍କାରୁ ଊର୍ଦ୍ଧ୍ୱ ହେବା ଆବଶ୍ୟକ । ଏହି ଅବସ୍ଥାରେ ଜଣେ ଅପ୍ରାପ୍ତ ବୟସ୍କ ବ୍ୟକ୍ତି ୧୨୦୦ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ପାଇ ପାରିବ ।

## ସର୍ପ ଆକ୍ରମଣରୁ ରକ୍ଷା

ଅଳ୍ପ ଦିନ ପୂର୍ବେ ମୟୂରଭଞ୍ଜ ଷ୍ଟେଟ ଅନ୍ତର୍ଗତ ସପନଚୂଆ ମୌଜାର ନିକଟବର୍ତ୍ତୀ ଜଙ୍ଗଲରେ କାଠ କାଟୁଥିବା ବେଳେ ଜଣେ ଲୋକ ଆଶ୍ଚର୍ଯ୍ୟ ଭାବରେ ଅପର ଏକ ବ୍ୟକ୍ତି ଦ୍ୱାରା ଗୋଟାଏ ପ୍ରକାଣ୍ଡ ବୋଡ଼ା ସାପ ମୁହଁରୁ ରକ୍ଷା ପାଇଥିଲା । ଶୁଣାଯାଏ ଯେ ଲୋକଟି କାଠ ହାଣୁଥିବା ସମୟରେ ସେହି ଗଛରେ ସାପ ଥିବାର ଦେଖି ପାରି ନ ଥିଲା । ଶବ୍ଦ ଶୁଣି ସାପଟା ଲୋକଟିକୁ ଗିଳିବା ପାଇଁ ଦୌଡ଼ି ଆସିଥିଲା । ନିଜକୁ ସାପ କବଳରୁ ରକ୍ଷା କରିବା ପାଇଁ ଦୈବାତ୍ ସେ ଗଛ ଉହାଡ଼ରେ ଲୁଚିଗଲା । ଠିକ୍ ସେହି ସମୟରେ ନିକଟରେ କାମ କରୁଥିବା ଆଉ ଜଣେ ଲୋକ ବିପଦ ଦେଖି ତାହାର କୁରାଢ଼ି ଧରି ଦୌଡ଼ି ଆସିଲା ଓ ସାପଟିକୁ ମାରି ପକାଇ-ଥିଲା । ସାପର ଚମଡ଼ାକୁ ନେଇ ସେ ଲୋକଟି ମୟୂରଭଞ୍ଜ ରାଜ-ପ୍ରାସାଦକୁ ଆସିଥିଲା । ଚମଡ଼ାଟିକୁ ମାପିବାରେ ତାହା ୧୮ ଇଞ୍ଚ ଓସାର ଓ ପ୍ରାୟ ୧୨ ଫୁଟ ଲମ୍ବ ହୋଇଥିଲା । ଶ୍ରୀମନ୍ ମହାରାଜା ସାହେବ ତାହାର ସାହସରେ ପ୍ରୀତ ହୋଇ ଉପଯୁକ୍ତ ପୁରସ୍କାର ଦେଇଥିଲେ ।

## ମୟୂରଭଞ୍ଜରେ ପ୍ରାଥମିକ ଶିକ୍ଷା

ମୟୂରଭଞ୍ଜର ମଧ୍ୟ ଇଂରାଜୀ, ଉଚ୍ଚ ପ୍ରାଥମିକ ଓ ଗୁରୁ ଟ୍ରେନିଂ ବୃତ୍ତି ପରୀକ୍ଷା ଏ ବର୍ଷ ନଭେମ୍ବର ମାସ ୨୪ ତାରିଖରୁ ଆରମ୍ଭ ହୋଇ ୨୭ ତାରିଖରେ ଶେଷ ହୋଇଥିଲା ଏବଂ ନିମ୍ନ ପ୍ରାଥମିକ ବୃତ୍ତି ପରୀକ୍ଷା ନଭେମ୍ବର ୨୯ ତାରିଖରେ ଆରମ୍ଭ ହୋଇ ଡିସେମ୍ବର ୧ ତାରିଖରେ ଶେଷ ହୋଇଥିଲା । ମଧ୍ୟ ଇଂରାଜୀ ଓ ଗୁରୁ ଟ୍ରେନିଂ ପରୀକ୍ଷାର କେନ୍ଦ୍ର ରାଜଧାନୀ ବାରିପଦାରେ ଏବଂ ଉଚ୍ଚ ପ୍ରାଥମିକ ପରୀକ୍ଷାର କେନ୍ଦ୍ର ପ୍ରତ୍ୟେକ ସବ୍-ଡିଭିଜନରେ ବସିଥିଲା । ନିମ୍ନ ପ୍ରାଥମିକ ପରୀକ୍ଷା ମଫସଲର ଆଠ ଗୋଟି କେନ୍ଦ୍ରରେ ବସିଥିଲା । ମୋଟରେ ୧୭୬୫ ଜଣ ଛାତ୍ର ଓ ଛାତ୍ରୀ ଏ ସମସ୍ତ ପରୀକ୍ଷା ଦେଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ବାଳିକା ସଂଖ୍ୟା ୧୬୮ ଥିଲା ।

## ହିନ୍ଦୁ ଶାସ୍ତ୍ର ଓ ଶାସ୍ତ୍ରୀୟ ଅନୁଷ୍ଠାନ ପ୍ରତି ସମ୍ମାନ ପ୍ରଦର୍ଶନ

ମୟୂରଭଞ୍ଜର କନିଷ୍ଠା ମୃତ-ରାଜକା ମହାରାଣୀ ମୂର୍ତ୍ତିଚନ୍ଦ୍ର ମନ୍ଦିରରେ ପ୍ରତ୍ୟହ ଭାଗବତ ପାଠ କରିବା ପାଇଁ ସ୍ଥାନୀୟ ସଂସ୍କୃତ ଟୋଲର ଅବସରପ୍ରାପ୍ତ ପଣ୍ଡିତଙ୍କୁ ନିଯୁକ୍ତ କରି କିଛି ଦିନ ପର୍ଯ୍ୟନ୍ତ ଭାଗବତ ପାଠ, ତାହାର ବ୍ୟାଖ୍ୟା ଓ ଅନ୍ୟାନ୍ୟ ଶାସ୍ତ୍ରୀୟ ଆଲୋଚନା ଶୁଣୁଥିଲେ । ଭାଗବତ-ବିଚାର ଶେଷ ସମାହାର ବିଶେଷ ଉତ୍ସବ ରୂପେ ପ୍ରତିପାଳିତ ହୋଇଥିଲା । ସେହି ସମୟରେ ଶାସ୍ତ୍ରୀୟ ବିଧାନ ଅନୁଯାୟୀ ଗୋଟିଏ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଅନେକ ବ୍ରାହ୍ମଣଙ୍କୁ ଦାନ ଦକ୍ଷିଣା ଦିଆ ଯାଇଥିଲା ଓ ଗରିବମାନଙ୍କୁ ଭୋଜନ ଦିଆ ହୋଇଥିଲା ।

## ମୟୂରଭଞ୍ଜରେ ହାତୀଧରା

ବାରିପଦାଠାରୁ ୧୬ ମାଇଲ ଦୂରରେ ଥିବା ଚନ୍ଦନଚଟି ଜଙ୍ଗଲରେ ଗତ ଡିସେମ୍ବର ମାସ ଶେଷ ସପ୍ତାହରେ କେତେ ଗୁଡ଼ିଏ ହାତୀ ଧରାଯାଇଥିଲେ । ହାତୀ ଦଳକୁ ସୁବିଧାରେ ଘଉଡ଼ାଇ ଆଣି ନିରାପଦରେ ସେମାନଙ୍କୁ ବାନ୍ଧିବା ପାଇଁ ନୂତନ ଉପାୟରେ କୁଣ୍ଡ ପ୍ରସ୍ତୁତ କରି ଯାଇଥିଲା । ଦନ୍ତାବଳ ଓ ଛୋଟ ବଡ଼ କେତେଗୁଡ଼ିଏ ହାତୀ କୁଣ୍ଡରେ ପଡ଼ିଥିଲେ । ଶ୍ରୀମନ୍ ମହାରାଜା ସାହେବ ଖଣ୍ଡପଡ଼ାର ରାଜା ସାହେବ ଓ ଅନ୍ୟାନ୍ୟ ବିଶିଷ୍ଟ ଅତିଥିଙ୍କୁ ସଙ୍ଗରେ ନେଇ ହାତୀ ଖେଦାରେ ଉପସ୍ଥିତ ଥିଲେ ।

## ଯାଦୁଘର ସମ୍ମିଳନୀରେ ମୟୂରଭଞ୍ଜର ପ୍ରତିନିଧି

ଭାରତ ସରକାରଙ୍କ ତରଫରୁ ଗତ ଡିସେମ୍ବର ମାସ ୬ ତାରିଖରେ ଓ ତତ୍‌ପରବର୍ତ୍ତୀ ଦିବସମାନଙ୍କରେ ଦିଲ୍ଲୀଠାରେ ଅନୁଷ୍ଠିତ ଯାଦୁଘର ସମ୍ମିଳନୀରେ ଯୋଗ ଦେବା ପାଇଁ ଷ୍ଟେଟ୍ ତରଫରୁ ସେକ୍ରେଟେରୀ ଡକ୍ଟର ଏସ୍. ମୁଖାର୍ଜି ଓ ଷ୍ଟେଟ୍ ଆରକିଓଲଜିଷ୍ଟ ଶ୍ରୀଯୁକ୍ତ ପରମାନନ୍ଦ ଆଚାର୍ଯ୍ୟଙ୍କୁ ପଠା ଯାଇଥିଲା । ଅଳ୍ପ ଦିନ ତଳେ ପ୍ରତ୍ନତତ୍ତ୍ୱ ବିଶାରଦ ଏସ୍. ଏଫ୍. ମରଖାନ୍ ଓ ଏଚ୍. ହାରଗ୍ରିଭସ୍ ଭାରତର ଯାଦୁଘର ସମ୍ବନ୍ଧରେ ଯେଉଁ ବିବରଣୀ ପ୍ରକାଶ କରିଥିଲେ, ତାହାର ଫଳରେ ଉକ୍ତ ସମ୍ମିଳନୀ ବସିଥିବାର ଜଣାଯାଏ ।



Digitized by srujanika@gmail.com

ବ୍ୟକ୍ତି ବିଶେଷଙ୍କର ଅଭିଜ୍ଞତା ଓ ଆଲୋଚନା ଫଳରେ ଯାଦୁଘର ଗୁଡ଼ିକ ସୁବ୍ୟବସ୍ଥିତରୂପେ ଓ ସ୍ୱଳ୍ପ ଖର୍ଚ୍ଚରେ ପରିଚାଳନା କରିବା ଏବଂ ପ୍ରତ୍ନତତ୍ତ୍ୱ ସମ୍ବନ୍ଧୀୟ ବସ୍ତୁ ଗୁଡ଼ିକୁ ଅଧିକ ଯତ୍ନର ସହିତ ପ୍ରଦର୍ଶିତ ଓ ଉପସ୍ଥାପିତ କରିବା ଉକ୍ତ ସମ୍ମିଳନୀର ଅନ୍ୟତମ ଉଦ୍ଦେଶ୍ୟ ।

ଏହା ଛଡ଼ା ନିମ୍ନ ଲିଖିତ ବିଷୟମାନ ମଧ୍ୟ ଏହି ସମ୍ମିଳନୀରେ ଆଲୋଚିତ ହୋଇଥିଲା ।

୧ । ଯାଦୁଘର ଗୁଡ଼ିକ ପ୍ରତି ସର୍ବସାଧାରଣଙ୍କର ଦୃଷ୍ଟି ଆକର୍ଷଣ କରିବା ଏବଂ ତାହାର ଉନ୍ନତି ଓ ପରିଚାଳନା ସମ୍ବନ୍ଧରେ ବ୍ୟବସ୍ଥା କରିବା । ଯାଦୁଘର ଗୁଡ଼ିକର ତାଲିକା ଓ ବିବରଣପୂର୍ଣ୍ଣ ପୁସ୍ତିକା ଛପାଇବା ଏବଂ ପ୍ରଦର୍ଶିତ ପଦାର୍ଥ ଗୁଡ଼ିକରେ ନିୟମିତ ଭାବରେ ଲେବେଲ ଲଗାଇ ତାହାର ବିଶେଷ ବିବରଣ ଲେଖି-ଦେବା ।

୨ । ଯାଦୁଘର ମାନଙ୍କ ସମ୍ବନ୍ଧେ ବସିଥିବା ସ୍ଥାୟୀ କମିଟିର ପୁନର୍ଗଠନ କରି ଯଥାନୁଯାୟୀ ଭିନ୍ନ ପ୍ରଦେଶରେ ଓ ଯାଦୁଘର କେନ୍ଦ୍ରମାନଙ୍କରେ ସାମୟିକ ସମ୍ମିଳନୀମାନ ଡାକିବାର ବ୍ୟବସ୍ଥା କରିବା ।

ମୟୂରଭଞ୍ଜ ରାଜ୍ୟର ପ୍ରାଚୀନ ରାଜଧାନୀ ଖିଚିଙ୍ଗ ଓ ବର୍ତ୍ତମାନ ରାଜଧାନୀ ବାରିପଦାଠାରେ ଗୋଟିଏ ଲେଖାଏ ଯାଦୁଘର ଅଛି । ଡକ୍ଟର ଏସ୍. ମୁଖାର୍ଜି ଡେରାଡୁନର ଫରେଷ୍ଟ ମ୍ୟୁଜିୟମ (ଜଙ୍ଗଲ ଯାଦୁଘର) ଓ ଶ୍ରୀଯୁକ୍ତ ଆଚାର୍ଯ୍ୟ ତକ୍ଷଶିଳା, ମଥୁରା ଏବଂ ଲାହୋରର ପ୍ରତ୍ନତତ୍ତ୍ୱ ସମ୍ବନ୍ଧୀୟ ଯାଦୁଘରମାନ ପରିଦର୍ଶନ କରିଥିଲେ ।

## ମୟୂରଭଞ୍ଜରେ ଉଡ଼ାଜାହାଜ ଚଳାଇବାର ଶିକ୍ଷା

ଉଡ଼ାଜାହାଜ ଚଳାଇବାର ଶିକ୍ଷା ଦେବା ପାଇଁ ମୟୂରଭଞ୍ଜ ଷ୍ଟେଟ୍‌ରେ ସୁବନ୍ଦୋବସ୍ତ କରାଯାଇଅଛି । ଷ୍ଟେଟ୍ କର୍ମଚାରୀ ଓ ଅନ୍ୟାନ୍ୟ ବ୍ୟକ୍ତିମାନଙ୍କୁ ଉଡ଼ାଜାହାଜ ଚଳାଇବା ଶିକ୍ଷା କରିବା ପାଇଁ ଯାହା ଖର୍ଚ୍ଚ ପଡ଼ିବ, ଡିସେମ୍ବର ମାସ ୭ ତାରିଖ ଷ୍ଟେଟ୍ ଗେଜେଟରେ ତାହା ପ୍ରକାଶିତ ହୋଇଅଛି । ଶିକ୍ଷକଙ୍କ ସହିତ କିମ୍ବା ଏକାକୀ ଉଡ଼ାଜାହାଜ ଚଳାଇବାର ଶିକ୍ଷା କଲେ ମୟୂରଭଞ୍ଜ ଷ୍ଟେଟ୍ କର୍ମଚାରୀମାନଙ୍କୁ ଘଣ୍ଟାକ ପାଇଁ ୨୦ ଟଙ୍କା ଦେବାକୁ ପଡ଼ିବ ଓ ସେହି ସ୍ଥଳରେ ଅନ୍ୟ ବ୍ୟକ୍ତିମାନଙ୍କୁ ୩୦ ଟଙ୍କା ଦେବାକୁ ହେବ । ଶିକ୍ଷା ଗ୍ରହଣ କଲା ପରେ ଏକାକୀ ଉଡ଼ାଜାହାଜ ଚଳାଇବା ପାଇଁ ଓ ଷ୍ଟେଟ୍ ଅନୁମତି କରାଯିବା ପାଇଁ ଷ୍ଟେଟ୍ କର୍ମଚାରୀମାନଙ୍କୁ ଘଣ୍ଟାରେ ଯଥାକ୍ରମେ ୧୬ ଓ ୧୮ ଟଙ୍କା ଏବଂ ଅନ୍ୟମାନଙ୍କୁ ଘଣ୍ଟାରେ ୨୨ ଓ ୨୫ ଟଙ୍କା ଦେବାକୁ ପଡ଼ିବ । ଶିକ୍ଷା ଗ୍ରହଣ କାଳରେ ଏକାକୀ ଉଡ଼ାଜାହାଜ ଚଳାଇବା ପୂର୍ବରୁ ପ୍ରତ୍ୟେକ ଛାତ୍ର ଜମା ସ୍ୱରୂପ ୫୦ ଟଙ୍କା ଅଗ୍ରୀମ ଦେବେ ଓ ସନନ୍ଦ ପତ୍ର ପାଇଲା ପରେ ପ୍ରତ୍ୟେକ ଛାତ୍ରଙ୍କୁ ବିନା ମୂଲ୍ୟରେ ୨ ଘଣ୍ଟା ଲେଖାଏ ଉଡ଼ିବାକୁ ଦିଆଯିବ ।

## ଅନୁନ୍ନତ ଶ୍ରେଣୀର ଲୋକଙ୍କର ଶିକ୍ଷା ପାଇଁ ଦେଓଆନଙ୍କର ଦାନ

ମୟୂରଭଞ୍ଜ ଷ୍ଟେଟ୍‌ର ଦେଓଆନ ଶ୍ରୀଯୁକ୍ତ ଶିରୀଷ ଚନ୍ଦ୍ର ନିୟୋଗୀ ପୂର୍ଣ୍ଣଚନ୍ଦ୍ରପୁର ପାଠଶାଳାର ଗୃହ ନିର୍ମାଣ ପାଇଁ ପାଞ୍ଚଶତ ଟଙ୍କା ଦାନ କରିଅଛନ୍ତି । ଅନୁନ୍ନତ ଶ୍ରେଣୀର ଛାତ୍ରମାନଙ୍କର ଶିକ୍ଷା ନିମିତ୍ତ ଏହି ବିଦ୍ୟାଳୟ ୯ ବର୍ଷ ପୂର୍ବେ ବାରିପଦା ନିକଟବର୍ତ୍ତୀ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମରେ ସ୍ଥାପିତ ହୋଇଥିଲା । ବର୍ତ୍ତମାନ ଏହି ବିଦ୍ୟାଳୟରେ ଶତାଧିକ ଛାତ୍ର ଅଧ୍ୟୟନ କରୁଅଛନ୍ତି ଏବଂ ବାଳିକା-ମାନଙ୍କ ସକାଶେ ମଧ୍ୟ ପୃଥକ୍ ବନ୍ଦୋବସ୍ତ ହୋଇଅଛି । ପୂର୍ଣ୍ଣ ବୟସ୍କ ବ୍ୟକ୍ତିମାନଙ୍କ ସକାଶ ଗୋଟିଏ ନୈଶ ବିଦ୍ୟାଳୟ ସ୍ଥାପିତ ହୋଇଅଛି । ଛାତ୍ର ସଂଖ୍ୟା କ୍ରମେ ବୃଦ୍ଧି ହେବାରୁ ଓ ଉକ୍ତ ବିଦ୍ୟାଳୟରେ ସ୍ଥାନାଭାବ ହେବାରୁ ନିକଟବର୍ତ୍ତୀ ବାଉସ ଗ୍ରାମରେ ଏହାର ଗୋଟିଏ ଶାଖା ବିଦ୍ୟାଳୟ ସ୍ଥାପିତ ହୋଇଅଛି । ବିଦ୍ୟାଳୟର ସାଧାରଣ ପାଠ୍ୟ ତାଲିକା ଛଡ଼ା କୃଷି, ହସ୍ତ-ଶିଳ୍ପ ଓ ସଙ୍ଗୀତ ସମ୍ବନ୍ଧରେ ମଧ୍ୟ ଏଠାରେ ଶିକ୍ଷା ଦିଆଯାଏ ।

## ଭାରତୀୟ ଐତିହାସିକ ତଥ୍ୟ ଗବେଷଣା ସଭା—୧୯୩୭

ଗତ ଡିସେମ୍ବର ମାସ ୧୩, ୧୪ ଓ ୧୫ ତାରିଖରେ ଭାରତୀୟ ଐତିହାସିକ ଗବେଷଣା ସଭାର ଏକ ଅଧିବେଶନ ଲାହୋର ଠାରେ ବସିଥିଲା ଓ ସର୍ ଯଦୁନାଥ ସରକାର ଏହି ସଭାର ସଭାପତି ନିର୍ବାଚିତ ହୋଇଥିଲେ । ମାନନୀୟ ପଞ୍ଜାବ ଗଭର୍ଣ୍ଣରଙ୍କ ଦ୍ୱାରା ଏହି ସଭା ସ୍ଥାପିତ ହୋଇଅଛି । ମୟୂରଭଞ୍ଜ ଷ୍ଟେଟ୍ ଆରକିଓଲଜିଷ୍ଟ ଶ୍ରୀଯୁକ୍ତ ପରମାନନ୍ଦ ଆଚାର୍ଯ୍ୟ ଏଠାରୁ ପ୍ରତିନିଧି ରୂପେ ଉକ୍ତ ସଭାକୁ ଯାଇଥିଲେ । ଓଡ଼ିଶା ଐତିହାସିକ ପକ୍ଷ ତରଫରୁ ମୟୂରଭଞ୍ଜରୁ ସେ ଏକମାତ୍ର ସଭ୍ୟ ଓ ଭାରତ ସରକାରଙ୍କ ଦ୍ୱାରା ସେ ଦ୍ୱିତୀୟ ଥର ପାଇଁ ଏହି ସଭ୍ୟ ପଦରେ ନିଯୁକ୍ତ ହୋଇଅଛନ୍ତି ।

## ଯକ୍ଷ୍ମାରୋଗ-ନିବାରଣ-ପାଣ୍ଠି ପାଇଁ ମହାରାଜାଙ୍କ ଦାନ

ସମ୍ରାଟ ଭାରତ ସମ୍ରାଟଙ୍କର ଯକ୍ଷ୍ମା-ନିବାରଣ-ପାଣ୍ଠି ପାଇଁ ମହାମାନ୍ୟ ସକାଶେ ମହାମାନ୍ୟା ଲେଡି ଲିନ୍‌ଲିଥ୍‌ଗୋଙ୍କର ପ୍ରକାଶିତ ନିବେଦନ ଫଳରେ ମୟୂରଭଞ୍ଜର ଶ୍ରୀମାନ୍ ମହାରାଜା ସାହେବ ୫,୦୦୦ ଟଙ୍କା ଦାନ କରିଅଛନ୍ତି । ଉକ୍ତ ନିବେଦନ ପତ୍ର ମୟୂରଭଞ୍ଜ ଷ୍ଟେଟ୍ ଗେଜେଟରେ ପ୍ରକାଶ କରାଯାଇ ଷ୍ଟେଟ୍‌ର ସର୍ବତ୍ର ପ୍ରଚାରିତ ହୋଇଥିଲା । ଷ୍ଟେଟ୍‌ର କର୍ମଚାରୀ ଓ ପ୍ରଜାମାନଙ୍କ ଠାରୁ ଉକ୍ତ ପାଣ୍ଠି ପାଇଁ ମୁଦ୍ରା ଗ୍ରହଣ କରିବା ସକାଶ ମୟୂରଭଞ୍ଜର ପ୍ରଧାନ ରାଜସ୍ୱ କର୍ମଚାରୀ ମିଷ୍ଟର ଆର୍. ସି. ଘୋଷଙ୍କୁ ଭାର ଦିଆଯାଇଅଛି ।




Digitized by srujanika@gmail.com

## ମୟୂରଭଞ୍ଜରେ ଇସଲିଂଟନ ଫୁଟବଲ ଖେଳ

ଅଳ୍ପ ଦିନ ପୂର୍ବେ ବିଲାତର ଇସଲିଂଟନ୍ କରିନ୍ଥିୟାନ ଫୁଟ୍‌ବଲ ଟିମ୍ ଭାରତର ବିଭିନ୍ନ ସ୍ଥାନରେ ମ୍ୟାଚ୍ ଖେଳିବା ପାଇଁ ଆସିଥିଲେ । ମୟୂରଭଞ୍ଜର ରାଜଧାନୀ ବାରିପଦାକୁ ଗତ ଡିସେମ୍ବର ମାସ ୨ ତାରିଖରେ ସେମାନେ ଆସିଥିଲେ । ଭାରତରେ ଦେଶୀୟ ରାଜ୍ୟମାନଙ୍କ ମଧ୍ୟରେ ଓ ବିଶେଷତଃ ଓଡ଼ିଶାରେ କେବଳ ବାରିପଦାରେହିଁ ସେମାନେ ଖେଳିଥିଲେ ।

ବାରିପଦା ପୋଲିସ ପଡ଼ିଆରେ ଏଥିପାଇଁ ଯଥାଯୋଗ୍ୟ ଆୟୋଜନ କରାଯାଇଥିଲା ଓ ଦର୍ଶକମାନଙ୍କ ପାଇଁ ଗୋଟିଏ ପ୍ରକାଣ୍ଡ ବେଢ଼ା ଭିତରେ ତମ୍ବୁ, ଗେଲେରୀ, ବେଞ୍ଚ, ଚେୟାର ଆଦି ସଜା ହୋଇ ରହିଥିଲା । ମୟୂରଭଞ୍ଜର ବିଭିନ୍ନ ସ୍ଥାନରୁ ଓ ନିକଟବର୍ତ୍ତୀ ବ୍ରିଟିଶ୍ ଜିଲ୍ଲାମାନଙ୍କରୁ ବହୁ ଦର୍ଶକ ଆସି ଜୁଟି ହୋଇଥିଲେ ଏବଂ ଦିନ ୨ଟାଠାରୁ ପୋଲିସ ପଡ଼ିଆ ଜନାକୀର୍ଣ୍ଣ ହୋଇ ଯାଇଥିଲା ।



ଇସଲିଂଟନ ଫୁଟବଲ ଖେଳରେ କେତେକ ଦର୍ଶକଗଣ ।

ମୟୂରଭଞ୍ଜର ଶ୍ରୀମାନ୍ ମହାରାଜା ସାହେବ ନୀଳଗିରିର ରାଜା ସାହେବ ପ୍ରଭୃତି ସମ୍ଭ୍ରାନ୍ତ ଅତିଥିମାନଙ୍କ ସହିତ ତମ୍ବୁରେ ଉପସ୍ଥିତ ହେବାର କିଛି ସମୟ ପରେ କରିନ୍ଥିୟାନ ଟିମର ଖେଳାଳିମାନେ ଆସି ପହଞ୍ଚିଥିଲେ ।

ମୟୂରଭଞ୍ଜ ଏଥ୍‌ଲେଟିକ୍ ଏସୋସିଏସନର ସଭାପତି ଉଭୟ ଟିମର କ୍ୟାପ୍ଟେନ୍ ଗ୍ରିଫିନ୍ ଏବଂ କରିନ୍ଥିୟାନ ଫୁଟ୍‌ବଲ ଏସୋସିଏସନର ସେକ୍ରେଟେରୀ ଓ କରିନ୍ଥିୟାନ ଟିମର ସେକ୍ରେଟେରୀଙ୍କୁ ଶ୍ରୀମାନ୍ ମହାରାଜାଙ୍କ ସହିତ ପରିଚୟ କରାଇ ଦେଇଥିଲେ । ତତ୍ପରେ ଉଭୟ ଟିମର କ୍ୟାପ୍ଟେନ୍‌ମାନେ ସମସ୍ତ ଟିମର ଖେଳାଳିମାନଙ୍କୁ ଏକେ ଏକେ ଶ୍ରୀମାନ୍ ମହାରାଜାଙ୍କୁ ଚିହ୍ନାଇ ଦେଇଥିଲେ ।



ଇସଲିଂଟନ୍ ଫୁଟବଲ ଖେଳର ଗୋଟିଏ ଦୃଶ୍ୟ ।

ଠିକ୍ ୨ଟା ୧୫ ମିନିଟ୍‌ରେ ଖେଳ ଆରମ୍ଭ ହୋଇଥିଲା ଓ ମିଷ୍ଟର ଆର୍,ସି,ଦାଶ ରେଫରୀ ହୋଇଥିଲେ । କରିନ୍ଥିୟାନ୍ ଟିମ ଏକମାତ୍ର ଗୋଲରେ ଜୟୀ ହୋଇଥିଲେ ଏବଂ ସ୍ଥାନୀୟ ଟିମ୍ ଗୋଟିଏ ପେନାଲ୍ଟି କିକ ପାଇଥିଲେହେଁ, ତାହା ବ୍ୟର୍ଥ ହୋଇଥିଲା । କରିନ୍ଥିୟାନ୍ ଦଳ



Digitized by srujanika@gmail.com

ବାସ୍ତବରେ ସ୍ଥାନୀୟ ଟିମ୍ ଅପେକ୍ଷା ଅନେକ ପରିମାଣରେ ଉତ୍କୃଷ୍ଟ । ଅଧିକାଂଶ ସମୟରେ ବଲ ତାଙ୍କରି ଅଧୀନରେ ରହୁଥିଲା । ମୟୂରଭଞ୍ଜ ଏଥ୍‌ଲେଟିକ୍ ଏସୋସିଏସନ୍ ସମ୍ପୂର୍ଣ୍ଣ ଭାବରେ ସ୍ଥାନୀୟ ଟିମ୍ ଓ ଏହି ଏସୋସିଏସନ୍ ଅନ୍ତର୍ଭୁକ୍ତ ଅନ୍ୟ ଟିମମାନଙ୍କରୁ ଖେଳାଳୀ ନିର୍ବାଚନ କରିଥିଲେ । ସ୍ଥାନୀୟ ଟିମ୍‌ର କ୍ୟାପ୍ଟେନ୍ ବାବୁ ବ୍ରଜସୁନ୍ଦର ଦାସ କଲିକତା ଏରିୟାନ ଟିମର ଜଣେ ସୁଦକ୍ଷ ଖେଳୁଆଡ଼ ଓ ସେ ଗତ କେତେ ବର୍ଷ ଧରି ସେହି ଟିମ୍‌ରେ ଖେଳୁଅଛନ୍ତି ।

ସ୍ଥାନୀୟ ଟିମ୍‌ର ଖେଳ ମଧ୍ୟ ବିଶେଷ ଦର୍ଶନୀୟ ହୋଇଥିଲା । ବିଶେଷ ଦୃଢ଼ତାର ସହିତ ଆକ୍ରମଣ କରି ସେମାନେ ଅନେକ ସମୟରେ ବିପକ୍ଷ ଦଳକୁ ବିପଦ ସମ୍ମୁଖୀନ କରି ପକାଉଥିଲେ । କେ. ଏମ୍. ଘି ଓ ଭେଙ୍କଟ ସ୍ୱାମୀ ସ୍ଥାନୀୟ ଟିମର ଫରୱାର୍ଡମାନଙ୍କ ମଧ୍ୟରେ ଶ୍ରେଷ୍ଠ । ସେଣ୍ଟର ଫରୱାର୍ଡ ହିସାବରେ ଓ'ଡ଼େ କୃତକାର୍ଯ୍ୟ ହୋଇ ପାରି ନ ଥିଲେ । ଗୋଲକିପର ବାବୁ ନିତ୍ୟଗୋପାଲ ଦେ ଅନେକ ଗୁଡ଼ିଏ ବିପଦଜନକ ବଲ ଅଟକାଇ ଥିଲେ ଓ ଶେଷ ଗୋଲଟି ପାଇଁ କେବଳ ତାଙ୍କୁ ଦୋଷୀ କରାଯାଇ ନ ପାରେ ।

ପ୍ରଥମ ହାଫ୍ ଟାଇମ୍‌ରେ କରିନ୍ଥିୟାନ ଟିମ୍ ନିଜ ନିଜ ସ୍ଥାନ ନେଇ ଖେଳୁଥିଲେ କିନ୍ତୁ ହାଫ୍ ଟାଇମ ପରେ ସେମାନେ ବିପକ୍ଷମାନଙ୍କୁ ଘୃଣିଆଣ୍ଡୁ ଦେଇଗଲେ । ବେଥ୍ ଓ ଏଚ୍ ଦୁଇ ଥର ସୁବିଧା ହରାଇଥିଲେ ଓ ଫରୱାର୍ଡ ଲାଇନର ପ୍ରତ୍ୟେକ ଖେଳୁଆଡ଼ ପ୍ରାୟ ସୁବିଧା ହରାଇ ଥିଲେ ।

ହାଫ୍ ଟାଇମର ଦୁଇ ମିନିଟ୍ ପରେ କରିନ୍ଥିୟାନ ସେଣ୍ଟର ଫରୱାର୍ଡ ବେଥ୍ ଏପରି ଜୋରରେ ଗୋଟିଏ ସୁଟ୍ କରିଥିଲେ ଯେ ତାହା ସ୍ଥାନୀୟ ଟିମର ଜାଲ ଛିଣ୍ଡାଇ ବାହାରକୁ ବାହାରି ଯାଇଥିଲା । ତତ୍ପରେ ବହୁ ଚେଷ୍ଟାରେ ମଧ୍ୟ ଉକ୍ତ ଗୋଲଟି ସୁଝା ଯାଇ ପାରିଲା ନାହିଁ ଏବଂ ଶେଷରେ କରିନ୍ଥିୟାନ ଗୋଲ-ଇଲାକାରେ ଗୋଟିଏ ପେନାଲ୍ଟି କିକ୍ ଦିଆଯାଇଥିଲା କିନ୍ତୁ ଓ'ଡେ ତାହା ଏପରି ଭୁଲରେ ସୁଟ୍ କଲେ ଯେ ବଲଟି ଗୋଲ-ଖମ୍ବରେ ବାଜି ଫେରି ଆସିଲା ।

ଖେଳ ଶେଷ ପରେ ଶ୍ରୀମାନ୍ ମହାରାଜା ସାହେବ କରିନ୍ଥିୟାନ ଟିମ୍‌ର ପ୍ରତ୍ୟେକ ଖେଳାଳିଙ୍କୁ ଉପହାର ରୂପେ ସ୍ଥାନୀୟ ଶିଶୁ କାଠରେ ତିଆରି ହାତୀ ଦାନ୍ତ ବସା ଗୋଟିଏ ଲେଖାଏ ଯଷ୍ଟି ପ୍ରଦାନ କରିଥିଲେ ।

## ପୂର୍ଣ୍ଣଚନ୍ଦ୍ର-ସ୍ମୃତି-କ୍ରୀଡ଼ା ପ୍ରତିଯୋଗିତା

ପୂର୍ଣ୍ଣଚନ୍ଦ୍ର-ସ୍ମୃତି-କ୍ରୀଡ଼ା-ପ୍ରତିଯୋଗିତା ଏ ବର୍ଷ ଜାନୁୟାରୀ ମାସ ୨୯ ଓ ୩୦ ତାରିଖରେ ବାରିପଦା ପୋଲିସ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ପ୍ରତିଯୋଗୀ ଛଡ଼ା ଖଡ଼ଗପୁର, ଅନ୍ଧ୍ରା ଓ ଓଡ଼ିଶାର ବିଭିନ୍ନ ସ୍ଥାନମାନଙ୍କରୁ ପ୍ରତିଯୋଗିମାନେ ଯୋଗ ଦେଇଥିଲେ ଏବଂ କ୍ରୀଡ଼ା ଦେଖିବା ପାଇଁ ପୋଲିସ ପଡ଼ିଆରେ ଅନେକ ଲୋକ ରୁଣ୍ଡ ହୋଇଥିଲେ । ଇତନୋଟିଯାକ ଚେମ୍ପିଅନ୍ ସିପ୍ ଓ ରନିଂ କପ୍ ଏ ବର୍ଷ ଖେଳ୍ ବାହାରକୁ ଯାଇଥିଲା ଏବଂ ଖଡ଼ଗପୁର ଏଥିପାଇଁ ଧନ୍ୟବାଦାର୍ହ । ଖଡ଼ଗପୁର ଇଣ୍ଡିଆନ୍ ସ୍ପୋର୍ଟିଂ କ୍ଲବର ମିଷ୍ଟର ଏସ୍ ଅକବର ୨୦ ନମ୍ବର ରଖି ସର୍ବଶ୍ରେଷ୍ଠ ପ୍ରତିଯୋଗୀର କପ୍ ପାଇଥିଲେ । ଖଡ଼ଗପୁର ଇଣ୍ଡିଆନ୍ ସ୍ପୋର୍ଟିଂ କ୍ଲବ ମୋଟରେ ୭୦ ନମ୍ବର ରଖି ଟିମ୍ ଚେମ୍ପିଅନ୍ ସିପ୍ କପ୍ ପାଇ-ଥିଲେ । ଖଡ଼ଗପୁରର ଉକ୍ତ କ୍ଲବ ମଧ୍ୟ ରିଲେ ରନିଂ କପ୍ ନେଇ ଥିଲେ । ମୟୂରଭଞ୍ଜର ରାଜତନୟ ସାହେବ ପୁରସ୍କାର ଗୁଡ଼ିକୁ ବିତରଣ କରିଥିଲେ । ବିଭିନ୍ନ କ୍ରୀଡ଼ାର ଫଳାଫଳ ନିମ୍ନରେ ଦିଆଗଲା ।

## କ୍ରୀଡ଼ା-ପ୍ରତିଯୋଗିତାର ଫଳ

| କ୍ରୀଡ଼ାର ନାମ | ପ୍ରଥମ ସ୍ଥାନ | ମିନିଟ | ସେକେଣ୍ଡ |
|---|---|---|---|
| ୧୦୦ ଗଜ ଦୌଡ଼ | ଏମ୍. ଅକବର | ୦ | ୧୧ |
| ୪୪୦ ଗଜ | " | ୦ | ୫୪ ୪/୫ |
| ୨୨୦ ଗଜ | | ୦ | ୨୪ ୨/୫ |
| ଅର୍ଦ୍ଧ ମାଇଲ | " | | ୧୩ ୩/୫ |
| ଏକ ମାଇଲ | ମୁବନାମନ୍ନାମ୍ | ୫ | ୧୮ ୨/୫ |
| ୧୨୦ ଗଜ ହାଇ ହାର୍ଡ଼ଲ୍ | ଏଚ. ରେବେ | ୦ | ୧୬ ୩/୫ |
| ୨୨୦ ଗଜ ଲୋ ହାର୍ଡ଼ଲ | ଜଉ. ଏଚ. ଖାଁ ... | | ୨୯ ୪/୫ |
| ଅର୍ଦ୍ଧ ମାଇଲ ରିଲେ ... | ଇଣ୍ଡିଆନ ସ୍ପୋର୍ଟ କ୍ଲବ, ଖଡ଼ଗପୁର | | ୪ ୪/୫ |
| ପିଲାମାନଙ୍କ ପାଇଁ ୧୦୦ ଗଜ ଦୌଡ଼ | କ. ସାହୁ | ୦ | ୧୩ ୪/୫ |
| ୨ ମାଇଲ ସାଇକେଲ ଦୌଡ଼ | ନିରଞ୍ଜନ ମହାନ୍ତି | | ୧୨ ୪/୫ |
| | | ଫୁଟ | ଇଞ୍ଚ |
| ଲମ୍ବ ଲମ୍ଫନ | ଏମ୍. ଅହାମଦ | ୧୯ | ୩ |
| କ୍ରିକେଟ ବଲ ଥ୍ରୋ | ଏ. ମହାପାତ୍ର | ୭୪ | ୧୧ |
| ଶଟପୁଟ | " | ୨୪ | ୧/୨ |
| ହପ୍ ଷ୍ଟେପ୍ ଏଣ୍ଡ ଜମ୍ପ | ଗୁରୁବଚନ ସିଂ | ୩୮ | ୮ ୧/୪ |
| ଜେଭେଲିନ୍ ଥ୍ରୋ | ଏ. ଅର୍. ଖାଁ | ୧୪୧ | ୭ |
| ପୋଲ ଭଲ୍ଟ | ଟି. ଥାମାସ୍ | ୯ | ୭ |
| ଉର୍ଦ୍ଧ୍ୱ ଲମ୍ଫନ | ଏଚ୍. ରେବେ | ୫ | ୨ ୧/୨ |

ମୟୂରଭଞ୍ଜ ଷ୍ଟେଟ୍ ପ୍ରେସରେ ଶ୍ରୀ ପଦ୍ମଚରଣ ଦାସଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ।



Digitized by srujanika@gmail.com

# ଭଞ୍ଜପ୍ରଦୀପ

ବାରିପଦା, ଚୈତ୍ର ୧୩୪୬



Digitized by srujanika@gmail.com

PHONE 2492 CAL.

GRAM "LAVATORY"

# SANITATION

PLUMBING
DRAINAGE
& WATER-WORKS.

CONSULT.

## S. K. CHAKRAVARTI LTD.

MISSION ROW — SANITARY ENGINEERS — CALCUTTA

## Mayurbhanj Law Reporter

**Highly appreciated in India & Abroad.**

It is a quarterly publication.

It is published in September, December, March and June.

| | |
|---|---|
| Yearly Subscription | Rs. 3 |
| Single Copy | As. 12 |

Postage Extra.

*Manager*—N. C. SANYAL, B. A.
MAYURBHANJ LAW REPORTER.

Estd. Half A Century

## J. N. CHUNDER & BROS.

14/2 Old Chinabazar Street, Room No. 105 CALCUTTA

CHEAPEST HOUSE FOR

**PRINTING & STATIONERY GOODS**

*Please ask for Price List.*

## Bhanja Pradeepa

*It is an illustrated Oriya quarterly quite independent of the English Edition of the Mayurbhanj Chronicle.*

SUBSCRIPTION


| | | | |
|---|---|---|---|
| *Annual* - - | *Rs. 0-12-0* | *(post free)* |
| | *1-4-0* | *(with postage)* |
| *Price per copy* ,, | *0-3-0* | *(post free)* |
| ,, | *0-5-0* | *(with postage)* |

*Manager*—N. C. SANYAL, B.A.
BHANJA PRADEEPA


Digitized by srujanika@gmail.com

# M·B·SIRKAR & SONS

**Son and grandsons of Late B. SIRKAR.**
**MANUFACTURING JEWELLERS**
**DEALERS IN GUINEA ( 22 CT. ) GOLD ONLY.**
124 & 124/1, BOWBAZAR STREET, **CALCUTTA.**



A large assortment of genuine Jewelleries, Guinea Gold Ornaments and Silverwares of enduring value and distinction are always in stock for sale and are also made to Orders within 24 hours. MAKING CHARGES MODERATE. Old Gold and Silver exchanged with New Ornaments and we refund full value of Gold Ornaments manufacture by us at the current rate of Guinea Gold. Our latest Catalogue No. B. 2 with revised rates and designs is sent free on request.





**PHONE:-B.B.1761.** **TEL:-BRILLIANTS.**



# ସାଧନା ଔଷଧାଳୟ—ଢାକା ( ବଙ୍ଗ )

ଅଧ୍ୟକ୍ଷ ଯୋଗେଶଚନ୍ଦ୍ର ଘୋଷ, ଆୟୁର୍ବେଦ ଶାସ୍ତ୍ରୀ, ଏମ୍. ଏ., ଏଫ୍. ସି. ଏସ୍, (ଲଣ୍ଡନ) ଭାଗଲପୁର କଲେଜର ପୂର୍ବତନ ରସାୟନ ଅଧ୍ୟାପକ ।

ଶାଖା ଅଫିସମାନ:—( ଶ୍ୟାମବଜାର—କଲକତା ଟ୍ରାମଡିପୋ ନିକଟ ) । (୨) ୨୧୩, ବଉବଜାର ଷ୍ଟ୍ରିଟ, କଲିକତା । (୩) ଏଣ୍ଡରକିଲ୍ଲା, ଚଟ୍ଟଗ୍ରାମ (୪) ପାଟୁଆଟୋଲି ଷ୍ଟ୍ରିଟ ଢାକା । (୫) ଦିନାଜପୁର (୬) ୭୭/୪ ଷ୍ଟ୍ରାଣ୍ଡରୋଡ, ବଡ଼ବଜାର, କଲିକତା ।

ଆୟୁର୍ବେଦ ଶାସ୍ତ୍ରାନୁଯାୟୀ ପ୍ରସ୍ତୁତ ହୋଇଥିବା ଅକୃତ୍ରିମ ଶୁଦ୍ଧ ଔଷଧ—ଗ୍ୟାରେଣ୍ଟି ଦିଆଯିବ ।

କ୍ୟାଟଲଗ ପାଇଁ ଲେଖନ୍ତୁ:—ରୋଗର ବିଶଦ ବିବରଣ ଲେଖିଲେ ବିନା ମୂଲ୍ୟରେ ଔଷଧ ଓ ରୋଗ ନିର୍ଣ୍ଣୟ କରା ଯାଇଥାଏ ।

**ମକରଧ୍ୱଜ ( ସ୍ୱର୍ଣ୍ଣସିନ୍ଦୂର ) ଏକ ତୋଲାକୁ—ଟ୪୯ଙ୍କା**

ଏହା ସର୍ବରୋଗନାଶକ, ବଳକାରକ, ମାନସିକ ଏବଂ ଶାରୀରିକ ପୁଷ୍ଟିସାଧକ ।

**ସାରିବାଦି ସାଲସା ଏକ ସେରକୁ—ଟ ୨୪ ଅଣା**

ଏହା ଚର୍ମରୋଗନାଶକ, ରସାୟନିକ ବିଷନାଶକ, ମେହନାଶକ, ମୂତ୍ର ସମ୍ବନ୍ଧୀୟ ସମସ୍ତ ରୋଗନାଶକ ଏବଂ ରକ୍ତପରିଷ୍କାରକ ଅଟେ ।


Digitized by srujanika@gmail.com

# ଭଞ୍ଜ ପ୍ରଦୀପ

**ସପ୍ତମ ଭାଗ** **ତୃତୀୟ ସଂଖ୍ୟା**

## ସୂଚି-ପତ୍ର


| | | | ପୃଷ୍ଠା |
|---|---|---|---|
| ୧ । | ଅଭିଭାଷଣ | ଶ୍ରୀ ବିନାୟକ ମିଶ୍ର | ୧ |
| ୨ । | ଆପ୍ତବାକ୍ୟ | ଶ୍ରୀ ଶଶିଭୂଷଣ ରାୟ | ୫ |
| ୩ । | ଆଗଭର (କବିତା) | ଶ୍ରୀ ବୈକୁଣ୍ଠନାଥ ପଟ୍ଟନାୟକ, ଏମ୍. ଏ., ବି. ଇଡ୍. | ୧୦ |
| ୪ । | ସାହିତ୍ୟରେ ନିଜସ୍ୱ ଓ ପରସ୍ୱ | ଶ୍ରୀ ଜଗତ୍ ମୋହନ ସେନ, ବି. ଏସ୍‌ସି. | ୧୧ |
| ୫ । | ଛୁଟି ଦିନର ଓଳଏ (ଗଳ୍ପ) | ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଳ, ବି. ଏସ୍‌ସି., ଆଇ. ଏସ୍. ଆର୍. ଏସ୍. | ୧୫ |
| ୬ । | ସାହିତ୍ୟ-ସୃଷ୍ଟି | ଶ୍ରୀ ରାମକୃଷ୍ଣ ନନ୍ଦ, ବି.ଏ., ଡି.ଇଡ୍. | ୧୮ |
| ୭ । | କୃଷି ଶିଳ୍ପର ସମସ୍ୟା ଓ ସମାଧାନ | | ୨୨ |
| ୮ । | ବିଶ୍ୱେଶ୍ୱରୀ (କବିତା) | ତରୁଣ କବି ଶ୍ରୀ ମଦନମୋହନ ପଟ୍ଟନାୟକ | ୨୩ |
| ୯ । | ଦେଶୀୟ ରାଜ୍ୟ ସମାଚାର | | ୨୪ |
| ୧୦ । | ଝିରଙ୍ଗ (ପଦ୍ୟ) | ଶ୍ରୀ ଗିରୀଶ ଚନ୍ଦ୍ର ପାଣିଗ୍ରାହୀ | ୨୮ |
| ୧୧ । | ସମ୍ବାଦ ଓ ସଙ୍କେତ | | ୨୯ |


## ଚିତ୍ର-ସୂଚି


| | | |
|---|---|---|
| ୧ । | ମୟୂରଭଞ୍ଜର ମହାରାଜା ସାର୍ ଶ୍ରୀ ପ୍ରତାପ ଚନ୍ଦ୍ର ଭଞ୍ଜ ଦେଓ, କେ. ସି. ଆଇ. ଇ. | ୧ମ ପୃଷ୍ଠାର ସମ୍ମୁଖ |
| ୨ । | ଶ୍ରୀମନ୍ ମହାରାଜାଙ୍କର ସ୍ୱନକ୍ଷତ୍ର ଓ କୃଷିଶିଳ୍ପ ପ୍ରଦର୍ଶନୀର ଚିତ୍ରାବଳୀ | ୨୨ ପୃଷ୍ଠାର ସମ୍ମୁଖ |
| ୩ । | ଚୈତ୍ରପର୍ବ ଓ ମୟୂରଭଞ୍ଜର କୃଷିଶିଳ୍ପ ପ୍ରଦର୍ଶନୀର ଚିତ୍ରାବଳୀ | ୨୩ ପୃଷ୍ଠାର ସମ୍ମୁଖ |
| ୪ । | ଶ୍ରୀମନ୍ ମହାରାଜାଙ୍କର ସ୍ୱନକ୍ଷତ୍ର ଉପଲକ୍ଷରେ କିଚକେଶ୍ୱରୀ ମନ୍ଦିରରେ ପୂଜା ସମାପ୍ତ କରି ଫେରିବାର ଦୃଶ୍ୟ | ୨୯ |
| ୫ । | ପ୍ରଦର୍ଶନୀ ଉଦ୍‌ଘାଟନ ପୂର୍ବରୁ ଦ୍ୱାରଦେଶରେ ଶ୍ରୀମନ୍ ରାଜତରାୟ ସାହେବ | ୩୦ |
| ୬ । | ପ୍ରଦର୍ଶନୀ ନିକଟରେ ଷ୍ଟେଟ୍‌ର ଉଡ଼ାଜାହାଜ ଷ୍ଟେଟ୍ ପତାକାକୁ ପ୍ରଦକ୍ଷିଣ କରିବାର ଦୃଶ୍ୟ | ୩୦ |
| ୭ । | ଶ୍ରୀମନ୍ ମହାରାଜା ସ୍ୱୀୟ ଜନ୍ମଦିନ ଉପଲକ୍ଷରେ ପ୍ରଦର୍ଶନୀ-ମଣ୍ଡପରେ ସମବେତ ଜନତାର ସମ୍ମାନ ଗ୍ରହଣ କରିବା କାଳୀନ ଦୃଶ୍ୟ । ପାର୍ଶ୍ୱଦେଶରେ ମହାରାଜକୁମାର ଓ ଷ୍ଟେଟରାୟ ସାହେବ | ୩୧ |
| ୮ । | ମୟୂରଭଞ୍ଜ-କୃଷିଶିଳ୍ପ ପ୍ରଦର୍ଶନୀରେ ପ୍ରଦର୍ଶିତ ପୁଷ୍ପ-ସମ୍ଭାର | ୩୨ |
| ୯ । | ଲେଡି ଫ୍ରେଜାର ବାଳିକା ବିଦ୍ୟାଳୟର ନବ-ନିର୍ମିତ ଗୃହ | ୩୩ |
| ୧୦ । | "ମହାଭାରତ" ବର୍ଣ୍ଣିତ ଅର୍ଜ୍ଜୁନ ଓ ନିବାତକବଚଙ୍କ ମଧ୍ୟରେ ଯୁଦ୍ଧର ଏକ ଦୃଶ୍ୟ | ୩୪ |


———0———

Digitized by srujanika@gmail.com



ମୟୂରଭଞ୍ଜର ମହାରାଜା ସାର୍ ଶ୍ରୀ ପ୍ରତାପ ଚନ୍ଦ୍ର ଭଞ୍ଜ ଦେଓ, କେ. ସି. ଆଇ. ଇ.

Digitized by srujanika@gmail.com

# ଝଙ୍କାର

ସମ୍ପାଦକ—ଶ୍ରୀ ରାଧାଗୋବିନ୍ଦ ଦାସ

ସହକାରୀ ସମ୍ପାଦକ—ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ

ଚୈତ୍ରପର୍ବ ସଂଖ୍ୟା

ସପ୍ତମ ଭାଗ | ଚୈତ୍ର, ସନ ୧୩୬୪ ସାଲ | ୩ୟ ସଂଖ୍ୟା


## ଅଭିଭାଷଣ*

ଶ୍ରୀ ବିନାୟକ ମିଶ୍ର

ଅଭିଭାଷଣର ପ୍ରାରମ୍ଭରେ ସଭାପତି ନିଜର ଦୈନ୍ୟ ବ୍ୟକ୍ତ କରିବା ଆଜିକାଲି ଗୋଟିଏ ସାଧାରଣ ରୀତି ହେଲାଣି । ବସନ୍ତ କାଳରେ କୋଇଲି ନିଜ ସ୍ୱରକୁ ଧିକ୍କାରିଲେ ତାହାର ନିରହଙ୍କାରତାକୁ ସମସ୍ତେ ପ୍ରଶଂସା କରିବେ । କିନ୍ତୁ ତୋଳ ପିଠି ବେଙ୍ଗ ନିଜ କଣ୍ଠର ନିନ୍ଦା ପ୍ରଚାର କଲେ ତାହା କାହାର ମନରେ ବିସ୍ମୟ ଜାଗରିତ କରିବ ନାହିଁ । ଖ୍ୟାତନାମା ସାହିତ୍ୟିକମାନେ ଏହି ସଭାପତିର ଆସନ ଅଳଙ୍କୃତ କରି ନିଜର ନିରହଙ୍କାରତା ବ୍ୟକ୍ତ କରିଅଛନ୍ତି । ଏଣୁ ମୋ ଭଳି ଯଥାର୍ଥ ଅକିଞ୍ଚନ ଲୋକ ନିଜର ଦୈନ୍ୟ ବ୍ୟକ୍ତ କରିବାରେ କିଛି ଲାଭ ନାହିଁ । ଏପରି ସ୍ଥଳେ ସାଧାରଣ ରୀତି ଲଂଘନ କରିବା ମୋ ପକ୍ଷରେ ବାଞ୍ଛନୀୟ । ଆପଣମାନେ ମୋତେ ଯେଉଁ ଗୌରବ ଦେଖାଇ ଅଛନ୍ତି ସେଥି ନିମନ୍ତେ କେବଳ ଆପଣମାନଙ୍କ ନିକଟରେ ଅନ୍ତରର ଗଭୀର କୃତଜ୍ଞତା ଜଣାଇ ଯେନତେନ ପ୍ରକାରେ କର୍ତ୍ତବ୍ୟ ସମ୍ପାଦନ କରିବା ମୋର ଉଦ୍ଦେଶ୍ୟ ।

ପ୍ରାଚୀନ କାଳରୁ ଓଡ଼ିଶାରେ ସଭ୍ୟତା ବିସ୍ତାର ନିମନ୍ତେ ମୟୂରଭଞ୍ଜ-ଶାଳୀ ଭଞ୍ଜରାଜବଂଶ ଏକାନ୍ତ ପ୍ରୟାସୀ । ଯେଉଁମାନେ ଓଡ଼ିଆ ସାହିତ୍ୟର ଇତିହାସ ପଢ଼ିଛନ୍ତି, ସେମାନେ ଜାଣନ୍ତି ଯେ ଭଞ୍ଜ ରାଜାମାନଙ୍କ ଯୋଗୁଁ ଓଡ଼ିଆ ସାହିତ୍ୟର କିପରି ଗୌରବ ବଢ଼ିଥିଲା । ଏହି ମୟୂରଭଞ୍ଜର ରଘୁନାଥ ଭଞ୍ଜ, କେନ୍ଦୁଝରର ଗୋବିନ୍ଦ ଭଞ୍ଜ ଓ ବଳଭଦ୍ର ଭଞ୍ଜ ଏବଂ ଘୁମୁସରର ଧନଞ୍ଜୟ ଭଞ୍ଜ, ନୀଳକଣ୍ଠ ଭଞ୍ଜ ଓ ଉପେନ୍ଦ୍ର ଭଞ୍ଜ ଉତ୍କଳ-ଭାରତୀଙ୍କ ଗଳାରେ କାବ୍ୟ-ପାରିଜାତ-ହାର ଲମ୍ବାଇ ଅମର ହୋଇଅଛନ୍ତି । ଆପଣମାନଙ୍କର ଏହି ସାହିତ୍ୟ-ସମାଜ ଅନୁଷ୍ଠାନଟି ସେହି ଗୌରବମଣ୍ଡିତ ଭଞ୍ଜ ବଂଶର ଗୁଣଗ୍ରାହୀ ମହାରାଜା ବାହାଦୁରଙ୍କ ପୃଷ୍ଠପୋଷକତାରେ ଲାଳିତ ପାଳିତ ହେଉଅଛି । ଏଣୁ ଅଳ୍ପକାଳ ମଧ୍ୟରେ ଏହାର ସର୍ବତୋମୁଖୀ ଉନ୍ନତି ଆଶା କରି ଯାଇପାରେ ।

* ବାରିପଦା ସାହିତ୍ୟ ସମାଜର ଚତୁର୍ଥ ବାର୍ଷିକ ଅଧିବେଶନରେ ସଭାପତିଙ୍କ ଅଭିଭାଷଣ ।

Digitized by srujanika@gmail.com

ଓଡ଼ିଆ ସାହିତ୍ୟର ଉନ୍ନତି ନିମନ୍ତେ ଆପଣମାନଙ୍କର ଏ ଉଦ୍ୟମ ଏକାନ୍ତ ପ୍ରଶଂସନୀୟ । ପ୍ରତିବେଶୀ ସାହିତ୍ୟମାନଙ୍କ ତୁଳନାରେ ଓଡ଼ିଆ ସାହିତ୍ୟ ବର୍ତ୍ତମାନ ଅତ୍ୟନ୍ତ ଅନୁନ୍ନତ । ଏହାର ଉନ୍ନତି ସାଧନ କରିବାକୁ ହେଲେ ଏହି ଅନୁଷ୍ଠାନ ପରି ଓଡ଼ିଶାର ବିଭିନ୍ନ ସ୍ଥାନରେ ଗୋଟିଏ ଗୋଟିଏ ଅନୁଷ୍ଠାନ ପ୍ରତିଷ୍ଠିତ ହେବା ବାଞ୍ଛନୀୟ । ପ୍ରତ୍ୟେକ ସମାଜ ସହିତ ଗୋଟିଏ ଗୋଟିଏ ଉପଯୁକ୍ତ ଲାଇବ୍ରେରୀ ସଂଲଗ୍ନ ରହିବା ଓ ସମାଜ ତରଫରୁ ଗୋଟିଏ ମାସିକ ବା ତ୍ରୈମାସିକ ପତ୍ରିକା ପ୍ରକାଶିତ ହେବା ଉଚିତ । ସମାଜର ସଭ୍ୟମାନେ ନିୟମିତରୂପେ ପୁସ୍ତକ ପାଠ କରି ରଚନା ଲେଖିବେ ଓ ପତ୍ରିକାରେ ତାହା ପ୍ରକାଶିତ ହେବ । ଏପରି ହେଲେ ଓଡ଼ିଆ ସାହିତ୍ୟର ଦାରିଦ୍ର୍ୟ ଅଚିରେ ଘୁଞ୍ଚିଯିବ । ସୁଖର କଥା, ଏଠାରେ ଲାଇବ୍ରେରୀର ଅଭାବ ଓ ରଚନା ଛପାଇବାର ଅସୁବିଧା ନାହିଁ । ବର୍ତ୍ତମାନ କେବଳ ଆପଣମାନଙ୍କ ନିଷ୍ଠାପର ଉତ୍ସାହ ଓ ଅଧ୍ୟବସାୟ ଉପରେ ମାତୃଭାଷାର ଉନ୍ନତି ନିର୍ଭର କରୁଅଛି ।

ଅନେକେ କହନ୍ତି—ଦାରିଦ୍ର୍ୟ ଓଡ଼ିଶାର ସମସ୍ତ ଉନ୍ନତିର ଅନ୍ତରାୟ । କାଳିଦାସ ଯେତେବେଳେ "ଅଲଙ୍ଘନୀୟା ଚମତ୍କାରୀ ମୃତବଞ୍ଚିବନଂ ମୟା" କହିଅଛନ୍ତି, ସେତେବେଳେ ସେ କଥା କେହି ଅସ୍ୱୀକାର କରି ପାରିବେ ନାହିଁ । କିନ୍ତୁ ଆମ ଓଡ଼ିଶାରେ ୰ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ଶିହ୍ନ ସାମନ୍ତ ଦାରିଦ୍ର୍ୟର ତୀବ୍ର ନିଷ୍ପେଷଣରେ ପଡ଼ି ଓଡ଼ିଶାର ମୁଖ ଉଜ୍ଜ୍ୱଳ କରିଗଲେ । ଏଣୁ ଦାରିଦ୍ର୍ୟର ତାଡ଼ନାରେ ହତାଶ ହେବା ଆମ୍ଭମାନଙ୍କର ଉଚିତ ନୁହେ ।

ଆମ ଦେଶରେ ସାହିତ୍ୟ-ଚର୍ଚ୍ଚା ପ୍ରତି ସାଧାରଣତଃ ଅଗ୍ରହ ଉଣା । ତାହାର ପ୍ରଧାନ କାରଣ, ଯେ ସାହିତ୍ୟ-ଚର୍ଚ୍ଚା କରେ ସେ କାହାରଠାରୁ ଟିକିଏ ଉତ୍ସାହ ପାଏ ନାହିଁ । ପ୍ରାଚୀନ କାଳରେ ଓଡ଼ିଶାର ରାଜାମାନଙ୍କର ମାତୃଭାଷା ପ୍ରତି ପ୍ରଗାଢ଼ ଅନୁରାଗ ଥିଲା । ସେମାନେ କବିମାନଙ୍କୁ ଆଦର କରୁଥିଲେ ଓ ନିଜେ କବିତା ଲେଖିବାକୁ ମନ ବଳାଉଥିଲେ । ତେଣୁ ଅଚ୍ୟୁତାନନ୍ଦ, ଲୋକନାଥ, ଯଦୁମଣି ଓ କବିସୂର୍ଯ୍ୟ ବଳଦେବ ରଥ ସାହିତ୍ୟ-ଚର୍ଚ୍ଚାରେ ଜୀବନ ସାର୍ଥକ କରି ପାରିଥିଲେ । ବର୍ତ୍ତମାନ ଯୁଗରେ ଦେଶର ସେ ଅବସ୍ଥା ନାହିଁ କହିଲେ ଚଳେ । ପୁଣି କେହି ଖଣ୍ଡିଏ ବହି ଛପାଇଲେ ପ୍ରଥମ ସଂସ୍କରଣ ତାହାର ସମସ୍ତ ଜୀବନରେ କଟିବ କି ନାହିଁ ସନ୍ଦେହ । ପୁରୁଣା କାଳିଆ ଲେଖକମାନଙ୍କ ପୁସ୍ତକମାନ ଯୁଗ ଯୁଗ ଧରି ଇସ୍କୁଲ ଓ କଲେଜରେ ପାଠ୍ୟ ରୂପେ ଚଳୁଥିବ । ଅଥଚ ଉତ୍ସାହ ଦେବା ନିମନ୍ତେ ନୂତନ ଲେଖକମାନଙ୍କ ପୁସ୍ତକ ପାଠ୍ୟ ବିବେଚିତ ହେବ ନାହିଁ ; ଅନ୍ୟ ପ୍ରକାରେ ଉତ୍ସାହ ଦେବା ତ ଦୂରର କଥା । କିନ୍ତୁ ସୁଖର କଥା ଯେ, ଏଠାରେ ଆପଣମାନଙ୍କର ସ୍ୱତନ୍ତ୍ର ପାଠ୍ୟ-ପୁସ୍ତକ-ନିର୍ବାଚନ ସମିତି ଥିବାରୁ ସ୍ଥାନୀୟ ଲେଖକମାନଙ୍କ ନିମନ୍ତେ ଉତ୍ସାହର ସୁଯୋଗ ଅଛି ।

ସଙ୍ଗୀତ ସାହିତ୍ୟର ଗୋଟିଏ ପ୍ରଧାନ ଅଙ୍ଗ । ସଙ୍ଗୀତରେ ଗୋଖୁର ସାପ ବଶ ହୁଏ । ସଙ୍ଗୀତର ତାଳରେ ମନୁଷ୍ୟର ହୃଦୟ-ଯନ୍ତ୍ରରେ ସହଜରେ ଭାବ ସ୍ପନ୍ଦିତ ହୁଏ । ଓଡ଼ିଶାରେ ପ୍ରାଚୀନ କାଳରେ ସଙ୍ଗୀତ-ଚର୍ଚ୍ଚା ପ୍ରତି ବଡ଼ ଆଦର ଥିଲା । ଏହାର ଜ୍ୱଳନ୍ତ ପ୍ରମାଣ ସାହିତ୍ୟରୁ ଓ ଇତିହାସରୁ ମିଳେ । ଓଡ଼ିଶାର ଅବନତି ସଙ୍ଗେ ସଙ୍ଗେ ତାହାର ସଙ୍ଗୀତ-ବିଜ୍ଞାନର ଲୋପ ଘଟିଅଛି । ଅଳ୍ପ ଦିନ ହେଲା ଏହାର ପୁନରୁଦ୍ଧାର ନିମନ୍ତେ ଗୁରୁଅଡ଼େ ଯତ୍ନ ଲାଗିଅଛି । ଦକ୍ଷିଣରେ ପାରଳାଖେମୁଣ୍ଡିର ଏ ଦିଗରେ ଯତ୍ନ ପ୍ରଶଂସନୀୟ । ମୁଁ ଦେଖି ଆସୁଅଛି ଏଥିପ୍ରତି ଆପଣମାନଙ୍କର ଉଦ୍ୟମ ଓ ଉତ୍ସାହ ଦିନକୁ ଦିନ ପ୍ରବଳ ଭାବରେ ବଢ଼ୁଅଛି ।

ସାଗରର ବାରିରାଶି ସ୍ଥିର ଥିଲେ ତହିଁରୁ ଅମୃତ-ସଙ୍ଗୀତର ଝଙ୍କାର ଉଠେ ନାହିଁ । ଯେତେବେଳେ ପ୍ରବଳ ଭାବରେ ସ୍ପନ୍ଦିତ ହୋଇ ଏଥିରେ ତରଙ୍ଗର ସୃଷ୍ଟି ହୁଏ, ସେତେବେଳେ ଏହାର ମନ୍ଦ୍ର ଧ୍ୱନି ଆମ ପ୍ରାଣ ଭେଦ କରେ । ପୃଥିବୀର ବାୟୁରାଶି ଯେତେବେଳେ ସ୍ଥିର ସେତେବେଳେ ଏହା ନୀରବ । ପ୍ରବଳ ବାତ୍ୟା ରୂପେ ଏହାର ତାଣ୍ଡବ ନୃତ୍ୟ ଆରମ୍ଭ ହେଲେ ତହିଁରୁ ଡମ୍ବରୁର ଗମ୍ଭୀର ନିନାଦ ଆମ କାନକୁ ସ୍ତବ୍ଧ କରେ । ମନୁଷ୍ୟର ଶୈଶବ-ସ୍ୱଭାବ ଲକ୍ଷ୍ୟ କଲେ ଏହି ସତ୍ୟ ପ୍ରାଞ୍ଜଳ ଭାବରେ ଉପଲବ୍ଧି କରାଯାଏ । ଯେତେବେଳେ କୌଣସି ପିଲା ଆନନ୍ଦରେ ଡେଇଁ ନାଚି ଖେଳୁଥାଏ, ସେତେବେଳେ ଏଣୁ ତେଣୁ କେତେଗୁଡ଼ିଏ ଧ୍ୱନି ଆପେ ଆପେ ତାହା ମୁହଁରୁ ଉଚ୍ଛୁଳି ପଡ଼ୁଥାଏ । ଏଥିରୁ ଜଣାଯାଏ, ଜୀବନର ସ୍ପନ୍ଦନ ବିନା ସାହିତ୍ୟର ସ୍ଫୁରଣ ଅସମ୍ଭବ । ଆପଣମାନଙ୍କର ଏଠାରେ ନାଟକାଭିନୟ, ସାମାଜିକ ନାରୀ-ମିଳନ ପ୍ରଭୃତି ଜୀବନର ନାନାବିଧ କର୍ମ-ପ୍ରେରଣାର ପନ୍ଥା ଫିଟିଛି । ଆପଣମାନଙ୍କଠାରୁ ସାହିତ୍ୟର ଉନ୍ନତି ଆଶା କରିବା ସମସ୍ତଙ୍କ ପକ୍ଷରେ ସ୍ୱାଭାବିକ ।

ଓଡ଼ିଆ ସାହିତ୍ୟର କଣ ଅଭାବ ଅଛି, ତାହା ଆପଣମାନଙ୍କ ମଧ୍ୟରୁ କାହାରିକୁ ଅବିଦିତ ନ ଥିବ । ସୁତରାଂ ତାହାର ତାଲିକା ଦେବା ପାଇଁ ମୋର ପ୍ରୟୋଜନ ନାହିଁ । କିନ୍ତୁ ସାହିତ୍ୟର ଅବନତିର କାରଣ ସମ୍ବନ୍ଧରେ 'ନାନା ମୁନୀନାଂ ମତମସ୍ତି ଭିନ୍ନା'। ଆମର ସାହସ ନାହିଁ କି ଅଧ୍ୟବସାୟ ନାହିଁ, ଅଛି କେବଳ— ଶସ୍ତାରେ ଖ୍ୟାତି ଲାଭର ପ୍ରୟାସ । ରଚନା ଲେଖିବା ନିମନ୍ତେ ଏକାଗ୍ରତା ଓ ଚିନ୍ତାର ଗୁଳନା କି ପରିମାଣରେ ପ୍ରୟୋଜନ, ତାହା ଆମେ ବୁଝୁ ନାହୁଁ । ଆମେ ଇଚ୍ଛା କରୁଁ, କଲମ ଧରିବା ମାତ୍ରେ ତାହାର ବିରାମହୀନ ଗତି ହୁଅନ୍ତା । ସେପରି ଶକ୍ତି ଲାଭ କରିବା ନିମନ୍ତେ କି ପରିମାଣରେ ସାଧନା ଆବଶ୍ୟକ ସେ କଥା ଭାବୁଛି କିଏ ? ଏପରି ଅଭିଳାଷ ଘେନି ଲେଖିବାକୁ ଆରମ୍ଭ କଲେ ଅଧୈର୍ଯ୍ୟ ଚିନ୍ତା ଶକ୍ତିକୁ ଗ୍ରାସ କରେ । ଫଳରେ କଲମର ଗତି ବନ୍ଦ ହୁଏ । ତେଣୁ ଶସ୍ତା ଖ୍ୟାତି ପାଇଁ ଚୋରି ବା ଅନୁକରଣର ପନ୍ଥା ଅନୁସରଣ କରିବାକୁ ପଡ଼େ । ପୁସ୍ତକ ପାଠର ତ୍ରୁଟିରୁ ଆମର ଏ ପ୍ରକାର ଦୋଷ ଜନ୍ମିଛି । ଆମର ପୁସ୍ତକ ପାଠର ଅଭ୍ୟାସ ନାହିଁ କହିଲେ ଚଳେ । ବେଳେ ବେଳେ ଖଣ୍ଡେ ଦୁଇ ଖଣ୍ଡ ବହି ପଢ଼ିଲେ ମଧ୍ୟ ଚିନ୍ତା-ଶକ୍ତିର ଉନ୍ମେଷ ସାଧନ କରିବା ଦିଗରେ ତାହା ଆମର ପଢ଼ା ହୁଏ ନାହିଁ । ଏଣୁ ରଚନା ଲେଖିଲା ବେଳେ ଚିନ୍ତା-ଶକ୍ତିର



Digitized by srujanika@gmail.com

ତୁଳନା ଅସମ୍ଭବ ହୋଇପଡ଼େ । ସଂକ୍ଷେପରେ କହିବାକୁ ହେଲେ ଆମର ସାଧନା ନାହିଁ ।

ସାହିତ୍ୟରେ ଅନୁକରଣ ଆଦୌ ବାଞ୍ଛନୀୟ ନୁହେଁ, ଏ କଥା ମୁଁ କହୁ ନାହିଁ । ଆମ ସାହିତ୍ୟ ଅନେକ ଅନୁକରଣ କରିଛି, କରୁଛି ଓ କରିବ । ତେବେ ଅନୁକରଣକୁ ନିଜସ୍ୱ କରି ନ ପାରିଲେ ଅନୁକରଣ ଦ୍ୱାରା ଜାତୀୟ ସାହିତ୍ୟ କଦାକାର ହେବ । ବର୍ତ୍ତମାନ ଆମ ଦେଶର ଦଳେ ନବୀନ ଲେଖକ ବଙ୍ଗର ୰ଶରଚ୍ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କୁ ଅନୁକରଣ କରିବାରେ ପ୍ରୟାସୀ । ବଙ୍ଗଦେଶର ସାମାଜିକ ଅବସ୍ଥା ସଙ୍ଗରେ ଆମ ଦେଶର ସାମାଜିକ ଅବସ୍ଥାର କିପରି ପ୍ରଭେଦ ଅଛି, ତାହା ସେମାନେ ବିଚାର କରୁଥିବାର ସଙ୍କେତ ମିଳେ ନାହିଁ । ଆମ ଦେଶର ବାଳିକା ନିଜ ଭାଇର ଇସ୍କୁଲ ବା କଲେଜ-ସଙ୍ଗୀ ସହିତ ଅବାଧରେ ମିଳାମିଶି ପାରେ, ଏ କଥା ଦୁଇ ତିନି ଗୋଟି ସହରର ମୁଷ୍ଟିମେୟ ଶିକ୍ଷିତଙ୍କ ଛଡ଼ା ଅନ୍ୟ କେହି ଧାରଣା କରି ପାରିବେ ନାହିଁ । ସେହିପରି ବାଳିକା ସହିତ ତାହାର ଗୃହ-ଶିକ୍ଷକ କିପରି ପ୍ରଣୟ-ପାଶରେ ଆବଦ୍ଧ ହୁଏ, ତାହା ଅନେକେ କଳ୍ପନା କରି ପାରନ୍ତି ନାହିଁ । ଏଣୁ ଶରତବାବୁଙ୍କ ଅନୁକରଣରେ ଯେଉଁମାନେ ଏହି ସବୁ କଥାବସ୍ତୁ ଅବଲମ୍ବନ କରି ଉପନ୍ୟାସ ଲେଖୁଅଛନ୍ତି, ଦେଶରେ ସେମାନଙ୍କୁ କେହି ଉପଯୁକ୍ତ ଆଦର କରୁ ନାହିଁ । ଦିନ ଆସିବ, ସେମାନଙ୍କ ଲେଖାର ଆଦର ବଢ଼ିବ, ଏହା ଭାବି ସେମାନେ ଆଶ୍ୱସ୍ତ ରହି ପାରନ୍ତି । କିନ୍ତୁ ଯେଉଁ ଘଟଣା ଭିତରେ ଯୁବକ ଯୁବତୀଙ୍କ ଅପରିଚିତ ମନୋବୃତ୍ତିଗୁଡ଼ିକୁ ଶରତ୍ ବାବୁ ଫୁଟାଇ ଅଛନ୍ତି ସେଗୁଡ଼ିକ ଭିନ୍ନ ଘଟଣାକାରରେ ଆମ ଦେଶରେ ବ୍ୟକ୍ତ ହୁଏ । ଆମ ଦେଶର ଘଟଣା ଅବଲମ୍ବନ କରି ଆମ ଦେଶର ଲେଖକମାନେ ଉପନ୍ୟାସ ଲେଖିଲେ ଦେଶରେ ତାହାର ଆଦର ବଢ଼ନ୍ତା ।

ପ୍ରତିଭାଶାଳୀ ୰ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ, ୰ମାଇକେଲ ମଧୁସୂଦନ ଦତ୍ତ ପ୍ରଭୃତି କେତେ ଜଣ ସାଧକଙ୍କ ଲାଗି ବଙ୍ଗ ଭାଷା ଆଜି ଏତେ ଉନ୍ନତ । ସେହିପରି କେତେ ଜଣ ପ୍ରତିଭାଶାଳୀ ସାଧକ ଆମ ଦେଶରେ ନ ଜନ୍ମିବା ପର୍ଯ୍ୟନ୍ତ ଆମ ସାହିତ୍ୟର ଉନ୍ନତି ଅସମ୍ଭବ । ଆମ ଦେଶରେ ପ୍ରତିଭାଶାଳୀ ଲେଖକ ଜନ୍ମିଛନ୍ତି । ନବଭାରତ, ସହକାର, ପ୍ରଭୃତି ମାସିକ ପତ୍ରିକାରେ ଅନେକ ଲେଖକ ନିଜ ପ୍ରତିଭାର ପରିଚୟ ଦେଉଅଛନ୍ତି । କିନ୍ତୁ ସାଧନାର ପରିଚୟ କେହି ଦେଉ ନାହାନ୍ତି । ଅନେକେ ଛାତ୍ର-ଜୀବନରେ ସାହିତ୍ୟ ପ୍ରତି ଅନୁରାଗ ଦେଖାଇ ସଂସାରର ଜଞ୍ଜାଳରେ ପରବର୍ତ୍ତୀ ଜୀବନରେ ଲିପ୍ତ ହେଲେ ସାହିତ୍ୟ-ସାଧନା ଛାଡ଼ି ଦିଅନ୍ତି । ଏ ରୋଗର ପ୍ରତିକାର କରି ପାରିଲେ ବୋଧହୁଏ ଆମ ସାହିତ୍ୟ ଉନ୍ନତି କରି ପାରନ୍ତା । କଲିକତା ବିଶ୍ୱବିଦ୍ୟାଳୟ ଅଧ୍ୟାପକ ନିଯୁକ୍ତ କଲାବେଳେ ପ୍ରାର୍ଥୀର କେବଳ ବିଶ୍ୱବିଦ୍ୟାଳୟ ଉପାଧି ଦେଖେ ନାହିଁ । ପ୍ରାର୍ଥୀର ପୂର୍ବରଚିତ ପୁସ୍ତକ ଓ ପ୍ରବନ୍ଧରୁ ତାହାର ଯୋଗ୍ୟତା ନିର୍ବାଚନ କରେ । ଏବଂ କାହାରିକୁ ଅଧ୍ୟାପକ ରୂପେ ନିଯୁକ୍ତ କରି ସାରିଲେ କେଉଁ ବର୍ଷ ସେ କଣ ଲେଖିଲା, ତାହାର ସମ୍ବାଦ ନିଏ । ଆମ ଦେଶରେ ଏହିପରି କୌଣସି ପ୍ରଥା ପ୍ରବର୍ତ୍ତିତ ହେଲେ ଆମ ସାହିତ୍ୟର ଦୁରବସ୍ଥା ବୋଧହୁଏ ଘୁଞ୍ଚିଯାନ୍ତା ।

ଆମ ଦେଶର ସାହିତ୍ୟିକମାନଙ୍କ ପ୍ରତି ଉପଯୁକ୍ତ ସମ୍ମାନ ଦେଖାଇବାକୁ ଆମେ ଶିଖି ନାହୁଁ । ସାଧାରଣ ଲେଖକର କଥା ଛାଡ଼ି ଦିଅନ୍ତୁ; ୰ଋଷି ଚନ୍ଦ୍ରଶେଖର ସିଂହ ସାମନ୍ତ, ଯେ କି ଓଡ଼ିଶାର ଟେକ ସମଗ୍ର ଭାରତରେ ବଢ଼ାଇଲେ, ତାଙ୍କ ପ୍ରତି ଆମେ କି ସମ୍ମାନ ଦେଖାଇଛୁଁ ? ତାଙ୍କ ସ୍ମୃତି-ଦିବସ ଉପଯୁକ୍ତ ରୂପେ ପାଳିତ ହେଉନାହିଁ । ୰ରାଧାନାଥ, ୰ମଧୁସୂଦନ, ୰ଫକୀରମୋହନ ପ୍ରଭୃତିଙ୍କ ସ୍ମୃତି-ଦିବସ କିପରି ପାଳନ କରା ଯାଉଅଛି, ତାହା ମୁଁ ଜାଣେ ନାହିଁ । ଏପରି ଅବସ୍ଥାରେ ଯୁବକମାନଙ୍କ ମନରେ ସାହିତ୍ୟ-ସାଧନା ପ୍ରତି ଅନୁରାଗ ଜନ୍ମାଇବା ବଡ଼ କଠିନ ।

ତିରିଶ ବର୍ଷ ତଳେ ଆମ ସାହିତ୍ୟର ଯାହା ଅବସ୍ଥା ଥିଲା, ବର୍ତ୍ତମାନ ତାହା ନାହିଁ । ଗଲା ଦଶ ବର୍ଷ ଭିତରେ ଅନେକ ଉନ୍ନତି ଘଟିଛି । କିନ୍ତୁ ଏହା ପ୍ରତିବେଶୀ ସାହିତ୍ୟର ଉନ୍ନତି ତୁଳନାରେ କିଛି ନୁହେଁ । ଏହି ଉନ୍ନତିର ଗତି ଦ୍ରୁତତର ହେବା ବାଞ୍ଛନୀୟ । କେବଳ ଅଭିଭାଷଣ ବା ବକ୍ତୃତାରେ ଗତି ଦ୍ରୁତତର ହୋଇ ନ ପାରେ । ଅର୍ଥର ମଧ୍ୟ ପ୍ରୟୋଜନ । ଅର୍ଥ ମିଳିଲେ ତାହାର ସଦ୍‌ବ୍ୟବହାର ନିମନ୍ତେ ବୁଦ୍ଧି ପ୍ରୟୋଗ କରିବା ମଧ୍ୟ ସହଜ ନୁହେଁ । ଅନେକ ରାଜା, ମହାରାଜା, ଜମିଦାର ସାହିତ୍ୟ ନିମନ୍ତେ ଦାନ କରିଛନ୍ତି ଓ କରୁଛନ୍ତି । କେତେକ ସ୍ଥଳରେ ଉପଯୁକ୍ତ ପାତ୍ରରେ ଦାନ ନ ପଡ଼ି ଦାନର ଅସଦ୍‌ବ୍ୟବହାର ଘଟୁଛି ।

ଆପଣମାନଙ୍କ ଅନୁଷ୍ଠାନଟି ପଞ୍ଚମ ବର୍ଷରେ ପଦାର୍ପଣ କରୁଅଛି । ଅନୁଷ୍ଠାନର ଆୟ ଅବଶ୍ୟ ପ୍ରଚୁର ନୁହେଁ । କିନ୍ତୁ ଏ ଜିଲା ଯାଗାକୁ ଏହା ବର୍ତ୍ତମାନ ଯଥେଷ୍ଟ; କାରଣ, ଆପଣମାନେ ଲାଇବ୍ରେରୀ ବା ପତ୍ରିକା-ପ୍ରକାଶର ଅଭାବ ବର୍ତ୍ତମାନ ବୋଧ କରୁ ନାହାନ୍ତି । ଆପଣମାନେ ଯେଉଁ ଅନ୍ୟ ଅଭାବ ନିମନ୍ତେ ଅର୍ଥର ପ୍ରୟୋଜନ ମନେ କରୁଥିବେ, ସେ ଅଭାବ ସହସା ଦୂର ନ ହେଲେ ମଧ୍ୟ ଚଳିବ । ବର୍ତ୍ତମାନ ଆପଣମାନେ ସ୍ଥାନୀୟ ଲେଖକମାନଙ୍କୁ ଉତ୍ସାହିତ କରି ପାରିଲେ ଯଥେଷ୍ଟ ହେବ । ଆପଣମାନେ ଯଥାର୍ଥ ଉନ୍ନତି ଦେଖାଇ ପାରିଲେ ଅର୍ଥାଭାବ ପ୍ରତିବନ୍ଧକ ହୋଇ ରହି ପାରିବ ନାହିଁ । ବିଶେଷତଃ ଗୁଣଗ୍ରାହୀ ମହାରାଜା ବାହାଦୁରଙ୍କୁ ପୃଷ୍ଠପୋଷକ ରୂପେ ପାଇଥିବାରୁ ଅର୍ଥାଭାବର ଆଶଙ୍କା ଆଦୌ ନାହିଁ । ଜ୍ଞାନ-ପ୍ରଚାରର ପୃଷ୍ଠପୋଷକତା କରିବା ମହାରାଜାଙ୍କର ବଂଶଗତ ପ୍ରବୃତ୍ତି । ବ୍ରିଟିଶ ରାଜତ୍ୱରେ ଓଡ଼ିଶାରେ ଜ୍ଞାନ-ବୃଦ୍ଧି ନିମନ୍ତେ ମହାରାଜା ବାହାଦୁରଙ୍କ ପୂର୍ବପୁରୁଷମାନେ ଯେପରି ମୁକ୍ତ ହସ୍ତରେ ଦାନ କରିଅଛନ୍ତି, ତାହା ଆପଣମାନଙ୍କୁ ଅବିଦିତ ନାହିଁ । ମହାରାଜାଙ୍କ ବଂଶର ସଭ୍ୟତା ପ୍ରତି କିପରି ଅନୁରାଗ, ତାହାର ଜୀବନ୍ତ ପ୍ରମାଣ ଖିଚିଙ୍ଗରେ ବିରାଜିତ । ପୁଣି, କେନ୍ଦୁଝର ରାଜ୍ୟର



Digitized by srujanika@gmail.com

ସୀତାଭିଞ୍ଜି ନାମକ ସ୍ଥାନରୁ ଯେଉଁ ପ୍ରମାଣ ମିଳୁଅଛି ତାହା ଏହି ରାଜବଂଶର ଅତୀତ ଗୌରବକୁ ଉଜ୍ଜ୍ୱଳତର କରୁଅଛି । ଏଠାରେ ପ୍ରସ୍ତର-ଗାତ୍ରରେ ଚିତ୍ର ଓ ଲିପି ଅଙ୍କିତ ଅଛି । ଏହା ଛଡ଼ା ପ୍ରାଚୀନ ସଭ୍ୟତାର ଆଉ କେତେ ନିଦର୍ଶନ ଅଛି । ଖ୍ରୀଷ୍ଟ ଚତୁର୍ଥ ଶତାବ୍ଦୀରେ ପ୍ରଚଳିତ ଲିପିରେ 'ଶ୍ରୀ ଦିଶାଭଞ୍ଜ' ନାମଟି ଅଙ୍କିତ ଅଛି । ଛବିରେ ତିନି ଜଣ ପଦାତିକ, ତାଙ୍କ ପଛରେ ଜଣେ ଅଶ୍ୱାରୋହୀ ଓ ତାହିଁ ପଛକୁ ହାତୀ ଉପରେ ସ୍ୱୟଂ ରାଜା ଏବଂ ତାଙ୍କ ପଛରେ ଜଣେ ଧ୍ୱଜାଧାରୀ । ଏହି ଛବିଗୁଡ଼ିକ ବଡ଼ ସୁନ୍ଦର । ଯେଉଁ ପାଶ୍ଚାତ୍ୟ ପଣ୍ଡିତମାନେ ଅଜନ୍ତାର ପ୍ରସ୍ତର-ଗାତ୍ରାଙ୍କିତ ଛବି ଦେଖି ବିସ୍ମିତ ହୋଇଥିଲେ, ସେମାନେ ସୀତାଭିଞ୍ଜିର ଛବି ଦେଖିଥିଲେ ଅଧିକତର ଚମତ୍କୃତ ହୋଇଥାନ୍ତେ । ଏଥିରୁ ପ୍ରାଚୀନ ଭଞ୍ଜରାଜାମାନଙ୍କ ସଭ୍ୟତା-ବିସ୍ତାର ପ୍ରତି ଅନୁରାଗ ଥିବାର ସହଜରେ ପ୍ରମାଣିତ ହୁଏ । ଏହି ପୁଣ୍ୟ ବଳରେ ଭଞ୍ଜରାଜବଂଶ ଏକ ସ୍ଥାନରେ ସୁଦୀର୍ଘ କାଳ ରାଜତ୍ୱ କରି ଆସୁଅଛି । ଆମର ବର୍ତ୍ତମାନ ମହାରାଜା ବାହାଦୁର ମଧ୍ୟ ସେ ପୁଣ୍ୟ ପଥରୁ ବିଚଳିତ ନୁହନ୍ତି । ଏହି ଷ୍ଟେଟ ବାହାରର ସାହିତ୍ୟ-ସାଧକମାନଙ୍କ ପ୍ରତି ସେ ଯେପରି ମୁକ୍ତହସ୍ତ, ତାହା ଆପଣମାନଙ୍କୁ କହିବାକୁ ହେବ ନାହିଁ । ଏପରି ସ୍ଥଳେ ଅର୍ଥାଭାବ ଆପଣମାନଙ୍କ ଉନ୍ନତି ପଥର ପ୍ରତିବନ୍ଧକ ହେବ ବୋଲି କେହି ଆଶଙ୍କା କରିବେ ନାହିଁ ।

ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରୁ ଓଡ଼ିଶାରେ ପ୍ରଚଳିତ ପାଲୀ ଭାଷାରେ ପ୍ରାଦେଶିକତାର ସୃଷ୍ଟି ହୋଇଥିବାର ପ୍ରମାଣ ମିଳେ । ସପ୍ତମ ଶତାବ୍ଦୀରୁ ଏହି ପାଲୀ ଭାଷା ଓଡ଼ିଶାର ସ୍ୱତନ୍ତ୍ର ପ୍ରାଦେଶିକ ଭାଷାରେ ପରିଣତ ହୋଇଥିଲା । ପ୍ରାଦେଶିକ ଭାଷା ମାର୍ଜିତ ହୋଇ ଦଶମ ଶତାବ୍ଦୀରୁ ତହିଁରେ ସାହିତ୍ୟର ସୃଷ୍ଟି ହେଲା । ସାହିତ୍ୟ କ୍ରମଶଃ ଉନ୍ନତି ପଥରେ ଅଗ୍ରସର ହୋଇ ଅଷ୍ଟମ ଶତାବ୍ଦୀରେ ଭାରତର ଅନ୍ୟାନ୍ୟ ପ୍ରାଦେଶିକ ସାହିତ୍ୟଠାରୁ ଉଚ୍ଚତର ଆସନ ଅଧିକାର କଲା । କିନ୍ତୁ ବର୍ତ୍ତମାନ ତାହାର ସ୍ଥାନ ନିମ୍ନରେ । ଏପରି ଅବସ୍ଥାରେ ତାହାର ସମାଲୋଚନା ବାଞ୍ଛନୀୟ ନୁହେ ବୋଲି ଅନେକ ସାହିତ୍ୟିକଙ୍କର ମତ । ଯେଉଁମାନେ ଏପରି ମତ ବ୍ୟକ୍ତ କରନ୍ତି, ସେମାନେ ବୋଧହୁଏ ସମାଲୋଚନାର ଅର୍ଥ ଆକ୍ରମଣ ବୋଲି ବୁଝନ୍ତି । ଅଣବାଟରେ ଯାଉଥିବା ପଥିକକୁ ବାଟ ଦେଖାଇ ନ ଦେଲେ ସେ ବାଟବଣା ହୋଇ ବୁଲୁଥିବ । ସମାଲୋଚନା ବିନା ସାହିତ୍ୟର ଉନ୍ନତି ଅସମ୍ଭବ । ଏହା ବୋଲି ପ୍ରତ୍ୟେକ ଲେଖକଙ୍କ ରଚନାର ସମାଲୋଚନାର ପ୍ରୟୋଜନ ଅଛି, ଏପରି ନୁହେ । ଯେଉଁ ନବୀନ ଲେଖକଙ୍କ ରଚନାରୁ ସାହିତ୍ୟର ଉନ୍ନତି ଘଟିବାର ଆଶା ନାହିଁ, ସେମାନଙ୍କୁ ଛାଡ଼ି ଦେବା ଉଚିତ । ଯାହାର ରଚନାରୁ ଆଶାର ସଞ୍ଚାର ମିଳୁଅଛି, ସେମାନଙ୍କୁ ଉତ୍ସାହ ଦେଇ ସେମାନଙ୍କ ରଚନାର ଦୋଷଗୁଣ ବାଛିବା ସମାଲୋଚନାର ଉଦ୍ଦେଶ୍ୟ ହେବା ଉଚିତ । ନବୀନ ଲେଖକମାନେ ସାଧାରଣତଃ ଖ୍ୟାତନାମା ଲେଖକମାନଙ୍କୁ ଅନୁକରଣ କରନ୍ତି । ଖ୍ୟାତନାମା ଲେଖକମାନଙ୍କ ଦୋଷଗୁଣ ବାଛି ନ ଦେଲେ ନବୀନ ଲେଖକମାନେ ବାଟବଣା ହେବେ । ବିଦ୍ୟା, ବୁଦ୍ଧି ଓ ସୁବିଧା ଥାଇ ମଧ୍ୟ ଯେଉଁମାନେ ସାଧନା ବିନା ଖ୍ୟାତି ଲାଭର ପ୍ରୟାସୀ, ସେମାନଙ୍କ ପ୍ରତି ସମାଲୋଚନା ତୀବ୍ର ହୋଇପାରେ । ଏ ବିଷୟରେ ଅବଶ୍ୟ ସମସ୍ତେ ଏକମତ ହୋଇ ପାରିବେ ନାହିଁ । କିନ୍ତୁ ସମାଲୋଚନାର ପ୍ରୟୋଜନୀୟତା ଏକାବେଳକେ ଉଡ଼ାଇ ଦେଲେ ଚଳିବ ନାହିଁ । ସମାଲୋଚନାର ସୁବିଧା ନିମନ୍ତେ ସାହିତ୍ୟ ସମାଜର ଆବିର୍ଭାବ । ଏଠାରେ ଜଣେ ପ୍ରବନ୍ଧ ପଢ଼ି ଆଉ ଦଶ ଜଣ ସମାଲୋଚନା କଲେ ପ୍ରବନ୍ଧ ମାର୍ଜିତ ହୁଏ । କିନ୍ତୁ ସମାଲୋଚନାକୁ ବର୍ତ୍ତମାନ ଅବସ୍ଥାରେ ଛାଡ଼ି ସାହିତ୍ୟର ଉନ୍ନତି ସାଧନ କରିବାର ଆଶା ଯଦି ଆପଣମାନଙ୍କର ଥାଏ ତେବେ ତାହା ଫଳବତୀ କଲେ ହେଲା । ସମାଲୋଚନା ଅବଲମ୍ବନ କରିବା ନିମନ୍ତେ ବାଧ୍ୟବାଧକତା ନାହିଁ ।

ଆପଣମାନଙ୍କର ଏହି ଶିଶୁ ଅନୁଷ୍ଠାନଟି ସ୍ଥାନୀୟ ଲେଖକମାନଙ୍କୁ ଅବଶ୍ୟ ଏ ପର୍ଯ୍ୟନ୍ତ ଅନୁଭବଯୋଗ୍ୟ କୌଣସି ଉତ୍ସାହ ଦେଇ ନାହିଁ । କିନ୍ତୁ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ସାହିତ୍ୟସେବୀମାନଙ୍କୁ ବକ୍ତୃତା ଦେବା ବା ସଭାପତି ହେବା ନିମନ୍ତେ ନିମନ୍ତ୍ରଣ କରି ସେମାନଙ୍କୁ ଗୌରବ ଦେଖାଇବାରୁ ଓଡ଼ିଶାର ଅନେକ ସାହିତ୍ୟସେବୀ ଉତ୍ସାହିତ ହେଉଅଛନ୍ତି । ସ୍ଥାନୀୟ ଲେଖକମାନେ ମଧ୍ୟ ସେମାନଙ୍କ ବକ୍ତୃତା ବା ଅଭିଭାଷଣ ଶୁଣି କେତେକ ପରିମାଣରେ ଉପକୃତ ହେଉଥିବେ ।

ଏହି ସମାଜର ସଭ୍ୟ ସଂଖ୍ୟା ଅଳ୍ପ ବୋଲି ଆପଣମାନେ ଦୁଃଖିତ ହୋଇ ପାରନ୍ତି । କିନ୍ତୁ ଦୁଃଖ କରିବାର କିଛି କାରଣ ନାହିଁ । କଥାରେ ଅଛି 'ହିଡ଼ିଆ ଗୋଟିକୁ ଘୁଷୁରିଛୁଆ କୋଡ଼ିଏ' ସମାନ ନୁହନ୍ତି । ଯଦି ଅଳ୍ପ ସଂଖ୍ୟକ ସଭ୍ୟଙ୍କର ସାହିତ୍ୟ-ସେବା କରିବା ନିମନ୍ତେ ନିଷ୍ଠା ଥାଏ, ତେବେ ସାହିତ୍ୟର ଉନ୍ନତି ସାଧିତ ହେବାର ଦୃଢ଼ ବିଶ୍ୱାସ ଅଛି । ଆପଣମାନେ ପୃଥିବୀର ଯେ କୌଣସି ଉନ୍ନତ ସାହିତ୍ୟର କଥା ଭାବିଲେ ଏହି ସତ୍ୟ ଉପଲବ୍ଧି କରି ପାରିବେ । ପ୍ରତ୍ୟେକ ଉନ୍ନତ ସାହିତ୍ୟ ତାହାର ଅଳ୍ପ ସଂଖ୍ୟକ ନିଷ୍ଠାପର ସେବକଙ୍କ ଯତ୍ନରୁ ଦୁରବସ୍ଥା ଅତିକ୍ରମ କରି ପାରିଅଛି ।

ଆପଣମାନଙ୍କ ମଧ୍ୟରେ ମୋଠାରୁ ବଳି ଅନେକ ବୟୋବୃଦ୍ଧ ଓ ଜ୍ଞାନବୃଦ୍ଧ ଅଛନ୍ତି । ମୁଁ ଜାଣେଁ, ସେମାନଙ୍କ ସମ୍ମୁଖରେ କିଛି ନୂତନ କଥା ବ୍ୟକ୍ତ କରିବାର ସାମର୍ଥ୍ୟ ମୋର ନାହିଁ । ତଥାପି କର୍ତ୍ତବ୍ୟର ଗୁରୁଭାରରେ ବୁଦ୍ଧି ହରାଇ ବାତୁଳର ପ୍ରଳାପ ପରି କେତେଟା କଥା କହି ପକାଇଲି । ଏଣିକି ସଙ୍କୋଚ ବୋଧ କରୁଛି । କରୁଣାମୟ ଜଗଦୀଶ୍ୱରଙ୍କ ଚରଣ ତଳେ ଆପଣମାନଙ୍କର ଏହି ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି ନିମନ୍ତେ କରୁଣାଭିକ୍ଷା କରି ଆପଣମାନଙ୍କୁ ମେଲାଣି ମାଗୁଛି ।

# ଆପ୍ତବାକ୍ୟ

ଶ୍ରୀ ଶଶିଭୂଷଣ ରାୟ

ଆଧୁନିକ ଯୁଗ ପରୋକ୍ଷ-ବିଜ୍ଞାନର ନିତାନ୍ତ ବିରୋଧୀ । ଏ ଯୁଗର ମତରେ ସ୍ୱାଧୀନତା ମାନବର ପ୍ରଧାନ ଧନ; ସେ ଧନ ନଷ୍ଟ ହେଲେ ମାନବର ମାନବତ୍ୱ ନ ଥାଏ । ପରର ବାକ୍ୟାନୁସରଣ କଲେ ସେହି ସମସ୍ତ ସୁଖ ହେତୁରୁ ସ୍ୱାଧୀନତାର ହାନି ହୋଇଥାଏ । ମାନବ କଅଣ ନିଜ ନିଜ ବୁଦ୍ଧିରେ ସମସ୍ତ କାର୍ଯ୍ୟ କରି ପାରେ ? ପ୍ରତ୍ୟକ୍ଷ-ବିଜ୍ଞାନ ଜ୍ଞାନର ମୂଳ କାରଣ ହେଲେହେଁ କେବଳ ତଦବଲମ୍ବନରେ ମାନବ ପ୍ରକୃତ ଜ୍ଞାନଲାଭର ଅଧିକାରୀ ହୋଇ ନ ପାରେ । ଲୋକମାନଙ୍କୁ ଅଧିକାଂଶ ସମୟରେ ପରୋକ୍ଷ-ବିଜ୍ଞାନ ଅବଲମ୍ବନରେ ଚାଲିବାକୁ ହୋଇଥାଏ । କୌଣସି ବିଜ୍ଞାନହିଁ ପରୋକ୍ଷ-ବିଜ୍ଞାନର ସହାୟତା ବ୍ୟତୀତ ସମ୍ପୂର୍ଣ୍ଣ ହୁଏ ନାହିଁ । ଯେବେ ପରୋକ୍ଷ ବିଜ୍ଞାନରେ ମାନବର ବିଶ୍ୱାସ ନ ଥାନ୍ତା, ଯେବେ ସମସ୍ତଙ୍କୁ ସକଳ ଅବସ୍ଥାରେହିଁ ବୈଜ୍ଞାନିକ ଯୁକ୍ତି ଅବଲମ୍ବନରେ ଚାଲିବାକୁ ହୁଅନ୍ତା, ତେବେ ମାନବର ଦୁଃଖର ସୀମା ରହନ୍ତା ନାହିଁ ଏବଂ ମାନବର ଅସ୍ତିତ୍ୱ ରହନ୍ତା ନାହିଁ ।

ମାନବ ଭୂମିଷ୍ଠ ହୋଇ ସର୍ବପ୍ରକାରେ ପରର ଅଧୀନ ହୋଇ ଥାଏ । ଅପର ଖୁଆଇଲେ ଖାଇପାରେ, ଅପର ରକ୍ଷା କଲେ ରକ୍ଷିତ ହୁଏ, ଅନ୍ୟ ଯାହା ଶିଖାଇବ ଶିଶୁ ତାହା ଶିଖିବ । ଶିଶୁ ବିଦ୍ୟା ଶିକ୍ଷା କରେ, ଏ କଥାର ଅର୍ଥ ଏହି ଯେ ଗୁରୁ ଯାହା କହନ୍ତି, ଗ୍ରନ୍ଥକର୍ତ୍ତା ଯାହା କହନ୍ତି, ବାଳକ ତାହାହିଁ ଶିଖିଥାଏ—ପିତା, ମାତା, ଗୁରୁ ଏବଂ ଅନ୍ୟ ବିଜ୍ଞ ଲୋକେ ଯେଉଁ ଉପଦେଶ ଦିଅନ୍ତି, ଅଥବା ଯେଉଁ ନୀତି ଶିକ୍ଷା ଦିଅନ୍ତି, ଶିଶୁ ତାହାହିଁ ଶିଖିଥାଏ ଏବଂ ତଦନୁସାରେ କାର୍ଯ୍ୟ କରିଥାଏ । ବିଦ୍ୟା ଶିକ୍ଷା ସମାପ୍ତ ହୋଇଅଛି—ଏ କଥାର ଅର୍ଥ ଏହି ଯେ ଅନ୍ୟ ଲୋକର ପରିଜ୍ଞାତ ପ୍ରୟୋଜନୀୟ ଜ୍ଞାତବ୍ୟଗୁଡ଼ିକ ଆୟତ୍ତ ହୋଇଅଛି—ଯେଉଁମାନଙ୍କର ମତାମତ ସତ୍ୟ ବୋଲି ଜାଣିବାର ଆବଶ୍ୟକ ସେଥିରୁ ଅଧିକାଂଶ ଜଣା ଯାଇଅଛି । ସେହି ମହାଜନ ପରିଜ୍ଞାତ ଉପଦେଶଗୁଡ଼ିକ ସ୍ମରଣ କରି ଯଥାଯୋଗ୍ୟ ସ୍ଥାନରେ ପ୍ରୟୋଗ ଦ୍ୱାରା କାର୍ଯ୍ୟ କରି ପାରିବ ବୋଲି ଶିକ୍ଷିତର ଏତେ ସମ୍ମାନ । ଏହି ହେତୁରୁ ଶିକ୍ଷିତ ବ୍ୟକ୍ତି ଜ୍ଞାନୀ ବୋଲି ଅଭିହିତ ହୁଅନ୍ତି । ନିଜ ବିବେଚନା ଉପରେ ନିର୍ଭର କରି ସ୍ୱାଧୀନ ଭାବରେ କାର୍ଯ୍ୟ କରିଥାନ୍ତି ବୋଲି ଅଶିକ୍ଷିତର ସମ୍ମାନ ପ୍ରାପ୍ୟ ନୁହେ । ନିଜ ବିବେଚନାରେ କାର୍ଯ୍ୟ କରିବା ସକାଶେ ଯେବେ ସମ୍ମାନ ଲାଭ ହୁଅନ୍ତା ତାହାହେଲେ ମୂର୍ଖର ସମ୍ମାନହିଁ ବଢ଼ି ଯାଆନ୍ତା, ପଶୁପକ୍ଷୀମାନଙ୍କର ଅଧିକ ସମ୍ମାନ ଲାଭ ହୁଅନ୍ତା । ଶିକ୍ଷିତ ବ୍ୟକ୍ତି ଜାଣିଅଛନ୍ତି, କିପରି ସ୍ଥଳରେ କିପରି କାର୍ଯ୍ୟ କରି ଲୋକେ କି ଭଳି ଫଳ ପାଇଅଛନ୍ତି, ପ୍ରାଚୀନ ଓ ବିଜ୍ଞ ବ୍ୟକ୍ତିମାନେ କିପରି କାର୍ଯ୍ୟ କରି ସୁଫଳ ପାଇଅଛନ୍ତି ; ଏହି ସମସ୍ତ ସ୍ମରଣ କରି ଯଥାପ୍ରୟୋଗ କରି ପାରନ୍ତି ବୋଲି ଶିକ୍ଷିତଙ୍କର ଏତେ ସମ୍ମାନ । ମୂର୍ଖ ସେଗୁଡ଼ିକ ଜାଣେ ନାହିଁ, ସୁତରାଂ ନିଜ ବୁଦ୍ଧି ଓ ପ୍ରକୃତି ଅନୁସାରେ ଯେତିକି ସମ୍ଭବ ସେତିକି କରିଥାଏ; ଏହି ହେତୁରୁ ମୂର୍ଖର କାର୍ଯ୍ୟରେ ଏତେ ଦୋଷ ଓ ନିନ୍ଦା । ମୂର୍ଖମାନେ ଯେ କିଛିହିଁ ଶିକ୍ଷା କରନ୍ତି ନାହିଁ, କିମ୍ବା ପରମତାବଲମ୍ବନରେ ଯେ ଚଳନ୍ତି ନାହିଁ, ତାହା ନୁହେ । ମୂର୍ଖମାନେ ମଧ୍ୟ ଶିକ୍ଷା କରନ୍ତି, କିନ୍ତୁ ତାହା ପ୍ରଚୁର ନୁହେ । ସେମାନେ ପ୍ରକୃତ ଜ୍ଞାନୀଙ୍କର ଉପଦେଶ ଅତ୍ୟଳ୍ପ ଗ୍ରହଣ କରିଥାଆନ୍ତି ଓ ସକଳ ଅବସ୍ଥାର ଉପଯୋଗୀ ଜ୍ଞାତବ୍ୟ ସମସ୍ତ ଜାଣି ପାରନ୍ତି ନାହିଁ । କି ମୂର୍ଖ, କି ପଣ୍ଡିତ, ସମସ୍ତେହିଁ ବାଲ୍ୟକାଳରୁ ବୃଦ୍ଧ ସମୟ ପର୍ଯ୍ୟନ୍ତ ଯାହା କିଛି କାର୍ଯ୍ୟ କରନ୍ତି, ସମସ୍ତହିଁ ପରର ବାକ୍ୟାନୁସରଣରେ କରିଥାଆନ୍ତି; ନିଜ ମତରେ କେହି କୌଣସି କାର୍ଯ୍ୟ କରନ୍ତି ନାହିଁ । ପ୍ରବଳ ବୃତ୍ତିବିଶେଷର ଅଧୀନ ହୋଇ କେବେ କେବେ ମାନବ ପର ବାକ୍ୟର ଅନ୍ୟଥାଚରଣ କରିଥାଏ—ପର ଧନ ଦେଖି ଲୋଭବାନ ହୋଇ ପରକୀୟ ବାକ୍ୟର ଅନ୍ୟଥା କରି ଲୋଭିନୀ ପ୍ରବୃତ୍ତିର ଅନୁଯାୟୀ ପରସ୍ୱାପହରଣ କରନ୍ତି ସତ୍ୟ, ମାତ୍ର ତଦ୍ରୂପ ଆଚରଣ ସ୍ୱାଧୀନତାମୂଳକ ଅଥବା ସ୍ୱମତାନୁଯାୟୀ ନୁହେ । ତଦ୍ରୂପ ସ୍ୱେଚ୍ଛାଚାରୀଗଣ ଇନ୍ଦ୍ରିୟ ଓ ମନୋବୃତ୍ତି ସମସ୍ତର ଅଧୀନ ଏବଂ ତସ୍କର, ସୁରାପାୟୀ ପ୍ରଭୃତି ଅସତ୍ ଲୋକଙ୍କର ଶିକ୍ଷାଧୀନ ।

ଏ ଯୁଗରେ ସମସ୍ତେହିଁ ବିବେଚନା କରିଥାଆନ୍ତି ଯେ ସେମାନେ ନିଜର ସ୍ୱାଧୀନ ବିବେଚନାନୁସାରେ କାର୍ଯ୍ୟ କରନ୍ତି । ଏ ସ୍ଥଳରେ ଏ ଭଳି ପ୍ରଶ୍ନ ଉଠିପାରେ ଯେ ଇଂରାଜୀ ନ ପଢ଼ିଲେ ଓ ଇଂରାଜୀ ବ୍ୟାପାର ସମ୍ବନ୍ଧ ନ ଦେଖିଲେ, କାହାରି ସେମାନଙ୍କ ଭଳି ସ୍ୱାଧୀନ ବୁଦ୍ଧି ଓ ସ୍ୱାଧୀନ ମତ ହୁଏ ନାହିଁ କାହିଁକି ? ଯେ ଇଂରାଜୀ ପଢ଼ନ୍ତି ସେ ସେମାନଙ୍କ ଭଳି ସ୍ୱାଧୀନ ବୁଦ୍ଧିବିଶିଷ୍ଟ ହୁଅନ୍ତି କାହିଁକି? ଯେ ସଂସ୍କୃତ ଟୋଲରେ ପଢ଼ନ୍ତି ସେ ଶିଖା ରଖିବାକୁ, ଚିତା ଲଗାଇବାକୁ, ଉପବାସ ଓ ହବିଷ୍ୟାନ୍ନ ଗ୍ରହଣ କରିବାକୁ ଶିଖନ୍ତି କାହିଁକି ? ଯେ ସ୍କୁଲରେ ପଢ଼ନ୍ତି ସେ କେଶ-ପ୍ରସାଧନ କରିବାକୁ ଏବଂ ପଲାଣ୍ଡୁ, ମାଂସ ଭକ୍ଷଣ କରିବାକୁ ଶିଖନ୍ତି କାହିଁକି ? ଶିକ୍ଷାହିଁ ଯେବେ ଏହାର ଏକମାତ୍ର କାରଣ ନ ହୁଏ ତେବେ ଉକ୍ତରୂପ ଶ୍ରେଣୀବିଶେଷସ୍ଥ ସମସ୍ତେହିଁ ଏକ ପ୍ରକାର ଆଚରଣସମ୍ପନ୍ନ ହୁଅନ୍ତି କାହିଁକି ? ଯେପରି ଗୁରୁ ସେହିପରି ଶିଷ୍ୟ, ଯେପରି ଶିକ୍ଷା ସେପରି କାର୍ଯ୍ୟ । ଯେ ଯାହା କରନ୍ତି, ସମସ୍ତହିଁ ପରର ବାକ୍ୟାନୁସାରେ କରିଥାଆନ୍ତି, ନିଜ ମତରେ କେହି କିଛି କରନ୍ତି ନାହିଁ । "ନିଜ ମତରେ କାର୍ଯ୍ୟ କରେଁ," କହିଲେ ଏତିକି ବୁଝିବାକୁ ହେବ ଯେ



Digitized by srujanika@gmail.com

ଯାହା ମୁଁ ଶିଖିଅଛି ତାହା ମଧ୍ୟରୁ ଯାହା ମୋହର ପ୍ରକୃତି ଅନୁସାରେ କିମ୍ବା ଅପେକ୍ଷାକୃତ ଅଧିକ ଅଭ୍ୟାସ ହେବାରୁ ଭଲ ବୋଧ ହେଉଅଛି, ତଦନୁରୂପ କରୁଅଛି; ନିଜର ଉଦ୍ଭାବିତ ମତାନୁସାରେ କରୁ ନାହିଁ ।

କେହି କେହି ନୂତନ ତତ୍ତ୍ୱ ଆବିଷ୍କାର, ନୂତନ ମତ ସ୍ଥାପନ ଓ ନୂତନ ଚିନ୍ତାର ଫଳ ପ୍ରଚାର କରିଥାନ୍ତି । କିନ୍ତୁ ସେ ପ୍ରକାର ଲୋକ ଅତି ବିରଳ ଏବଂ ସେମାନେ ମଧ୍ୟ ନିଜ ଚିନ୍ତାର ଫଳ ପ୍ରାୟଶଃ ଭୋଗ କରି ପାରନ୍ତି ନାହିଁ । ସେମାନଙ୍କର କାର୍ଯ୍ୟର ଫଳ ପ୍ରାୟଶଃ ପରବର୍ତ୍ତୀଗତ ହୋଇଥାଏ । ମାନବ ଅଳ୍ପ ବୟସରେ ନୂତନ ଚିନ୍ତା କରିବାକୁ କ୍ଷମ ହୋଇ ନ ଥାଏ ଏବଂ ଯେତେବେଳେ ନୂତନ ଚିନ୍ତା ପ୍ରଥମରୁ ମନରେ ଉଦିତ ହୁଏ, ସେତେବେଳେ ସେ ଚିନ୍ତାର ଫଳଲବ୍ଧ ହୁଏ ନାହିଁ—ଅନେକ ପରୀକ୍ଷା ଓ ଗବେଷଣା ପରେ ସେ ଚିନ୍ତାର ଫଳ ଜନ୍ମିଥାଏ । ପୁଣି, ଫଳ ଜନ୍ମିଲେ ମଧ୍ୟ ତଦନୁସାରେ ସ୍ୱୟଂ କାର୍ଯ୍ୟ କରିବାକୁ ମନୁଷ୍ୟ ଅସମର୍ଥ ହୁଏ—କାରଣ ଅଭ୍ୟାସ ଓ ସଂସ୍କାର ଛାଡିବା ବଡ଼ ସହଜ ନୁହେ । ଅନ୍ୟକୁ ତାହା ଶିଖାଇ ହେବ ସତ୍ୟ, କିନ୍ତୁ ସହସା ସ୍ୱୟଂ ତଦନୁରୂପ ବ୍ୟବହାର କରିବା କଠିନ । ଅନେକ ଚେଷ୍ଟା କରି କେହି କେହି ତଦନୁରୂପ କାର୍ଯ୍ୟ କରିବାକୁ କ୍ଷମ ହେଲେହେଁ ତାହା ମଧ୍ୟ ଅଳ୍ପ ବୟସରେ ହୋଇ ନ ପାରେ । ସେ ଭଳି ଶକ୍ତି ହେବା ଉତ୍ତାରୁ ପ୍ରାୟଶଃ କେହି ଅଧିକ ଦିନ ଜୀବିତ ରହନ୍ତି ନାହିଁ । ସୁତରାଂ ଯେତେବେଳେ କାର୍ଯ୍ୟ କରିବାର କାଳ ସେତେବେଳେ ଅର୍ଥାତ୍ ଶୈଶବ, ବାଲ୍ୟ, ଯୌବନ ଓ ପ୍ରୌଢ଼ କାଳରେ ପରାନୁବର୍ତ୍ତୀ ହୋଇ ଚାଲିବାକୁ ହେଲା; ଅଥଚ ଯେତେବେଳେ କାର୍ଯ୍ୟତ୍ୟାଗର ସମୟ ସେହି ବୃଦ୍ଧକାଳରେ ସ୍ୱାନୁବର୍ତ୍ତୀ ହେବାର ଶକ୍ତି ଜନ୍ମିଥାଏ । ସେତେବେଳେ ମଧ୍ୟ କିଏ ସକଳ ବିଷୟରେ କେହି ସ୍ୱମତ ସ୍ଥାପନ କରି ପାରନ୍ତି ? ଯେଉଁ ବିଷୟର ପ୍ରଗାଢ଼ ଚିନ୍ତା ଓ ଗବେଷଣା କରିଅଛନ୍ତି ସେହି ବିଷୟରହିଁ ନୂତନ ସିଦ୍ଧାନ୍ତ କରିବାକୁ କ୍ଷମ ହୋଇଥାଆନ୍ତି ମାତ୍ର । ଅପର ଶତ ଶତ ବିଷୟରେ ପୂର୍ବବତ୍ ପରାନୁବର୍ତ୍ତୀ ରହିବାକୁ ହୋଇଥାଏ । ପୁଣି ପୂର୍ବରୁ ପରମତ ଶିକ୍ଷା ନ କଲେ ନବ ସତ୍ୟ ସ୍ଥିର କରିବାର ଶକ୍ତି ଜନ୍ମି ନ ଥାଏ । ସୁତରାଂ ମାନବ ନିଜ ଉଦ୍ଭାବିତ ମତାନୁସାରେ କାର୍ଯ୍ୟ କରି ନ ପାରେ, ଏତିକି ବୋଲିବାକୁ ହେବ ।

ବାସ୍ତବିକ ମାନବର ଶକ୍ତି ଓ ଅଧିକାର କିଅଣ ? ମାନବ କେତେ ଦିନ ବଞ୍ଚି ରହେ ଓ କେତେଟିକି ସ୍ଥାନ ଅବଲମ୍ବନ କରି ଅବସ୍ଥାନ କରିଥାଏ ? ପରର ଜ୍ଞାନ-ନିରପେକ୍ଷ ହୋଇ କେବେହେଁ ମାନବ ସକଳ କାଳର, ସମସ୍ତ ଦେଶର ଓ ସକଳ ବିଷୟର ସମ୍ୟକ ଜ୍ଞାନ ଲବ୍ଧ କରି ନ ପାରେ । ରେଲଓ୍ୱେ, ଟେଲିଗ୍ରାଫ୍, ଅଟ୍ଟାଳିକା, ମୁଦ୍ରାଯନ୍ତ୍ର, ଜ୍ୟୋତିଷ, ରସାୟନ, ପଦାର୍ଥ-ବିଦ୍ୟା, ଉଦ୍ଭିଦ-ବିଦ୍ୟା, ଶରୀର-ବିଦ୍ୟା, ଅଥବା ସମାଜନୀତି, ରାଜନୀତି ଓ ଧର୍ମନୀତି ପ୍ରଭୃତି କିଅଣ ଜଣକର ଚେଷ୍ଟାରେ ହୋଇପାରେ ? ସହସ୍ର ସହସ୍ର ବର୍ଷରୁ ଲକ୍ଷ ଲକ୍ଷ ମାନବ ଯାହା ଶିଖିଅଛନ୍ତି, ତାହା ଯେବେ ସ୍ତୂପାକାରରେ ସଞ୍ଚିତ ନ ହୁଅନ୍ତା ତାହାହେଲେ ମାନବ କିଅଣ ଏ ସମସ୍ତର ଫଳଭୋଗ କରି ପାରନ୍ତା ? ଯେବେ ଭୂମିଷ୍ଠ ହେଲା ମାତ୍ରେ ମାନବ ନିଜ ଚେଷ୍ଟାରେ କାର୍ଯ୍ୟାରମ୍ଭ କରି ପାରନ୍ତା ତାହାହେଲେ ମଧ୍ୟ କିଅଣ ଜଣେ ମନୁଷ୍ୟ ନିଜ ଜୀବନ କାଳରେ ଏହାର ଲକ୍ଷାଂଶ ପରିମିତ କାର୍ଯ୍ୟ କରି ପାରନ୍ତା ? ଚିର ଜୀବନ ଅତି କଠୋର ଚେଷ୍ଟା କଲେ ସୁଦ୍ଧା ମାନବ ସ୍ୱଦେଶର ସମସ୍ତ ଦେଖି ନ ପାରେ । କିନ୍ତୁ ଅସଂଖ୍ୟ ଦେଶ, ସାଗର, ପର୍ବତ, ଅରଣ୍ୟ—ଅଥବା ଅସଂଖ୍ୟ ଗ୍ରହ, ନକ୍ଷତ୍ର ପ୍ରଭୃତି—କିମ୍ବା ଅସଂଖ୍ୟ ପଶୁ, ପକ୍ଷୀ, କୀଟ, ପତଙ୍ଗ, ଜଳ, ସ୍ଥଳ, ବାୟୁ, ଆକାଶ ପ୍ରଭୃତି—ଏବଂ ଭୂତତ୍ତ୍ୱ, ରସାୟନ, ପ୍ରାଣୀତତ୍ତ୍ୱ, ଉଦ୍ଭିଦ-ବିଦ୍ୟା, ଚିକିତ୍ସା, ବାଣିଜ୍ୟ, କୃଷି ଆଦି ଅସଂଖ୍ୟ ବିଷୟ ରହିଅଛି,—ମାନବ ଏକାକୀ କିଅଣ ଦେଖିବ ?

ପୁଣି ଏ ଭଳି ଅନେକ ବିଷୟ ରହିଅଛି ଯେ ତତ୍‌ସମସ୍ତ ଚେଷ୍ଟା ଉପରେ ନିର୍ଭର କରି ଶିଖିବା ଅସମ୍ଭବ । ଥରେ ହାତ ପୋଡ଼ାଇ ସ୍ୱଚେଷ୍ଟା ମାତ୍ରରେ "ଅଗ୍ନିରେ ହାତ ଦେଲେ ହାତ ପୋଡ଼ିଯିବ"—ଏ ତତ୍ତ୍ୱ ଶିଖିବା ସହଜ କିନ୍ତୁ ବିଷ ଖାଇ ମରିଗଲେ "ବିଷ ଖାଇଲେ ମନୁଷ୍ୟ ମରି ଯାଆନ୍ତି"—ଏ ତତ୍ତ୍ୱ ଶିଖିବା ଅସମ୍ଭବ । ସର୍ବଥା ଅପରର ଶିକ୍ଷାଧୀନ ନ ହେଲେ ମାନବ ଏକ ଦିନ ସୁଦ୍ଧା ପୃଥିବୀରେ ବାସ କରି ପାରିବ ନାହିଁ । ନିଜ ଚେଷ୍ଟାରେ ମାନବକୁ ଚାଲିବାକୁ ହେଲେ ତାହାକୁ ଏକ ଦିନ ମଧ୍ୟରେ ପୃଥିବୀର ମାୟା କଟାଇବାକୁ ହୁଅନ୍ତା । ନିଜ ଚେଷ୍ଟାରେ ରକ୍ଷିତ ହୋଇପାରେ—ଏ କଥା ପଶୁ ପକ୍ଷୀଗଣ କହି ପାରନ୍ତି, କାରଣ ଈଶ୍ୱର ସେମାନଙ୍କର ପ୍ରତ୍ୟକ୍ଷ ରକ୍ଷକ, ସେ ସେମାନଙ୍କୁ ସ୍ୱାଧୀନ ଭାବରେ ଚାଲିବାର ଶକ୍ତି ଦେଇଅଛନ୍ତି । ମାତ୍ର ମାନବକୁ ବିଧାତା ସେ ଶକ୍ତି ଦେଇ ନାହାନ୍ତି । ଈଶ୍ୱର ମାନବକୁ ସର୍ବପ୍ରକାରେ ପରପ୍ରତ୍ୟାଶୀ କରିଅଛନ୍ତି । ସମସ୍ତ ମାନବ ହିଁ ପରସ୍ପର ପରସ୍ପରର ଅଧୀନ ଏବଂ ଏହି ଅଧୀନତାହିଁ ମାନବତ୍ୱ ଏବଂ ସ୍ୱାଧୀନତାହିଁ ପଶୁତ୍ୱ । ପଶୁ ଓ ମାନବର ଏହାହିଁ ପ୍ରକୃତ ପ୍ରଭେଦ । ପଶୁର ନିଜ ହିଁ ସର୍ବସ୍ୱ, ମାତ୍ର ମାନବର ସମସ୍ତହିଁ ଆପଣାର; ପଶୁ ଶିଖିବ ନାହିଁ, ଶିଖାଇବ ନାହିଁ । ମାନବ ଶିଖିବ ଓ ଶିଖାଇବ—ଯେପରି ପର ନିକଟରୁ ଶିଖିବ ସେହିପରି କାର୍ଯ୍ୟ କରିବ; ଯେପରି ନିଜେ ଶିଖିବ ସେହିପରି ପରକୁ ମଧ୍ୟ ଶିଖାଇବ । ଅତଏବ ସ୍ୱାଧୀନତା ଆମ୍ଭମାନଙ୍କର ପ୍ରଧାନ ଧନ ନୁହେ; ସ୍ୱାଧୀନତାର ହାନି ହେବ ବୋଲି ପରବାକ୍ୟାନୁସାରେ ଚାଲିବୁଁ ନାହିଁ କିମ୍ବା ପରବାକ୍ୟ ସତ୍ୟ ବୋଲି ଗ୍ରହଣ କରିବୁଁ ନାହିଁ, ଏକଥା କହିବା ନିତାନ୍ତ ଯୁକ୍ତିବିରୁଦ୍ଧ ।

ଯେବେ କୁହାଯାଏ—ଯେତେ ଦିନ ମାନବର ବୁଝିବାର ଉପଯୋଗୀ ଶକ୍ତି ନ ଜନ୍ମିଥାଏ ସେତେ ଦିନ ପରର ମତାନୁସାରେ ଚାଲିବାକୁ ହେବ ସତ୍ୟ, କିନ୍ତୁ ବୁଝିବାର ଶକ୍ତି ଜନ୍ମିଲେ ପରମତାବଲମ୍ବନରେ ଚାଲିବାର ଆବଶ୍ୟକତା ନ ଥାଏ; ସେତେବେଳେ ପୂର୍ବେ ଯେଉଁ ସମସ୍ତ ବିଷୟର ଶିକ୍ଷା ହୋଇଅଛି ତନ୍ମଧ୍ୟରୁ ଯେଉଁଗୁଡ଼ିକ ନିଜ ବିବେଚନା ସହିତ ମିଶିଯିବ ଅଥବା ଯାହା ଯୁକ୍ତିଯୁକ୍ତ ବୋଲି ବୋଧହେବ, ତଦନୁସାରେ ଚାଲିବାକୁ



Digitized by srujanika@gmail.com

ହେବ; ତେବେ ଏଠାରେ ପ୍ରଶ୍ନ ଏତିକି ଯେ କାହାକୁ 'ବୁଝିବା' କହନ୍ତି ? ତୁମ୍ଭେ ବୁଝିଅଛ ବୋଲି ବିଚାରିଲ, ମୁଁ ମଧ୍ୟ ବୁଝିଅଛି ବୋଲି ବିଚାରିଲି; ଅଥଚ ତୁମ୍ଭର ମତ ଓ ମୋହର ମତ ସମ୍ପୂର୍ଣ୍ଣ ବିପରୀତ । ଯେତେବେଳେ ଉଭୟେହିଁ ବୁଝିଅଛୁଁ, ସେତେବେଳେ ଏ ଭଳି ବିପରୀତ ଫଳ ହୋଇଥାଏ କାହିଁକି ? ତୁମ୍ଭ ସହିତ ମୋହର ମତଦ୍ୱନ୍ଦ୍ୱ ହେଲା କାହିଁକି ? ଏ କ୍ଷେତ୍ରରେ କହିବାକୁ ହେବ—ତୁମ୍ଭେ ଏବଂ ମୁଁ ଉଭୟେହିଁ ସଠିକ ବୁଝି ନାହୁଁ । କିନ୍ତୁ କାହାର ବୁଝିବା ସତ୍ୟ ? ପ୍ରତ୍ୟେକହିଁ ବିବେଚନା କରନ୍ତି, ମୁଁ ବୁଝିଅଛି । ଅତି ମୂର୍ଖ ସୁଦ୍ଧା ନିଜର ମତ ଅଭ୍ରାନ୍ତ ଭଳି ପଣ୍ଡିତ ସହିତ ବାକ୍‌ବିତଣ୍ଡା କରିଥାଏ ଏବଂ ଅତି ଶିଶୁ ମଧ୍ୟ ବୃଦ୍ଧର ମତକୁ ଭ୍ରାନ୍ତ ବୋଲି ମନେକରିଥାଏ । କିନ୍ତୁ ବାସ୍ତବିକ ଯେଉଁମାନେ ବୁଝିଅଛନ୍ତି ବୋଲି ମନେକରନ୍ତି ସେମାନେ କଅଣ ପ୍ରକୃତରେ ବୁଝିଅଛନ୍ତି ? ଯେଉଁ ଅଜାତଶ୍ମଶ୍ରୁ ବାଳକଗଣ "ସ୍ତ୍ରୀ-ସ୍ୱାଧୀନତା ସ୍ତ୍ରୀ-ସ୍ୱାଧୀନତା" ବୋଲି ଚୀତ୍କାର କରୁଅଛନ୍ତି ସେମାନେ ସ୍ତ୍ରୀ କି ପଦାର୍ଥ ତାହା କଅଣ ଭଲ ରୂପେ ବୁଝିଅଛନ୍ତି ? ସ୍ତ୍ରୀ ପୁରୁଷର ସ୍ୱଚ୍ଛନ୍ଦ ବିହାରରେ ଭଲ କିମ୍ବା ମନ୍ଦ ଫଳ ହୋଇପାରେ ତାହା କଅଣ ବିଚ୍ଛି ବୁଝିଅଛନ୍ତି ? ସେମାନେ କଅଣ ଭାବନ୍ତି ଯେ ସେମାନେ ବୁଝି ନାହାନ୍ତି ? ଯେଉଁ ବାଳକ ମନେ ମନେ ଶିକ୍ଷକଙ୍କୁ ଗାଳି ଦେଉଅଛି ସେ କଅଣ ବୁଝିଅଛି ଯେ ଶିକ୍ଷକ ତାହାର ହିତକାରୀ ? ଯେଉଁ ତସ୍କର ଦଣ୍ଡାଜ୍ଞା ପାଇ ବିଚାରକ ପ୍ରତି ଅଜସ୍ର ଗାଳି ବର୍ଷଣ କରୁଅଛି, ସେ କଅଣ ବୁଝିଅଛି ଯେ ବିଚାରକ ନ୍ୟାୟ୍ୟ କାର୍ଯ୍ୟ କରିଅଛନ୍ତି ? ଜଣେ ହିନ୍ଦୁ ଓ ଜଣେ ଖ୍ରୀଷ୍ଟିଆନ ଧର୍ମ ସମ୍ବନ୍ଧରେ ଘୋର ଦ୍ୱନ୍ଦ୍ୱ କରୁଅଛନ୍ତି, ସେମାନେ ଉଭୟେହିଁ କଅଣ ବୁଝିଅଛନ୍ତି ଯେ ନିଜର ଅବଲମ୍ବିତ ଧର୍ମହିଁ ସତ୍ୟ ? ଅଥଚ ସମସ୍ତେହିଁ ବୁଝିଅଛନ୍ତି ବୋଲି ମନେ କରିଥାଆନ୍ତି । ବୁଝିବାର ନିୟମହିଁ ସବୁଦିନ ଏହି ରୂପ । ଯାହାର ଯେପରି ଶିକ୍ଷା, ସଂସର୍ଗ, ସ୍ୱଭାବ ଓ ବୁଦ୍ଧି ଏବଂ ଯେପରି ଅବଶ୍ୟକ ସେ ସେହିପରି ବୁଝିଥାଏ । ଏହି ପ୍ରତ୍ୟେକ-ବୁଝିବାକୁ କଅଣ ପ୍ରକୃତ ବୁଝିବା କହିବୁଁ; କିମ୍ବା ସେହି ପ୍ରତ୍ୟେକ-ବୁଝିବା ଉପରେ ନିର୍ଭର କରି ମତ ନିର୍ବାଚିତ ହେବ ?

ଆମ୍ଭେମାନେ ସୁସ୍ପଷ୍ଟ ରୂପେ ଦେଖି ବୁଝୁଅଛୁଁ, ସୂର୍ଯ୍ୟ ଗୋଟିଏ ଥାଳି ଭଳି, କିନ୍ତୁ ଜ୍ୟୋତିର୍ବିଦ କହନ୍ତି ତାହା ପୃଥିବୀ ଅପେକ୍ଷା ଚଉଦ ଲକ୍ଷ ଗୁଣ ବଡ଼ । ଆମ୍ଭେମାନେ ସ୍ପଷ୍ଟ ଦେଖି ବୁଝୁଅଛୁଁ, ସୂର୍ଯ୍ୟ ପୃଥିବୀର ଚତୁର୍ଦ୍ଦିଗରେ ବୁଲୁଅଛି, କିନ୍ତୁ ଜ୍ୟୋତିର୍ବିଦ କହନ୍ତି ପୃଥିବୀ ସୂର୍ଯ୍ୟର ଚତୁର୍ଦ୍ଦିଗରେ ବୁଲୁଅଛି । ବର୍ତ୍ତମାନ ଆମ୍ଭମାନଙ୍କର ବୁଝିବାକୁ ସତ୍ୟ କହିବୁଁ କିମ୍ବା ଜ୍ୟୋତିର୍ବିଦଙ୍କ କଥା ସତ୍ୟ ବୋଲି ବୁଝିବୁଁ ? ଯେବେ କୁହ, ଜ୍ୟୋତିର୍ବିଦ ଯେଉଁ ପ୍ରମାଣ ବଳରେ ସେହି ସିଦ୍ଧାନ୍ତ ସ୍ଥିର କରିଅଛନ୍ତି, ତାହା ଆମ୍ଭମାନଙ୍କୁ ବୁଝାଇଦେଲେ ଆମ୍ଭେମାନେ ଜ୍ୟୋତିର୍ବିଦର କଥା ଗ୍ରାହ୍ୟ କରିବୁଁ; କିନ୍ତୁ କେତେ ଜଣ ଲୋକର ତାହା ବୁଝିବାର ଶକ୍ତି ରହିଅଛି ? କେବଳ ଜ୍ୟୋତିର୍ବିଦ୍ୟା ଆମ୍ଭମାନଙ୍କର ଜ୍ଞାତବ୍ୟ ନୁହେ, ଅସଂଖ୍ୟ ତତ୍ତ୍ୱ ଆମ୍ଭମାନଙ୍କର ଜ୍ଞାତବ୍ୟ । ଏ ପୃଥିବୀରେ କେତେ ଜଣ ସେ ସମସ୍ତର ସୂକ୍ଷ୍ମାନୁସନ୍ଧାନ ବୁଝି ପାରନ୍ତି ଏବଂ ଏହି ସମସ୍ତ ବୁଝିବାର ଶକ୍ତିଲାଭ କରିବାକୁ ଯେଉଁ ଶିକ୍ଷାର ଆବଶ୍ୟକ, କେତେ ଜଣ ସେ ଭଳି ଶିକ୍ଷାଲାଭ କରିପାରନ୍ତି ? କେତେ ଜଣ ତଦ୍ରୂପ ଶିକ୍ଷାଲାଭର ଉପଯୋଗୀ ବୁଦ୍ଧି ଓ ଅବସ୍ଥା ଦେଇ ଜନ୍ମ ଗ୍ରହଣ କରିଅଛନ୍ତି ? ସମସ୍ତ ବିଷୟ ବୁଝିବା ଦୂରରେ ଥାଉ, ଗୋଟିଏ ଯୋଡ଼ିଏ ବିଷୟ ବୁଝି ପାରିବେ ଏ ଭଳି ଲୋକ ମଧ୍ୟ ନିତାନ୍ତ ଅଳ୍ପ । ଅତଏବ ବୁଝି ପାରି ନାହୁଁ ବୋଲି ଅପରର ନିର୍ଣ୍ଣୀତ ସତ୍ୟରେ ବିଶ୍ୱାସ ନ କରିବା କିମ୍ବା ଅପରନିର୍ଣ୍ଣୀତ ସତ୍ୟର ଭ୍ରାନ୍ତ ବୁଝିଅଛି ଭଳି ତହିଁରେ ଅବିଶ୍ୱାସ ସ୍ଥାପନ ନିତାନ୍ତ ଯୁକ୍ତିବିରୁଦ୍ଧ । ଏ ଭଳି ହେଲେ ସତ୍ୟ ନିର୍ଣ୍ଣୟ କରିବାକୁ କିମ୍ବା ସତ୍ୟ ମାର୍ଗରେ ବିଚରଣ କରିବାକୁ ସମସ୍ତେହିଁ ଏକ ପ୍ରକାର ଅକ୍ଷମ । ତେବେ କଅଣ ପରୋକ୍ଷ-ଜ୍ଞାନମାନହିଁ ସତ୍ୟ ? ଏହା ମଧ୍ୟ ନୁହେ । ଅପ୍ରତ୍ୟକ୍ଷ ଓ ପ୍ରତ୍ୟକ୍ଷ-ବିଜ୍ଞାନରେ ଯେପରି ପଦେ ପଦେ ଭ୍ରମ ରହିଥାଏ, ଅପରର ପ୍ରତ୍ୟକ୍ଷ ଓ ପରୋକ୍ଷ-ଜ୍ଞାନରେ ମଧ୍ୟ ସେହି ରୂପ ଭ୍ରମ ଅପରିହାର୍ଯ୍ୟ । ଯେଉଁ ଯେଉଁ କାରଣରୁ ପ୍ରତ୍ୟକ୍ଷ-ବିଜ୍ଞାନ ଭ୍ରମପୂର୍ଣ୍ଣ ହୋଇଥାଏ, ପରୋକ୍ଷ-ବିଜ୍ଞାନରେ ମଧ୍ୟ ସେ ସମସ୍ତ କାରଣ ରହିଅଛି । ଅଧିକନ୍ତୁ ଅନେକ ସମୟରେ ଅନେକହିଁ ସ୍ୱାର୍ଥ ସାଧନ ମାନସରେ ଓ କୁପ୍ରବୃତ୍ତି-ପ୍ରେରିତ ହୋଇ ମିଥ୍ୟାକୁ ସତ୍ୟ ବୋଲି ପ୍ରଚାର କରିଥାଆନ୍ତି । ସୁତରାଂ ଉଭୟରହିଁ ଯଥା ସଂସ୍କାର ଆବଶ୍ୟକ । ଯେଉଁ ବିଷୟ ବୁଝିବାକୁ ଆମ୍ଭମାନଙ୍କର ନିଜର ସାମର୍ଥ୍ୟ ନାହିଁ ତାହା ପର ବାକ୍ୟ ଅବଲମ୍ବନରେ ଜାଣିବାକୁ ହୋଇଥାଏ । ସୁତରାଂ ଯେରୂପ ବ୍ୟକ୍ତିଙ୍କ ନିକଟରୁ ତାହା ଜାଣିବାର ସମ୍ଭାବନା, ଅର୍ଥାତ୍ ଶକ୍ତି ଓ ଚରିତ୍ରରେ ଯେ ଶ୍ରେଷ୍ଠ ଓ ବିଶ୍ୱାସ୍ୟ, ତାହାଙ୍କ ନିକଟରୁ ତାହା ଜାଣିବା ଅବଶ୍ୟକ । ଶିଶୁ ବୃଦ୍ଧ ନିକଟରେ ଏବଂ ମୂର୍ଖ ପଣ୍ଡିତ ନିକଟରେ ଜିଜ୍ଞାସା କରି ସତ୍ୟ ଅବଗତ ହୋଇ ପାରନ୍ତି । କିନ୍ତୁ ଶିଶୁ ଅଥବା ମୂର୍ଖ ଯେବେ ଆଉ ଜଣେ ଶିଶୁ କିମ୍ବା ଆଉ ଜଣେ ମୂର୍ଖ ଅଥବା ବଞ୍ଚକ ନିକଟରୁ ଜିଜ୍ଞାସା କରି ଅବଗତ ହୁଏ, ତାହାହେଲେ ପ୍ରକୃତ ଜ୍ଞାନ ଲାଭ ଅସମ୍ଭବ ହୋଇପଡ଼େ । ଯେଉଁ ବ୍ୟକ୍ତିର ଯେଉଁ ବିଷୟରେ ପ୍ରକୃତ ଜ୍ଞାନ ନାହିଁ ତାହା ନିକଟରୁ ତଦ୍ୱିଷୟକ ସତ୍ୟ ଜ୍ଞାତ ହେବାର ସମ୍ଭାବନା କାହିଁ ? ଯେ ପ୍ରକୃତ ଜ୍ଞାନ ଲାଭ କରିଅଛି ତାହାର ବାକ୍ୟହିଁ ସତ୍ୟ ବୋଲି ଗ୍ରହଣ କରିବାକୁ ହେବ—ଯାହା-ତାହାର ବାକ୍ୟରେ ଆସ୍ଥା ସ୍ଥାପନ ଭ୍ରମର କାର୍ଯ୍ୟ । ବର୍ତ୍ତମାନ କଥା ଏତିକି ଯେ କାହାର ବାକ୍ୟ ସତ୍ୟ, ଜାଣିବୁଁ କିପରି ? ଯେତେବେଳେ ନିଜ ବିବେଚନା ଉପରେ ନିର୍ଭର କରି ମତ ନିର୍ବାଚନ କଲେ ସତ୍ୟ ନିର୍ଣ୍ଣୀତ ହେବ ନାହିଁ ଏବଂ ଭ୍ରାନ୍ତ ହେବାର ସମ୍ଭାବନା, ସେତେବେଳେ କେଉଁ ପ୍ରକାରରେ ବୁଝିବୁଁ କାହାର ବାକ୍ୟ ସତ୍ୟ ? ସହସ୍ର ସହସ୍ର ଲୋକର ସତ୍ୟ ବୋଲି ପ୍ରଚାରିତ ସହସ୍ର ସହସ୍ର ପ୍ରକାର ମତ ମଧ୍ୟରୁ କେଉଁ ପ୍ରକାରରେ ପ୍ରକୃତ ସତ୍ୟ ନିର୍ବାଚିତ ହେବ ? ଏହାର ଉପାୟ ନିର୍ଦ୍ଧାରଣାର୍ଥ ଯୁଧିଷ୍ଠିର କହିଥିଲେ, "ମହାଜନୋ ଯେନ ଗତଃ ସ ପନ୍ଥା ।" ଜ୍ଞାନୀ ସମ୍ପ୍ରଦାୟ



Digitized by srujanika@gmail.com

ଯେଉଁ ବାକ୍ୟକୁ ସତ୍ୟ ବୋଲି ଗଣ୍ୟ କରନ୍ତି, ତାହାକୁହିଁ ସତ୍ୟ ବୋଲି ମନେ କରିବାକୁ ହେବ । ପ୍ରାଚୀନ ପଣ୍ଡିତବର୍ଗ ଯେଉଁ ସମସ୍ତ ତତ୍ତ୍ୱ ପ୍ରଚାର କରିଅଛନ୍ତି, ତାହା ଭ୍ରାନ୍ତିଦୂଷିତ କି ନାହିଁ ତାହାର ପରୀକ୍ଷା ଉପଯୁକ୍ତ ପଣ୍ଡିତମାନେ କରିବେ । ପଣ୍ଡିତମାନେ ଯେଉଁ ପରୋକ୍ଷ-ବିଜ୍ଞାନକୁ ସତ୍ୟ ବୋଲି କହନ୍ତି, ତାହାହିଁ ସତ୍ୟ ବୋଲି ମାନିବାକୁ ହେବ । ଏହାରହିଁ ନାମ ଆପ୍ତବାକ୍ୟ— ଏହାର ସତ୍ୟତା ପ୍ରମାଣ ନିରପେକ୍ଷ । 'ମୁନୀନାଞ୍ଚ ମତିଭ୍ରମଃ'— ମୁନିମାନଙ୍କର ମଧ୍ୟ ଭ୍ରମ ହୋଇଥାଏ ସତ୍ୟ, କିନ୍ତୁ ସମସ୍ତ ଜ୍ଞାନୀ ସମ୍ପ୍ରଦାୟର ଏକବାପ୍ୟ ଭ୍ରମ ହେବା ନିତାନ୍ତ ଅସମ୍ଭବ— ହେଲେ ମଧ୍ୟ ତହିଁରେ ସବିଶେଷ ଅନିଷ୍ଟର ଆଶଙ୍କା ନାହିଁ । ଏହା ବ୍ୟତୀତ ମାନବର ଗତ୍ୟନ୍ତର ନାହିଁ । କାରଣ ଆତ୍ମପ୍ରତ୍ୟକ୍ଷ, ପରପ୍ରତ୍ୟକ୍ଷ, ପ୍ରତ୍ୟକ୍ଷ-ବିଜ୍ଞାନ ଓ ପରୋକ୍ଷ-ବିଜ୍ଞାନ, ଏହି କେତୋଟିହିଁ ଜ୍ଞାନଲାଭର ଉପାୟ । ଅଥଚ ଏହି ସମସ୍ତ ଉପାୟରେ ମଧ୍ୟ ଭ୍ରାନ୍ତି ରହିଅଛି । ଯେବେ ଭ୍ରାନ୍ତି ଭୟରେ ପରପ୍ରତ୍ୟକ୍ଷ ଓ ପରୋକ୍ଷ-ବିଜ୍ଞାନ ଅବିଶ୍ୱାସ କରିବାକୁ ହୁଏ, ତେବେ ବିଜ୍ଞାନ-ବାକ୍ୟ ଓ ପ୍ରତ୍ୟକ୍ଷ-ଜ୍ଞାନକୁ ମଧ୍ୟ ଅବିଶ୍ୱାସ କରିବାକୁ ହେବ । ତାହାହେଲେ କୌଣସି ଜ୍ଞାନକୁହିଁ ସତ୍ୟ ବୋଲି ବିଶ୍ୱାସ କରିବା କଠିନ । କିନ୍ତୁ ଜ୍ଞାନରେ ବିଶ୍ୱାସ ନ ଥିଲେ କୌଣସି କାର୍ଯ୍ୟ ସାଧିତ ହେବ ନାହିଁ—ଯେପରି ଚିକିତ୍ସକର ଚିକିତ୍ସାରେ ବିଶ୍ୱାସ ନ ଥିଲେ ରୋଗ ଭଲ ହେବ ନାହିଁ, ଯେପରି ଗୁରୁଙ୍କର ବିଦ୍ୟା ପ୍ରତି ବିଶ୍ୱାସ ନ ଥିଲେ ବିଦ୍ୟାଲାଭ ହୁଏ ନାହିଁ—ସେହିପରି ସତ୍ୟରେ ବିଶ୍ୱାସ ନ ଥିଲେ କାର୍ଯ୍ୟକୁଶଳୀ ଅଥବା ସଫଳକାମ ହୋଇ ପାରିବ ନାହିଁ ।

ବାସ୍ତବିକ ବିଜ୍ଞାନବାକ୍ୟ ଅପେକ୍ଷା ଆପ୍ତବାକ୍ୟ ଅଧିକ ଭ୍ରମାତ୍ମକ ନୁହେ, ଅଥବା ଆପ୍ତବାକ୍ୟ ଓ ବିଜ୍ଞାନବାକ୍ୟ ଏକ କଥା । ସ୍ଥଳ ବିଶେଷରେ ବିଜ୍ଞାନବାକ୍ୟ ଅପେକ୍ଷା ଆପ୍ତବାକ୍ୟ ଅଧିକତର ସତ୍ୟ-ନିର୍ଦ୍ଦେଶକ । ବିଜ୍ଞାନବାକ୍ୟ ଓ ଆପ୍ତବାକ୍ୟର ପ୍ରଭେଦ ବୁଝିପାରିଲେ ଏହାର ସମାଧାନ ହେବ । ଯାହା ଚେଷ୍ଟା କଲେ ଯୁକ୍ତି କିମ୍ବା ପ୍ରତ୍ୟକ୍ଷ ପ୍ରମାଣାଦି ଦ୍ୱାରା ବୁଝିବାକୁ ହୁଏ, ତାହାକୁହିଁ ବିଜ୍ଞାନବାକ୍ୟ ବୋଲିଯାଏ ଏବଂ ଯେଉଁ ବାକ୍ୟ ସେହି ରୂପ ବୁଝିବା ସହଜ ନୁହେ ଅଥଚ ତାହା ପୂର୍ବ ମନୀଷୀଗଣ ବୈଜ୍ଞାନିକ ଯୁକ୍ତି ବଳରେ ସପ୍ରମାଣ କରି ଯାଇଅଛନ୍ତି, ତାହାହିଁ ଆପ୍ତବାକ୍ୟ । ପୂର୍ବ ପ୍ରତିପନ୍ନ ବୋଲି ଆପ୍ତବାକ୍ୟର ନବ ପ୍ରମାଣର ଆବଶ୍ୟକତା ନାହିଁ । ସୁତରାଂ ମୂଳରେ ଓ ଫଳରେ ବିଜ୍ଞାନବାକ୍ୟ ଓ ଆପ୍ତବାକ୍ୟ ଏକ—ଉଭୟ ଯୁକ୍ତି ଅବଲମ୍ବନରେ ସ୍ୱୀକୃତ । ପାରଦ ଓ ଗନ୍ଧକ ସଂଯୋଗରେ ହିଙ୍ଗୁଳ ଉତ୍ପନ୍ନ ହୁଏ, ଅମ୍ଳଜାନ ଓ ଜଳଜାନ ବାୟୁ ସଂଯୋଗରେ ଜଳ ହୁଏ । ଚନ୍ଦ୍ର, ସୂର୍ଯ୍ୟ ଓ ପୃଥିବୀ ସମସୂତ୍ର-ପାତରେ ଅବସ୍ଥିତ ହେଲେ ଗ୍ରହଣ ହୁଏ, ଗ୍ରହ ନକ୍ଷତ୍ରାଦି ଜ୍ୟୋତିଷ୍କ ମଣ୍ଡଳୀ ଆକାଶର ଯେଉଁ ସ୍ଥାନରେ ଅଛନ୍ତି ବୋଲି ବୋଧ ହେଉ-ଅଛି, ଠିକ ସେହି ସ୍ଥାନରେ ନାହାନ୍ତି । ସେଗୁଡ଼ିକର ଆଲୋକରେଖା ବକ୍ରୀଭୂତ ହୋଇ ଆସିବାରୁ ସେଗୁଡ଼ିକ ସ୍ଥାନାନ୍ତରରେ ପରିଲକ୍ଷିତ ହେଉଅଛନ୍ତି ପ୍ରଭୃତି ବିଜ୍ଞାନବାକ୍ୟ । କାରଣ ଏହି ସମସ୍ତର ସତ୍ୟତା ପ୍ରତ୍ୟକ୍ଷ ଦେଖିବାକୁ ମିଳେ, ଶିକ୍ଷାର୍ଥୀଙ୍କୁ ମଧ୍ୟ ବୁଝାଇ ଦିଆଯାଇ ପାରେ । କିନ୍ତୁ ଚୋରି କରିବା, ମିଥ୍ୟା କହିବା, ରିପୁ ଓ ଇନ୍ଦ୍ରିୟର ଅଧୀନ ହେବା, ପରର ଅନିଷ୍ଟ କରିବା ପ୍ରଭୃତି ଅନ୍ୟାୟ କାର୍ଯ୍ୟ ଏବଂ ପରୋପକାର ଓ ଦାନ କରିବା, ରିପୁ ଓ ଇନ୍ଦ୍ରିୟର ଦମନ କରିବା, ସତ୍ୟ ଭାଷଣ ପ୍ରଭୃତି ସତ୍ କର୍ମ—ଏ ସମସ୍ତ ଆପ୍ତବାକ୍ୟ ବୋଲି ମାନିବାକୁ ହେବ । କାରଣ, ଏ ସମସ୍ତର ହିତକାରିତା ବୈଜ୍ଞାନିକ ଯୁକ୍ତି ଦ୍ୱାରା ସ୍ୱୀକୃତ ହୋଇଅଛି, କିନ୍ତୁ ସମସ୍ତଙ୍କୁ ପ୍ରତ୍ୟକ୍ଷ ଦର୍ଶନ ଭଳି ତାହା ବୁଝାଇଦେବା ଅସମ୍ଭବ । ଶିକ୍ଷାର୍ଥୀ-ମାନେ ମଧ୍ୟ ସହଜରେ ବୁଝି ପାରନ୍ତି ନାହିଁ । କାରଣ ଏହି ସମସ୍ତ ପାପର ରାଜଦଣ୍ଡ ଓ ସାମାଜିକ ଦଣ୍ଡ ପ୍ରାପ୍ତିରୂପ ଅନିଷ୍ଟ ବ୍ୟତୀତ ଅନ୍ୟ କୌଣସି ପ୍ରକାର ଅବଶ୍ୟମ୍ଭାବୀ ଅପକାର ଦେଖାଇ ହେବ ନାହିଁ । ଅନେକହିଁ ଚୋରି କରି, ମିଥ୍ୟା କହି ଓ ପରର ଅନିଷ୍ଟ ପ୍ରଭୃତି ଦ୍ୱାରା ଅତୁଳ ଅର୍ଥୋପାର୍ଜ୍ଜନ କରନ୍ତି ଏବଂ ଅନେକେ ସତ୍ୟପରାୟଣ ଓ ଦୟାବାନ ହୋଇ ଏକାବେଳକେ ନିଃସ୍ୱ ହୁଅନ୍ତି । ପାପପରାୟଣର ବାହ୍ୟ ସୁଖ ଓ ପୁଣ୍ୟବାନର ବାହ୍ୟ ଦୁଃଖ ପ୍ରାପ୍ତିର ଉଦାହରଣ ସଂସାରରେ ବହୁଳ ପରିମାଣରେ ଦୃଷ୍ଟ ହୋଇଥାଏ । ସୁତରାଂ ପାପାନୁଷ୍ଠାନର ଅବଶ୍ୟମ୍ଭାବୀ କୁଫଳ ଏବଂ ପୁଣ୍ୟାନୁଷ୍ଠାନର ଅବଶ୍ୟମ୍ଭାବୀ ସୁଫଳ ପ୍ରତ୍ୟକ୍ଷ ପ୍ରମାଣ ଦ୍ୱାରା ପ୍ରତିପନ୍ନ କରିବା ସହଜ ନୁହେ । ଏହି ହେତୁରୁ ଯେଉଁମାନେ ଆପ୍ତବାକ୍ୟ ବିଶ୍ୱାସ କରନ୍ତି ନାହିଁ କିମ୍ବା ତହିଁରେ ଆସ୍ଥା ସ୍ଥାପନ କରନ୍ତି ନାହିଁ, ସେମାନେ ଈଶ୍ୱର ଏବଂ ପାପପୁଣ୍ୟ ପ୍ରଭୃତିକୁ କଳ୍ପନା-ସମ୍ଭୂତ ବୋଲି କହିଥାଆନ୍ତି । ଆପ୍ତବାକ୍ୟହିଁ ପ୍ରତ୍ୟକ୍ଷ ପ୍ରମାଣସିଦ୍ଧ ।

ଏଠାରେ ଗୋଟିଏ ବିଜ୍ଞାନର କଥା ଦେଇ ଆପ୍ତବାକ୍ୟର ଲକ୍ଷଣ ବୁଝିବା ଉଚିତ । ସହସ୍ର ବର୍ଷ ପୂର୍ବେ କୌଣସି ଜ୍ୟୋତିର୍ବିଦ ଆକାଶସ୍ଥ ଜ୍ୟୋତିଷ୍କମଣ୍ଡଳୀର ଆକାର, ପ୍ରକାର, ଅବସ୍ଥାନ ଓ ଗତି ପ୍ରଭୃତିର ବିବରଣ-ପ୍ରସଙ୍ଗରେ ଗୋଟିଏ ଧୂମକେତୁର ସମ୍ପୂର୍ଣ୍ଣ ବିବରଣ ଲିପିବଦ୍ଧ କରି ଯାଇଅଛନ୍ତି । ଦେଢ଼ ଶତ ବର୍ଷ ଉତ୍ତାରୁ ଆଉ ଜଣେ ଜ୍ୟୋତିର୍ବିଦ୍ ସେହିରୂପ ଗୋଟିଏ ଧୂମକେତୁ ଗଗନରେ ଉଦିତ ହେବାର ଦେଖିଲେ ଏବଂ ପୂର୍ବବର୍ତ୍ତୀ ଜ୍ୟୋତିର୍ବିଦଗଣଙ୍କର ତାଲିକାଲିଖିତ ଧୂମକେତୁ ସହିତ ତାହାର ଆକାରାଦି ମିଳାଇ ବୁଝିଲେ ଯେ ଉକ୍ତ ଧୂମକେତୁର ଆକାରାଦି ସହିତ ଏହାର ସମ୍ପୂର୍ଣ୍ଣ ମେଳ ରହିଅଛି । ସେ ତଦ୍ଵିବରଣ ଲେଖିଗଲେ ଏବଂ ମନେକଲେ ମଧ୍ୟବର୍ତ୍ତୀ ଜ୍ୟୋତିର୍ବିଦଗଣ ବୋଧହୁଏ ତାହା ଦେଖି ନାହାନ୍ତି ଅଥବା ଏ କାଳ ମଧ୍ୟରେ ସେ ଧୂମକେତୁ ଆଉ ଉଦିତ ହୋଇ ନାହିଁ । ପୁନଶ୍ଚ ୧୫୦ ବର୍ଷ ଉତ୍ତାରୁ ଅନ୍ୟ ଜଣେ ସେହି ଧୂମକେତୁ ଦେଖି ପୂର୍ବ ବର୍ଣ୍ଣିତ ଧୂମକେତୁ ବୋଲି ଚିହ୍ନି ପାରିଲେ । ଏହି ପ୍ରକାର ୮।୯ ଶହ ବର୍ଷ କ୍ରମାଗତ ୧୫୦ ବର୍ଷ ଅନ୍ତରରେ ସେହିରୂପ ଧୂମକେତୁ ଉଦୟର ବିବରଣ ଦେଖି ଏବଂ ନାନା ପ୍ରକାର ଯୁକ୍ତି ଅବଲମ୍ବନ କରି କୌଣସି ଜ୍ୟୋତିର୍ବିଦ ସ୍ଥିର କଲେ ସେହି ଧୂମକେତୁ ୧୫୦ ବର୍ଷ ଉତ୍ତାରୁ ଥରେ ପୃଥିବୀ ପ୍ରଦକ୍ଷିଣ



Digitized by srujanika@gmail.com

କରିଥାଏ । ଏହା ବିଜ୍ଞାନବାକ୍ୟ ହେଲେହେଁ ଆପ୍ତବାକ୍ୟ । କାରଣ, କେବଳ ନିଜ ପ୍ରତ୍ୟକ୍ଷ ଦ୍ୱାରା ଏହି ବାକ୍ୟର ସତ୍ୟତା ସ୍ଥିର କରିବାର ଶକ୍ତି କୌଣସି ବ୍ୟକ୍ତିର ନାହିଁ । ଯେବେ ସେହି ବାକ୍ୟକୁ ଆମ୍ଭେମାନେ ଆପ୍ତବାକ୍ୟ ବୋଲି ବିଶ୍ୱାସ ନ କରୁଁ ତେବେ ଏହି ଜ୍ଞାନରୁ ଏକାବେଳକେ ବଞ୍ଚିତ ରହିଯିବୁଁ କି ନା ?

ବିଜ୍ଞାନ ଓ ଆପ୍ତବାକ୍ୟର ଆଉ ଟିକିଏ ପ୍ରଭେଦ ରହିଅଛି । ଯେଉଁ ସମସ୍ତ ପ୍ରାଚୀନ ମହାତ୍ମାଗଣ ପ୍ରକୃତ ତତ୍ତ୍ୱଦର୍ଶୀ ଓ ସତ୍ୟାନୁରାଗୀ ବୋଲି ପ୍ରଥିତ, ସେମାନଙ୍କର ବାକ୍ୟ ଯୁକ୍ତି ଦ୍ୱାରା ପ୍ରମାଣଯୋଗ୍ୟ ହେଉ ଅଥବା ନ ହେଉ, ସେମାନଙ୍କ ବାକ୍ୟର ପ୍ରମାଣର ଆବଶ୍ୟକତା ନାହିଁ ବିବେଚନା କରି ଲୋକେ ଆପ୍ତବାକ୍ୟ ଭଳି ବିଶ୍ୱାସ କରନ୍ତି । କିନ୍ତୁ ବର୍ତ୍ତମାନ ଯେବେ କେହି କୌଣସି ନୂତନ ତତ୍ତ୍ୱ ଆବିଷ୍କାର କରନ୍ତି, ତାହା ପ୍ରତ୍ୟକ୍ଷ ପ୍ରମାଣ ବ୍ୟତୀତ କେହି ସତ୍ୟ ବୋଲି ବିଶ୍ୱାସ କରିବେ ନାହିଁ । ତାହାଙ୍କୁ ତାହା ସମ୍ପୂର୍ଣ୍ଣରୂପେ ସପ୍ରମାଣ କରିବାକୁ ହେବ । କିନ୍ତୁ ସେହି ବ୍ୟକ୍ତି ଯେବେ କାଳକ୍ରମରେ ପ୍ରାଚୀନଗଣଙ୍କ ଭଳି ପ୍ରତିଷ୍ଠିତ ହୋଇଯାଆନ୍ତି, ତାହା ହେଲେ ସେ ସମୟରେ ତାହାଙ୍କର ବାକ୍ୟ ଆପ୍ତବାକ୍ୟ ଭଳି ଗଣ୍ୟ ହେବ । ସୁତରାଂ ସ୍ପଷ୍ଟ ବୁଝାଯାଉଅଛି, ଯାହା ପୂର୍ବେ ବିଜ୍ଞାନ ବାକ୍ୟ ଥିଲା, ସେଥିମଧ୍ୟରୁ କେତେଗୁଡ଼ିଏ ଅର୍ଥାତ୍ ଯେଉଁଗୁଡ଼ିକର ସତ୍ୟତା ବିଷୟରେ ଅଧିକ ଲୋକର ସମ୍ପୂର୍ଣ୍ଣ ବିଶ୍ୱାସ ଜନ୍ମିଥିଲା, ସେହିଗୁଡ଼ିକ ବର୍ତ୍ତମାନ ଆପ୍ତବାକ୍ୟ ରୂପେ ପରିଗଣିତ । ଏବଂ ବର୍ତ୍ତମାନ ଯାହା ବିଜ୍ଞାନବାକ୍ୟ ବୋଲି କଥିତ, କାଳକ୍ରମରେ ତାହା ମଧ୍ୟରୁ କେତେଗୁଡ଼ିଏ ଆପ୍ତବାକ୍ୟ ବୋଲି ପରିଗଣିତ ହେବ । ଯେଉଁ ବିଜ୍ଞାନବାକ୍ୟ ବହୁ ଲୋକେ ବହୁ କାଳରୁ ବିନା ପ୍ରମାଣ ପ୍ରୟୋଗରେ ସତ୍ୟ ବୋଲି ବିଶ୍ୱାସ କରିଅଛନ୍ତି, ଅର୍ଥାତ୍ ଯେଉଁ ପ୍ରମାଣାଦି ବଳରୁ ତାହାର ସତ୍ୟତା ଦିନେ ସ୍ୱୀକୃତ ହୋଇଥିଲା, ଅଥଚ ସେ ପ୍ରମାଣର ଆବଶ୍ୟକତା ନ ଥିବାରୁ ବର୍ତ୍ତମାନ ତାହାର ଅପ୍ରାପ୍ତି ଘଟିଅଛି, —ତାହାହିଁ ଆପ୍ତବାକ୍ୟ ବୋଲି ଅଭିହିତ ହୋଇଥାଏ । ଅଭ୍ରାନ୍ତ ସତ୍ୟ ବୋଲି ଧାରଣା ହେବାରୁ ତାହାର ପ୍ରମାଣ ପ୍ରୟୋଗର ଏତେ ଅଲ୍ପତା ଦୃଷ୍ଟ ହୋଇଥାଏ । ବାସ୍ତବିକ ସେ ସମସ୍ତ ଆଦୌ ଅପ୍ରାମାଣ୍ୟ କିମ୍ବା ଅଯୌକ୍ତିକ ନୁହେ । ଅତଏବ ଆପ୍ତବାକ୍ୟ ବିଶ୍ୱାସ କରିବା ଏକାନ୍ତ କର୍ତ୍ତବ୍ୟ । ଯେପରି ଅ, ଆ, କ, ଖ, ପ୍ରଭୃତି ବର୍ଣ୍ଣ ପ୍ରତି ବିଶ୍ୱାସ ନ କଲେ କେହି ଭାଷା ବିଜ୍ଞାନରେ ଅଧିକାରୀ ହୋଇ ପାରେ ନାହିଁ, ଯେପରି ୧, ୨, ୩ ପ୍ରଭୃତି ଅଙ୍କରେ ବିଶ୍ୱାସ ନ ଥିଲେ ଗଣିତ ବିଦ୍ୟାରେ ଅଧିକାର ଜନ୍ମିବ ନାହିଁ, ସେହିପରି ଆପ୍ତବାକ୍ୟରେ ବିଶ୍ୱାସ ନ ଥିଲେ କୌଣସି ତତ୍ତ୍ୱଜ୍ଞାନରେ ଅଧିକାରୀ ହେବା ଅସମ୍ଭବ । ପରମ ପଣ୍ଡିତ ନିଉଟନ କହିଥିଲେ' "**I am gathering pebbles on the sea shore**" (ମୁଁ ବେଳା ଭୂମିରୁ ଲୋଷ୍ଟ୍ର ସଂଗ୍ରହ କରୁଅଛି ମାତ୍ର) ଏବଂ ମହାକବି କାଳିଦାସ କହିଅଛନ୍ତି "ତିତୀର୍ଷୁର୍ଦୁସ୍ତରଂ ମୋହାଦୁଡୁପେନାସ୍ମି ସାଗରଂ" (ମୁଁ ଭେଲା ଦ୍ୱାରା ସାଗର ପାରି ହେବାକୁ ମନସ୍ଥ କରିଅଛି) । ମହାଜନବାକ୍ୟ ଅବଲମ୍ବନରେ ସୁପଣ୍ଡିତ ହୋଇ ସୁଦ୍ଧା ମହାବିଜ୍ଞମାନଙ୍କର ଯେତେବେଳେ ଏହି ଦୁର୍ଦ୍ଦଶା, ସେତେବେଳେ ସାଧାରଣ ବ୍ୟକ୍ତିର ଅଦ୍ୟୋପାନ୍ତ ନିଜ ବୁଦ୍ଧିବଳରୁ ପରମତତ୍ତ୍ୱ ଆବିଷ୍କାର କରିବାକୁ ଚେଷ୍ଟା କରିବା ନିର୍ବୁଦ୍ଧିର କାର୍ଯ୍ୟ ନୁହେ କି ? ଏ କାଳର ଶିକ୍ଷିତ ସମାଜ ପଣ୍ଡିତ ବୋଲି ଯାହାଙ୍କୁ ମନେ କରନ୍ତି ଏବଂ ଯେଉଁମାନଙ୍କର ଉପଦେଶ ଅନୁସାରେ ସେମାନେ ଦେଶର ଚିର ପ୍ରଚଳିତ ରୀତିନୀତି ପ୍ରଭୃତି ପରିତ୍ୟାଗ କରିବାକୁ ପ୍ରବୃତ୍ତ ହୋଇଅଛନ୍ତି, ସେମାନେ କୌଣସି କୌଣସି ବିଷୟରେ ବିଜ୍ଞ ହେଲେହେଁ ପ୍ରକୃତ ତତ୍ତ୍ୱାନୁସନ୍ଧାୟୀ କି ? ଏଥିରୁ ଅତ୍ୟଳ୍ପ ମାତ୍ର ତତ୍ତ୍ୱାନୁସନ୍ଧାୟୀ ଥିଲେହେଁ ସେମାନେ କେବଳ ମାତ୍ର ପାଶ୍ଚାତ୍ୟ ବିଦ୍ୟାରହିଁ ଅନୁଶୀଳନ କରନ୍ତି, ମାତ୍ର ଭାରତୀୟ ପୂର୍ବ ବିଦ୍ୟାର ଆଲୋଚନାରେ ପରାଙ୍ମୁଖ । ମୁଷ୍ଟିମେୟ କେତେକ ଜଣ ଭାରତୀୟ ପୂର୍ବ ବିଜ୍ଞାନର ଆଲୋଚନା କଲେହେଁ ସେମାନେ ସନ୍ଦିଗ୍ଧ । ବାଲ୍ୟକାଳରୁ ପାଶ୍ଚାତ୍ୟ ମତର ଆଲୋଚନା କରି ସେମାନଙ୍କର ହୃଦୟ ତନ୍ମୟ ହୋଇ ଯାଇଅଛି; ସୁତରାଂ ଭାରତୀୟ ଋଷିମାନଙ୍କର ଅଭିପ୍ରାୟ ସେମାନଙ୍କର ହୃଦୟଙ୍ଗମ ହେବା ସୁକଠିନ । ପୁଣି ପାଶ୍ଚାତ୍ୟ-ବିଜ୍ଞାନାନଭିଜ୍ଞ ଦେଶୀୟ ପଣ୍ଡିତବର୍ଗ ପ୍ରାଚୀନ ତତ୍ତ୍ୱର ଯୌକ୍ତିକତାଦି ବିଷୟରେ ଆଦୌ ଆଲୋଚନା କରନ୍ତି ନାହିଁ, ଅନଭିଜ୍ଞ ବୋଲି ଶାସ୍ତ୍ର ବାକ୍ୟର ବାହ୍ୟ ଅର୍ଥର ଅନୁବର୍ତ୍ତନ କରିଥାଆନ୍ତି ମାତ୍ର । ଏହି ହେତୁରୁ ଆପ୍ତବାକ୍ୟ ସ୍ଥିର ନ ହେବାରୁ ତାହା ଉପରେ ଏ ଭଳି ଅନାସ୍ଥା ଓ ଅଶ୍ରଦ୍ଧା ।

ସୂକ୍ଷ୍ମ ବୁଦ୍ଧି, ଉପଯୁକ୍ତ ଅବସ୍ଥା, ଅବିଚଳିତ ଅଧ୍ୟବସାୟ, ଦୃଢ଼ ଐକାନ୍ତିକତା ଓ ସତ୍ୟାନୁରାଗସମ୍ପନ୍ନ ଉଚ୍ଚାଶୟ ବ୍ୟକ୍ତି ଉତ୍ତମ ରୂପେ ବିଦ୍ୟା ଶିକ୍ଷା ପୂର୍ବକ ଏକାଗ୍ରଚିତ୍ତ ଓ ଦୃଢ଼ ପରିଶ୍ରମ ସହକାରେ ପର୍ଯ୍ୟବେକ୍ଷଣ ରୂପ ତପସ୍ୟାରେ ଜୀବନ ଯାପନ କରି ଯେଉଁ ବିଷୟରେ ସମ୍ୟକ ଅଭିଜ୍ଞ ହୋଇଅଛନ୍ତି, ତାହାଙ୍କର ତଦ୍ବିଷୟକ ବାକ୍ୟର ନାମ ଆପ୍ତବାକ୍ୟ । କିନ୍ତୁ ଏ ବାକ୍ୟ ତାହାଙ୍କର ବାଲ୍ୟ-କାଳର କିମ୍ବା ଯୌବନ କାଳର ବାକ୍ୟ ନୁହେ—ବୃଦ୍ଧ କାଳର ବାକ୍ୟ । ସେ ସହସ୍ର ଭ୍ରମ ସଂଶୋଧନ କରି ଖାଣ୍ଟି ହୋଇଅଛନ୍ତି, ସେତେବେଳେ ତାହାଙ୍କର ମିଥ୍ୟା କହି ସ୍ୱାର୍ଥ ସାଧନର ଆବଶ୍ୟକତା ନାହିଁ, ଅଥବା ନିଜର କୌଣସି ଆକାଂକ୍ଷା ନାହିଁ । ସେହି ପ୍ରବୀଣ ବୟସରେ ବହୁକାଳ ସାଧିତ ଦୃଢ଼ ତପସ୍ୟାବଳରୁ ଜାଣି ଯାହା ସେ କହନ୍ତି, ତାହାହିଁ ଆପ୍ତବାକ୍ୟ—ଅଭ୍ରାନ୍ତ ସତ୍ୟବାକ୍ୟ । ଏହି ସମସ୍ତ ମହାପୁରୁଷମାନଙ୍କର ବାକ୍ୟ ଅବଲମ୍ବନ କରି ଚଳିବା ବିଜ୍ଞାନ ସମ୍ମତ ଓ ଈଶ୍ୱରାଭିପ୍ରେତ ।

କେବେ କେବେ ଆମ୍ଭେମାନେ ମହାପୁରୁଷ ବାକ୍ୟରେ ଭ୍ରାନ୍ତି ଦେଖିଥାଉଁ, ତାହାର କେତେଗୁଡ଼ିଏ କାରଣ ରହିଅଛି । ପ୍ରଥମତଃ, ଯେଉଁ ସମସ୍ତ ବ୍ୟକ୍ତିଙ୍କୁ ଆମ୍ଭେମାନେ ମହାପୁରୁଷ ବୋଲି ଜାଣିଅଛୁଁ, ସେମାନେ ପ୍ରକୃତରେ ମହାପୁରୁଷ ନୁହନ୍ତି; ଦ୍ୱିତୀୟତଃ, ଆମ୍ଭେମାନେ ଅନେକ ସମୟରେ ଅନେକ ମହାପୁରୁଷଙ୍କର ଅଭିପ୍ରାୟ ଗ୍ରହଣ



Digitized by srujanika@gmail.com

କରି ପାରୁଁ ନାହିଁ; ତୃତୀୟତଃ, ଆମ୍ଭମାନଙ୍କର ବୁଦ୍ଧି ଓ ସଂସ୍କାର ଦୂଷିତ ହେବାରୁ ସତ୍ୟ ଆମ୍ଭମାନଙ୍କ ନିକଟରେ ପ୍ରଚ୍ଛନ୍ନ ହୋଇଯାଏ । ଆପ୍ତବାକ୍ୟରେ ବିଶ୍ୱାସ ଜନ୍ମାଇବା ସକାଶ ପରମେଶ୍ୱର ଆମ୍ଭମାନଙ୍କ ହୃଦୟରେ ଶ୍ରଦ୍ଧା ଓ ଭକ୍ତିବୃତ୍ତିର ସମାବେଶ କରିଅଛନ୍ତି । ଆପ୍ତ-ବାକ୍ୟ ବିଶ୍ୱାସରେ ପରମପଦ ଲବ୍ଧ ହୋଇଥାଏ ବୋଲି ଭକ୍ତିର ଏତେ ମାହାତ୍ମ୍ୟ ଏବଂ ଭକ୍ତହିଁ ସାଧକ ଓ ଧାର୍ମିକଶ୍ରେଷ୍ଠ ବୋଲି ପରିଗଣିତ ।

ଭାରତବର୍ଷର ପୁରାତନ ଋଷିମାନେ ନିଭୃତ ତପସ୍ୟାରେ ଜୀବନ ଅତିବାହିତ କରିଅଛନ୍ତି । ସେମାନେ କ୍ଷଣକ ପାଇଁ ସୁଖର ଚେଷ୍ଟା କରି ନାହାନ୍ତି, ଏକ ମନ ଓ ଧ୍ୟାନରେ ସତ୍ୟ ଉପାସନା ସକାଶ ଶରୀର ପାତ କରିଅଛନ୍ତି । ସେହି ଆସକ୍ତିଶୂନ୍ୟ ମହାପୁରୁଷମାନେ ସମସ୍ତଙ୍କର ନମସ୍ୟ । ଏ ଜଗତରେ ସେମାନେହିଁ ଭୋଗ-ପରାଙ୍ମୁଖ, ସ୍ୱାର୍ଥଶୂନ୍ୟ, ପରହିତବ୍ରତୀ, ସତ୍ୟ ଓ ଧର୍ମଜିଜ୍ଞାସୁ ମହାପୁରୁଷ । ସେମାନେ ଅପରିସୀମ ଅଧ୍ୟବସାୟ ବଳରୁ ଦିବ୍ୟ ଅଥବା ବିଜ୍ଞାନ-ଚକ୍ଷୁ ଲାଭ କରି ମାନବ ସହିତ ଈଶ୍ୱରଙ୍କର ସମ୍ବନ୍ଧ ଜାଣି ପାରି ମାନବର କର୍ତ୍ତବ୍ୟ ନିର୍ଣ୍ଣୟ କରିଅଛନ୍ତି । ସେହି ମହାପୁରୁଷ-ଗଣହିଁ ଜଗତର ପ୍ରକୃତ ହିତକାରୀ ଏବଂ ସେମାନଙ୍କର ବାକ୍ୟହିଁ ପ୍ରକୃତ ଆପ୍ତବାକ୍ୟ ।

# ଆଗଭର

**ବୈକୁଣ୍ଠନାଥ ପଟ୍ଟନାୟକ**

ତରୁଣ ତାପସ ! ଆଗଭର ହୁଅ ଆଗଭର !
ଦୁର୍ଦ୍ଦିନ ତମେ ସ୍ପୃଷ୍ଟ ନୋହୁ ତୋ ଅନ୍ତର !
ସୁପ୍ତ ନୋହୁ ତୋ ପରାଣ ନିଷ୍ଠା
ଅଗ୍ନି-ମନ୍ତ୍ରେ ଲବ୍ଧ ପ୍ରତିଷ୍ଠା
ନିର୍ଜୀବ ଶିରେ ପଦାଘାତ କରି
ତରୁଣ କୃପାଣ ତୋଳ ଧରି
ଚିର ନିର୍ଭୀକ ଆଗଭର !
ପଶ୍ଚାତେ ତୋର ମୃତ୍ୟୁ ହୁଙ୍କାର
ହସେ ନିର୍ଭୀକ ନତ ନୋହୁ ଶିର
ପ୍ରାଣ ଅମୃତ ନିତ୍ୟ ଆସ୍ୱାଦ
ଗାଇ ଜୀବନର ମନ୍ତ୍ରର
ଆଗଭର ହୁଅ ଆଗଭର !
ବଚନ ଏଇ ସୃଷ୍ଟିର ରସେ
ନିତ୍ୟ ତୁ ଅଧିକାରୀ,
ନିର୍ଜୀବ ଜ୍ଞାନ ମିଥ୍ୟା ଦୁଆରେ
ଆଜି ପୁଣି ତୁ ଭିଖାରୀ ?
ଶୁଷ୍କ ଶାସ୍ତ୍ର କି ଜାଣେ ତଥ୍ୟ ?
ନିର୍ଜୀବ ଯେ ବା ଜୀବନ-ସତ୍ୟ ?
ଚିର ସବୁଜ ତୋ ତରୁଣ ସୃଷ୍ଟି
ଆନନ୍ଦ ଚିର ସହଚର,
ବନ୍ଦ କରି ତୋ ଶ୍ରବଣ ଦୁଆର
ଆଗଭର ହୁଅ ଆଗଭର !

ପିଚ୍ଛିଳ ପଥ ? ନାହିଁ ନାହିଁ ଭୟ !
ବିଦ୍ୟୁତ ତୋର ଗତି,
ଚିର ଜୀବନ୍ତ ସ୍ରୋତ ଲାଗି ସିନା
ବହିଛ ମର୍ତ୍ତ୍ୟ
ଯୁଗେ ଯୁଗେ ଭଗୀରଥି ?
ପଡ଼ି ରହୁ ପଛେ ଯେତେ କୁତ୍ସିତ,
ବ୍ୟଙ୍ଗ କୁତ୍ସା ଗ୍ଲାନି ଇଙ୍ଗିତ,
ତାରୁଣ୍ୟ ଅଧିକାରୀ !
ଗତାସୁର ଶତ ମିଥ୍ୟା ଜଡ଼ତା
ଶିରେ ସିନା ଖାଲି ଭାର ?
ସୃଷ୍ଟିର ଅପରୂପ ଆନନ୍ଦ,
ନିର୍ଦ୍ଦେଶ କରୁ ତୋ ଗତି-ଛନ୍ଦ,
ବଚନ ରସେ ହେ ଚିର ରସିକ
ବାନ୍ଧ ଜୀବନ ଯନ୍ତ୍ରର
ଆଗଭର ହୁଅ ଆଗଭର !
ଅଦୂରେ ଉଷାର ମୁଗ୍ଧ ଆଲୋକେ
ଫୁଟିରେ ପଦ୍ମ ଫୁଲ,
ଆନନ୍ଦେ ତାର ମୂଳ,
ଚିର ତାରୁଣ୍ୟ ! ତୁ ତାର ଦାୟାଦ
ଅତୀତ ଭ୍ରାନ୍ତ ଭୁଲ !
ସେ କୁସୁମ ବିନା କାହିଁରେ ଶାନ୍ତ ?
ଅତୀତ ତାଡ଼ନା ମିଥ୍ୟା ଭ୍ରାନ୍ତ !
ସତ୍ୟ ସେନା ତୁ କାହିଁକି ଅଟକ
ରହୁଁ ପଶ୍ଚାତେ ଥରଥର
ଆଗଭର ହୁଅ ଆଗଭର !



Digitized by srujanika@gmail.com

# ସାହିତ୍ୟରେ ନିଜସ୍ୱ ଓ ପରସ୍ୱ *

**ଶ୍ରୀ ଜଗତ୍ ମୋହନ ସେନ**

ଏପରି ଦିନେ ଥିଲା, ଯେଉଁ ଦିନ ମନୁଷ୍ୟର ଅଧିକାର-ସୀମା ଥିଲା ଅତ୍ୟନ୍ତ ସଙ୍କୀର୍ଣ୍ଣ । ସେ ଦିନ ଆପଣାର କହିଲେ ସେ ବୁଝୁଥିଲା ନିଜକୁ ଓ ନିଜର ଗୋଷ୍ଠିକୁ—ଏ ଦୁଇଟି ଭିନ୍ନ ଅନ୍ୟ କୌଣସିଥିରେ ସେ ସ୍ୱତ୍ୱବୋଧ ଆଣି ପାରୁ ନ ଥିଲା । ଏହି ବଂଶ-ସର୍ବସ୍ୱ ସ୍ୱାର୍ଥ ପାଇଁ ମନୁଷ୍ୟ ଦିନେ ପରସ୍ପର ମଧ୍ୟରେ ବହୁତ ହଣାକଟା କରିଛି ଏବଂ ସମ୍ଭବତଃ ଏପରି କରିବାର ମୂଳରେ ଥିଲା ତାହାର ସ୍ୱତ୍ୱ-ବିସ୍ତୃତିର ବାସନା—ସମ୍ଭବତଃ ବ୍ୟକ୍ତିଗତ ଓ ଗୋଷ୍ଠିଗତ ସ୍ୱାର୍ଥ ଦେଇ ସେ ସନ୍ତୁଷ୍ଟ ରହି ପାରୁ ନ ଥିଲା । ସୁତରାଂ ଦିନେ ସେ ସମାଜ ସୃଷ୍ଟି କରି ନିଜ ଅଧିକାରର ପରିଧିକୁ ବଢ଼ାଇନେଲା । କିନ୍ତୁ ମାନବର ଜୀବନେତିହାସରେ ସେ ସମୟ ମଧ୍ୟ ଗୃହିଯାଇଛି । ତାହା ପରେ ବୃହତ୍ତର ଓ ପୂର୍ଣ୍ଣତର ସ୍ୱାର୍ଥର ପ୍ରତୀକ ସ୍ୱଦେଶ-ପ୍ରୀତିର ଯୁଗ ଆସି ଆଜି ଯିବାକୁ ବସିଲାଣି । ସେ ଅନେକ କଥା ।

ଆଜି ପୁଣି ମନୁଷ୍ୟର ସ୍ୱାର୍ଥବୋଧ ସ୍ୱଦେଶର ଗଣ୍ଡିରେ ତୃପ୍ତି ପାଉ ନାହିଁ । ସେ ଚାହୁଁଛି, ସମସ୍ତ ଦୁନିଆକୁ ନିଜର ବୋଲି ଦାବୀ କରିବାକୁ । ଆଜି ସେ ଅନୁଭବ କରିବାକୁ ଚାହେଁ ଯେ ସମଗ୍ର ପୃଥିବୀ-ବ୍ୟାପୀ ତାହାର ଗୋଟିଏ ବିରାଟ ଘରକରଣା, ଦୁନିଆର ସମସ୍ତ ମନୁଷ୍ୟ ତାହାର ଆପଣାର, ସମସ୍ତେ ତାହାର ଭାଇ । ଏ ଯୁଗ ବିଶ୍ୱ-ମାନବତାର—ବିଶ୍ୱ-ଭ୍ରାତୃତ୍ୱର । ଏ ଅନୁଭୂତି ଯେ ସମସ୍ତଙ୍କର ଆସିଛି, ଏ କଥା କହିବାକୁ ମୁଁ ଚାହୁଁ ନାହିଁ । ସମସ୍ତେ ନ ବୁଝନ୍ତୁ, ସବୁ ସମାଜର ଶୀର୍ଷସ୍ଥାନୀୟ ଚିନ୍ତାଶୀଳ ନେତୃବର୍ଗ ଏ କଥା ବୁଝୁଛନ୍ତି ଯେ ସ୍ୱଦେଶର ଗଣ୍ଡି ମନୁଷ୍ୟ ପାଇଁ ପର୍ଯ୍ୟାପ୍ତ ନୁହେ । ସମଗ୍ର ପୃଥିବୀ ଯାହାର ଆତ୍ମୀୟତାର ପ୍ରତ୍ୟାଶା କରି ରହିଛି, ସେ କାହିଁକି ନିଜକୁ ସମାଜ ବା ଦେଶର କ୍ଷୁଦ୍ର ବେଢ଼ା ମଧ୍ୟରେ ବନ୍ଦ କରି ରଖିବ ? ପ୍ରକୃତିର ରହସ୍ୟ-ପୁରୀର ଗୋଟିଏ ଗୋପନତମ ଭଣ୍ଡାରର ଚାବି ମନୁଷ୍ୟର କରାୟତ୍ତ ହୋଇଛି—ସୁତରାଂ ବିଶ୍ୱବାସୀ ସମସ୍ତଙ୍କ ପାଇଁ ସେ ପୁରୀର ଦ୍ୱାର ମେଲା—ସମସ୍ତେ ସେଠାରେ ନିମନ୍ତ୍ରିତ । ଏ ନିମନ୍ତ୍ରଣରେ ଜଣକୁ ସୁଦ୍ଧା ଛାଡ଼ି ଦେଇ ହେବ ନାହିଁ । ଛାଡ଼ିଦେଲେ ଭଣ୍ଡାରରେ ସଞ୍ଚିତ ରତ୍ନସମ୍ଭାର ମନୁଷ୍ୟର ସମ୍ପୂର୍ଣ୍ଣ ଉପଭୋଗ୍ୟ ହେବ ନାହିଁ । ମନୁଷ୍ୟର ସ୍ୱାର୍ଥବୋଧ ଆଜି ବ୍ୟକ୍ତିଗତ, ଗୋଷ୍ଠିଗତ, ସମ୍ପ୍ରଦାୟଗତ ଓ ଦେଶଗତ ସଙ୍କୀର୍ଣ୍ଣତା ଅତିକ୍ରମ କରି ସମଗ୍ର ପୃଥିବୀକୁ ବେଢ଼ି ଧରିବାକୁ ଉନ୍ମୁଖ ।

ଯେଉଁମାନେ ଏହି ବିରାଟ ସ୍ୱାର୍ଥର ମୂଲ୍ୟ ବୁଝିବାକୁ ଅକ୍ଷମ, ସେମାନଙ୍କୁ ବୁଝାଇବାର ଚେଷ୍ଟାର ତ୍ରୁଟି ନାହିଁ—ଇସ୍କୁଲମାନଙ୍କରେ **Civics** ପଢ଼ା ହେଉଛି, **World Citizens** ତିଆରି କରିବା ଲାଗି । ପ୍ରତ୍ୟେକ ବ୍ୟକ୍ତି ଏ କଥା ଉପଲବ୍ଧି କରୁ ଯେ ସେ ବିଶ୍ୱ-ପରିବାରର ଜଣେ । ସେ ତାହାର ସଙ୍କୀର୍ଣ୍ଣ ସ୍ୱାର୍ଥବୋଧ ଛାଡ଼ି ଦେଇ ନିଜର ସବୁ ସ୍ୱାତନ୍ତ୍ର୍ୟକୁ ବିଶ୍ୱର କଲ୍ୟାଣରେ ନିୟୋଜିତ କରୁ । ସେ ବୁଝୁ ଯେ ପୃଥିବୀରେ ତାହାର ଗୋଟିଏ ବିଶିଷ୍ଟ ସତ୍ତା ଅଛି, ତାହାର ଅଭାବ ଅନ୍ୟ କେହି ପୂରଣ କରି ପାରିବ ନାହିଁ । ତେଣୁ ସମସ୍ତ ପୃଥିବୀ ତା'ର ବୈଶିଷ୍ଟ୍ୟର ଦାନ ଲଭିବାକୁ ପ୍ରସାରିତ ହସ୍ତରେ ଅପେକ୍ଷା କରି ରହିଛି । କିନ୍ତୁ ଭିକ୍ଷା ଦେବାକୁ ତାକୁ ପଡ଼ିବ ନାହିଁ । ସେ ଯାହା ଦେବ, ତାହା ପରିବର୍ତ୍ତିରେ ଲାଭ କରିବ ବିରାଟ ପୃଥିବୀର ଯୁଗଯୁଗାନ୍ତର-ସଞ୍ଚିତ ଅଭିଜ୍ଞତାର ଫଳ । ଏହି ବିରାଟ ଯଜ୍ଞରେ ବିଶ୍ୱବାସୀ ସବୁ ନର-ଦେବତାର ନିମନ୍ତ୍ରଣ—ଯଜ୍ଞଭାଗ ସମସ୍ତଙ୍କୁ ମିଳିବ, କେହି ବାଦ ପଡ଼ିବେ ନାହିଁ ।

ପ୍ରକୃତିର ସର୍ଜନ-ଲୀଳାର ଗୋଟିଏ ପରମ ରହସ୍ୟ ଆବିଷ୍କାର କରି ଯେଉଁମାନେ ଆଜି ଏ ଯଜ୍ଞରେ ବ୍ରତୀ ହୋଇଛନ୍ତି, ସେମାନେ ଏ କଥା ମଧ୍ୟ ବୁଝୁଛନ୍ତି ଯେ ଦୁନିଆ ତମାମ ପ୍ରତ୍ୟେକ ମନୁଷ୍ୟର ହୃଦୟରେ ଏହି ଉଦାର ଭାତୃତ୍ୱ-ବୋଧ ଜାଗରିତ କରିବା କେତେ ଦୁଷ୍କର । ମନୁଷ୍ୟ ସ୍ୱଭାବତଃ ତାର ସଙ୍କୀର୍ଣ୍ଣତାର ଅନ୍ଧକୂପ ଛାଡ଼ି ବାହାରିବାକୁ ନାରାଜ । ତାହାର ଆଜନ୍ମପୋଷିତ ସଂସ୍କାର ତାକୁ ଏତେ ପ୍ରବଳ ଭାବରେ ଆକର୍ଷଣ କରେ ଯେ ବାହାରର ମୁକ୍ତ ବାୟୁ ତାକୁ ଭଲ ଲାଗିଲେ ସୁଦ୍ଧା ସେ ତାହା ପରିହାର କରିବାକୁ ଚାହେଁ । ଗୋଟିଏ ସ୍ଥାନରୁ ତାହାକୁ ଟାଣି ବାହାର କରିଦେଲେ ସୁଦ୍ଧା ସେ ପର ମୁହୂର୍ତ୍ତିରେ ଅନ୍ୟ ବିବରରେ ଆଶ୍ରୟ ନେବାକୁ ଚାହେଁ । କିନ୍ତୁ ସେ କଥା ବର୍ତ୍ତିମାନ ଥାଉ, ଆମେ ନିଜ କଥା ଟିକିଏ ଭାବି ଦେଖିବା ।

ବିଶ୍ୱ-ସାହିତ୍ୟ, ବିଶ୍ୱ-ମାନବତା ପ୍ରଭୃତି କଥାଗୁଡ଼ିକ ଆଉ ଯାହାର ହେଉ ପଛକେ ଆମ ପକ୍ଷରେ ନୂତନ ନୁହେ, ବରଂ ବହୁ ଦିନର ପୁରୁଣା । ଏହି ଦେଶରେହିଁ ପ୍ରଥମ ଶୁଣାଯାଇଛି, "ଉଦାରଚରିତାନାନ୍ତୁ ବସୁଧୈବ କୁଟୁମ୍ବକମ୍ ।" ଆମ୍ଭେମାନେ ଏ କଥା ଇସ୍କୁଲରେ ଘୋଷି ଆସିଛୁଁ । କିନ୍ତୁ ଅନ୍ତରରେ କେବେ ହେଲେ ଅନୁଭବ କରିଛୁଁ ବୋଲି କହି ହେବ ନାହିଁ । ତାହାର ପ୍ରମାଣ—**World Citizenship** ଆମ ପାଖରେ ଆଜି ନୂଆ କଥାଟିଏ ଏବଂ ବିଶ୍ୱସାହିତ୍ୟରେ ନୂଆ କିଛି ଦାନ କରିବାର ଇଚ୍ଛାଟା ଆସିଛି ରବୀନ୍ଦ୍ରନାଥଙ୍କର ନୋବେଲ-ପୁରସ୍କାର ପାଇବା ଉତ୍ତାରୁ । କିନ୍ତୁ ଏ ଦେଶର ପ୍ରାଚୀନ ସାହିତ୍ୟ ଯେ ବିଶ୍ୱ-ସାହିତ୍ୟର ଅଙ୍ଗୀଭୂତ ହେବାର ଯୋଗ୍ୟତା ରଖେ, ତାହାର ପ୍ରମାଣ ମଧ୍ୟ ମିଳିବ ରବୀନ୍ଦ୍ର-

* ବାରିପଦା ସାହିତ୍ୟ ସମାଜର ଚତୁର୍ଥ ବାର୍ଷିକ ଅଧିବେଶନରେ ପଠିତ ।



Digitized by srujanika@gmail.com

ନାଥଙ୍କର କାବ୍ୟରୁ—କାରଣ, ତା'ର ମୂଳରେ ଅଛି ଉପନିଷଦ୍ ଓ ବୈଷ୍ଣବ ସାହିତ୍ୟର ପ୍ରେରଣା ।

ଏ କଥା ମାନିବାକୁ ହେବ ଯେ ଆଗ ଅପେକ୍ଷା ଆମ ଆଖି ଟିକିଏ ବେଶି ଖୋଲିଛି, କେହି ଡାକିଲେ ହୁଁ ବୋଲି ଜବାବ ଦେବା ଭଳି ଅବସ୍ଥାରେ ଆମ୍ଭେମାନେ ଅଛୁଁ । କିନ୍ତୁ ଏ କଥା ମଧ୍ୟ ସ୍ୱୀକାର କରିବା ଦରକାର ଯେ ଆମ୍ଭେମାନେ ଭୁଲୋଉଛୁଁ । ସ୍ୱପ୍ନାଳୁ ଭାବପ୍ରବଣତାର ସୁଖ୍ୟାତିଟା ଆମର ଶିର କାଳର—ଘରର ପରିଧି ଭିତରେ ଆଖି ମେଲି ଆମେ ଦେଖି ଜାଣୁଁ ନାହିଁ—ପରପାର ପ୍ରତି ବରାବର ଆମର ଲକ୍ଷ୍ୟ । ତେବେ ତଫାତ୍ ଏତିକି ଯେ ଆମ ପୂର୍ବପୁରୁଷମାନେ ଅତୀନ୍ଦ୍ରିୟ ଭବସାଗରର ପାରକୁ ଅନାଇ ବସିଥିଲେ, ଆମେ ବର୍ତ୍ତମାନ ଆରବ ସାଗରର ଆର ପାରିକି ଅନାଇ ଥାଉଁ—ଆଶା ଯେ ଅଲୌକିକ-ବାଣୀ ଲାଭ କରିବୁଁ ।

ଦିନେ ଏପରି ଥିଲି ଯେ ଘରଟା ଆମର ବାହାର ଓ ବାହାରଟା ଘର ଥିଲା । ଥିଲା କାହିଁକି, ଏ ପର୍ଯ୍ୟନ୍ତ ଅଛି କହିଲେ ଚଳେ । ଯାହା ହେଉ, ଯେତେବେଳେ ସ୍ୱଦେଶୀ Patriotism ର ମୋହ ଆମ୍ଭମାନଙ୍କୁ ଗ୍ରାସ କଲା ସେତେବେଳେ ଭାବିଲୁଁ ଯେ ସେ "ବସୁଧୈବ କୁଟୁମ୍ବକମ୍"ଟା ପକ୍ଷୀ-ବିଶେଷର ବକମ୍ ବକମ୍ ଛଡ଼ା ଅନ୍ୟ କିଛି ନୁହେ । ତାହା ପରେ କାଳପ୍ରଭାବରୁ English Channel ଟା ଆମକୁ ଟିକିଏ ବେଶୀ ଚଉଡ଼ା ବୋଲି ମାଲୁମ ପଡ଼ିଲା,—ଆସିଲା ଗ୍ରୀସରୁ Citizenship ତାହାର ବହୁ ସଂସ୍କୃତ ମୂର୍ତ୍ତି ନେଇ ଏବଂ ଭୂମଧ୍ୟସାଗରର ପାରି ହୋଇ । ଗ୍ରୀସ୍‌ରୁ ନ ଆସି ମାଡ଼ାଗାସ୍କାର, ହନଲୁଲୁ, ଏପରି କି କାମସ୍କାଟ୍‌କାରୁ ଆସିଥିଲେ ସୁଦ୍ଧା ଆମ୍ଭେମାନେ ବୋମ୍ବାଇ ବନ୍ଦରରେ ତାକୁ ସାଦର ଅଭ୍ୟର୍ଥନା ଜଣାଇଥାନ୍ତୁ ଏବଂ ହୁଏ ତ ନିଜକୁ ଅଧିକ ଗୌରବାନ୍ୱିତ ମନେ କରିଥାନ୍ତୁ । ଆମର ବର୍ତ୍ତମାନ ବିଶ୍ୱଜନୀନତାର ଧାରଣାଟା ଏହି ଧରଣର ।

କାହାରି କାହାରି ମନେ ହେଉଥିବ ଯେ ମୁଁ ଅବାନ୍ତର କଥା କହି ଚାଲିଛି । କିନ୍ତୁ ଠିକ ତାହା ନୁହେ । ବିଶ୍ୱ-ସାହିତ୍ୟରେ କିଛି ଦେବାର କଥାଟା ଓଡ଼ିଆ ସାହିତ୍ୟର ବର୍ତ୍ତମାନ ଅବସ୍ଥାରେ ସ୍ପର୍ଦ୍ଧାର କଥା ବୋଲି ମନେହେବ, ସୁତରାଂ ସେ ଚେଷ୍ଟା କେହି କରନ୍ତି ନାହିଁ ଏବଂ ନ କରି ଭଲ କରନ୍ତି । ଦେବା କଥା ଛାଡ଼ି ନେବାର ଦିଗଟା ଦେଖାଯାଉ । କାରଣ ବର୍ତ୍ତମାନ ସାହିତ୍ୟିକମାନେ କିଛି ଗୋଟାଏ ଉଦ୍ଭଟ ନାମରୁ, ମାନେ—ଯୁଗୋସ୍ଲାଭିୟା କି ସାର୍ବିୟାର ସାହିତ୍ୟରୁ କିଛି ଆମଦାନି କରିଛନ୍ତି ବୋଲି ଦେଖାଇ ପାରିଲେ ମନେ ମନେ ବଡ଼ ଖୁସୀ ହୁଅନ୍ତି—ଲୋକେ ମଧ୍ୟ ଆଖି ଲେଉଟାଇ ତାଚ୍ଛଲ କରିବାକୁ ଛାଡ଼ନ୍ତି ନାହିଁ । ମୁଁ ବର୍ତ୍ତମାନ ଓଡ଼ିଆ ଛନ୍ଦ ସମ୍ବନ୍ଧରେ ଗୋଟିଏ କଥା କହିବ—ବେଶୀ କଥା ଲେଖି ପ୍ରବନ୍ଧର କଳେବର ବୃଦ୍ଧିର ବାସନା ମୋହର ନାହିଁ । କିନ୍ତୁ ଏଥି ସଙ୍ଗେ ମୋହର ନିଜର କଥା ଆସିଯିବ ବୋଲି ମୁଁ ଦୁଃଖିତ ଏବଂ ସେଥିପାଇଁ ଆପଣମାନଙ୍କର କ୍ଷମା ଭିକ୍ଷା ମଧ୍ୟ କରୁଛି । କବିସୂର୍ଯ୍ୟ ବଳଦେବ ରଥଙ୍କର ଗୋଟିଏ ଗୀତ ଦେଖାଯାଉ—

"ଗରଜି ମରୁଛୁ କେତେ ରେ ନୀରଦ ଗରଜି ମରୁଛୁ କେତେ
ଅରଜି ନାହୁଁ ତ ମୋ ବନ୍ଧୁ ଲଳିତ ଭାବ-ବିଭବୁଁ କୌତୁକେ ।
ଦେଖୁଛୁ ତ ମୋର ବାଳାପୟୋଧର ଉପରେ ମୁକ୍ତାହାର
କେଉଁ ବୁଦ୍ଧିବଳେ ଧରାଧର ଚୁଳେ ଲମ୍ବାଉ ସଲିଳଧାର ।
ତ୍ରିଭୁବନେ ସରି କି ଅଛି କଣ୍ଣୋଶ୍ୱାଭ୍ରୁରୁ ଖେଳିବା ଦଣ୍ଡକୁ ?
ଫୁଲ୍ୟଅଛୁ କେତେ ଦେଖାଇ ନିରତେ ଇନ୍ଦ୍ରକୋଦଣ୍ଡ ଖଣ୍ଡକୁ ।"
ଇତ୍ୟାଦି ଇତ୍ୟାଦି—

ବଙ୍ଗଳାରେ ଅନୁବାଦ କଲେ ହେବ ଏହିପରି—

ହେ ନୀରଦ ! କତ କର ଗରଜନ
କରନି ତ ମୋର ବଁଧୁର ମାଧୁରୀ ଏତଟୁକୁ ଅରଜନ ;
ଏ ଯେ ଦେଖ ମୋର ପ୍ରିୟାର ପୟୋଧରେ ବଁଧୁର ମୁକ୍ତାହାର
ଏ ହତେ କି ପ୍ରିୟ ଶୈଳ-ଶିଖରେ ତୋମାର ସଲିଳଧାର ?
ତ୍ରିଭୁବନେ ବଲୋ କି ଅଛେ ଆମାର ଜୋଡ଼ା ଭ୍ରୂ-ଯୁଗେର ମତୋ ?
କି ଛାର ମିଛାର ଇନ୍ଦ୍ରଧନୁର ଦର୍ପେ ଫୁଲିଛ କତ ?

ଲକ୍ଷ୍ୟ କଲେ ଦେଖିବେ, ଅନୁବାଦରେ ମୂଳର ଛନ୍ଦ ଅପରିବର୍ତ୍ତିତ ଅଛି । ବର୍ତ୍ତମାନ ଏହି ଛନ୍ଦରେ ରଚିତ ଯେ କୌଣସି ଆଧୁନିକ ଓଡ଼ିଆ କବିତା ମନେ କରନ୍ତୁ, ( ମୁଁ ଉଦାହରଣ ଦେବି ନାହିଁ, କାରଣ ତାହା ବ୍ୟକ୍ତିଗତ ହୋଇଯିବାର ସମ୍ଭାବନା )—ବିଚାର କରି ଦେଖନ୍ତୁ ଆପଣଙ୍କର ନବାଗତ କବିତାଟି କାହାର ସଗୋତ୍ର ? କବିସୂର୍ଯ୍ୟଙ୍କର ମୂଳର ନା ମୋର ଅନୁବାଦର । କବିତାର ଛନ୍ଦ ବଙ୍ଗଳାରେ ଆଧୁନିକ ସୃଷ୍ଟି, ରବୀନ୍ଦ୍ରନାଥଙ୍କର—କିନ୍ତୁ ଓଡ଼ିଆ ସାହିତ୍ୟର ଏହା ପ୍ରାଚୀନ ସମ୍ପତ୍ତି—ବସ୍ତୁତଃ ଛନ୍ଦ-ସମ୍ପଦରେ ପ୍ରାଚୀନ ଓଡ଼ିଆ ସାହିତ୍ୟ ଅତି ସମୃଦ୍ଧ । କିନ୍ତୁ କେତେ ଜଣ ଆଧୁନିକ ଲେଖକ ଏ ବିଷୟରେ ଘରର ସମ୍ପଦକୁ ଲକ୍ଷ୍ୟ କରିଛନ୍ତି ? ଏତେ କଥା କହିବା ପୂର୍ବରୁ ଆପଣଙ୍କର ନବାଗତ କବିତାର କବିଙ୍କୁ ପଚାରିଥିଲେ ସେ ସମ୍ଭବତଃ କହିଥାନ୍ତେ ଯେ ଛନ୍ଦ ବଙ୍ଗଳାରୁ ନିଆ ହୋଇଛି; କିନ୍ତୁ ଯଦି କହି ପାରନ୍ତେ ଯେ ଛନ୍ଦଟା ଫରାସୀ କି ମେସୋପଟେମିୟାର ସାହିତ୍ୟରୁ ସଂଗୃହୀତ ତେବେ ବୋଧହୁଏ ଖୁବ୍ ଖୁସୀ ହୋଇ ପାରନ୍ତେ ।

ଆଉ ଗୋଟିଏ ଅତି ପୁରୁଣା ଓଡ଼ିଆ ଛନ୍ଦ ଦେଖାଯାଉ :—

ବନ୍ଦଇଁ ଧନ୍ୟ ବାନ୍ଧବ ହରି
ଯେ ତମ-ଚକ୍ର ଖଣ୍ଡନକାରୀ
ସଦା କମଳାନନ୍ଦ ବିସ୍ତାରି,—
ସ୍ୱଭାବେ ଜନ ଯେ ।
ବିଭୁ ଅନନ୍ତ-ଅଙ୍କ ବିହାରୀ
କର-ପ୍ରତାପ ଯାର ସଞ୍ଚରି ;—
ନିଶାଚରଙ୍କ ଉଲ୍ଲାସ ହରି, –
ମୂର୍ଚ୍ଛେ ସୁମନ ଯେ ।
ବଇନତେୟ ଯାହା ଅଗ୍ରତେ ସ୍ଥିତ ଯେ
ବଇକୁଣ୍ଠ ପଥିକ ଲୋକ ତୋଷିତ ଯେ !



Digitized by srujanika@gmail.com

ବିକାଶ ଅଖଣ୍ଡିତ ମଣ୍ଡଳେ
ହିଦ୍ଭବରେ କ୍ରୀଡ଼ିତ କାଳେ
ଭବେ ତରଣୀ ହୋଇ ମଞ୍ଜୁଳେ
ଗିରି ଉଦିତ ଯେ ।

ଏ କବିତାର ଅନୁବାଦଟି ମୁଁ ଭଲ ଉଚ୍ଚାରଣରେ ପଢ଼ି ଶୁଣାଇବି । ଆପଣମାନେ ପୂର୍ବ ପରି ବିଚାର କରି ଦେଖନ୍ତୁ—

ବନ୍ଦିନୁ ଧାନ-ବାନ୍ଧବ ହରି
ନାଶିଲ ମୂଢ଼ତା ଖଣ୍ଡନ କରି
କମଳ-ହୃଦୟ ମଣ୍ଡନ କରି
ପ୍ରଭୁ ପ୍ରତିଷ୍ଠା ଯାଁର
ଶକ୍ତି ଅନନ୍ତ ଯାଁହାର ଶୟନ
ଅମିତ-ପ୍ରତାପେ ନିଶାଚରଗଣ
ହୟ ସତତ ଯାଁହାର ଚରଣେ ଅର୍ଚ୍ଚିତ ଦେବତାର
ଜନତା-ତନୟ ନିତ୍ୟ ସେବକ ଯାଁର
ବିଶ୍ୱ-ନିଖିଳ ଶରଣ ବିଶ୍ୱାଧାର
ବସନ୍ତି ତାଁହାର ନିଖିଳ ଭୁବନେ
ନମି ଗଲ ନର-ବୃନ୍ଦ ନାରାୟଣେ
ଶିଷ୍ଟ ପାଳନ ଦୁଷ୍ଟ ଦଳନେ
ନରହରି ଅବତାର ।

ଏହା ଭିନ୍ନ,—

ଶତ ଶତ ଶତ କୋଟି ଘାତ ଜାତ ଶର
ବାର ବାର ବାରଣଗମନା ମାରେ ମାର
କିମ୍ବା, କୁନ୍ଦର କୋରକର ସୁନ୍ଦର ସୁରଭିର
ହୁନ୍ଦର ହରପର ଶର
କିମ୍ବା, ଜୟ ପ୍ରଭୁ ରାମଚନ୍ଦ୍ର ସଲକ୍ଷଣ ଗୁଣେ ସାନ୍ଦ୍ର
ସକଳ ମଣ୍ଡନ ସଦା ଅନନ୍ତ ଗତି
ତପ ତାପହା ଶୁଣକର
କାଳୀ ନାମରେ ମାନବ ଭ୍ରମ ନ କର ।
କିମ୍ବା, ବାସ ଭୂଷିତ ଦମନକ ତ ହୃଣଅନା ତ ମାରବ ଶତ
ଦେଖି ପାଟଳୀ ଯିବ ପାଟଳୀ କେହି କାହାର ଗୋ ।
କିମ୍ବା, ଉଚ ଉଚ୍ଛବଣି ବିମଳ ଘରି
ତରୁଣୀ ଧରଣୀ ବିଣଅ ସରି

ପ୍ରକୃତ ସୁନ୍ଦର ସୁନ୍ଦର ପ୍ରାଚୀନ ଛନ୍ଦ ନେଇ କେହି ଆଧୁନିକ ଲେଖକ ବ୍ୟବହାର କରିଛନ୍ତି ବୋଲି ମୁଁ ଜାଣେ ନାହିଁ । ତେଣେ ଗଦ୍ୟ-ଛନ୍ଦ ଲେଖାଗୁଡ଼ିକ, ଆଧୁନିକ ବୋଲି ପରିଚୟ ଦେବା ଆଶାରେ—ତାହା ମଧ୍ୟ ଅଧିକାଂଶ ସ୍ଥଳରେ ଗଦ୍ୟ-ଛନ୍ଦର ଯଥାର୍ଥ ପ୍ରୟୋଗ ନ ଜାଣି । କଥାଗୁଡ଼ିକ କଟୁ ହେଲେ ସୁଦ୍ଧା ନ କହି ଉପାୟ ନାହିଁ ।

ଏଠି ମୋର ବ୍ୟକ୍ତିଗତ ଗୋଟିଏ ଆପତ୍ତି ଜଣାଇବାର ଅଛି । କେତେକ ବର୍ଷ ପୂର୍ବେ ମୁଁ "ଭାରତବର୍ଷ" ରେ ପ୍ରାଚୀନ ଓଡ଼ିଆ ସାହିତ୍ୟ ସମ୍ବନ୍ଧରେ ଲେଖିଥିଲି । ଲେଖାଗୁଡ଼ିକ ସୁଧୀ-ସମାଜରେ ଆଦର ପାଇ ଓଡ଼ିଆ ସାହିତ୍ୟ ପ୍ରତି ସେମାନଙ୍କର ଆଗ୍ରହ ବଢ଼ାଇ-ଥିଲା । କେହି କେହି ବନ୍ଧୁ କହିଲେ, ମୂଳରୁ ଓଡ଼ିଆ ସାହିତ୍ୟର ପରିଣତିର ଗୋଟିଏ ଧାରାବାହିକ ଇତିହାସ ଲେଖିଲେ ଆମର ବୁଝିବାରେ ଟିକିଏ ସୁବିଧା ହୁଅନ୍ତା । ଯଥାର୍ଥ **Research** କରିବାର ସୁଯୋଗ ଓ ସୁବିଧା ମୋର ନାହିଁ । **Reference** ନିମନ୍ତେ ବହି ଖୋଜିବାକୁ ଯାଇ ଦେଖିଲି, **Calcutta University** ର **Typical Selections** ଓ ଆମର ବର୍ତ୍ତମାନ ସଭାପତି ପଣ୍ଡିତ ବିନାୟକ ମିଶ୍ରଙ୍କର "ଓଡ଼ିଆ ଭାଷା ଓ ସାହିତ୍ୟର ଇତିହାସ" ଦୁଇ ଖଣ୍ଡ ମୋର ସମ୍ବଳ । ଇତିହାସ ଦୁଇ ଖଣ୍ଡି ପୁଣି ଏତେ ସଂକ୍ଷିପ୍ତ ଯେ ସେଥିରୁ ବିଶେଷ ବିବରଣ ମିଳିବାର ଉପାୟ ନାହିଁ । କିନ୍ତୁ ସଂକ୍ଷିପ୍ତ କରିଥିବା ନିମନ୍ତେ ମୁଁ ପଣ୍ଡିତ ମହାଶୟଙ୍କ ନିକଟରେ ଆପତ୍ତି କରି ନାହିଁ—କାରଣ ସଂକ୍ଷିପ୍ତ କରିବା ଛଡ଼ା ତାଙ୍କର ଅନ୍ୟ ଉପାୟ ନ ଥିଲା, ସେ କଥା ମୁଁ ବୁଝିପାରୁଛି । କିନ୍ତୁ ବୃହତ୍ କଳେବର ଯେଉଁ ଅନ୍ୟ ଖଣ୍ଡିଏ ଦୁଇ ଖଣ୍ଡ ବହି ଯାହା ଆଖିରେ ପଡ଼ିଲା, ଦେଖିଲି ସେଥିରେ ଉଚ୍ଛ୍ୱାସ ଅଛି ମାତ୍ର ବିଷୟ-ବସ୍ତୁର ଅଭାବ । ସେସବୁ ବହି ଆଉ ନାହିଁ ଯେ ଦରକାର ହେଲେ ପଢ଼ି ଦେଖିବ । ତା ପରେ ଦେଖିଲି ମଧ୍ୟଯୁଗ—ଅର୍ଥାତ୍ ରାଧାନାଥ, ମଧୁସୂଦନ ପର୍ଯ୍ୟନ୍ତ ଗୋଟିଏ ଧାରାବାହିକ ଇତିହାସ ମିଳିବା ସମ୍ଭବ—ଯଦିଚ ରାଧାନାଥ ପ୍ରଥମେ ବଙ୍ଗ ସାହିତ୍ୟର ଚର୍ଚ୍ଚା ଆରମ୍ଭ କରିଥିଲେ । କିନ୍ତୁ ଆଧୁନିକ ଉତ୍କଳ ସାହିତ୍ୟର ଭିତ୍ତି ଖୋଜିବାକୁ ହେଲେ ସବୁ ଅନ୍ଧକାର କିମ୍ବା ବଙ୍ଗସାହିତ୍ୟର ଇତିହାସ ଆଲୋଚନା କରିବାକୁ ପଡ଼ିବ । ରାଧାନାଥରୁ ମଧୁସୂଦନ, ଚିନ୍ତାମଣି, ମେହେର, ଲକ୍ଷ୍ମୀକାନ୍ତ ପର୍ଯ୍ୟନ୍ତ ହୁଏ ତ ବେଶ ମିଳିବ, କିନ୍ତୁ ତାହା ପରେ ଯେଉଁ **Missing Link**—ତାକୁ ପୂରଣ କରିବାକୁ ହେଲେ—କେ ଜାଣେ କଣ କରିବାକୁ ହେବ, ମୁଁ ଅନ୍ତତଃ କହି ପାରିବି ନାହିଁ । ଶ୍ରଦ୍ଧେୟ ପରମାନନ୍ଦ ବାବୁ ଚେଷ୍ଟା କଲେ କରିପାରନ୍ତି ।

ଥାଉ ସେ କଥା, ବର୍ତ୍ତମାନ ଯାହା କହୁଥିଲି କହି ମୋର ପ୍ରବନ୍ଧ ଶେଷ କରିବି । ବିଶ୍ୱଜ୍ଞାନତା ମନର ଯେ ପରିମାଣ ମୂଲ୍ୟ ଦାବୀ କରେ, ସେ ପରିମାଣ ମୂଲ୍ୟ ତାକୁ ଦେବାକୁ ଆମ୍ଭେମାନେ ଅକ୍ଷମ । ସ୍ୱଭାବର ଚଶମା ଖୋଲିଦେଲେ ଆମକୁ ଅନ୍ଧକାର—ତରବର ହୋଇ ଆଉ ଗୋଟାଏ ଆଣି ଆଖିରେ ଲଗାଉଁ । ତେବେ ଏପରି ହୋଇପାରେ ଯେ ଆମର ଲକ୍ଷ୍ୟ **Rimless Pincers** ଆଡ଼କୁ—ପଣ୍ଡିତେ ଯେଉଁ ଚଶମା ନାକ ଅଗରେ ରଖି ପୋଥି ପଢ଼ନ୍ତି, ପୁଣି ଦରକାର ହେଲେ ଆଖି ଟେକି ପିଲାଙ୍କ ଗତିବିଧି ଆଡ଼କୁ ନଜର ପକାନ୍ତି ସେଠା ଆମର ପସନ୍ଦ ନୁହେ । **Superstition** କହନ୍ତୁ ବା **Dogma** କହନ୍ତୁ, ଗୋଟାଏ ହେଲେ ଆମର ଦରକାର । ଗୋଟିଏ ଧର୍ମ **Dogmatic** ବୋଲି ଯେଉଁମାନେ ଧର୍ମାନ୍ତର ଗ୍ରହଣ କରନ୍ତି, ଦେଖାଯାଏ, ନବଧର୍ମର **Dogma** ଗୁଡ଼ିକ ସେ ଅତି ଶୀଘ୍ର ଆୟତ୍ତ କରି ପକାନ୍ତି । "ବାମେ ଶବ-ଶିବା-କୁମ୍ଭାଃ" ଯାହାଙ୍କ ନିକଟରେ କୁସଂସ୍କାର, ସେହି ପୁଣି ବିରାଡ଼ି ଓ ଘୋଡ଼ା ନାଳର ମୋହ କଟାଇ ପାରନ୍ତି ନାହିଁ । ଖାଲି ଆମେ ବୋଲି ନୁହେ, ପୃଥିବୀର



Digitized by srujanika@gmail.com

ଅଧିକାଂଶ ଲୋକ ପକ୍ଷରେ ଏ କଥା ସତ୍ୟ । କିନ୍ତୁ ନିଜ ସହିତ ଏପରି ବଞ୍ଚନା ସେହି ଭାବି କରି ପାରେ, ଯାହାର ଲଲାଟରେ ଦାସତ୍ୱର ତିଲକ ଚିତା କୁହି ଅଙ୍କି ଦିଆଯାଇଛି । ଦାସତ୍ୱବୋଧ ଆମର ଯେତେ ମଜ୍ଜାଗତ ହୋଇଛି, ଅମ୍ଭେମାନେ ସେତେ ବେଶୀ ପରିମାଣରେ ସଂସ୍କାରଜାଲରେ ଜଡ଼ି ହୋଇ ପଡ଼ି ରହୁଛୁଁ—ସ୍ୱାଧୀନ ଚିନ୍ତାର ଶକ୍ତି ଆମର ରହି ନାହିଁ ।

ଏହି ସଂସ୍କାର ଆଜି ଆମର ହାତ ବାଟେ ଆମ ମାତୃଭାଷାର ଜାତି ନାଶ କରୁଅଛି । ବିଶ୍ୱ-ସାହିତ୍ୟ-ସୃଷ୍ଟିର ମୋହରେ ପଡ଼ି ଆମେ ଭୁଲି ଯାଉଛୁଁ, ବିଶ୍ୱ-ସାହିତ୍ୟ ଆମ ହାତରୁ କଣ ପ୍ରତ୍ୟାଶା କରୁଛି, ଆମର ନିଜସ୍ୱ ସମ୍ପଦ କଣ ? ବିଶ୍ୱ-ସାହିତ୍ୟଟା ଯେପରି ଆମ ଅଞ୍ଚଳରେ ରେଲଗାଡ଼ିର ଇଉରୋପିଅନ ଥାର୍ଡ କ୍ଲାସ କି ପୁରୀର B. N. R. Hotel—ଯୋଉ ଗୃହରର ସେଠାରେ ପ୍ରବେଶ ନିଷେଧ, ହାଲୁଆ ସେଠି ଅଚଳ; ପାନ-ହୁକା-ତମାଖୁ-ବିଡ଼ି ମଧ୍ୟ ଚଳିବ ନାହିଁ; ଚଳିବ ଖାଲି ହ୍ୟାଟ୍-କୋଟ-ପେଣ୍ଟ, ଗୃହା-ବିସ୍କୁଟ୍-ସିଗାରେଟ୍, ଆଉ ଚଳିଲେ ଚଳିପାରେ ବିଷ୍ଟି-ଚୁରୁଟ, ପିକା ନୁହେଁ । କିନ୍ତୁ ତୋରାଣି ପାଣିରେ Nutrition ନାହିଁ, କି ପାନରେ Calcium ନାହିଁ, କି ଗୁଣ୍ଡିଟା Anti-septic ନୁହେ—ଏ କଥା if you think, ତାହାହେଲେ you are an awful goose.

ଆମର ବର୍ତ୍ତମାନ ଅବସ୍ଥା ଏତେ ଶୋଚନୀୟ ଯେ ମନେହୁଏ ଅମ୍ଭେମାନେ ନିଜ ଭାଷାରେ ଚିନ୍ତା କରିବାକୁ ଭୁଲି ଯାଉଛୁଁ । ତେଣୁ ପ୍ରକାଶ-ଭଙ୍ଗୀରେ ଭାଷାର ବିଶିଷ୍ଟ ଧ୍ୱନି ଅକ୍ଷୁଣ୍ଣ ରହି ପାରେନାହିଁ । ରହିବାର କଥା ନୁହେ, ଯଦି ଶାର୍ଟ ଖଣ୍ଡେ ପାଇଲେ କମିଜକୁ, ନସ୍ୟ ପାଇଲେ ନୁଅଁକୁ, ରେସ୍ତୋରାଁ ପାଇଲେ ହୋଟେଲକୁ, O.K. ପାଇଲେ alrightକୁ ନାମଞ୍ଜୁର କରିବା ଭଳି ମନୋବୃତ୍ତି ପୋଷଣ କରୁଁ, ତେବେ ଆମ କଣ୍ଠରୁ ଖାଣ୍ଟି ଓଡ଼ିଆ କଥା ନ ବାହାରିବାର କେତେଦୂର ଯୁକ୍ତି ସଙ୍ଗତ, ସେହା ଆପଣମାନେ ବିଚାର କରିବେ । ସଙ୍ଗେ ସଙ୍ଗେ ଏ କଥା ମଧ୍ୟ ଦେଖିବେ ଯେ ରସଗୋଲ୍ଲା ଖାଇବାର ଇଚ୍ଛାଟା ଏବଂ ରସଗୋଲ୍ଲା ଦେଖି ପାଟିରୁ ନାଳ ଝରିବାଟା ଏକା କଥା କି ନା ।

ବିଷୟବସ୍ତୁ ସମ୍ବନ୍ଧରେ ମଧ୍ୟ ସେଇ ଏକ କଥା କହାଯାଇ-ପାରେ । ସାହିତ୍ୟ-ସହିତ ଜାତୀୟ ଜୀବନର ସମ୍ବନ୍ଧ ଯେ କଣ, ସେ କଥା ଆମେ ଭୁଲି ଯାଉଛୁଁ । ସୁତରାଂ ଓଡ଼ିଆ କଥା-ସାହିତ୍ୟରେ ଓଡ଼ିଆର ଜାତୀୟ ଜୀବନର ସ୍ପନ୍ଦନ ଅନୁଭବ କରି ହୁଏ ନାହିଁ । ଏକ Romance ଛଡ଼ା ଅନ୍ୟ କିଛି ଲେଖିବାକୁ କେହି ରାଜି ନୁହନ୍ତି—ତେବେ ଆଜିକାଲିର Socialismର ଧକ୍କାରେ କେତେ କେତେ ବେଳେ ଗୋଟାଏ ଅଧେ କୁଲି-ମଜୁରିଆ ତାହାର କରୁଣ ଜୀବନର ବୋଝ ବାହି ଗଳ୍ପ ସାହିତ୍ୟର ଅଗଣାରେ କଗୃଢ଼ ହୋଇ ପଡ଼େ, କିନ୍ତୁ ତାକୁ ଓଡ଼ିଆ କୁଲି ବୋଲି ଚିହ୍ନିବାର ଉପାୟ ନାହିଁ । ସେ ଖାସ ରୁସ୍ ଦେଶର ଆମଦାନୀ । Romance ମଧ୍ୟ ସେହି ବିଦେଶୀ ଧରଣର—ତାହାର ପାତ୍ର ପାତ୍ରୀ ଯଥାର୍ଥ ଓଡ଼ିଆ କି ନା ତାହା ସନ୍ଦେହ କରିବାର କାରଣ ଅଛି ।

ବ୍ୟକ୍ତିଗତ ଭାବରେ ଦେଖିଲେ, ଏ ସବୁ ଯେ ସାହିତ୍ୟିକର କେତେ ସଂକୀର୍ଣ୍ଣ ସ୍ୱାର୍ଥ-ବୋଧର ପରିଚୟ ସେ କଥା ଅମ୍ଭେମାନେ ବୁଝି ପାରୁଁ ନାହିଁ । ସାହିତ୍ୟିକ ଏହି ଚେଷ୍ଟା କରିବାକୁ ଯାଇ ଲୋକମାନ ଦିଅନ୍ତି ଡେର । ସଂଯମ ମଧ୍ୟରେ ଯେଉଁ ମହାକାବ୍ୟ ଲୁଚି ରହିଛି, ତାହାର ରସ ତାଙ୍କର ଅନାସ୍ୱାଦିତ ରହିଯାଏ । କିନ୍ତୁ ସେଥିପାଇଁ ତାଙ୍କର ଖୋଜ ନାହିଁ—ଇଉରୋପିଅନ ଥାର୍ଡ କ୍ଲାସରେ ଏକା ଏକା ବସି ଆଉ ପାଞ୍ଚଲୋକର ଈର୍ଷା ଉତ୍ପାଦନ କରିବାର ଆଗ୍ରହ ତାଙ୍କର ଏତେ ବେଶୀ । ଓଡ଼ିଆ ଅକ୍ଷରରେ ଭିନ୍ନ ଭାଷା ଲେଖି, ଓଡ଼ିଆକୁ ବିଦେଶୀ ପୋଷାକ ପିନ୍ଧାଇ ଗୋଟିଏ ଅପରୂପ ନୂତନ ସୃଷ୍ଟିର ସ୍ରଷ୍ଟାର କୃତିତ୍ୱ କେତେଦୂର ? Grotesque ସୃଷ୍ଟିରେ ଗୋଟାଏ ଶିଳ୍ପ-ବିଦ୍ୟାର ପରିଚୟ ମିଳେ । କିନ୍ତୁ ଏହି ଜାତୀୟ ସୃଷ୍ଟିକୁ Grotesque ଶ୍ରେଣୀ ଅନ୍ତର୍ଗତ କରି ଯାଇ ପାରିବ କି ?

ସତ୍ୟ-ଶିବ-ସୁନ୍ଦରର ସନ୍ଧାନ ଓ ଅଭିବ୍ୟକ୍ତି ମଧ୍ୟରେହିଁ ଶିଳ୍ପ ଓ ଶିଳ୍ପୀର ଯଥାର୍ଥ ଗୌରବ । ଶିଳ୍ପ ଦେଶ-କାଳ-ପାତ୍ର ବିଶେଷରେ ସଂକୀର୍ଣ୍ଣ ପରିଧିର ସମ୍ପତ୍ତି ନୁହେ, ସେ ସମଗ୍ର ପୃଥିବୀର ସବୁ ଅଧିବାସୀର ସର୍ବକାଳର ଉପଭୋଗର ବସ୍ତୁ । ସାହିତ୍ୟ ନିମନ୍ତେ ଏଥିରୁ ବଳି ବଡ଼ ଆଦର୍ଶର କଳ୍ପନା କରାଯାଇ ପାରେ ନାହିଁ । କିନ୍ତୁ ଆଧୁନିକ ଓଡ଼ିଆ ସାହିତ୍ୟ ଯେଉଁ ବାଟେ ଯାଉଛି, ସେ ବାଟେ ଗଲେ ଆଦର୍ଶର କେତେ ନିକଟବର୍ତ୍ତୀ ହୋଇ ପାରିବ ତାହା ମଧ୍ୟ ଭାବିବା ଉଚିତ । କିନ୍ତୁ ସେ କଥା ଆମେ ଭାବୁଁ ନାହିଁ । ଆମର ଉଚ୍ଚ ହେବାର ବାସନା ଅଛି ସତ୍ୟ, କିନ୍ତୁ ସାଧନା ନାହିଁ ।

ଓଡ଼ିଆ-ସାହିତ୍ୟର ଶ୍ରୀବୃଦ୍ଧି ପାଇଁ ବିଶ୍ୱ-ସାହିତ୍ୟରୁ ପ୍ରୟୋଜନୀୟ ଯାହା କିଛି ମିଳିବ ଆମେ ଆହରଣ କରିପାରୁଁ, କିନ୍ତୁ ତାହାର ଯେ ଦାମ ଦେବା ଉଚିତ ସେ କଥା ଭୁଲିଲେ ଚଳିବ ନାହିଁ । ନିଅଁକିଅଁକ ପରି ଭିକ୍ଷାପାତ୍ର ଧରି ବାହାରିଲେ ସମ୍ମାନ ମିଳିବ କାହିଁ ? ଆମକୁ କିଛି ଦେବା ପାଇଁ ବିଶ୍ୱ-ସାହିତ୍ୟର ଆପତ୍ତି ନ ଥାଇ ପାରେ, କିନ୍ତୁ ଭିକ୍ଷାର ଲଜ୍ଜାରୁ ଆମକୁ ମୁକ୍ତି ଦେବ କିଏ ? ବିଶ୍ୱର ଦରବାରରେ ଭିକ୍ଷୁକର ସ୍ଥାନ ନାହିଁ—ସେଠାରେ ଚାନ୍ଦା ଦେବାକୁ ପଡ଼େ । ଯାହା ନଅପିବ ତାହାର ଦାମ ଦେବାକୁ ପଡ଼ିବ । ଏ ଦାମ ମିଳିବ ଗାମୁଛା କି ଗୃହରର କାନରେ ବାନ୍ଧା ଅଣ୍ଟାର ଖୋସଣୀରେ । କୋଟ୍ ପେଣ୍ଟର ପକେଟ ମଧ୍ୟରେ ପାଉଣ୍ଡ୍ ବା ସେଣ୍ଟ୍ ବା ଡଲାର୍, ଯାହା ଥାଉ ପଛକେ ସେଥିରେ ଆମର ଅହଂକାର ନାହିଁ, ତାହା ପରସ୍ୱ ।



Digitized by srujanika@gmail.com

# ଛୁଟି ଦିନର ଓଳିଏ

**ହରିଶ୍ଚନ୍ଦ୍ର ବଡ଼ାଲ**

ଆଜି ଛୁଟି । ଏମ୍ପାୟାର୍ ଡେ ।

କାଲିଠୁଁ ଠିକ୍ କରି ରଖିଥିଲି ଯେ ଛୁଟିଟା ଖାଲି ଶୋଇ ବସି ଅଲସୁଆମିରେ କଟାଇଦେବି । କିଛି କରିବିନି, କୁଆଡ଼େ ଯିବିନି, ବସାକୁ କାହାରିକି ଆସିବାକୁ ମଧ୍ୟ କହିବିନି । ବାଦ୍‌ଶା ବନି ଯିବି, ଅନ୍ତତଃ ଦିନକ ପାଇଁ । ଅଲସୁଆଙ୍କ ବାଦ୍‌ଶା !

ଅଫିସରୁ ଚପ୍‌ରାସୀ ବୋଝେ ଦି'ବୋଝ ନଥିପତ୍ର ଆଣି ଲେଖିବା ଘରେ ଥୋଇଛି । କିନ୍ତୁ ଆଜି ମୁଁ ପ୍ରତିଜ୍ଞା କରିଛି, କାଗଜପତ୍ର ନଥିପତ୍ରରେ ହାତ ଦେବିନି । ସୁତରାଂ କାଲିକି ଗଧ-ଖଟଣିର ସମ୍ଭାବନା ଥିଲେ ମଧ୍ୟ ଆଜିକା ବାଦ୍‌ଶାଗିରିରେ କୌଣସି ବ୍ୟାଘାତ ଘଟିବାର କାରଣ ନାହିଁ ।

ସକାଳୁ ଉଠିଲା ବେଳକୁ ୭ଟା ବାଜିଲାଣି । ଅନେକ ଦିନ ହେଲା ଭାରି ଗରମ ପଡ଼ୁଥିଲା । କାଲି ସଞ୍ଜ ସରିକି ଅସରାଏ ପାଣି ବରଷି ଯାଇଥିବାରୁ ରାତିଟା ବେଶ ଥଣ୍ଡା ଥିଲା । ସୁନିଦ୍ରା ହୋଇଛି । ସୁତରାଂ ସକାଳୁ ଉଠିବାକୁ ଟିକିଏ ଡେରି ହୋଇ ଯାଇଥିଲେ ବି ମନ ବେଶ ପ୍ରଫୁଲ୍ଲ ।

ପାଗଟା ମଧ୍ୟ ମାନସିକ ପ୍ରଫୁଲ୍ଲତାର ଏକାନ୍ତ ଅନୁକୂଳ । ଆକାଶର ଚାରି କୋଣରେ କଳାହାଣ୍ଡିଆ ମେଘର ଆଭାସ । ଖାଲି ସୂର୍ଯ୍ୟ ଯେଉଁଠି ରହୁଛନ୍ତି, ଆଉ ଆକାଶର ମଝିଟା, ନିର୍ମେଘ । ବର୍ଷା-ଧୂଆ ଖରାର ରଙ୍ଗଟି ଦିଶୁଛି କଞ୍ଚା ସୁନାର ରଙ୍ଗ ଭଳି—ନିର୍ମଳ, ଚକ୍ ଚକ୍ ଆଉ ତେଜସ୍ୱାନ୍ । ଗଛପତ୍ର ଦେହରୁ ଗୋଟାଏ ନୂତନ ଲାବଣ୍ୟ ଫୁଟିକି ଉଠୁଛି, ଏଡ଼େ ଚିକ୍କଣ ସାଉଁଳିଆ ସାବଳା ରଙ୍ଗ ସଚରାଚର ଦେଖାଯାଏ ନାହିଁ ।

ଦୂରର ପାହାଡ଼ ଗୁଡ଼ାକ ଉପରେ ଅନେକ ଦିନ ହେଲା ଯେଉଁ ଧୂଆଁଳିଆ ଅସ୍ପଷ୍ଟତା ମାଡ଼ି ବସିଥିଲା, ଆଜି ତାହାର ପତ୍ତା ମଧ୍ୟ ନାହିଁ । ନଈ-ସେ-ପାଖର ପଳାଶ ବନର ବହୁ ଦୂରରେ ପାହାଡ଼-ଶ୍ରେଣୀର ଶିଖର ଆକାଶଦେହରେ ସ୍ପଷ୍ଟ ବାରି ହେଉଛି; ଆକାଶର ରଙ୍ଗଠାରୁ ଅଳ୍ପ ଗାଢ଼ ନେଳିଆ ତାର ରଙ୍ଗ ।

ଆରାମ କରି ବସି ଚା' ପିଆଲାଏ ପିଉଛି । ତାହା ସାଥିକି ଗରମ ପୁରି ଆଉ ହାଲୁଆ । ଛୁଟିର ଦିନ ବୋଲି ଚା-ଯୋଗଟା ଆଜି ଟିକିଏ ବେଶୀ ଓଜନର ହେବ, ପୂଜାରୀର ଏମିତି ଗୋଟାଏ ଉଦ୍ଦେଶ୍ୟ ଥିଲା ପରି ଜଣା ପଡ଼ୁଛି । ପୂଜାରୀ ପୁରୁଣା ଲୋକ, ସାଆନ୍ତଙ୍କର ମନ ଜାଣି ତାହାର ବ୍ୟବସ୍ଥା କରିବାର ଅଧିକାର ସେ ବହୁ ପୂର୍ବରୁ ଅର୍ଜନ କରି ସାରିଛି ।

ବସାଘରେ ମରାମତି କାମ ଲାଗିଛି । ସରକାରୀ ଘର, ସରକାରୀ ବ୍ୟବସ୍ଥା । ପଞ୍ଚାଏ ମିସ୍ତ୍ରୀ ଆସି ଲାଗିଛନ୍ତି ଯେ ଆଜିକି ପ୍ରାୟ କୋଡ଼ିଏ ଦିନରୁ ବେଶୀ ହେବ ତ କମ ନୁହେଁ । କାନ୍ଥ ଦେହରେ ଫୁଟାଏ ଫାଟ ଥିଲେ ତାକୁ ହାତୁଡ଼ିରେ ବାଡ଼େଇ ବାଡ଼େଇ ପ୍ରାୟ ଚାଖଣ୍ଡେ ବାଲିଚୂନ ପଲସ୍ତରା ଖୋଲି ଦେଇ ଓଳିର କାମର ବ୍ୟବସ୍ଥା କରୁଛନ୍ତି, ଗପ ଆଉ ହସ କଥା କହିଲେ ନ ସରେ । ଦିନ ବେଳେ ତ ମୁଁ ଚାଲିଯାଏଁ ଅଫିସକୁ, ଚାକର ପୂଜାରୀ ଥାନ୍ତି ରୋଷେଇ ଘରଆଡ଼େ ବା ବାହାରେ ବ୍ୟସ୍ତ । ମିସ୍ତ୍ରୀମାନେ ସେମାନଙ୍କର ମନ ଖୁସି କାମ କରନ୍ତି । ପାଣି ପିଇବା ବାହାନାରେ ଅଧ ଘଣ୍ଟାଏ କଟାଇ ଦିଅନ୍ତି । ପିକା ଟାଣିବା ପାଇଁ ପନ୍ଦର ମିନିଟ । ପୋଷାକ ଗଲେ ଘଣ୍ଟାଏ ।

ସରକାରୀ କାମ, ସରକାରୋଚିତ ଗମ୍ଭୀର ମନ୍ଥର ଚାଲିରେ ଆଗେଇ ଚାଲେ । ଖାଲି ବସା-ଲୋକଙ୍କ ପକ୍ଷରେ ଏଇଟା ବଡ଼ ସାଂଘାତିକ—ଚାରି ଦିନର କାମ ଶେଷ ହେବାକୁ ଲାଗିବ ଚାରି ମାସ, ଆଉ ରୋଜ ରୋଜ ଆଜି ଏ ଘର କାଲି ସେ ଘର [illegible] ସୁରକି ସିମେଣ୍ଟରେ ବସାରେ ରହିବା ଗୋଟାଏ ଯନ୍ତ୍ରଣା ହୋଇ ପଡ଼ିବ ।

ସରକାରୀ ବସାରେ ରହିବାର ସୁଖ ଯେମିତି, ତାହା ସାଥିକି ହଟହଟା ନ ଥିଲେ ଜିନିଷଟା ସର୍ବାଙ୍ଗ ସୁନ୍ଦର ହୁଅନ୍ତା କେମିତି !

ଥାଉ ।

ପାଞ୍ଚ ଜଣ ଲୋକ ଲାଗିଛନ୍ତି କାମରେ—ଦୁଇ ଜଣ ସ୍ତ୍ରୀଲୋକ ଆଉ ତିନି ଜଣ ପୁରୁଷ । ଏଇ ପାଞ୍ଚ ଜଣଙ୍କ ଉପରେ କାମ ତଦାରକ କରିବା ଲାଗି ଜଣେ ବଡ଼ ମିସ୍ତ୍ରୀ ।

ପୁରୁଷ ତିନି ଜଣ ଆଉ ବଡ଼ ମିସ୍ତ୍ରୀ ସମସ୍ତେ ମୁସଲମାନ । ବଡ଼ ମିସ୍ତ୍ରୀର ଦାଢ଼ିଟି ଚଳଚଳ ଧଳା, ତାହା ଉପରେ ନାଲି ରଙ୍ଗ ବୋଳା ହୋଇଥିବାରୁ ସେଇଟି ବେଶ୍ ଦିଶୁଛି । ସମ୍ଭ୍ରମ କରିବା ଭଳି ଦାଢ଼ି । ବାକି ତିନି ଜଣଙ୍କ ଭିତରୁ ଜଣେ ଦାଢ଼ିବୁଢ଼ା । ଦାଢ଼ି ଅଛି, କିନ୍ତୁ ତାହା ସମ୍ଭ୍ରମ ଜାଗରୂକ କରିବା ଭଳି ଦୀର୍ଘ ବା ସୁପରିପୁଷ୍ଟ ନୁହେଁ । କିମ୍ଭୂତ ଛାଗଭାବାପନ୍ନ । ଅନ୍ୟ ଦୁଇ ଜଣ ଜୁଆନ ଟୋକା । ଜଣକ ମୁଣ୍ଡରେ ନାଲି ଫେଜ୍ ଟୋପି, ଅନ୍ୟ ଜଣକର ଖାଲି ମୁଣ୍ଡ ।

ବଡ଼ ମିସ୍ତ୍ରୀ ଦେହରେ ଲମ୍ବା ପାଇଜାମା ଆଉ ପରିଷ୍କାର କୋଟଟିଏ । ମିସ୍ତ୍ରୀ ତିନି ଜଣଙ୍କର ସାନ ସାନ ହାଫ୍‌ପେଣ୍ଟ ଆଉ ଅଧା ମଇଳା କମିଜ ଖଣ୍ଡିଏ ଖଣ୍ଡିଏ । ତେବେ ଫେଜ୍‌ଟୋପିବାଲାର କମିଜ ଖଣ୍ଡିକ ପ୍ରାୟ ସଫା କହିଲେ ଚଳେ । ତା' ଦେହର ରଙ୍ଗ ମଧ୍ୟ ଅନ୍ୟମାନଙ୍କଠାରୁ ଉଜ୍ଜ୍ୱଳ, ମୁହଁର ଚେହେରା ହୃଷ୍ଟପୁଷ୍ଟ ଓ ତାଜା । ଦାଢ଼ିବୁଢ଼ା ଲୋକଟିର ଦାଢ଼ି ମଇଳା, କଣ ଯେପରି ତଳକୁ ଝୁଲି ପଡ଼ୁଛି, ଗାଲ ଭିତରକୁ ପଶି ଯାଇଛି, ଆଖିରେ ଜ୍ୟୋତି ନାହିଁ । ଯେତେବେଳେ ଆଗ ଆଡ଼କୁ ଚାହିଁଛି, ମନେ ହେଉଛି ଯେ ତାହାର



Digitized by srujanika@gmail.com

ଦୃଷ୍ଟି ତା'ର ହାତରେ ଥିବା କରଣୀ, ଆଉ ତା' ଆଗରେ ଦୁଇପାଞ୍ଚ ହାତ ଦୂରରେ ଥିବା ସୁର୍‌କି ଗଦା ଟପି ଆଉ ଅଧିକ ଦୂରକୁ ଯାଇ ପାରୁନ। କଥାର ସୀମା ମଧ୍ୟ ସେଇ କରଣୀ—ସୁର୍‌କି—ସିମେଣ୍ଟ ଶ୍ରେଣୀହୀନ ଭିତରେ ଆବଦ୍ଧ।

ଅନ୍ୟମାନଙ୍କ କଥା-ହସ-ଠାଟ୍ଟାରେ ଏଇ ଅଧବୁଢ଼ା ଲୋକଟିର ସେପରି କୌଣସି ଯୋଗା-ଯୋଗ ନାହିଁ।

ସ୍ତ୍ରୀ ଲୋକ ଦୁଇଟି ହିନ୍ଦୁ। ମରହଟ୍ଟା ଗାଉଁଲି ସ୍ତ୍ରୀମାନଙ୍କ ଭଳି ଶାଢ଼ୀ ଆଉ ଚୋଲି ( ଦେହରେ ଚପି ହୋଇ ବସିଥିବା ବଡ଼ିସ୍ ଭଳି ଜାମାକୁ ଏମାନେ "ଚୋଲି" କହନ୍ତି ), ଦେହର ଅବୟବଗୁଡ଼ିକର ଗଠନ ଶକ୍ତ। ମୁହଁରେ ପରିଶ୍ରମଶୀଳତା ଓ ସାମର୍ଥ୍ୟର ଛାପ ସୁସ୍ପଷ୍ଟ। ଜଣେ ପ୍ରୌଢ଼ା, ଅନ୍ୟ ଜଣକ ଅବଗତ-ଯୌବନା।

ଦେଖିଲି, ପ୍ରଥମେ ତରୁଣ ମିସ୍ତ୍ରୀ ଦୁଇ ଜଣ ଆସି କୋଡ଼ି ଆଉ ସେବଲ୍ ( Shovel ) ଧେନ ସୁର୍‌କି-ସିମେଣ୍ଟର ଗଦାକୁ ପାଣି ପକାଇ ଘାଣ୍ଟି ନରମ କରିବାକୁ ଆରମ୍ଭ କଲେ। କିନ୍ତୁ ସିମେଣ୍ଟ ଥୋଡ଼ା ଥୋଡ଼ା ଜମି ଯାଇଥିବାରୁ ତାହା ଖୁବ୍ ସହଜରେ ହେବ ବୋଲି ଜଣାଗଲା ନାହିଁ। ଏତିକି ବେଳେ ସ୍ତ୍ରୀ ଲୋକ ଦୁଇଟି ମଣି ବାଲ୍‌ଟି ଧରି ପାଣି ଦେବା ପାଇଁ ଆସି ପହଞ୍ଚିଲେ। ଟୋକା ଦୁଇ ଜଣ କାମ ବନ୍ଦ କରିବାର ସୁଯୋଗ ପାଇଲେ। ହସାହସି ଆରମ୍ଭ ହୋଇଗଲା।

କଥାବାର୍ତ୍ତା ସେତେ ଶୁଣା ଯାଉ ନ ଥାଏ, କିନ୍ତୁ ଆକାର ଇଙ୍ଗିତ ଆଉ ଅବ୍ୟବହିତ ପରବର୍ତ୍ତୀ ଘଟଣାରୁ ଅନୁମାନ କଲି ଯେ ଅବଗତ-ଯୌବନାଟି ତରୁଣ ଦୁଇ ଜଣଙ୍କର ଅସାମର୍ଥ୍ୟ ପ୍ରତି କଟାକ୍ଷ କରି ନିଶ୍ଚେ କିଛି କହିଥିବ। ଫଳରେ ଦେଖାଗଲା, କୋଦାଳ ଆଉ "ସେବଲ୍" ସ୍ତ୍ରୀ ଦୁଇ ଜଣଙ୍କ ହାତକୁ ଆସିଲା—ଟୋକା ଦୁଇ ଜଣ ବାଲ୍‌ଟି ଧରି ଅଡ଼କୁ ଆଡ଼େଇ ଯାଇ ତାଙ୍କ କାମ ଦେଖିବାକୁ ଲାଗିଲେ; ଗପ ଆଉ ହସ ଅବିରାମ ଗତିରେ ବୋହି ଚାଲିଲା।

ମରହଟ୍ଟୀ ଆର୍ଯ୍ୟାଣୀମାନଙ୍କ ଦେହରେ ପ୍ରଚୁର ଶକ୍ତି। ଦେଖିଲି, ଯେଉଁ ସିମେଣ୍ଟଗଦାକୁ ଭାଙ୍ଗିବା ପାଇଁ ଦୁଇ ଜଣ ଜୁଆନ ଧଇଁସଇଁ ହୋଇ ଯାଉଥିଲେ, ସେ ଗଦା ପ୍ରାୟ କୋଡ଼ିଏ ମିନିଟ ମଧ୍ୟରେ ଭଙ୍ଗା ଶେଷ ହୋଇଗଲା। ଅଳ୍ପ ବୟସ୍କା ସ୍ତ୍ରୀ ଲୋକଟି ଖୁବ୍ ଲାଗି ପଡ଼ୁଥାଏ, ଆଉ, ଥରେ ଥରେ ଟିକିଏ ଥକ୍କା ମାରିବା ପାଇଁ ବାଁ ହାତରେ କପାଳରୁ ଝାଳ ପୋଛି ପକାଉଁ ପକାଉଁ ଫେଲ୍‌ଟୋପିକୁ ଉଦ୍ଦେଶ୍ୟ କରି କହେ—ଦେଖିଲୁ, ଅପାରଗ ଟୋକା!

ଅପାରଗ ଟୋକାର ସେତେବେଳେ ମହା ଫୁର୍ତ୍ତି। ସେ ସିମେଣ୍ଟ ଗଦାରେ ପାଣି ନ ଢାଳି ଥୋଡ଼ା ତା ଗୋଡ଼ ହାତରେ ଢାଳିଦିଏ। ସ୍ତ୍ରୀ ଲୋକଟି କୃତ୍ରିମ କୋପ ଦେଖାଇ କହେ—ହେ, ବଗୁଲିଆ ଟୋକା, ମୋ ଶାଢ଼ୀ ଭିଜି ଗଲା ଯେ। ତାହା ପରେ ସମସ୍ତେ ବହେ ହସନ୍ତି।

କେବଳ ଦରବୁଢ଼ା ଲୋକଟି ତଳକୁ ମୁହଁ ପୋତି କରଣୀ ଠୁକ୍ ଠୁକ୍ କରି ଚାଲିଥାଏ।

ସ୍ତ୍ରୀଲୋକଟି ଫେଲ୍‌ଟୋପିକୁ ପୁଣି ଲକ୍ଷ୍ୟ କରି ଇଙ୍ଗିତ କରେ, ବୁଢ଼ା ଦେହରେ ଥୋଡ଼ା ପାଣି ଛିଞ୍ଚାଡ଼ି ଦେବାପାଇଁ। ଫେଲ୍‌ଟୋପି ମୁଣ୍ଡ ହଲାଇ ନାହିଁ କରେ। ଦରବୁଢ଼ୀ ମାଇକିନିଆଟି ମଧ୍ୟ ଏମାନଙ୍କର ଢଙ୍ଗ ରଙ୍ଗ ଦେଖି ନିଜର ଶାଢ଼ୀ, ଚୋଲି ସମ୍ଭାଳି ସନ୍ତ୍ରସ୍ତ ହୋଇ ଗୋଟାଏ ପାଖକୁ ଆଡ଼େଇ ଯାଏ—କାଳେ ପାଣି-ବରଷା ତାହା ଉପରେ ହୋଇ ଯିବ ପରା!

ଏଣେ ଟୋପିହୀନ ଟୋକାର ମନ ଖଲ୍‌ବଲ୍ ହୋଇ ଉଠେ। ସେ ଏଇ କୌତୁକପ୍ରିୟାର ମନୋଯୋଗ ଆକର୍ଷଣ କରିବା ଲାଗି କଣ ଗୋଟାଏ ସରସ ଆଲୋଚନାର ସୂଚନା ଦିଏ। ସମସ୍ତେ କୌତୂହଳୀ ହୋଇ ଶୁଣନ୍ତି। ଗଳ୍ପ-ନାୟକର (ନା, ନାୟିକାର?) ଦୁରବସ୍ଥା କଥା ଶୁଣି ସମସ୍ତେ ଠୋ ଠୋ ହସିଉଠନ୍ତି। ଟୋପିହୀନର ଛାତି ଫୁଲେ; ମୋଟ ହୋଇଯାଏ—

ଲମ୍ବାଦାଢ଼ୀ ଆସି ଦେଖା ଦିଅନ୍ତି ରଙ୍ଗମଞ୍ଚରେ। ହସଥଟ୍ଟା ମାନ୍ଦା ପଡ଼ିଯାଏ। କିନ୍ତୁ ବଡ଼ ମିସ୍ତ୍ରୀ ଲୋକଟି ଖୁବ୍ କଡ଼ା ନୁହେ, ବୋଧହୁଏ। ସେ କାମ କାହିଁକି ହେଉନି ସେ ସମ୍ବନ୍ଧରେ କାହାରିକି କିଛି କହେ ନା; ବରଂ ନିଜେ ଟିକିଏ ଗପ କରିବାକୁ ଆଗ୍ରହ ଦେଖାଏ। ଅଳ୍ପ କ୍ଷଣ ପାଇଁ।

ମୁଁ କେବଳ ନାଲି ଦାଢ଼ିର ଏ ପାଖ ସେ ପାଖ ଗତି ଲକ୍ଷ୍ୟ କରେଁ। କଥା ଶୁଣିବାର ଉପାୟ ନାହିଁ। ଶୁଣିବା ଭଳି ସେପରି କିଛି ଯେ ଥିବ, ତାହା ମଧ୍ୟ ସନ୍ଦେହଜନକ। ଗରିବଗୁରୁବାଙ୍କ କଥା, ମାମୁଲି କଥା, ତେଲଲୁଣ-ହାଣ୍ଡିକାଠ କଥା, ବାହାବ୍ରତ-ରୋଗଶୋକ କଥା, କାହାରି ସେଥିରେ ମନ ଉଲ୍ଲସି ଉଠିବ, କାହାର ଅବା ମର୍ମରେ ଶେଲ ବିନ୍ଧିଯିବ—

ଛୋଟ ଛୋଟ କଥା। ଅନୁପ୍ରାସ ନାହିଁ, ଅଳଙ୍କାର ନାହିଁ, ସଜାଡ଼ି କହିବାର ଚେଷ୍ଟା ନାହିଁ; ଖାଲି ବକ୍ତବ୍ୟର ସରଳ ମର୍ମ-ସ୍ପର୍ଶ କରିବା କ୍ଷମତା ଜୋରରେ ସେ କଥାର ଯା' କିଛି ମାହାତ୍ମ୍ୟ। ତାହାର ଏକମାତ୍ର ଉପଯୋଗିତା ସେତିକିରେ।

ଅଥଚ, ଏଇ ଗ୍ରାମ୍ୟ ସରଳଚିତ୍ତ ଲୋକଗୁଡ଼ିକର ସୁଖ ଦୁଃଖ ସୃଷ୍ଟି କରିବା ଦିଗରେ ଛୋଟ ଛୋଟ ଘଟଣା, ଆଉ ଏଇ ଛୋଟ ଛୋଟ ଅଶୁଦ୍ଧ ଅମାର୍ଜିତ କଥାଗୁଡ଼ିକର କି ସର୍ବମୟୀ ଶକ୍ତି! ତାଙ୍କର ହସ, କାନ୍ଦଣା, ତାଙ୍କର ଆନନ୍ଦ, ତାଙ୍କର ବେଦନା, ସବୁ ଉଠୁଚି, ଖେଳୁଚି, ବୁଲୁଚି, ଏଇ ସାମାନ୍ୟ କଥାମଣ୍ଡଳ ଭିତରେ; ଏଇ ଛୋଟ ସିମେଣ୍ଟ ଗଦା ଚାରିଆଡ଼େ, ଅବା ତାଙ୍କର ସାନ ସାନ ପଲ୍ଲୀଘର ଖଣ୍ଡିକ କୋଳରେ।

ହାତରେ ମୋହର କିଛି କାମ ନାହିଁ। ନଥି ପ୍ରତି ମନ ନାହିଁ।**

ଦେଖୁଚି, ହିନ୍ଦୁ ଘରର ଏହି ଅବଗତ-ଯୌବନା ନାରୀ କଥା-ଛଳରେ, ହସରେ, ଇଙ୍ଗିତରେ ଯେପରି ଫେଲ୍‌ଟୋପି ଆଡ଼କୁ ଅନେକ ଢଳି ପଡ଼ିଲଣି। ସ୍ତ୍ରୀଲୋକଟିର ସ୍ବାମୀ ପୁତ୍ର ପରିବାର କେହି ଅଛନ୍ତି କି ନାହିଁ, ଜାଣେଁ ନା। ନଥିବାହିଁ ସମ୍ଭବ, କାରଣ, ଥିଲେ ସେମାନେ ଏକା ଦଳରେ କାମ କରୁଥାନ୍ତେ। ହିନ୍ଦୁ ସ୍ତ୍ରୀ



Digitized by srujanika@gmail.com

ହୋଇ ଏହି ମୁସଲମାନ ମିସ୍ତ୍ରିଙ୍କ ଦଳରେ ସେ ପଶି ନ ଥାନ୍ତା। ଫେଜ୍‌ଟୋପି ଆଉ ଟୋପିହୀନ ତରୁଣ ମିସ୍ତ୍ରୀଙ୍କର ପ୍ରତିଯୋଗିତାର କେନ୍ଦ୍ରୀଭୂତ ହୋଇ ନ ଥାନ୍ତା।

ଅନଧିକ ବୟସ୍କାର ଯୌବନପ୍ରଭା ଏକାବେଳକେ ଫୁଟି ଯାଇଛି ମୁହଁରୁ, ଦେହରୁ। କୋଦାଳ ଚଳାଇବାର ଅଙ୍ଗଭଙ୍ଗୀ ଦେହର ଦୃଢ଼ ପେଶଳତାର କଥା ଜଣାଇ ଦେଉଅଛି। ଦୃଢ଼ବଦ୍ଧ ପେଶୀର ଆକୁଞ୍ଚନ ପ୍ରସାରଣରେ ତାହାର ପୂର୍ଣ୍ଣ ସ୍ୱାସ୍ଥ୍ୟ ଓ ଗଠନ-ସୌଷ୍ଠବର ଆଭାସ ମିଳୁଅଛି। ଟୋକା ମିସ୍ତ୍ରି ଦୁଇଜଣଙ୍କର ଦୃଷ୍ଟି ଏ ବିଷୟରେ ଯଥେଷ୍ଟ ସଚେତନ। ଏପରିକି ଦରବୁଢ଼ା ଲୋକଟିର ଅଦୂର-ପ୍ରସାରୀ ଦୃଷ୍ଟି ମଧ୍ୟ ଏ ଦିଗରେ ବେଳେ ବେଳେ ସଚେତନ ଥିଲାପରି ଜଣା ପଡ଼ୁଥିଲା। କରଣୀ ଠୁକ୍ ଠୁକ୍ କରୁଁ କରୁଁ ଘଡ଼ିଏ ଦୁଇ ଘଡ଼ି ପରେ ସେ ଥରେ ଥରେ ଆଖି ଟେକି ଅନାଏ, ପାଞ୍ଚ ଦଶ ସେକେଣ୍ଡ ତାହାର ଦୃଷ୍ଟି ଏହି ଶକ୍ତିମୟୀ ନାରୀର ପ୍ରାଣବେଗପୂର୍ଣ୍ଣ କାର୍ଯ୍ୟକଳାପ ପ୍ରତି ନିବଦ୍ଧ ରହେ। ତା' ପରେ ତା'ର ଆଖି ଆପେ ତଳକୁ ନଇଁପଡ଼େ, ଯିଠି ଯେପରି ଅନୁଶୀ ଭୁଲ ଜଣାଯାଏ, ସେ କାମ କରିଚାଲେ।

ସେ ଜାଣେ, ତାହାର ଦୁଇ ଜଣ ପ୍ରବଳ ପ୍ରତିଦ୍ୱନ୍ଦୀ ରଙ୍ଗମଞ୍ଚରେ ଉପସ୍ଥିତ—ତାହାର କୌଣସି ସାଫଲ୍ୟର କିଛିମାତ୍ର ସମ୍ଭାବନା ନାହିଁ, ଏହି ପ୍ରାଣରସପରିପୂର୍ଣ୍ଣା ମହିଳାଟିର ମନୋଯୋଗ ଆକର୍ଷଣ କରିବା ବିଷୟରେ। ସେ ନିଜ କାମରେ ମନ ଦିଏ—ନିଜକୁ କଇଁଛ ପରି ନିଜ ଭିତରକୁ ଟାଣିନିଏ।

କିନ୍ତୁ ଟୋପିହୀନ ଟୋକାଟି ଫେଜ୍ ପାଖରେ ହାରିଯିବାକୁ ରାଜି ହୁଏ ନାହିଁ। ବୟସ ଦୁହିଙ୍କର ପ୍ରାୟ ସମାନ ହେବ—ବାଇଶି କି ତେଇଶ। ଦେଖି ମନେହୁଏ, ଦୁହେଁଯାକ ଅବିବାହିତ, ଦୁହେଁଯାକ ବେପରୁଆ। ତାରୁଣ୍ୟର ଉଦ୍ଦାମ ଆକାଙ୍କ୍ଷାରେ ସମଗ୍ର ଚିତ୍ତବୃତ୍ତି ଟଳମଳ। ପରିଣାମର ଚିନ୍ତା କରିବାର ଅବକାଶ ନାହିଁ। ଯାହା ମିଳେ ତାହା ଜୋର କରି ଦଖଲ କରିବା ପାଇଁ ମନ ଉନ୍ମୁଖ। ଭଲ ମନ୍ଦ ବାଛ ବିଚାରର ବେଳ ନାହିଁ। ଖିଆଲ ନାହିଁ।

ଫେଜ୍‌ଟୋପି ଠିଆ ହୋଇ ହୋଇ ଗୋଡ଼ର ଆଙ୍ଗୁଠିଗୁଡ଼ାକ ଉପରେ ଭର ଦେଇ ଦେହକୁ ନାଚିବାର ଭଙ୍ଗିରେ ଆନ୍ଦୋଳିତ କରୁଛି। ଯୌବନର ଅବ୍ୟୟିତ ଶକ୍ତି ଗୋଟିଏ ଦମ୍‌ଦିଆ ସ୍ପ୍ରିଂ ଭଳି ତାହାର ସମସ୍ତ ଦେହମନକୁ ଅଚ୍ଛନ୍ନ କରି ରହିଅଛି। ସୁଯୋଗ ପାଇଲା କ୍ଷଣି ଯେପରି ସେ ଚିଲ୍ଲେଇ ଟିପି ଦିଆ ଯାଇଥିବା ସ୍ପ୍ରିଂ ଭଳି ପୂର୍ଣ୍ଣ ବେଗରେ ନିଜକୁ ମୁକ୍ତ କରିଦେବ ସହସା। ତାହାର ଦୀର୍ଘ ବଳିଷ୍ଠ ଦେହ ପ୍ରତି, ଉଜ୍ଜ୍ୱଳ ମୁଖମଣ୍ଡଳ ପ୍ରତି, ଅଉ ଚେକ୍‌ଚକ୍ କରୁଥିବା ଆଖି ଯୋଡ଼ାକ ପ୍ରତି କୌତୁକପ୍ରିୟାର ଦୃଷ୍ଟି ବାରମ୍ବାର ଆକୃଷ୍ଟ ହୋଇ ଫେରି ଆସୁଥିଲା। ହୃଦୟର କେଉଁ ଗହନ କୋଣରୁ ଗୋଟାଏ ଆକର୍ଷଣ ଉଦ୍ଭୂତ ହୋଇ ଏକ ମଧୁର ହାସ୍ୟରେଖାରେ ତାହାର ଶକ୍ତିମାନ ସୁନ୍ଦର ଯୌବନକୁ ଅଭିନନ୍ଦିତ କରୁଥିଲା।

ଟୋପିହୀନର ଗର୍ବ କରିବା ଭଳି କିଛି ନାହିଁ; ଅଛି କେବଳ—ନୂଆ ବୟସ, ଶାରୀରିକ ପୁଷ୍ଟି, ଆଉ ଅନ୍ୟ ଜଣକ ଅପେକ୍ଷା କିଛି ଅଧିକ ଶିଳ୍ପଚାତୁର୍ଯ୍ୟ। ସେ କଥା କହି ମନକୁ ଓଟାରି ନେଇପାରେ, କାମ କରି ଶ୍ରଦ୍ଧା ଆକର୍ଷଣ କରିପାରେ, ଦରକାର ପଡ଼ିଲେ ଅନ୍ୟର ସହଯୋଗିତା କରିପାରେ। ଫେଜ୍‌ଟୋପି ଭଳି ନିଜ କାମ ଅନ୍ୟ ମୁଣ୍ଡରେ ଲଦିଦେଇ ନିଶ୍ଚିନ୍ତ ହୋଇ ବସିବା, କିମ୍ବା ସୁବିଧା ପାଇଲେ କାମରେ ଫାଙ୍କିଦେବା ତାହାର ସ୍ୱଭାବ ନୁହେଁ। ଦୁହିଁଙ୍କର ବାଟ ଅଲଗା, ପ୍ରକୃତି ଅଲଗା। କେବଳ ଏକ ବିଷୟରେ ସେମାନେ ସଧର୍ମା, ସେମାନଙ୍କର ପ୍ରକୃତି ଏକହିଁ ବିଷୟ ଲୋଡ଼େ—ସେମାନେ ଉଭୟେ ତରୁଣ, ନାରୀର ସାହଚର୍ଯ୍ୟ ସେମାନଙ୍କର ଉଭୟଙ୍କ ପକ୍ଷରେହିଁ ସମାନ କାମ୍ୟ।

ଏଣୁଠାରେହିଁ ସେ ଦୁହିଁଙ୍କ ମଧ୍ୟରେ ପ୍ରତିଯୋଗିତା। ଆଉ ଏହି ପ୍ରତିଯୋଗିତାକୁ ମୂଳ କରି (ମୁଁ ସ୍ପଷ୍ଟ ଦେଖି ପାରୁଛି) ଅଚିରେ ସେ ଦୁହିଙ୍କ ଭିତରେ ଅସଦ୍‌ଭାବ ଘଟିବାର ସମ୍ପୂର୍ଣ୍ଣ ଆଶଙ୍କା ରହିଛି। ବିଶେଷତଃ, ଯଦି ଆମର ଏହି ପ୍ରାଣପ୍ରାଚୁର୍ଯ୍ୟମୟୀ ମହିଳାଶ୍ରମିକା କ୍ରମାଗତ ଫେଜଟୋପି ପ୍ରତି କଟାକ୍ଷ-ସ୍ମିତ-ଚଳିତ ଇତ୍ୟାଦିର ପକ୍ଷପାତ କରୁଥାଏ—ତାହାହେଲେ ଟୋପିହୀନ ପକ୍ଷରେ ଧୈର୍ଯ୍ୟ ଧରି ବେଶୀ ଦିନ ରହିବା ସମ୍ଭବ ହେବ ବୋଲି ଦିଶୁ ନାହିଁ।

କିନ୍ତୁ ଯେତେବେ ସମୟ ଏହି ଲୀଳାର କୌତୁକମୟ ଆଉ ପ୍ରାଣ-ରସସିକ୍ତ ଅକୃତ୍ରିମ ଅଭିନୟ ଆଖି ଆଗରେ ଚାଲିଛି, ସେ ପର୍ଯ୍ୟନ୍ତ ଏହି ସୁନେଲି ରୌଦ୍ର-ପଝଳା ସୁନ୍ଦର ସକାଳଟି ମୋତେ ପାଞ୍ଚଗୁଣ ଅଧିକତର ରମଣୀୟ ବୋଲି ମନେ ହେଉଅଛି। ଅଲସୁଆମିର ଅନାବିଳ ମାଧୁରୀ ଭିତରେ ଯେପରି ଏ ଦୃଶ୍ୟଟି ଆହୁରି ଅଧିକ କିଛି ମଧୁ ଆଣି ମିଶାଇ ଦେଇଛି * * * *

ଛୁଟି ଦିନର ଗୋଟିଏ ଉତ୍ସବ—ଜୀବନର ଗୋଟାଏ ଅଭୂତପୂର୍ବ ଲଗ୍ନ—ଅତୀତ ହୋଇଗଲାଣି। ଆଉ କେବେ ତାହା ଫେରିବ ନାହିଁ।

ଥରେ ବଜାରରେ ଦୁଇଟି ଅନ୍ଧ ପରସ୍ପର ବିପରୀତ ଦିଗରୁ ଆସୁଥିଲେ। କିଛିଦୂର ଆସିଲାପରେ ସେ ଦୁହେଁ ଏକାଠି ଧକ୍କା ଖାଇଲେ। ସେଥିରୁ ଜଣେ ଅପରକୁ କହିଲା—

"ତୁ ଟା ଅନ୍ଧ ନା କ'ଣ?"

ଉତ୍ତରଦେଲା, "ଅନ୍ଧୁଟା ନା କ'ଣ ?"

* * * *

ମୁଁ ସାଇକେଲରେ ଯାଉଁ ଯାଉଁ ରାସ୍ତାରେ ଗୋଟିଏ ଲୋକକୁ ଦେଖି ପଚାରିଲି, "ହଇରେ, ରାଜାବଗିଚା ଏଠାରୁ କେତେ ଦୂର ହେବ ?"

ସେ କିଛି ସମୟ ଭାବି ଉତ୍ତର ଦେଲା, "ତିନି କୋଶ ହେବ—କିନ୍ତୁ ତୋର ସାଇକେଲ ଅଛି—କୋଶକରୁ ବେଶୀ ହେବ ନାହିଁ।"

* * * *



Digitized by srujanika@gmail.com

# ସାହିତ୍ୟ-ଚାଷ *

**ଶ୍ରୀ ରାମକୃଷ୍ଣ ନନ୍ଦ**

ଗରିବ ଦୁଆରେ ଦେଶର ବଡ଼ ବଡ଼ ନେତାମାନେ କୌଣସି ସୁବିଧା ଅସୁବିଧା ଉଦ୍ଦେଶ୍ୟରେ ହାବୁଡ଼ି ଗଲେ ସେ ବିଚରା ଯେପରି ହରବର ହୋଇଯାଏ, ବାରିପଦା ସାହିତ୍ୟ-ସମାଜର ସମ୍ପାଦକ ମହାଶୟଙ୍କଠାରୁ ବାର୍ଷିକ ଅଧିବେଶନ ପାଇଁ ପ୍ରବନ୍ଧ-ତାଗିଦା ଚିଠି ଖଣ୍ଡିକ ପାଇ ମୁଁ ସେହିପରି ଟିକିଏ ହରବର ହୋଇ ଯାଇଥିଲି । ମୋ ଭଳି ନଗଣ୍ୟ ଲୋକକୁ ଏତେ ବଡ଼ ସଭା ଲାଗି ପ୍ରବନ୍ଧ ମାଗିବାଟା ସମ୍ପାଦକଙ୍କର ଯଦି ଭୁଲ ବିଚାର ନ ହୋଇଥିଲା, ତେବେ ମୁଁ ସାହିତ୍ୟ ସମାଜର ବାର୍ଷିକୋତ୍ସବଯୋଗ୍ୟ ପ୍ରବନ୍ଧ ଲେଖି ପାରେ ନାହିଁ ବୋଲି ସ୍ପଷ୍ଟ କହିଦେବି କାହିଁକି ? ଯାହାହେଉ, କିଛି ଗୋଟାଏ ଲେଖି ପଠାଇବା ପାଇଁ ମନ ହେଲା । କେଉଁ ବିଷୟରେ ଲେଖିବି ? ଦୁଃଖ କି ସୁଖ କଣ ଲେଖିବି ଭାବୁଁ ଭାବୁଁ କଟକ ନଗରର ପଶ୍ଚିମ ଉପକଣ୍ଠରେ ଥିବା ସତୀଚଉରା ଆଡ଼କୁ ଚାଲିଗଲି । ଆପଣମାନେ ବୋଧହୁଏ ଜାଣିଥିବେ ସତୀଚଉରା ଆମ ଓଡ଼ିଶାର ଓଏଷ୍ଟମିନଷ୍ଟର ଏବି । ସେଠାକୁ ଗଲେ କେଜାଣି ଏବା ମହାଜନମାନଙ୍କ ସମାଧି ଦର୍ଶନରୁ କିଛି ମହାପ୍ରେରଣା ମିଳିପାରେ—ବିଚାରି ସେଠାରେ ଯାଇ ପହଞ୍ଚିଲି । ଦେଖିଲି ରାଧାନାଥ, ମଧୁସୂଦନ, ମୃତ୍ୟୁଞ୍ଜୟ, ବୈୟାକରଣିକ ଆର୍ତ୍ତତ୍ରାଣ ଓ ସେମାନଙ୍କ ନିକଟରେ ଏବେ ସ୍ଥାନ ପାଇଛନ୍ତି ସ୍ୱର୍ଗତ ବିଶ୍ୱନାଥ କର । ସେମାନଙ୍କ ସ୍ମୃତି-ମନ୍ଦିର ଦେଖୁଁ ଦେଖୁଁ ମନରେ ଗୋଟାଏ ଅଦ୍ଭୁତ ପ୍ରଶ୍ନ ଉଠିଲା—"ଆଧୁନିକ ଲେଖକ ଓ କବିମାନଙ୍କ ମଧ୍ୟରୁ କିଏ କିଏ ଏଠାରେ ସ୍ଥାନ ପାଇବେ—ଅର୍ଥାତ୍ ମୃତ୍ୟୁ ପରେ ସ୍ଥାନ ପାଇବେ ?" ( ଏଠାରେ ମୁଁ ସମସ୍ତ ଓଡ଼ିଶାବାସୀଙ୍କଠାରୁ କ୍ଷମା ମାଗି ନେଉଛି, ସେମାନେ ଯେପରି ନ ଭାବନ୍ତୁ ଯେ ମୁଁ କୌଣସି ଲେଖକ ବା କବିଙ୍କର ମୃତ୍ୟୁକାମନା କରୁଥିଲି । କବି ତ କବି, ଆଜିକାଲି ଛତୁ ଫୁଟିଲା ପରି ଯେତେ କବି ଓ ଲେଖକ ଉଠୁଛନ୍ତି, ସେମାନେ ଅକାଳରେ ମଲେ ଅନ୍ତତଃ ଜୀବନବୀମା କମ୍ପାନୀଗୁଡ଼ାକ କ୍ଷତିଗ୍ରସ୍ତ ହେବେ । ମୁଁ କେବଳ ଜାଣିବାକୁ ଚାହୁଁଥିଲି, ସାହିତ୍ୟିକ ହିସାବରେ କିଏ କିଏ ମା ସରସ୍ୱତୀଙ୍କ ନିକଟରୁ ସନନ୍ଦ ପାଇବେ ) ।

କଥାଟା ଭାବୁଁ ଭାବୁଁ ଟିକିଏ କଳ୍ପନା-ରାଜ୍ୟରେ ଭାସିଗଲି । ଖୋଦ ସରସ୍ୱତୀଙ୍କ ନିକଟକୁ ଯାଇ ତାଙ୍କଠାରୁ କିମ୍ବା କୌଣସି ବିଶ୍ୱସ୍ତ ସୂତ୍ରରୁ କଥାଟା ବୁଝି ଆସିଲେ ସଠିକ ସମ୍ବାଦ ମିଳି ପାରିବ ମନେକରି ଉତ୍କଳ-ଭାରତୀଙ୍କର 'ବିଳାସ-ଦୀର୍ଘିକା' ଆଡ଼କୁ ଦୃଷ୍ଟି ଫେରାଇଲି । ସେହିଠାରେ ତ ସାହିତ୍ୟିକଙ୍କର ମେଳା । ଦେଖିଲି ସେ ପୁଷ୍କରିଣୀରେ ବହୁତ ଦଳ ଓ ନାନା ଜାତିର ପକ୍ଷୀ । ସେମାନଙ୍କ ମଧ୍ୟରେ ତିନି ଜାତିର ପକ୍ଷୀ ମୋହର ମନନେତ୍ର ଆକର୍ଷଣ କଲେ । ଏ ପକ୍ଷୀମାନେ ମୋହର ସାହିତ୍ୟ-ସରୋବରର କବି ଓ ଲେଖକ, ଏ କଥା ଯେପରି ଆପଣ ଭୁଲି ନ ଯାନ୍ତି । ପ୍ରଥମରେ ଦେଖିଲି ଦଳେ ବଗ । ସେମାନେ ଧୀର ସ୍ଥିର ଭାବରେ ପୋଖରୀ କୂଳଯାକ ଧ୍ୟାନସ୍ଥ ଯୋଗୀ ପରି ବସିଥାନ୍ତି । ଆଗକୁ କି ପଛକୁ, କେଉଁଆଡ଼କୁ ଗତି କରିବେ ବୁଝା ଯାଉନାହିଁ । ଯେତେ ଦୂର ଅନୁମାନ କଲି—ସେମାନେ ଯେପରି ଆଗକୁ ଗତି କରିବେ କି ନାହିଁ, ସେ କଥା ଆଦୌ ଭାବୁ ନାହାନ୍ତି । ଯେଉଁଠାରେ ଅଛନ୍ତି, ସେଇଠାରେ ବେଶ ଆତ୍ମପ୍ରସାଦ ଲାଭ କରୁଛନ୍ତି । ବେଶୀ ଗଭୀର ଜଳକୁ ଯିବାର ପ୍ରବୃତ୍ତି ମଧ୍ୟ କାହାରି ଦେଖିଲି ନାହିଁ । ଏ ଶ୍ରେଣୀର ସାହିତ୍ୟ-ସେବୀମାନଙ୍କୁ ଆପଣ ଚିହ୍ନିବେଣି । ଏମାନଙ୍କର ସାହିତ୍ୟ ଆଲୋଚନାର ପରିସର ଖୁବ୍ ସଙ୍କୀର୍ଣ୍ଣ । ଗେଣ୍ଡା, କଙ୍କଡ଼ା ବା ଶଫରୀ ଯାହା ହାତକୁ ପଡ଼ିଲା ସେତିକି । ବ୍ୟାପକ ଭାବରେ ସାହିତ୍ୟର ସନ୍ଧାନ ଓ ସଂଗଠନ କରିବା ଏମାନଙ୍କ ଶକ୍ତିର ବହିର୍ଭୂତ । କେତେଟା ଧରାବନ୍ଧା ଗତ ଓ ସଂସ୍କୃତର ସୂତ୍ର ଉପରେ ଏମାନଙ୍କ ସାହିତ୍ୟ-ସୌଧ ପ୍ରତିଷ୍ଠିତ । ନୂଆ ଶବ୍ଦଟାଏ ଗଢ଼ି ବା ବିଦେଶୀୟ ଭାଷାରୁ ଆଣି କେହି ଓଡ଼ିଆରେ ପୂରାଇ ଦେଲେ କିମ୍ବା ପାରସୀ ଓଡ଼ିଆ ସଙ୍ଗେ କଥିତ ଓଡ଼ିଆ ଶବ୍ଦ ମିଶାଇ କିଛି ଲେଖିଲେ ଏମାନେ ପ୍ରମାଦ ଗଣନ୍ତି । ବ୍ୟାକରଣରେ ଯଦି ଅଛି—ବାକ୍ୟ ଶେଷରେ କ୍ରିୟା ବସିବ, ତେବେ ସେ ସବୁବେଳେ ସେଇଠି ବସିବ । ଯଦି କେତେବେଳେ କ୍ରିୟା ତାହାର ସ୍ଥାନ ପରିବର୍ତ୍ତନ କରି ବାକ୍ୟ ଆରମ୍ଭରେ ବା ମଝିରେ ଟିକିଏ ବସି ପଡ଼ିଲା, ତେବେ ସାଙ୍ଗେ ସାଙ୍ଗେ ଏ ବକ-ସାହିତ୍ୟିକମାନେ ବଢ଼ାଇଲେ ଥଣ୍ଟ । 'ବଗଙ୍କର ଥଣ୍ଟ ବଢ଼ିଲେ ମୀନଙ୍କର ବିପତ୍ତି' । ଭାଷା ଯେ ସ୍ରୋତ ପରି ଗତିଶୀଳ ଏବଂ ଭାଷାକୁ ଅନୁସରଣ କରି ବ୍ୟାକରଣ ଗଢ଼ିବ, ଏ କଥା ସେମାନେ ସ୍ୱୀକାର କରିବାକୁ ନାରାଜ । ଆହେ, ପୃଥିବୀର ଉନ୍ନତ ଭାଷା ଗୁଡ଼ିକୁ ଟିକିଏ ଆଲୋଚନା କରି ଦେଖ; ଭାଷାର ସ୍ୱାଭାବିକ ବିକାଶ-ପଥ ପରିଷ୍କାର କରିଦେଉଥିବାରୁ ତାଙ୍କ ଭାଷା ଓ ସାହିତ୍ୟ କିପରି ଦିନକୁ ଦିନ ମହାନଦୀର ବନ୍ୟା ପରି ଆଗକୁ ଆଗକୁ ମାଡ଼ି ଚାଲିଛି, ଆଉ ତୁମ ପରି ଗୁରୁଆଳେ ବ୍ୟାକରଣର ବନ୍ଧବାଡ଼ ପକାଇ ବସିଛି କିଏ ? ହେଉ, ଏ ବକ-ସାହିତ୍ୟିକମାନଙ୍କୁ ଆପଣମାନେ ବର୍ତ୍ତମାନ ଚିହ୍ନିବେଣି । କିନ୍ତୁ ଏମାନଙ୍କ ପ୍ରତି ମୋହର ଢଳେ ହେଲେ ଅଭକ୍ତି ନାହିଁ । କ୍ରୌଞ୍ଚପକ୍ଷୀ ପରି ବାଲ୍ମୀକି ଋଷିଙ୍କ କଣ୍ଠରେ ଆଦି କବିତାର ପ୍ରେରଣା ଦେଇଥିଲେ । କେବଳ ଟିକିଏ ଉଦାର ନୀତି ଅବଲମ୍ବନ କରିବାକୁ ଏମାନଙ୍କୁ ମୋର ଅନୁରୋଧ ।

* ବାରିପଦା ସାହିତ୍ୟ ସମାଜର ଚତୁର୍ଥ ବାର୍ଷିକ ଅଧିବେଶନରେ ପଠିତ ।



Digitized by srujanika@gmail.com

ତା'ପରେ ଦ୍ୱିତୀୟ ଶ୍ରେଣୀର ସାହିତ୍ୟିକ ହେଉଛନ୍ତି ପାଣିକୁଆ । ଏମାନେ ଅନବରତ ଶ୍ରମନିରତ, କିନ୍ତୁ କ୍ୱଚିତ୍ ବାହାରକୁ ଆସି ଚେହେରା ଦେଖାଇ ହେବାର ଲାଳସୀ । ପରଦା ଉହାଡ଼ରେ ରହି କର୍ତ୍ତବ୍ୟରେ ବ୍ୟାପୃତ ଥିବା ସାହିତ୍ୟ-ସେବୀମାନେ ଏହି ଶ୍ରେଣୀର ଅନ୍ତର୍ଗତ । ଏମାନେ ସ୍ଥାଣୁ ପରି ଅଚଳ ନୁହନ୍ତି, ଗତିଶୀଳ; କିନ୍ତୁ କି କର୍ମରେ ନିଯୁକ୍ତ ଅଛନ୍ତି, ତାହା ବର୍ତ୍ତମାନ ଜଗତକୁ ଦେଖାଇବାକୁ କୁଣ୍ଠିତ । କେବଳ ବେଳେ ବେଳେ ଆଗ୍ନେୟଗିରିର ଉଦ୍ଗୀରଣ ପରି ଯେତେବେଳେ ସେମାନେ ଉପରକୁ ଉଠୁଛନ୍ତି, ଦେଖାଯାଉଛି— ସେମାନଙ୍କ ଥଣ୍ଟରେ ଖଣ୍ଡେ ଅଧେ ମାଛ । ଏମାନଙ୍କ ଦ୍ୱାରା ଓଡ଼ିଆ ସାହିତ୍ୟର ବର୍ତ୍ତମାନ କିଛି ସଦ୍ୟଲାଭ ନ ହେଉଥିଲେ ସୁଦ୍ଧା କ୍ଷତି ବି କିଛି ହେଉନାହିଁ । ସାଧାରଣଙ୍କ ଦୃଷ୍ଟିର ଅନ୍ତରାଳରେ ରହି ସାହିତ୍ୟ-ସେବା କରୁଥିବାରୁ ଏମାନଙ୍କର କାର୍ଯ୍ୟ ବା ଗତି ସମ୍ବନ୍ଧରେ ମୁଁ ବେଶୀ କିଛି ଜାଣି ପାରିଲି ନାହିଁ ।

ତାହା ପରେ ଆଉ ଦଳେ ପକ୍ଷୀ ଦେଖିଲି । ସେ ହେଉଛନ୍ତି ମାଛରଙ୍କା । ସେମାନଙ୍କ ଦେହ ନାନା ବର୍ଣ୍ଣରେ ରଞ୍ଜିତ ଓ ଶୋଭିତ । ଶରୀର ସଙ୍ଗେ ଚଞ୍ଚୁର ଭୀଷଣ ଆକାରଗତ ବୈଷମ୍ୟ ଥିବାସତ୍ତ୍ୱେ ଏମାନେ ନିଜ ଚେହେରା ଜଗତକୁ ଦେଖାଇବା ଲାଗି ସର୍ବଦା ଊର୍ଦ୍ଧ୍ୱରେ ବିଚରଣ କରୁଅଛନ୍ତି । ଗୋଟିଏ ଗତି ଧରି କାର୍ଯ୍ୟ କରିବା ଏମାନଙ୍କ ପକ୍ଷରେ ଅସମ୍ଭବ । କ୍ଷିପ୍ରଗତି, ଚପଳମତି— ଏମାନେ ଠିକ କେଉଁ ଦିଗରେ ଗତି କରୁଛନ୍ତି ବା କରିବେ, ତାହା ନିରୂପଣ କରିବାକୁ ସ୍ୱୟଂ ପ୍ରଜାପତିଙ୍କୁ ଶହେ ବର୍ଷ ପର୍ଯ୍ୟନ୍ତ ଶିଖିବାକୁ ହେବ, ଏ ମାଛରଙ୍କା ସାହିତ୍ୟିକମାନଙ୍କୁ ଆପଣ ଚିହ୍ନିଥିବେ । ଶିକାର ଉପରେ ଲକ୍ଷ୍ୟ ରଖି ମାଛରଙ୍କା ପକ୍ଷ ଝାଡ଼ିଲା ପରି ଏମାନେ ନାମ-ଅର୍ଜନ ଉପରେ ଲକ୍ଷ୍ୟ ରଖି 'ସହକାର' 'ନବଭାରତ' ପ୍ରଭୃତି ପତ୍ରପତ୍ରିକାରେ ଘନ ଘନ ପକ୍ଷ ଝାଡ଼ିବାରେ ବ୍ୟସ୍ତ ( ଅବଶ୍ୟ ମାସିକ ପତ୍ରର ସବୁ ଲେଖକ ଲେଖିକାଙ୍କୁ ମୁଁ ଏ ଶ୍ରେଣୀର ଅନ୍ତର୍ଭୁକ୍ତ କରୁ ନାହିଁ ) । ଏ ମାଛରଙ୍କା ସାହିତ୍ୟିକମାନଙ୍କୁ ଅନୁସରଣ ବା ଅନୁକରଣ କରିବା ସାଧାରଣ ସାହିତ୍ୟ-ପ୍ରେମୀ ପକ୍ଷରେ କଷ୍ଟକର; କାରଣ ଏମାନେ ବର୍ଷେ ଦୁଇ ବର୍ଷ ଭିତରେ ଡବଲ ମାର୍ଚ୍ଚ କରି ଓଡ଼ିଆ ସାହିତ୍ୟକୁ ବିଶ୍ୱ-ସାହିତ୍ୟ-ମଞ୍ଚର ସଭାପତିଙ୍କ ଟେବୁଲ ନିକଟକୁ ଉଡ଼ି ନେବାକୁ ବସିଛନ୍ତି । ଏ ଟଣାଓଟରା ଫଳରେ ବିଚାରୀ ଓଡ଼ିଆ ଭାଷାର ଅଣ୍ଟାଗଣ୍ଠି ଛିଡ଼ି ନ ଗଲେ ରକ୍ଷା !

ସରସ୍ୱତୀଙ୍କ ବିଳାସ-ଦୀର୍ଘିକାରେ ଏହିପରି ତିନି ଜାତିର ପକ୍ଷୀ ଦେଖିଲି କିନ୍ତୁ ମୋର ତ ସରସ୍ୱତୀଙ୍କ ସଙ୍ଗେ ଦେଖା କରିବାର କଥା । ସେ କାହାନ୍ତି ? ଓହୋ ! ସେ ପରା ହଂସବାହିନୀ । ତେବେ ହଂସମାନଙ୍କର ସନ୍ଧାନ ନେଲେ ତାଙ୍କୁ ପାଇ ପାରିବି ବିଚାରି ଆଗେଇ ଚାଲିଲି । ମାତ୍ର କୌଣସିଠାରେ ତାଙ୍କୁ ଦେଖିଲି ନାହିଁ । ଅବଶ୍ୟ ଗୋଟିଏ ଦୁଇଟି ହଂସଙ୍କର କଳସ୍ୱନ ମୋ କାନରେ ବାଜିଲା । ଭାବିଲି, ସାହିତ୍ୟିକ ନ ହେଲେ ବୋଧହୁଏ ଏମାନଙ୍କର ଦର୍ଶନ ମିଳେ ନାହିଁ । ଏହିପରି ବିଫଳ-ମନୋରଥ ହୋଇ ଏଣେ ତେଣେ ଚାହୁଁଥିବା ବେଳେ ସମ୍ମୁଖରେ ପଡ଼ିଲା କାଠଯୋଡ଼ୀ ପଠା—କୃଷକର ଯତ୍ନ ଓ ଅଧ୍ୟବସାୟ ଫଳରେ ନଦୀର ସିକତାଳ ବକ୍ଷ କିପରି ଶସ୍ୟ-ଶ୍ୟାମଳ ହୋଇଛି—ହଁ, ଏ ମଧ୍ୟ ଗୋଟାଏ ପନ୍ଥା । ସାହିତ୍ୟିକମାନେ ଚିର କାଳ ଦାରିଦ୍ର୍ୟ ଭୋଗି ଆସିଛନ୍ତି । ରାଜାନୁଗ୍ରହ ଲାଭ କରି କାବ୍ୟ କବିତା ଲେଖିବା ଯୁଗ ଗଲାଣି । ଏ ଜଡ଼ବାଦର ଯୁଗ । ଏତେବେଳେ ଯୁଗାନୁଯାୟୀ ନ ହେଲେ ସଂସାରରେ ତିଷ୍ଠି ପାରିବା ଅସମ୍ଭବ । ପାରିପାର୍ଶ୍ୱିକ ସଙ୍ଗେ ନିଜକୁ ମିଳାଇ ନେବାକୁ ହେବ । ସେଥିପାଇଁ ନାହିଁ ପାରି ନାହିଁ ବୋଲି ଲକ୍ଷ୍ମୀ ଓ ସରସ୍ୱତୀଙ୍କର ମନାନ୍ତର, କାରଣ "ବାଣିଜ୍ୟେ ବସତି ଲକ୍ଷ୍ମୀ, ତଦର୍ଦ୍ଧଂ କୃଷିକର୍ମଣି"—ଗତ ବର୍ଷ କାଳିନ୍ଦୀ ବାବୁଙ୍କର 'ସାହିତ୍ୟିକ ବେଠି' କେତେକ ସମ୍ପର୍କରେ ଆଲୋଚନା କରିଛି । ସରସ୍ୱତୀଙ୍କ ନିର୍ଦ୍ଦେଶରେ ଯଦି ଏଣିକି କବି ଓ ଲେଖକମାନେ ସାହିତ୍ୟ-ସେବା ପରିତ୍ୟାଗ କରି ସାହିତ୍ୟ-ଚାଷ ବା ସାହିତ୍ୟ-ବେପାର ଆରମ୍ଭ କରିଥାନ୍ତି, ତେବେ ତାଙ୍କୁ ତୁଳସୀଚଉରା ନିକଟରେ ଖୋଜିଲେ ମୁଁ ପାଇବି କେଉଁଠୁ ? ବଜାର ଭିତରକୁ ଯାଇ ସନ୍ଧାନ ନେଲେ ସେମାନଙ୍କ ସଙ୍ଗେ ସାକ୍ଷାତ ହୋଇ ପାରିବ ବିଚାରି କଳ୍ପନାରାଜ୍ୟ ପରିତ୍ୟାଗ କରି ମୁଁ ମଧ୍ୟ ଜଡ଼ଜଗତକୁ ଓଟି ଆସିଲି । ବର୍ତ୍ତମାନ କିଏ କିଏ ବଡ଼ ସାହିତ୍ୟିକ, ସେମାନଙ୍କୁ ବାଛିବା ବୋଧହୁଏ କଷ୍ଟକର ହେବ ନାହିଁ । କେଉଁମାନେ ବଡ଼ ସାହିତ୍ୟ-ଚାଷୀ, ଏ ଖବର କିଏ ଦେଇ ପାରିବ ? ଇନ୍‌କମ୍‌ଟାକ୍ସ ଅଫିସରଙ୍କ ପାଖରେ ନିଶ୍ଚୟ ହିସାବ ଥିବ । କେନ୍ଦ୍ର ଇନ୍‌କମ୍‌ଟ୍ୟାକ୍ସ ଅଫିସଟା ବର୍ତ୍ତମାନ ଓଡ଼ିଶାର ଅଫିସିଏଟିଂ ରାଜଧାନୀ କଟକରେ ଥିବାର ଆପଣମାନେ ଜାଣିଥିବେ । ସିଧା ସେଇଠାକୁ ଚାଲିଲି । ଅଦାଲତ କଚେରୀ ସମ୍ମୁଖରେ ସେ ଅଫିସ । ଭିତରକୁ ଯାଇ କର୍ତ୍ତାଙ୍କ ସଙ୍ଗେ ଦେଖା କଲି ଏବଂ କହିଲି, "ଗୋଟିଏ ଖବର ବୁଝିବାକୁ ଆସିଅଛି ।"

"କି ଖବର ?"—ସେ ପଚାରିଲେ ।

"ଓଡ଼ିଶାରେ ସାହିତ୍ୟ-ଚାଷ କରି କେଉଁମାନେ ଧନୀ ହୋଇ-ଅଛନ୍ତି ମୁଁ ଜାଣିବାକୁ ଚାହେଁ ।"

ଅଫିସର ମହାଶୟ "ସାହିତ୍ୟ-ଚାଷ" ଶବ୍ଦଟା ଶୁଣି କଅଣ ଭାବିଲେ କେଜାଣି—ମୋ ତାଳୁରୁ ତଳିପା ଯାଏ ଥରେ ଆଖି ବୁଲାଇଗଲେ ଏବଂ ଦସ୍ତଖତ ଡାକ ମାରିଲେ । ତାଙ୍କ ମନ ଭାବ ଜାଣିପାରି କହିଲି, "ହଁ, ମହାଶୟ, ଆଜିକାଲି ଓଡ଼ିଶାରେ ମହୁଚାଷ, ମାଛଚାଷ ଓ କୁକୁଡ଼ା ଚାଷ ଆରମ୍ଭ ହୋଇଛି ; ସେହି ଅର୍ଥରେ ସାହିତ୍ୟ-ଚାଷ ବ୍ୟବହାର କଲେ ଦୋଷ କଅଣ ?" ସେ ବୋଧହୁଏ ଏ ଥର କଥାର ମର୍ମଟା ବୁଝିଲେ । ଟେବୁଲ ଉପରୁ ଗୋଟିଏ ବଡ଼ ଖାତା ବାହାର କରି କିଛି ସମୟ ଖୋଜି ଖୋଜି କହିଲେ, 'ସାହିତ୍ୟ-ଚାଷୀ' କେହି ଆୟ କର ଦେଉନ୍ତି ନାହିଁ । କିନ୍ତୁ 'ସାହିତ୍ୟ-ବେପାରୀ' କେତେ ଜଣ ଦିଅନ୍ତି ।" ଯାହାହେଉ, କିଛି ଖବର ତ ମିଳିଲା ! ବେପାରୀ-ମାନଙ୍କର ଠିକଣା ଟିପି ଆଣିଲି । ସେମାନେ ସବୁ ବାଲୁବଜାର ଓ ଚଉଧୁରୀ ବଜାର ଭିତରେ ବସି ସାହିତ୍ୟ-ବ୍ୟବସାୟ ଚଳାଇଛନ୍ତି । ଏଥି ମଧ୍ୟରେ ବ୍ରହ୍ମପୁରରୁ ଜଣେ ବ୍ୟବସାୟୀ ମଧ୍ୟ ଆସି କଟକରେ ଶାଖା ଗୋଦାମ ଖୋଲିଲେଣି । ସେମାନଙ୍କ ନିକଟକୁ ଯାଇ କିପରି



Digitized by srujanika@gmail.com

ସାହିତ୍ୟ-ଫସଲ ଓଡ଼ିଶାରେ ଆମଦାନୀ ହେଉଛି ଓ ସାହିତ୍ୟ-ବଜାର ଅବସ୍ଥା କିପରି, ପଚାରି ବୁଝିଲି । ଦେଖିଲି, ବସ୍ତା ବସ୍ତା ବହି ଜମା ହୋଇଛି—ପଚାରିଲି ଏ ସବୁ କଅଣ ଓଡ଼ିଆ ସାହିତ୍ୟ ? ସେମାନେ କହିଲେ, "ଖାଣ୍ଟି ଓଡ଼ିଆ ସାହିତ୍ୟ ଆମ ପାଖରେ ଖୁବ୍ କମ । କାଟତି ଅଭାବରୁ ସେସବୁ ଆମେ ରଖୁନାହୁଁ । ଅଧିକାଂଶ ମାଲ ଆମର ପାଠ୍ୟ ପୁସ୍ତକ ଶ୍ରେଣୀର ।"

ମୁଁ ପଚାରିଲି, "ପାଠ୍ୟ ପୁସ୍ତକରେ କଅଣ ସାହିତ୍ୟ ନାହିଁ ?"

ସେମାନେ କହିଲେ, "ସାହିତ୍ୟ ବିଭାଗରେ ଯେଉଁ ସବୁ ପାଠ୍ୟ ପୁସ୍ତକ ଅଛି, ତାହା କଳ-ଗୁଡ଼ଳ ପରି । ସେଥିରେ ଭିଟାମିନ ବା ଖାଦ୍ୟସାରର ଅଭାବ ।"

ବଡ଼ ଭୟଙ୍କର କଥା ! ଏ ପାଠ୍ୟବହିଗୁଡ଼ାକ ତେବେ ବେରି-ବେରି ରୋଗର ମୂଳ କାରଣ । "ଆପଣମାନେ ଜାଣି ଶୁଣି ଆମ ଦେଶର କୋମଳମତି ବାଳକ ବାଳିକାମାନଙ୍କୁ ଏ ଭଳି ପାଠ୍ୟପୁସ୍ତକ ଦେଇ ସମସ୍ତଙ୍କୁ ରୋଗଗ୍ରସ୍ତ କରାଇବାର ଉଦ୍ଦେଶ୍ୟ ?" ଜଣେ ପ୍ରକାଶକ କହିଲେ, "ଆମର ଦୋଷ କଅଣ ? ଶିକ୍ଷାବିଭାଗ ଯେପରି ଖାଦ୍ୟ ଚାହୁଁଛି, ଆମେ ସେହିପରି ମାଲ ଯୋଗାଉଁ ।" ଏହା କହି ସେ ତାଙ୍କ ଦୋକାନ ଭିତରୁ ଗୋଟିଏ ସାହିତ୍ୟ ବହିର ପାଣ୍ଡୁଲିପି ଆଣି ମୋତେ ଦେଖାଇଲେ । ତାହାର ପ୍ରଥମ ପୃଷ୍ଠା ଓଲଟାଇ ଦେଖିଲି ଗୋଟିଏ ସ୍ଥାନରେ 'ଜନ୍ମ ହେଲେ ନିଶ୍ଚୟ ମରିବାକୁ ହେବ' କଟା ହୋଇ 'ଜାତ ହେଲେ ନିଶ୍ଚୟ ମରିବାକୁ ହେବ' ଲେଖାଯାଇଛି । ଆଉ ଏକ ସ୍ଥାନରେ 'ପ୍ରଶ୍ନ ପଚାରିଲେ' ସଂଶୋଧିତ ହୋଇ ଲେଖା ହୋଇଛି 'ପ୍ରଶ୍ନ କଲେ' । ପଚାରିଲି, 'ଜନ୍ମ ହେଲେ', 'ପ୍ରଶ୍ନ ପଚାରିଲେ' ଏଗୁଡ଼ାକ କଅଣ ଭୁଲ ? ସେ କହିଲେ, "ବ୍ୟାକରଣ ଦୋଷ ସେଥିରେ ରହିଛି ।" ମୁଁ କହିଲି, "ତାହା ହୋଇପାରେ, କିନ୍ତୁ ଏଭଳି ପ୍ରୟୋଗ ଏବଂ ବ୍ୟବହାର ସବୁଠାରେ ତ ଦେଖାଯାଏ । 'ପ୍ରଶ୍ନ କଲେ', 'ଜାତ ହେଲେ'—ଏପରି କେତେ ଲୋକ କହନ୍ତି ?"

ପ୍ରକାଶକ କହିଲେ, "ଯୁକ୍ତିର ପ୍ରୟୋଜନ ନାହିଁ । ଠିକ୍ ହେଉ ବା ଭୁଲ ହେଉ, ଏଣିକି ଆମଦ୍ୱାରା ପ୍ରକାଶିତ କୌଣସି ପାଠ୍ୟ ପୁସ୍ତକରେ ଏଭଳି ଭୁଲ ରଖିଦେବୁଁ ନାହିଁ । ଏ ଜାତୀୟ ଭୁଲ ରହିଲେ ବହି ନାମଞ୍ଜୁର ହେବାର ଆଶଙ୍କା ରହିଛି ।"

ବାସ୍ତବିକ, ଏପରି ନୀତି ଧରି ପାଠ୍ୟ ପୁସ୍ତକ ଛପିଲେ ସ୍କୁଲ ସାହିତ୍ୟରୁ ସବୁତକ ଭିଟାମିନ ଲୋପ ପାଇବା ବିଚିତ୍ର ନୁହେଁ । ସ୍କୁଲର ଛାତ୍ରମାନେ ଯେଉଁ ସାହିତ୍ୟ ପଢ଼ନ୍ତି, ତାହା ଜାତୀୟ ସାହିତ୍ୟର ମୂଳପିଣ୍ଡ । ସେହିମାନେ ସାହିତ୍ୟ ଗଢ଼ିବେ । ଗୋଟାଏ ମୂର୍ଖ ଲୋକକୁ ନେଇ କଲେଜ କ୍ଲାସରେ ବସାଇଦେଇ ଆସିଲେ ସେ କବିତା ଲେଖିବ ନା ମାଛ ଧରିଯିବ ? ତେଣୁ ଆମର ଜାତୀୟ ସାହିତ୍ୟକୁ ଉନ୍ନତ ଓ ପରିପୁଷ୍ଟ କରିବାର ଇଚ୍ଛା ଥିଲେ ପ୍ରଥମରୁ ଏହି ପାଠ୍ୟ ପୁସ୍ତକ ଗୁଡ଼ିକ ପ୍ରତି ସମୁଚିତ ଦୃଷ୍ଟିଦେବା ଆବଶ୍ୟକ । ହଁ, ଏ ପ୍ରସଙ୍ଗରେ ଆଉ ଗୋଟିଏ କଥା ମନେ ପଡ଼ିଲା । "ଖଜୁରୀ ଗଛର କସ ବାହାରିଚ"—ଶିକ୍ଷାପଦ୍ଧତିରେ ସବୁ ଦେଶରେ ମାତୃଭାଷାକୁ ପ୍ରଥମ ସ୍ଥାନ ଦିଆଯାଇଛି । ଆମ ଦେଶର କର୍ତ୍ତାମାନେ ଯେ ଏହାର ଗୁରୁତ୍ୱ ଉପଲବ୍ଧି କରି ନାହାନ୍ତି ଏପରି ନୁହେଁ । ତଥାପି ସ୍କୁଲମାନଙ୍କରେ ଯେଉଁ ପ୍ରଣାଳୀରେ ସାହିତ୍ୟ-ଶିକ୍ଷା ଦିଆଯିବାର ବିଶ୍ୱବିଦ୍ୟାଳୟ ବ୍ୟବସ୍ଥା କରିଛନ୍ତି, ସେଥିରେ କୌଣସି ଛାତ୍ର ସାହିତ୍ୟ ପ୍ରତି ସାଗ୍ରହ ଦୃଷ୍ଟି ଦେବା ଆବଶ୍ୟକ ବୋଧ କରନ୍ତି ନାହିଁ । ମେଟ୍ରିକ୍ୟୁଲେସନ ପରୀକ୍ଷାରେ ୧୦୦ ନମ୍ବର ମଧ୍ୟରୁ ପ୍ରାୟ ଏକ ତୃତୀୟାଂଶ ନମ୍ବର Retranslation ବା ଇଂରାଜୀରୁ ଓଡ଼ିଆ ଅନୁବାଦ ପାଇଁ ରଖାଯାଇଛି । କେଉଁ ଭାଷାର ଉନ୍ନତି ପାଇଁ ଏ ବ୍ୟବସ୍ଥା ? ବରଂ ଓଡ଼ିଆରେ ପାସ୍ କରିବାର ଏପରି ସୁନ୍ଦର Electric-lift ବା ଉପାୟ ରହିଥିବାରୁ ଛାତ୍ର କିମ୍ବା ଶିକ୍ଷକ କେହି ମନଯୋଗ ଦେଇ ଓଡ଼ିଆ ସାହିତ୍ୟ ଆଲୋଚନା କରନ୍ତି ନାହିଁ । ସ୍କୁଲର ପାସ୍ ଫଳାଫଳ ଦେଖି ଶିକ୍ଷକଙ୍କୁ ଭଲ ବା ମନ୍ଦ କହିବା ଲୋକ ଅନେକ । ସୁତରାଂ ଛାତ୍ରକୁ ପାସ୍ କରିବାର ସୁଷ୍ଠୁ ପଦ୍ଧତି ଦେଖାଇ ଶିକ୍ଷକ ତାହାର କର୍ତ୍ତବ୍ୟ କରୁଛି । କ୍ଲାସରେ କାବ୍ୟକବିତା-ରସ ମିଳଙ୍କୁ ଚଖାଇ ସେ ଏତେ ବିପଦ ବରଣ କରିବାକୁ ଯିବ କାହିଁ ? ଫଳରେ ଆଧୁନିକ ଛାତ୍ରମାନଙ୍କର ସାହିତ୍ୟରେ ଯେତେ ଦୂର ପ୍ରବେଶ ହେଉଥିବ, ତାହା ସହଜରେ ଅନୁମାନ କରି ଯାଇ ପାରେ । ଗୋଟାଏ ନମୁନା ଦେଲେ ବୋଧହୁଏ ଯଥେଷ୍ଟ ହେବ—ଜଣେ ମ୍ୟାଟ୍ରିକ ପରୀକ୍ଷାର୍ଥୀ ଥରେ 'ରୂପବତୀ-ସ୍ମୃତି-ନଦୀ' ଏହାର ସମାସ ବ୍ୟାଖ୍ୟା କରିବାକୁ ଯାଇ ଲେଖିଥିଲା, 'ବତୀ ପରି ରୂପ ଯାହାର ସେ ରୂପବତୀ' । ଆପଣମାନେ କହି ପାରନ୍ତି ଆଜିକାଲିକାର ଏହି ଛାତ୍ରମାନେ ତ ପୁଣି ସାହିତ୍ୟ ଲେଖି ପତ୍ରପତ୍ରିକା ଭରି ଦେଉଛନ୍ତି । ତାହା ମୁଁ ସ୍ୱୀକାର କରୁଛି, କିନ୍ତୁ ଅଳ୍ପ କେତେକ ଜଣଙ୍କୁ ବାଦ୍ ଦେଲେ ଅଧିକାଂଶଙ୍କର ଲେଖାରେ ସେହି ଭିଟାମିନ୍ ବା ଖାଦ୍ୟ-ସାରର ଅଭାବ—ଅଜୀର୍ଣ୍ଣର ପୂର୍ବ ଲକ୍ଷଣ । ହଁ, କହୁଁ କହୁଁ ବହୁତ ବାଟ ଚାଲିଆସିଲି । ସାହିତ୍ୟ-ବେପାରୀଙ୍କ ପାଖେ ପୁସ୍ତକର ପାଣ୍ଡୁଲିପିଟା ପକାଇଦେଇ ପ୍ରଶ୍ନକଲି—"ଅଚ୍ଛା, ଏ ତ ଗଲା ପାଠ୍ୟ ପୁସ୍ତକ କଥା । ଆଉ ଯେଉଁ ସାହିତ୍ୟ-ଫସଲ ଅମଳ କରି ଆପଣମାନେ ଗୋଦାମରେ ରଖିଛନ୍ତି, ତାହା କେଉଁ ଶ୍ରେଣୀର ?" ସେ ଦୁଇ ଚାରି ବସ୍ତା ଫିଟାଇ ମୋତେ ନମୁନା ଦେଖାଇଲେ—କେତେ ଖଣ୍ଡ ଶୁଖିଲା ଉପନ୍ୟାସ, ଅପୁଷ୍ଟ କାବ୍ୟ ଓ କବିତା ବହି ଏବଂ ଦୁଇ ଚାରି ସେର ଭୁଗ୍ନ ନାଟକ । ବଡ଼ ହତାଶ ହୋଇ ପଚାରିଲି, "ଏମାନଙ୍କର ଏ ଦୁରବସ୍ଥା କାହିଁକି ?"

ସେ କହିଲେ, ବର୍ଷକ ମଧ୍ୟରେ ଖୁବ୍ ହେଲେ ହାରାହାରି ଗୋଟିଏ ଉପନ୍ୟାସରୁ ୨୦ ଖଣ୍ଡି ବହି ବିକି ହୁଏ, ଗୋଟିଏ ନାଟକରୁ ୫ ଖଣ୍ଡି ଏବଂ କାବ୍ୟ ଓ କବିତା ୧-୫—ଯେଉଁ କେତେ—ଖଣ୍ଡ ଅନ୍ୟାନ୍ୟ ପ୍ରାଇଜ୍ ଲାଇବ୍ରେରୀ ବହି ଅଛି, ତାହାର କାଟତି ଖୁବ୍ କମ୍ । ଯଦି ସ୍କୁଲରେ ବର୍ଷକୁ ୧୦୦ ଟଙ୍କାର ନୂଆ ବହି କିଣା ହେବାର ବ୍ୟବସ୍ଥା ଅଛି, ସେଠାରେ ୭୫ ଟଙ୍କାର ଇଂରାଜୀ ବହି ଆସିଲେ ଅବଶିଷ୍ଟ ୨୫ ଟଙ୍କାର ଓଡ଼ିଆ, ବଙ୍ଗଳା ଓ ଅନ୍ୟ ବହି ଆସୁଛି । ଆଉ ସାଧାରଣ ଲାଇବ୍ରେରୀମାନଙ୍କର ମଧ୍ୟ ଅବସ୍ଥା ସେହିପରି ।



Digitized by srujanika@gmail.com

ତେଣୁ କି କୃଷୀ କି ବେପାରୀ, କେହି ଏ ଦିଗରେ ବିଶେଷ ଦୃଷ୍ଟି ଦେଉ ନାହାନ୍ତି ।

ବହୁତ ଗୁଡ଼ାଏ ସମସ୍ୟା ଆଜି ଆଖି ଆଗରେ ପଡ଼ିଲା । ପାଠ୍ୟ-ପୁସ୍ତକ ନିର୍ବାଚନର ଜାତୀୟକରଣ, ଶିକ୍ଷା-ପ୍ରଣାଳୀରେ ମାତୃଭାଷାର ଆଦର, ଭଲ ଭଲ ଓଡ଼ିଆ ପୁସ୍ତକର ବିକ୍ରୟ ଓ ପ୍ରସାର—ଏହା ସଙ୍ଗେ ସଙ୍ଗେ ସାହିତ୍ୟ-କ୍ଷେତ୍ରରୁ ବାଳୁଙ୍ଗା ଓ ଅଗାଡ଼ି ବହିର ଦୂରୀକରଣ । ଏ ସବୁ କିପରି ହେବ ? ଓଡ଼ିଶାରେ ବର୍ତ୍ତମାନ କଂଗ୍ରେସ ସରକାରଙ୍କ ରାଜତ୍ୱ । ସେମାନଙ୍କର କୃପା-କଟାକ୍ଷ ଟିକିଏ ଏ ଦିଗରେ ପଡ଼ୁ । କିନ୍ତୁ ସରକାରଙ୍କ ପୃଷ୍ଠପୋଷକତା ସଙ୍ଗେ ସଙ୍ଗେ ଫସଲର ଉନ୍ନତି ବିଧାନ ପାଇଁ ଯତ୍ନବାନ ହେବା ବାଞ୍ଛନୀୟ । 'ତଦର୍ଦ୍ଧଂ କୃଷି କର୍ମଣି'—ବାକ୍ୟ କହୁଛି ଯେ କୃଷିରେ ଅନ୍ତତଃ ଅଧେ ଲାଭ ମିଳିବ । କିନ୍ତୁ ଅଧେ ତ ଦୂରର କଥା, ଅଧ କଡ଼ାଏ ବି ମିଳୁନାହିଁ । ପ୍ରକାଶକ ମହାଶୟଙ୍କୁ ପୁଣି ପ୍ରଶ୍ନ କଲି, "କେଉଁଠାରୁ ଗଲେ ଶସ୍ୟର ଉନ୍ନତି ବିଧାନର ଉପାୟ ଜାଣି ପାରିବି ?" ସେ କହିଲେ, "ଆପଣ ବିଦ୍ୟାଧରପୁରର କୃଷି-ଫାର୍ମକୁ ଯାଆନ୍ତୁ" ।

ବହୁତ ବାଟ, କିନ୍ତୁ ଯିବି, ନିଶ୍ଚୟ ଯିବି । ଖଣ୍ଡେ ରିକ୍ସା ଭଡ଼ା କରି ଫାର୍ମରେ ପହଞ୍ଚିଲି । ଫାର୍ମର ଅଧ୍ୟକ୍ଷଙ୍କୁ ଦେଖାକରି କିପରି ବିଭିନ୍ନ ଶସ୍ୟର ଉନ୍ନତିବିଧାନ କରାଯାଇ ପାରେ ପଚାରିବାରୁ ସେ ମୋତେ ତାଙ୍କ ଫାର୍ମ ବୁଲାଇ ଦେଖାଇଲେ ଏବଂ ନାନାବିଧ କଲମ ବା Cross-breeding ପ୍ରଣାଳୀ ଓ ରାସାୟନିକ ସାର ଓ ଖତଦ୍ୱାରା କିପରି ଶସ୍ୟର ଉନ୍ନତି କରାଯାଇପାରେ, ତାହା ବୁଝାଇଲେ ।

ପଚାରିଲି, "ସାହିତ୍ୟରେ କଲମ ବା Cross-breeding କଲେ କିପରି ହେବ ?"

ଫାର୍ମକର୍ତ୍ତା କହିଲେ, "ଆପଣ କଣ ଆଜିକାଲିକାର ପତ୍ରପତ୍ରିକା ପଢ଼ନ୍ତି ନାହିଁ କି ? ବର୍ତ୍ତମାନ ବହୁତ ସାହିତ୍ୟ-କୃଷୀ ଏହି ପ୍ରଣାଳୀ ଅବଲମ୍ବନ କରୁଛନ୍ତି । ମାସିକ ପତ୍ରରେ ଗଦ୍ୟ-କବିତା, ପଦ୍ୟ-ଗଳ୍ପ, "ବାଦଲଭରା-ରାତି" ଇତ୍ୟାଦି ଇତ୍ୟାଦି ବହୁତ ରକମର କଲମି-ଚାଷ ଆପଣ ଦେଖି ନାହାନ୍ତି ?"

ଏହାଦ୍ୱାରା ସାହିତ୍ୟର ଉନ୍ନତି ହେଉଛି କି ନାହିଁ ପଚାରିବାରୁ ସେ ଉତ୍ତର ଦେଲେ ନାହିଁ । କେବଳ କହିଲେ, କଲମି ଗଛ ଓଡ଼ିଶା ମାଟିରେ ଉଧେଉ ନାହିଁ । ଏ ଲୋକମାନେ ପ୍ରତ୍ୟେକ ନୂଆ ଜିନିଷର ଅପବ୍ୟବହାର, ଅତି-ବ୍ୟବହାର ଓ ଦୁର୍ବ୍ୟବହାର କରୁଛନ୍ତି । ଯଦି କେହି ପ୍ରବୀଣ ଲେଖକ ଜଣେ 'ନାହିଁ' ସ୍ଥାନରେ 'ନି' କରି କୌଣସିଠାରେ ଲେଖିଦେଲେ, ତେବେ ଆଉ ମାସକୁ ଚାଲିଲା ସ୍ରୋତ—ମୁଁ ଆପଣଙ୍କୁ ଉତ୍ତର ଦେଇ ପାରିନି, ମତେ ଏ ସ୍ଥାନ ଭଲ ଲାଗୁନି, ମୁଁ ଏ ମାସରେ ନୂଆ କବିତା ଲେଖି ପାରିନି ଇତ୍ୟାଦି ଇତ୍ୟାଦି । ଯଦି କେହି ଜଣେ କିମ୍ବା କ୍ରିୟାକୁ ବାକ୍ୟ ଆଦ୍ୟରେ ରଖି ଗୋଟାଏ ବାକ୍ୟ ଲେଖିଦେଇଛି, ତେବେ ତାହାର ମଧ୍ୟ ଅନୁକରଣ ଶ୍ରାବଣର ଅସରା ପରି ଚାଲିଲା—"ନବଭାରତ"ର ଗୋଟିଏ ସଂଖ୍ୟାରେ ପ୍ରକାଶିତ ଗଳ୍ପଟିଏ କିପରି ଏହି ନୂତନ ପଦ୍ଧତିକୁ ଅତି ମାତ୍ରାରେ ଅବଲମ୍ବନ କରିଛି, ଦେଖନ୍ତୁ—

"ବିଚ୍ଛେଦର ଆବିର୍ଭାବରେ ମନୁଷ୍ୟ ହୋଇପଡ଼େ ଦୁଃଖରେ କାତର ଓ ଶୋକରେ ଅଧୀର । ମୃତ୍ୟୁ ବିଚ୍ଛେଦ, ପ୍ରେମ ବିରହ ଇତ୍ୟାଦିରେ ଜଗତଟା ଦେଖାଯାଏ ଘୋର କୃଷ୍ଣ କୃଷ୍ଣ ଅନ୍ଧାର ପରି । ଶୋକ, ଅଶ୍ରୁ, ବେଦନା, ଅଶାନ୍ତ ପ୍ରଭୃତିର ଏକତ୍ର ମିଳନ ଘଟିଯାଏ ସେହି ଅଶୁଭ ମୁହୂର୍ତ୍ତରେ । ମାତ୍ର ବିଚ୍ଛେଦର ଅନ୍ତରାଳରେ ଲୁଚି ରହିଥାଏ ମିଳନର ଯେଉଁ କ୍ଷୀଣ ରେଖାଟି, ତାହା ଦେଖନ୍ତି ଅଳ୍ପ ଲୋକେ । ପ୍ରେମର ବିରହରେ ମିଳନଟା ହୋଇଉଠେ ଆହୁରି ଘନିଷ୍ଠ ଓ ମୃତବ୍ୟକ୍ତିର ସ୍ମୃତିଟିକି ସଦା ଜାଗ୍ରତ କରି ରଖେ ମୃତ୍ୟୁ ବିଚ୍ଛେଦର ଅକଥ୍ୟ ସନ୍ତାପ ।

"କଲିକତା ଯିବାର ପୂର୍ବ ଦିନ ଗଲି ବିଦ୍ୟାଭୂଷଣ ବାବୁଙ୍କ ଘରକୁ ତାଙ୍କଠାରୁ ବିଦାୟ ଆଣିବାକୁ । ଅସଲ ଇଚ୍ଛାଟା କିନ୍ତୁ ତାଙ୍କ ଝିଅ ସାର ସଙ୍ଗେ ଦେଖା କରିବା ।" ଇତ୍ୟାଦି

ଫାର୍ମକର୍ତ୍ତା ଏହିପରି ଅନେକ କଥା କହି ଶେଷରେ କହିଲେ, "କଲମି ଜିନିଷଟା ଭଲ କିନ୍ତୁ ସୀମା ଅତିକ୍ରମ ନ କଲେ ହେଲା । ନୋହିଲେ ସାର ଦେଉଁ ଦେଉଁ ଅତିସାରକୁ ପାଇଯିବ ।"

ପ୍ରକାଶକଙ୍କ ପାଖରେ ଯାହା ସବୁ ଶୁଣିଥିଲି, ତାହା ସଙ୍ଗେ ଫାର୍ମକର୍ତ୍ତାଙ୍କ ରାସାୟନିକ ଟିପ୍ପଣୀ ମିଶିଯିବାରୁ ମୋ ମଥାଟା ପରିପୂର୍ଣ୍ଣ ହୋଇଗଲା ପରି ମୋତେ ବୋଧହେଲା । ଶେଷରେ ମୋ ପ୍ରଥମ ପ୍ରଶ୍ନର ଉତ୍ତର ଏହିଠାରୁ ନେଇଯିବି ଭାବି ତାଙ୍କୁ ପଚାରିଲି, "ଆଚ୍ଛା, ଆପଣ କହିପାରିବେ କି, ଆଧୁନିକ ସାହିତ୍ୟ-ସେବୀମାନଙ୍କ ମଧ୍ୟରୁ କେତେ ଜଣ ଏବଂ କିଏ କିଏ ମୃତ୍ୟୁ ପରେ ତୁଳସୀଚଉରାରେ ସ୍ଥାନ ପାଇବେ ?" ମୁହୂର୍ତ୍ତେ ମାତ୍ର ଚିନ୍ତା ନ କରି ଜିଭ ଅଗରୁ ଉତ୍ତରଟା କାଢ଼ି ଆଣିଲା ପରି ସେ ହସି ହସି କହିଲେ, "ଅନେକ ପାଇବେ, ମୁଁ ମଧ୍ୟ ସେଥି ମଧ୍ୟରୁ ଜଣେ ।" ମୁଁ କହିଲି "ଥଟ୍ଟା କରନ୍ତୁ ନାହିଁ, ମହାଶୟ । ଏହି ସମ୍ବାଦଟିକି ପାଇବା ଲାଗି ମୁଁ କଟକର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ଆସିଲିଣି ।"

ସେ କହିଲେ, "ମୁଁ ତ ଥଟ୍ଟା କରୁନାହିଁ । ଏ ହେଲା ବିଜ୍ଞାପନର ଯୁଗ । ମାସିକ ପତ୍ରରେ କିଛି ଦିନ ଲାଗ ଲାଗ ଦୁଇ ଚାରି ରକମର କଲମି ସାହିତ୍ୟ ଦେଲେ ଓଡ଼ିଶାରେ ନାମ ହେଲା । ଆପଣ ମଧ୍ୟ ଚେଷ୍ଟା କଲେ ମୃତ୍ୟୁ ପରେ ତୁଳସୀ-ଚଉରାକୁ ଯାଇପାରନ୍ତି ।"

ତାଙ୍କଠାରୁ ଏତିକି ଶୁଣି ଦୁଇ ଅଙ୍ଗୁଳି ଟିପରେ କାନ ଦୁଇଟା ବନ୍ଦ କରି ଚାଲିଆସିଲି । ଆସିଲାବେଳେ କହିଲି, "ଆମ୍ଭମାନଙ୍କ ମୃତ୍ୟୁ ପରେ ଯଦି ଆମର କେହି ଭକ୍ତ ସ୍ମୃତି-ମନ୍ଦିର ତୋଳିବେ, ତେବେ ତାହା ତ ତୁଳସୀଚଉରା ହେବ ନାହିଁ, ତାହାର ନାମ ହେବ, 'କଳ୍କିଅଣ୍ଡି-ଚଉରା' ।"



Digitized by srujanika@gmail.com

# କୃଷିଶିଳ୍ପର ସମସ୍ୟା ଓ ସମାଧାନ *

ଭାରତବର୍ଷରେ ଆଜି ସେ ଦିନ ନାହିଁ, ଯେବେ ପ୍ରଜାକୁଳ ରାଜସ୍ୱର ପ୍ରତିଦାନରେ କେବଳ ମାତ୍ର ଦେଶର ଶାନ୍ତି-ରକ୍ଷା ସକାଶେ ଶାସନତନ୍ତ୍ର ଉପରେ ନିର୍ଭର କରି ସନ୍ତୁଷ୍ଟ ରହୁଥିଲେ । ଆଜିକାଲିର ପ୍ରଜାକୁଳ ଶାସନକର୍ତ୍ତାଙ୍କଠାରୁ ମୌଳିକ ଶାସନ-ନୀତିଗୁଡ଼ିକ କିପରି ଦେଶର ସୁଖଶାନ୍ତିର ଆଧାର ହେବ ଓ ଶାସନତନ୍ତ୍ରଦ୍ୱାରା କିପରି ସେମାନେ ସୁଖରେ କାଳାତିପାତ କରି ପାରିବେ ତାହା ଆଶା କରୁଅଛନ୍ତି । ଏହି ହେତୁରୁ ସବୁ ଅଗ୍ରଗତିଶୀଳ ରାଜ୍ୟରେ ଅଜ୍ଞ, ନିଃସ୍ୱ ଓ ଋଣଭାରଗ୍ରସ୍ତ ଲୋକମାନଙ୍କର ଜୀବନ-ମରଣ-ସମସ୍ୟା ସମାଧାନର ବହୁ ପ୍ରକାର ଚେଷ୍ଟା ହେଉ-ଅଛି । ମୟୂରଭଞ୍ଜର ଲୋକମାନେ ଶିକ୍ଷା ଅଭାବରୁ ମହାରାଜାଙ୍କ ନିକଟରେ ତାଙ୍କର ସମସ୍ୟା ଉପସ୍ଥାପିତ କରିବା ପାଇଁ କ୍ଷମ ହେଉ ନ ଥିଲେହେଁ ଆମ୍ଭମାନଙ୍କର ପ୍ରଜାପ୍ରିୟ ମହାରାଜା ମହୋଦୟ ସ୍ୱକୀୟ ସଦାଶୟତାବଶତଃ ସ୍ୱତଃପ୍ରବୃତ୍ତ ହୋଇ ଏ ରାଜ୍ୟରେ ଅନେକଗୁଡ଼ିଏ ହିତକର ଶାସନ-ବିଭାଗ ସ୍ଥାପନ କରିଅଛନ୍ତି । ଏଠାରେ ଅତି ସଂକ୍ଷେପରେ ପ୍ରଜାକୁଳର ଅଭାବ ଓ ହିତକର ଶାସନ-ବିଭାଗମାନଙ୍କ ଦ୍ୱାରା ସେହି ସବୁ ଗୁରୁତର ସମସ୍ୟା ସମାଧାନର ବ୍ୟବସ୍ଥା ସମ୍ବନ୍ଧେ ମୁଁ ଦୁଇ ଚାରି କଥା କହିବାକୁ ମନସ୍ଥ କରିଅଛି ।

ଆମ୍ଭେମାନେ ସମସ୍ତେ ଜାଣୁଁ ଯେ ଆମ୍ଭମାନଙ୍କ ଭିତରୁ ଶତ-କରା ନବେ ଜଣ ମୁଖ୍ୟ ବା ଗୌଣ ଭାବରେ କୃଷି ଉପରେ ନିଜ ନିଜର ଜୀବିକା ଅର୍ଜନ ପାଇଁ ନିର୍ଭର କରନ୍ତି । ଏହା ସତ୍ତ୍ୱେ କୃଷି ଏ ଦେଶର ବ୍ୟବସାୟ ନୁହେଁ । ଏହା ବଞ୍ଚି ରହିବାର ଉପାୟ ବିଶେଷ । ଲୋକେ ବଞ୍ଚି ରହିବାର ଅନ୍ୟ କିଛି ଉପାୟ ନ ଜାଣିଥିବାରୁ ବାଧ୍ୟ ହୋଇ ଚାଷକୁ ସମ୍ବଳ କରିଅଛନ୍ତି । ଖାଦ୍ୟ ପଦାର୍ଥର ଉତ୍ପାଦକ ହୋଇ ମଧ୍ୟ ଚାଷୀକୁଳ ପେଟପୂରି ଖାଇବାକୁ କି ମୋଟାରେଟା ପିନ୍ଧିବାକୁ ପାଆନ୍ତି ନାହିଁ । କୃଷକର ଯେଉଁ କେତେ ମାଣ ଜମି ଅଛି, ତାହା ମଧ୍ୟ ଏକ ସ୍ଥାନରେ ନ ଥାଇ ସାନ ସାନ କିଆରିରେ ଏଣେ ତେଣେ ପଡ଼ି ରହିଅଛି; ତାହାର ଚାଷ-ବଳଦ ଭୋକରେ ବାଉଳା ହୋଇ ପଡିଆର ଗୋଡ଼ବାଲିରେ ଚରୁ ଅଛନ୍ତି ଓ ହାଡ଼ ଦୁଇ ଖଣ୍ଡ ବହି ବଞ୍ଚିଥିବାରୁ 'ହଡା' ନାମର ସାର୍ଥକତା ସମ୍ପାଦନ କରୁଅଛନ୍ତି । ଏଣୁ ପ୍ରଜା ନିଜର ଜମିକୁ ଠିକ ଭାବରେ ହଳ କରି ନ ପାରି ଉପରେ କେବଳ ଲଙ୍ଗଳ ଗାର ପକାଇଦେଇ ଚାଷ କରୁଅଛି । ଉନ୍ନତ ଧରଣର କୃଷି କଥା, ଭଲ ବିହନ କଥା କିମ୍ବା ଭଲ ହଳ ଲଙ୍ଗଳ କଥା ସେ ଜାଣେ ନାହିଁ । ସର୍ବୋପରି ଅନୁନ୍ନତଶାଳରୁ ମଣାଣି ଯାଏ ସେ ଋଣଭାର ମୁଣ୍ଡାଇଅଛି । ସୌଭାଗ୍ୟବଶତଃ ମୟୂରଭଞ୍ଜର ଲୋକମାନେ ସଫାସୁତରା ରହି ସ୍ୱାସ୍ଥ୍ୟକର ସ୍ଥାନରେ ଘର କରିବାକୁ ପସନ୍ଦ କରନ୍ତି । ମାତ୍ର ପୁଷ୍ଟିକର ଆହାର ଅଭାବରୁ ଓ ରୋଗରୁ ରକ୍ଷା ପାଇବାର ପ୍ରତିକାର ଜାଣି ନ ଥିବାରୁ ଗୋ-ମହିଷର ସ୍ୱାସ୍ଥ୍ୟ ମନ୍ଦ ତାଙ୍କର ସ୍ୱାସ୍ଥ୍ୟ କ୍ରମଶଃ ନଷ୍ଟ ହେଉଅଛି ଏବଂ ମହାମାରୀ ଓ ମଡ଼କର କବଳରେ ପଡ଼ି ସେମାନେ ପ୍ରାଣ ହରାଉଅଛନ୍ତି ।

ଆମ୍ଭମାନଙ୍କର ପ୍ରଜାବତ୍ସଳ ମହାରାଜା ରାଜ୍ୟ ତମାମ ୪୫୬ ଗୋଟି ବିଦ୍ୟାଳୟ ବସାଇ ଶିକ୍ଷାର ପ୍ରସାର ବଢ଼ାଇଅଛନ୍ତି । ସେଥିରେ ପ୍ରାୟ ସତର ହଜାର ବାଳକବାଳିକା ବର୍ତ୍ତମାନ ଶିକ୍ଷା ଲାଭ କରି ଭବିଷ୍ୟତ ଜୀବନ-ସଂଗ୍ରାମ ପାଇଁ ନିଜ ନିଜକୁ ଅଧିକତର ଉପଯୁକ୍ତ କରୁଅଛନ୍ତି । ରାଜ୍ୟର ତେର ଗୋଟି କେନ୍ଦ୍ର ସ୍ଥାନରେ ଡାକ୍ତର ଖାନା ଖୋଲା ହୋଇଅଛି । ସେଠାରେ ଉପଯୁକ୍ତ ଡାକ୍ତର-ମାନଙ୍କ ଦ୍ୱାରା ବିନା ବ୍ୟୟରେ ରୋଗୀ ଓ ଆହତ ଲୋକମାନେ ଚିକିତ୍ସିତ ହେଉଅଛନ୍ତି । ଏହା ଛଡା ଡାକ୍ତରମାନେ ମଫସଲର ଗ୍ରାମଗହଳରେ ବୁଲି ବୁଲି ଶରୀର ରକ୍ଷାର ନୀତିମାନ ପ୍ରଚାର ଓ ସଂକ୍ରାମକ ରୋଗମାନଙ୍କର ପ୍ରତିକାର କରୁଅଛନ୍ତି । ପୂର୍ତ୍ତବିଭାଗ ରାଜ୍ୟ ତମାମ ରାଜପଥ ମେଲାଇ ଦେଇ ଯାତାୟାତ ଓ ବାଣିଜ୍ୟ ବ୍ୟବସାୟର ଯଥେଷ୍ଟ ସୁବିଧା କରାଇ ଦେଇଅଛନ୍ତି—ଯାହା ଫଳରେ ଗାଁଗହଳର ଗରିବ ଚାଷିକୁଳ ପକ୍ଷରେ ଶୀଘ୍ର ଫସଲର ଉଚିତ ମୂଲ୍ୟ ପାଇ ପାରିବାର ସୁବିଧା ହୋଇଅଛି; ତା' ଛଡା ଏ ବିଭାଗ ଦ୍ୱାରା ଅନେକ ବନ୍ଧ ପୋଖରୀ ଖୋଲାଯାଇ ଅନାବୃଷ୍ଟିରୁ ଫସଲ ବଞ୍ଚାଇବାର ଓ ଦୋଫସଲି ଚାଷର ବ୍ୟବସ୍ଥା ମଧ୍ୟ ହୋଇଅଛି । କୃଷିର ଉନ୍ନତି ପାଇଁ କୃଷିବିଭାଗ ସ୍ଥାପିତ ହୋଇଅଛି । ଅଜ୍ଞତା ଓ ରକ୍ଷଣଶୀଳତା ହେତୁ ଚାଷିକୁଳ ପରିବର୍ତ୍ତନର ବିରୋଧୀ ଥିବା ସତ୍ତ୍ୱେ ଉନ୍ନତ ଧରଣର ନୂତନ ଧାନ ପ୍ରାୟ ୪୦୦୦ ମାଣ ଜମିରେ, ଆଖୁ ପ୍ରାୟ ୧୫୦୦ ମାଣରେ, ବାଦାମ ପ୍ରାୟ ୫୫୦ ମାଣରେ, ଗୋଲଆଳୁ ୭୫ ମାଣରେ, ମକା ୩୫୦ ମାଣରେ ଏବଂ ହରଡ ପ୍ରାୟ ୩୦୦ ମାଣରେ ଅଳ୍ପ କାଳ ମଧ୍ୟରେ ଚାଷ ହୋଇ ପାରିଛି । ଏହା ଛଡା ଅନ୍ୟାନ୍ୟ ଅନେକ ନୂତନ ଉପକାରୀ ଓ ଲାଭଜନକ ଫସଲ ମଧ୍ୟ ଚାଷୀମାନେ ଚାଷ କରିବାକୁ ଶିଖିଅଛନ୍ତି । ଏଥି ସହିତ ପଶୁ-ଚିକିତ୍ସା ବିଭାଗର କର୍ମଚାରୀଗଣ ଗ୍ରାମେ ଗ୍ରାମେ ବୁଲି କୃଷକର ପ୍ରାଣଧନ ଗୋ-ମହିଷାଦିର ଉପଯୁକ୍ତ ପାଳନ ଓ ଚିକିତ୍ସା ସମ୍ବନ୍ଧରେ ପ୍ରଚାର କରୁଅଛନ୍ତି ଓ ହଜାର ହଜାର ଗୋ-ମହିଷଙ୍କୁ ମଡ଼କ ରୋଗରୁ ରକ୍ଷା କରିବା ପାଇଁ ବିନା ମୂଲ୍ୟରେ ବ୍ୟବସ୍ଥା କରୁଅଛନ୍ତି । ଅଜ ମଧ୍ୟ ଗୃହପାଳିତ ପଶୁମାନେ କିପରି ପେଟ

* ମୟୂରଭଞ୍ଜ କୃଷିଶିଳ୍ପ ପ୍ରଦର୍ଶନୀର ଶେଷ ଦିନ ସଭାରେ ଡିରେକ୍ଟର ଅବ୍ ଡେଭଲପ୍‌ମେଣ୍ଟ ଶ୍ରୀଯୁକ୍ତ ରାଧାଗୋବିନ୍ଦ ଦାସଙ୍କର ଅଭିଭାଷଣର ସାରାଂଶ ।



Digitized by srujanika@gmail.com

ଫୁଟାଇ ଖାଇବେ, ସେହି ସମସ୍ୟାର ସମାଧାନ ପାଇଁ ମଧ୍ୟ ଯତ୍ନ କରୁଅଛନ୍ତି । ଶିଳ୍ପବିଭାଗର ଅବିଶ୍ରାନ୍ତ ଚେଷ୍ଟା ଫଳରେ ଲୁପ୍ତପ୍ରାୟ ଗ୍ରାମ୍ୟ ଶିଳ୍ପମାନଙ୍କର ପୁନରୁଦ୍ଧାର ହେଉଅଛି ଓ ନୂତନ ନୂତନ ଶିଳ୍ପର ପ୍ରତିଷ୍ଠା ପାଇଁ ସୁବନ୍ଦୋବସ୍ତ ହେଉଅଛି । ଲାହା ଓ ତସର ଚାଷର ଉନ୍ନତି ଯୋଗୁଁ ଆଜି ପ୍ରଜାମାନଙ୍କ ହାତକୁ ଲକ୍ଷ ଲକ୍ଷ ଟଙ୍କା ଆସୁଅଛି । ଅନ୍ନ-ସମସ୍ୟା ପଛକୁ ବସ୍ତ୍ର-ସମସ୍ୟା ପ୍ରଧାନ । ସେଥିପାଇଁ ନିଃସ୍ୱ ତନ୍ତୀକୁଳକୁ ସ୍ୱକୀୟ ବୃତ୍ତିରେ ଉନ୍ନତ କରାଇବା ପାଇଁ ସର୍ବବିଧ ଯତ୍ନ ହେଉଅଛି ଓ ଯେଉଁ ଗ୍ରାମର ତନ୍ତୀମାନେ କେତେ ବର୍ଷ ପୂର୍ବେ ମାତ୍ର ମୋଟା ଗାମୁଛା ବୁଣି ପାରୁଥିଲେ, ସେମାନେ ଏବେ ସମଗ୍ର ଭାରତବର୍ଷର ପ୍ରତିଯୋଗିତାରେ ଠିଆ ହୋଇ ସମ୍ମାନିତ ହୋଇଅଛନ୍ତି ।

ନାନା ବାଧାବିଘ୍ନ ମଧ୍ୟରେ ସମବାୟ ବିଭାଗ କ୍ରମେ ଅଗ୍ରସର ହେଉଅଛି ଏବଂ ଏ ସମସ୍ତ ଉନ୍ନତିକୁ ସ୍ଥାୟୀ କରିବା ଉଦ୍ଦେଶ୍ୟରେ ଗୋଟିଏ ଗୋଟିଏ ଅନୁଷ୍ଠାନ ଭିତରକୁ ଆଣିବା ପାଇଁ ଚେଷ୍ଟା କରୁଅଛି ଏବଂ ଦେଶ-କାଳ-ଉପଯୋଗୀ ସ୍ୱତନ୍ତ୍ର ଉପାୟରେ ଚାଷିକୁଳକୁ ଦୁର୍ବହ ଋଣଭାରରୁ ମୁକ୍ତ ହେବା ସକାଶେ ସାହାଯ୍ୟ କରୁଅଛି । 'ସହଯୋଗ' ସମସ୍ୟାରେ ପ୍ରଜାକୁଳ ଓ ରାଜକର୍ମଚାରୀବୃନ୍ଦ, ଶିକ୍ଷିତ ଓ ଅଶିକ୍ଷିତ, ସମସ୍ତେ ସଂଶ୍ଳିଷ୍ଟ । 'ଉଦର ଓ ଅବୟବ' ଗଳ୍ପର ନୀତି ଅନୁସରଣ କରି ସମସ୍ତେ 'ସହଯୋଗ' ପ୍ରତି ମନୋନିବେଶ କରୁ ନ ଥିବାରୁ ଆମ୍ଭମାନଙ୍କର ସବୁ ଚେଷ୍ଟା ସଫଳ ହୋଇ ପାରୁ ନାହିଁ । ଅନେକ ଉଚ୍ଚଶିକ୍ଷା-ପ୍ରାପ୍ତ ଲୋକେ ଏ ବିଭାଗର କାର୍ଯ୍ୟକାରିତା ପ୍ରତି ସର୍ବଦା ସନ୍ଦିଗ୍ଧମନା । ସେମାନଙ୍କ ମତରେ ଶିକ୍ଷା, ଚିକିତ୍ସା, କୃଷି ଓ ବ୍ୟବସାୟର ଉନ୍ନତି ସକାଶେ ଯେଉଁ ପଦ୍ଧତିମାନ ପ୍ରଚଳିତ, ସେସବୁ ନ ବଦଳିବା ଯାଏ କୌଣସି ସ୍ଥାୟୀ ଉନ୍ନତି ସମ୍ଭବ ନୁହେ । ଏ ସବୁ ବ୍ୟବସ୍ଥା ପୂର୍ଣ୍ଣାଙ୍ଗ ବୋଲି ମୁଁ ମଧ୍ୟ କହୁ ନାହିଁ, ମାତ୍ର ଏହା ଛଡ଼ା ଅନ୍ୟ କିଛି ବ୍ୟବସ୍ଥା ନାହିଁ । ଅତଏବ 'ନାହିଁ ମାମୁଁଠାରୁ କଣା ମାମୁଁ ଭଲ' ନୀତିରେ ଯେତେ ଦିନ ଯାଏ ଅନ୍ୟ ବ୍ୟବସ୍ଥା ସମ୍ଭବ ହୋଇ ନାହିଁ, ସେତେ ଦିନ ଏହି କର୍ମ ପନ୍ଥା ଅବଲମ୍ବନ କରି ଦେଶର ଓ ଦଶର ଯଥା ସମ୍ଭବ ହିତସାଧନ କରିବା ଉଚିତ ବୋଲି ମୋର ମନେ ହୁଏ ।

କୃଷି ଓ ଶିଳ୍ପର ଉନ୍ନତିକଳ୍ପେ 'ସମବାୟ' ଦେଶ ବିଦେଶରେ ଯେଉଁ ସବୁ ଅସାଧ୍ୟ ସାଧନ କରିପାରିଛି, ତାହା ବର୍ଣ୍ଣନା କରି ଅନେକ ବହି ଲେଖାଯାଇ ପାରେ । ଆମ୍ଭମାନଙ୍କ ଆଖି ଆଗରେ ଯାହା କରାଯାଇ ପାରେ ସେଥିମଧ୍ୟରୁ ଗୋଟିଏ ମାତ୍ର କର୍ମ-ଯୋଜନା ଏଠାରେ ଦେଉଅଛି । ସେତିକ ଯଦି କାର୍ଯ୍ୟରେ ପରିଣତ ହୋଇ ପାରେ ତେବେ ତଦ୍ଦ୍ୱାରା ମୟୂରଭଞ୍ଜ ରାଜ୍ୟରେ ଲୋକମାନଙ୍କର ଅବସ୍ଥା ବଦଳିଯିବ । ସମସ୍ତେ ଭଲ ରୂପେ ଜାଣନ୍ତି ଯେ ଏ ରାଜ୍ୟର ଅଧିକାଂଶ ଚାଷୀ ଚାଷଖର୍ଚ୍ଚ ତୁଲାଇବା ପାଇଁ ଧାନ କରଜ କରନ୍ତି ଓ ସାଧାରଣତଃ କରଜା ଧାନର ସୁଧ ପୌଟିରେ ୧୦ ଗୌଣୀ ଓ କରଜା ବିହନ ଧାନର ସୁଧ ପୌଟିରେ ପୌଟିଏ ଦିଅନ୍ତି । ତାହା ଛଡ଼ା ଏହି ସବୁ କାରବାରରେ ଗରିବ କୃଷକକୁଳ ମହାଜନମାନଙ୍କ ଦ୍ୱାରା ଯେ କିପରି ପ୍ରବଞ୍ଚିତ ହୁଅନ୍ତି ତାହା ସମସ୍ତଙ୍କୁ ଅଳ୍ପାଧିକ ଜଣା । କିନ୍ତୁ ୩ । ୪ ଟି ଆଖପାଖର ଗ୍ରାମବାସୀ ମିଳି ସମବାୟ ନୀତିରେ କାମ କଲେ ସାମାନ୍ୟ ସାହାଯ୍ୟରେ ନିଜର ଗୋଟିଏ ଧାନଗୋଲା ପାଞ୍ଚ ବରଷ ଭିତରେ କରି ପାରିବେ । ଏହା ଶୁଣିବାକୁ ଅଚମ୍ଭିତ ଲାଗିପାରେ । ମାତ୍ର ମୁଁ ଏହାକୁ ଗଣିତର ଗଣନା ସହିତ ଠିକ୍ ପ୍ରମାଣ କରିଦେଉଛି । ମନେ କରନ୍ତୁ, ଏହି ନିଃସ୍ୱ ଗ୍ରାମବାସୀମାନଙ୍କର ୨୦୦ ମାଣ ଜଳ ଜମି ଅଛି ଓ ସେମାନେ ୨୦୦ ପୌଟି ଧାନ କରଜ କରି ଚାଷ ଆବାଦ କରନ୍ତି । ସେମାନେ ବର୍ଷକୁ ମାଣ ପିଛା ଦୁଇ ଗୌଣୀ ଲେଖାଏଁ ଧାନ ଦେଇ ଗୋଟିଏ ଧାନଗୋଲା ଖୋଲନ୍ତୁ ଏବଂ ଏହି ପରି ପାଞ୍ଚ ବର୍ଷ ଯାଏ ଦୁଇ ଗୌଣୀ ଲେଖାଏଁ ଧାନଗୋଲାରେ ଯୋଗ କରନ୍ତୁ । ସୁଧର ହାର ପୌଟିରେ ୫ ଗୌଣୀ ଓ ଶୁଳ୍କର ହାର ସେଥିରେ ମଞ୍ଜୁରି ଅଧ ଗୌଣୀ ସ୍ଥଳେ ପୌଟିରେ ଏକ ଗୌଣୀ ଦେଲେ ମଧ୍ୟ ନିମ୍ନ ପ୍ରକାର ହିସାବ ଆସିବ—

ପ୍ରଥମେ ଅଂଶ ବାବଦ ପୌ ୨୦ ଟି ଧାନରେ କାମ ଆରମ୍ଭ ହେଲା ।

ପହିଲି ବର୍ଷର ଶେଷରେ ମୂଳ ପୌ ୧୯ ଟି + ସୁଧ ପୌ ୨।୧୫ + ଜମା ପୌ ୨୦ ଟି = ପୌ ୪୩ । ୧୫ ଗୌଣୀ

ଦ୍ୱିତୀୟ ବର୍ଷର ଶେଷରେ ମୂଳ ପୌ ୪୧ ଟି + ସୁଧ ପୌ ୧୦ ଟି + ଜମା ପୌ ୨୦ ଟି = ପୌ ୭୧ ଟି

ତୃତୀୟ ବର୍ଷର ଶେଷରେ ମୂଳ ପୌ ୬୭।୧୦ + ସୁଧ ପୌ ୧୭ ଟି + ଜମା ପୌ ୨୦ ଟି = ପୌ ୧୦୪ । ୧୦ ଗୌଣୀ

ଚତୁର୍ଥ ବର୍ଷ ଶେଷରେ ମୂଳ ପୌ ୯୯ ଟି + ସୁଧ ପୌ ୨୫ ଟି + ଜମା ପୌ ୨୦ ଟି = ପୌ ୧୪୪ ଟି

ପଞ୍ଚମ ବର୍ଷର ଶେଷରେ ମୂଳ ପୌ ୧୩୭ ଟି + ସୁଧ ପୌ ୩୪ ଟି + ଜମା ପୌ ୨୦ ଟି = ପୌ ୧୯୧ ଟି

ଏଥିରୁ ଦେଖାଯିବ ଯେ ପାଞ୍ଚ ବର୍ଷ ଶେଷରେ ଗ୍ରାମବାସୀମାନେ ତାଙ୍କର ପ୍ରୟୋଜନୀୟ ସମସ୍ତ ଧାନର ମାଲିକ ହୋଇଅଛନ୍ତି । ସେମାନେ ସେଥିରୁ ବର୍ଷକୁ ୫୦ ପୌଟି ସୁଧ ପାଇବେ, ଯାହାର ମୂଲ୍ୟ ଅତି କମରେ ୨୫୦ ଟଙ୍କା । ଏତିକ ଟଙ୍କାରେ ଗୋଟାଏ ସ୍କୁଲ ଚଳିବ ଓ ରାସ୍ତାଘାଟ ତିଆରି ଓ ମରାମତି କରାଯାଇ ପାରିବ; କୂଅ ଖୋଳାଯାଇ ପାରିବ ଓ ଅନ୍ୟାନ୍ୟ ଅନେକ ହିତକର କାର୍ଯ୍ୟ ଗ୍ରାମରେ କରାଯାଇ ପାରିବ । ଏହି ଉପକାର ବିନିମୟରେ ସେମାନେ ଆହୁରି ଗୋଟିଏ ଉପକାର ପାଇବେ—ଯେଉଁ ଧାନ କରଜ କରି ପୌଟିକରେ ୧୦ ଗୌଣୀ ଧାନ ସୁଧ ଦେଉଥିଲେ, ସେ ସ୍ଥଳରେ ସେମାନେ ୫ ଗୌଣୀ ସୁଧ ଦେବେ । ଏହା ଦ୍ୱାରା ସଂଘଭାବରେ ଓ ବ୍ୟକ୍ତିଗତ ଭାବରେ ସମସ୍ତେ ଉପକୃତ ହେବେ । ପ୍ରଥମେ ପ୍ରଥମେ ସରକାରୀ-ଅମାରରୁ ଗ୍ରାମବାସୀଙ୍କର ଆବଶ୍ୟକୀୟ ଧାନ କରଜା ନିଆଯାଇ ପାରେ । ମହାଜନମାନଙ୍କର ପୌଟିରେ ଦଶ ଗୌଣୀ ସୁଧ ତୁଳନାରେ ଏଠାରୁ ପୌଟିରେ ପ୍ରାୟ ଚାରି ଗୌଣୀ ସୁଧରେ କରଜ ମିଳିବ । ସୁତରାଂ ସୁଧ ବାବତରୁ ଯେଉଁ ଲାଭ

ହେବ, ସେଥିରୁ ଅଂଶଧାନ ଦେଲେ ତାଙ୍କୁ ହାତରୁ ତ କିଛି ପଡ଼ିବ ନାହିଁ—ବରଂ ଢେର ଉପକାର ହେବ। ନିଃସ୍ୱ ଓ ଦୁଃସ୍ଥ ପ୍ରତିବେଶୀମାନେ ଉପକୃତ ହେବେ।

ଏ ତ ଗଲା ଶିକ୍ଷିତ ଲୋକମାନଙ୍କର କଥା ! ଲୋକସାଧାରଣଙ୍କର ମଧ୍ୟ ଏସବୁ କାର୍ଯ୍ୟ ପ୍ରତି କୌଣସି ଶ୍ରଦ୍ଧା ଓ ସହାନୁଭୂତି ପରିଲକ୍ଷିତ ହୁଏ ନାହିଁ। ସେମାନଙ୍କର ଉପକାର ଯେଉଁ କର୍ମପନ୍ଥାର ଉଦ୍ଦେଶ୍ୟ, ସେଥି ପ୍ରତି ଯେ ଜନସାଧାରଣ ବିମୁଖ ହେବେ ଏହା ସହଜରେ ବିଶ୍ୱାସ ନ ହେବାର କଥା; କିନ୍ତୁ ଏ ଦିଗରେ କର୍ମୀମାନେ ଜାଣନ୍ତି ଯେ ଏକଥା ସମ୍ପୂର୍ଣ୍ଣ ସତ୍ୟ। ସେମାନଙ୍କର ଏହି ଶ୍ରଦ୍ଧା ଓ ସହାନୁଭୂତି-ହୀନତାର ମୂଳରେ ଅଶିକ୍ଷା ବିଶେଷ ଭାବରେ କାର୍ଯ୍ୟ କରୁଥିବାର ଜଣାଯାଏ। ଶିକ୍ଷାର ଅଭାବରୁ ସେମାନଙ୍କର ମସ୍ତିଷ୍କର ବିକାଶ ହୋଇ ନାହିଁ କିମ୍ବା ସତ୍ ସାହସ ବଢ଼ି ନାହିଁ। ତେଣୁ କିଛି ଭଲ କଥା ସେମାନେ ଆଦୌ ବୁଝି ପାରୁ ନାହାନ୍ତି କି ତାହାର ଫଳାଫଳ ବିଚାର କରି ପାରୁ ନାହାନ୍ତି। ସେମାନେ ଯେ କେବଳ ସହାନୁଭୂତିଶୂନ୍ୟ, ତାହା ନୁହେଁ—ବିଶେଷ କ୍ଷୋଭର କଥା ସେମାନେ କର୍ମୀମାନଙ୍କୁ ସନ୍ଦେହ କରି ଆତଙ୍କ ଗଣନ୍ତି। ଏହି କାରଣରୁ କୃଷିବିଭାଗର କର୍ମଚାରୀବୃନ୍ଦଙ୍କୁ ଆପଣାର ଜମି ଦେଖାଇ ସେଥିରେ ଲାଭଜନକ ଫସଲ କରିବା ପନ୍ଥା ସ୍ଥିର କରିବାକୁ, ବା ସରକାରୀ ପଶୁ-ଚିକିତ୍ସକମାନଙ୍କ ଦ୍ୱାରା ଗୃହପାଳିତ ପଶୁର ଚିକିତ୍ସା କରାଇବାକୁ ବା ସହଯୋଗ ବିଭାଗର କର୍ମଚାରୀମାନଙ୍କୁ ଗ୍ରାମ ସଂଗଠନ କାର୍ଯ୍ୟରେ ସାହାଯ୍ୟ କରିବାକୁ ସେମାନେ ପରାଙ୍ମୁଖ। ଏହାର ମୂଳ କାରଣ ସ୍ୱରୂପ ସ୍ଥିର କରାଯାଇ ପାରେ ଯେ ସାଧାରଣ ପ୍ରଜା ହାକିମ ଓ ଅମଲାମାନଙ୍କର ପ୍ରତ୍ୟେକ କାର୍ଯ୍ୟରୁ ଅଧିକ କର ବା ଝିଙ୍କଣା ଧାର୍ଯ୍ୟର ଅଭିନବ ଉପାୟ ଭାବି ନିଜକୁ ସେଥିରେ ଜଡ଼ିତ ନ କରି ଅଲଗା ରହିବା ଶ୍ରେୟସ୍କର ମଣନ୍ତି। ଏହି ଅଜ୍ଞତା ଯୋଗୁଁ କି କୃଷି କି ବ୍ୟବସାୟୀ ସକଳ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ ନିଜ ନିଜର ଅବସ୍ଥାର ଉନ୍ନତି ଚେଷ୍ଟା ଏକାବେଳକେ ଲୋପ ପାଇଅଛି। ଏହି ଅଜ୍ଞତା ଓ ଅଶିକ୍ଷା ହେତୁ ଲୋକମାନେ ଡାକ୍ତରଖାନାକୁ ଆସି ରୋଗର ଚିକିତ୍ସା କରିବାକୁ ମଧ୍ୟ ସାହସ କରନ୍ତି ନାହିଁ। ନିଜର ପ୍ରାଣ ପ୍ରତି ଯେତେବେଳେ ଏ ବ୍ୟବସ୍ଥା, ନିଜର ସମ୍ପତ୍ତି ପ୍ରତି ଆସ୍ଥା ଯେ କ'ଣ ହୋଇ ପାରେ ଏଥିରୁ ତାହା ସହଜରେ ଅନୁମେୟ।

ଜନସାଧାରଣଙ୍କ ମଧ୍ୟରେ ଏହି ସବୁ କାର୍ଯ୍ୟର ପ୍ରସାର ପାଇଁ ମୁଖ୍ୟତଃ ଦୁଇଟି ଉପାୟ ଅବଲମ୍ବନ କରାଯାଇ ପାରେ—ପ୍ରଥମ ଉପାୟ, ପ୍ରଚାର ଓ ଦ୍ୱିତୀୟ ଉପାୟ ବାଧ୍ୟବାଧକତା ବା **official pressure**। ପ୍ରଚାର କାର୍ଯ୍ୟର ସଫଳତା ସହଜରେ ହୋଇ ପାରିବ ନାହିଁ। କାରଣ ବୁଝିବା ସମଝିବା ଲୋକ ନ ମିଳିଲେ ପ୍ରଚାର କାର୍ଯ୍ୟ ବିଫଳ ହୁଏ। ଜନସାଧାରଣଙ୍କର ଏ ଅଶିକ୍ଷା ହେତୁ କେବଳ ପ୍ରଚାର କାର୍ଯ୍ୟଦ୍ୱାରା ସମସ୍ତ ଭାରତରେ କୌଣସି ସ୍ଥାନରେ ହେଲେ ସନ୍ତୋଷଜନକ କାର୍ଯ୍ୟ ହୋଇ ପାରି ନାହିଁ। ପଞ୍ଜାବ ପ୍ରଦେଶରେ ଏ ଦିଗରେ ଯେଉଁ ଉନ୍ନତିସାଧନ ହୋଇଅଛି, ତାହାର ମୂଳକାରଣ କେବଳ ପ୍ରଚାର ନୁହେ—ସେଥି ସଙ୍ଗେ ରାଜକୀୟ ବଳପ୍ରୟୋଗ ନୀତି ମଧ୍ୟ ଦୃଢ଼ଭାବରେ ଅନୁସୃତ ହୋଇଅଛି।

ମୟୂରଭଞ୍ଜରେ, ଯେଉଁଠାରେ କି ଶତକରା ୩.୪ ଜଣ ମାତ୍ର ଲୋକ ଲେଖିପଢ଼ି ପାରନ୍ତି ଓ ଶତକରା ୮୦ ଭାଗ ଲୋକ ଆଦିମ ଅଧିବାସୀ ବା ଅନୁନ୍ନତ ଜାତି, ସେଠାରେ କେବଳ ପ୍ରଚାର ଦ୍ୱାରା କାର୍ଯ୍ୟ କରିବା ଯେ କି ଦୁରୂହ ତାହା ସହଜରେ ଅନୁମେୟ। ବାଧ୍ୟବାଧକତା ନୀତି ଅନୁସରଣ କରି କାର୍ଯ୍ୟ କରିବାକୁ ହେଲେ ଏହା ଅବଶ୍ୟ ମନେ ରଖିବାକୁ ହେବ ଯେ ଡାକ୍ତରଙ୍କର ଅସ୍ତ୍ର-ଚିକିତ୍ସା ପରି ଏ ନୀତିକୁ କେବଳ ଦୀନ ଦୁଃଖୀ ଜନସାଧାରଣଙ୍କର ମଙ୍ଗଳ ସକାଶ ଅତି ଆବଶ୍ୟକ ସ୍ଥଳେ ପ୍ରୟୋଗ କରାଯିବ ଓ ସେଥିରେ ନିଜର ସ୍ୱାର୍ଥ ସାଧନର ଚିହ୍ନ ଲେଶ ମାତ୍ର ନ ଥିବ। ଏତେ ଅସୁବିଧା ସତ୍ତ୍ୱେ ମୋହର ଦୃଢ଼ ବିଶ୍ୱାସ ଯେ ମୟୂରଭଞ୍ଜରେ ଜନସାଧାରଣଙ୍କର ହିତସାଧନ ଅବଶ୍ୟ କରି ହେବ। କାରଣ, ନିଃସ୍ୱ ପ୍ରଜାକୁଳ ପ୍ରତି ଶ୍ରୀମନ୍ ମହାରାଜା ମହୋଦୟଙ୍କର ସର୍ବଦା ଅନୁଗ୍ରହ ରହିଅଛି ଓ ସେମାନଙ୍କର ଉନ୍ନତିବିଧାନ କଲେ କୌଣସି ବ୍ୟୟାଧିକ୍ୟ ପ୍ରତି ସେ କେବେ କୁଣ୍ଠିତ ନୁହନ୍ତି।

# ବଣେଶ୍ୱରୀ

**ଶ୍ରୀ ମଦନ ମୋହନ ପଟ୍ଟନାୟକ**

ତୁମେ ସିନା ବସନ୍ତର ବାସ ଫୁଲ ବଉଳ ଗୋ
ନିଦାଘର ମଲ୍ଲୀ ଯୁଇ କାନନ ଶୋଭିନୀ
ତୁମେ ଝଡ଼ ବରଷାର ନବ କଦମ୍ବ କାମିନୀ
ବେଦନା-ବାହୀ ବିରହୀ-ହୃଦ-ବିଦାରିଣୀ।

ତୁମେ ଶରତର ଶୁଭ୍ର ସ୍ନିଗ୍ଧ ଗଙ୍ଗଶିଉଳି ଗୋ
ହେମନ୍ତର ହୃଦହରା ମାଧବୀ ସୁନ୍ଦରୀ
ଶୀତର ସେବତୀ-ଝରା ତରୁଣୀ ହୃଦୟ ହାରା
ତୁମେ ଫୁଲମୟୀ ଷଡ଼ଋତୁ ବଣେଶ୍ୱରୀ।



Digitized by srujanika@gmail.com


# ଶ୍ରୀମନ୍ ମହାରାଜାଙ୍କର ଜନ୍ମନକ୍ଷତ୍ର ଓ କୃଷି-ଶିଳ୍ପ ପ୍ରଦର୍ଶନୀର ଚିତ୍ରାବଳୀ



ବାମ ଦିଗରେ:—
ଜନ୍ମନକ୍ଷତ୍ର ଉପଲକ୍ଷରେ ଓଲ୍ଡଗଞ୍ଜ ପଡ଼ିଆରେ ବାରିପଦା ପୋଲିସ ଫୌଜ ପରେଡ଼ କରୁଥିବା କାଳୀନ ସମବେତ ଗ୍ରାମସ୍ଥ ଭଦ୍ରବର୍ଗ-ମାନଙ୍କ ସହିତ ଶ୍ରୀମନ୍ ମହାରାଜା ଆସୀନ ଏବଂ ନିକଟରେ ମହାରାଜକୁମାରୀ ଶ୍ରୀମତୀ ପ୍ରଭାତ ଦେବୀ ଓ ଷ୍ଟେଟଗାର୍ଡ଼ ସାହେବ ଶ୍ରୀ ସ୍ୱରୂପଚନ୍ଦ୍ର ଭଞ୍ଜ ଦେଓ ।





ଦକ୍ଷିଣରେ:—
ଗତ ମାର୍ଚ୍ଚ ମାସ ୩ ତାରିଖରେ ଅନୁଷ୍ଠିତ ଶ୍ରୀମନ୍ ମହାରାଜାଙ୍କର ସପ୍ତବିଂଶ ଜନ୍ମନକ୍ଷତ୍ର ଉପଲକ୍ଷରେ ବାରିପଦାରେ ଉଦ୍‌ଘାଟିତ ମୟୂରଭଞ୍ଜ କୃଷି ଶିଳ୍ପ ପ୍ରଦର୍ଶନୀର ଦ୍ୱାରଦେଶ ।




ବାମ ଭାଗରେ:—
ମୟୂରଭଞ୍ଜ କୃଷି-ଶିଳ୍ପ ପ୍ରଦର୍ଶନୀରେ ରାଜ୍ୟର ବହୁଳ ପ୍ରାଥମିକ ବିଦ୍ୟାଳୟରୁ ଆନୀତ ଛାତ୍ରମାନଙ୍କର ହସ୍ତକର୍ମ ।

Digitized by srujanika@gmail.com

# ଚୈତ୍ରପର୍ବ ଓ
# ମୟୂରଭଞ୍ଜ କୃଷି-ଶିଳ୍ପ
# ପ୍ରଦର୍ଶନୀର ଚିତ୍ରାବଳୀ



ଅନ୍ୟ ବର୍ଷମାନଙ୍କ ପରି ଏ ବର୍ଷ ମଧ୍ୟ ଚୈତ୍ରପର୍ବ ସହିତ ମୟୂରଭଞ୍ଜର ବିଖ୍ୟାତ ଛଉନାଚ ରାଜନଗରରେ ଅନୁଷ୍ଠିତ ହୋଇଥିଲା । ବାମ ଭାଗରେ ଉତ୍ତର ସାହି ନାଚର "ପ୍ରେମିକ ପ୍ରେମିକା" ଦୃଶ୍ୟର ଗୋଟିଏ ଭଙ୍ଗୀ ।



ଦକ୍ଷିଣରେ:—
ମୟୂରଭଞ୍ଜ କୃଷି-ଶିଳ୍ପ ପ୍ରଦର୍ଶନୀରେ ସୁନାରୁପାର ବ୍ୟବସାୟୀ ମଧ ନାନା ପ୍ରକାର ଭାରକଷି କାମ ଓ ସୁନ୍ଦର ଅଳଙ୍କାରମାନ ପ୍ରଦର୍ଶନ କରିଥିଲେ ।



ବାମ ପଟରେ:—
ମୟୂରଭଞ୍ଜ କୃଷି-ଶିଳ୍ପ ପ୍ରଦର୍ଶନୀ ଭିତରର ଗୋଟିଏ କୋଣର ଦୃଶ୍ୟ ।

Digitized by srujanika@gmail.com

# ଦେଶୀୟ ରାଜ୍ୟ ସମାଚାର

## ହାଇଦ୍ରାବାଦ
### କାରଖାନା ପରିଚାଳନା

ହାଇଦ୍ରାବାଦ ରାଜ୍ୟର କାରଖାନା ପରିଚାଳନା ବିଭାଗର ଏକ ବିବରଣୀରୁ ଜଣାଯାଏ ଯେ ରେଜେଷ୍ଟ୍ରୀକୃତ କାରଖାନା ଗୁଡ଼ିକର ସଂଖ୍ୟା ସନ ୧୩୪୫ ସାଲରେ ୪୬୯ ରୁ ୫୨୧ ପର୍ଯ୍ୟନ୍ତ ବଢ଼ି ଯାଇଅଛି । ସେଥିମଧ୍ୟରୁ ପୂର୍ବ ବର୍ଷ ୩୨୬ ଗୋଟି କାରଖାନା କାର୍ଯ୍ୟ କରୁଥିବା ସ୍ଥଳେ ବର୍ତ୍ତମାନ ବର୍ଷ ୩୭୭ ଗୋଟି କାରଖାନାରେ କାର୍ଯ୍ୟ ହୋଇ-ଅଛି । ଉକ୍ତ କାର୍ଯ୍ୟକାରୀ କାରଖାନା ଗୁଡ଼ିକ ମଧ୍ୟରୁ ୩୩୪ ଗୋଟି କାରଖାନାରେ ବର୍ଷର କେତେକ ସମୟ ଓ ଅବଶିଷ୍ଟ ୪୩ ଗୋଟି କାରଖାନାରେ ବର୍ଷର ସମସ୍ତ ସମୟ କାର୍ଯ୍ୟ ଚାଲିଥିଲା । ସାମୟିକ କାର୍ଯ୍ୟ ଚାଲିଥିବା କାରଖାନା ମଧ୍ୟରୁ ୨୩୧ ଗୋଟି ଓ ବର୍ଷ ତମାମ କାର୍ଯ୍ୟ ଚାଲିଥିବା କାରଖାନା ମଧ୍ୟରୁ ୬ ଗୋଟି ତୁଳା କାରଖାନା । ପୂର୍ବ ବର୍ଷ ୨୫୦ ଗୋଟି କାରଖାନା ବର୍ତ୍ତମାନ ବର୍ଷ ୩୨୯ ଗୋଟି କାରଖାନା ପରିଦର୍ଶନ କରାଯାଇଥିଲା ।

### ନାରୀ-ଶ୍ରମିକ

ଉପରୋକ୍ତ ସମସ୍ତ ରେଜେଷ୍ଟ୍ରୀକୃତ କାରଖାନା ଗୁଡ଼ିକରେ ହାରାହାରି ଦୈନିକ ୯୬୨୪ ଜଣ ନାରୀ-ଶ୍ରମିକ କାର୍ଯ୍ୟ କରୁଥିଲେ । ସେମାନଙ୍କ ମଧ୍ୟରୁ ୧୯୩୦ ଜଣ ସୂତାକଟା ଓ ଲୁଗାବୁଣା କଳରେ ଥିଲେ । ରାତିକାଳରେ ନାରୀ-ଶ୍ରମିକମାନେ କାର୍ଯ୍ୟ କରିବାର ଆଦୌ ଦେଖାଯାଇ ନ ଥିଲା କିମ୍ବା କୌଣସି ଧର୍ମଘଟ ହୋଇ ନ ଥିଲା । ଗତ ବର୍ଷ ଏକ ଆଦେଶ ଜାରି କରାଯାଇ ୨୦ ଜଣ କିମ୍ବା ତହିଁରୁ ଊର୍ଦ୍ଧ୍ୱ ଶ୍ରମିକ ନିଯୁକ୍ତ କରୁଥିବା ସମସ୍ତ ବଡ଼ କାରଖାନାଗୁଡ଼ିକୁ କାରଖାନା ଆଇନର ଶାସନାଧୀନ କରାଯାଇଥିଲା । ତଦ୍ୱାରା ବଡ଼ କାରଖାନାରେ ଶିଶୁ ଶ୍ରମିକ ନିଯୁକ୍ତ କରିବାର ପ୍ରଥା ରହିତ କରାଯାଇଥିଲା ।

### ଦୁର୍ଘଟଣା

ପୂର୍ବ ବର୍ଷ କାରଖାନା ଗୁଡ଼ିକରେ ୨୬ ଗୋଟି ସାଙ୍ଘାତିକ ଓ ୫୬ ଗୋଟି ସାମାନ୍ୟ ଦୁର୍ଘଟଣା ଘଟିଥିବା ସ୍ଥଳେ ବର୍ତ୍ତମାନ ବର୍ଷ ୨୧ ଗୋଟି ସାଙ୍ଘାତିକ ଓ ୪୩ ଗୋଟି ସାମାନ୍ୟ ଦୁର୍ଘଟଣା ଘଟିଥିଲା । ଆହତ ବ୍ୟକ୍ତିମାନଙ୍କ ମଧ୍ୟରୁ ସାମାନ୍ୟ କେତେ ଜଣଙ୍କୁ ଆଂଶିକ କ୍ଷତିପୂରଣ ମିଳି ଥିବାର ଶୁଣାଯାଏ । କାରଖାନା-ପରିଚାଳକମାନେ ଅନେକ ସାଙ୍ଘାତିକ ଦୁର୍ଘଟଣା କ୍ଷେତ୍ରରେ କ୍ଷତି-ପୂରଣ ବିଷୟ ଆଦୌ ବିଚାର କରି ନ ଥିଲେ । କେବଳ ବିଭାଗୀୟ ଆଦେଶ ଅନୁଯାୟୀ ପ୍ରାୟ ପ୍ରତ୍ୟେକ ଆହତ ବ୍ୟକ୍ତିଙ୍କୁ ତାଙ୍କର ଚିକିତ୍ସା କାଳରେ ପୁରା ବେତନ ଓ ଅନ୍ୟାନ୍ୟ ଆବଶ୍ୟକୀୟ ଖର୍ଚ୍ଚ ଦିଆ ଯାଇଥିଲା । କିନ୍ତୁ କାରଖାନା ବିଭାଗର ପ୍ରଧାନ ଇନ୍‌ସପେକ୍ଟର ଉପରୋକ୍ତ ବ୍ୟବସ୍ଥା କ୍ଷତିପୂରଣ ସନ୍ଦର୍ଭରେ ଯଥେଷ୍ଟ ହୋଇନାହିଁ ବୋଲି ଦାବୀ କରିଅଛନ୍ତି । ଶ୍ରମିକମାନଙ୍କର କ୍ଷତିପୂରଣ ସମ୍ବନ୍ଧରେ ରାଜସରକାର ଅତି ଶୀଘ୍ର ଯେଉଁ ଆଇନ ପ୍ରଣୟନ କରିବାର ସ୍ଥିର କରୁଅଛନ୍ତି, ତାହା ସେମାନଙ୍କ ପକ୍ଷରେ ଅନୁକୂଳ ହେବ ବୋଲି ସେ କହୁଅଛନ୍ତି ।

### ଷ୍ଟେଟ୍ ରେଲ୍‌ୱେ ବିଭାଗ

ଅନ୍ୟାନ୍ୟ ଦେଶୀୟ ରାଜ୍ୟ ତୁଳନାରେ ହାଇଦ୍ରାବାଦ ରାଜ୍ୟର ରେଲୱେ ବିଭାଗ ସବୁଠାରୁ ବଡ଼ । ରେଲ୍ ରାସ୍ତାର ଦୈର୍ଘ୍ୟ ମୋଟରେ ୨୬୨୮ ମାଇଲ ଓ ସେଥିମଧ୍ୟରୁ ୩୭୧ ମାଇଲ ବ୍ରିଟିଶ ସରକାର କିମ୍ବା କମ୍ପାନି ଅଧୀନରେ ପରିଚାଳିତ । ନିଜାମଙ୍କ ରାଜ୍ୟର ରେଲୱେ ବିଭାଗ ମୋଟରେ ୧୩୦୭ ମାଇଲ ଲମ୍ବା ଗଠିତ । ସେଥିମଧ୍ୟରୁ ୬୮୮ ମାଇଲ ବଡ଼ ରାସ୍ତା ଓ ୬୧୯ ମାଇଲ ଛୋଟ ରାସ୍ତା । ନିକଟବର୍ତ୍ତୀ ରେଲ ରାସ୍ତା ସହିତ ନିଜାମଙ୍କ ରେଲ ରାସ୍ତା ରାଜ୍ୟର ସୀମାରେ କିମ୍ବା ସୀମା ନିକଟରେ ଥିବା ୫ ଗୋଟି ଜଂକସନ୍ ଦ୍ୱାରା ସଂଯୁକ୍ତ । ଉତ୍ତର ଓ ଦକ୍ଷିଣ ଭାରତ ଏବଂ ପୂର୍ବ ଓ ପଶ୍ଚିମ ଉପକୂଳ ମଧ୍ୟରେ ଯିବା ଆସିବା କରିବାକୁ ହେଲେ ଏହି ଜଂକସନ୍‌ଗୁଡ଼ିକ ଅତିକ୍ରମ କରି ଯିବାକୁ ପଡ଼େ ।

୧୯୩୭ ମାର୍ଚ୍ଚ ମାସ ସୁଦ୍ଧା ରାଜସରକାର ଏହି ରେଲୱେ ବିଭାଗର ମୂଳଧନ ରୂପେ ମୋଟରେ ୧୪,୬୮,୬୫,୬୨୭ ଟଙ୍କା ଯୋଗାଇଅଛନ୍ତି । ୧୯୩୭ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଏହି ବିଭାଗର ମୋଟ ଆୟ ୨,୨୮,୮୦,୩୭୭ ଟଙ୍କା ହୋଇଥିଲା ଓ ସେଥିମଧ୍ୟରୁ ଖର୍ଚ୍ଚ ବାଦ ମୋଟରେ ୧,୧୪,୭୫,୨୩୯ ଟଙ୍କା ଲାଭ ହୋଇଥିଲା । ୧୯୩୭ ସାଲରେ ମୂଳଧନ ଉପରେ ଶତକଡ଼ା ୭.୮ ଓ ଗଲା ବର୍ଷ ସେହି ଅନୁପାତରେ ୭.୬ ଟଙ୍କା ଲାଭ ହୋଇଥିଲା ।

ଆହୁରି ମଧ୍ୟ ମଟର ସର୍ଭିସ୍ ଦ୍ୱାରା ସମସ୍ତ ରେଲ ଷ୍ଟେସନକୁ ଯିବା ଆସିବାର ସୁବିଧା ପାଇଁ ହାଇଦ୍ରାବାଦ ସରକାର ବ୍ୟବସ୍ଥା କରିଅଛନ୍ତି । ୧୯୩୨ ମସିହାରେ ୨୬ ଗୋଟି ମଟର



Digitized by srujanika@gmail.com

ବାସ୍ ନେଇ ଏହି କାର୍ଯ୍ୟ ଆରମ୍ଭ କରି ଥିଲେ, କିନ୍ତୁ ଅଧିକ ସୁବିଧା କରିବା ପାଇଁ ଗୃହଅନୁ ଅନୁମତି ହେବାରୁ ସର୍ଭିସ ମଟର ସଂଖ୍ୟା କ୍ରମେ ବୃଦ୍ଧି କରାଯାଇ ୧୯୩୭ ମାର୍ଚ୍ଚ ମାସ ସୁଦ୍ଧା ମୋଟରେ ୩୨୮ ଗୋଟି ମଟର ବାସ୍ ରାଜ୍ୟ ମଧ୍ୟରେ ଚାଲୁଥିଲା ।

## ଜୟପୁର
### ଗ୍ରାମ ସଂଗଠନ

ଜୟପୁର ରାଜସରକାର ରାଜ୍ୟରେ ଶିକ୍ଷିତ ସଂଖ୍ୟା ବଢ଼ାଇବା ପାଇଁ ଉଲ୍ଲେଖଯୋଗ୍ୟ ବ୍ୟବସ୍ଥା କରିଅଛନ୍ତି । ବିଦ୍ୟାଳୟ ଗୁଡ଼ିକର ସଂଖ୍ୟା ଗତ ବର୍ଷ ୩୯୪ ରୁ ୪୨୨ ପର୍ଯ୍ୟନ୍ତ ବଢ଼ାଇ ଦିଆ ଯାଇଅଛି ଓ ଛାତ୍ର ସଂଖ୍ୟା ମଧ୍ୟ ୨୩,୧୯୦ ରୁ ୨୪,୯୯୧ ପର୍ଯ୍ୟନ୍ତ ବୃଦ୍ଧି ହୋଇଅଛି । ଗ୍ରାମ୍ୟ ବିଦ୍ୟାଳୟମାନଙ୍କରେ ଆବଶ୍ୟକୀୟ ବିଷୟମାନ ଶିକ୍ଷା ଦେବାକୁ ସ୍କୁଲ ପାଠ୍ୟ ସମ୍ବନ୍ଧ ପରିବର୍ତ୍ତନ ବ୍ୟବସ୍ଥା କରାଯାଇଅଛି । ସାଧାରଣ ପାଠ୍ୟ ବିଷୟ ଛଡ଼ା କୃଷି, ହସ୍ତକର୍ମ, ନାଟକ-ଅଭିନୟ ଓ ସାଧାରଣ ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧରେ ଶିକ୍ଷା ଦିଆ ଯାଇଅଛି । ସ୍କୁଲ ଉଦ୍ୟାନ ଓ ବ୍ୟାୟାମ-ଚର୍ଚ୍ଚା ଲାଗି ବିଶେଷ ଦୃଷ୍ଟି ଦିଆ ଯାଇଅଛି । ବିଦ୍ୟାଳୟର ନିର୍ଦ୍ଦିଷ୍ଟ ସମୟ ତଥା ଛୁଟି ଦିନମାନଙ୍କରେ ଛାତ୍ରମାନଙ୍କୁ ଗ୍ରାମର ଅବସ୍ଥା ବିଷୟରେ ଓ ସେଥିପାଇଁ ଆବଶ୍ୟକୀୟ କାର୍ଯ୍ୟ ସମ୍ବନ୍ଧରେ ମଧ୍ୟ ଶିକ୍ଷା ଦିଆ ଯାଉଅଛି । ତଦ୍ଦ୍ୱାରା ସେମାନେ ଫସଲ ଆମଦାନି ସମୟରେ ନିଜ ନିଜ ପରିବାରକୁ ସାହାଯ୍ୟ କରି ପାରିବେ । ଛାତ୍ରମାନେ ଯେପରି ପରିଶ୍ରମର ମୂଲ୍ୟ ବୁଝି ପାରିବେ ସେଥିପାଇଁ କୃଷିକ୍ଷେତ୍ରର କାର୍ଯ୍ୟ ସହିତ ସେମାନଙ୍କୁ ସଂଯୁକ୍ତ ରଖା ଯାଇଅଛି ।

ଯେଉଁ ସବୁ ଗ୍ରାମରେ ବାଳିକାମାନଙ୍କ ପାଇଁ ପୃଥକ ବିଦ୍ୟାଳୟ ନାହିଁ, ସେଠାରେ ସେମାନଙ୍କୁ ବାଳକମାନଙ୍କ ସଙ୍ଗେ ଏକତ୍ର ଶିକ୍ଷା ଦିଆ ଯାଉଅଛି ଏବଂ ପ୍ରାୟ ୧୦୦ ଗୋଟି ବିଦ୍ୟାଳୟରେ ବାଳକ ବାଳିକା ଏକତ୍ର ଅଧ୍ୟୟନ କରୁଅଛନ୍ତି ।

## ମହୀସୁର
### ୧୯୩୬–୩୭ ସାଲର ବାର୍ଷିକ ବିବରଣୀ

ବର୍ଷ ମଧ୍ୟରେ ଭୂମି-ରାଜସ୍ୱ ୪,୦୦,୨୪,୨୫୨ ଟଙ୍କା ଆଦାୟ ହୋଇଥିଲା ଓ ରାଜସ୍ୱ ବିଭାଗରେ ୩,୯୦,୪୬,୯୩୧ ଟଙ୍କା ବ୍ୟୟ ହୋଇଥିଲା । ଗଚ୍ଛିତ ପାଣ୍ଠିରେ ନଅ ଲକ୍ଷ ଟଙ୍କା ଜମା ଦିଆ ଯାଇଥିଲା । ରାଜସ୍ୱ ଆୟରୁ ଏ ସମସ୍ତ ଖର୍ଚ୍ଚ ଯାଇ ବାକି ୧,୬୭,୩୨୧ ଟଙ୍କା ବଳକା ରହିଥିଲା । ରାଜସ୍ୱ ଆୟରେ ଷ୍ଟାମ୍ପ ଓ ଖଣିଜ ବିଭାଗରେ ପ୍ରାୟ ୩½ ଲକ୍ଷ ଟଙ୍କା ବୃଦ୍ଧି ହୋଇଥିଲା । ଚନ୍ଦନ ତେଲ, କାଠ ଓ ହାତୀ ଦାନ୍ତ ଇତ୍ୟାଦିରେ ଅନେକ ଟଙ୍କା ଆଦାୟ ହୋଇଥିବାରୁ ଜଙ୍ଗଲ ବିଭାଗର ଆୟ ପ୍ରାୟ ସାତ ଲକ୍ଷ ଟଙ୍କା ବଢ଼ି ଯାଇଥିଲା । ଖର୍ଚ୍ଚମଧ୍ୟରୁ ବ୍ରିଟିଶ୍ ସରକାରଙ୍କୁ ବାର୍ଷିକ କର ହିସାବ ୨୪½ ଲକ୍ଷ ଟଙ୍କା ଦିଆ ଯାଇଥିଲା ।

ସାଧାରଣ ଶିକ୍ଷା ବିଭାଗର ଖର୍ଚ୍ଚ ୪୯,୨୯,୦୦୦ ଟଙ୍କାରୁ ୫୨,୭୭,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇଥିଲା ଏବଂ ସେଥିମଧ୍ୟରୁ ମହୀସୁର ବିଶ୍ୱବିଦ୍ୟାଳୟକୁ ୧.୪୦ ଲକ୍ଷ ଟଙ୍କା ଦିଆ ଯାଇଥିଲା । ଅବଶିଷ୍ଟ ଟଙ୍କା ମଧ୍ୟରୁ ବେଶୀ ଭାଗ ପ୍ରାଥମିକ ଓ ମଧ୍ୟ ଇଂରାଜୀ ବିଦ୍ୟାଳୟମାନଙ୍କୁ ଦାନ କରା ଯାଇଥିଲା ।

ରାଜ୍ୟ ମଧ୍ୟରେ ଥିବା ବିଦ୍ୟାଳୟ ଗୁଡ଼ିକର ସଂଖ୍ୟା ୬,୭୯୭ ରୁ ୬,୮୯୩ ପର୍ଯ୍ୟନ୍ତ ଓ ଛାତ୍ର ସଂଖ୍ୟା ୩୦୭,୨୩୩ ରୁ ୩୨୬,୮୧୧ ପର୍ଯ୍ୟନ୍ତ ବୃଦ୍ଧି ହୋଇଥିଲା । ଏହି ବିଦ୍ୟାଳୟ ଗୁଡ଼ିକ ମଧ୍ୟରୁ ୫୯୦ ଗୋଟି ବିଦ୍ୟାଳୟରେ ୩୮,୩୯୧ ଜଣ ବାଳିକାଙ୍କୁ ଶିକ୍ଷା ଦିଆ ଯାଉଥିଲା । ସ୍ତ୍ରୀଶିକ୍ଷା ପାଇଁ ୭ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟିତ ହୋଇଥିଲା । ମୁସଲମାନ ବାଳକ ଓ ବାଳିକାମାନଙ୍କ ପାଇଁ ପ୍ରାୟ ୬ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇ ୮୯୭ ଗୋଟି ପୃଥକ୍ ବିଦ୍ୟାଳୟ ରଖା ଯାଇଥିଲା । ହରିଜନମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ୫୦୫ ଗୋଟି ବିଦ୍ୟାଳୟରେ ୧୧,୪୭୦ ଜଣ ହରିଜନ ବାଳକ ଅଧ୍ୟୟନ କରୁଥିଲେ । ଏହା ଛଡ଼ା ବିକଳାଙ୍ଗମାନଙ୍କ ପାଇଁ ଦୁଇ ଗୋଟି ବିଦ୍ୟାଳୟ, ୧୧ ଟି ଶିଳ୍ପ ବିଦ୍ୟାଳୟ, ଗୋଟିଏ ଇଞ୍ଜିନିୟରିଂ ସ୍କୁଲ ଓ ୧୪ ଗୋଟି କମାର୍ସିଏଲ ବିଦ୍ୟାଳୟ ରାଜ୍ୟ ମଧ୍ୟରେ ଥିଲା ।

ରାଜ୍ୟ ମଧ୍ୟରେ ବିଦ୍ୟାଳୟକୁ ଯିବା ବୟସର ମୋଟ ଛାତ୍ରଛାତ୍ରୀ ସଂଖ୍ୟା ଅନୁପାତରେ ଉପରୋକ୍ତ ଅନୁଷ୍ଠାନଗୁଡ଼ିକରେ ଶତକରା ୩୫.୨୬ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିଲେ । ବିଶ୍ୱବିଦ୍ୟାଳୟର ଛାତ୍ର ସଂଖ୍ୟା ୨,୮୧୨ ରୁ ୨,୯୩୮ ପର୍ଯ୍ୟନ୍ତ ବୃଦ୍ଧି ହୋଇଥିଲା ଓ ସେମାନଙ୍କ ମଧ୍ୟରୁ ୨୧୧ ଜଣ ଛାତ୍ରୀ ଥିଲେ । ବାଙ୍ଗାଲୋର ସହରରେ ସ୍ତ୍ରୀଲୋକମାନଙ୍କ ପାଇଁ ସ୍ଥାପିତ ଇଣ୍ଟରମିଡିଏଟ୍ କଲେଜକୁ ନୂତନ ନିର୍ମିତ ଗୃହକୁ ପରିବର୍ତ୍ତିତ କରା ଯାଇଥିଲା ।

### ଶିଳ୍ପ

ମହୀସୁରର ଅନ୍ୟାନ୍ୟ ଶିଳ୍ପ ଅନୁଷ୍ଠାନ ମଧ୍ୟରେ ଲୌହ କାରଖାନା ସବୁଠାରୁ ବଡ଼ । ଏହି କାରଖାନାରୁ ହାରାହାରି ବାର୍ଷିକ ୧୬ ଲକ୍ଷ ଟଙ୍କାର ଲୌହ ସାମଗ୍ରୀ ବିକ୍ରି ହୋଇଥାଏ । ବର୍ଣ୍ଣିତ ବର୍ଷ ୩୨ ଲକ୍ଷ ଟଙ୍କାର ଜିନିଷ ବିକ୍ରୟ ହୋଇ ୧,୩୮,୮୨୭ ଟଙ୍କା ଲାଭ ମିଳିଥିଲା । ସ୍ଥାନୀୟ ଓ ବିଦେଶୀ ବ୍ୟବସାୟୀଙ୍କ ପ୍ରତିଯୋଗିତା ଏବଂ ଆବଶ୍ୟକୀୟ କଞ୍ଚା ଜିନିଷଗୁଡ଼ିକର ମୂଲ୍ୟ ବୃଦ୍ଧି ହୋଇଥିବା ସ୍ଥଳେ ମହୀସୁର ସାବୁନ କାରଖାନାର ଆମଦାନି ଓ ବିକ୍ରି ଯଥେଷ୍ଟ ବୃଦ୍ଧି ପାଇଥିଲା । କେନ୍ଦ୍ର ଶିଳ୍ପ କାରଖାନାରେ ୧,୨୨,୨୦୭ ଟଙ୍କା ମୂଲ୍ୟର ଜିନିଷ ତିଆରି ହୋଇଥିଲା । ଇଣ୍ଡଷ୍ଟ୍ରିଏଲ ଏବଂ ଟେଷ୍ଟିଂ ଲାବରେଟୋରୀରେ ପ୍ରସ୍ତୁତ ଔଷଧର ଉପାଦାନଗୁଡ଼ିକର ଆମଦାନି ଓ ବିକ୍ରି ଆଶାତୀତ ଭାବରେ ବୃଦ୍ଧି ପାଇଥିଲା । ରାଜ୍ୟର ଇଲେକ୍ଟ୍ରିକ୍ କାରଖାନାରେ ଶିଳ୍ପ କାରଖାନାମାନଙ୍କରେ ବ୍ୟବହୃତ ସମସ୍ତ ପ୍ରକାର ଇଲେକ୍ଟ୍ରିକ୍ ସରଞ୍ଜାମ ପ୍ରସ୍ତୁତ କରା ଯାଇଥିଲା । ସିମେଣ୍ଟ୍ କାରଖାନା ପାଇଁ ସର୍ବ ପ୍ରଥମେ ୫.୫୦ ଲକ୍ଷ



Digitized by srujanika@gmail.com

ଟଙ୍କାର ଗୋଟାଏ ମୋଟାମୋଟି ଖର୍ଚ୍ଚ ନିର୍ଦ୍ଧାରଣ କରା ଯାଇଥିଲା । ତାହା ବର୍ତ୍ତମାନ ୯.୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବଢ଼ାଇ ଦିଆ ଯାଇଅଛି ।

## ଚିକିତ୍ସା ଅନୁଷ୍ଠାନ

ଚିକିତ୍ସା-ଅନୁଷ୍ଠାନ ଗୁଡ଼ିକର ସଂଖ୍ୟା ଗତ ୨୪ ବର୍ଷ ମଧ୍ୟରେ ପ୍ରାୟ ଦୁଇ ଗୁଣ ବଢ଼ି ଯାଇଅଛି । ୧୯୧୦ ମସିହାରେ ପ୍ରାୟ ପ୍ରତି ୧୯୭ ବର୍ଗ ମାଇଲରେ ଗୋଟିଏ ଲେଖାଏଁ ଡାକ୍ତରଖାନା ଥିଲା । କିନ୍ତୁ ବର୍ତ୍ତମାନ ୧୦୪ ବର୍ଗ ମାଇଲରେ ଗୋଟିଏ ଲେଖାଏଁ ଡାକ୍ତରଖାନା ସ୍ଥାପିତ ହୋଇଅଛି ଓ ପ୍ରତି ବର୍ଷ ପ୍ରାୟ ନୂଆ ଡାକ୍ତରଖାନା ଗୃହମାନ ପ୍ରସ୍ତୁତ ହେଉଅଛି । ୧୯୩୬ ମସିହାରେ ମାନସିକ ବ୍ୟାଧି ଚିକିତ୍ସା ପାଇଁ ଗୋଟିଏ ଡାକ୍ତରଖାନା ଓ ଶିଶୁ-ମାନଙ୍କ ପାଇଁ ଗୋଟିଏ ଡାକ୍ତରଖାନା ନିର୍ମିତ ହୋଇଅଛି ।

## ଗ୍ରାମ ସଂଗଠନ

ଗ୍ରାମ୍ୟ ପଞ୍ଚାୟତ ଗୁଡ଼ିକ ବିଶେଷ ଉତ୍ସାହ ସହିତ ଗ୍ରାମ ସଂଗଠନ କାର୍ଯ୍ୟ ଚଳାଉ ଅଛନ୍ତି । ପ୍ରାୟ ଦୁଇ ଲକ୍ଷ ଟଙ୍କା ମୂଲ୍ୟର କାର୍ଯ୍ୟ ଶ୍ରମିକମାନଙ୍କୁ ଯୋଗାଇଥିବା ସତ୍ତ୍ୱେ ସେମାନେ ଅଧିକର ୬,୬୪,୮୯୭ ଟଙ୍କା ଗ୍ରାମ ସଂଗଠନ କାର୍ଯ୍ୟରେ ପଞ୍ଚାୟତ ପାଣ୍ଠିରୁ ବ୍ୟୟ କରିଅଛନ୍ତି । ବର୍ଷ ଶେଷ ବେଳକୁ ୧୨୨ ଗୋଟି ପଞ୍ଚାୟତ ଅନୁଷ୍ଠାନରେ ବିଜୁଳିବତୀ ଦିଆ ଯାଇଥିଲା ।

## ଭବନଗର

### ଗ୍ରାମ ସଂଗଠନ ପାଇଁ ନୂତନ ବ୍ୟବସ୍ଥା

ଭବନଗର ରାଜ୍ୟରେ ସ୍ଥାପିତ ପଞ୍ଚାୟତ ଅନୁଷ୍ଠାନ ଗୁଡ଼ିକର ପ୍ରଧାନ ଉଦ୍ଦେଶ୍ୟ, ନିର୍ଦ୍ଦିଷ୍ଟ ଗ୍ରାମର ଶାସନଭାର ଗ୍ରାମବାସୀମାନଙ୍କ ଉପରେହିଁ ନ୍ୟସ୍ତ କରିବା । ବାହାରର ଶାସନ-ପଦ୍ଧତି ସହିତ ତାଙ୍କର ସମ୍ବନ୍ଧ ଖୁବ୍ କମ ରହିବ । ଶୁଣାଯାଏ ଯେ ଉକ୍ତ ପଞ୍ଚାୟତ ପ୍ରଥା ୧୯୯୨ ସମ୍ବତ୍‌ରେ ସୁନ୍ଦର ରୂପେ କାର୍ଯ୍ୟ ଚଳାଇଥିଲା ଓ ଅଧିକ ୨୯ ଗୋଟି ଗ୍ରାମ ଏହି ପଞ୍ଚାୟତ ବ୍ୟବସ୍ଥା ଗ୍ରହଣ କରିଥିଲେ । ଗଠିତ ପଞ୍ଚାୟତ ସଂଖ୍ୟା ମୋଟରେ ୬୦ ଗୋଟି ହୋଇଥିଲା । ପଞ୍ଚାୟତ ଥିବା ଗ୍ରାମମାନଙ୍କରୁ ଯଥା ସମୟରେ ଓ ଶୃଙ୍ଖଳାରେ ଭୂମିରାଜସ୍ୱ ଆଦାୟ ହେଉଅଛି । କିନ୍ତୁ ଯେଉଁ ଗ୍ରାମ-ମାନଙ୍କରେ ପଞ୍ଚାୟତ ନାହିଁ ଓ ଭୂମି-ରାଜସ୍ୱ ରାଜସ୍ୱ-କର୍ମଚାରୀମାନଙ୍କ ଦ୍ୱାରା ଆଦାୟ ହୁଏ, ସେଠାରେ ସେପରି ଭାବରେ କାର୍ଯ୍ୟ ହୋଇ ପାରୁନାହିଁ ।

ଏହି ସମସ୍ତ ପଞ୍ଚାୟତ ଓ ପ୍ରତିଷ୍ଠିତ ଗ୍ରାମୋନ୍ନତି ପାଣ୍ଠି ସାହାଯ୍ୟରେ ଭବନଗର ରାଜସରକାର କୃଷକମାନଙ୍କର ଋଣଭାର ଲାଘବ କରିବା ପାଇଁ ବ୍ୟବସ୍ଥା କରୁଅଛନ୍ତି । ଉକ୍ତ ପାଣ୍ଠି ପାଇଁ ରାଜଦରବାର ୨୮ ଲକ୍ଷ ଟଙ୍କା ଦାନ କରିଅଛନ୍ତି । ଗ୍ରାମୋନ୍ନତି ପାଣ୍ଠିରୁ ଯେଉଁ ସୁଧ ଆଦାୟ ହୁଏ, ତାହା ବିଶେଷ ଭାବରେ କୃଷକ ଶ୍ରେଣୀର ଛାତ୍ରମାନଙ୍କ ଶିକ୍ଷା ପାଇଁ ବୃତ୍ତି ଦେବାରେ ଓ ସାଧାରଣ ହିତକର କାର୍ଯ୍ୟରେ ଆଂଶିକ ଭାବରେ ବ୍ୟୟ କରାଯାଏ । ଶେଷୋକ୍ତ ସ୍ଥଳରେ ଗ୍ରାମବାସୀମାନେ ନିଜ ନିଜ ମଧ୍ୟରୁ ଚାନ୍ଦା ରୂପେ ଯେଉଁ ଟଙ୍କା ସଂଗ୍ରହ କରିଥାଅନ୍ତି, ସରକାର ଅତି ସେତିକି ଟଙ୍କା ଉକ୍ତ ପାଣ୍ଠିର ସୁଧରୁ ଦିଅନ୍ତି । ଗତ ବର୍ଷ ଏହି ପାଣ୍ଠିରୁ ୧୫୪ ଗୋଟି ଗ୍ରାମକୁ ଓ ଚଳିତ ବର୍ଷ ୩୩୯ ଗୋଟି ଗ୍ରାମକୁ ସାହାଯ୍ୟ ମିଳିଥିଲା । ଗୋ-ଜାତିର ଉନ୍ନତି ନିମନ୍ତେ ମଧ୍ୟ ସରକାର ବିହିତ ବ୍ୟବସ୍ଥା କରୁଅଛନ୍ତି । ଏ ସମ୍ବନ୍ଧେ ଏକ ବିବରଣୀରୁ ଜଣାଯାଏ ଯେ ଯଦି ଭବନଗର ରାଜ୍ୟର ପ୍ରତ୍ୟେକ କୃଷକ ଗୋଟିଏ ଲେଖାଏଁ ଦୁଇଟି ଗାଈ ରଖି ନିଜ ନିଜର ଆବଶ୍ୟକୀୟ ବଳଦ ସଂଖ୍ୟା ବୃଦ୍ଧି କରନ୍ତି, ତାହାହେଲେ ସବୁ କୃଷକଙ୍କ ଦ୍ୱାରା ବାର୍ଷିକ ୩୪ ଲକ୍ଷ ଟଙ୍କା ସହଜରେ ରାଜ୍ୟ ଭିତରେ ରକ୍ଷା ହୋଇ ପାରିବ ।

## ଜାମୁ ଓ କାଶ୍ମୀର

### ସମ୍ବତାବ୍ଦ ୧୯୯୨-୯୩

ପୂର୍ବ ବର୍ଷ ଷ୍ଟେଟ୍‌ର ସର୍ବ ମୋଟ ଆୟ ୨୩୩ ଲକ୍ଷ ଟଙ୍କା ସ୍ଥଳେ ବର୍ଣ୍ଣିତ ବର୍ଷ ଅଧିକ ଦୁଇ ଲକ୍ଷ ଟଙ୍କା ଅଧିକ ହୋଇଥିଲା । ଷ୍ଟେଟ୍‌ର ମୋଟ ବ୍ୟୟ ମଧ୍ୟ ତଦନୁପାତରେ ପୂର୍ବ ବର୍ଷର ୨୩୦½ ଲକ୍ଷରୁ ୨୩୯ ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା । ଭୂମିରାଜସ୍ୱ ପୂର୍ବ ବର୍ଷର ୬୨½ ଲକ୍ଷରୁ ୬୪½ ଲକ୍ଷ ଓ ବାଣିଜ୍ୟ ଶୁଳ୍କ ୬୩½ ଲକ୍ଷରୁ ୬୫¾ ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା । କେବଳ ଜଙ୍ଗଲ ବିଭାଗର ଆୟରେ ସାମାନ୍ୟ ହ୍ରାସ ଦେଖା ଯାଇଥିଲା । ମୋଟରେ ଉକ୍ତ ବିଭାଗରୁ ୪୩½ ଟଙ୍କା ଆଦାୟ ହୋଇଥିଲା ।

## କୃଷି ଓ ରେଶମଚାଷ

ଜାମୁ ଓ କାଶ୍ମୀର ରାଜ୍ୟର ଲୋକମାନଙ୍କର ପ୍ରଧାନ ବ୍ୟବସାୟ କୃଷି ଓ ରେଶମ ଏବଂ ପ୍ରଧାନ ସହକାରୀ ଶିଳ୍ପ ଛିଟକାମ । ଷ୍ଟେଟ୍ ବର୍ତ୍ତମାନ ଭାରତୀୟ କୃଷି-ଗବେଷଣା ସଭାର ଜଣେ ସ୍ଥାୟୀ ସଭ୍ୟ । ସେଠାରେ କୃଷି ଉଦ୍ୟାନ ଗୁଡ଼ିକର ଉନ୍ନତି ଦିଗରେ ବିହିତ ବ୍ୟବସ୍ଥା ହେଉଥିବାର ଜଣାଯାଏ । କୃଷି-ବିଭାଗ କାଶ୍ମୀର ପ୍ରଦେଶରେ ୧୧ ଗୋଟି ଓ ଜାମୁ ପ୍ରଦେଶରେ ୨ ଗୋଟି ଉଦ୍ୟାନ ସ୍ଥାପନ କରିଅଛନ୍ତି । ଉକ୍ତ ଉଦ୍ୟାନମାନଙ୍କରୁ ପ୍ରାୟ ୧,୬୫,୦୦୦ ରୁ ଅଧିକ ସଂଖ୍ୟକ ଫଳନ୍ତ-ବୃକ୍ଷର କଲମି ଚାରା ବଣ୍ଟା ଯାଇଥିଲା ଓ ସେଥି ମଧ୍ୟରୁ ଶତକଡ଼ା ୩୮ ଭାଗ ଚାରା ବିନା ମୂଲ୍ୟରେ କିମ୍ବା ଖୁବ ସ୍ୱଳ୍ପ ମୂଲ୍ୟରେ ଦିଆ ଯାଇଥିଲା ।

ଅଧିକନ୍ତୁ ମଧ୍ୟ ପ୍ରକାଶ ଯେ ରେଶମ-ବିଭାଗ ଏ ବର୍ଷ ଯେଉଁ ବିହନ ଗୁଟି ବଣ୍ଟନ କରିଥିଲେ, ତାହା ଅନ୍ୟ ବର୍ଷ ଅପେକ୍ଷା ଅନେକ ବେଶୀ । ଚାଷୀ ସଂଖ୍ୟା ମଧ୍ୟ ପୂର୍ବ ବର୍ଷର ୪୭,୯୨୯ ରୁ ବର୍ଣ୍ଣିତ ବର୍ଷରେ ୪୯,୩୧୯ ପର୍ଯ୍ୟନ୍ତ ବୃଦ୍ଧି ହୋଇଥିଲା । କିନ୍ତୁ ଉପରର ଆମଦାନି



Digitized by srujanika@gmail.com

ମୋଟାମୋଟି ଅନେକ ପରିମାଣରେ କମ ହୋଇଥିଲା । ଶୁଣାଯାଏ ଯେ ବିଦେଶୀ ବିହନରେ ଯେତେ ବେଶୀ ପରିମାଣରେ ଫସଲ ଅମଦାନି ହୁଏ, ସ୍ଥାନୀୟ ବିହନରେ ତାହା ଅପେକ୍ଷା ଅନେକ କମ ହୁଏ । କୃଷୀମାନଙ୍କୁ ଉକ୍ତ କ୍ଷତିରୁ ରକ୍ଷା କରିବା ପାଇଁ ସରକାର ବିହନ ସଂଗ୍ରହ କରିବା ସକାଶ ଦଶ ଗୋଟି ଗୃହ ନିର୍ମାଣର ଖର୍ଚ୍ଚ ମଞ୍ଜୁର କରିଅଛନ୍ତି ।

## ଅନ୍ୟାନ୍ୟ ଶିଳ୍ପ

କାଶ୍ମୀର ସରକାର କାଶ୍ମୀରର ପ୍ରସିଦ୍ଧ ସୂଚୀ-ବୁଣା ଶିଳ୍ପକୁ ବୈଦେଶିକ ପ୍ରତିଯୋଗିତାରୁ ରକ୍ଷା କରିବା ନିମନ୍ତେ ଆଗାମୀ ତିନି ବର୍ଷ ପାଇଁ ୭୫୦୦୦ ଟଙ୍କା ସାହାଯ୍ୟ କରିଅଛନ୍ତି । ରେଶମ ଓ ପଶମ ବୁଣା କାଶ୍ମୀରର ପ୍ରଧାନ କୁଟୀର ଶିଳ୍ପ । ଆଧୁନିକ ଯନ୍ତ୍ର ସାହାଯ୍ୟରେ ଏହାର କିପରି ଉନ୍ନତି ହୋଇପାରେ ତାହା କାର୍ଯ୍ୟରେ ଦେଖାଇ ଦେବା ପାଇଁ ସରକାର ବନ୍ଦୋବସ୍ତ କରୁଅଛନ୍ତି । ସରକାର ପ୍ରତି ବର୍ଷ ଯେଉଁ ଶିଳ୍ପ ପ୍ରଦର୍ଶନୀ ଖୋଲୁଅଛନ୍ତି ତାହା ଦିନକୁ ଦିନ ଲୋକପ୍ରିୟ ହେଉଥିବାର ଜଣାଯାଏ ।

## ଶିକ୍ଷାର ଉନ୍ନତି

ବର୍ତ୍ତିତ ବର୍ଷ ମଧ୍ୟରେ ଶିକ୍ଷା ବିଭାଗର ଉନ୍ନତି ଉଲ୍ଲେଖଯୋଗ୍ୟ । ବାଳକମାନଙ୍କ ପାଇଁ ୭ ଗୋଟି ମଧ୍ୟ-ଇଂରାଜୀ ଏବଂ ୩୦ ଗୋଟି ପ୍ରାଥମିକ ବିଦ୍ୟାଳୟ ଓ ବାଳିକାମାନଙ୍କ ପାଇଁ ୨ ଗୋଟି ମଧ୍ୟ-ଇଂରାଜୀ ଏବଂ ୧୦ ଗୋଟି ପ୍ରାଥମିକ ବିଦ୍ୟାଳୟ ନୂତନ ପ୍ରତିଷ୍ଠିତ ହୋଇଥିଲା । ସ୍ତ୍ରୀପୁରୁଷମାନଙ୍କ ପାଇଁ ମୋଟରେ ୧,୧୯୮ ଗୋଟି ଶିକ୍ଷାନୁଷ୍ଠାନ ଏ ପର୍ଯ୍ୟନ୍ତ ଖୋଲାଯାଇଅଛି । ସେଥିମଧ୍ୟରୁ ୨ ଗୋଟି ଆର୍ଟ କଲେଜ, ୧୫ ଗୋଟି ସରକାରୀ ଓ ସାତ ଗୋଟି ସାହାଯ୍ୟପ୍ରାପ୍ତ ଉଚ୍ଚ ଇଂରାଜୀ ବିଦ୍ୟାଳୟ । ସେଗୁଡ଼ିକର ମୋଟ ଛାତ୍ରସଂଖ୍ୟା ୧୪,୩୫୬ । ଶିକ୍ଷା ବିଭାଗର ଖର୍ଚ୍ଚ ୧୫,୪୪,୦୦୦ ଟଙ୍କାରୁ ବର୍ତ୍ତିତ ବର୍ଷରେ ୧୫,୭୭,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାହୋଇଥିଲା ।

## ପତ୍ରିକା ଓ ସଭାସମିତିର ସ୍ୱାଧୀନତା

ରାଜ୍ୟରେ ଅନେକ ଗୁଡ଼ିଏ ସମ୍ବାଦପତ୍ର ପ୍ରକାଶିତ ହେଉଅଛି । ଦୁଇ ଗୋଟି ଇଂରାଜୀ ଓ ଅବଶିଷ୍ଟ ଗୁଡ଼ିକ ମାତୃଭାଷାରେ ପ୍ରକାଶିତ । ଅଧିକାଂଶ ପତ୍ରିକା ସାପ୍ତାହିକ ଓ କେବଳ ଗୋଟିଏ ଦୈନିକ । ସେଗୁଡ଼ିକ ମଧ୍ୟରୁ ଅଧେ ହିନ୍ଦୁ ମତ ଓ ଅଧେ **ମୁସଲମାନ ମତ ବ୍ୟକ୍ତ କରନ୍ତି** ! ଗୋଟିଏ କେବଳ **ଶିଖ** ପତ୍ରିକା । ବର୍ତ୍ତିତ ବର୍ଷ ୩ ଜଣ ଆପତ୍ତିଜନକ ବକ୍ତୃତା ଦେଇଥିବାରୁ ଅଭିଯୁକ୍ତ ହୋଇଥିଲେ ।

# ଝିଟିଙ୍ଗି

**ଶ୍ରୀ ଗିରୀଶ ଚନ୍ଦ୍ର ପାଣିଗ୍ରାହୀ**

( ପୂର୍ବାନୁବୃତ୍ତି )

ଲୁହି ଅଛି ସୃଷ୍ଟି-ଶୋଭା ରାଶି ରାଶି
ସୁଷମା-ତରଙ୍ଗେ ବୁଲୁଛୁ ତୁ ଭାସି । ୯୭ ।
ସୂଚିକ୍କଣ କଳା ମସୃଣ ପଥରେ
ତୋ ମୃଣାଳ-ବର୍ଣ୍ଣ ଗଢ଼ା ସୁବେଳରେ । ୯୮ ।
ପଥର-ଫୁଲ ତ ଜଗତେ ନ ଫୁଟେ
ତୋତେ ଦେଖି ମନ ସେ ଧାରଣା ତୁଟେ । ୯୯ ।
ଫୁଟିଯାଇ ଫୁଲ ଲୋଟୁଛି ତୋ ଦେହେ
ଲୁଟନ୍ତି ମାନବ-ମଧୁପ ସେନେହେ । ୧୦୦ ।
କୁହୁକ ଲଗାଇ ଦେଖାଉ ଯେମନ
ଫୁଟିଥାଇ ବୃକ୍ଷେ ସୁମନ ଯେସନ । ୧୦୧ ।
ଅତି ଆହ୍ଲାଦରେ ବଢ଼ାଇଣି କର
ଛୁଇଁଦେଲେ କିନ୍ତୁ ଜାଣୁ ତୁ ପଥର । ୧୦୨ ।
ଆକାଶ ପରଶି ଟେକି ଅଛୁ ଚୂଡ଼ା
ଅଇଁଲା ବେଣୀଟି ତହିଁ ପରେ ଗୁଡ଼ା । ୧୦୩ ।
ଲୁଗାଇ ମସ୍ତକେ ବାନ୍ଧି ଜାଲ-ପାଟ
ଅଛୁଁ ଏ ମହୀରେ ମନ୍ଦିର-ସମ୍ରାଟ । ୧୦୪ ।
ବୋଲି ତୋ ନିର୍ମାତା କହିଗଲେ ଅବା
ସେ ଦିନୁ ହେଲୁକି ମନ୍ଦିର-ମଘବା । ୧୦୫ ।
ନିଶୂଳେ ସଲଗ୍ନ ହୋଇ ଚକ୍ର ଏକ
ତା' ପରେ ବସିଣ ଦେଖାଏ ତୋ ଟେକ । ୧୦୬ ।
ଦୂର-ଜନେ ତୋତେ ଦେଖାଇବା ପାଇଁ
ଡାକେ ବା ନିଶୂଳ ଅଙ୍ଗୁଳି ଦେଖାଇ । ୧୦୭ ।
" ଆସ ଦେଖ ମୋର ଲାବଣ୍ୟ- ପ୍ରତିମା
ଅଖିଳ- ସୁଷମା-ଉପମାର ସୀମା " । ୧୦୮ ।




Digitized by srujanika@gmail.com

# ସମ୍ବାଦ ଓ ସଙ୍କେତ

## ଶ୍ରୀମନ୍ ମହାରାଜାଙ୍କ ଜନ୍ମୋତ୍ସବ

ଗତ ମାର୍ଚ୍ଚ ମାସ ୩ୟ ତାରିଖରେ ମୟୂରଭଞ୍ଜ ରାଜ୍ୟର ପ୍ରଜାମାନେ ମହା ସମାରୋହରେ ମହାମାନ୍ୟ ମହାରାଜା ଶ୍ରୀ ପ୍ରତାପଚନ୍ଦ୍ର ଭଞ୍ଜ ଦେଓ, କେ. ସି. ଆଇ. ଇ. ଙ୍କର ସପ୍ତତ୍ରିଂଶ ଜନ୍ମଦିନ ଉତ୍ସବ ପାଳନ କରିଥିଲେ । ଏଥିପାଇଁ ରାଜ୍ୟର ସର୍ବତ୍ର ଆନନ୍ଦର ଢେଉ ଖେଳି ଯାଇଥିଲା । ରାଜଧାନୀ ବାରିପଦାରେ ଅଧିକ ସମାରୋହରେ ଏହି ଉତ୍ସବ ପାଳିତ ହୋଇଥିଲା ।

ସକାଳ ହେବା ସଙ୍ଗେ ସଙ୍ଗେ ସହରର ସମସ୍ତ ରାଜ-କର୍ମଚାରୀ, ପ୍ରଜା ଓ ବ୍ୟବସାୟୀ ଉତ୍ସବ-ପ୍ରାଙ୍ଗଣରେ ଜୁଟି ହୋଇଥିଲେ । ସେଠାରେ ରାଜ-ପତାକା ଉତ୍ତୋଳନ କରି ଯାଇଥିଲା । ସମବେତ ଜନତା ଦଣ୍ଡାୟମାନ ହୋଇ ପତାକାକୁ ସମ୍ମାନ ପ୍ରଦର୍ଶନ କରିଥିଲେ । ବାରିପଦା ପୋଲିସ ଫୌଜ ପରେଡ୍ କରି ପତାକାକୁ ସମ୍ମାନ ଦେଖାଇଥିଲେ ଏବଂ ୨୦ ଗୋଟି ତୋପ ସଲାମି ଦିଆ ଯାଇଥିଲା । ସଭାପତି ଶ୍ରୀଯୁକ୍ତ ଲାଲମୋହନ ପତି ସମସ୍ତଙ୍କ ପକ୍ଷରୁ ମହାରାଜାଙ୍କର ସପ୍ତତ୍ରିଂଶ ଜନ୍ମଦିନ ଉପଲକ୍ଷରେ ତାହାଙ୍କୁ ଆନ୍ତରିକ ଶ୍ରଦ୍ଧା ଜ୍ଞାପନ କରି ତାଙ୍କର ଦୀର୍ଘ ଜୀବନ ଓ ଉତ୍ତରୋତ୍ତର ଉନ୍ନତି ପାଇଁ ପ୍ରାର୍ଥନା କରିବା ସକାଶେ ଏକ ପ୍ରସ୍ତାବ ଆଗତ କରିଥିଲେ । ସମସ୍ତେ ଦଣ୍ଡାୟମାନ ହୋଇ ଉକ୍ତ ପ୍ରସ୍ତାବକୁ ଗ୍ରହଣ କରିଥିଲେ । ମହାରାଜାଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ବୈଦିକ ଶ୍ଳୋକ ଆବୃତ୍ତି କରି ଯାଇଥିଲା ଏବଂ ବ୍ୟାଣ୍ଡ କର୍ତ୍ତୃକ ମୟୂରଭଞ୍ଜର ଜାତୀୟ ଗୀତ ବାଜିବା ପରେ ସଭା ଭଙ୍ଗ ହୋଇଥିଲା ।




ଶ୍ରୀମନ୍ ମହାରାଜାଙ୍କର ଜନ୍ମଦିନ ଉପଲକ୍ଷରେ କୀଚକେଶ୍ୱରୀ ମନ୍ଦିରରେ ପୂଜା ସମାପ୍ତ କରି ଫେରିବାର ଦୃଶ୍ୟ ।

ଦିବା ୧୦ ଟା ସମୟରେ ସମସ୍ତେ ରାଜପ୍ରାସାଦରେ ମହାରାଜାଙ୍କ ଦର୍ଶନ ଲାଭ କରି ସର୍ବସାଧାରଣଙ୍କର ଶୁଭ କାମନା ଜଣାଇଥିଲେ । ଶ୍ରୀମନ୍ ମହାରାଜା ସ୍ୱୀୟ ସ୍ୱଭାବସୁଲଭ ସରଳତାରେ ସମସ୍ତଙ୍କୁ ସେଥି-ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ତତ୍ପରେ ସେ ରାଜନଗରରେ ଅଧିଷ୍ଠାତ୍ରୀ ଦେବୀ କୀଚକେଶ୍ୱରୀଙ୍କ ମନ୍ଦିରରେ ଯଥାବିହିତ ପୂଜାରେ ଯୋଗଦାନ କରିଥିଲେ ।

ଏକ ବିସ୍ତୃତ କାର୍ଯ୍ୟନିର୍ଘଣ୍ଟ ଦ୍ୱାରା ଉକ୍ତ ଦିନଟି ଉତ୍ସବମୟ ହୋଇ ଉଠିଥିଲା । ଅପରାହ୍ଣରେ ମୟୂରଭଞ୍ଜର ଶ୍ରୀମନ୍ ରାଜତରୁଣ

ସାହେବ ସ୍ଥାନୀୟ କୃଷି-ଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ । ସ୍ୱୟଂ ମହାରାଜା ବାହାଦୁର ମଧ୍ୟ ଉପସ୍ଥିତ ହୋଇ ବାର୍ଷିକ ପୋଲିସ




ପ୍ରଦର୍ଶନୀ ଉଦ୍‌ଘାଟନ ପୂର୍ବରୁ ଦ୍ୱାରଦେଶରେ ଶ୍ରୀମାନ୍ ବନ୍ଦ୍ୟୋପାଧ୍ୟାୟ ସାହେବ ।

ପରେଡ୍ ଦେଖିଥିଲେ । ପରେଡ୍ ସରିବା ପରେ ପୋଲିସ ବିଭାଗର ପ୍ରଶଂସନୀୟ କାର୍ଯ୍ୟ କରିଥିବା କର୍ମଚାରୀମାନଙ୍କୁ ମହାରାଜା ମହୋଦୟ ପୁରସ୍କାର ବିତରଣ କରିଥିଲେ । ପାର୍ଟି ସମୟରେ ଉକ୍ତ ବିଭାଗର କର୍ମଚାରୀମାନେ ଭଦ୍ରବ୍ୟକ୍ତିମାନଙ୍କ ପାଇଁ ଗୋଟିଏ ପ୍ରୀତି ଭୋଜିର ବନ୍ଦୋବସ୍ତ କରିଥିଲେ । ଏହି ସମୟରେ ମୟୂରଭଞ୍ଜ ବ୍ୟୋମଯାନର ପ୍ରଧାନ ଚାଳକ ଉତ୍ସବ ସ୍ଥାନରେ ଉଡ଼ାଜାହାଜ ଦ୍ୱାରା ନାନା ପ୍ରକାର ଚମତ୍କାର ଗତି ଓ କୌଶଳ ଦେଖାଇ ସମସ୍ତଙ୍କୁ ମୁଗ୍ଧ ଓ ଚମତ୍କୃତ କରିଥିଲେ ।

ସନ୍ଧ୍ୟା ହେବା ସଙ୍ଗେ ସଙ୍ଗେ ସହରର ପ୍ରତ୍ୟେକ ଗୃହ ଆଲୋକମାଳାରେ ଭୂଷିତ ହୋଇ ଏକ ଅପରୂପ ଶୋଭା ଧାରଣ କରିଥିଲା । ପ୍ରଜା ଦରିଦ୍ର ସମସ୍ତେ ଦୀପାଳି ବସାଇ ମହାରାଜାଙ୍କ ଜନ୍ମୋତ୍ସବକୁ ଗୋଟିଏ ପୁଣ୍ୟ ଦିବସ ରୂପେ ପାଳନ କରିଥିଲେ । ପ୍ରଦର୍ଶନୀ ପ୍ରାଙ୍ଗଣ ଓ ପ୍ରମୋଦ-ଉଦ୍ୟାନ ନାନା ରଙ୍ଗର ଆଲୋକ ଓ ପତାକା ମାଳାରେ ସୁଶୋଭିତ ହୋଇ ଅତି ରମଣୀୟ ଦୃଶ୍ୟ ସୃଷ୍ଟି କରିଥିଲା । ରାତ୍ରିରେ ନଗର ସଂକୀର୍ତ୍ତନ ହୋଇଥିଲା । ଶେଷ ରାତି ପର୍ଯ୍ୟନ୍ତ ସାନ୍ତାଳ ନାଚ ଓ ବାଦ୍ୟର ବିରାମ ନ ଥିଲା । ସେହି ରାତିରେହିଁ ରାଜପ୍ରାସାଦରେ ସ୍ଥାନୀୟ କର୍ମଚାରୀ ଓ ଅନ୍ୟାନ୍ୟ ଭଦ୍ର ବ୍ୟକ୍ତିମାନେ ନିମନ୍ତ୍ରିତ ହୋଇ ଏକ ଭୋଜିରେ ଯୋଗ ଦେଇଥିଲେ । ଜନ୍ମଦିନ ସକାଶେ ଗଠିତ କମିଟି କାଙ୍ଗାଳି ଭୋଜନର ମଧ୍ୟ ବ୍ୟବସ୍ଥା କରିଥିଲେ ଏବଂ ଶହ ଶହ ଦୁଃଖୀ ରଙ୍କୀ ଆହାର କରି ଖୁସି ମନରେ ମହାରାଜାଙ୍କର ଜୟଗାନ କରିଥିଲେ ।

ଉକ୍ତ ଉତ୍ସବ ଆଠ ଦିନ ପର୍ଯ୍ୟନ୍ତ ସ୍ଥାୟୀ ରହିଥିଲା । ପ୍ରତି ଦିନ ଶହ ଶହ ଲୋକ କୃଷି-ଶିଳ୍ପ ପ୍ରଦର୍ଶନୀ ଦେଖିବାକୁ ଆସୁଥିଲେ । ଏହା ଛଡ଼ା ପ୍ରମୋଦ ଉଦ୍ୟାନରେ ସବାକ୍-ଚଳଚିତ୍ର, ରାଜ-ପ୍ରାସାଦରେ ନାଟକ ଅଭିନୟ ଓ ମ୍ୟୁନିସିପାଲିଟି ମାର୍କେଟରେ ବାଘ ନାଚ ଗାଆଣ ପ୍ରଭୃତି ନାନା ଆମୋଦ ପ୍ରମୋଦର ବ୍ୟବସ୍ଥା ହୋଇଥିଲା । ମାର୍ଚ୍ଚ ମାସ ୭ ତାରିଖରେ ବାରିପଦାର ଫ୍ରେଣ୍ଡ୍‌ସ୍ ରିକ୍ରିଏଶନ୍ କ୍ଲବ୍‌ର ସଭ୍ୟମାନେ ସ୍ଥାନୀୟ ଗୃପଲ ପୋଖରୀରେ ଏକ ସନ୍ତରଣ-ପ୍ରତିଯୋଗିତାର ବ୍ୟବସ୍ଥା କରିଥିଲେ ଏବଂ ସନ୍ଧ୍ୟା ସମୟରେ ଓଆଲଗଞ୍ଜ ଖେଳ ପଡ଼ିଆରେ ବାରିପଦା ଉଚ୍ଚ ଇଂରାଜୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା-ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମହାରାଜା ମହୋଦୟ ଉଲ୍ଲିଖିତ ପ୍ରତିଯୋଗିତା ଦୁଇଟିରେ ଉପସ୍ଥିତ ହୋଇ ପୁରସ୍କାର ବିତରଣ କରିଥିଲେ ।

କୃଷି-ଶିଳ୍ପ ପ୍ରଦର୍ଶନୀ ଶେଷ ହେବା ଦିନ ଉତ୍ସବ ପ୍ରାଙ୍ଗଣରେ ପ୍ରାଥମିକ ସ୍କୁଲର ଶିକ୍ଷକମାନେ ନାନା ପ୍ରକାର ବ୍ୟାୟାମ କୌଶଳ ଦେଖାଇଥିଲେ । ସେହି ଦିନ ଶ୍ରୀମନ୍ ମହାରାଜା ମହୋଦୟ



ପ୍ରଦର୍ଶନୀ ନଗରରେ ଷ୍ଟେଟ୍‌ର ଉଡ଼ାଜାହାଜ ଷ୍ଟେଟ୍ ପତାକାକୁ ପ୍ରଦକ୍ଷିଣ କରିବାର ଦୃଶ୍ୟ ।



Digitized by srujanika@gmail.com

ଗୋଟିଏ ସାଧାରଣ ସଭାରେ ସଭାପତିର ଆସନ ଅଳଙ୍କୃତ କରି ପ୍ରଦର୍ଶନୀକୁ ଉତ୍କୃଷ୍ଟ ପଦାର୍ଥ ଯୋଗାଇଥିବା ବ୍ୟକ୍ତିମାନଙ୍କୁ ପୁରସ୍କାର ଓ ପ୍ରଶଂସାପତ୍ରମାନ ଦାନ କରିଥିଲେ । ତତ୍ପରେ ମହାରାଜା ମହୋଦୟ ପ୍ରଦର୍ଶନୀ ସମ୍ପର୍କରେ କେତେଗୁଡ଼ିଏ ଉପାଦେୟ କଥା କହିଥିଲେ; ସେଥିର କେତେକ ଅଂଶର ମର୍ମ ନିମ୍ନରେ ଦିଆଗଲା ।

## ଶ୍ରୀମନ୍ ମହାରାଜାଙ୍କର ବାଣୀ

" ଏ ବର୍ଷର କୃଷି-ଶିଳ୍ପ ପ୍ରଦର୍ଶନୀର ଶେଷ ଦିନ ଆମ୍ଭେମାନେ ମିଳିତ ହୋଇଥାଉଁ । ମିଳନ ପରେ ବିଦାୟ ଦୁଃଖକର ହୋଇଥାଏ । ଗତ କେତେକ ଦିନ ଧରି ଯେଉଁ ଦେଖାଶୁଣା ଓ ଆନନ୍ଦ ଉତ୍ସବ ଚାଲିଥିଲା, ତାହା ଆଜି ଶେଷ ହେଉଅଛି । ମୁଁ



ଶ୍ରୀମନ୍ ମହାରାଜା କନ୍ଦନ ଉପଲକ୍ଷରେ ପ୍ରଦର୍ଶନୀ ମଣ୍ଡପରେ ସମବେତ ଜନତାର ସମ୍ମାନ ଗ୍ରହଣ କରିବା କାଳୀନ ଦୃଶ୍ୟ ।
ପାର୍ଶ୍ୱଦେଶରେ ମହାରାଜକୁମାରୀ ଓ ଖେଟ୍‌ରପ୍ ସାହେବ ।

ଆଶାକରେଁ, ତୁମ୍ଭେମାନେ ନିଜ ନିଜ ଘରକୁ ଫେରିଗଲେ ଏହି କେତୋଟି ଦିନକୁ ଅତି ମୂଲ୍ୟବାନ ରୂପେ ସ୍ମରଣ ରଖିବ; କାରଣ ତୁମ୍ଭମାନଙ୍କର ସମସ୍ତଙ୍କ ସମବେତ ଚେଷ୍ଟାରେହିଁ ଏହି ପ୍ରଦର୍ଶନୀ ଗଠିତ ।

" କୃଷିଠାରୁ ଅଧିକ ସୁଖକର ବ୍ୟବସାୟ ଆଉ କିଛି ଅଛି ବୋଲି ମୁଁ ଚିନ୍ତାକରି ପାରୁ ନାହିଁ । କୃଷକ ଶୁଷ୍କ ମୃତ୍ତିକା ମଧ୍ୟରୁ ସୁନ୍ଦର ଶସ୍ୟ ଉତ୍ପନ୍ନ କରେ । କ୍ଷୁଦ୍ର କ୍ଷୁଦ୍ର ଚାରା ଗଛଗୁଡ଼ିକର ଜୀବନ ଫୁଟି ଉଠିବାର ସେ ଦେଖେ ଏବଂ ସ୍ନେହସ୍ନିଗ୍ଧ ଆଦର ଯତ୍ନରେ ସେଗୁଡ଼ିକୁ ଲାଳିତ କରେ । ତାହାର ପ୍ରତ୍ୟେକ ଆଦରଯତ୍ନ ବୃକ୍ଷଗୁଡ଼ିକର ସୁନ୍ଦର ସୁପୁଷ୍ଟ ଶରୀରରେ ମନୋହର ପୁଷ୍ପ ଓ ସୁପକ୍ୱ ଫଳରେ ବିକାଶ ଲଭେ । ବର୍ତ୍ତମାନ ଏହି ପ୍ରଦର୍ଶନୀରେ ଉତ୍କୃଷ୍ଟ ଧରଣର କୃଷିର ନମୁନା ଦେଖି ସାଧାରଣ ଦର୍ଶକ ମଧ୍ୟ ଆନନ୍ଦ ଉପଭୋଗ କରୁଅଛନ୍ତି । ଏଣୁ ମୁଁ ଆଶାକରେଁ ଯେ ଆମ୍ଭର କୃଷକକୁଳ ଏଥିରୁ ଅତ୍ୟଧିକ ଉତ୍ସାହ ପାଇବେ । ଅନେକେ ଭାବନ୍ତି, କୃଷିବ୍ୟବସାୟରେ କାର୍ଯ୍ୟ ଅନୁସାରେ ଫଳ ମିଳେ ନାହିଁ ଏବଂ ଏହା ଅର୍ଥପ୍ରାପ୍ତି ଦୃଷ୍ଟିରେ ଲାଭଜନକ ନୁହେ । କିନ୍ତୁ ଏ କଥା ସମ୍ପୂର୍ଣ୍ଣରୂପେ ଭୁଲ ବିବାକୁ ହେବ । ଲୋକମାନେ ଯେଉଁଠି କୃଷିରେ ମନ ପ୍ରାଣ ଲଗାଇ କାର୍ଯ୍ୟ କରନ୍ତି ନାହିଁ ଏବଂ ଶସ୍ୟ ବା ବୃକ୍ଷଗୁଡ଼ିକ ପ୍ରତି ଉପଯୁକ୍ତ ଯତ୍ନ ନିଅନ୍ତି ନାହିଁ, ସେହିଠାରେହିଁ ଏହା କାର୍ଯ୍ୟ ଅନୁପାତରେ ଫଳ ଦିଏ ନାହିଁ । ପ୍ରକୃତ କୃଷକ ପକ୍ଷରେ ଶସ୍ୟ ଓ ବୃକ୍ଷଗୁଡ଼ିକ ନିଜର ସନ୍ତାନ-ସନ୍ତତି ତୁଲ୍ୟ--ନିୟମିତ ଆଦର ଓ ଯତ୍ନ ଲାଭ କଲେ ସେଗୁଡ଼ିକ ଅବଶ୍ୟ ସୁସ୍ଥ ଓ ସବଳ ହୋଇ ବଢ଼ିଉଠିବେ ।

" କୃଷି କାର୍ଯ୍ୟରେ ସମୟ ମଧ୍ୟେ ଅନେକ ଅବସର ମିଳେ । ସେହି ଅବସର ସମୟତକ କାଠକାମ ଓ ଚିତ୍ରକାମ ପ୍ରଭୃତି କୁଟୀର ଶିଳ୍ପରେ ନିୟୋଜିତ କରିବା ଉଚିତ । ଏ ସମ୍ବନ୍ଧେ ଆମ୍ଭର ଡେଭଲପ୍‌ମେଣ୍ଟ ଡିପାର୍ଟ୍‌ମେଣ୍ଟ ଅନେକ ବିଷୟ ଶିକ୍ଷା ଦେଉଅଛନ୍ତି । ଶିଶୁ କ୍ରୀଡ଼ାରେ ରତ ଥିବା କାଳରେ ମା ତାହାର ଗୃହକାର୍ଯ୍ୟରେ ବ୍ୟସ୍ତ ଥାଏ । ବୃକ୍ଷଗୁଡ଼ିକ ଜଳ ଓ ସାର ପାଇ ବଢ଼ିବା ସମୟରେ କୃଷକର ସାହାଯ୍ୟ ଲୋଡ଼ନ୍ତି ନାହିଁ, ସେତେବେଳେ କୃଷକ ଲାଭଜନକ କୁଟୀର ଶିଳ୍ପରେ ସମୟ ନିୟୋଜିତ କରିବା ଉଚିତ । ମୋହର ଏକାନ୍ତ ଇଚ୍ଛା—ଷ୍ଟେଟ୍ ଏ ସବୁ ବିଷୟରେ ଯେଉଁ ସବୁ ସୁବିଧା ଦେଉଅଛି, ମୋହ ରାଜ୍ୟର ପ୍ରଜାମାନେ ଅଧିକରୁ ଅଧିକ ସଂଖ୍ୟାରେ ତାହାର ସଦ୍ ବ୍ୟବହାର କରନ୍ତୁ । ଆଉ ମଧ୍ୟ ଷ୍ଟେଟ୍‌ର କାର୍ଯ୍ୟପନ୍ଥା ପ୍ରତି ଯେଉଁମାନଙ୍କର ଅବିଶ୍ୱାସ ବା ଅଶ୍ରଦ୍ଧା ଅଛି, ସେମାନେ ତାହା ମନରୁ ଦୂର କରିଦିଅନ୍ତୁ । ସେମାନଙ୍କର ବୁଝିବା ଆବଶ୍ୟକ ଯେ ନୂତନ ଟିକସ ବସାଇ ପୀଡ଼ା ଦେବା କିମ୍ବା କାହାରି ଅଭିସନ୍ଧାନରେ ବାଧା ଦେବା ଷ୍ଟେଟ୍‌ର କଦାପି ଉଦ୍ଦେଶ୍ୟ ନୁହେ । ପରନ୍ତୁ ସେମାନେ ପେଟପୂର ଭଲ ଖାଇବେ, ଭଲ ଭାବରେ ଚଳିବେ, ଭଲ



Digitized by srujanika@gmail.com

ସିଦ୍ଧବେ ଓ ସୁଖରେ ଜୀବନ ଯାପନ କରିବେ, ସେ ସମ୍ବନ୍ଧରେ ଉପଯୁକ୍ତ ଶିକ୍ଷା ଦେବା ପାଇଁ ଷ୍ଟେଟ୍ ରହିଅଛି । ଷ୍ଟେଟ୍‌ର କୌଣସି କାର୍ଯ୍ୟ ଯୋଗୁଁ କାହାର ଯଦି କଷ୍ଟ ହେଉଥାଏ, ତାହାହେଲେ ମୁଁ ଚାହେଁ ଯେ ସେମାନେ ଆସି ମୋହ ସମୀପରେ ତାଙ୍କର ସମସ୍ତ ଆପତ୍ତି ଅଭିଯୋଗ ସରଳ ଭାବରେ ଓ ମୁକ୍ତ ପ୍ରାଣରେ ଜଣାନ୍ତୁ ଏବଂ ମୋହ ଉପରେ ବିଶ୍ୱାସ ରଖନ୍ତୁ । ମୁଁ ନିଶ୍ଚିତ ରୂପେ କହିପାରେଁ ଯେ ତଦ୍ୱାରା ଆମ୍ଭେମାନେ ପରସ୍ପରକୁ ଭଲ ଭାବରେ ବୁଝି ପାରିବା । କିନ୍ତୁ ଷ୍ଟେଟ୍‌ର ନିୟମ ଲଙ୍ଘନ କଲେ କିମ୍ବା ତହିଁରେ ବାଧା ଦେଲେ ତାହା ଘଟିବା ଅସମ୍ଭବ ।

"ମୋହର ଏକାନ୍ତ ଇଚ୍ଛା, ମୋହ ରାଜ୍ୟର ପ୍ରଜାମାନେ ବର୍ତ୍ତମାନ ଅପେକ୍ଷା ଅଧିକ ସୁଖୀ ହୁଅନ୍ତୁ ଓ ଉତ୍ତରୋତ୍ତର ଉନ୍ନତି କରନ୍ତୁ । ମୋର କର୍ମଚାରୀମାନେ ସେମାନଙ୍କର ରକ୍ଷକ ଓ ପଥ-



ମୟୂରଭଞ୍ଜ କୃଷି-ଶିଳ୍ପ ପ୍ରଦର୍ଶନୀରେ ପ୍ରଦର୍ଶିତ ପୁଷ୍ପ ସମ୍ଭାର ।

ପ୍ରଦର୍ଶକ ରୂପେ ରହି ବିପଦ ଆପଦରେ ତାଙ୍କୁ ସାହାଯ୍ୟ କରିବେ । ପ୍ରତ୍ୟେକ ବ୍ୟକ୍ତିକୁ ତାହାର ଯଥାଯୋଗ୍ୟ ସ୍ଥାନଟି ନିଜର ସାହସ, ଭକ୍ତି ଓ ଗୌରବରେ ଉଜ୍ଜ୍ୱଳ କରିବାକୁ ହେବ ।

"ସମାଜରେ ସବୁଠାରୁ ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ ଯେପରି ଆବଶ୍ୟକ, ସେହିପରି ସାମାନ୍ୟ କୃଷକ, ତନ୍ତୁବାୟ ଏବଂ କୁମ୍ଭକାରର ମଧ୍ୟ ଆବଶ୍ୟକ—ଏ କଥା ଏହି ପ୍ରଦର୍ଶନୀରୁହିଁ ପ୍ରତୀୟମାନ ହୋଇଅଛି । ସ୍ୱୀୟ ଗ୍ରାମକୁ ଫେରିଗଲା ବେଳେ ତୁମ୍ଭମାନଙ୍କର ଯଦି ଚେତନା ହୁଏ ଯେ ତୁମ୍ଭମାନଙ୍କ ଜୀବନ ଦେଶର ଧନୀ ବା ବିଶିଷ୍ଟ ବ୍ୟକ୍ତିମାନଙ୍କର ଜୀବନ ସଙ୍ଗେ ମଧ୍ୟ ଅଖଣ୍ଡ ଭାବରେ ଜଡ଼ିତ, ତାହାହେଲେହିଁ ଏହି ପ୍ରଦର୍ଶନୀର ପ୍ରକୃତ ଉଦ୍ଦେଶ୍ୟ ସାର୍ଥକ ହେବ ।"

ଡେଭଲପ୍‌ମେଣ୍ଟ ବିଭାଗର ଡିରେକ୍ଟର ଇଂରାଜୀରେ ଯେଉଁ ଅଭିଭାଷଣ ଦେଇଥିଲେ, ସଂକ୍ଷେପରେ ତାହାର ଅନୁବାଦ ଏହି ସଂଖ୍ୟାରେ ଅନ୍ୟତ୍ର ପ୍ରକାଶିତ ହୋଇଅଛି ।

## ବାରିପଦା ସାହିତ୍ୟ ସମାଜ

ଶ୍ରୀମନ୍ ମହାରାଜାଙ୍କ ଜନ୍ମୋତ୍ସବ ସପ୍ତାହରେ ବାରିପଦା ସାହିତ୍ୟ ସମାଜର ଚତୁର୍ଥ ବାର୍ଷିକ ଅଧିବେଶନ ସ୍ଥାନୀୟ ଉଚ୍ଚ-ଇଂରାଜୀ ବିଦ୍ୟାଳୟରେ ମାର୍ଚ୍ଚ ମାସ ୫ ଓ ୬ ତାରିଖରେ ଅନୁଷ୍ଠିତ ହୋଇଥିଲା । ପଣ୍ଡିତ ବିନାୟକ ମିଶ୍ର ଉକ୍ତ ଅଧିବେଶନରେ ସଭାପତିର ଆସନ ଗ୍ରହଣ କରିଥିଲେ । ସ୍ଥାନୀୟ ଅନେକ ଭଦ୍ର ବ୍ୟକ୍ତି ଓ ବହୁ ସଂଖ୍ୟକ ସ୍କୁଲ ଛାତ୍ର ଏହି ସଭାରେ ଉପସ୍ଥିତ ଥିଲେ । ପଣ୍ଡିତ ନୀଳକଣ୍ଠ ଦାସ ଓ ରାୟ ବାହାଦୁର ଗୋପାଳଚନ୍ଦ୍ର ପ୍ରହରାଜ ପ୍ରଭୃତିଙ୍କ ଦ୍ୱାରା ପ୍ରେରିତ ଉତ୍ସାହ ବାଣୀ ସଭାରେ ପଠିତ ହୋଇ-ଥିଲା । ଶ୍ରୀଯୁକ୍ତ ଲକ୍ଷ୍ମୀ ନାରାୟଣ ସାହୁ, ଶ୍ରୀଯୁକ୍ତ ବାସୁଦେବ ମହାପାତ୍ର, ଶ୍ରୀଯୁକ୍ତ ରାମକୃଷ୍ଣ ନନ୍ଦ, ଶ୍ରୀଯୁକ୍ତ ଜଗତ୍ ମୋହନ ସେନ୍ ଓ ଶ୍ରୀଯୁକ୍ତ ଶଶୀଭୂଷଣ ରାୟ ପ୍ରଭୃତି ଲେଖକମାନଙ୍କଦ୍ୱାରା ଲିଖିତ ପ୍ରବନ୍ଧଗୁଡ଼ିକ ମଧ୍ୟରୁ କେତେକ ସଭାରେ ପଠିତ ହୋଇଥିଲା । କେତେଗୋଟି ପ୍ରବନ୍ଧ ଭଞ୍ଜପ୍ରଦୀପର ବର୍ତ୍ତମାନ ସଂଖ୍ୟାରେ ପ୍ରକାଶିତ ହୋଇଅଛି ଏବଂ ଅନ୍ୟ ଗୁଡ଼ିକ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶିତ ହେବ । ଉକ୍ତ ଅଧିବେଶନ ଦୁଇ ଦିନ ଧରି ବସିଥିଲା ଏବଂ ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ ପ୍ରଭୃତି ଓଡ଼ିଆ ସାହିତ୍ୟର ବର୍ତ୍ତମାନ ଅବସ୍ଥା ସମ୍ବନ୍ଧରେ ବକ୍ତୃତା ଦେଇଥିଲେ ।

## ପୂର୍ଣ୍ଣଚନ୍ଦ୍ରପୁର ପାଠଶାଳା ଓ ମାନନୀୟା କନିଷ୍ଠା ମୃତପତିକା ମହାରାଣୀଙ୍କ ଦାନ

ମୟୂରଭଞ୍ଜର ମାନନୀୟା କନିଷ୍ଠା ମୃତପତିକା ମହାରାଣୀ ସାହେବା ପୂର୍ଣ୍ଣଚନ୍ଦ୍ରପୁର ପାଠଶାଳାର ଗୃହ ନିର୍ମାଣ ପାଇଁ ପାଞ୍ଚ ଶହ ଟଙ୍କା ଦାନ କରିଅଛନ୍ତି । ଏହି ପାଠଶାଳାଟି ରାଜଧାନୀ ବାରିପଦା ନିକଟରେ ସ୍ୱର୍ଗୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେଓଙ୍କ ନାମାନୁସାରେ ସ୍ଥାପିତ । ଅନୁନ୍ନତ ଶ୍ରେଣୀର ଛାତ୍ରମାନଙ୍କୁ ଶିକ୍ଷା ଦେବା ଉଦ୍ଦେଶ୍ୟରେ ସ୍ଥାପିତ ହୋଇ ଗତ କେତେକ ବର୍ଷ ମଧ୍ୟରେ ବିଦ୍ୟାଳୟଟି ସୁଚାରୁ ରୂପେ ଚାଲି ଆସିଅଛି । ଉକ୍ତ ସ୍କୁଲରେ ଉଭୟ ବାଳକ ବାଳିକା ବିନା ବେତନରେ ଶିକ୍ଷା ଗ୍ରହଣ କରନ୍ତି ଏବଂ ପୂର୍ଣ୍ଣବୟସ୍କ ବ୍ୟକ୍ତିମାନଙ୍କୁ ମଧ୍ୟ ଅବୈତନିକ ଶିକ୍ଷା ଦେବା ପାଇଁ ଗୋଟିଏ ନୈଶ ବିଦ୍ୟାଳୟ ସଂଲଗ୍ନ ଅଛି । ଏହାର ଗୋଟିଏ ଶାଖା ବିଦ୍ୟାଳୟ କାଜରା ଗ୍ରାମରେ ଖୋଲା ଯାଇଅଛି । ଉକ୍ତ ବିଦ୍ୟାଳୟ ଦୁଇଟି ଓ ତତ୍‌ସଂଲଗ୍ନ ନୈଶ ବିଦ୍ୟାଳୟ ଗୁଡ଼ିକର ମୋଟ ଛାତ୍ରଛାତ୍ରୀ ଓ ପୂର୍ଣ୍ଣବୟସ୍କ ବ୍ୟକ୍ତିଙ୍କ




Digitized by srujanika@gmail.com

ସଂଖ୍ୟା ୨୦୮ । ଗତ ମାର୍ଚ୍ଚ ମାସ ୨୨ ତାରିଖରେ ମୟୂରଭଞ୍ଜର ଦେଓ୍ୱାନ ସାହେବ ଶ୍ରୀଯୁକ୍ତ କେ. ସି. ନିୟୋଗୀଙ୍କ ସଭାପତିତ୍ୱରେ ଉକ୍ତ ବିଦ୍ୟାଳୟର ପୁରସ୍କାର-ବିତରଣୀ ସଭା ହୋଇଥିଲା । ସେ ସଭାରେ ପଠିତ ବାର୍ଷିକ ବିବରଣୀରୁ ଜଣାଯାଏ ଯେ ଗତ ବର୍ଷ ଏହି ବିଦ୍ୟାଳୟକୁ ଚାନ୍ଦା ଓ ଦାନ ସ୍ୱରୂପ ମୋଟରେ ଟ ୭୯୧।/ ମିଳିଥିଲା ଏବଂ ତାହା ସମସ୍ତ ବ୍ୟୟିତ ହୋଇଥିଲା । ଏହା ବ୍ୟତୀତ ଗୃହ ନିର୍ମାଣ ପାଇଁ ମୋଟରେ ୧୦୩୦ ଟଙ୍କା ସାହାଯ୍ୟ ମିଳିଥିଲା ଓ ତହିଁରୁ ୧୫୦ ଟଙ୍କା ବାଉରି ବିଦ୍ୟାଳୟ ପାଇଁ ଖର୍ଚ୍ଚ ହୋଇଥିଲା । ଦୁଇଟିଯାକ ବିଦ୍ୟାଳୟ ସର୍ବସାଧାରଣଙ୍କ ଦାନ ଉପରେହିଁ ପରି-ଚାଳିତ ଏବଂ ସେଥିପାଇଁ ବିଦ୍ୟାଳୟର ସମ୍ପାଦକ ଶ୍ରୀଯୁକ୍ତ ନଗେନ୍ଦ୍ର ନାଥ ବନ୍ଦୋପାଧ୍ୟାୟଙ୍କର କାର୍ଯ୍ୟ ବିଶେଷ ଭାବରେ ପ୍ରଶଂସନୀୟ ।

## ମହାମାନ୍ୟା ମହାରାଣୀ ସାହେବା ଓ ସ୍ଥାନୀୟ ବାଳିକା ବିଦ୍ୟାଳୟ

ବାରିପଦା ଲେଡି ଫ୍ରେଜାର ବାଳିକା-ବିଦ୍ୟାଳୟର ପୁରସ୍କାର-ବିତରଣୀ ସଭା ମାର୍ଚ୍ଚ ମାସ ୨୬ ତାରିଖରେ ଅନୁଷ୍ଠିତ ହୋଇଥିଲା ।



ଲେଡି ଫ୍ରେଜାର ବାଳିକା ବିଦ୍ୟାଳୟର ନବ-ନିର୍ମିତ ଗୃହ ।

ମୟୂରଭଞ୍ଜର ମାନନୀୟା ମହାରାଣୀ ସାହେବା ଉକ୍ତ ଉତ୍ସବରେ ସଭାପତିର ଆସନ ଅଳଂକୃତ କରିଥିଲେ ଓ ମାନନୀୟା ରାଜରାଣୀ ସାହେବା ଏବଂ ସ୍ଥାନୀୟ ଅନେକ ଭଦ୍ରମହିଳା ଉପସ୍ଥିତ ଥିଲେ । ମହାରାଣୀ ସାହେବା ବିଦ୍ୟାଳୟରେ ଉପସ୍ଥିତ ହେଲା ମାତ୍ରେ ବାଳିକାମାନେ ଶଙ୍ଖଧ୍ୱନି ଦ୍ୱାରା ତାଙ୍କୁ ଅଭିବାଦନ କରିଥିଲେ । ବାଳିକାମାନଙ୍କ ଦ୍ୱାରା ସଙ୍ଗୀତ, ଆବୃତ୍ତି ଓ ଏକାଙ୍କ ନାଟକାଭିନୟ ଦ୍ୱାରା ସଭାଟି ବିଶେଷ ପ୍ରୀତିପ୍ରଦ ଓ ମନୋମୁଗ୍ଧକର ହୋଇଥିଲା । ମହାରାଣୀ ସାହେବା ପୁରସ୍କାର ବିତରଣ କରିଥିଲେ ଓ ଗତ ମଧ୍ୟ ଇଂରାଜୀ, ଉଚ୍ଚ ପ୍ରାଥମିକ ଏବଂ ନିମ୍ନ ପ୍ରାଥମିକ ବୃତ୍ତି ପରୀକ୍ଷାରେ ବିଦ୍ୟାଳୟରୁ ପ୍ରେରିତ ସମସ୍ତ ବାଳିକା କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହୋଇଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ ।

## ରାଜ୍ୟାଭିଷେକ ଉତ୍ସବ

ମୟୂରଭଞ୍ଜର ଶ୍ରୀମନ୍ ମହାରାଜା ସର୍ ପ୍ରତାପ ଚନ୍ଦ୍ର ଭଞ୍ଜ ଦେଓ କେ: ସି: ଆଇ: ଇ: ଙ୍କର ରାଜ୍ୟାଭିଷେକ ଉତ୍ସବ ଅପ୍ରେଲ ମାସ ୨୩ ତାରିଖରେ କୌଳିକ ପ୍ରଥାନୁଯାୟୀ ଅନୁଷ୍ଠିତ ହୋଇଥିଲା । ସମସ୍ତ କଚେରି ଓ ସ୍କୁଲମାନ ବନ୍ଦ ଥିଲା ଏବଂ ପ୍ରତ୍ୟେକ ସରକାରୀ ଗୃହ ଉପରେ ରାଜ୍ୟର ପତାକା ଉଡ଼ୁଥିଲା । ସକାଳେ ପୋଲିସ ପଡିଆରେ ସ୍ଥାନୀୟ ସମସ୍ତ କର୍ମଚାରୀ ସମାବେତ ହୋଇଥିଲେ । ସେଠାରେ ଷ୍ଟେଟ୍ ପତାକା ଉତ୍ତୋଳନ କରାଯାଇ ପୋଲିସ ଫୌଜ ପତାକାକୁ ସଲାମ ଦେଇଥିଲେ ଏବଂ ସମବେତ ସମସ୍ତେ ଦଣ୍ଡାୟମାନ ହୋଇ ସମ୍ମାନ ପ୍ରଦର୍ଶନ କରିଥିଲେ । ମଫସଲ ସବ୍-ଡିଭିଜନମାନଙ୍କରେ ମଧ୍ୟ ଏହି ଉତ୍ସବ ଯଥାବିଧି ପାଳିତ ହୋଇଥିଲା ।

## ଚୈତ୍ର ପର୍ବ ଏବଂ ଛଉ ନାଚ

ଏ ବର୍ଷ ଚୈତ୍ର-ପର୍ବ ଆନୁଷଙ୍ଗିକ ଉତ୍ସବାଦି ମହାସମାରୋହରେ ରାଜଧାନୀ ବାରିପଦାରେ ଯଥାବିଧି ପ୍ରତିପାଳିତ ହୋଇଥିଲା । ଝିଙ୍କାପର୍ବ, ଭଣ୍ଡାପାଟ ଓ କଳସମାନ ପ୍ରଭୃତି ଅନ୍ୟାନ୍ୟ ଉତ୍ସବ ମଧ୍ୟରେ ମୟୂରଭଞ୍ଜର ବିଖ୍ୟାତ ଛଉ ନାଚ ପ୍ରଧାନ ଓ ତାହା ଅପ୍ରେଲ ମାସ ୧୦ ତାରିଖରେ ଆରମ୍ଭ ହୋଇ କ୍ରମାଗତ ତିନି ଦିନ ରାଜନଅରରେ ଅନୁଷ୍ଠିତ ହୋଇଥିଲା । ପୂର୍ବ ବର୍ଷ ପରି ରାଜ୍ୟର ନାନା ଅଞ୍ଚଳରୁ ଏବଂ ନିକଟବର୍ତ୍ତୀ ବ୍ରିଟିଶ୍‌ଶାସିତ ଜିଲ୍ଲାମାନଙ୍କରୁ ହଜାର ହଜାର ଦର୍ଶକ ବାରିପଦାରେ ଜୁଟି ହୋଇଥିଲେ । ତାଳଚେର, କେନ୍ଦୁଝର, ଢେଙ୍କାନାଳ, ନୀଳଗିରି ଓ ସରାଇକଳାର ରାଜା ସାହେବ ଏବଂ ଅନ୍ୟାନ୍ୟ ବିଶିଷ୍ଟ ରାଜ-ବଂଶୀୟମାନେ ନିମନ୍ତ୍ରିତ ହୋଇ ଆସିଥିଲେ ଏବଂ ଆମ୍ଭମାନଙ୍କର ଶ୍ରଦ୍ଧେୟ ମହାରାଜା ମହୋଦୟଙ୍କ ସହିତ ଛଉ ନାଚ ଦର୍ଶନ କରିଥିଲେ । ଅନ୍ୟାନ୍ୟ ବର୍ଷମାନଙ୍କ ପରି ରାଜପ୍ରାସାଦର ଦ୍ୱାର ଉକ୍ତ ତିନି ଦିନ ସମସ୍ତଙ୍କ ପାଇଁ ଅବାରିତ ରହିଥିଲା—ଜାତିବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଯାଇ ନାଚ ଦେଖି ପାରୁଥିଲେ ।

ଚଳିତ ବର୍ଷ ଛଉନାଚରେ ରଙ୍ଗମଞ୍ଚ ଆଦିର ସାଜସଜ୍ଜା ସମ୍ବନ୍ଧେ ବିଶେଷ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ଘଟି ନ ଥିଲେହେଁ ନାଚର

ବିଷୟ ନିର୍ବାଚନରେ କେତେକ ନୂତନ ଚିତ୍ତାକର୍ଷକ ବିଷୟ ସନ୍ନିବେଶିତ ହୋଇଥିଲା । ଦକ୍ଷିଣ ସାହି ଦଳ ଏ ବର୍ଷ ଛଉ ନାଚରେ ଜୟୀ ହୋଇଥିଲେ ଏବଂ ବିପକ୍ଷ ଉତ୍ତର ସାହି ଦଳ ଅପେକ୍ଷା ୩ ନମ୍ବର ଅଧିକ ରଖି ତାଲଚେର ରାଜା ସାହେବଙ୍କ ପ୍ରଦତ୍ତ ଶିଲ୍ଡ ପାଇଥିଲେ । ପରସ୍ପର ମଧ୍ୟରେ ପ୍ରତିଯୋଗିତା ରଖି ନୃତ୍ୟର ଉନ୍ନତି କରିବା ପରିକଳ୍ପନାରେହିଁ ଉପରୋକ୍ତ ଦୁଇଟି ଦଳ ଗଠିତ ହୋଇଅଛି ।

ପ୍ରତ୍ୟେକ ମାସର ବେତନ ବିଲ୍ ବା ବେତନ-ତାଲିକାରୁ ଏହି ଚାନ୍ଦା କାଟି ନିଆଯିବ । ପ୍ରତ୍ୟେକ ଚାନ୍ଦାଦାତାଙ୍କଠାରୁ ସେମାନଙ୍କର ପୃଥକ୍ ଜମା ହିସାବ ବହି ମୁତାବକ ଯେତିକି ଚାନ୍ଦା ସଂଗୃହୀତ ହୋଇଥିବ, ଷ୍ଟେଟ୍ ଅଧିକ ସେତିକି ଟଙ୍କା ତହିଁରେ ଯୋଗ କରିବେ ଓ ତାହା ବାର୍ଷିକ ଥରେ ଦେବେ । ପ୍ରତ୍ୟେକ ଚାନ୍ଦା-ଦାତାଙ୍କର ଆଗରୁ ଯେତିକି ଟଙ୍କା ଜମା ଥିବ ଏବଂ ବର୍ଷ ମଧ୍ୟରେ ପୁଣି ଯାହା ଆଦାୟ ହେବ, ମାର୍ଚ୍ଚ ୩୧ ତାରିଖ ଦିନ ସେହି ସମସ୍ତ ଟଙ୍କା ଉପରେ ଶତକରା ବାର୍ଷିକ ୩ ଟଙ୍କା ହାରରେ କିମ୍ବା ଷ୍ଟେଟ୍ ଗେଜେଟରେ ସାମୟିକ ପ୍ରକାଶିତ ହେଉଥିବା ଯେ କୌଣସି ବେଶୀ ହାରରେ ଚକ୍ରବୃଦ୍ଧି ସୁଧ ଦିଆଯିବ । ଯେତେବେଳେ ଏହି ନିୟମ ଅନ୍ତର୍ଭୁକ୍ତ କୌଣସି ଚାନ୍ଦା-ଦାତା ନିଜର ମନ୍ଦ ଆର୍ଥିକ ଅବସ୍ଥା ଯୋଗୁଁ ସାହାଯ୍ୟ ଲୋଡ଼ିବେ, ତାହାଙ୍କୁ ଅସ୍ଥାୟୀ ଭାବରେ ତାଙ୍କଠାରୁ ସଂଗୃହୀତ ହୋଇଥିବା ପାଣ୍ଠିରୁ କରଜ ଦିଆଯିବ । କିନ୍ତୁ ଏହି କରଜ ଟଙ୍କା ସାଧାରଣତଃ ଚାନ୍ଦା-ଦାତାଙ୍କର ୩ ମାସର ବେତନରୁ ଊର୍ଦ୍ଧ୍ୱ ହେବ ନାହିଁ ଏବଂ ତାହା ପରିଶୋଧ କରିବା ପାଇଁ ୧୨ଟିରୁ ନ୍ୟୂନ ଅଥବା ୨୪ଟିରୁ ଅଧିକ ସମାନ କିସ୍ତି ଧାର୍ଯ୍ୟ ହେବ ନାହିଁ ।



ଦକ୍ଷିଣ ସାହି ଛଉ ନାଚରେ "ମହାଭାରତ" ବର୍ଣ୍ଣିତ ଅର୍ଜ୍ଜୁନ ଓ ନିବାତକବଚଙ୍କ ମଧ୍ୟରେ ଯୁଦ୍ଧର ଏକ ଦୃଶ୍ୟ ।

## ମୟୂରଭଞ୍ଜ କର୍ମଚାରୀମାନଙ୍କ ପାଇଁ ପ୍ରୋଭିଡେଣ୍ଟ ପାଣ୍ଠି

ମାର୍ଚ୍ଚ ମାସ ୨୨ ତାରିଖ ଷ୍ଟେଟ୍ ଗେଜେଟରେ ମୟୂରଭଞ୍ଜ ଷ୍ଟେଟ୍ ପ୍ରୋଭିଡେଣ୍ଟ ପାଣ୍ଠି ଗଠନ ସମ୍ବନ୍ଧରେ ନିୟମାବଳି ପ୍ରକାଶିତ ହୋଇଅଛି । ଉକ୍ତ ନିୟମାନୁଯାୟୀ ୧୯୩୮ ଏପ୍ରିଲ ମାସ ପହିଲା-ଠାରୁ ବା ତତ୍ପରେ ଷ୍ଟେଟ୍‌ର ସ୍ଥାୟୀ କାର୍ଯ୍ୟରେ ନିଯୁକ୍ତ ହେବା କର୍ମଚାରୀମାନେ ଏହି ନିୟମର ଅନ୍ତର୍ଭୁକ୍ତ ହେବେ ଏବଂ ଷ୍ଟେଟ୍ କାର୍ଯ୍ୟରୁ ଅବସର ଗ୍ରହଣ କଲାବେଳେ ଏହି ପାଣ୍ଠିରେ ସଞ୍ଚିତ ଅର୍ଥ ପରିବର୍ତ୍ତେ ପୂର୍ବ ପରି ଆଉ କୌଣସି ମାସିକ ବୃତ୍ତି ( Pension ) ଦାବୀ କରି ପାରିବେ ନାହିଁ । ଉକ୍ତ ପାଣ୍ଠିର ପ୍ରତ୍ୟେକ ଚାନ୍ଦାଦାତା ନିୟମିତ ଭାବରେ ତାଙ୍କ ପ୍ରାପ୍ୟ ବେତନର ଏକ-ଦ୍ୱାଦଶାଂଶ ଏହି ପାଣ୍ଠିକୁ ଦେବେ । ସେମାନଙ୍କର ମାସିକ ପ୍ରାପ୍ୟ ବେତନ ବ୍ୟତୀତ କାହାର କୌଣସି ବ୍ୟକ୍ତିଗତ, ଅଥବା ସହକାରୀ କାର୍ଯ୍ୟ ଓ ଛୁଟି ସମ୍ବନ୍ଧରେ ଅଧିକା ପାଉଣା ( Allowance ) ଥିଲେ ତାହା ମଧ୍ୟ ଏଥି ସଙ୍ଗରେ ହିସାବ କରାଯିବ । କିନ୍ତୁ ଯେଉଁମାନଙ୍କର ହାରାହାରି ମାସିକ ବେତନ ୧୨ ଟଙ୍କାରୁ ଅଧିକ ହେବ ନାହିଁ, ସେମାନେ ତାଙ୍କ ଲବ୍ଧ ବେତନର ଚବିଶ ଭାଗରୁ ଏକ ଭାଗ ଏହି ପାଣ୍ଠିକୁ ଦେବେ ।

ଯେତେବେଳେ କୌଣସି ଚାନ୍ଦାଦାତାଙ୍କର ପ୍ରୋଭିଡେଣ୍ଟ ପାଣ୍ଠି ପ୍ରଥମେ ଖୋଲା ହେବ, ତାଙ୍କ ସଂଗୃହୀତ ଚାନ୍ଦାର ସମୁଦାୟ ବା କେତେକ ଅଂଶ ତାଙ୍କ ମୃତ୍ୟୁ ପରେ ଯେଉଁମାନେ ପାଇବେ, ତାହା ସେ ନିର୍ଦ୍ଦିଷ୍ଟ ଫର୍ମରେ ଘୋଷଣା କରିବେ ଏବଂ ନିୟମାବଳିର ପରିକ୍ରମେ ଓ ଉକ୍ତ ଘୋଷଣା ଅନୁଯାୟୀ ସଂଗୃହୀତ ଚାନ୍ଦା ଦିଆଯିବ । କୌଣସି ଚାନ୍ଦାଦାତା ଅତ୍ୟନ୍ତ ଦୁଷ୍କରିତ ହେବାଯୋଗୁଁ କାର୍ଯ୍ୟରୁ ବରଖାସ୍ତ ହେଲେ କିମ୍ବା ନୈତିକ ଚରିତ୍ର ସମ୍ପର୍କୀୟ ମନ୍ଦ କାର୍ଯ୍ୟ ଯୋଗୁଁ ଫୌଜଦାରୀ ଅଦାଲତରେ ଦଣ୍ଡନୀୟ ହେଲେ, ସେଥିପାଇଁ କିମ୍ବା ଚାନ୍ଦାଦାତାଙ୍କଠାରେ ଷ୍ଟେଟର କୌଣସି ପ୍ରାପ୍ୟ ପାଇଁ ମହାରାଜାଙ୍କ ଆଦେଶାନୁଯାୟୀ ଯେ କୌଣସି ପରିମାଣରେ ଟଙ୍କା କଟା ଯାଇପାରେ ।

ବର୍ତ୍ତମାନ ପେନ୍‌ସନ୍-ଚାକିରିରେ ଥିବା କର୍ମଚାରୀମାନେ ସେହି ଭାବରେ ରହି ପାରନ୍ତି କିମ୍ବା ସେମାନଙ୍କର ପେନ୍‌ସନ୍ ଦାବୀ ଛାଡ଼ି ପ୍ରୋଭିଡେଣ୍ଟ ପାଣ୍ଠି ଗ୍ରହଣ କରିପାରନ୍ତି । ଏହିପରି କର୍ମଚାରୀଙ୍କର ଗତ କାର୍ଯ୍ୟକାଳ ପାଇଁ ସେମାନଙ୍କ ଅର୍ଜିତ ଅର୍ଥର ଏକଦ୍ୱାଦଶାଂଶ ଷ୍ଟେଟ୍ ତାଙ୍କ ଚାନ୍ଦାରେ ଯୋଗକରିବେ ।




ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍‌ରେ ଶ୍ରୀ ପଦ୍ମଚରଣ ଦାଶଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ।

Digitized by srujanika@gmail.com

# ଉତ୍କଳ ପ୍ରଭା

ବାରିପଦା, ଆଷାଢ଼ ୧୩୪୫



उत्तिष्ठत जाग्रत प्राप्य वरान्निबोधत

Digitized by srujanika@gmail.com

PHONE 2492 CAL.

GRAM "LAVATORY"

# SANITATION

PLUMBING
DRAINAGE
& WATER-WORKS.

CONSULT.

## S. K. CHAKRAVARTI LTD.

MISSION ROW — SANITARY ENGINEERS — CALCUTTA

## Mayurbhanj Law Reporter

**Highly appreciated in India & Abroad.**

It is a quarterly publication.

It is published in September, December, March and June.

| | |
|---|---|
| Yearly Subscription | Rs. 3 |
| Single Copy | As. 12 |

Postage Extra.

*Manager*—N. C. SANYAL, B. A.
MAYURBHANJ LAW REPORTER.

Estd. Half A Century

## J. N. CHUNDER & BROS.

14/2 Old Chinabazar Street, Room No. 105 CALCUTTA

CHEAPEST HOUSE FOR

**PRINTING & STATIONERY GOODS**

*Please ask for Price List.*

## Bhanja Pradeepa

*It is an illustrated Oriya quarterly quite independent of the English Edition of the Mayurbhanj Chronicle.*

SUBSCRIPTION

| | | | |
|---|---|---|---|
| *Annual* - | *Rs.* | *0-12-0* | *(post free)* |
| | ,, | *1-4-0* | *(with postage)* |
| *Price per copy* | ,, | *0-3-0* | *(post free)* |
| | ,, | *0-5-0* | *(with postage)* |

*Manager*—N. C. SANYAL, B.A.
BHANJA PRADEEPA

Digitized by srujanika@gmail.com


# M·B·SIRKAR & SONS

**Son and grandsons of Late B. SIRKAR.**

MANUFACTURING JEWELLERS

**DEALERS IN GUINEA ( 22 CT. ) GOLD ONLY.**

124 & 124/1, BOWBAZAR STREET, CALCUTTA.



A large assortment of genuine Jewelleries, Guinea Gold Ornaments and Silverwares of enduring value and distinction are always in stock for sale and are also made to Orders within 24 hours. MAKING CHARGES MODERATE. Old Gold and Silver exchanged with New Ornaments and we refund full value of Gold Ornaments manufacture by us at the current rate of Guinea Gold. Our latest Catalogue No. B. 2 with revised rates and designs is sent free on request.





PHONE:-B.B.1761. TEL:-BRILLIANTS.

---

# ସାଧନା ଔଷଧାଳୟ—ଢାକା ( ବଙ୍ଗ )

ଅଧ୍ୟକ୍ଷ ଯୋଗେଶଚନ୍ଦ୍ର ଘୋଷ, ଆୟୁର୍ବେଦ ଶାସ୍ତ୍ରୀ, ଏମ୍. ଏ., ଏଫ୍. ସି. ଏସ୍, (ଲଣ୍ଡନ) ଭାଗଲପୁର କଲେଜର ପୂର୍ବତନ ରସାୟନ ଅଧ୍ୟାପକ ।

ଶାଖା ଅଫିସମାନ:—( ଶ୍ୟାମବଜାର—କଲିକତା ଟ୍ରାମଡିପୋ ନିକଟ ) । (୨) ୨୧୩, ବଉବଜାର ଷ୍ଟ୍ରିଟ, କଲିକତା । (୩) ଏଣ୍ଡରକିଲ୍ଲା, ଚଟାଗାଙ୍ (୪) ପାଟୁଆଟୋଲି ଷ୍ଟ୍ରିଟ ଢାକା । (୫) ଦିନାଜପୁର (୬) ୬୬/୪ ଷ୍ଟ୍ରାଣ୍ଡରୋଡ, ବୁରାବଜାର, କଲିକତା ।

ଆୟୁର୍ବେଦ ଶାସ୍ତ୍ରାନୁଯାୟୀ ପ୍ରସ୍ତୁତ ହୋଇଥିବା ଅକୃତ୍ରିମ ଶୁଦ୍ଧ ଔଷଧ—ଗ୍ୟାରେଣ୍ଟି ଦିଆଯିବ ।

କ୍ୟାଟଲଗ ପାଇଁ ଲେଖନ୍ତୁ:—ରୋଗର ବିଶଦ ବିବରଣ ଲେଖିଲେ ବିନା ମୂଲ୍ୟରେ ଔଷଧ ଓ ରୋଗ ନିର୍ଣ୍ଣୟ କରା ଯାଇଥାଏ ।

**ମକରଧ୍ୱଜ ( ସ୍ୱର୍ଣ୍ଣସିନ୍ଦୁର ) ଏକ ତୋଳାକୁ—ଟ୪୯ଙ୍କା**

ଏହା ସର୍ବରୋଗନାଶକ, ବଳକାରକ, ମାନସିକ ଏବଂ ଶାରୀରିକ ପୁଷ୍ଟିପ୍ରଦାୟକ ।

**ସାରିବାଦି ସାଲସା ଏକ ସେରକୁ—ଟ ୨୷ ଅଣା**

ଏହା ଚର୍ମରୋଗନାଶକ, ଉପଦଂଶ ବିଷନାଶକ, ମେହନାଶକ, ମୂତ୍ର ସମ୍ବନ୍ଧୀୟ ସମସ୍ତ ରୋଗନାଶକ ଏବଂ ରକ୍ତପରିଷ୍କାରକ ଅଟେ ।


Digitized by srujanika@gmail.com

# ଭଞ୍ଜପ୍ରଦୀପ

**ସପ୍ତମ ଭାଗ** **୪ର୍ଥ ସଂଖ୍ୟା**

## ସୂଚି-ପତ୍ର


| | | ପୃଷ୍ଠା |
|---|---|---|
| ୧। ସଙ୍ଗୀତର ଉକ୍ତି | ଶ୍ରୀ ଶଶିଭୂଷଣ ରାୟ | ୧ |
| ୨। ଯାତ୍ରା-ସଙ୍ଗୀତ (କବିତା) | ବୈକୁଣ୍ଠନାଥ ପଟ୍ଟନାୟକ, ଏମ୍. ଏ., ବି. ଇଡ୍. | ୩ |
| ୩। ଅନ୍ନ ସମସ୍ୟା | ଶ୍ରୀ ବାସୁଦେବ ମହାପାତ୍ର | ୪ |
| ୪। ଓଡ଼ିଶାର ପୁନର୍ଜୀବନ | ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ଏମ୍. ଏ. | ୭ |
| ୫। ତମାଖୁ ତର୍ଜମା | ଶ୍ରୀ କ୍ଷୀରୋଦଚନ୍ଦ୍ର ପାଲ, ଏଲ୍. ଏମ୍. ପି. | ୧୦ |
| ୬। ଚୈତନ୍ୟବାଦ | ଶ୍ରୀ ନବକିଶୋର ଦାସ, ବି. ଏ. | ୧୨ |
| ୭। ତୀର୍ଥ (ଗଳ୍ପ) | ଶ୍ରୀ ନିତ୍ୟାନନ୍ଦ ମହାପାତ୍ର | ୧୬ |
| ୮। କବିବର୍ଯ୍ୟଙ୍କ ଗୌରବ (କବିତା) | ଶ୍ରୀ ରାଧାମୋହନ ଗଡ଼ନାୟକ | ୧୯ |
| ୯। ଦେଶୀୟ ରାଜ୍ୟ ସମାଚାର | | ୨୧ |
| ୧୦। ଝିଙ୍ଗ (ପଦ୍ୟ) | ଶ୍ରୀ ଗିରୀଶଚନ୍ଦ୍ର ପାଣିଗ୍ରାହୀ | ୨୪ |
| ୧୧। ସମ୍ବାଦ ଓ ସଙ୍କେତ | | ୨୬ |


## ଚିତ୍ର-ସୂଚି


| | |
|---|---|
| ୧। ରଥଯାତ୍ରାରେ ଲୋକଗହଳର ଦୃଶ୍ୟ | ପ୍ରଚ୍ଛଦପଟ |
| ୨। ମୟୂରଭଞ୍ଜର ଜଙ୍ଗଲ ବିଭାଗ ଦ୍ୱାରା ସ୍ଥାପିତ କାଠ ମଜବୁତ କରିବା କଳ | ୨୬ |
| ୩। ମୟୂରଭଞ୍ଜର ଭାବୀ ଉତ୍ତରାଧିକାରୀ ଟୀକାଏତ ପ୍ରଦୀପ ଚନ୍ଦ୍ର ଭଞ୍ଜ ଦେଓ | ୨୭ |
| ୪ ରଥଟଣା ହେବା ପୂର୍ବରୁ ଜଗନ୍ନାଥ ମନ୍ଦିର ନିକଟର ଦୃଶ୍ୟ | ୨୯ |
| ୫। ରଥଟଣା ଶେଷ ହେବା ପରେ ଗୁଣ୍ଡିଚା ମନ୍ଦିର ନିକଟର ଦୃଶ୍ୟ | ୨୯ |


———0———

Digitized by srujanika@gmail.com

# ଭକ୍ତପ୍ରଦୀପ

ସମ୍ପାଦକ—ଶ୍ରୀ ରାଧାଗୋବିନ୍ଦ ଦାସ  ସହକାରୀ ସମ୍ପାଦକ—ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ

ରଥଯାତ୍ରା ସଂଖ୍ୟା

ସପ୍ତମ ଭାଗ | ଆଷାଢ଼, ସନ ୧୩୪୬ ସାଲ | ୪ର୍ଥ ସଂଖ୍ୟା


## ସଙ୍ଗୀତର ଉକ୍ତି

**ଶ୍ରୀ ଶଶିଭୂଷଣ ରାୟ**

ମୋହର ଜନ୍ମବୃତ୍ତାନ୍ତ ସ୍ମରଣ କଲେ ପ୍ରକୃତ ହିଁ ମୋହ ମନରେ ଅପରିସୀମ ଉଲ୍ଲାସ ଉପସ୍ଥିତ ହୁଏ । ମାତ୍ର ସେହି ଉଲ୍ଲାସରେ କିଛି ଅଭିମାନ ମଧ୍ୟ ମିଶ୍ରିତ । ତଥାପି ତାହାକୁ ମଦଗର୍ବ ବୋଲିଯିବ ନାହିଁ ବରଂ ତାହାକୁ ଆନନ୍ଦମତ୍ତତା କୁହାଯାଇ ପାରେ । ସ୍ମରଣ କର - କୈଳାସ ଶିଖରରେ ସେ କିପରି ଅପୂର୍ବ ଦିନ ! ରଜତଧବଳ ଦେବାଧିଦେବ ଶୂଳପାଣି ଯନ୍ତ୍ରପାଣି ହୋଇ ଦ୍ୱିତୀୟ କୈଳାସ ଶିଖର ଭଳି ଯୋଗାସନରେ ଉପବିଷ୍ଟ, ତାହାଙ୍କର ସେହି ଶୈବାଳବେଷ୍ଟିତ ପଦ୍ମବନ ଭଳି ଜଟାଜାଲ-ଜଡ଼ିତ ମୁଖମଣ୍ଡଳରେ—ସେହି ସୁଖପ୍ରଫୁଲ୍ଲ ସୁପବିତ୍ର ପଞ୍ଚବଦନରେ ଶୁଭ କ୍ଷଣରେ ମୋହର ପ୍ରଥମାବିର୍ଭାବ ହେଲା, ମୁଁ କୃତାର୍ଥ ହେଲି । ସେ ସ୍ୱରଧାରରେ ଗଗନମଣ୍ଡଳ ପ୍ଲାବିତ ହୋଇଗଲା । ସେତେବେଳେ ନାରାୟଣ ସେ ସଙ୍ଗୀତର ଶ୍ରୋତା ରୂପେ ସମ୍ମୁଖରେ ଉପସ୍ଥିତ ଥିଲେ । ସେ ସେତେବେଳେ ଆନନ୍ଦରେ ବିହ୍ୱଳ, ଭାବରେ ଗଦ୍‌ଗଦ, କଦମ୍ବକୋରକ ଭଳି ସର୍ବାଙ୍ଗବ୍ୟାପୀ ପୁଲକ-ମର୍ମରରେ ସୁଶୋଭିତ । ସେ ସେତେ ହୃଦୟରେ ସ୍ଥାନ ଦେଲେ । ତାହାଙ୍କର ହୃଦୟ-କନ୍ଦରରେ ଅଧିକାର ଲାଭ କରି ଆନନ୍ଦରେ ଅଭିଭୂତ ହୋଇ ସେହି ବିଶ୍ୱବ୍ୟାପୀ ହୃଦୟର ପ୍ରଭୁମଧ୍ୟ କବାଟ ନିରୁଦ୍ଧ କରିଦେଲି । ତାହାଙ୍କର ପଦର ଏବଂ ତାହାଙ୍କର ସରସ ହୃଦୟ ସ୍ପର୍ଶରେ ଏକାବେଳକେ ତରଳି ଗଲି । ଲୋକମାନେ କହନ୍ତି, ସେ ମଧ୍ୟ ତରଳି ଗଲେ । ତାହାଙ୍କର ବାମ-ପାଦପଦ୍ମର ଅଙ୍ଗୁଷ୍ଠରୁ ଝରଧାରରେ ସ୍ୱେଦଧାର ନିର୍ଗତ ହେଲା । ସେ ଧାରରେ ଶିଖର ପ୍ଲାବିତ ହେଲା, ମହାଦେବଙ୍କର ଆସନ ଅଭିଷିକ୍ତ ହେଲା, ଅବଶେଷରେ ତାହାଙ୍କର ଅଙ୍ଗ ସ୍ପର୍ଶ ହେବା ପାଇଁ ସେ ଧାରକୁ ମସ୍ତକରେ ଧାରଣ କଲେ ଏବଂ ଜଟା-ଜାଲରେ ତାହାକୁ ରୁଦ୍ଧ କରି ରଖିଲେ । ଏଥିରୁ ଲୋକେ ସୁରଧୁନୀର ଉତ୍ପତ୍ତିର ଘୋଷଣା କଲେ । ସେହି ଦିନ ସ୍ମରଣ କଲେ କଅଣ ଆନନ୍ଦମତ୍ତତା ଓ ଆନନ୍ଦଗର୍ବ ହୃଦୟକୁ ଅଧିକାର କରିବ ନାହିଁ ?

ପୁଣି ପ୍ରଳୟାବସାନରେ ଦେବ ପଦ୍ମଯୋନି ଯେତେବେଳେ ସେହି ଅପୌରୁଷେୟ ବାଣୀର ସ୍ମରଣ କଲେ, ଚତୁର୍ମୁଖଙ୍କର ମୁଖ ଚତୁଷ୍ଟୟରେ ଯେତେବେଳେ ସେହି ବେଦବାଣୀ ସ୍ୱରସଂଯୋଗରେ ଉଚ୍ଚାରିତ ହେଲା, ସେହି ସ୍ତୁତିଧାର ଦ୍ୱାରା ଯେତେବେଳେ

ମୁନି-ମାନସକମଳରେ ବିକୀର୍ଣ୍ଣ ହେଲି, ସେ ମୋହର କି ଭଳି ଶୁଭ୍ର କଳେବର ? ମୋହର ସେହି ଅନନ୍ୟବର୍ଣ୍ଣ ଉଦ୍ଭାସିତ ହୋଇ ସ୍ୱତଃ ହିଁ ହୃଦୟରୁ ବାହାରି ପଡ଼େ ।

ମୋହର ନିତ୍ୟ ଆବିର୍ଭାବର ସ୍ଥାନ ସ୍ମରଣ କରି ମୁଁ ବଡ଼ ଆନନ୍ଦିତ ହୋଇଥାଏଁ । ମା ସରସ୍ୱତୀ ନିଜ ବୀଣା ଯନ୍ତ୍ରରେ ମୋତେ ସ୍ଥାନ ଦେଇଅଛନ୍ତି । ଯେତେବେଳେ ସେତେବେଳେ ଅଙ୍ଗୁଳି ସଙ୍କେତରେ ମୋତେ ଆହ୍ୱାନ କରନ୍ତି । ଶରଦିନ୍ଦୁ-ସୁନ୍ଦର ମୁଖରେ ହସି ହସି ମୋତେ କେତେ ଗେହ୍ଲା କରନ୍ତି । ମାଙ୍କର ସୁମିଷ୍ଟ କଥାଗୁଡ଼ିକର ଯେଉଁ ମଧୁରତା, ପବିତ୍ରତା ଓ କମନୀୟତା ରହିଅଛି, ତ୍ରିଭୁବନରେ ଆଉ କେଉଁଠାରୁ ଆସିବ ? ମୋତେ ଯେନ ତାହାଙ୍କର ସବୁ । ମାତ୍ର ତାହାଙ୍କର କଥା ହିଁ ସଙ୍ଗୀତ ଓ କବିତା ସିନା ?

ମାତ୍ର ଆମ୍ଭମାନଙ୍କ ଭାଇ ଓ ଭଉଣୀ ମଧ୍ୟରେ କାହିଁକି ଏତେ କଳହ ମୁଁ ବୁଝି ପାରେ ନାହିଁ । ଯମଳ ଭାଇ ଭଉଣୀ, ଏକତ୍ର ସ୍ଥିତି-ଗତି, ଏକତ୍ର ନିବାସ-ପ୍ରବାସ, ଏକତ୍ର ଆହାର-ବିହାର, ତଥାପି ମୋହର ଭଉଣୀ କାହିଁକି ଏତେ ତର୍କ କରନ୍ତି ମୁଁ ବୁଝି ପାରୁ ନାହିଁ ।

ଭଗିନୀ କବିତା ଦେବୀ କେତେବେଳେ ଯୁକ୍ତି କରି କହନ୍ତି "ମୁଁ ପ୍ରଥମରେ ଜନ୍ମ ହେଲି, ତାହା ଉତ୍ତାରୁ ତୁମ୍ଭେ ଜନ୍ମ ହେଲ ।" ମୁଁ କହେଁ "ଏ ବିଷୟରେ ତର୍କ ବୃଥା ମାତ୍ର ।" ମୁଁ ଆହୁରି କହିଥାଏଁ "ତୁମ୍ଭେ ଯେପରି ମୋତେ କେବଳ ସଙ୍ଗୀତ ବ୍ୟତୀତ ଭାଇ ବୋଲି ଡାକିଲ ନାହିଁ, ମୁଁ ସେହିପରି ତୁମ୍ଭଙ୍କୁ କବିତା ବ୍ୟତୀତ ଭଉଣୀ ବୋଲି ଡାକିବି ନାହିଁ । ଆଦରରେ କଦାଚିତ୍ ଭାଇ ବୋଲି ଡାକିଲେ ମୁଁ ମଧ୍ୟ ସେହି ଭଳି ଭଉଣୀ ବୋଲି ଡାକିବି । ଏ ସ୍ଥଳରେ ତର୍କ ବୃଥା ମାତ୍ର । ତର୍କ କରିବାକୁ ହେଲେ ପ୍ରମାଣ ପ୍ରୟୋଗ ଆବଶ୍ୟକ । ତୁମ୍ଭେ ଯେବେ ବ୍ରହ୍ମା-ବିଷ୍ଣୁ-ମହେଶ୍ୱରଙ୍କୁ ସାକ୍ଷୀରୂପେ ମାନିବ, ମୁଁ ମଧ୍ୟ ମାନିବି । କିନ୍ତୁ ଏହା ଉତ୍ତାରୁ ? ସେ ତିନି ଜଣଙ୍କର ସାକ୍ଷ୍ୟ ଆଦାୟ କଅଣ ସହଜ ? ସେମାନଙ୍କର ସାକ୍ଷାତ୍ ଯୁଗଯୁଗାନ୍ତରରେ ସୁଦ୍ଧା ହୁଏ ନାହିଁ, ସାକ୍ଷ୍ୟ ଆଦାୟ କରିବା ଦୂରର କଥା, ସାକ୍ଷାତ୍ ହେଲେହେଁ କଅଣ କାର୍ଯ୍ୟ ସିଦ୍ଧି ହେବ ? କେବେହେଁ ହେବ ନାହିଁ । ସାକ୍ଷାତ୍ ହେଲେ କେବେହେଁ ସେ କଥା ମନେ ପଡ଼ିବ ନାହିଁ । ସେମାନଙ୍କ ନିକଟରେ ଯେ ଆମ୍ଭେମାନେ ଭାଇ ଭଉଣୀ ଅଭିନ୍ନ ଭାବରେ ଉଦୟ ହୋଇଥାଉଁ ? ସେମାନେ ଯେପରି ପରମ ଗାୟକ ସେହିପରି ପରମ କବି ସିନା ?

ଭଗିନୀ କବିତା କହନ୍ତି "ଋତୁରାଜ ବସନ୍ତ—ଏକ କଥାରେ ଛଅ ଋତୁ, ନଅ ରସ—ସମସ୍ତେ ହିଁ ମୋହର ଆଜ୍ଞାକାରୀ । ମୁଁ ଏକ ମୁହୂର୍ତ୍ତରେ ସମସ୍ତଙ୍କର ଆବିର୍ଭାବ କରାଇ ଦେଇ ପାରେଁ ।" କିନ୍ତୁ ମୋର ବେଳକୁ ତୁମ୍ଭେ ଏ କଥାଗୁଡ଼ିକ ନ କହି ସ୍ଥିର ରହିଥାଅ କାହିଁକି ? ତୁମ୍ଭର ଭବଭୂତି ପଥର କନ୍ଦାଇ ଅଛନ୍ତି, ମୋହର ତାନସେନ ମଧ୍ୟ ପଥରକୁ ପାଣି କରି ଦେଇଅଛନ୍ତି । ତୁମ୍ଭର କାଳିଦାସ ବସନ୍ତରେ ଫୁଲ ଫୁଟାଇ ଅଛନ୍ତି, ଆଷାଢ଼ରେ ମେଘର ଲୀଳା ଭଙ୍ଗୀ ଦେଖାଇ ଅଛନ୍ତି । ମୋହର ଶ୍ରୀକୃଷ୍ଣଙ୍କର ବଂଶୀଧ୍ୱନି ମଧ୍ୟ ଯମୁନାକୁ ଉଜାଣି ବୁହାଇଅଛି । ମୁଁ କିଛି କହେଁ ନାହିଁ, ମାତ୍ର ତୁମ୍ଭେ ସର୍ବଦା ଆତ୍ମପ୍ରଶଂସା ଲେଖି ରଖ, ଏତିକି ପ୍ରଭେଦ । ଗୁଣ ଅଥବା ମହାତ୍ମ୍ୟ ଅଂଶରେ କିଛି ପ୍ରଭେଦ ଅଛି କି ?

ଭଗିନୀ କହନ୍ତି "ମୁଁ ପ୍ରାୟ ଜ୍ଞାନୀ ଓ ପଣ୍ଡିତମାନଙ୍କ ନିକଟକୁ ଯାଏଁ, ମାତ୍ର ତୁମ୍ଭେ ମୂର୍ଖଙ୍କ ନିକଟକୁ ଯାଅ ।" ମାତ୍ର ଭଗିନୀ, ଏହା ତୁମ୍ଭର ମହାଭ୍ରମ । ହର, ହରି, ବିରଞ୍ଚି, ନାରଦ ଏମାନେ ତ ମୋର ନିକଟରେ ଥାଆନ୍ତି । ଭଗିନୀ କହନ୍ତି "ସେତେବେଳେ ତୁମ୍ଭର ଓ ମୋର ମଧ୍ୟରେ ଭିନ୍ନ ଭାବ ନ ଥିଲା ।" ତେବେ ବର୍ତ୍ତମାନ ଦେଖ, ଆଉ ଯେତେବେଳେ ଏକ ପ୍ରକାର ଅନ୍ତି ସେତେବେଳେ ଭିନ୍ନ ପ୍ରକାର ହେବ ଅବା କାହିଁକି ? ତୁମ୍ଭର ଓ ମୋହର ଏଥିରେ ଦୋଷ ନାହିଁ, ଏହା ଅଦୃଷ୍ଟ ଓ କାଳର ଦୋଷ । ଏ କାଳରେ ପୂର୍ଣ୍ଣତା ନାମକ ପଦାର୍ଥ କାହିଁରେ ଦେଖା ଯାଇ ନ ଥାଏ । ସମସ୍ତେହିଁ ଯେପରି ଅଙ୍ଗହୀନ, ଅପୂର୍ଣ୍ଣେନ୍ଦ୍ରିୟ । ଯେ ପଣ୍ଡିତ ସେ କବି ନୁହନ୍ତି, ଯେ କବି ସେ ଗାୟକ ନୁହନ୍ତି, ଯେ ଗାୟକ ସେ ପଣ୍ଡିତ ନୁହନ୍ତି । ମାତ୍ର ବର୍ତ୍ତମାନ ମଧ୍ୟ ଯେ ସୁକବି ସେ ପ୍ରକାଶ୍ୟରେ ଗାୟକ ନ ହେଲେହେଁ ମନେ ମନେ ଗାୟକ, ଏବଂ ଯେ ସୁଗାୟକ ସେ ପ୍ରକାଶ୍ୟରେ କବି ନ ହେଲେହେଁ ମନେ ମନେ କବି, ଏହା ପ୍ରାୟ ଦୃଷ୍ଟ ହୁଏ । ସୁତରାଂ ଏ ବିଷୟରେ ବିବାଦ ଅବା କାହିଁକି ?

ଏ ଯୁଗରେ ଯେପରି ମୁଁ ମୂର୍ଖ ନିକଟକୁ ଯାଏଁ, ଭଗିନୀ ମଧ୍ୟ ମୂର୍ଖ ନିକଟକୁ ଯାଆନ୍ତି । ଏ ଯୁଗରେ ଯେପରି କୋଷ୍ଟମାନଙ୍କ ଗୀତରେ କର୍ଣ୍ଣଜ୍ୱର ଉପସ୍ଥିତ ହୁଏ ସେପରି କୁକବିଙ୍କର କବିତାରେ କର୍ଣ୍ଣରେ ଘାଅ ବାଜିଯାଏ, ଦେଶ ଛାଡ଼ି ପଳାଇବାକୁ ପ୍ରବୃତ୍ତ ହୋଇଥାଏ । ସେହି ସମସ୍ତ ଲୋକଙ୍କ ନିକଟରେ ଉପସ୍ଥିତ ହେବାକୁ ସମ-ବିଷମ ସ୍ଥାନରେ ଗୋଡ଼ ପକାଉଁ ପକାଉଁ ଭଗିନୀଙ୍କର ପଦଭଗ୍ନ, ଅଳଙ୍କାର ସ୍ଖଳିତ, ମୁଖ ନୀରସ ଓ ମ୍ଳାନ, କଥାଗୁଡ଼ିକ ଜଡ଼ିତ ଓ ଲୁପ୍ତ ହୋଇ ଗୋଟିଏ ଶୋଚନୀୟ ଭାବ ଏବଂ ବିଷମ ଦୁର୍ଦ୍ଦଶାର ଆବିର୍ଭାବ ହୋଇଥାଏ । ଏସବୁ ସ୍ଥାନରେ ଆମ୍ଭମାନଙ୍କ ଉଭୟଙ୍କ ମଧ୍ୟରେ ତାରତମ୍ୟ ଅବା କଅଣ ?

ଭଗିନୀ କହନ୍ତି "ମୁଁ ସରସଚିତ୍ତ ଲୋକଙ୍କ ନିକଟରେ ସ୍ୱୟଂ ଉପସ୍ଥିତ ହୋଇଥାଏଁ ଏବଂ ନୀରସଚିତ୍ତ ଲୋକଙ୍କ ନିକଟରେ ଶତ ଆରାଧନାରେ ମଧ୍ୟ ଉପସ୍ଥିତ ହୁଏ ନାହିଁ ।" ମୁଁ ମଧ୍ୟ ତଦ୍ରୂପ । ମୁଁ ସରସ କଣ୍ଠରେ ନିଜ ମନକୁ ଉପସ୍ଥିତ ହୋଇଥାଏଁ, ମାତ୍ର କର୍କଶ କଣ୍ଠ ନିକଟରେ ମୁଁ କେହି ନୁହେଁ । ଯେବେ ଶତ ଆରାଧନାରେ ତାହା ନିକଟକୁ କଦାଚିତ୍ ଯିବାକୁ ହୁଏ ତାହା କେବଳ ଭୂତ ଛଡ଼ାଇବା ପାଇଁ ସିନା ? ତାହା ମୋହର ଗମନ ନୁହେଁ, ମରଣ ମାତ୍ର ।



Digitized by srujanika@gmail.com

ଭଉଣୀ ଗର୍ବ କରନ୍ତି "ମୁଁ ଦୁଇ ମୂର୍ତ୍ତିରେ ଜଗତ-ବିମୋହିନୀ; ଏକ ମୋହର ପ୍ରକୃତ ମୂର୍ତ୍ତି କବିତାର ତ କଥା ନାହିଁ ; ପ୍ରତିରୂପ ସ୍ୱରୂପ ଗାନମୂର୍ତ୍ତି କିଅଣ କମ୍ ସୁନ୍ଦର ? ଗାନରେ କେତେ କୌଶଳ କେତେ ରମଣୀୟତା ଭଲ ଦେଖ ।" ମୁଁ କହେଁ "ମୋହର ଦୁଇ ମୂର୍ତ୍ତି ମଧ୍ୟ ସେହି ଭଳି । ମୋହର କଣ୍ଠ-ସଙ୍ଗୀତ ମୂର୍ତ୍ତିହିଁ ପରିବ୍ୟକ୍ତ, ପୂର୍ଣ୍ଣ ପ୍ରକୃତ ମୂର୍ତ୍ତି ; ଏବଂ ଏହାର ପ୍ରତିରୂପ ଯନ୍ତ୍ର-ସଙ୍ଗୀତ । ଯନ୍ତ୍ର—ସଙ୍ଗୀତରେ କେତେ କୌଶଳ, କେତେ ରମଣୀୟତା ?"

ଭଉଣୀ ପୁଣି କହନ୍ତି "ମୁଁ ଯେତେବେଳେ କଳ୍ପନା ସହିତ କ୍ରୀଡ଼ା କରୁଁ କରୁଁ ଶୂନ୍ୟ ପଥରେ ମିଶିଯାଏଁ ସେତେବେଳେ ମୋହର ସେହି ଅପୂର୍ବ ଦିବ୍ୟ ମୂର୍ତ୍ତିର କାହାର ସହିତ ତୁଳନା ହେବ କି ?" କାହିଁକି, ମୋହର ଉଚ୍ଚତାନ ଯେତେବେଳେ ନିଶୀଥ ଗଗନର ନୀଳିମାରେ ମିଶିଯାଏ ସେତେବେଳେ ତାହାର ତୁଳନା କେହି ପାଇଅଛି କି ? .

ଭଉଣୀ ଯେତେବେଳେ ଅତି ଅହଙ୍କାରରେ ଉନ୍ମତ୍ତ ହୁଅନ୍ତି ସେତେବେଳେ କହନ୍ତି "ମୁଁ ସଂସାରରେ ସର୍ବପ୍ରଧାନା ପ୍ରକୃତି-ସ୍ୱରୂପା । ମୁଁ ମାୟାରୂପେ ପରଂବ୍ରହ୍ମଙ୍କ ସମୀପସ୍ଥ ହେଲେ ତାହାଙ୍କର ବିଶ୍ୱ-ରଚନାରେ ପ୍ରବୃତ୍ତି ଓ ପ୍ରତିଭା ଜନ୍ମିଥାଏ । ଯେତେ କାଳ ମୁଁ ନ ଥାଏ, ସେତେବେଳ ପର୍ଯ୍ୟନ୍ତ ସେ ନିର୍ଗୁଣ ଓ ନିଷ୍କ୍ରିୟ ଥିଲା ?" ଏ କଥା ବଡ଼ ଉଚ୍ଚ, କିନ୍ତୁ ମୋହର କିଅଣ ଏ ଭଳି ଉଚ୍ଚ କଥା କହିବାର ଅଧିକାର ନାହିଁ ? ଶବ୍ଦ-ବ୍ରହ୍ମ କାହାକୁ କହନ୍ତି, ପଣ୍ଡିତବର୍ଗ ଜାଣନ୍ତି । ସେହି ଯେଉଁ ଅନାହତ ଧ୍ୱନି ନିଜେ ନିଜେ ଅବ୍ୟକ୍ତ ରୂପେ ଧ୍ୱନିତ ହେଉଅଛି, ଅନନ୍ତକାଳ ଅନନ୍ତ-ସ୍ଥାନରେ ସୂକ୍ଷ୍ମ ମଧୁର-ଗମ୍ଭୀର ଭାବରେ ଧ୍ୱନିତ ହେଉଅଛି ତାହାହିଁ ତ ମୁଁ, ସେଥିରୁ ତ ସବୁ ! ସେହି ଚିର-ରଣନଶୀଳ ପ୍ରଣବର ପଞ୍ଚ-ଭେଦରେ ତ ପଞ୍ଚଭୂତର ଉତ୍ପତ୍ତି ! ତେବେ ତୁମ୍ଭେ କିଏ, ମୁଁ ମଧ୍ୟ କିଏ ?

ଆହା ! କଥା କଥାରେ ଆଦିକାଳର କଥା—ସେହି ବାଲ୍ୟ-କାଳର କଥା ମନେ ପଡ଼ିଗଲା । ସେହି ସ୍ନେହ-ରସାର୍ଦ୍ର, ଅଳି ଅଭିମାନମୟ, ସରଳ, ନିର୍ମଳ ଓ ମଧୁର ବାଲ୍ୟକାଳର କଥା ମନେ ପଡ଼ିଗଲା । ହାୟ ! ଏହି ଭବହାଟିକି ଆମ୍ଭେମାନେ କେତେ କାଳ ପାସୋରି ଯାଇଅଛୁଁ ! କେତେ କାଳ ଭିନ୍ନ ବ୍ୟକ୍ତି ଭଳି ଭିନ୍ନ ଭାବରେ କଟାଇ ଅଛୁଁ, କେତେ କାଳ ଆତ୍ମମ୍ଭରିତା ଓ ସ୍ୱାର୍ଥପରତାର ଆଶ୍ରୟ ନେଇଅଛୁଁ । ଆମ୍ଭମାନଙ୍କର ବିସ୍ମୃତିକୁ ଶତ ଧିକ୍ ।

ଆସ ଭଉଣୀ କବିତା ! ଆମ୍ଭମାନଙ୍କର ଆଦରିଣୀ ହୋଇ ପିତାଙ୍କର ଜୀବନସର୍ବସ୍ୱ ରୂପରେ ପୁଣି ପୂର୍ବକାଳ ଭଳି କେତେ ଭାବରେ ବିସ୍ମୃତ ହୋଇ ଧୂଳି-ଖେଳ କରୁଁ କରୁଁ ଓ ପଥରେ ନୃତ୍ୟ କରୁଁ କରୁଁ କାଳ-ସାଗର ତୀରରେ ଉପସ୍ଥିତ ହେଉଁ । କ୍ଷଣକାଳ ବିଳମ୍ବ ନ କରି କାଳ-ସାଗରରେ ଲମ୍ଫ ପ୍ରଦାନ କରୁଁ । ଭଉଣୀ, ଆଉ ଏଭଳି ଭିନ୍ନ ଦେହ ଅଥବା ଭାବ କାହିଁକି ? ଆସ, ଆସ ଶୀଘ୍ର ଏ ଦେହ ପରିତ୍ୟାଗ କରି ସେହି ବିୟୋଗ-କାତର ପରମ ପିତାଙ୍କର ଶୂନ୍ୟ କୋଡ଼ ଓ ଶୂନ୍ୟ ବକ୍ଷରେ ଉପସ୍ଥିତ ହେଉଁ ।

# ଯାତ୍ରା-ସଙ୍ଗୀତ

**ବୈକୁଣ୍ଠନାଥ ପଟ୍ଟନାୟକ**

ଜୀବନବନ୍ଧୁ ଜୟ ଜୟ ହେ,
ଜୟ ଚିର ମଙ୍ଗଳମୟ ହେ ।
ଦୁର୍ଦ୍ଦିନେ ଝରେ ତବ ଭରସା,
ତମିରେ ତୁମରି ପ୍ରୀତି ବରଷା,
କୌମୁଦୀ ଚିତ୍ତପଟେ ସହସା
(କରେ) ଅନ୍ତର ଚିର ନିର୍ଭୟ ହେ
ଜୟ ଚିର ମଙ୍ଗଳମୟ ହେ । ୧ ।
ଯାତ୍ରାର ଦୁଃଖ ଅବସାନେ
ପରଶେ ଶୀତଳ ଛାୟା ପ୍ରାଣେ
ସୃଷ୍ଟି ଉଚ୍ଛୁଳେ ତୁମ ଗାନେ
ସକଳ ଗ୍ଲାନି ମୋହ କ୍ଷୟ ହେ । ୨ ।
ଅନ୍ଧାରେ ବିଜୁଳିର ଚମକେ
ତୁଚ୍ଛ ତା-ଭୀତି ହରି ପଲକେ
ନିର୍ଜୀବ ଅଙ୍ଗ ମୋ ପୁଲକେ
ଲଭି ତୁମ ବାଣୀ ବରାଭୟ ହେ । ୩ ।
ମରୁରେ ବହାଇ ପୁଣି ଝରଣା
ହସେ ଉଷା ଅଲେକ-ବର୍ଣ୍ଣା
ମିଥ୍ୟାର ଭୟ-ଭୀତି ଯାତନା
ସକଳ ମନ୍ଦ ହାସେ ଲୟ ହେ । ୪ ।
ଜୟ ହେ ପରଶ ମହାସିନ୍ଧୁ
ସୁବିପୁଳ, ମୁଁ ସଲିଳ ବିନ୍ଦୁ !
ଧନ୍ୟ ନିରେଖି ମୁଖଇନ୍ଦୁ
ସକଳ ପାପ ଗ୍ଲାନି କ୍ଷୟ ହେ । ୫ ।
କ୍ଷୁଦ୍ର କୁସୁମ କେତେ ଝରଇ
ନବୀନ କୁଞ୍ଜବନ ଭରଇ
ନିର୍ଝର ସଙ୍ଗୀତ ସ୍ଫୁରଇ
ଜୀବନ ଜୈତ୍ର-ବାଣୀ-ବହ ହେ
ଜୟ ଜୟ ମଙ୍ଗଳମୟ ହେ । ୬ ।



Digitized by srujanika@gmail.com

# ଅନ୍ନ-ସମସ୍ୟା *

**ଶ୍ରୀ ବାସୁଦେବ ମହାପାତ୍ର**

ଆଜି ଅନ୍ନ-ସମସ୍ୟା ଦେଶର ଏକମାତ୍ର ସମସ୍ୟା ହୋଇଅଛି । ଭାରତର ପ୍ରସିଦ୍ଧ ଜନନାୟକମାନଙ୍କଠାରୁ ଆରମ୍ଭ କରି ସାଧାରଣ ନେତାଚାର୍ଯ୍ୟମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଏ କଥାର ଚର୍ବିତଚର୍ବଣ କରି ଦେଶର ଅନ୍ନସଂସ୍ଥାନ ପାଇଁ ବ୍ୟାକୁଳତା ଦେଖାଉ ଅଛନ୍ତି । ନାନା ମତ, ନାନା ପ୍ରଣାଳୀର ପ୍ରଚାର ଓ ପ୍ରସାର ଆରମ୍ଭ ହୋଇଅଛି; କିନ୍ତୁ ଅବସ୍ଥା ଯେ ଅନ୍ଧାରେ ସେହି ଅନ୍ଧାରେ । ନବ ସଭ୍ୟତାର ଚସମା ପିନ୍ଧି ବାହ୍ୟାଡ଼ମ୍ବରରେ ନିଜ ନିଜର ଚିନ୍ତା ଓ କଳ୍ପନାକୁ ଭସାଇ ଦେଲେ ଏ ସମସ୍ୟାର ଗୁରୁତ୍ୱର ନିରୂପଣ ବା ପ୍ରତିକାରର ପନ୍ଥା ନିର୍ଦ୍ଧାରଣ ସର୍ବଥା ଅସମ୍ଭବ—ତାହାହିଁ ହେଉ-ଅଛି । ବନ୍ୟାର ପ୍ରତିକାର ପାଇଁ କେତେଟା କେନାଲ ସୃଷ୍ଟି କଲେ, ଅନିକଟ ସବୁ ଉଠାଇ ଦେଲେ କିମ୍ବା ଅଭାବଗ୍ରସ୍ତ ଅଞ୍ଚଳରେ କିଛି ଦିନ ପାଇଁ 'ମୁଠି' ବାଣ୍ଟି ଦେଲେ ବା କେତେ କୋଟି ଟଙ୍କା ରାଜସ୍ୱ କଟିଗଲେ ଏ ସମସ୍ୟାର ସମାଧାନ ହେବନାହିଁ । ଯୁଗେ ଯୁଗେ ଦେଶରେ ନାନା ସମସ୍ୟା ସମୁତ୍ଥିତ ହୋଇ ଏହି ଉତ୍କଳ ଭୂମିରୁହିଁ ଶ୍ରେଷ୍ଠ ସମାଧାନ ମିଳିଅଛି । ଉତ୍କଳ ସବୁ ସମୟରେ ନିଜର ସୂକ୍ଷ୍ମ ବଳିଷ୍ଠ ମସ୍ତିଷ୍କର ପ୍ରୟୋଗରେ ସକଳ ସମସ୍ୟା ସମୀକ୍ଷା ଓ ପ୍ରଣିଧାନ କରି ମୁକ୍ତିର ପନ୍ଥା ନିର୍ଦ୍ଧାରଣ କରି ପାରିଅଛି ।

ଏହି ଉତ୍କଳରେ ପଲ୍ଲୀର ଶାନ୍ତିମୟ କ୍ରୋଡ଼ରେ ଥାଇ ମନୀଷୀ-ମାନେ ଚିରଦିନ ଦେଶ ପାଇଁ ବିଶ୍ୱଭୃତ୍ୱମୟ ଅମରସ୍ୱପ୍ନ ଦେଖି ଆସିଛନ୍ତି । ଏହିଠାରେ ଆଧ୍ୟାତ୍ମିକ ବିଭୂତିର ବିକାଶ ପାଇଁ, ଜାତିର ଧର୍ମପ୍ରାଣତାର ପ୍ରତିଷ୍ଠା ଓ ପ୍ରସାର ଉଦ୍ଦେଶ୍ୟରେ ଅଷ୍ଟାଦଶ ପୁରାଣ ମଧ୍ୟରୁ ଷୋଡ଼ଶ ପୁରାଣ ରଚିତ ହୋଇଥିଲା । ଦେଶ ବିସ୍ତାରରେ ସମରକଳା ବା ରଣ-ଚାତୁର୍ଯ୍ୟର ସମୁନ୍ନତି ପାଇଁ ଏହି-ଠାରେହିଁ ସମର-ତରଙ୍ଗିଣୀ ଲେଖା ହୋଇଅଛି । ସରସ-ବିଳାସ-କଳା, ଗୋବିନ୍ଦ-ରସପ୍ରମୋଦମାଧୁର୍ଯ୍ୟପୂର୍ଣ୍ଣ ସୁକୁମାର କବିତା, ସାରଳାଦାସ, ଭଞ୍ଜ, ଅଭିମନ୍ୟୁ, ଦୀନକୃଷ୍ଣ, ଜୟଦେବ ସମସ୍ତେ ସେହି ପଲ୍ଲୀର କୋଳରେ ବସି ଲେଖିବାକୁ ସମର୍ଥ ହୋଇଅଛନ୍ତି । ଧର୍ମ, ଅର୍ଥ, କାମ, ମୋକ୍ଷ ଜାତି-ବିକାଶର ସକଳ ଦିଗରେ ପଲ୍ଲୀର ସାଧନାହିଁ ଦେଶ ପ୍ରାଣରେ ଜୀବନୀ ଢାଳିଅଛି । ପଲ୍ଲୀରୁ ସମୃଦ୍ଧି ପାଇ ଏ ଦେଶ ସୁବର୍ଣ୍ଣ-ଭୂମି ରୂପେ ଦିନେ ପୃଥିବୀର ସମ୍ମାନ ଆକର୍ଷଣ କରି ପାରିଥିଲା ।

ପଲ୍ଲୀ ସବୁବେଳେ ଏ ଦେଶରେ ଅନନ୍ୟ ନିର୍ଭର । ନୀତି ପାଇଁ, ଗୁରୁ ବ୍ୟବସ୍ଥା ପାଇଁ, ସଙ୍କଟ ସମୟରେ ଏ ଦେଶରେ ସହର ପଲ୍ଲୀକୁ ଚାହିଁଅଛି ସିନା ! ପଲ୍ଲୀ କେବେ ସହରକୁ ଅପେକ୍ଷା କରି ନାହିଁ । ସମ୍ରାଟର ଚିନ୍ମୟ ତୁଙ୍ଗମୁକୁଟ ଦୀନବ୍ରାହ୍ମଣର ଚରଣ ତଳେ ଲୁଣ୍ଠିତ ହୋଇଅଛି—ରାଜନୀତି ଓ ରାଜ୍ୟ ଶାସନର ଜଟିଳ ସମସ୍ୟାର ସମାଧାନ ପାଇଁ ରାମଚନ୍ଦ୍ରଙ୍କୁ ଦୂର ଆଶ୍ରମ ଭୂମିରେ ବଶିଷ୍ଠଙ୍କ ଦ୍ୱାରସ୍ଥ ହେବାର ଦେଖାଯାଏ ।

ତେବେ ଆଜି ଏହି ଦାନାକନାର ଚିନ୍ତା କେବେ ଆସି ଏ ଦେଶକୁ ଗ୍ରାସ କଲା ? କେବେଠାରୁ ଏ ଦେଶବାସୀ କ୍ଷୁଧାର ଦାରୁଣ ଯନ୍ତ୍ରଣାରେ ଅସ୍ଥିର ହୋଇ ଗଗନ ମଣ୍ଡଳ ବିଦୀର୍ଣ୍ଣ କଲେ । ବର୍ତ୍ତମାନ ସମସ୍ୟା ଦେଶପ୍ରାଣକୁ ଅଭିଭୂତ ଓ ବିଚଳିତ କଲା ? ଏହାର ଏକମାତ୍ର ଉତ୍ତର—ଅତୀତର ସେହି ଜାନପଦ-ସଭ୍ୟତା ଦେଶରେ ଆଜି ଆଉ ନାହିଁ । ତାହାର ସ୍ଥାନରେ ନାଗର-ସଭ୍ୟତା ନାନା କଳକୌଶଳ ପ୍ରୟୋଗରେ, ଜ୍ଞାନପ୍ରଚାରର ମୋହନ ଜାଲରେ, ଦେଶକୁ ବିମୋହିତ ଓ ବିବନ୍ଧ କରି ଏହାର ସର୍ବସ୍ୱ ଶୋଷଣ କରି ନେଉଅଛି । ଏହି ଗତି ନ ଫେରିଲେ ଲୋପ ଅବଶ୍ୟମ୍ଭାବୀ । ଏହି ମରଣ ସଙ୍କଟରେ ଧର୍ମଗ୍ଲାନି ଦୂର କରି ଜାତିର ଉଦ୍ଧାର ଓ ସନାତନ ଧର୍ମର ପୁନଃ ସଂସ୍ଥାପନ ପାଇଁ, ପଲ୍ଲୀ ସଂଗଠନ, ଜାନପଦ-ସଭ୍ୟତାର ପୁନଃ ପ୍ରଚାର ଓ ପ୍ରସାର ନିତାନ୍ତ ଆବଶ୍ୟକ । ଏହି ସଂଗଠନରେହିଁ ଦେଶର ଅର୍ଥ-ନୀତି, ରାଜନୀତି, ଧର୍ମନୀତି ସକଳ ସମସ୍ୟାର ସମାଧାନ ହେବ ।

ଏହି ଧାରଣାର ବଶବର୍ତ୍ତୀ ହୋଇ ଆମ୍ଭମାନଙ୍କର କୃଶିକ୍ଷା ଯାହା ଆମକୁ ଶିଖାଇଅଛି, ଆମ୍ଭମାନଙ୍କ ଜାତୀୟ ପ୍ରାଣରେ ନାଗର ସଭ୍ୟତାର ଯେଉଁ ବିଷ ବଳପୂର୍ବକ ପୂରାଇ ତାହାକୁ ଦୂଷିତ କରିଅଛି, ସେ ସବୁ ଆମ୍ଭମାନଙ୍କୁ ଫିଙ୍ଗି ଦେବାକୁ ହେବ, ତାହା ସଙ୍ଗେ ପୂର୍ଣ୍ଣ ଅସହଯୋଗ କରି ପ୍ରାଣରେ ପୂର୍ବ ସ୍ୱାଧୀନତା ଜାଗ୍ରତ କରିବାକୁ ହେବ । ସ୍ଥୂଳରେ, ସୁସ୍ଥ ସବଳ ଜାନପଦ ସଭ୍ୟତାର ପୁନଃ ସଂସ୍ଥାପନରେ ସରଳ-ସଂଯତ-ଜୀବନରେ ଆଦର ଆସିଲେ ନାଗର ସଭ୍ୟତାର ଶୋଷଣ ଲୋପ ପାଇବ । ସେତିକିବେଳେହିଁ ଉଦର ପୋଷଣର ସ୍ଥୂଳ ଚିନ୍ତାରୁ ଦେଶ ଉଦ୍‌ବୁଦ୍ଧ ହେବ—ଅନ୍ନସମସ୍ୟା ଆଉ ରହିବ ନାହିଁ । ଆଉ ସେତିକିବେଳେହିଁ ସାହିତ୍ୟ, ଶିଳ୍ପ, ଚାରୁସୂକ୍ଷ୍ମକଳାର ବିକାଶ ପାଇଁ ଦେଶ ପ୍ରତି ଅବକାଶ ଆସିବ ।

ଅନେକେ ମତ ପ୍ରକାଶ କରିଥାଆନ୍ତି, ଅଧ୍ୟାତ୍ମ୍ୟପରାୟଣ ଆର୍ଯ୍ୟର ଐହିକ ଭୂତି ପ୍ରତି ସନାତନ ଅନାସ୍ଥା ଯୋଗୁଁ କାଳକ୍ରମେ ଦେଶରେ ଯେଉଁ ପରିଣତି ଆସିବାର କଥା, ତାହାହିଁ ଆସିଅଛି, କିନ୍ତୁ ଏ ଧାରଣାର କୌଣସି ଦୃଢ଼ ଭିତ୍ତି ଥିଲା ପରି ମନେହୁଏ ନାହିଁ ।

---

* ବାରିପଦା ସାହିତ୍ୟ ସମାଜର ଚତୁର୍ଥ ବାର୍ଷିକ ଅଧିବେଶନରେ ପଠିତ ।



Digitized by srujanika@gmail.com

ତୁଙ୍ଗ ପରମାତ୍ମ କଳ୍ପନା ଲକ୍ଷ୍ମୀଙ୍କୁ ନେଇ—ଲକ୍ଷ୍ମୀହିଁ ବିଷ୍ଣୁଙ୍କର ଶକ୍ତି । ଲକ୍ଷ୍ମୀଛଡ଼ା ବୈଷ୍ଣବ ଆଧ୍ୟାତ୍ମିକ ସାଧନାରେ ଅଗ୍ରସର ହୋଇ ପାରିବ ନାହିଁ । ଭାଗବତକାର ଏହି ଭାବ ସ୍ପଷ୍ଟତର କରି ଲେଖିଅଛନ୍ତି, "ଧନ ଅର୍ଜିଲେ ଧର୍ମ କରି, ଧର୍ମେ ପ୍ରାପତ ନରହରି ।" ଜୀବନବ୍ୟାପୀ କୃଚ୍ଛ୍ର ସାଧନାରେ ଯଥ ପର ଅର୍ଥସନ୍ଧାନ ଅର୍ଥ ସଂଚୟ କରିବ, ଲକ୍ଷ୍ମୀ ବା ପରମାତ୍ମ ଶକ୍ତିକୁ ଆୟତ୍ତ ନ କଲେ ପରମାର୍ଥ ସାଧନାରେ, ଲୋକହିତରେ ଅଗ୍ରସର ହୋଇ ପାରିବ ନାହିଁ । ତାହାର ଦୈନନ୍ଦିନ ପ୍ରାର୍ଥନା "ହିତାୟ ଲୋକସ୍ୟ ତବ ପ୍ରିୟାର୍ଥଂ, ସଂସାର ଯାତ୍ରାମନୁବର୍ତ୍ତିଷ୍ୟାମି ।" ଏହି ଧାରଣାରେ ପ୍ରଣୋଦିତ ହୋଇ ଦିନେ କବିପ୍ରାଣରୁ ବାହାରି ପଡ଼ିଛି— "ନିଜ ସ୍ୱାର୍ଥ ଲାଗି ଜାତ ନୁହେଁ ହିନ୍ଦୁ, ବିଶ୍ୱହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ ।" ଏ ଭୂମିରେ ବଡ଼ଲୋକ ବୋଇଲେ କହନ୍ତି—କି ବଡ଼ ଲୋକରେ ତୁ, ପୋଖରୀ ଖୋଳେଇଛୁ ନା ଦେଉଳ ତୋଳେଇଛୁ ?

ବାସ୍ତବିକ ପରମାତ୍ମା-ସାଧନା ଯାହାର ଲକ୍ଷ୍ୟ, ସେ ନିଶ୍ଚୟ କହିବ—"ନାଳ୍ପେ ସୁଖମସ୍ତି, ଯୋ ବୈ ଭୂମା ତତ୍ ସୁଖଂ ।" ଏ ସବୁରେ 'ଅଳ୍ପ' ଅର୍ଥାତ୍ ଭୌତିକ ଭୂତି ପ୍ରତି ଅନାସ୍ଥାର ସ୍ଥାନ ନାହିଁ । କିନ୍ତୁ ସେହି 'ଅଳ୍ପ'ର ଅଳ୍ପତ୍ୱ ଅବବୋଧ କରି, ଅଳ୍ପର ତ୍ୟାଗରେ ଅନଳ୍ପ ବା ବହୁର ଅର୍ଚ୍ଚନା ଏଥିରୁ ସ୍ପଷ୍ଟ ଜଣାପଡ଼େ । ଧନରେ, ଶକ୍ତିରେ, ଜ୍ଞାନରେ ବିତ୍ତବାନ୍ ହେବାକୁ ହେବ । ସେହି ସକଳ ବିଭବ, ଧନ, ଶକ୍ତି, ଜ୍ଞାନ, ଦେଶ ଓ ଦଶର ସେବାରେ ଢାଳି ଦେଇ ପରମାତ୍ମ ପ୍ରୀତି ଅର୍ଜନ କରିବାକୁ ହେବ । ଏଥିରେ ଅର୍ଥ ପ୍ରତି ଅନାସ୍ଥା କାହିଁ ? ବରଂ ଅର୍ଥର ସାହାଯ୍ୟରେ ପରମାତ୍ମ-ପ୍ରାଣତାର ପ୍ରତିଷ୍ଠା ସ୍ପଷ୍ଟ ।

"ସ୍ୱଚ୍ଛନ୍ଦ ବନଜାତ"ରେ ଯେ ଉଦର ତୃପ୍ତି ପାଇପାରେ ସେ ପରଶୋଷଣ କରିବାକୁ ଯିବ କାହିଁକି ? ମୂଳରେ—ମନସି ଚ ପରିତୁଷ୍ଟେ କୋଽର୍ଥବାନ୍ କୋ ଦରିଦ୍ରଃ ? ଏ ଭୂମିରୁ ଦିନେ ଧନୀ ଦରିଦ୍ରର ମହାଭେଦ, ଯାହା ବର୍ତ୍ତମାନ ପୃଥିବୀକୁ ପୋଡ଼ି ଭସ୍ମ କରିବାକୁ ବସିଅଛି, ଲୋପ ପାଇଥିଲା । ଆଜି ମଧ୍ୟ ଦୀନ କୁଲୀନ ବ୍ରାହ୍ମଣର ଶ୍ୱୋଭ୍ୟୋ ନମଃ, ସ୍ୱ ପଚଭ୍ୟୋ ନମଃ, ବାୟସେଭ୍ୟୋ ନମଃ"—କାକଶ୍ୱାନ ଚଣ୍ଡାଳ ପର୍ଯ୍ୟନ୍ତ ବଳିଦାନରେ ସନ୍ତୁଷ୍ଟ କରି ଅନ୍ନଗ୍ରହଣ କରିବାର ଅଭ୍ୟାସ ଅଛି । ଦାନଭିକ୍ଷୁକ ଯେଉଁ ଦେଶରେ ଏହିପରି ତ୍ୟାଗୀ, ଯେଉଁ ଦେଶରେ ସମ୍ରାଟ୍ ମଧ୍ୟ ବାନପ୍ରସ୍ଥ ଅବଲମ୍ବନରେ 'କୌପୀନବନ୍ତଃ ଖଳୁ ଭାଗ୍ୟବନ୍ତଃ' ହୋଇ ବସନ୍ତି, ସେ ଦେଶକୁ ଅନ୍ନାଭାବ ଆସିବ କିପରି ? ଏହିପରି ବ୍ୟକ୍ତିର ପୁଞ୍ଜୀଭୂତ-ସ୍ୱର୍ଣ୍ଣ-ବୈଷମ୍ୟ ବିଚ୍ଛିନ୍ନ ଓ ବିକ୍ଷିପ୍ତ ହୋଇ ସମଷ୍ଟିର ପୁଷ୍ଟି ଓ ପରିତୃପ୍ତିରେ ବ୍ୟୟିତ ହେଲେ ସାଧାରଣରେ ଅଭାବ ଓ ଅନ୍ନସମସ୍ୟା ଉଠି ନ ପାରେ ।

ଲୋକ ଅଭାବ ବଢ଼ାଇବାକୁ ଯାଉ, ଅଭାବ ଅସଂଖ୍ୟ ପେଖନା ଧରି ତାହାର ସଙ୍ଗୀ ସଂଖ୍ୟା ବଢ଼ାଇଦେବ । ବ୍ୟକ୍ତିର ଉଦର ମଧ୍ୟରେ ସମଷ୍ଟି କାହିଁକି, ସାରା ସୃଷ୍ଟିର ଚିରନ୍ତନ ସୁଖ ମଧ୍ୟ ଲୁଚିଯିବ । ରାମଚନ୍ଦ୍ର, ପ୍ରଜାର ସୁଖ ପାଇଁ ସମ୍ରାଟର ତୁଙ୍ଗ ଆସନରୁ ଓହ୍ଲାଇ ସୁଦୂର ପଲ୍ଲୀରେ ସାଧାରଣ ବେଶରେ ଦ୍ୱାରେ ଦ୍ୱାରେ ପାଦଚାରୀ ହେଉଥିଲେ । ଏହି ନାଗର-ସଭ୍ୟତା ଆସିଥିଲେ ତାଙ୍କର ନବବିଳାସୋଦ୍ଭାବିତ କେତେ ବିଚିତ୍ର ମୂଲ୍ୟବାନ ଯାନ ବାହାନର ଆବଶ୍ୟକତା ପଡ଼ିଥାନ୍ତା । ସେହି ଆତ୍ମସୁଖ ଯାନବାହାନର ପିପାସା ପରିତୃପ୍ତି କରୁଁ କରୁଁ ପ୍ରଜାରଞ୍ଜନ କଳ୍ପନା ପର୍ଯ୍ୟନ୍ତ ଲୁଚିଯାନ୍ତା । ଜାନପଦ ଓ ନାଗର-ସଭ୍ୟତାର ଏହି ସୁଦୂର ପାର୍ଥକ୍ୟ ମନେ ରଖି ପଲ୍ଲୀ-ସଂଗଠନ କାର୍ଯ୍ୟରେ ଅଗ୍ରସର ହେବାକୁ ହେବ ।

ଦେଶହିତୈଷୀମାନେ ଆଜିକାଲି ସ୍ୱଭାବସୁନ୍ଦର ପଲ୍ଲୀର ନାନା ବିମୋହନ କଳ୍ପନାରେ ନିମଗ୍ନ ରହିଅଛନ୍ତି । ସେମାନଙ୍କର ସବୁ କଳ୍ପନା ଆକାର ନେଲେ—ଦୃଢ଼ତାର ସହିତ କୁହାଯାଇପାରେ, ଉତ୍କଳର ପୁରାତନ ପଲ୍ଲୀମାନଙ୍କର ପ୍ରତିମୂର୍ତ୍ତି ଧାରଣ କରିବ । ଲୋକେ ଏ କଥାକୁ ଅତିଶୟୋକ୍ତି ବୋଲି ଉଡ଼ାଇ ଦେଇ ପାରନ୍ତି, କିନ୍ତୁ ବାସ୍ତବରେ ଯେ କେହି ପୁରୀର ବ୍ରାହ୍ମଣ ଶାସନମାନଙ୍କରେ ଥରେ ବୁଲିଆସୁ, ଏ ମତର ସତ୍ୟତା ଦୃଢ଼ରୂପେ ଅନୁଭବ କରି ପାରିବ । ପୁରାତନ ପଲ୍ଲୀ ନାନା ବିଚିତ୍ର ଅନୁଷ୍ଠାନପରମ୍ପରାର ଦୁର୍ଭେଦ୍ୟ ଦୁର୍ଗ ମଧ୍ୟରେ ସୁରକ୍ଷିତ ଥିଲା । ଏ ଯୁଗର ସଭ୍ୟତା ସେସବୁକୁ ଭାଙ୍ଗି ଚୂରି ଲୋପ କରିଦେଉଛି । ଅନାଦର ଓ ଅନବଧାନତାରୁ ଅନେକତ୍ର ସେ ଅନୁଷ୍ଠାନଗୁଡ଼ିକ କ୍ରମେ ଲୁପ୍ତ ହେବାକୁ ଯାଉଥିଲେ ମଧ୍ୟ ସମ୍ପୂର୍ଣ୍ଣ ଲୁଚି ଯାଇ ନାହିଁ ।

ପୂର୍ବେ ପ୍ରତ୍ୟେକ ପଲ୍ଲୀ ଗଠନ-ପରିପାଟୀରେ ଅନନ୍ୟ-ନିର୍ଭର ଥିଲା । ଯାହା ନିଜେ ଆଦାନି କରି ନ ପାରିବ ତାହା ପ୍ରତାରକ ପରି ଅନ୍ୟଠାରୁ ଆଣି ବସନ-ଭୂଷଣ-ଭୋଜନ-ବିଳାସରେ ଲଗାଇବ ନାହିଁ, ଏହାହିଁ ଥିଲା ଲୋକର ଚିରନ୍ତନ ଅଭ୍ୟାସ । ଯେ ଗ୍ରାମବାସୀ ବସନ ଭୂଷଣରେ ଟିକିଏ ଆଡ଼ମ୍ବର ଦେଖାଇ ଆଖିକୁ ଦିଶିବା ଭଳି ଅଭ୍ୟସ୍ତ ଶୁଦ୍ଧ ସରଳ ଜୀବନରେ କିଛି ପରିବର୍ତ୍ତନ ସୃଷ୍ଟି କରୁଥିଲା, ସେ 'ନାଗର' 'ନାଗରୀ' 'ଛଇଳ' 'ଛଇଳା' ପ୍ରଭୃତି ତୀବ୍ର ବିଦ୍ରୂପରେ ବିବ୍ରତ ଓ ସଂଯତ ହୋଇ ଆସୁଥିଲା । କୁଳୀନ ବ୍ରାହ୍ମଣ ମଧ୍ୟ ନଗର ବାସରେ ଅଧମ ବୋଲି ବିବେଚିତ ହେଉଥିଲା । ଉକ୍ତି ଅଛି—'ନଗରସ୍ଥୋ ଦ୍ୱିଜାଧମଃ' । ଏ ସବୁ ରୀତିନୀତି ଗ୍ରାମକୁ ସରଳ-ଶୁଦ୍ଧ-ସଂଯତ ରଖିବା ପାଇଁ ପ୍ରଚଳିତ ଥିଲା ।

ଏହି ଗ୍ରାମ ଗଠନର ଏକ ପ୍ରଧାନ ଅଙ୍ଗ ଥିଲା ଅରଟ । ଅରଟରେ ଉତ୍କଳ-ବାସୀର ଥିଲା ଅର୍ଥ-ନୀତି, ଧର୍ମ-ନୀତି, ରାଜ-ନୀତି ଓ ସମାଜ-ନୀତିର ବିଚିତ୍ର ସମନ୍ୱୟ । ପରମାତ୍ମ ଉପାସନା ଉଦ୍ଦେଶ୍ୟରେ ଲକ୍ଷ୍ମୀଙ୍କର ପ୍ରତିଷ୍ଠା କରିବାକୁ ସେ ଅଷ୍ଟଦଳ ବା ଅରଟ ରଚନା କରିଅଛି । ଗୁରୁବାର ଦିନ ଉତ୍କଳଲଲନା ଲକ୍ଷ୍ମୀପୂଜା ପାଇଁ ଦାଣ୍ଡ ଦୁଆରରୁ ଆରମ୍ଭ କରି ଲକ୍ଷ୍ମୀ ଖଟୁଲି ପର୍ଯ୍ୟନ୍ତ ଅରଟର ଚିତ୍ର ଲେଖି ଏବେ ମଧ୍ୟ ତାହାର ଦୁଇ ପାର୍ଶ୍ୱରେ ଲକ୍ଷ୍ମୀପାଦ ଯୋଜନା କରୁଅଛି । ଲକ୍ଷ୍ମୀ ଖଟୁଲିରେ ମୁରୁଜର ଅଷ୍ଟଦଳ ଲେଖି ଲକ୍ଷ୍ମୀଙ୍କ ଅଧିଷ୍ଠାନ ରଚୁଅଛି । ତା'ର ବିଶ୍ୱାସ, ଅରଟରେ ପାଦ ଦେଇ ଦେଇ ଲକ୍ଷ୍ମୀ ଖଟୁଲିକୁ ଆସିବେ ।



Digitized by srujanika@gmail.com

ଏହି ଅରଟ ଉତ୍କଳର ବୟନ ଶିଳ୍ପକୁ ଦେଶ-ଦେଶାନ୍ତରରେ ପ୍ରସାରିତ କରିଥିଲା । ଅରଟରେ ସୂତା କାଟିବା ଉତ୍କଳ-ଲଳନାର ସର୍ବପ୍ରଧାନ ବିଳାସ ଓ ବ୍ୟବସାୟ ଥିଲା ।

ପରିବାରର ଏହି କଟାସୂତା ବିନିମୟର ପ୍ରଧାନ ପ୍ରକରଣ ଥିଲା । ପୁରୁଷର ଶ୍ରମରେ ଦାନା, ରମଣୀର ଅରଟ ଚାଳନାରେ କନାର ଅଭାବ ଦୂର ହେଉଥିଲା । ପରିବାରର ବସ୍ତ୍ରାଭାବ ମେଣ୍ଟାଇ କରି ଯେ ସୂତା ଉଦ୍‌ବୃତ୍ତ ରହୁଥିଲା, ଗୃହକର୍ତ୍ତ୍ରୀମାନେ ତାହା ବିନିମୟରେ ହାଟରୁ ଲୁଣ, ତେଲ, ଶାଗ, ମାଛ କିଣି ଆଣୁ-ଥିଲେ । ଏ ପର୍ଯ୍ୟନ୍ତ ବାହାଦୁରୀ ଦେଖାଇ ଲୋକେ କହୁଥାନ୍ତି, 'ମୋତେ କ'ଣ ଶିଖାଇବୁ ରେ ପୁଅ, ମୁଁ ବିନା ସୂତାରେ ହାଟ କରିଯାଏଁ ?' 'ରାଣ୍ଡ ଅଣ୍ଟୁ ଲୁଢ଼ୀ ଯେତେକ ଥିଲେ, ସୂତା ନଟୀ ଧେନି ହାଟକୁ ଗଲେ ।' ଗୋଟିଏ ଗୋଟିଏ ପରିବାର ସୂତା ଏକାଠି ହୋଇ ପ୍ରତି ହାଟପାଳରେ ପର୍ବତ ଆକାର ଧାରଣ କରେ । ବଡ଼ ବଡ଼ ବଣିକମାନେ, ସାଧବ ପୁଅମାନେ ସେହିକୁ ସୂତା ଅଳ୍ପ ମୂଲ୍ୟରେ କିଣି ନେଇ ବୟନଚାତୁରୀ ମଣ୍ଡିତ କରି ବହିର୍ବାଣିଜ୍ୟ ରଚନା କରି ବସନ୍ତି । ଅନେକ କଙ୍କାଳୀମାନଙ୍କର ଜୀବନରେ ଲକ୍ଷ୍ୟ ଥାଏ, ଏହି ସୂତାକଟାର ଆୟରେ କିପରି ଜୀବନରେ ଗୋଟିଏ ଗୋଟିଏ ମନ୍ଦିର ନିର୍ମାଣ କରିପାରିବେ । ଯାଜପୁରର ଓ ଭୁବନେଶ୍ୱରର କାଟୁଣୀ ମନ୍ଦିରମାନ ବିରାଜିତ ରହି ଏହାର ସାକ୍ଷ୍ୟ ଦେଉଅଛି ।

ପଲ୍ଲୀର ଆଉ ଗୋଟିଏ ବିଶିଷ୍ଟ ଅନୁଷ୍ଠାନ—ପଞ୍ଚାୟତ । ଗ୍ରାମ ପଞ୍ଚାୟତର ଧର୍ମ ବ୍ୟବସ୍ଥାମଣାରେ, ପୁଣ୍ୟପ୍ରଭାବରେ ପଲ୍ଲୀ-ଜୀବନ ଶୁଦ୍ଧ ସରଳ ମଧୁମୟ ହୋଇ ଉଠୁଥିଲା । ଲୋକେ ଖର୍ଚ୍ଚାନ୍ତ ନ ହୋଇ ଅନର୍ଥକ ପ୍ରାଣପୀଡ଼ା ନ ପାଇ, ପ୍ରବଳର ଅତ୍ୟାଚାର, ଧନିକର ବିଷ-ଦୃଷ୍ଟିକୁ ଡେଇଁ ଦେଇ ପାରୁଥିଲେ । ପଞ୍ଚାୟତର ସେ ପୁଣ୍ୟପ୍ରଭାବ ଏପର୍ଯ୍ୟନ୍ତ ଅନେକାଂଶ ଲୋପ ପାଇ ନାହିଁ । ବାଉରୀ, କଣ୍ଡରା, ତେଲି, ତୁଳାଭିଣା ପ୍ରଭୃତି ନିମ୍ନ ଶ୍ରେଣୀରେ ଜାତିଆଣ ସଭା ଅଛି । ପଞ୍ଚର ପ୍ରତିପତ୍ତି ଟେକି ଧରିବାକୁ ସେମାନେ ସର୍ବଦା ତତ୍ପର । କିନ୍ତୁ ଯେଉଁମାନଙ୍କ ମଧ୍ୟରେ ଟିକିଏ ନାଗର-ସଭ୍ୟତା ପଶିଛି, ଯେଉଁମାନେ ଶିକ୍ଷିତ ବୋଲି, ସଭ୍ୟଭବ୍ୟ ବୋଲି ଅହଙ୍କାର କରିଥାନ୍ତି, ସେହି-ମାନଙ୍କ ମଧ୍ୟରୁ ଏହି ପୂଜ୍ୟ ପଞ୍ଚର ଆଦର କ୍ରମେ ଲୋପ ପାଇ ସମାଜର ନୈତିକ ମେରୁଦଣ୍ଡ ଭାଙ୍ଗି ଚୂର୍ଣ୍ଣ କରି ଦେଉଅଛି । ଗୋଟିଏ ନଡ଼ିଆ ଗଛ, ହାତେ ଜମି ପାଇଁ ମାମଲା କରି କରି ପଲ୍ଲୀର ବଡ଼ ବଡ଼ ସମ୍ପତ୍ତି ଉଡ଼ି ଯାଉଅଛି—ବଡ଼ ବଡ଼ ଘର ଭାଙ୍ଗି ଗୁଣ୍ଡ ହୋଇ ଯାଉଅଛି । କଥାରେ କହନ୍ତି—"ମାମଲା—ମା ଲୋ ।" ଏହି ମାମଲାର ମାୟାରେ ମା-ଲକ୍ଷ୍ମୀ ପଲ୍ଲୀରୁ ମରି—ପଲ୍ଲୀ ଦିନକୁ ଦିନ ହତଶ୍ରୀ ହୋଇ ପଡ଼ୁଅଛି । ଦେଶର ବଡ଼ ବଡ଼ ଧର୍ମପୀଠ, ବିଚାରାଳୟ ସବୁ ମାମଲାର ନିଶା ବଢ଼ାଇ ଦେଇ ଧର୍ମ ବିଚାରର ପଥ ରୁଦ୍ଧ କରୁ-ଅଛି । ଯେତେ ନିର୍ଦ୍ଦୋଷ ହେଲେ ମଧ୍ୟ ଏ ଅଦାଲତମାନଙ୍କର ବିଚାର ପଞ୍ଚାୟତର ପ୍ରତ୍ୟକ୍ଷ ପ୍ରମାଣ ପରି କଦାପି ନିରପେକ୍ଷ, ପ୍ରମାଦ ପ୍ରତାରଣାଶୂନ୍ୟ ହୋଇ ନ ପାରେ । ପଞ୍ଚର ପ୍ରତିଷ୍ଠା ପଲ୍ଲୀରେ ପୁନଃ ପ୍ରତିଷ୍ଠିତ ହେଲେ, ଅର୍ଥଶୋଷଣର ଗୋଟିଏ ପ୍ରବଳ ପନ୍ଥା ରୁଦ୍ଧ ହେବ ।

ତୃତୀୟ ଅନୁଷ୍ଠାନ ଜାଗାଘର । ପ୍ରତି ପଲ୍ଲୀରେ ଏହି ଜାଗାଘର ବା ବ୍ୟାୟାମ ମନ୍ଦିର ଏବେ ମଧ୍ୟ ଦେଖିବାକୁ ମିଳେ । ଚାଳନା ଅଭାବରୁ, ଯାହା ପୂର୍ବେ ଶକ୍ତିର ପୁଣ୍ୟପୀଠ, କ୍ଷାତ୍ରତେଜର ବିକାଶ-ଭୂମି ଥିଲା—ତାହା ଅନେକାଂଶ ଆଖଡ଼ା, ଅନାଚାର, ନିଶାପଣାର ଆଡ୍ଡା ହୋଇ ପଡ଼ିଅଛି । କିନ୍ତୁ ଉତ୍କଳକୁ ଦୁର୍ଗାରଣ୍ୟ ଦେଖି ଦିନେ ରାଷ୍ଟ୍ରପତି ଶିବାଜି ଦେବଭୂମି କହି ମସ୍ତକ ନତ କରିଥିଲେ । ଏ ରାଜ୍ୟର ବିଜୟ ନିଶାଣ 'ହିମାଚଳ ମୂଳେ, କୁମାରିକା କୂଳେ' ଦିନେ ଉଡ଼ୁଥିଲା । ସେସବୁ ଅତୀତ ମହତ୍ତ୍ୱର, ଅତୀତ ବୀରତ୍ୱର ଭିତ୍ତିଭୂମି—ପଲ୍ଲୀର ଏହି ଜାଗାଘର ଗୁଡ଼ିକ କହିବା ନିଷ୍ପ୍ରୟୋଜନ । କୋଟି କୋଟି ଟଙ୍କା ବ୍ୟୟରେ ବିଦେଶମାନଙ୍କରେ ବାଧ୍ୟତାମୂଳକ ସମର ଶିକ୍ଷା ଦିଆହୁଏ । ଶତ୍ରୁର ଆକ୍ରମଣରୁ ଦେଶକୁ ରକ୍ଷା କରିବା ପାଇଁ ସେପରି ବିପୁଳ ବାହିନୀ ଏ ଦେଶରେ କେବେ ଆବଶ୍ୟକ ହୋଇ ନାହିଁ । ଦେଶ ଉଦ୍ଧାର ସମସ୍ତଙ୍କର କାର୍ଯ୍ୟ—ଏଠାରେ ବର୍ଣ୍ଣ ବିଚାର ନାହିଁ—ଅଧିକାର ଭେଦ ଅସମ୍ଭବ । ଏଥିପାଇଁ ଗ୍ରାମେ ଗ୍ରାମେ ବାଳକମାନେ, ଯୁବକମାନେ ଏ ଜାଗାଘର ମାନଙ୍କରେ ଦଣ୍ଡ କସରତରୁ ଆରମ୍ଭ କରି, ଅସ୍ତ୍ରଶସ୍ତ୍ର ଚାଳନା, ଧନୁର୍ଦ୍ଧାରଣ, ଦ୍ୱନ୍ଦ୍ୱ ଯୁଦ୍ଧ ପ୍ରଭୃତି ସକଳ ସମର-ଚାତୁରୀ ଅଭ୍ୟାସ କରି ରଖୁଥିଲେ । ଖଣ୍ଡା ଚାଳନାରେ ମହତ୍ତ୍ୱ ଓ ପୁରୁଷତ୍ୱ ପରିବ୍ୟକ୍ତ କରିବା ଖଣ୍ଡାୟତର ବିଳାସ ଥିଲା । କୁଳୀନ ବ୍ରାହ୍ମଣ ମଧ୍ୟ ସାମନ୍ତ, ସେନାପତି, ବାହିନୀ-ପତି ସାଜି ଅଭିଯାନରେ ବାହାରି ପଡ଼ୁଥିଲେ । ସଙ୍କଟ ଉପସ୍ଥିତ ହେଲେ, ଗଜପତିଙ୍କ ଇଙ୍ଗିତ ପାଇଲେ ଶୂନ୍ୟ ଦୁର୍ଗସବୁ କ୍ଷଣକେ ପୂର୍ଣ୍ଣ ହେଉଥିଲା । ମୂଳତଃ ଏହି ଜାଗାଘର ସବୁ ରାଜ୍ୟର ଅର୍ଥ ନାଶର ଆଉ ଗୋଟିଏ ପ୍ରସର ପଥ ନିରୋଧ କରିଥିଲା ।

ଚତୁର୍ଥ ଅନୁଷ୍ଠାନ 'ଚତୁଷ୍ପାଠୀ' । ବିଭିନ୍ନ ବିଷୟରେ ପାଠ ବା ଶିକ୍ଷା ଦିଆଯାଏ ବୋଲି ସମ୍ଭବତଃ ଏହାର ଏପରି ନାମ ହୋଇଅଛି । ଆଜିକାଲିର ଶିକ୍ଷା ଫଳରେ ଛାତ୍ର ଓ ଯୁବକମାନେ କର୍ମକୁଣ୍ଠ ହୋଇ ବସୁଛନ୍ତି—ସାମାନ୍ୟ କୁଠା ଖଣ୍ଡିଏ ହାତରେ ଦୁଇଖଣ୍ଡ କରି ହେଉନାହିଁ । ବଡ଼ ବଡ଼ ଉପାଧିସହ ଉତ୍ତୀର୍ଣ୍ଣ ହୋଇ ଜୀବନ ଧାରଣ ଓ ଭରଣପୋଷଣର ପନ୍ଥା ଦେଖି ନ ପାରି ହାହାକାର କରୁଛନ୍ତି—ବେକାର ସମସ୍ୟାରେ ବାୟୁମଣ୍ଡଳ ବିଧୂନିତ । ଶୁଦ୍ଧ, ବୁଦ୍ଧ ଓ ମୁକ୍ତ କରିବା ଜ୍ଞାନର ପ୍ରକୃତି ; କିନ୍ତୁ ଆଜି ଛାତ୍ର ଅଧିକତର ନିରୁପାୟ, ଅଧିକତର ପରାଧୀନ ଓ ପରନିର୍ଭର ହେଉଅଛି । ନାଗର ସଭ୍ୟତାର ଅହଂକାରରେ ପୈତୃକ ବ୍ୟବସାୟକୁ ଘୃଣାରେ ପରିତ୍ୟାଗ କରୁଅଛି ; ଅଥଚ ନୂତନ କିଛି ଦେଖୁନାହିଁ । ଜ୍ଞାନର ଏ ଅଧୋଗତି ଏ ଦେଶରେ କେବେ ଥିଲା ? ଉତ୍କଳର ଏ ଚତୁଷ୍ପାଠୀମାନଙ୍କରେ ବ୍ୟବସାୟଗତ ସକଳ ଶିକ୍ଷା ଦେବା ପାଇଁ ଗୁରୁ ପ୍ରସ୍ତୁତ ହୋଇ ରହିଥିଲେ । ଚତୁଷ୍ପାଠୀ ଗୁଡ଼ିକରେ ଜାତି ଭେଦର ବିଚାର ନ ଥିଲା । ପୂର୍ବକାଳର ବୀରନରସିଂହପୁର ଶାସନର



Digitized by srujanika@gmail.com

ସର୍ବଶ୍ରେଷ୍ଠ କୁଳୀନ ବାହ୍ମଣୀପତି ନିଜର ଚଉପାଠୀରେ ସକଳ ପ୍ରକାର ଶ୍ରମଜୀବୀଙ୍କ ପାଇଁ ଶିକ୍ଷାର ବ୍ୟବସ୍ଥା ରଖିଥିଲେ । ଏପରିକି ମୋଚି ସନ୍ତାନଙ୍କୁ ଶିକ୍ଷା ଦେଲାବେଳେ ତାଙ୍କୁ ଚର୍ମରଜ୍ଜୁ ଦଣ୍ଡରେ ଧରିବାକୁ ପଡୁଥିଲା ବୋଲି ଏପର୍ଯ୍ୟନ୍ତ ଲୋକେ ସ୍ମୃତିରେ ଧରି ରଖିଛନ୍ତି ।

ପଞ୍ଚମ ଅନୁଷ୍ଠାନ ଗ୍ରାମର କୋଠ । ବିଶିଷ୍ଟ ବ୍ରାହ୍ମଣ ଶାସନମାନଙ୍କରେ ଏ କୋଠ ପ୍ରତିଷ୍ଠିତ ଦେବଦେବୀଙ୍କର ଯାନିଯାତ୍ରା, ପୁଣ୍ୟପର୍ବ, ମେଳାମହୋତ୍ସବ ପାଇଁ ରାଜଦତ୍ତ ସମ୍ପତ୍ତି । କିନ୍ତୁ ଅନ୍ୟାନ୍ୟ ପଲ୍ଲୀମାନଙ୍କରେ ଭାଗବତ ମନ୍ଦିରର ପରିଚାଳନା ପାଇଁ ଲୋକମାନଙ୍କର ବ୍ୟକ୍ତିଗତ ଦାନ ବା ଚାନ୍ଦାରେ ଏହା ଗଠିତ । କୌଣସି କୌଣସିଠାରେ ଏହି ସଞ୍ଚିତ ଧନରେ ପୂର୍ବେ ଧାନଗୋଲା ସବୁ ଖୋଲା ହେଉଥିବାର ସୂଚନା ମିଳେ । ଦୁର୍ଭିକ୍ଷ ଓ ଅନାଟନ ବେଳେ ଏହି ଗୋଲାର ଧାନ ବଣ୍ଟା ହୁଏ । ଲୋକେ ଅକାଳ କଷ୍ଟ ଜାଣନ୍ତି ନାହିଁ । ଖାଲି ସେତିକି ନୁହେଁ, ଗ୍ରାମବାସୀମାନେ ସାଧାରଣ ଚିକିତ୍ସା ପାଇଁ ଠୁଣୁ ଠୁଣିକିଆ ଦଶମୂଳଠାରୁ ଆରମ୍ଭ କରି ବଡ଼ ବଡ଼ ଔଷଧ ଓ ତୈଳର ଭାଗସବୁ ପକାଇ ଏଠାରେ ପ୍ରସ୍ତୁତ କରି ରଖୁଥିଲେ । ଭାଗବତ ମନ୍ଦିରମାନ ଗ୍ରାମ ପୁସ୍ତକାଗାରର କାର୍ଯ୍ୟ କରୁଥିଲା । ଖାଲି ଭାଗବତ ପୁସ୍ତକ ନୁହେଁ ଅନ୍ୟାନ୍ୟ ବ୍ୟବସାୟଗତ ନାନା ପୋଥି ସଙ୍ଗୀତ ନାଟକ ସୁଆଙ୍ଗ ସକଳର ପରିଚାଳନା ପାଇଁ ଉପାଦାନ ଭାଗବତ ପୀଠରେ ସଂଗୃହୀତ ଓ ସଞ୍ଚିତ ହୋଇ ରହିଥିଲା । କିନ୍ତୁ ଆଜି ପଲ୍ଲୀରେ ସେ କୋଠ ସମ୍ପତ୍ତି ସବୁ ଅର୍ଥ-ପିଶାଚମାନଙ୍କ ଦ୍ୱାରା ଅପହୃତ ଓ ଆତ୍ମସାତ୍ ହେବାର ଦେଖିଲେ ପ୍ରାଣରେ ବେଦନା ଆସେ ।

କବିରାଜଘର ପଲ୍ଲୀର ଗୋଟିଏ ଜୀବନ୍ତ ଅନୁଷ୍ଠାନ । ଔଷଧ ମୁଣି ଧରି ଦ୍ୱାର ଦ୍ୱାର ବୁଲି ଆରୋଗ୍ୟ ବିତରଣ କରିବା କବିରାଜଙ୍କର କାର୍ଯ୍ୟ । ସେ ଅପାର ସହାନୁଭୂତିରେ ବୁଝୁଥିଲେ ବ୍ୟାଧିତର ବେଦନା, ଅନୁଭବ କରୁଥିଲେ ମୁମୂର୍ଷୁର ପ୍ରାଣପୀଡ଼ା । ଲୋକସେବାର ସେ ବ୍ୟାକୁଳତା ନିକଟରେ ଧନୀ ଦରିଦ୍ର ବିଚାର ରହୁ ନ ଥିଲା । ରୋଗୀ ପାଇଲେ, ସେବାର ସୁଯୋଗ ମିଳିଲେ, ପରମ ଭାଗ୍ୟ ମନେ କରି ପରିଚର୍ଯ୍ୟା କରି ବସୁଥିଲେ । ଦୀନ ପଲ୍ଲୀବାସୀ ବାଡ଼ିର ଦି’ଗଛ ଖଡ଼ା, ପୁଞ୍ଜିଏ ଜହ୍ନି ବେଣ୍ଟିର ବିନିମୟରେ ମୂଲ୍ୟବାନ୍ ଔଷଧ ପାଇ ରୋଗମୁକ୍ତ ହେଉଥିଲା । ଅନେକଙ୍କ କେବଳ ସେବା ଭାବରେ ଔଷଧ ବିତରଣ ହୋଇଥାଏ । ଏବ କାଳର ବଡ଼ ବଡ଼ ଡାକ୍ତର ଓ କବିରାଜମାନେ ସହରର ଛକ ଯାଗା ମାଡ଼ି ବସି ପସରା ବାଢ଼ୁଛନ୍ତି । ସେ ସେବାଭାବର ସତ୍ତା ନାହିଁ । ଦେଶରେ ରୋଗ ବଢ଼ୁ, ତାଙ୍କର ଏକମାତ୍ର ଚିନ୍ତା । ଭିଜିଟ୍ ନ ନେଇ କିପରି ନାଡ଼ୀ ପରୀକ୍ଷା କରାଯାଏ ସେମାନେ ଜାଣନ୍ତି କି ? ଦୂର ପଲ୍ଲୀରୁ ବ୍ୟାଧିତର ଡାକ, ରୋଗକ୍ଳିଷ୍ଟର କରୁଣ ଚିତ୍କାର କାହାରି କର୍ଣ୍ଣରେ ପଡ଼େ ନାହିଁ । ଆହା ! ପାନେ ଔଷଧ ପାଇଲେ ବଞ୍ଚିବା ନ ପାଇ କେତେ କେତେ ମହା ପ୍ରାଣୀ ଟଳି ପଡ଼ୁ ନାହାନ୍ତି !

ଏହି ସକଳ ଶୃଙ୍ଖଳର ଅନୁଷ୍ଠାନମାନଙ୍କ ବଳରେ ପଲ୍ଲୀ ପୂର୍ବେ ଅର୍ଥନାଶର ସକଳ ପନ୍ଥା ନିରୋଧ କରି ନାନା ଗୃହ କୁଟୀର-ଶିଳ୍ପରେ ବିଦେଶରୁ ବିଭବ ଚୟନ କରି ଆଣୁଥିଲା । ଅନ୍ନବସ୍ତ୍ରର ଅଭାବ ହେବ କାହିଁକି ? ସମୁଦ୍ର ଓ ଚିଲିକାର ଉପକୂଳବର୍ତ୍ତୀ ପଲ୍ଲୀମାନ ଲବଣ ବାଣିଜ୍ୟରେ କୁବେର ବିଭବରେ ‘ମାଣିକ ପାଟଣା’ ‘ସୁନା ଖଲା’ ‘ରୂପା ହାଟ’ ହୋଇ ଉଠିଥିଲା । ଲବଣ ବାଣିଜ୍ୟ ନିରୋଧ ହୋଇ ଆଜି ଉପକୂଳ ପଲ୍ଲୀଗୁଡ଼ିକ ଉଚ୍ଛନ୍ନ । ଏସବୁ ଅନୁଷ୍ଠାନର ପୁନର୍ଜାଗରଣ ହୋଇ ଉତ୍କଳରେ ଯଦି ସେହି ସରଳ ସମ୍ପନ୍ନ ଜୀବନ ପୁନର୍ବାର ପ୍ରତିଷ୍ଠା କରାଯାଏ ବନିମୟରେ ସକଳ ଦ୍ରବ୍ୟ, ସକଳ ସୁବିଧା ପଲ୍ଲୀବାସୀ ଲାଭ କରି ଯଦି ଅନନ୍ୟ ନିର୍ଭର ହୋଇପାରେ ତେବେ ଦେଶ ହିତୈଷୀମାନଙ୍କର ସ୍ୱପ୍ନ ଓ କଳ୍ପନା ମୂର୍ତ୍ତିପରିଗ୍ରହ କରି ହସି ଉଠିବ ।

# ଓଡ଼ିଶାର ଯୁଗଜୀବନ

**ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ**

ଜୀବନର ମୁହୂର୍ତ୍ତି ମୁହୂର୍ତ୍ତିରେ କେତେ ଯେ ପରିବର୍ତ୍ତନ ସଙ୍ଘଟିତ ହୁଏ, ତାହାର କଳନା କରିବା ମାନବର ସାଧ୍ୟାତୀତ । ତଥାପି ସେ ବାରମ୍ବାର ଚେଷ୍ଟା କରିଥାଏ ଏବଂ ପୂର୍ଣ୍ଣତଃ ସେ ଦିଗରେ ସଫଳମନୋରଥ ନ ହୋଇ ପାରିଲେ ମଧ୍ୟ ଯୁଗଜୀବନର କେତେକ ଚିହ୍ନ ସେ ନିର୍ଦ୍ଦେଶ କରି ଦେଇଯାଏ । ଏ ଦିଗରେ ଐତିହାସିକର ଏବଂ ଭାବୁକର ଯୁକ୍ତ ଚେଷ୍ଟା ଏକାନ୍ତ ବାଞ୍ଛନୀୟ ନ ହେଲେ, କେବଳ ଐତିହାସିକ ଭାବରେ, ଯୁଗଘଟିତ କ୍ରିୟାଗୁଡ଼ିକ ବର୍ଣ୍ଣିତ ହେବ । କିନ୍ତୁ ଭବିଷ୍ୟତର ଉନ୍ନତି ମାର୍ଗ ସୁଗମ ହୋଇ ପାରିବ ନାହିଁ । ସୁତରାଂ ଏ ପ୍ରବନ୍ଧରେ ମୁଁ ଉଭୟ କାର୍ଯ୍ୟ କରିବାକୁ ଚେଷ୍ଟା କରିଅଛି ।



Digitized by srujanika@gmail.com

**ବର୍ତ୍ତମାନ ଯୁଗ-ଜୀବନର ଲକ୍ଷଣ**—ପୂର୍ବର ସମାଜ ଅନ୍ତର୍ମୁଖୀ ଥିଲା ଏବଂ ଏତେ ଚଞ୍ଚଳ ନ ଥିଲା। ବର୍ତ୍ତମାନର ସମାଜ ବହିର୍ମୁଖୀ ବେଶୀ ଏବଂ ଚଞ୍ଚଳ ମଧ୍ୟ ବେଶୀ। ଭାରତର ପୁରାତନ ଆଦର୍ଶ ଅନ୍ତର୍ମୁଖୀ ହେବା। ଚିନ୍ତା-ରାଜ୍ୟରେ ଗଭୀର ଅଭିନିବେଶ କଲେ ଲୋକେ ଚିନ୍ତାଶୀଳ ହୋଇ ପାରନ୍ତି ଏବଂ ସଙ୍ଗେ ସଙ୍ଗେ ଶାଶ୍ୱତର ସନ୍ଧାନ କରି ପାରନ୍ତି ଓ ଜୀବନର ନୈତିକ ମୂଲ୍ୟ ବୁଝି ପାରନ୍ତି। ବର୍ତ୍ତମାନ ଜୀବନରେ ପୃଥିବୀର ଏ ଯୁଗସନ୍ଧି ବେଳେ ଓଡ଼ିଆ ଜାତିର ଯୁଗଜୀବନର କଥା ଭାବିବାକୁ ହେଲେ ସର୍ବ ପ୍ରଥମ ମନେ ପଡ଼େ ତାହାର ପ୍ରାଚୀନ ଏବଂ ଆଧୁନିକ ଆନନ୍ଦ ମଧ୍ୟରେ ସଂଘର୍ଷ।

**ଯୁଗ-ପ୍ରଭାବ ପ୍ରବଳ**—ମନ୍ତ୍ର ଐରାବତ ଯେପରି ପ୍ରଚଳମାନା ଗଙ୍ଗାର ଗତିରୋଧ କରିବାକୁ ଅସମର୍ଥ ହୋଇଥିଲା ଓଡ଼ିଆ ଜାତି ମଧ୍ୟ ବର୍ତ୍ତମାନ ସେହିପରି ହୋଇଅଛି। କେବଳ ପ୍ରଶ୍ନ ଏତିକି ଯେ ମନ୍ତ୍ର ଐରାବତ ପରି ଯୁଗ-ପ୍ରଭାବ ସହିତରେ ଯୁଝିବ ନା କପୂର୍ଣ ସନ୍ତରଣକାରୀ ପରି କାଳର ଉତ୍ତାଳ ତରଙ୍ଗରେ ଆପଣାକୁ ମିଶାଇବ। ଭାରତବର୍ଷର ସବୁ ଜାତି ମଧ୍ୟରେ ଓଡ଼ିଆ ଜାତିର ପ୍ରାଚୀନତ୍ୱ ଖୁବ୍ ବେଶୀ ଏବଂ ତାହାର ମହତ୍ତ୍ୱ ମଧ୍ୟ ଖୁବ୍ ବେଶୀ। କଳିଙ୍ଗ-ସଭ୍ୟତା କହିଲେ ବିଶାଳ ଏକ ସାମ୍ରାଜ୍ୟର କଥା ମନକୁ ଆସେ ଏବଂ ସେଥିରେ କେତେ ତରଣୀ ତରଙ୍ଗ ହୋଇ ନାନା ସମ୍ରାଟ ଧନ ସଂଗ୍ରହ କରିଥିଲେ, ତାହାର କଳ୍ପନା ବାୟୁବିଧୂନିତ ତରଙ୍ଗ ସହିତରେ ଆମ୍ଭମାନଙ୍କ ନିକଟକୁ ଭାସି ଆସେ ଏବଂ ଚିତ୍ତକୁ ଛୁଇଁ ଚାଲିଯାଏ।

**ସଙ୍ଗୀତ**—ଉତ୍କଳର ସଭ୍ୟତାର ବିଭିନ୍ନ ବିଭାଗ ମଧ୍ୟରେ ପ୍ରଥମେ ନାଟକ ସଙ୍ଗୀତର କଥା ଧରାଯାଉ। ବାଲେଶ୍ୱରର ଶ୍ରୀଯୁକ୍ତ ଗୋପାଳ ଚନ୍ଦ୍ର ଘୋଷ ତାଙ୍କର ସମଗ୍ର ଜୀବନ ସାଧନା କରି ଯେଉଁ ସୁର ବାହାର ମନ୍ଦ ଆୟତ୍ତ କରିଛନ୍ତି, ତାକୁ ଶିଖିବା ପାଇଁ ସୁଦ୍ଧା କୌଣସି ଓଡ଼ିଆର ସେପରି ମନ ବଳୁ ନାହିଁ। ପରଲୋକଗତ ଅପର୍ଣ୍ଣା ପାଣିଗ୍ରାହୀ ଯେଉଁ ବୀଣା ସାଧନା କରିଥିଲେ, ତାଙ୍କ ଅନ୍ତେ କାହିଁ ଆଜ କିଏ ତାକୁ ଆୟତ୍ତ କରିବାକୁ ଚେଷ୍ଟା କରୁଛି? ଶ୍ରୀଯୁକ୍ତ ଦୈତାରି ଭୂଜବଳ କୀର୍ତ୍ତନ ତାଳ ସମ୍ବନ୍ଧରେ ଯେଉଁ ବୈଜ୍ଞାନିକ ଆଲୋଚନା କ୍ରିୟା ଓ ସାଧନ କରି ପାରିଛନ୍ତି ତାକୁ ଜାଣିବା ଶୁଣିବା ପାଇଁ ଓଡ଼ିଶାରେ କେତେ ଜଣଙ୍କର ମନ ବଳୁଛି? ଦକ୍ଷିଣର ମଳୟ ପବନ ଥାଉଁ ଥାଉଁ ଆଜି ଜାତିଟା ଉତ୍ତର ପବନରେ ଥରି ଥରି ମରୁଛି। ସୁତରାଂ ବାଣପୁର "ଅନ୍ନପୂର୍ଣ୍ଣା ନାଟ୍ୟସଂଘ" କହ, କୃଷ୍ଣ ବୋଷଙ୍କର "ଓରଜା ଅପେରା ପାର୍ଟି" କହ, ଭଦ୍ରଖର ବ୍ରଜମୋହନ ମହାପାତ୍ରଙ୍କର "ଶ୍ୟାମସୁନ୍ଦର ନାଟ୍ୟ ସଂଘ" ଅବା ଶ୍ରୀଯୁକ୍ତ ବାଞ୍ଛାନିଧି ମହାନ୍ତିଙ୍କର "ନଉଓଡ଼ିଶା ଥିଏଟର ପାର୍ଟି" କହ, ଏପରିକି କାଳୀ ବାବୁଙ୍କର "ସାକ୍ଷୀ ଗୋପାଳ ଦଳ" କହ, କିମ୍ୱା ଉତ୍କଳ ସଙ୍ଗୀତ ସମାଜର ସଙ୍ଗୀତ ଚର୍ଚ୍ଚା କହ—ଏ ସବୁଠାରେ ଆତ୍ମବିସ୍ମୃତ ଚରମ ସୀମାରେ ଉପନୀତ ହୋଇଅଛି—ଏଥିରେ ସନ୍ଦେହ ନାହିଁ। ମୁଁ ଯେ ଏ ସବୁର ଏକାନ୍ତ ନିନ୍ଦାବାଦ କରୁଅଛି ତାହା ନୁହେଁ—ଜାତିଟା କେତେଦୂର ଆତ୍ମବିସ୍ମୃତ ହୋଇଅଛି ତାହାର ସଙ୍କେତ ଦେବା ପାଇଁ ଚେଷ୍ଟା କରୁଅଛି ମାତ୍ର। ଜାତି ଆତ୍ମନିର୍ଭର ନ ହେଲେ ତାକୁ ପରମୁଖାପେକ୍ଷୀ ହେବାକୁହିଁ ବରାବର ପଡ଼ିବ। ସୁଖର କଥା ଯେ ବର୍ତ୍ତମାନ ଓଡ଼ିଆ ଜାତି ଜୀବନର ଟିକିଏ ସନ୍ଧାନ ପାଇଅଛି ଏବଂ ତତ୍‌ସୁଖାସ୍ୱାଦ ପାଇଁ ପୃଥିବୀର ଅନ୍ୟାନ୍ୟ ଜାତି ସହିତରେ ତାଳ ଠୁକି ପ୍ରତିଯୋଗିତା ରୂପରେ ଦଣ୍ଡାୟମାନ ହୋଇ ସମକକ୍ଷ ହେବାର ଚେଷ୍ଟା କରୁଅଛି ସେଥିପାଇଁ ଆମ୍ଭେମାନେ ଦେଖୁଛୁଁ ଏହି ଗତ ଛଅ ବର୍ଷ ଭିତରେ ଅନେକ ଓଡ଼ିଆ ଗୀତ ଗ୍ରାମୋଫୋନ ରେକର୍ଡ଼ ହୋଇଅଛି। କେତେକ ନାଟକ ମଧ୍ୟ ଗ୍ରାମୋଫୋନ ରେକର୍ଡ ହୋଇଅଛି। ପରନ୍ତୁ ଜଣ ସଭିକି ଓଡ଼ିଆ ଓଡ଼ିଆଣୀ ସେଥିରେ ଅବତୀର୍ଣ୍ଣ ଓ ଅବତୀର୍ଣ୍ଣା ହେଲେଣି। ମୋହନସୁନ୍ଦର ଗୋସ୍ୱାମୀଙ୍କର ଏକମାତ୍ର ଓଡ଼ିଆ ସିନେମା 'ସୀତା ବିବାହ' ସେତେଦୂର ମୋହନ ସୁନ୍ଦର ହୋଇ ନ ପାରିଲେ ମଧ୍ୟ ତାଙ୍କୁ ଧନ୍ୟବାଦ ଦେବାର କଥା। ଆଉ କେତେକ ଓଡ଼ିଆ ଯୁବକ, ଓଡ଼ିଆ ସିନେମା ପାଇଁ ଔତ୍ସୁକ୍ୟ ପ୍ରକାଶ କଲେଣି କିନ୍ତୁ ସବୁ ଫସର ଫାଟି ଯାଉଛି। ଯାହାହେଉ "ସଙ୍ଗୀତ ପାଗଳ କଦଳୀ" ଓ "ଘୋଡ଼ାଡମ୍ବରୁ" ଅଗ୍ରସର ହୋଇ ଲକ୍ଷ୍ମୀକାନ୍ତ, ବାଞ୍ଛାନିଧି, ବୀର-କିଶୋର, ରଘୁନାଥ, କୃଷ୍ଣ ବୋଷ, କୃଷ୍ଣମୋହନ, କାଳୀ ପଟ୍ଟନାୟକ ପ୍ରଭୃତିଙ୍କର ଗୀତ ବାହାରିଲାଣି। ଅତଏବ ନିରାଶାର ବାଣୀ ଶୁଣାଇବ ନାହିଁ!

**ସାହିତ୍ୟ**—ଛାପାଖାନା ବର୍ତ୍ତମାନ ଯୁଗର ଗୋଟିଏ ପ୍ରଧାନ ଅସ୍ତ୍ର। ସେ ଅସ୍ତ୍ରରେ ସେନାପତି ହୋଇ ବାହାରିବା ପାଇଁ ବହୁ ଲୋକଙ୍କର ଇଚ୍ଛା। ସେଥିପାଇଁ ଆଜି ଉତ୍କଳରେ ପୂର୍ବ ଅପେକ୍ଷା ଅନେକ ପତ୍ର ପତ୍ରିକା—ସ୍କୁଲ କଲେଜର ପତ୍ରିକା, ହାତ ଲେଖା ପତ୍ରିକା ସବୁ ଦେଖା ଯାଉଛି, କେତେ ଜନ୍ମୁଛି ଏବଂ ଉଭେଇ ଯାଉଛି। ତଥାପି ବେଶୀ ବେଶୀ ଦୀପ୍ତି ବା ଆଲୁଅ ହେଉଛି ଏଥିରେ ସନ୍ଦେହ ନାହିଁ। ସାହିତ୍ୟପ୍ରଚାରସଂଘ, ସବୁଜ ସାହିତ୍ୟ ସମିତି, ହିନ୍ଦୁସ୍ଥାନ ଗ୍ରନ୍ଥମାଳା, 'କଳାକୁଞ୍ଜ', ଗଙ୍ଗାଧର ସାହିତ୍ୟ ପରିଷଦ, ବାରିପଦା ସାହିତ୍ୟ ସମିତି, ଉତ୍କଳ ସାହିତ୍ୟ ସମାଜ, ଓଡ଼ିଶା ଏକାଡେମି—ଏହିପରି ଉଠ ପଡ଼ ହୋଇ ଅନେକ ରଥ ଚାଲିଛି। ସୁର-ରାକ୍ଷସର ଆଦର୍ଶ ଦ୍ୱନ୍ଦ୍ୱ ମଧ୍ୟରେ ଆଉ ସେ ସୁରକୁ ଛାଡ଼ ନାହିଁ ବା ରାକ୍ଷସକୁ ଛାଡ଼ ନାହିଁ। ଅତଏବ ବର୍ତ୍ତମାନ ରୂପ ବଦଳାଇବାରେ ବିଶେଷ ଦୁଃଖ କରିବାର କିଛି ନାହିଁ। ଲୁଗାପିନ୍ଧା ଘରେ ଉଲଗ୍ନ ହୋଇ ଅଙ୍ଗେ ଅଙ୍ଗେ କଟିତଟ ବାସଠାରୁ ଆରମ୍ଭ କରି ପାଦୁକା ଶିରୋବାସ ପର୍ଯ୍ୟନ୍ତ ଠିକ୍ କରିବା ବେଳେ ଆମ୍ଭେମାନେ କବାଟ ଲଗାଇ ଦେଉଛୁଁ ପୁଣି ତାହାର ଅଭିନୟ ରଙ୍ଗମଞ୍ଚରେ କରୁଅଛୁଁ। କେଉଁଠି ପରଦା ଯାଉଛି କେଉଁଠି ପରଦା ଭାଙ୍ଗୁଛି ବୁଝି ହେଉନାହିଁ। ଆମର ସାହିତ୍ୟର ଗତି ମଧ୍ୟ



Digitized by srujanika@gmail.com

ଠିକ୍ ଏହିପରି ଚାଲିଛି । ଆଜିକାଲିର ବ୍ୟସ୍ତବ୍ୟସ୍ତ ଯୁଗରେ ଆଉ ବଡ଼ କାବ୍ୟ ରଚନା କରିବାର ଅବସର ମିଳୁ ନାହିଁ । ସାଇକେଲରେ ଦଉଡ଼ି କଲେଜ ନୋଟ ଟିକିଏ ଗୁଣ୍ଡିଦେଲା ପରି ଆମ୍ଭମାନଙ୍କର ଛୋଟ ଛୋଟ କବିତାର ପ୍ରୟୋଜନ ହୋଇ ପଡ଼ୁଛି । ଇଂରେଜ ରମଣୀର କଟିତଟକୁ କର୍ସେଟଦ୍ୱାରା ଭିଡ଼ ଭିଡ଼ ସରୁ କଲା ପରି ଚତୁର୍ଦ୍ଦଶ ପଦୀରୁ ଚତୁଷ୍ପାଦ, ଦ୍ୱିପାଦ, ଏକ ପାଦ କବିତା ମଧ୍ୟ ସୃଷ୍ଟି ହେଲାଣି ; ତେବେ ଡମ୍‌ପଡ଼ା ରାଜାଙ୍କ ଶୋକ, ରାଜଧାନୀ ସମସ୍ୟା ଗୀତ, ନଈ ବଢ଼ି ଗୀତ ପ୍ରଭୃତିଠାରୁ ଏମାନଙ୍କର ମହତ୍ତ୍ୱ ଏତେ ଉପରକୁ ଉଠି ନାହିଁ । ଆଜି ଓଡ଼ିଆ ସାହିତ୍ୟରେ 'ରସଚନ୍ଦ୍ର' ସ୍ଥଗିତ ହୋଇଗଲେ ମଧ୍ୟ ଅକ୍ଷୁପେକ୍ଷା ଚାଲିଛି । ଉପରେ, କବିବରଙ୍କଠାରୁ ନବ ରାମାୟଣ ପାଉଛନ୍ତି । ଆହୁରି ବେତାର ଯନ୍ତ୍ରରେ କେତେ କଣ ତାଙ୍କୁ ମିଳିଯାଉଛି । 'ପ୍ରଗତି' ଆଗେ ସିନେମା ଆକ୍‌ଟ୍ରେସ୍‌କୁ ଧରି ଆଣୁଥିଲେ, ମଝିରେ 'ହାଇଫେନ' ସୃଷ୍ଟି ହୋଇଥିଲା । ସେ ବି ଚାଲିଛି । ଆହୁରି ତ କେତେ ପତ୍ରପତ୍ରିକା ଅଛି । 'ଶିକ୍ଷା ପ୍ରଦୀପ', 'ଝଙ୍କାର' ଏବଂ ଖ୍ରୀଷ୍ଟ ଜଗତର 'ପ୍ରଭାତ', 'ଆଲୋକ' ଆପଣା ଆପଣା କାର୍ଯ୍ୟରେ ଚାଲିଛନ୍ତି । କେଉଁଠାରେ 'ବନବାଣୀ', କେଉଁଠାରେ 'ଗୁଣଦର୍ପଣ', କେଉଁଠାରେ 'ହିତୈଷିଣୀ', କେଉଁଠାରେ 'ସତ୍ୟ ସମାଚାର' କେଉଁଠାରେ 'ପ୍ରଜାମିତ୍ର'—କେତେ ଅବା ଲେଖିବି । 'କୃଷକ' ତ ତାର ଫାଳ ଲଙ୍ଗଳ ନେଇ ମାଟି ଉପରେ ମାଟି ନ ଚଷି ମଣିଷ ଚଷିବାକୁ, ଶତ୍ରୁ ଫାଡ଼ିବାକୁ ଉଦ୍ୟତ । ଏଣେ ବାଳକ ବାଳିକାଙ୍କର ମନ ମୋହନ କରିବା ପାଇଁ ଲକ୍ଷ୍ମୀକାନ୍ତ, ଅଧିରାଜ ମୋହନ, ଚକ୍ରଧର, କୃଷ୍ଣଚନ୍ଦ୍ର, ଧନେଶ୍ୱର ପ୍ରଭୃତି କେତେ କ'ଣ ଚିତ୍ରସମ୍ବଳିତ ପୁସ୍ତକ ପ୍ରକାଶ କରି ପକାଉଛନ୍ତି । କିନ୍ତୁ ଭଲ ହେଉ ବା ମନ୍ଦ ହେଉ ଏ ଯୁଗର ବିରାଟ ସ୍ତୂପ ସ୍ତମ୍ଭ ପ୍ରହରୀଙ୍କ ଦ୍ୱାରା ଭଣ୍ଡାକୋଷ ।

**ସମାଜ-ସଂସ୍କାର**—ସାହିତ୍ୟ ଓ ସଙ୍ଗୀତକୁ ଛାଡ଼ିଦେଲେ ସମାଜକୁ ଗଢ଼ିବା ପାଇଁ ଯେଉଁ ପ୍ରଚେଷ୍ଟା ଚାଲିଛି ସେ ଦିଗରେ ଟିକିଏ ସିଂହାବଲୋକନ କରାଯାଉ । କଲିକତାର ୨୨ ହଜାର ରେଜିଷ୍ଟ୍ରି କରା ବେଶ୍ୟା ମଧ୍ୟରୁ ଓଡ଼ିଆଣୀ ୧୮ ଓ ୧୯ ହଜାର ରହିଥିବା ସ୍ଥଳେ, ସମାଜ-ସଂସ୍କାରର ଯେ ବିଶେଷ ଆବଶ୍ୟକତା ଅଛି—ଏଥିରେ ସନ୍ଦେହ ନାହିଁ । ସେଥିପାଇଁ ଜାହ୍ନବୀ ଦେବୀଙ୍କ, 'ନାରୀରକ୍ଷା ସମିତି', ବୈରାଗୀ ମିଶ୍ରଙ୍କ 'ନାରୀ-ମଙ୍ଗଳ ସମିତି', ଅଗ୍ରଣୀ ହରିହର ଦାଶଙ୍କ 'ପୁରୀ ବିଧବାଶ୍ରମ', ଜୟମଙ୍ଗଳ ରଥଙ୍କ 'ସଂସ୍କାର ପତ୍ରିକା', ଶରତ ଚନ୍ଦ୍ର ରାୟ ମହାପାତ୍ର, ଅଭିରାମ ନନ୍ଦ ପ୍ରଭୃତିଙ୍କ ଶାରଦା ଆଇନ ଜାରି ପାଇଁ ଚେଷ୍ଟାର ଧରପଗଡ଼ ଓ ନିତ୍ୟାନନ୍ଦ ସେନାପତି, କମଳାକାନ୍ତ ମହାପାତ୍ର, ବ୍ରହ୍ମାନନ୍ଦ ମହାପାତ୍ର, ଲକ୍ଷ୍ମଣ ମିଶ୍ର ଇତ୍ୟାଦିଙ୍କର ଅସବର୍ଣ୍ଣ ବିବାହ—ଏସବୁ ଉତ୍କଳର ବର୍ତ୍ତମାନ ସମାଜରେ ଗୋଟିଏ ନୂଆ ଶବ୍ଦ ସୃଷ୍ଟି କରିଅଛି । ଆଉ କେହି କେହି ତ ଘରକରଣା ଝଙ୍କ ମାରନା—ଅତଏବ ବିବାହ କର ନା ନୀତି ବା ଅନୀତି ପ୍ରଚାର କରୁଛନ୍ତି ।

**ଅର୍ଥନୀତି**—ଉତ୍କଳରେ ତ ଅର୍ଥ ନାହିଁ ; ଅତଏବ ଅର୍ଥନୀତିର ଚର୍ଚ୍ଚା କରିବାର ଆବଶ୍ୟକତା ମଧ୍ୟ ହୁଏ ନାହିଁ । ଅର୍ଥାଗାର ଚେଷ୍ଟା ଏବଂ ସୁବିଧା ପାଇଁ ସହଯୋଗ ଆନ୍ଦୋଳନ ଓ ତତ୍ ସଙ୍ଗେ ବ୍ୟାଙ୍କ, ପୁରୀ କଟକ ବ୍ୟାଙ୍କ ଓ ଓଡ଼ିଶା ଚେମ୍ବର ଅଫ୍ କମର୍ସ୍ ସ୍ଥାପିତ ହୋଇଅଛି । ପ୍ରାୟ ୧୦୦ ବିଦେଶୀ ଇନ୍‌ସୁରେନ୍‌ସ କମ୍ପାନୀ ଓଡ଼ିଆ ପୁଅର ଶୃଙ୍ଖଳ ଚାରିକୁ ଦୁହୁଁଛି । ବାକି ଅଠା ପରି ଯାହା ଟିକିଏ ଟିକିଏ ବାହାରୁଛି ତାହାକୁ ବିଦେଶରେ ଲଗାଉଛନ୍ତି —ତେଣୁ ଓଡ଼ିଆ ଅଧିକ ଶୁଖି ଯାଉଛି । ଯାହାହେଉ ପ୍ରଜା ସାଧାରଣଙ୍କର ଧନବୃଦ୍ଧି ପାଇଁ ଓଡ଼ିଶା ବ୍ୟବସ୍ଥାପକ ସଭାରେ ୬୦ ଜଣ ହାଡ଼ ପାଣ ଆଉ ରାଜା ମହାରାଜା ଓ ବ୍ରାହ୍ମଣ କରଣ ଯେଉଁ ଠଣା ଓଟର ଲଗେଇଛନ୍ତି ସେଥିରେ କିଛି ହେଲେ ଟିକିଏ ଫଳ ହେବ ବୋଲି ଆଶା କରାଯାଏ । 'ସହଯୋଗ' ଆନ୍ଦୋଳନ ତ ମୃତପ୍ରାୟ ପଡ଼ି ରହିଛି । ସେଥିରେ ସଞ୍ଜିବନୀସୁଧା ଢାଳିବା ପାଇଁ ଦେବ ଶିରୋମଣିଙ୍କ ରିପୋର୍ଟ ବାହାରିଛି । ଶେଷରେ ଫଳ କଣ ହେଉଛି ଦେଖାଯାଉ ।

**ବ୍ୟାୟାମ**—ଏହିପରି ଅବସ୍ଥାରେ ପଦ୍ମଚରଣ କହୁଛନ୍ତି ମୁଦ୍ଗର ବୁଲାଅ, ରାଧାଶ୍ୟାମ କହୁଛନ୍ତି ମୋ ଡେଲିକ୍ରିଜନ କର, ଶରତ୍ କହୁଛନ୍ତି ଏକା ଝାମ୍ପକେ ଏକତାଲା କୋଠା ଉପରକୁ ଡିଅଁ, ଦୋତାଲା କୋଠାରୁ ତଳକୁ ଡିଅଁ । ଏଣେ ଭୁଆଡ଼େ ବନ୍ଦରରେ ଗଡ଼ଚାଡ-ସ୍ପ୍ରିମ ବାହାରିଛନ୍ତି । ସେ ଭୁଆଡ଼େ ଯୋଗଦ୍ୱାରା ଧକ୍କା ପାଣି କରିଦେବେ । ପୁଣି ବେଡ଼େନ ପାଓଏଲ ଭୁଆଡ଼େ ଭାରତୀୟ, ସୁତରାଂ ଓଡ଼ିଆ ଟୋକାଙ୍କର ଚରିତ୍ର ନାହିଁ କହିବାରୁ 'ଏଇ ମୋର ଜନ୍ମଭୂମି, ଏହାର ପାଇଁ ମୋର ପ୍ରାଣ ଦେବି' ନୂଆ ସ୍କାଉଟ୍ ତିଆରି ହେଉଛନ୍ତି ।

**ଧର୍ମ**—ଏ ଯୁଗରେ ଧର୍ମ ଭୁଆଡ଼େ ଉଡ଼ିଗଲେଇ ଯାଉଛି, ମିଛ କଥା । ଚୈତନ୍ୟ ସମ୍ପ୍ରଦାୟ, ରାଧାକୃଷ୍ଣ ବସ୍ତୁ ଦଳ, ଗୌଡ଼ୀୟ ବୈଷ୍ଣବ, ଅଲେଖ ବା ମହିମାଧର୍ମ, କାଜିଆନ ବା ଅହମ୍ମଦିଆ ଦଳ; ଏଣେ ପୁଣି ଉତ୍ତେଜିତ ଜାଲିଆ ବୋଦା—ତାର ପାଖରେ ଲଙ୍ଗୁଳି ବାବାଙ୍କର ମହାପଙ୍କ ଏବଂ ସେଥିପାଇଁ କଟକର ମାନ୍ୟଗଣ୍ୟ ବ୍ୟକ୍ତିଙ୍କର ମାତ୍ରାଚାର୍ଯ୍ୟ ଓ ସେବା ଏବଂ କଟକର ଗାଁ ମାନଙ୍କରୁ ଅସ୍ପୃଶ୍ୟ ପଣ୍ୟା ସୀମନ୍ତିନୀମାନଙ୍କର ଲେଗିନ ଶାଢ଼ୀ ପିନ୍ଧି ସମାବେଶ । ପୁଣି ଭୁବନେଶ୍ୱରରେ ଅଶୋକ-କୁଣ୍ଡରେ ଅବଗାହନ ଓ ଅଶୋକ କଢ଼ି ଭକ୍ଷଣ, ଅସଂଖ୍ୟ ଶିବାଳୟରେ ଶିବରାତ୍ରି ଉଦ୍‌ଯାପନ; ତା ପଛକୁ ବସନ୍ତ-ରାସ ଓ ଦୋଳ ଉତ୍ସବ, ସ୍କୁଲ କଲେଜ ଛୁଟି—ଲକ୍ଷ୍ମୀ, ସରସ୍ୱତୀ, ମା ଦୁର୍ଗା, ମା ଚଣ୍ଡୀ ଇତ୍ୟାଦିଙ୍କର ସ୍ୱର୍ଗରୁ ଆଗମନ ଓ ପ୍ରସ୍ଥାନ—ଏତେ ଥାଉଁ ଥାଉଁ ପାପିଷ୍ଠ କିଏ କହିବ ଯେ—ଧର୍ମ ଓଡ଼ିଶାରୁ ଚାଲି ଗଲାଣି । ପୃଥିବୀ ମଧ୍ୟରେ ପରା ଭାରତବର୍ଷ ପୁଣ୍ୟତମ ଏବଂ ପୁଣ୍ୟତମ ଭାରତବର୍ଷ ମଧ୍ୟରେ 'କପିଳ ସଂହିତା' ଅନୁଯାୟୀ ଉତ୍କଳ ପରା ପୁଣ୍ୟତମ ଧର୍ମଭୂମି ! କାହାର ଛାତିରେ ହାଡ଼ ଅଛି ଯେ ଏତେ ସାହସ କରି କହିବ--ଉତ୍କଳରୁ ଧର୍ମ



Digitized by srujanika@gmail.com

ଗଲାଣି ? ଲିଙ୍ଗରାଜେ, ଜଗନ୍ନାଥେ ମନ୍ଦିରରେ କାଳ କାଳ ନିଦ୍ରା ରଜନୀ ଅତିବାହିତ କରି ଦିନ ରାତି ଏକ ଭାବରେ ବସି ରହିଅଛନ୍ତି । ଏଥିମଧ୍ୟରେ ମୋହିନୀ ବାବୁଙ୍କର ପ୍ରଚାର, ବ୍ରାହ୍ମ-ସମାଜ, ହରିଜନ ଆନ୍ଦୋଳନର ଶବ୍ଦ ମଧ୍ୟ ଭଲ କରି ଶୁଣାଯାଉ ନାହିଁ—ଏଥିରେ କିଏ କହିବ ଓଡ଼ିଶାରେ ଧର୍ମ ତଳକୁ ଗଲାଣି ?

**ଶିଳ୍ପ**—ଓଡ଼ିଶାଟା କେବଳ କୃଷିପ୍ରଧାନ ଦେଶ । କୃଷିଜୀବୀ ଜାତି ପକ୍ଷରେ କୁଟୀର ଶିଳ୍ପ ସମ୍ଭବ ହୋଇପାରେ । ବିରାଟ ଆକାରରେ ବିରାଟ ଶିଳ୍ପର ଦର୍ଶନ ମିଳିବା ଅସମ୍ଭବ । ସୁତରାଂ ଓଡ଼ିଶା କେମିକାଲ କହ, ଓଡ଼ିଶା ପ୍ରାଚ୍ୟ ସଦନ କହ, ଭିକାରି ବାବୁଙ୍କର କଟକ ଇଣ୍ଡଷ୍ଟ୍ରି କହ, ବାରଙ୍ଗର ଗ୍ଲାସ ଫ୍ୟାକ୍ଟରି କହ, ନିଖିଳ ଭାରତ ଖାଦି ସଂଘ କହ, ବା ବ୍ରହ୍ମପୁରର ପାଟ ମଠା କହ, ଘଣ୍ଟିମୁଣ୍ଡା ରେମୁଣାର କଂସାବାସନ ଓ ନୀଳଗିରିର ପଥର ପିତଳ ବାସନ କହ, ବା ଧନେଶ୍ୱର ମହାରଣାର କାଠ କାରିଗରୀ କହ—ଏସବୁ ଅମୃତ ଉଦଧିରୁ କଣାଏ କଣାଏ । ଯାହାହେଉ ଦେଶକୁ କିଛି ତ ମିଳୁଛି । ନବଯୁଗର ନବ ଆଶୀର୍ବାଦ ପାଇଁ ସୃଷ୍ଟିକର୍ତ୍ତାଙ୍କୁ ଧନ୍ୟବାଦ ।

**ଚିତ୍ରକଳା**—ଓଡ଼ିଆଣୀର ଚିତ୍ରକଳା ଅଧ ପିଠଉରେ ପର୍ଯ୍ୟବସିତ ହେଲେହେଁ ସେଥିରୁ ଶିଖିବାର ଅନେକ ଅଛି । ସେଥିପାଇଁ ଓଡ଼ିଆଣୀ ମା' ପେଟରୁ ବିପିନ, ଉପେନ୍ଦ୍ର ମହାରଥୀ, ବିଦ୍ୟାଧର, ବୃନ୍ଦାବନ, ବସନ୍ତ, ଗୋପାଳ କାନୁନଗୋ, ଭଦ୍ରକର ହରିହର ମୁଖାର୍ଜୀ, ଗଞ୍ଜାମର ମଞ୍ଜୁଷା ହାଇସ୍କୁଲର ଡ୍ରଇଂମାଷ୍ଟର ଓ ଚିତ୍ରପୁନ—ଏମାନେ ବେଶ୍ ନାମ କରି ପାରିଛନ୍ତି ।

ଶେଷ କଥା, ଆଜିର ସମାଜରେ ଜାତିଭେଦଜନିତ ଭିନ୍ନତା ବା ଆଭିଜାତ୍ୟ ଟେକି ପାରିବ ନାହିଁ । ଆପଣା ଅର୍ଜିତ ଯୋଗ୍ୟତାହିଁ ଜୀବନର ମାପକାଠି ହେଉଅଛି, ଆଜି ସବୁ ଆନ୍ଦୋଳନର ମୂଳ କଥା ହେଉଛି ସମସ୍ତଙ୍କୁ ସୁବିଧା ଦେବା ଉନ୍ନତି କରିବା ପାଇଁ ।

# ତମାଖୁ ଚର୍ଚ୍ଚା *

**ଶ୍ରୀ କ୍ଷୀରୋଦଚନ୍ଦ୍ର ପାଳ**

ତଡ଼ିତ-ତାଡ଼ିତ ତମଃ, ତାପ, ତଥା ତତ୍-ତରଙ୍ଗାୟିତ, ତନ୍ତୁବାଦ୍ୟ ତଥା ତସରପୂର୍ଣ୍ଣ—ତୁହିନେତର, ତପ୍ତେତୁହିନ, ତୁଷ୍ଟ ବାରିପଦାରେ, ତରୁଣ-ସାହିତ୍ୟ-ତନ୍ତ୍ରକାଶ୍ରମର ତୁଷ୍ଟି-ତୋରଣ ତୋଳିବା ପାଇଁ, ତରୁଣ, ବୃଦ୍ଧ, ତାରତମ୍ୟ ତେଜି ତତ୍ପର । ତତଃ ନିଷ୍କର୍ମୀ, ତୁଣ୍ଡସର୍ବସ୍ୱ, ତାର୍କିକ, ତୁଳନାହୀନ ଭାଷା-ସାହିତ୍ୟର ତତ୍ତ୍ୱାନୁସନ୍ଧିତ୍ସୁ, ତହୁଁ ଯୁକ୍ତିତର୍କର ତୁଳାଦଣ୍ଡରେ ତର୍କମାକାଶ, ନିର୍ଲୋଚନ ଲକ୍ଷ୍ମୀକେଶ୍ୱର ନାତି ଶରଣକୂଳ ତୁହିନଙ୍କର ବନାୟକ ତତ୍ତ୍ୱାବଧାରକ ।

ତୀର୍ଥରେ ତୀର୍ଥମାନେ, ତରଭୁଜ, ତାଳ, ତମାଳ, ଛଳ, ତରାଟ ଓ ନିଫଳାଦିର ତ୍ୟାଗ ତୁଲ୍ୟ, ଏ ତନ୍ତ୍ରକାଶ୍ରମ ତୁଲ୍ୟ ତୀର୍ଥତଟରେ ଏ ତୋଳାଣିପିଆ, ତମାଖୁ ତାବେଦାର ତେଜିଲେଣି ବୟସତକ ତୁଣ୍ଡରେ ତୋଳି ନ ଥିବା ତମାଖୁ ତଟକାରୁ ତାମ୍ବୁଲ ତୁଲେ ତ୍ୟାଗ କଲି । ତାହାର ତଜବୀଜ୍ ତୁନ ନୁହେଁ ତୁଣ୍ଡରେ ତୁହାଇ କହୁଛି—ତାହାର ତାମସିକ ତତ୍ତ୍ୱତର୍କମା ତଥା ତୁରିତ ତର୍କାଉଛି ।

ତପନତଳେ ତମାଖୁତାସରେ ତାଲେବର ଆମେରିକାର ନିଦ୍ରାଗମଙ୍କର ଭର୍ଜିନିଆ, ତିନିପୁରରେ ଆଦିମାତା ତୁଲ୍ୟ ତର୍ପିତା । ତହୁଁ ତେଜାରତିଆ ତୀର୍ଥକାକ ପର୍ତ୍ତୁଗୀଜ, ନିପଥଗାପୁତ ତୀର୍ଥ ଭାରତରେ, ତିନିଶହ ତର୍କଠ ତଳେ ତନିପେଷିଆ ମୋଗଲ ବାଦଶାହାଙ୍କୁ, ତୋଷାମଦରେ ତର୍କଭକ୍ଷରେ ତୁହାଇ ତୁହାଇ ତାମ୍ରକୂଟରେ ତର୍ପଣ କରି ତୋଷିଲେ । ତାମ୍ରକୂଟ, ତିବ୍ବତ, ତିଏନସିନ ( Tientsin ) ତୋକିଓ ( Tokio ), ତିଗ୍ରିସତଟ ( Tigris ) ତୁଙ୍ଗ ତିହାପନ, ତୁର୍କ, ନାନସ୍ଥଳ, ତାସ୍ମାନିଆ, ତୋରନ୍ତୋ, ତେଫି, ତୁରୁକରନ୍, ତୁହିନ ତୁଲ୍ୟ ମର୍ମର ପ୍ରସ୍ତରର ତମିକୋଷ ତଳର ନିପୁଣ ବା ତେଓ୍ୱାର ଓ ତାପ୍ତି, ତରବରରେ ତ୍ୟାଗ କରି, ନିହୁତ, ନିଶନ୍‌ପଲ, ତାଞ୍ଜୋର, ନିବାଙ୍କୋଡ଼ ଓ ନିନକପଲକୁ ତରକାଲ ତୁଲ୍ୟ ତଡ଼ଗଲା—ତହୁଁ ତାମ୍ରଲିପ୍ତିରୁ ତୃଷାତୁର ହୋଇ ତରୁଣାୟୀ ତରୁସାର—ତରଳ ଝରଣା "ତପ୍ତପାଣି"ରେ ତୁନ ହୋଇ ତୃପ୍ତିରେ ନିବନ୍ଧୁରେଣ, ନିବୁଦ୍ଧିରଥେନ, ନିଚନେଣ—ତାରାପଥେନ, ଏରୋପ୍ଲେନେନ ତେଲଙ୍ଗାବଜାର, ତିନିକୋଣିଆ ବଗିଚ୍ଚ ଓ ତେନ୍ତୁଳିଡ଼ଙ୍ଗାର ତାଡ଼ଖଟିରେ ତୀରବେଗରେ ତାମ୍ରଚୂଡ଼ ଡାକରୁ ତା ଛଅ ତାଟିକ ତହ ମାରିଲା । ତାହା ଦେଖି ତାଟକା, ତାଟଙ୍ଗା ଓ ତାଣ୍ଡବ ହେଲେଁ । ତୁଳାକୂଟ, ତାମ୍ରକୂଟତାବେଦାର, ତଣ୍ଡକାର-ତୁଲ୍ୟ ତରତରରେ ତାଡ଼ିଆରେ ତାଡ଼ିଆ ତାଡ଼ିଆ ଟଙ୍କାର ତଣ୍ଡ ତୋଳୁଛନ୍ତି । ତାର ତଜବୀଜ ପାଇଁ ତୁଳନାହୀନ କଲିକତା, ତତ୍‌ତୁଲ୍ୟ ମାନ୍ଦ୍ରାଜ ତହୁଁ ବଡ଼ ତୋୟାବୃତା ପୃଥିବୀର ତମାଖୁର ବଡ଼ ବିପଣୀ-ତାଳିମ ଆମସ୍ତାଡ଼ାମ, ତସ୍ତ୍ରପ୍ରାଣ ତୀରନ୍ଦାଜ ଏଣ୍ଟୱାର୍ପ୍,

* ବାରିପଦା ସାହିତ୍ୟ ସମାଜର ଚତୁର୍ଥ ବାର୍ଷିକ ଅଧିବେଶନରେ ପଠିତ ।

Sl. No... ... ... ... Date... ... ...
Section... ... ... ... ... No... ... ...

ଟାଷ୍ଣବୃଦ୍ଧି ହ୍ୱାମ୍ନାର୍ଗ, ତରୁଣଟାର୍ଥ ତଲଗାମିଗୀ ତେମସ୍ ଟାରସ୍ଥ ଲଣ୍ଡନ, ତତ୍ତୁଲ୍ୟ ତୋଷଖାନା ଲିଭରପୁଲ ଓ ତେଜସ୍ଥର ନଉଇୟର୍କ ତ ଅଛି; ତା ଛଡ଼ା ତାଡ଼କା ତମାଖୁର ତୁମୁଲ ତାଡ଼ନାରେ ଛନପୁର ହସ୍ତ ।

ହିଂଶଏକ ( ୧୯୩୧ ) ସାଲରେ ତେଇଶ ଲକ୍ଷ (୨୩୦୦୦୦୦) ଟନ ତମାଖୁ ତୋୟନିଧି ତରଙ୍ଗ ହସ୍ତ ତପନତଲେ ତାମ୍ରଢ଼ା ତୁଲ୍ୟ ଛରେହ୍ୱତ । ତହିଁରୁ ତେସ୍ତର ଅଯୁତ (୭୩୦୦୦୦) ଟନ ତେମିଣା ଅମେଢ଼ୀକା ଓ ତେଷଠି ଅଯୁତ ଟନ ନୌର୍ଯ୍ୟନିକ ଭାରତର । ତେଜଷ୍ଟାନ ଗୃଇନାର ତମାଖୁରତ ତର୍କ୍କମା ନାହିଁ ! ହିଂଶ ଦୁଇ ସାଲର ତେଜାସ୍ଥାନ୍ ବ୍ରିଟିଶଙ୍କ ତୋଳା ( Custom duty )ତ ତେଷଠି ନିଯୁତ ପାଉଣ୍ଡରୁ ତେଣିକି—ତେବେ ତାର ତୁଲ୍ୟ ମୂଲ୍ୟ ତୁଳନା କରନ୍ତୁ । ତେଇଶ ଲକ୍ଷ ଟନ ତମାଖୁ ତୁଙ୍ଗ ମେଘାସନ ତୁଲ୍ୟ ତୋଳ! ହେଲା—ତାହା ତକ୍ଷଣେ ତୁଲା ତୁଲ୍ୟ ତରେହ୍ୱତ ହେଲା । ତେଣେ ତାଲତମାଳଟାର ଓଡିଶାରେ ତନ୍ୟୁନ ପ୍ରାୟ ୩,୯୩,୩୦,୩୦୩ ଟଙ୍କା ତେତାଲ୍ଲ ଓ ତୃଣକୁଟୀରରୁ ତୁଳାତୁଲ୍ୟ ତୁରନ୍ତ ତରେହ୍ୱତ । ତେଢଣ କୋଟିଙ୍କ ତୋଡ଼ା ତୋଡ଼ା କେତେ ତୋଡ଼ା ତଣ୍ଟିଶପି ତସ୍ପର ତୁଲ୍ୟ ତଡ଼ନେଉଛି ।

୧୩୯୮ ର ତୁର୍କିର ତଣ୍ଟିକଟା ତୈମୁରଲଙ୍ଗଙ୍କ ତତାତଡ଼ ଭାରତ ଲୁଣ୍ଠନ ତୁଳନାରେ ତସ୍କର ତାମ୍ରକୂଟର ତଣ୍ଟିଶପା, ଟାବ୍ର ଓ ଟାଷ୍ଣତର ତ ? ତେବେ ତାହା କପର ତୁହାଇ ତୁହାଇ ତେଜ୍ରସ- ମାଧୂଅ ହୋଇ ଛରଲ୍ଲ ତରୁଣଙ୍କୁ ତାକତୁକରେ ତାଗା ଲଗାଉଛି ତାହା ତଦାରଣ କରଯାଉ ।

ତାମ୍ରକୂଟ ଛନରୁପେ ଛନପୁର ତଦ୍‌ଗତ କରୁଛି । ତ୍ରିତାପକାରୀ ନିଭୁବନଧ୍ୱଂସୀ-ତମୋମୟ ଧୂମ୍ରପାନ, ଅଘ୍ରାଣ ଓ ଚର୍ବଣ । ତମାସବେ ତଧାୟ ଦେଶରୁ ତମାଖୁ ନେଇ ତତଲ ତଟକା ତମାଖୁ ପିକା ତୁଣ୍ଡରେ ତେଣ୍ଟୁଥିଲେ, ତାହା ଦେଖି ତଦାଗାନ୍ତନ ତୋଷାମୋଦ- ପ୍ରିୟ ତାମ୍ବୁଲକରଙ୍କବାହା ତାଟକା ହୋଇ ତାପୂର୍ଯ୍ୟ ନ ବୁଝି ତ୍ରସ୍ତରେ ତେଯ୍ୟାକଣ ତାଟିଅ ତୁଚ୍ଛା ତରଳ ତୋୟ ଅଣି, ତାଙ୍କ ତାତ୍ତ୍ୱରୁ ତଳପାଯାଏ ଛନ୍ତାଇ ତୁମୁଳ ତର୍ଜନ କଲ—"ତରୁଣ ଛରୁଣୀ, ତମାସବେଙ୍କ ତନ୍ତୁ ତୁଦ ତାତୁଛି—ତାଙ୍କୁ ତୁରତ ହାହ୍ୱ କର" । ତପୂରର ତମାସ୍‌ବେ ତତ୍କାଳୀନ ସମ୍ରାଟ ତମୋଗୁଣୀ ଜାହାଙ୍ଗୀରଙ୍କୁ ତମାଖୁ ଦେଲେ—ତହିଁଉତ୍ତାରୁ ସେ ହିଭୁବନମୋହନ ତୃଣଦ୍ରୁମ ଫଳରେ ହୁକା—ତୁଣ୍ଡ ପାଇଁ ପିକା ଛଅର, ତୃପ୍ତି ପାଇଲେ । ତାହା ତହୁଁ ତାତ୍ପର ସିଗାର—ସିଗାରେଟ୍, ଚୁରୁଟ, ବଡ଼ ଛଅର ହେଲା । ତେଓ୍ୟାଗୀ, ଛହୁଡ଼, ତ୍ୟାଗୀ, ଛହୁର ତାପସ ତୁଣ୍ଡରେ— ତୋଢ଼ମୁହିଁ ତେଷ୍ଟେର ତାମ୍ବୁଲତୁଙ୍ଗ ତୁଣ୍ଡରେ ତେଣ୍ଡା ତୁଲ୍ୟ ତୁଚ୍ଛ ବର୍ମା ଚୁରୁଟ ବା ଟର୍ଚ୍ଚ ତୋଫା ଦଶିଲ । ତମାଲତରୁତଳଅ ହିବଙ୍କ ହିପଣ୍ଡକାଳଅ କଦମ୍ବମୂଳିଅ, ତାଙ୍କ ତଗ୍ଧରରେ ଥିଲେ ତତ୍‌କ୍ଷଣାତ୍ ତୃଣଧ୍ୱଜ-ମୁରଲ୍ଲ ତେଜ ତେଣ୍ଡାଚୁରୁଟ୍ ତୁଣ୍ଡରେ ତମ୍ବୁରେ ଛସ୍ପନ୍ତେ ତନ୍ତୁଣୀ ତୁକ୍କିଣୀନାଥ ହିହୁଲନାଶିନୀ ନୟରେ ତନ୍ତୁକୃଷ୍ଣ, ବାଧିକାଙ୍କ ତାନ ତୁଟାଇ ଥାଅନ୍ତେ । ତମାଖୁ ତତ୍କାଳୀନ ହୋଇଥିଲେ ହିଶୂଳୀ ହିଲ୍ଲେଚନ ତୋଢକାରୀ ଗଞ୍ଜିକା ତେଜ ତାମ୍ରକୂଟ ତୁଣ୍ଡରେ ତାଣ୍ଡବନୃତ୍ୟ କର ଥାଅନ୍ତେ ।

ତାମ୍ବୁଲରେ ତମାଖୁର ଗୁଣ୍ଡି, ହସ୍ତକାରୀ ସୁରତ ଟାବ୍ରଜରଦା, ତସୁତୁଲ୍ୟ ଗୁଣ୍ଡି, ତାତ୍ତ୍ୱତୁକତୋଳା ଚୂନପନ, ଛଖୁରତୁଲ୍ୟ ଝଇନରେ ତମାମ ଲୋକ ତମତମ ହେଉଛନ୍ତି । ତରୁଣ ଓ ହିମୁଣ୍ଡିଗଭ ତରଲଅାଖି ତରୁଣୀ, ତଳିପାରେ ଛଅର ତମାଖୁ, ଛହୁଡ଼ା ଦାନ୍ତରେ ତରତରରେ ଦେଇ ତରୁଟି ଗୃହିଁଲେ ହାସ ଅଣେ । ତରଲମତ ଛରୁଣ ତରୁଣୀ ତୁଣ୍ଡିଅ, ତୁରତୁରିଅ, ତଲମୁହାଁ, ତୋତଲା, ନିତଳଠାରୁ ତୃଣକୁଟୀରବାସୀ ସମସ୍ତେ ତମାଖୁର ତେଲଦିଅ । ତମାମ ଲୋକଙ୍କ ନିକଟରେ ସିଗାରେଟ୍ ତବାରେ—ତୁଣୀରରେ ଟାଷ୍ଣଟାର ତୁଲ୍ୟ ଛଅର ରହିଛି, ତମାଖୁରେ ଟାଷ୍ଣତମ ବଷ ହିତାପତାପିନୀ ନିକୋଟିନ୍ । ଛନିଶତ ଅଉନ୍ସ୍ ତମାଖୁରେ ଛନି ଛନି ଅଉନ୍ସ୍ ନିକୋଟିନ ତୁନି ହୋଇ ରହିଛି । ତେବେ ତେଇଶ ଲକ୍ଷ ଟନ ତମାଖୁରେ ତାହାର ତହବଲ କେତେ ?

ତମାଖୁ ତେଣ୍ଡିଲେ ତୁରନ୍ତ ଥକା ତରେହ୍ୱତ ହୋଇ ତାଜା ବୋଧ ହୁଏ—ତେଣୁ ତୁଚ୍ଛ ତାଚ୍ଛିଲ୍ୟତାରେ ତୃପ୍ତିରେ ତାଜମହଲ ତକ୍ଷଣେ ଛଅର ହୋଇ ତତ୍‌କ୍ଷଣାତ୍ ଗୃଳପାଏ । ତତ୍ପରେ ଟାବ୍ର ନକୋଟିନ୍‌ରେ ତାଜା ଘ୍ରାଣଶକ୍ତି, ଟାଷ୍ଣ ଦୃଷ୍ଟିଶକ୍ତି, ତଟକା ସ୍ୱାଦଶକ୍ତି, ତେଜାସ୍ୱାନ ଘ୍ରାଣଶକ୍ତି, ତଥା ତସ୍ତ ହଜମ କ୍ଷମତା ତୁର ତରେହ୍ୱତ ହୁଏ । ତଣ୍ଟି ତାତେ—ତୃଷା ତେଜ ହେଉ, ତୋୟରେ ତୃପ୍ତି ନ ହୋଇ ତାଢ଼-ସରାପ-ତରଙ୍ଗ ତୁର ଆସେ । ତରଳମତି ତରୁଣ ତରୁଣୀ ତାଉନ ତୋଢ଼ରେ ତାଟି କଲି ତମାଖୁ ତେଣ୍ଟି ଛନ୍ତ୍ରସ୍ତ ହୋଇ ତାକତ୍ ଟାଷ୍ଣବୁଦ୍ଧି ହଜାନ୍ତି । ଜହୁଁ ତତାବଡ଼ ଛଅର ହୋଇ ପାରନ୍ତି ନାହିଁ । ତାକତ୍ ସ୍ନାୟୁତନ୍ତ୍ରୀ ତାନ୍ତ ହୁଏ । ତୁଠ ପଥର ତୁଲ୍ୟ ହୋଇ ତୁଚ୍ଛ ତସ୍କର ସାଜି ତନ୍ତୁବାୟ ତୁଲ୍ୟ ଟାର୍ଯ୍ୟକ୍ ଗତ କର ତୃଣଧାନ୍ୟ ହୁଅନ୍ତି; ତତ୍‌ଫଳରେ ତରୁଣ- ଟାର୍ଥ ହିଷ୍ଟୁଭ ଗାୟକ ତ୍ୟାଗୀ ତ୍ରିପାଠୀତ ଗାନ୍ଧି ତରୁଣ ବୟସରେ ତମାଖୁ ପାଇଁ ତାତଙ୍କ ତହବଲ ତୋଷରଙ୍ଗ କରିଥିଲେ ।

ତତଲ ଧୂଆଁରେ, ତୋର ଛଅର ଘର ତୁଲ୍ୟ, ତାଜା ଫୁସ୍‌ଫୁସ୍‌ରେ ତତାବଡ଼ କାଶକଫ, ତତୋଧିକ ହାସକଶ୍ୱାସ, ପରେ ତକ୍ଷକ ଯକ୍ଷ୍ମା ତୁମୁଲ ତାଣ୍ଡବ କରେ । ଛଳ ଛଳ କରି ତନ୍ତୁ ତୁଲ କରି ତନ୍ତୁସାର ତତେଇ ହିଦୋଷ ଆଣେ । ତଥାପି ତହିଁରେ ତୃପ୍ତ ନ ହୋଇ ତକ୍ଷକ ତମାଖୁ ତଦ୍‌ଗତ ପ୍ରାଣୀରୁ ତୁକ୍‌ସାର କରି ଟାବ୍ର- ଜ୍ଞାନର ତମାଦ ଘଟାଏ । ହଯା ତେଜ ତୁଚ୍ଛ ପାଗଲ ହୁଏ । ତରୁଣ ତରୁଣୀ ଛନକୁଳରୁ ତାଡ଼ିତ ହୁଅନ୍ତି ! ତନୁପ୍ରାଣ ହୃତପିଣ୍ଡ ତାଲହୀନ ହୁଏ—ତରତର ହୋଇ ତୁନି ହୁଏ—ତୁନି ହୋଇ ତତାବଡ଼ ତରତର ଗୃଲେ । ହିତାପରେ ତାପିତ ତନ୍ତୁ ମୃଗୀ-ଗ୍ରସ୍ତ ହୁଏ । ତଳ ଉପର ତୋଫା ଓଠ ତୁକରେ, ତଟକା ଜବାକୁଳରେ, ତୁଣ୍ଡରେ, ତଣ୍ଟିଶପା କେନ୍‌ସାର ହୁଏ । ତେବେ ତହିଁରୁ କ



Digitized by srujanika@gmail.com

ଜାଣ ନାହିଁ ? ତମାଖୁର ତ ଉପକାର ତହେବଲ ତଳେ—ଭୂତରେ —ତଣ୍ଡିବଣରେ ବା ତତ୍‌କ୍ଷଣାତ୍ କୋଷ୍ଠ ତଳେଇ ନ ଆସିଲେ ତମାଖୁ ଦ୍ୱାରା ତଡ଼ି ଆଣେ । ତେଣେ ତହୁଁ ଅଭ୍ୟାସ ତମ୍ବାପଠା ଦଏ । ତେଣୁ ତାର ମାୟା-ତାନପୁରର ତାନ ଛୁଟାଇ ହୁଏ ନାହିଁ; ତେଜସ୍ୱୀ ବିପ୍ଳବବିଜୟୀ ତ ତାକୁ ତେଜି ପାରି ନାହାନ୍ତି । ତନ୍ତୁତତ୍ତ୍ୱଦର୍ଶୀ ଡାକ୍ତର ଉଷାରଞ୍ଜନ ଘୋଷ ତନ୍ଦ୍ରାତାଡ଼ିତ Nurnberg ରୁ ତର୍ଜମା ଦିଅଛନ୍ତି । ତୁଳନାହୀନ ଫରାସୀ ବୈଜ୍ଞାନିକ-ତପନ Jean Nicot ତେରଶ ଓ ଛନିଶ ଅବ୍ଦରେ ତଳସି ଗଛୁ ନିକୋଟିନ ବାହାର କରି ତାଣ୍ଡବ କଲେ । ତାହାର ତର୍ଜନ ତାଲେବର, ତାସୁଣୀ, ତମ୍ବୁ ଓ ତୁଷାର ପତ୍ନୀ ତମାମ ଲୋକଙ୍କ ସମାନ । ତର୍ଜନପଟୁ ରୁଷର ତୋଳପାଡକାରୀ—ତନ୍ଦ୍ରାତ୍ରାସକ Leo Tolstoy ତମାଖୁ ତାଡନ ତତ୍ପର ହୋଇ ତାହାର ତେଜକୁ ଟଳି ପାରି ନ ଥିଲେ । ତେଜସ୍ୱୀ ତପୀ ବର୍ଣ୍ଣାମିହ ତୁଲ୍ୟ ତାପୀ Bismarkଙ୍କ ତର୍ଜନ ଦ୍ୱାରା ସିଗାରେଟରେ ତୃପ୍ତ ହୁଏ, ତଚଲିଯାଏ । ତନିପୁର ଶାସକ ତେଜସ୍ୱୀ ତପନ ନେପୋଲିଅନ ଜୀବନର ତନ୍ତୁକ୍ଲେଶରେ ତୋୟାବୃତା ସେଣ୍ଟହେଲେନାରେ ଭୁଞ୍ଜ ନାଶଦାନି ତ୍ୟାଗ କରି ନ ଥିଲେ । ତଦ୍ରୂପ Schiller ତଥ୍ୟରେ ତନ୍ମୟ ହୋଇ ତୃପ୍ତି ପାଇଁ ଭୁଞ୍ଜ ନାଶଦାନିକୁ ତୋଷାମଦ କରୁଥିଲେ । ତୋଡ଼ା ତୋଡ଼ା ପୁସ୍ତକ ତିଆରକାରୀ Beethoven ତମାଖୁ ଧୂଆଁରେ ତମାମ କୋଠରୀ ତମସାଚ୍ଛନ୍ନ କରି ତାହେଁ ତାକା ତଥ୍ୟ ଲେଖିଛନ୍ତି । ତାଡ଼ା ତାଡ଼ା ତୋଫା ନୋଷକାରୀ ଉପନ୍ୟାସ ଲେଖକ ଶରତ ଚନ୍ଦ୍ର ତୋରା ତୃଣବଜ ଫଳ ହୁକା ତ୍ୟାଗ ତୁମୂଳ ବ୍ୟାପାର ମନେ କରୁଥିଲେ । ତୁମୂଳ ଜୀବ ଶକଣୀତକୁ ତାମ୍ରକୂଟ ତେଣ୍ଡି ଗୀଷ୍ମବୁଦ୍ଧି Laval ତୁରନ୍ତ ତୁକାର କରୁଥିଲେ ।

ସୁତରାଂ ତାମ୍ରକୂଟର ତରୋଧାନ ପାଇଁ ତୁମୂଳ ତୁଙ୍ଗଭଦ୍ର-ମନବଳ ତୁରନ୍ତ ଦରକାର । ନିରଙ୍ଗ ପତାକାତଳେ ତମାଖୁ ବନ୍ଦ ହୋଇଥିଲା କିନ୍ତୁ ତିନି ମାସ ପାଇଁ ।

ତତଃ ତରୁଣ ତମ୍ବାକୁଲସୀ ଧରି ତନ୍ମୟ ହୋଇ "ତନୟେ ତାର ତାରିଣୀ" ବୋଲି ତପ କଲେ ତଳେ ହେଲେ ତାମ୍ରକୂଟର ତାଡ଼ନ ନିଶ୍ଚିତ ।

# ରହସ୍ୟବାଦ *

**ଶ୍ରୀ ନବକିଶୋର ଦାସ**

## ସ୍ଥୂଳ ଓ ସୂକ୍ଷ୍ମ—

ସାଧାରଣ ମନୁଷ୍ୟ ଆଗରେ ସ୍ଥୂଳଟା ବଡ଼ ହୋଇ ଦେଖାଯାଏ । ମଣିଷର ଦେହକୁ ଅନାଇଲେ ହାତ, ଗୋଡ଼, ବଳିଷ୍ଠ ବାହୁ, ପ୍ରଶସ୍ତ ହଠାତ୍ ଆଖିରେ ପଡ଼େ । କିମ୍ବା ସୁନ୍ଦର ରୂପବତୀ ନାରୀର ସୁଗଠିତ ଅବୟବ ଉପରେ ଆଖି ଲାଖି-ଯାଏ । ଏହି ହାଡ଼, ମାଂସ, ମାଂସପେଶୀ ବା ଆରକ୍ତ ଅଧର, ଗଣ୍ଡଯୁଗଳ, କୃଷ୍ଣ କଳାବେଣୀ ମଣିଷ ଦେହର ସ୍ଥୂଳ ଅଂଶ । କିନ୍ତୁ ଡାକ୍ତର କିମ୍ବା ବିଜ୍ଞ ଲୋକେ ଜାଣନ୍ତି ଯେ ପହେଲମ୍ୟାନର ଗଦା ଭଳି ବାହୁ, ଫୁଟବଲ ଖେଳାଳିର ଲୁହା ଭଳି ଶକ୍ତ ଗୋଡ଼ଭଣ୍ଡା, କିମ୍ବା ରୂପବତୀ ନାରୀର କମନୀୟ ଅଙ୍ଗପ୍ରତ୍ୟଙ୍ଗ ପଛରେ ଆଉ କେତେଗୁଡ଼ିଏ ସୂକ୍ଷ୍ମ ପଦାର୍ଥ ଅଛି । ତାହାହିଁ ସ୍ନାୟୁ । ସ୍ନାୟୁ ବି ଏକ ଦଗରୁ ସ୍ଥୂଳ । ଏହାଠାରୁ ଅଧିକ ସୂକ୍ଷ୍ମସତ୍ତା ମଣିଷ ଦେହରେ ଅଛି । ତଥାପି ଏହି ସ୍ନାୟୁ ନ ଥିଲେ ମଣିଷ ମାଂସପେଶୀରେ ବଳ ଥାଆନ୍ତା ନାହିଁ କିମ୍ବା ମଣିଷ ଅଙ୍ଗର ସୁନ୍ଦର ଗଠନ ନୟନ ଓ ମନ ଆକର୍ଷଣ କରନ୍ତା ନାହିଁ ।

ଅନେକ ସମୟରେ ଏହି ସୁନ୍ଦର, ସୂକ୍ଷ୍ମ ଓ ମଣିଷ ଦେହର ଶ୍ରେଷ୍ଠ ଅଂଶ ସ୍ନାୟୁ (ଶ୍ରେଷ୍ଠତମ ନୁହେଁ)ର ଖବର ସାଧାରଣ ମଣିଷ ବୁଝେ ନାହିଁ । କିମ୍ବା ବୁଝି ମଧ୍ୟ ସ୍ନାୟୁର ଯତ୍ନ ନେବାକୁ ଭୁଲି-ଯାଏ । ହୁଏତ ଗୋଟିଏ ସୈନିକର ହାତଟିଏ କିମ୍ବା ଗୋଟିଏ କଳ-କୁଲିର ଗୋଡ଼ଟିଏ କଟିଗଲେ, ସେ ପୁଣି ବଞ୍ଚେ, କିନ୍ତୁ ମେରୁଦଣ୍ଡ ମଧ୍ୟସ୍ଥ ସ୍ନାୟୁଗୁଚ୍ଛ କୌଣସି କାରଣରୁ ଛିଡ଼ିଗଲେ ମଣିଷ ଆଉ ବଞ୍ଚି ପାରେ ନାହିଁ । ଏହା ଗୋଟିଏ ଅତି ସାଧାରଣ ଉଦାହରଣ । ମଣିଷ ଜଗତର ଏହି ସ୍ଥୂଳ ରୂପ ଦେଖି ସନ୍ତୁଷ୍ଟ ହୋଇ ରହି ପାରେ ନାହିଁ । ଭାବୁକ ମନରେ ସ୍ୱତଃ ପ୍ରଶ୍ନ ଉଠିଛି ଏହି ସ୍ଥୂଳ ରୂପ କ'ଣ ସବୁ ? ଜଗତର ଏହି ପରିବର୍ତ୍ତନଶୀଳ, କ୍ଷୟଶୀଳ, ନାମ-ରୂପ ଜଗତ ପଛରେ କୌଣସି ଅପରିବର୍ତ୍ତନୀୟ, ଅକ୍ଷୟ, ଅନନ୍ତ ସୂକ୍ଷ୍ମ ଶକ୍ତି ଅଛି କି ?

## ରହସ୍ୟ ବାଦର ସୂତ୍ରପାତ—

ଏହି ଚିନ୍ତାରୁ ଚିନ୍ତା-ରାଜ୍ୟରେ ଏକ ମହା ଆନ୍ଦୋଳନ ଆସି ଉପସ୍ଥିତ ହୋଇଅଛି । କେବଳ କବି, ଭାବୁକ, ଦାର୍ଶନିକ ଯେ ଏହି ସ୍ଥୂଳ ନାମ-ରୂପ ଜଗତ ପଛରେ ସୂକ୍ଷ୍ମର ସତ୍ତା ଖୋଜି ବୁଲୁଛନ୍ତି, ତାହା ନୁହେଁ, ଅତି ଜଡ଼ବାଦୀ ବୈଜ୍ଞାନିକ ମଧ୍ୟ । ଆଜି ବିଂଶ ଶତାବ୍ଦୀର ହେତୁବାଦୀ ବୈଜ୍ଞାନିକ କେବଳ ବସ୍ତୁରେ ତାର ଦୃଷ୍ଟି ଆବଦ୍ଧ କରି ନାହିଁ । ଇଲେକ୍‌ଟ୍ରନ ଯାଏ ତାର ଗତି

* ବାରିପଦା ସାହିତ୍ୟ ସମାଜର ଚତୁର୍ଥ ବାର୍ଷିକ ଅଧିବେଶନରେ ପଠିତ ।



Digitized by srujanika@gmail.com

ହୋଇଅଛି । ସେହିପରି ଦାର୍ଶନିକଗଣ କେବଳ ଏହି ପ୍ରକୃତିରେ ଦୃଷ୍ଟି ଆବଦ୍ଧ ନ କରି 'ବ୍ରହ୍ମ' ପାଏ ତାଙ୍କର ଭବଧାର ବୁହାଇ ପାରି ଅଛନ୍ତି । ବ୍ରହ୍ମ ନାଁଟିରେ ସେଠି ଯାଏ଼ ଆସେ ନାହିଁ । ଏକ, ଦୁଇ, ରାମ, ଶ୍ୟାମ ପରି ଏହା ଏକ ମନୁଷ୍ୟଦ୍ୱାରା ଆରୋପିତ ନାମ ମାତ୍ର । ବ୍ରହ୍ମବିଶ୍ୱାସ ସତ୍ୟ କି ଇଲେକଟ୍ରନ ବିଶ୍ୱାସ ସତ୍ୟ, ତାହାର ପରୀକ୍ଷା ପାଇଁ ଏହି ବିଜ୍ଞାନ-ଯୁଗରେ ସତ୍ୟାର୍ଥୀ ବୈଜ୍ଞାନିକ-ଗଣ ପରୀକ୍ଷାଗାରରେ ଉପଯୁକ୍ତ ପରୀକ୍ଷା କରି ପାରନ୍ତି । ସମସ୍ତେ କିନ୍ତୁ ବୈଜ୍ଞାନିକ ହୁଅନ୍ତି ନାହିଁ । ଅନ୍ୟ ସାଧାରଣ ବ୍ୟକ୍ତି ବୈଜ୍ଞାନିକଙ୍କ ଉପଲବ୍ଧ-ସତ୍ୟକୁ ନତ ମସ୍ତକରେ ମାନି ନିଅନ୍ତି । ଏହାହିଁ 'ଆଗମ' । ଯେଉଁମାନଙ୍କର 'ଆଗମ'ରେ ସନ୍ଦେହ ହେବ, ସେମାନେ ନିଜେ ବିଜ୍ଞାନ ବହି ପଢ଼ି ପରୀକ୍ଷା ପାଇଁ ଉପକରଣ ସଂଗ୍ରହ କରି ଅବା ଉପଯୁକ୍ତ ମାନସିକ ଅବସ୍ଥା ସୃଷ୍ଟି କରି ପ୍ରଜ୍ଞା-ମୂଳକ ସତ୍ୟ ଉପଲବ୍ଧି ପାଇଁ ପରୀକ୍ଷା ଆରମ୍ଭ କରି ପାରନ୍ତି । କିନ୍ତୁ ଏହି ସ୍ଥୂଳ ପଛରେ ସୂକ୍ଷ୍ମର ସନ୍ଧାନରେ ଗୋଟିଏ ବାଦ ପ୍ରକାଶ ପାଇଅଛି । ତାହା ରହସ୍ୟବାଦ ।

ମନୁଷ୍ୟ ସୃଷ୍ଟିପ୍ରକ୍ରିୟାର ଅତି ସରଳ, ସହଜ ପ୍ରକାଶ ଦେଖି ଦେଖି ସୃଷ୍ଟିରହସ୍ୟ ବୁଝିବାକୁ ଚେଷ୍ଟା କରିଅଛି ଏବଂ ନିଜେ ସେହି ରହସ୍ୟର ଫାନ୍ଦରେ ପଡ଼ି ଯାଇଅଛି । ରହସ୍ୟ-ଦର୍ଶକ ରହସ୍ୟ-ତତ୍ତ୍ୱ ବୁଝି ବୁଝି ରହସ୍ୟବାଦୀ ହୋଇ ପଡ଼ିଅଛି । ରହସ୍ୟବାଦକୁ ସେ ଏଡ଼ାଇ ପାରିନାହିଁ । ଫୁଲ ଫୁଟେ, ପକ୍ଷୀ ଉଡ଼େ, ସୂର୍ଯ୍ୟ ବୁଡ଼େ, ଚନ୍ଦ୍ର ଜ୍ୟୋତ୍ସ୍ନା ଢାଳେ, ନୀଳ ଆକାଶ ହସେ, ଶିଶୁ ଖେଳେ, ପ୍ରେମିକାର ପ୍ରାଣ ପ୍ରେମରେ ପୂର୍ଣ୍ଣ ହୁଏ, ପିତା ମାତାଙ୍କ ହୃଦୟ ବାତ୍ସଲ୍ୟ-ଅମୃତରେ ଉଛୁଳି ଉଠେ । ଏହି ସମସ୍ତ ପ୍ରାକୃତିକ ବା ଜାଗତିକ ଦୃଶ୍ୟ ଦେଖି ଦେଖି ଦ୍ରଷ୍ଟା ଗଭୀର ଚିନ୍ତାମଗ୍ନ ହୁଏ । ସୃଷ୍ଟି-ରହସ୍ୟ ତା ପ୍ରାଣରେ ଗଭୀର ହୋଇ ଉଠେ । ଏହା ଏକ ଅତି ଜଣାଶୁଣା ଅନୁଭୂତି । ମନୁଷ୍ୟ ଭ୍ରମଣ ସମୟରେ ଯାଉଁ ଯାଉଁ କୌଣସି ଅତି ସାମାନ୍ୟ ଘଟଣା ଦେଖି ଦେଖି ସୃଷ୍ଟିର ସମ୍ୟକ୍ ଚିନ୍ତାରେ ଭାସି ଯାଏ । କ୍ଷଣିକ କେବଳ କ୍ଷଣିକ ହୋଇ ରହେ ନାହିଁ । କ୍ଷଣିକ ଅନନ୍ତ ସହିତ ସଂଯୁକ୍ତ । କ୍ଷଣିକକୁ ଛାଡ଼ି ଅନନ୍ତର ପରିକଳ୍ପନା ସମ୍ଭବ ନୁହେଁ । କିନ୍ତୁ କ୍ଷଣିକ ମଧ୍ୟରେ ଅନନ୍ତକୁ ଉପଲବ୍ଧି କରିବାର ଦୃଷ୍ଟି ଥିବା ଲୋଡ଼ା, ଏହି ଦୃଷ୍ଟି ଅତି ପ୍ରୀତିପ୍ରଦ । କ୍ଷୁଦ୍ର ବୃହତ୍ ବା ବିରାଟ ସ୍ପନ୍ଦନରେ ସ୍ପନ୍ଦିତ ହୋଇ ଉଠେ । ଏହି ସମସ୍ତ ଘଟଣାରୁ ପାଠକ-ପାଠିକା-ମାନେ ସହଜରେ ଭାବି ପାରିବେ ଯେ ରହସ୍ୟବାଦର ସୂତ୍ରପାତ କିପରି ହେଉଅଛି ।

## ଆତ୍ମା ଓ ପରମାତ୍ମା—

କିନ୍ତୁ ରହସ୍ୟବାଦରେ ଗୋଟିଏ ବଡ଼ ଭାବର ଖେଳ ହୁଏ । ତାହା ଆତ୍ମା ଓ ପରମାତ୍ମା ମଧ୍ୟରେ ଖେଳ ! ଆତ୍ମା ପରମାତ୍ମା ଯୋଡ଼ିଏ ଅତି ପ୍ରାଚୀନ ଶବ୍ଦ ଶୁଣି ହେତୁବାଦୀ ଓ ବସ୍ତୁବାଦୀମାନେ ଚମକି ନ ପଡ଼ିବା ଉଚିତ । କାରଣ ଅନେକ ସମୟରେ ମନୁଷ୍ୟ ଭାବେ ନୂଆ ଗୋଟିଏ କିଛି ନୂଆ କରି କହିଲେ ସମସ୍ତେ 'ବାହା ବାହା' କହିବେ । ପୃଥିବୀଟା ବଡ଼ ପ୍ରାଚୀନ ଓ ଭାବ-ରାଜ୍ୟରେ ନୂତନତା ଅତି କମ୍ । ଅବଶ୍ୟ ଏହା ସଙ୍ଗେ ସଙ୍ଗେ ସ୍ୱୀକାର କରା ଯାଇପାରେ ଯେ ସତ୍ୟ, ବ୍ୟକ୍ତିତ୍ୱ ନେଇ ଯୁଗଧର୍ମ-ସ୍ୱରୂପରେ ନାନା ଭାବରେ ବ୍ୟକ୍ତ ହୁଏ । କିନ୍ତୁ ସତ୍ୟ ଏକ ଏବଂ ଯୁଗହୀନ ।

ମନୁଷ୍ୟ ଗୋଟିଏ ଦିଗରୁ ଏକ ଅତି ସୀମାବଦ୍ଧ ପ୍ରାଣୀ । କିନ୍ତୁ ତାହା ମଧ୍ୟରେ ଯେ ଅସୀମର ଏକ ଖେଳ ହେଉଅଛି ଏବଂ ମନୁଷ୍ୟ ଜୀବନରେ ଯେ ଅସୀମ ବିକାଶ ସମ୍ଭବପର, ଏ ବିଷୟରେ ପ୍ରତ୍ୟେକ ଭାବୁକର ସ୍ପଷ୍ଟ ଧାରଣା ପ୍ରଥମରୁ ଥିବା ଲୋଡ଼ା । ସୀମା ଅସୀମ ହେବାକୁ ବ୍ୟଗ୍ର । ଏହି ଖେଳରୁ ରହସ୍ୟବାଦର ଉତ୍ପତ୍ତି ।

## ରହସ୍ୟବାଦୀର ମାନସିକ ଅବସ୍ଥା—

ସୃଷ୍ଟି ପ୍ରକ୍ରିୟାରେ ମୁଁ ଯେଉଁ ରଣିକ ବାନ୍ଧବ କଥା କହୁଥିଲି, ସେହି ବାନ୍ଧବ ଦେଖି ଦେଖି ମନୁଷ୍ୟ ପ୍ରାଣ ଏକ ବିରାଟ, ଅନନ୍ତ ସତ୍ତା ଅଭିମୁଖୀ ହୁଏ । ଏହି ରହସ୍ୟବାଦର ପ୍ରଥମ ସୂତ୍ରପାତ ତେଣୁ ବିରହରେ । ମାନବର ଅନ୍ତର ଆତ୍ମା ବିଶ୍ୱବ୍ୟାପୀ ବିରାଟ-ଆତ୍ମା ବା ପରମାତ୍ମାର ସନ୍ଧାନରେ ଯାନୀ ହୁଏ । ତେଣୁ ପ୍ରଥମ ରହସ୍ୟବାଦୀ-ଜୀବନର ବିକାଶ ହୁଏ ବିଚ୍ଛେଦରେ । ବିଶ୍ୱର ବିକାଶ ମଧ୍ୟ ବିରହରେ ଏବଂ ସେଥିପାଇଁ ରହସ୍ୟବାଦୀ ଅନନ୍ତ ସତ୍ତା ସନ୍ଧାନରେ ନାନା ପଥ ଦେଇ ଅଭିଯାନ କରେ ।

ଝରଣାର ଝରଝର ସଙ୍ଗୀତ, ପକ୍ଷୀର କୂଜନ, ଶିଶୁର କ୍ରନ୍ଦନ ଶୁଣି ଶୁଣି କିମ୍ବା ଅନନ୍ତ ଗଭୀର ନୀଳସିନ୍ଧୁ, ଅଭ୍ରଚୁମ୍ବୀ ସୁନୀଳ ଗିରିଚୂଡ଼ା ଦେଖି ଦେଖି ସେ ଭାବେ—ଏମାନଙ୍କ ମଧ୍ୟରେ ଅନନ୍ତ ସତ୍ତା ପ୍ରକାଶ ପାଉଛି ପରା ! ସୁନ୍ଦର ଫୁଲ ପାଖୁଡ଼ାରେ, ପ୍ରିୟତମାର ଆରକ୍ତ ଅଧରରେ, ଶାଗୁଆ ବଣର କଅଁଳ ପତ୍ରଗୁଛରେ କିମ୍ବା ବୈଶାଖ ମଧ୍ୟାହ୍ନ ଝଡ଼ର ଧୂଳିକଣା ମଧ୍ୟରେ ସେହି ଦିବ୍ୟ-ପ୍ରକାଶ ହେଉଛି ପରା ! କେବଳ ବାହାର ପ୍ରକୃତି ନୁହେଁ, ମାନବର ଗଭୀର ଅନ୍ତରରେ ମଧ୍ୟ ତାଙ୍କର ଲୀଳା ଲାଗିଛି ପରା ! ଏହି ଅନୁସନ୍ଧାନରେ ମନୁଷ୍ୟ ପ୍ରଥମେ ବେଦନା ଦେଇ ଗଭୀର ଆନନ୍ଦ ପାଏ ଏବଂ କ୍ରମେ ଅନ୍ତର ଆତ୍ମା ଅନନ୍ତ ସତ୍ତାର ଅଭିମୁଖୀ ହୁଏ । ରହସ୍ୟବାଦୀ ପ୍ରଥମେ ଯେପରି ଏହି ସତ୍ତା ସଙ୍ଗେ ଲୁଚକାଳି ଖେଳେ ! ଏହି ସନ୍ଧାନରେ ମନୁଷ୍ୟର ଏକ ମାନସିକ ଅବସ୍ଥା ସୃଷ୍ଟି ହୁଏ । ତାହାକୁ ଆତ୍ମାର ଅନ୍ଧକାର ରାତ୍ରି ( **Dark night of the soul** ) କହନ୍ତି । ଏହି ଅନ୍ଧକାର ରାତ୍ରି ମୋର ମଧ୍ୟ ଦିନେ ଥିଲା । ପୃଥିବୀର ଅନେକ ରହସ୍ୟବାଦୀଙ୍କର ମଧ୍ୟ ଥିଲା ଏବଂ ମୋର ବିଶ୍ୱାସ ଏହା ରହିବ । ଏହି ଆତ୍ମାର ଅନ୍ଧକାର ରାତ୍ରିରେ କାଳଯାପନ କଲାବେଳେ ମୁଁ 'ମଞ୍ଜରୀ'ର ସଙ୍ଗୀତ ଗୁଡ଼ିକ ଲେଖୁଥିଲି । ତାହା ପ୍ରକାଶିତ । ଆତ୍ମାର ଏହି ଅନ୍ଧକାର ରାତ୍ରିରେ କେତେବେଳେ ମନୁଷ୍ୟ ଅନ୍ତର ଦୁଃଖ, କେତେବେଳେ ସୁଖ, କେତେବେଳେ ଆଶା, କେତେବେଳେ ଆଶଙ୍କା ଅନୁଭବ କରେ । ହୁଏ ତ ବିଦ୍ୟୁତର ଝଲସ ଭଳି କେତେବେଳେ ସେହି ଶକ୍ତିକୁ ମୁଁ ଉପଲବ୍ଧ



Digitized by srujanika@gmail.com

କରୁଛି, କେତେବେଳେ ଅବା ମୁଁ ଧରି ପାରୁନାହିଁ । ଏହି ନାମ-ରୂପ ଜଗତରେ ମହାକାଶ ଓ ମହାକାଳ ବନ୍ଧନରେ ମନୁଷ୍ୟ ଅତି ସସୀମ । ତେଣୁ ଏହି କ୍ଷୁଦ୍ର କବି ଶରୀରରେ ସେହି ବିରାଟ ଶକ୍ତିଙ୍କୁ ଅନୁଭବ କରିବାର, ଉପଲବ୍ଧି କରିବାର ସ୍ଥାନ କାହିଁ ?

ସେଥିପାଇଁ କେତେ ମୁଁ କାନ୍ଦିଛି, ବ୍ୟାକୁଳ ହୋଇଛି ଓ ବେଦନାରେ ଦିନ ରାତି କଟାଇଛି । କାରଣ ମୁଁ ଯେ ସେହି ଶକ୍ତିକୁ ଉପଲବ୍ଧି କରି ପାରୁ ନ ଥିଲି । ଭଲ ଭାବରେ ଧରି ପାରୁ ନ ଥିଲି । ରହସ୍ୟବାଦୀ ଜୀବନରେ ଏହା ପ୍ରଥମ ଓ ପ୍ରଧାନ ଅବସ୍ଥା ।

ଦ୍ୱିତୀୟ ଅବସ୍ଥା ଆସେ ସେତିକିବେଳେ, ଯେତେବେଳେ ମନୁଷ୍ୟ ବୁଝେ ଯେ—

ଜାଣେ ତୋ ନିୟମେ କରତେ ଭ୍ରମେ,
ମନେ ମୋର ନାହିଁ ଆଉ ଭ୍ରମ,
ତୋହ ସୁଖ ପାଇଁ କରଇ ମୁଁ ଯାଚ,
ସତେ ଅହେ ସୁଖ ସୃଷ୍ଟି-ଶ୍ରମ !

ଯେତେବେଳେ ମନୁଷ୍ୟର ଆତ୍ମା ଏହି ଦିବ୍ୟ ନିୟମର ସତ୍ତାକୁ ଗଭୀର ଭାବରେ ବୁଝେ, ଉପଲବ୍ଧି କରେ, ଯେତେବେଳେ ସେ ଜାଣେ ଯେ ଅନନ୍ତ, ଅବ୍ୟକ୍ତ, ଅସୀମ ଏହି ସାନ୍ତ ସୀମା ମଧ୍ୟରେ ବ୍ୟକ୍ତ, ସେତେବେଳେ ଆଉ ମନରେ ଦୁଃଖ ଥାଏ ନାହିଁ । ସେତେବେଳେ ଆତ୍ମା ପୂର୍ଣ୍ଣ ଆନନ୍ଦ ଉପଭୋଗ କରେ । ମନ ମଧ୍ୟ ଶାନ୍ତି ପାଏ । କିନ୍ତୁ ଶାନ୍ତି ଅର୍ଥ ଜଡ଼ତା ବା ଆଳସ୍ୟ ନୁହେଁ । ସେତେବେଳେ ଦ୍ରଷ୍ଟା କହେ, ଉପନିଷଦର ଋଷିଙ୍କ ଭଳି କହେ, ଆନନ୍ଦରୁ ଜନ୍ମ, ଆନନ୍ଦରେ ସ୍ଥିତି ଓ ଆନନ୍ଦରେ ପରିଣତି । ଏହାହିଁ ଆତ୍ମାର ପୂର୍ଣ୍ଣିମା ରାତି । ଏହି ସମୟରେ ମୁଁ ଯେଉଁ ସବୁ କବିତା ଲେଖିଥିଲି, ତାହା 'ମୁକୁଳ' ନାମକ ଏକ କବିତା ଗ୍ରନ୍ଥରେ ଲିପିବଦ୍ଧ । ଗ୍ରନ୍ଥଟି ନିକଟରେ ପ୍ରକାଶିତ ହେବ ।

ରହସ୍ୟବାଦୀ ମନର ଦୁଇଟି ପ୍ରଧାନ ଅବସ୍ଥା ବର୍ଣ୍ଣନା କଲି । ଏହାର ଅନ୍ତର କ୍ରମ ବିକାଶ, ବିଭାଗ ଏବଂ ଉପବିଭାଗ ଅଛି । ସେ ସବୁର ସୁବିସ୍ତୃତ ଆଲୋଚନା ପାଇଁ ଏଠାରେ ସ୍ଥାନ ନାହିଁ ।

## ଅନ୍ୟାନ୍ୟ ବାଦ ଓ ରହସ୍ୟବାଦ—

ଏହି ରହସ୍ୟବାଦ ସଙ୍ଗେ ଆଉ କେତେଗୁଡ଼ିଏ ବାଦର ଟିକିଏ ଆଲୋଚନା କରାଯାଉ । ବସ୍ତୁବାଦ, ହେତୁବାଦ, ହ୍ୟୁମାନିଜିମ୍ ଓ ପ୍ରାଗ୍‌ମେଟିଜିମ୍ ବୋଲି ନାନା ଖଣ୍ଡ ଦର୍ଶନ ଇଉରୋପୀୟ ଚିନ୍ତାଧାରାରେ ପ୍ରକାଶ ପାଇଅଛି । ଭାରତକୁ ଇଉରୋପରୁ ନାନା ଚାକଚକ୍ୟ ସଉକିନ ଜିନିଷ ଆସିଲା ଭଳି ଏହା ମଧ୍ୟ ଆସିଛି । କେବଳ ଗଣା ପଇସାରେ ଆସି ନାହିଁ । ସେ ଯାହାହେଉ, ଚାର୍ବାକ ମଧ୍ୟ ଦିନେ ଋଣକରି, ଘିଅ ପିଅ, ମଲା ଦେହର ପୁନରାଗମନ କେଉଁଠୁ ଆସିବ ବୋଲି କହିଥିଲେ । ଋଣ କରି ଘିଅ ପିଇବା କେତେ ଦୂର ହେତୁସଙ୍ଗତ, ତାହା ହେତୁବାଦୀ ଅର୍ଥନୀତିଜ୍ଞମାନେ କହିବେ । ମଲା ଦେହ ଫେରେ, ଏହି କଥା କୌଣସି ରହସ୍ୟବାଦୀ ଦାର୍ଶନିକ ମଧ୍ୟ ପ୍ରଚାର କରେ ନାହିଁ । ଯେଉଁମାନେ ଭାବନ୍ତି ଯେ ଏହା ବସ୍ତୁ ହିଁ ସବୁ, ସେମାନେ ଶେଷ ସତ୍ୟ କହି ନାହାନ୍ତି । ଏହି ପ୍ରକୃତିରୁ ବିବର୍ତ୍ତନ ନିୟମରେ ଜୀବନର କ୍ରମ ବିକାଶ ଓ ପ୍ରକାଶ ହେଉଅଛି ବୋଲି ଯେଉଁମାନେ ଭାବନ୍ତି ସେମାନଙ୍କୁ ଗୋଟିଏ ପ୍ରଶ୍ନ ପଚାରିବାର ଅଛି । ଏହି ପ୍ରକୃତି କେଉଁଠୁ ଆସିଲା ? ଏହି ପ୍ରଶ୍ନର ଉତ୍ତର କ'ଣ ?

ଏହା ସଙ୍ଗେ ସଙ୍ଗେ ରହସ୍ୟ ବାଦୀ ଦର୍ଶନରେ ମଧ୍ୟ ଅଦ୍ୱୈତ, ଅରୂପ, ଅବ୍ୟକ୍ତ, ଅକ୍ରିୟ, ଅସୀମ କାହିଁକି ରୂପ ଓ ସୀମାରେ କ୍ରିୟାବାନ ହୋଇ ଦ୍ୱୈତ ଭାବରେ ବ୍ୟକ୍ତ ହେଲା, ତାହା ମନୁଷ୍ୟ ଧାରଣା କରିପାରି ନାହିଁ । ଏହା ଲୀଳା, ମାୟା, ରହସ୍ୟ ··· । ଏହା ଚିର ଅବୁଝା ପ୍ରଶ୍ନ !

ଶଙ୍କର ବେଦାନ୍ତ ଭାଷ୍ୟରେ ଠାଏ ଏହି ସମ୍ପର୍କରେ ଲେଖି-ଅଛନ୍ତି । ପିଲାଟିଏ ପଚାରିଲା, "ବାପା ! ଦଉଡ଼ି କାହିଁକି ରାତିରେ ସାପ ଭଳି ଦେଖାଯାଏ ?" ଅତି ଦାର୍ଶନିକ ପିତା ଭାବି ଭାବି ଏତିକି ମାତ୍ର ଉତ୍ତର ଦେଲେ, "ପୁଅ ! ଦେଖାଯାଏ ତ ?" ସୃଷ୍ଟି ରଜ୍ଜୁ-ସର୍ପ ଭ୍ରମ ସଦୃଶ । କିମ୍ବା ସିନ୍ଧୁ ଓ ତରଙ୍ଗ ସମ୍ପର୍କ ସଦୃଶ ।

ସୃଷ୍ଟିପ୍ରକ୍ରିୟାରେ ଏମିତି ଘଟଣା ଘଟେ, ଏମିତି ମୁହୂର୍ତ୍ତ ଆସି ପହଞ୍ଚେ ଯେତେବେଳେ ହେତୁ, ପୁଣି ମନୁଷ୍ୟର ଅତି ସୀମାବଦ୍ଧ ବୁଦ୍ଧି ଖସଡ଼ା ବାଟରେ ଗୋଡ଼ ଖସଡ଼ି ଯିବା ବୁଢ଼ା ଭଳି ଚିତ୍‌ପଟାଙ୍ଗ ମାରେ । ବିଜ୍ଞାନ ମଧ୍ୟ ପରାସ୍ତ ହୋଇଅଛି । ଗୋଟିଏ ଛୋଟ ଉଦାହରଣ ଧରାଯାଉ । ବିଜ୍ଞାନକଳ୍ପିତ ମହାକାଶ ( Space ) ସାବନ ଫେଣ ଭଳି କ୍ରମ ପ୍ରସାରିତ ଓ ସଙ୍କୁଚିତ ହେଉଅଛି । ମହାକାଶ ( Space )ର ଧାରଣା ଏହି ଯେ ଯେଉଁଥିରେ ଶକ୍ତି ( Energy ) ତରଙ୍ଗାୟିତ ହୁଏ । ଏହି ମହାକାଶ ପରେ କ'ଣ ଅଛି ? ଇଲେକ୍‌ଟ୍ରନ୍ ଏକ ସୂକ୍ଷ୍ମ ଫାଙ୍କା ( Hollow ) ଅଂଶ । ଏହା ପରେ ଆଉ ସୂକ୍ଷ୍ମ ଅଂଶର ଧାରଣା ହୋଇ ପାରେ କି ? ବିଜ୍ଞାନ ଆଜି ସୃଷ୍ଟିର 'କାହିଁକି', 'କିପରି' ଓ 'କେଉଁଠାରୁ' ପ୍ରଶ୍ନଗୁଡ଼ିକର ଏକ ଆଶାଜନକ ଉତ୍ତର ଦେଇ ପାରି ନାହିଁ । ଏହା ମଧ୍ୟ ବିଜ୍ଞାନ ସୀମାର ବାହାରେ । ଏହା ହେତୁବାଦର ସୀମା ।

ବସ୍ତୁବାଦ ବିଷୟରେ ପଦେ ମାତ୍ର କହିବି । ଯଦି ଏହି ପରିବର୍ତ୍ତନ ଓ କ୍ଷୟଶୀଳ ନାମ-ରୂପ ଜଗତ ପଛରେ ଆମ୍ଭେମାନେ ଏକ ଅପରିବର୍ତ୍ତନୀୟ ଅନନ୍ତ ଅକ୍ଷୟ ସତ୍ତା ନାହିଁ ବୋଲି କହୁଁ, ତେବେ ସବୁ କଳନା ଆମର କୋଣାର୍କ ଦେଉଳର ଚୂଡ଼ା ଭଳି ଭାଙ୍ଗିଯିବ । ଅର୍ଥାତ ସୃଷ୍ଟିରେ କାହା ସହିତ କାହାର ସମ୍ପର୍କ ନାହିଁ । ଚିତ୍ରକର ଯେପରି ଏକ କାନଭାସକୁ ପ୍ରଚ୍ଛଦପଟ କରି ତା'ର କମନୀୟ କଳା ଫୁଟାଏ, ସେହିପରି ଏକ ମୂଳାଧାରକୁ ଆଶ୍ରା କରି ବ୍ରହ୍ମାଣ୍ଡର ସୃଷ୍ଟି, ସ୍ଥିତି ଓ ଲୟ । ଏହି ଧାରଣା ମୋର କ୍ଷୁଦ୍ର ବୁଦ୍ଧିରେ ଜଗତର ସମ୍ୟକ୍ ଦୃଷ୍ଟିରୁ ମଙ୍ଗଳପ୍ରଦ । ଏହିଠାରେ ସେଥିପାଇଁ ହ୍ୟୁମାନିଜିମ୍ (ଅର୍ଥାତ ମଣିଷ ସମାଜର ମଙ୍ଗଳ ଦୃଷ୍ଟିରୁ ଯାହା ଭଲ ତାହା କରିବା ଉଚିତ) ରହସ୍ୟବାଦକୁ ସମର୍ଥନ କରେ ।



Digitized by srujanika@gmail.com

ଆଉ ପ୍ରାଗ୍‌ମେଟିଜମ୍—ତାହା 'ଫଳେନ ପରିଚୀୟତେ' ପରି ଏକ ଭାବ ପ୍ରତିପାଦକ ଖଣ୍ଡ ଦର୍ଶନ। ପ୍ରାଗ୍‌ମେଟିଜମ୍ ଦିଗରୁ ଦେଖିଲେ ମଧ୍ୟ ରହସ୍ୟବାଦୀର ଧାରଣାର ଫଳ ଅତି ମଙ୍ଗଳପ୍ରଦ। ବିଶ୍ୱରେ ସର୍ବତ୍ର ଏକ ସ୍ୱର୍ଗୀୟ ଶକ୍ତି ପ୍ରକାଶ ପାଉଅଛି ବୋଲି ବିଶ୍ୱରେ ପରସ୍ପରକୁ ଆମ୍ଭେମାନେ ବେଶୀ ସମ୍ମାନ ଓ ଶ୍ରଦ୍ଧା ଦେଖାଇବା। ଅନ୍ତସ୍ତଳରେ ଏକ ବିରାଟ ସାମ୍ୟ ଅଛି ବୋଲି ଆମ୍ଭେମାନେ ସମସ୍ତେ ଏକ। ଏହା କେବଳ ମଣିଷ ଗୋଷ୍ଠିରେ ଆବଦ୍ଧ ନୁହେ। ପଶୁ, ପକ୍ଷୀ, ଉଦ୍ଭିଦ, କୀଟ, ପତଙ୍ଗ ସର୍ବତ୍ର ସେହି ଶକ୍ତି ପ୍ରକାଶ ପାଉଛି ବୋଲି ସମସ୍ତଙ୍କର ଯତ୍ନ ନେବ, ସମସ୍ତଙ୍କୁ ଯଥାର୍ଥ ସମ୍ମାନ, ଶ୍ରଦ୍ଧା ଓ ସହାନୁଭୂତି ଦେଖାଇବ। ଏହାର ପ୍ରଭାବ ସାମାଜିକ, ରାଜନୈତିକ ଜଗତଠାରୁ ନୈତିକ ଓ ମାନସିକ ଜଗତରେ କମ ନୁହେ। ଏହାଦ୍ୱାରାହିଁ ମନୁଷ୍ୟ ହିଂସା, ଦ୍ୱେଷ, ପରଶ୍ରୀକାତରତା, ରାଗ ପ୍ରଭୃତି ମନ୍ଦ ଗୁଣରୁ ନିଜକୁ ତ୍ରାଣ କରିଅଛି। ମଣିଷର ପଶୁ ନ ହୋଇ ଦେବତା ହେବା ସମ୍ଭବପର ହୋଇଅଛି।

ପ୍ରକୃତ ରହସ୍ୟବାଦୀ ଜଗତ୍ ବା ଜାଗତିକ ପ୍ରକ୍ରିୟାକୁ କାହିଁ ହେୟ ଦୃଷ୍ଟିରେ ଦେଖେ ନାହିଁ। ବରଂ ଯେଉଁମାନେ ସାଧାରଣତଃ ଜଗତ୍ ମାୟା ବା ମିଛ ବୋଲି କହନ୍ତି, ସେମାନେ ପ୍ରକୃତ ମାୟାବାଦ ବୁଝି ନାହାନ୍ତି। ଏହା ଏକ ଅତି ସାଧାରଣ ମନୋଭାବ। ବରଂ ସେହି ସତ୍ୟ-ସତ୍ତା ସର୍ବତ୍ର ବିକଶିତ ବା ସ୍ଫୁରିତ ବୋଲି (ମହାବ୍ରହ୍ମୀୟ ସ୍ଫୂର୍ତ୍ତିବାଦ ଭୁଲିଯାଅ) ଜଗତ ସତ୍ୟ, ଶିବ ଓ ସୁନ୍ଦର। ସେ ନ ଥିଲେ, ଏ ନ ଥାଆନ୍ତା। ଏହାହିଁ ଯଥାର୍ଥ ରହସ୍ୟବାଦୀର ଦୃଷ୍ଟି। ରହସ୍ୟବାଦୀ ଏହି ଦିବ୍ୟ ଦୃଷ୍ଟିରେ ସୃଷ୍ଟିକୁ ଦେଖେ ବୋଲି, ସୃଷ୍ଟିକୁ ସେ ଆହୁରି ଆଦର ଓ ଉପଭୋଗ କରେ ଏବଂ ତହିଁରୁ ଆହୁରି ଗଭୀର ଆନନ୍ଦ ଅନୁଭବ କରେ।

## ରହସ୍ୟବାଦୀଗଣ—

ରହସ୍ୟବାଦୀଗଣ ଜଗତରେ ନାନା ଯୁଗରେ ଜନ୍ମ ଲାଭ କରିଥିଲେ ଓ କରୁଅଛନ୍ତି। କେତେକ ରହସ୍ୟବାଦୀ ଦାର୍ଶନିକ ଓ ଧର୍ମ-ପ୍ରଚାରକ ହୋଇଅଛନ୍ତି। କେତେକ କେବଳ ଭାବୁକ ଭାବରେ ତନ୍ମୟ ହୋଇ ଗୀତ ଗାଇ ଗାଇ ଚାଲି ଯାଇଅଛନ୍ତି। ଶଙ୍କର, ଚୈତନ୍ୟ, ମୀରାବାଈ, ତୁକାରାମ, କବୀର, ନାନକ, ରାମଦାସ, ତୁଳସୀ, ଏକନାଥ ପ୍ରଭୃତି ଅନେକ ରହସ୍ୟବାଦୀ ଭାରତରେ ଥିଲେ। 'ପଞ୍ଚସଖା' ଉତ୍କଳରେ ମଧ୍ୟ ରହସ୍ୟବାଦୀ। ଏହି ରହସ୍ୟବାଦୀଙ୍କ ଚିନ୍ତାଧାରା ଯେତେବେଳେ ସାହିତ୍ୟରେ ପଡ଼ିଅଛି, ସେତେବେଳେ ସାହିତ୍ୟରେ ମଧ୍ୟ ରହସ୍ୟବାଦ ସ୍ଥାନ ପାଇଅଛି। ରହସ୍ୟବାଦୀ କେବଳ ଭାରତବର୍ଷରେ ଆବଦ୍ଧ ନୁହନ୍ତି। ପୃଥିବୀର ବିଭିନ୍ନ ଦେଶର ସାହିତ୍ୟ, ଧର୍ମ, ଇତିହାସ ଆଲୋଚନା କଲେ, ଆମ୍ଭେମାନେ ଅନେକ ରହସ୍ୟ-ବାଦୀ ଦେଖିବାକୁ ପାଇବା। ପ୍ରକାର ଓ ଅନୁଭୂତିର ପ୍ରଖରତା ଭେଦରେ ଏମାନଙ୍କର ନାନା ଭାଗ, ବିଭାଗ ହୋଇପାରେ। କିନ୍ତୁ ଏହି ରହସ୍ୟବାଦ ସଙ୍ଗେ ସଙ୍ଗେ ରୂପକ-ବାଦ (Symbolism)ର ପାର୍ଥକ୍ୟ ବୁଝିବା ଆବଶ୍ୟକ। ସାଧାରଣତଃ ଦାର୍ଶନିକ ଭାବଧାରାକୁ ରୂପକରେ ପ୍ରକାଶ କରାଯାଏ। ବିଶ୍ୱସାହିତ୍ୟରେ ସେହିପରି ଆମ୍ଭେମାନେ ପାଞ୍ଚ ଛଅ ଜଣ ସାହିତ୍ୟିକ ଦେଖୁଁ। ସେମାନେ ସମସ୍ତେ ନୋବେଲ ପୁରସ୍କାର ପାଇଅଛନ୍ତି। ଏହି ରୂପକ-ବାଦୀମାନଙ୍କୁ ମଧ୍ୟ ଅନେକେ ରହସ୍ୟବାଦୀ ବୋଲି କହନ୍ତି। କିନ୍ତୁ ମେଟରଲିଙ୍କ, ୟେଟସ୍, ହାଉପ୍ଟ୍‌ମ୍ୟାନ୍, ଲୁଇ ପିରାଣ୍ଡେଲ୍ଲୋ ରହସ୍ୟବାଦୀ ଅପେକ୍ଷା ବେଶୀ ରୂପକ-ବାଦୀ। ତଥାପି ସେମାନଙ୍କର ରହସ୍ୟବାଦ ମଧ୍ୟ ଅଳ୍ପ ବହୁତ ଅଛି। ରବୀନ୍ଦ୍ରନାଥ ମଧ୍ୟ ରହସ୍ୟବାଦୀ। କିନ୍ତୁ ରବୀନ୍ଦ୍ରନାଥଙ୍କ ସବୁ କବିତାରେ ରହସ୍ୟ-ବାଦ ଦେଖାଯାଏ ନାହିଁ। ସାଧାରଣ ଦାର୍ଶନିକ କବିତା ରହସ୍ୟ-ବାଦ କବିତା ନୁହେ। ବୈଷ୍ଣବ କବିତା ଅନେକାଂଶରେ ରହସ୍ୟବାଦ ପ୍ରେମ ସ୍ପଷ୍ଟ। ଆୟର୍ଲାଣ୍ଡର କବି ଏ. ଇ., ଆମେରିକାର ହୁଇଟମ୍ୟାନ ରହସ୍ୟବାଦୀ କବି। ଅନେକ ଭାବୁକ, ଦାର୍ଶନିକ ମଧ୍ୟ ରହସ୍ୟବାଦୀ। ରାମକୃଷ୍ଣ ପରମହଂସ, ବିବେକାନନ୍ଦ, ଓ ଗାନ୍ଧୀ ରହସ୍ୟ-ବାଦୀ। ଆଧୁନିକ ହିନ୍ଦୀ ସାହିତ୍ୟରେ 'ରହସ୍ୟ-ବାଦ' ମୂଳକ କବିତା ଲେଖା ଆରମ୍ଭ ହୋଇଅଛି। କିନ୍ତୁ ଏହା ପୂର୍ବରୁ ମୀରାବାଈ କବୀରଙ୍କ ଭଜନ ପ୍ରଭୃତି ପୂରା ରହସ୍ୟ-ବାଦ ମୂଳକ କବିତା।

## ରହସ୍ୟବାଦୀର ଜୀବନ ଦର୍ଶନ—

ସବୁ ରହସ୍ୟବାଦୀମାନେ ସେମାନଙ୍କ ଜୀବନର ପୂରା ଦର୍ଶନ ଲିପିବଦ୍ଧ କରି ଯାଇ ନାହାନ୍ତି। ସେମାନଙ୍କ ଲେଖାବଳୀରୁ ସେମାନଙ୍କ ଭାବଧାରାର ପରିଚୟ ମିଳିଲେ ମଧ୍ୟ ସମସ୍ତଙ୍କର ଜୀବନ-ଦର୍ଶନ ସ୍ପଷ୍ଟ ଭାବରେ ମିଳି ନ ପାରେ। କିନ୍ତୁ ରହସ୍ୟବାଦୀ ଭାବରେ ମୋର ନିଜ-ଜୀବନର ଦର୍ଶନ ଏଠାରେ ଲିପିବଦ୍ଧ କରି ପ୍ରବନ୍ଧର ଉପସଂହାର କରିବି। ଯେତେବେଳ ଯାଏ ମନୁଷ୍ୟ ଅନନ୍ତ ନିୟମ ବୁଝେ ନାହିଁ ସେତେବେଳ ଯାଏ ସେ ଦୁଃଖ, ଯନ୍ତ୍ରଣା ଭୋଗ କରେ। ଏକ ଅପରିସୀମ, ସର୍ବବ୍ୟାପୀ ଅନନ୍ତ, ଅନାଦି ଶକ୍ତିରେ ମୁଁ ବିଶ୍ୱାସ କରେଁ। ସେ ଶକ୍ତି ସତ୍ୟ, ଶିବ ଓ ସୁନ୍ଦର। ତାହାଙ୍କୁ ବ୍ୟବହାରିକ ଜଗତରେ (Empirical world) ମନୁଷ୍ୟ ସସୀମ ବୁଦ୍ଧିରେ ହୁଏ ତ ସବୁବେଳେ ବୁଝି ପାରେ ନାହିଁ। ମନୁଷ୍ୟ ଅତିକ୍ଷୁଦ୍ର ଓ ସୀମାବଦ୍ଧ। ତେଣୁ ହୁଏ ତ ସେହି ଶକ୍ତିର ଧାରଣା ସବୁ ସମୟରେ ଭଲ ଭାବରେ କରି ପାରୁ ନାହିଁ, ଏଥିପାଇଁ ତାଙ୍କୁ ଅବିଶ୍ୱାସ କରିବା ମୂର୍ଖତା। 'ନେତିନେତି'ରୁ ମଧ୍ୟ 'ଅସ୍ତି'ର ଉପଲବ୍ଧି ହୋଇପାରେ। ସେଥିପାଇଁ ଧୈର୍ଯ୍ୟ ଅବଲମ୍ବନ କରି ଅନୁସନ୍ଧାନ କଲେ ହେଲା। ମନୁଷ୍ୟ ଜାଣୁ ବା ନ ଜାଣୁ ସେହି ନିୟମ ଦ୍ୱାରା ଯେ କେବଳ ମନୁଷ୍ୟ ନୁହେ, ସାରା ସୃଷ୍ଟି ଚାଳିତ, ଏହା ମୋର ଦୃଢ଼ ଧାରଣା। ନିୟମ ଓ ନିୟମକର୍ତ୍ତା ଏକ।

ନିୟମକର୍ତ୍ତା ମନୁଷ୍ୟ ଅନ୍ତରରେ ରହି ମନୁଷ୍ୟକୁ ଚଳାଉ-ଅଛନ୍ତି। ମନୁଷ୍ୟକୁ ସେ କେତେଗୁଡ଼ିଏ ବିଷୟ ଭାବ, ଚିନ୍ତା ବିଚାର ପ୍ରୟୋଗ କରି କାମ କରିବାକୁ ସ୍ୱାଧୀନତା ଦେଇଅଛନ୍ତି। ନିୟମ ଭଙ୍ଗ କଲେ, ମନୁଷ୍ୟ ତାହାର ଫଳ ଭୋଗିବ। କର୍ମ ନିୟମରେ ମନୁଷ୍ୟ ଶୃଙ୍ଖଳିତ। ଭଗବାନ କେବଳ ବାହାରେ ବିଗ୍ରହ ପରି



Digitized by srujanika@gmail.com

ଆସନରେ ବସି ମନୁଷ୍ୟକୁ ଦେଖୁ ନାହାନ୍ତି । ଭଗବାନ ଓ ମନୁଷ୍ୟ ପରସ୍ପର ସଂପୃକ୍ତ ।

ଦୁଃଖ ଆମ ଭ୍ରମରୁ । ସୃଷ୍ଟିର ପ୍ରକୃତ ସ୍ୱରୂପ ବୁଝିଲେ, ବୃଥା ଦୁଃଖର ସ୍ଥାନ ଆଉ ଥାଏ ନାହିଁ । ବୃଥା ଦୁଃଖ ବା ଶୋକ ଅଜ୍ଞାନତାର ଚିହ୍ନ । ଜୀବନରେ ବାଧା, ବିଘ୍ନ ଓ ବିପଦ ପଡ଼ିବ । ଏହାହିଁ ଜୀବନ । କିନ୍ତୁ ଏହାରି ମଧ୍ୟରେ ଧୈର୍ଯ୍ୟ ଅବଲମ୍ବନ କରି ବରଂ ସୁକର୍ମ ପଥରେ ଅଗ୍ରସର ହେବା ମନୁଷ୍ୟୋଚିତ ।

ମୁଁ ରହସ୍ୟ-ବାଦୀ ବୋଲି, ବସ୍ତୁ ବା ସ୍ଥୂଳ ପଛରେ ସୂକ୍ଷ୍ମସତ୍ତା ଉପଲବ୍ଧି କରେଁ ବୋଲି କେବେ ସ୍ଥୂଳ (ବସ୍ତୁ) ବା ଲୌକିକ ଜୀବନ ଦିଗକୁ ହେୟ ଦୃଷ୍ଟିରେ ଦେଖେ ନାହିଁ । ବରଂ ସେହି ଶକ୍ତି ସବୁର ଲୀଳାସ୍ଥିତ ବୋଲି, ସ୍ଥୂଳକୁ ମୁଁ ବେଶୀ ସମ୍ମାନ, ଶ୍ରଦ୍ଧା ଓ ଆଦର ପ୍ରଦର୍ଶନ କରେ ।

ଜୀବନ ଜଟିଳ । ଜୀବନର ଏହି ଜଟିଳତା ମଧ୍ୟରେ ହେତୁ ଓ ବସ୍ତୁକୁ ପୁରା ଏଡ଼ାଇବା ଅନୁଚିତ । କେହି ମନୁଷ୍ୟ ଏଡ଼ାଇ ପାରିବ ନାହିଁ । କିନ୍ତୁ ମନୁଷ୍ୟର ହେତୁ ସୀମାବଦ୍ଧ । ବସ୍ତୁ ମଧ୍ୟ । ରହସ୍ୟ-ବାଦ ଯେ ପୁରା ହେତୁହୀନ ହେବ, ଏମିତି ନୁହେ । ତଥାପି ଏହି ରହସ୍ୟ-ବାଦ ବିରୁଦ୍ଧରେ ଯଦି କୌଣସି ବସ୍ତୁବାଦୀ ଓ ହେତୁ-ବାଦୀଙ୍କର କିଛି କହିବାର ଥାଏ, ସେମାନେ ମୁକ୍ତ କଣ୍ଠରେ କହି ପାରନ୍ତି । ଏହା ଯଦି ରହସ୍ୟ-ବାଦର ପ୍ରକୃତ ତାତ୍ପର୍ଯ୍ୟ ନୁହେ, ଆଉ ତେବେ କ'ଣ ?

# ତୀର୍ଥ

**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର**

ସେ ଦିନର ଗଳ୍ପ-ମନ କଥା ଛାଡ଼, ଧୂଳିମାଟିର ଆଜି ନାହିଁ । ସେ ଦିନ ବୋଧହୁଏ ଏମିତି ଦିନରାତି ହଉଥିଲା, ସୂର୍ଯ୍ୟ ପୂର୍ବରୁ ଉଠୁଥିଲେ, ପଶ୍ଚିମରେ ବୁଡ଼ୁଥିଲେ, ଠିକ୍ ଏମିତି ଖରା ବର୍ଷା ଶୀତ ବସନ୍ତ ଗୋଟିକ ପରେ ଗୋଟିଏ ଚକ୍ରପରି ଘୂରି ଯାଉଥିଲା ।

ସେଦିନ ବି ମଣିଷ ଥିଲେ । ଜନ୍ମ ମରଣ ଲାଗିଥିଲା । ଆଜି ଯେମିତି ମଣିଷର ହାତ-ଗୋଡ, ଆଖିକାନ ଅଛି ସେଦିନ ବି ଏମିତି ସବୁଥିଲା ମଣିଷର । ମଣିଷର ମନ ଥିଲା, ପ୍ରାଣ ଥିଲା, ହୃଦୟ ବି ଥିଲା । ସ୍ନେହ ଶ୍ରଦ୍ଧା, ଭକ୍ତି ପ୍ରୀତି, ମାୟା ମମତା ସବୁ । ସେଦିନ ବି ଠିକ୍ ଏମିତି—ଆଜି ଯେମିତି ଅଛି, ଯୁଗ ଯୁଗ ପରେ ମଧ୍ୟ ଯେମିତି ରହିବ, ଅବିକଳ, ଅପରିବର୍ତ୍ତିତ, ସନାତନ—ମଣିଷ ଭିତରେ ଜାଗ୍ରତ ରହିଥିଲା—ମନ୍ଦିର ଭିତରେ ନୁହେ, ପୋଥି ପୁରାଣ ଭିତରେ ନୁହେ, ସ୍ୱର୍ଗରେ ମଧ୍ୟ ନୁହେ—ଏଇ ମଣିଷ ଭିତରେ—ତମେ ଯାହାକୁ କଥାରେ କହ, ମନରେ ଭାବ, ସ୍ୱପ୍ନରେ ଦେଖ, ସେଇ...ସେଇ ଦେବତା ।

ସେ ଅନେକ ଦିନର କଥା । ବର୍ଷେ ନୁହେଁ, ଦଶ ବର୍ଷ ନୁହେ—ଶହେ ବର୍ଷ ନୁହେ—ଶହ ଶହ ବର୍ଷ ତଳର କଥା ।

ସେ ଦିନ ଏ ଦେଶରେ ଅନ୍ୟ ଏକ ବୈଦେଶିକ ଶକ୍ତିର କର୍ତ୍ତୃତ୍ୱ ନ ଥିଲା । ସେ ଯୁଗରେ ହୁଏତ ଦେଶର ଶାସକ ଯେ, ସେ ବୈଦେଶିକ ପତାକା ତଳେ ଠିଆ ହେବା ଠାରୁ ମୃତ୍ୟୁକୁ ସହସ୍ର ଗୁଣରେ ଶ୍ରେୟ ମନେ କରୁଥିଲା ।

ସେ ସମୟରେ ହୁଏତ କେହି ରାଜା ଥିବ । କିନ୍ତୁ ସେ ବୋଧହୁଏ ଭୋଗୀ ନ ଥିଲା, ବିଳାସୀ ନ ଥିଲା, ଧନୀ ନ ଥିଲା । ହୁଏତ ସେଦିନ ରାଜକୋଷ ଥିଲା । କିନ୍ତୁ ତହିଁରେ ପ୍ରତ୍ୟେକ କରଦାତା—ପ୍ରତ୍ୟେକ ପ୍ରଜାର ଯେପରି ଦାବି ଥିଲା । ହୁଏତ ସେଦିନ ରାଜକର୍ମଚାରୀ, ଶ୍ରେଷ୍ଠୀ, ସୌଦାଗର ସବୁ ଶ୍ରେଣୀର ଲୋକ ଥିଲେ କିନ୍ତୁ କୃଷକ ମୂଲିଆର ପାରିଶ୍ରମିକକୁ ବୋଧହୁଏ କେହି ଅନ୍ୟାୟ ଭାବରେ ଅପହରଣ, ଶୋଷଣ କରୁ ନ ଥିଲା । ସେଦିନ ହୁଏତ ନିଜର ଯଥାର୍ଥ ଆବଶ୍ୟକୀୟଠାରୁ ଅଧିକ ଗ୍ରହଣ କରିବା ହିଁ ଥିଲା ଏକମାତ୍ର ପାପ, ଆଉ ଅନ୍ୟର ନ୍ୟାଯ୍ୟ ଅଧିକାରକୁ ନିର୍ବିବାଦରେ ଭୋଗ କରିବାକୁ କେବଳ ଅନୁମତି ନୁହେ, ସୁବିଧା ଦେବା ହୁଏତ ସେ ଯୁଗରେ ଥିଲା ଏକମାତ୍ର ଧର୍ମ ।

ଆଉ କ'ଣ ଥିଲା, ତା' କିଏ କହିବ ? ସେ ତ ଦିନେ ଦୁଇ ଦିନର କଥା ନୁହେ, ବର୍ଷ ବର୍ଷକର ନୁହେ—କି ଶତାବ୍ଦୀର ନୁହେ ସେ ଯୁଗ ଯୁଗର କଥା ।

ଏ ଦେଶର ନାମ ସେତେବେଳେ ଓଡ଼ିଶା ଥିଲା କି ଉତ୍କଳ ଥିଲା କି କଳିଙ୍ଗ ଥିଲା, ତା' କିଏ କହିବ ?

ଏ ଦେଶରେ ସେତେବେଳେ ହିନ୍ଦୁ ଥିଲେ କି ମୁସଲମାନ ଥିଲେ ତା' ବି କେହି କହି ପାରିବ ନାହିଁ ।

କିନ୍ତୁ ମନୁଷ୍ୟ ଥିଲେ । ଖାଲି ମନୁଷ୍ୟ ନୁହେ, ମନୁଷ୍ୟ ଭିତରେ ଦେବତ୍ୱ ବି ଥିଲା ।

ସେ ଦିନ, ସେ ସମୟ, ସେ ପବନ, ସେ ମାଟି, ସେ ଆଲୋକ କୁଆଡ଼େ ଯେ ଗଲା ତାହା କେହି ଜାଣେ ନାହିଁ ।

କେତେ ବାତ୍ୟା ବହିଗଲାଣି, କେତେ ପ୍ରଳୟ ଘଟି ଗଲାଣି, କେତେ ସୁଅ ଚାଲି ଗଲାଣି ତା' ଉପରେ ତାର ଇୟତ୍ତା ନାହିଁ ।

କେତେ ରାଜନୈତିକ ପରିବର୍ତ୍ତନ ହୋଇଗଲାଣି, କେତେ ଆଧ୍ୟାତ୍ମିକ ବିପ୍ଳବ ଘଟି ଗଲାଣି ତାର ସଂଖ୍ୟା ନାହିଁ ।



Digitized by srujanika@gmail.com

କେତେ ମକ୍କା, କେତେ ଶ୍ରୀକ୍ଷେତ୍ର, କେତେ ଜେରୁଜେଲମ୍ ଏହି ମାଟିରେ ଗଢ଼ି ଉଠେ, ପୁଣି ମାଟି ସାଙ୍ଗରେ ମିଶିଯାଏ, ତାର କେହି ହିସାବ ରଖେ ନାହିଁ ।

କିନ୍ତୁ ଏହି ଲକ୍ଷ ଲକ୍ଷ ଦିନ ପରେ, ଶତ ଶତ ବର୍ଷ ପରେ ଆଜି ମଧ୍ୟ ସେ ସେହିପରି, ଲୋକଙ୍କ ଧାରଣାରେ ଅପରିବର୍ତ୍ତିତ ଅବିକଳ ହୋଇ ରହିଛି ।

ସବୁ ଦେଶର, ସବୁ ଜାତିର, ସବୁ ଧର୍ମର ଲୋକେ ଯାଆନ୍ତି, ସେଠି ସ୍ନାନ କରି ଉଠି ଆସନ୍ତି । ମନ ଭିତରେ ତାଙ୍କର ଯେପରି ଶତ ହାତୀର ବଳ ଆସେ ସେହି ଜଳ ସ୍ପର୍ଶରେ । କିଏ ଯେପରି ତାଙ୍କୁ ନିର୍ଭର ଜବାବ୍ ଦିଏ, ଅଭୟ ବାଣୀ ଶୁଣାଏ—"ଯା, ଏଥର ତୁ ବୀର ପରି ମରି ପାରିବୁ, ଦେଶ ପାଇଁ, ଜାତି ପାଇଁ, ଧର୍ମ ପାଇଁ, ପର ପାଇଁ ପ୍ରାଣପାତ କରି ପାରିବୁ ।"

ସେତେବେଳେ ହୁଏତ ରାଜା ଥିଲେ, ରାଜ୍ୟ ଥିଲା । ପ୍ରଜା ଥିଲେ, ଶାସନ ମଧ୍ୟ ଥିଲା । କିନ୍ତୁ ରାଜାର ନାମ ରାଜ୍ୟର ନାମ କହିବାକୁ ଗଲାବେଳେ ଇତିହାସ ମଧ୍ୟ ନୀରବ ।

ଦିନେ ଅକସ୍ମାତ୍ ରାଜ୍ୟରେ ଘୋଷିତ ହେଲା ଯେ ୧୮ ବର୍ଷ ଠାରୁ ଆରମ୍ଭ କରି ୪୦ ବର୍ଷ ବୟସ୍କ ପ୍ରତ୍ୟେକ ଯୁବକ ପରବର୍ତ୍ତୀ ସୂର୍ଯ୍ୟୋଦୟ ମଧ୍ୟରେ ରଣଭୂମିକି ଯିବା ପାଇଁ ପ୍ରସ୍ତୁତ ହେବେ । ସୀମାନ୍ତରେ ଶତ୍ରୁ । ଦେଶ ପାଇଁ, ଜାତି ପାଇଁ, ଧର୍ମ ପାଇଁ, ପର ପାଇଁ ଯେ ପ୍ରାଣ ଦେବ ସେ ହେବ ଅମର—ତାର ହେବ ସ୍ୱର୍ଗବାସ ।

ଗୋଟାଏ ଶୃଙ୍ଖଳ ଖେଳିଗଲା ପ୍ରତି ପ୍ରାଣରେ । ଘରେ ଘରେ ଆନନ୍ଦର ହିଲ୍ଲୋଳ ଉଠିଲା । ଗୃହଆଡ଼େ ରଣବାଦ୍ୟ ବାଜି ଉଠିଲା—ଜୟଧ୍ୱନି ଉଚ୍ଛୁଳି ପଡ଼ିଲା ।

ମରଣଟା ଯେମିତି ଖେଳଘର ।

କିନ୍ତୁ ଲୁହ ଖସି ପଡ଼ିଲା ଜଣକ ଆଖିରୁ ।

ତାକୁ ଦେଖିଥିଲା କେବଳ ଆଉ ଜଣେ ।

ଦୁଃଖ ହେଲା ଜଣକର । କିନ୍ତୁ ତାକୁ ବୁଝିଲା କେବଳ ଆଉ ଗୋଟିଏ ଲୋକ ।

ଛାତି ଫାଟି ପଡ଼ିଲା ଜଣକର । ତାର ବେଦନାରେ ବ୍ୟଥିତ ହୋଇଥିବ, ତାର କଷ୍ଟକୁ ଅନୁଭବ କରି ପାରିଥିବ, ଏପରି ଲୋକ ସେଇ ଜଣକ ଛଡ଼ା ଆଉ ବୋଧହୁଏ ସଂସାରରେ କେହି ନ ଥିଲା ।

ଦୁଇଟି ପ୍ରାଣୀ—ଅଭେଦ୍ୟ, ଅଚ୍ଛେଦ୍ୟ ।

ଦୁହେଁ ଯେତେବେଳେ ଏହି କୁଟୀର ତଳେ ନୀଡ଼ ବାନ୍ଧିଲେ, ତାର ପାଖ ଗଛରେ ବି ଗୋଟାଏ କମ୍ପନ ଜାଗିଥିଲା । ସେ ଚମକ ଗଛ ଦିହରୁ ହୁଏତ ଛାଡ଼ି ନ ଥିବ ।

ଦୁହିଙ୍କର ଜୀବନ ଯେଉଁ ଶୁଭ ମୁହୂର୍ତ୍ତରେ ଏକ ସୂତ୍ରରେ ଗୁନ୍ଥା ହେଲା, ପବନ ଦେହରେ ବି ଗୋଟାଏ ପୁଲକ ଲାଗିଗଲା । ସେ ଆନନ୍ଦର ନିଶା ତା' ଦେହରୁ ଛାଡ଼ିଛି କି ନାହିଁ ସନ୍ଦେହ ।

ଦୁହିଙ୍କର ଜୀବନ-ସ୍ରୋତ ଯେତେବେଳେ ମିଳିତ ହେଲା ସେତେବେଳେ ନଦୀ ମଧ୍ୟରେ ମଧ୍ୟ ଗୋଟାଏ ଉତ୍ସବ ଲାଗିଥିଲା । ସେ ଉତ୍ସବ ପ୍ରକୃତିରେ ବଢ଼ି ନାହିଁ ।

ଦୁଇଟି ସ୍ୱତନ୍ତ୍ର ଧାରା, ବିଭିନ୍ନ ରାଗ ! ପରସ୍ପରର ନିତାନ୍ତ ଅଜ୍ଞାତରେ, ସେ ଥିଲେ ଅନେକ ଦିନ, ଅନେକ ବର୍ଷ, ହୁଏତ ଅନେକ ଜନ୍ମ ସେଇପରି ପୃଥକ୍ ପୃଥକ୍ ଭାବରେ ।

ଅତୀତର ସେ ଇତିହାସ ଆବୃତ୍ତି କରିବାର ଶକ୍ତି ଆଜି କାହାରି ନାହିଁ । ସେ ଗଛ, ସେ ପବନ, ସେ ନଦୀ ସମସ୍ତେ ପାସୋରି ଦେଇଛନ୍ତି ସେ ଗଳ୍ପ କଥାକୁ । ଆଉ ସେ ଦୁହିଙ୍କ କଥା ଛାଡ଼ ।

କେଉଁ ସୂତ୍ରରେ, କେଉଁ ଘଟଣା ଚକ୍ରରେ ଦୁଇଟି ପ୍ରାଣ ଏକ ହେଲା, ଦୁଇଟି ବିଭିନ୍ନ ରାଗର ମିଶ୍ରଣ ହେଲା, ଦୁଇଟି ସ୍ୱତନ୍ତ୍ର ଯନ୍ତ୍ର ଏକ ସ୍ୱରରେ ବନ୍ଧା ହେଲା, ପଚାରିଲେ ତା' ବି ସେ କହି ପାରିବେ କି ନାହିଁ ସନ୍ଦେହ ।

ଦୁହେଁଯାକ ଶବ୍ଦର ଅମୃହର । ... ...

ଗୋଟିଏ ରାତି କଟିଛି । ସୂର୍ଯ୍ୟ ଏ ପାଖରୁ ଯାଇ ସେ ପାଖରେ ଉଠିଛି, ଏହାରି ମଧ୍ୟରେ—।

ସଙ୍ଗୀତର କେବଳ ଆଳାପ ଆରମ୍ଭ ହୋଇଛି ଏହାରି ଭିତରେ—

ଦୁଇଟି ଅଚିହ୍ନା ପ୍ରାଣର କେବଳ ପରିଚୟ ହୋଇଛି, ଇତି ଅବସରରେ—

ଏ ଦାରୁଣ ସମ୍ବାଦ ! ! !

କେବଳ ଗୋଟାଏ ରାତି ।

* * " *

'ମୁଁ କ'ଣ ଯାଇ ପାରିବି ?'

ଏ ପ୍ରଶ୍ନର ଉତ୍ତର ସେ ପାଇଲା ନାହିଁ ।

'ତୁ କ'ଣ ରହି ପାରିବୁ ଏକା ?'

ତଥାପି ଉତ୍ତର ନାହିଁ ।

ସେ କେବଳ ତାକୁ ଛାତିକି ଟାଣି ଆଣିଲା । ସେ କାନ୍ଦଣାରେ ପଥର ବି ତରଳି ଯାନ୍ତା । ... ...

ହସାଇବାକୁ ଚେଷ୍ଟା କଲା ।

ହସିଲା ନାହିଁ ।

କୁହାଇବାକୁ ଯତ୍ନ କଲା ।

କହିଲା ନାହିଁ ।

ସେ ଯେମିତି ପଥର ପାଲଟି ଯାଇଛି । ନାରୀ ନୁହେ—ପାଷାଣ ପ୍ରତିମା । ... ...

ଆଜିର ସୂର୍ଯ୍ୟ କାଲି ପୁଣି ଯେତେବେଳେ ନୂଆ ହୋଇ ଉଠିବ. ସେତେବେଳେ... ...

ଆଜି ରାତିର ଚନ୍ଦ୍ର ଯେତେବେଳେ କୁମୁଦର ମୋହ ଛାଡ଼ି ଅସ୍ତାଚଳରେ ଲୀନ ହେବ, ସେତେବେଳେ... ...

ହେବ କ'ଣ ?

* * * *

'ନା—ନା—ମୁଁ ଯିବି ନାହିଁ—ଯାଇ ପାରିବି ନାହିଁ ।'

'କିନ୍ତୁ ଯିବାକୁ ଯେ ହେବ ।'

'ନ ଗଲେ ?'



Digitized by srujanika@gmail.com

'ରାଜଦଣ୍ଡରେ ଦଣ୍ଡିତ ହେବାକୁ ହେବ ଯେ ।'

'କି ଦଣ୍ଡ ?'

'ପ୍ରାଣଦଣ୍ଡ ।'

'ହାଃ—ସେଥିପାଇଁ ମୁଁ କଣ ଭୟ କରୁଛି ? କିନ୍ତୁ ଏହି ଅବସରରେ ମୁଁ ପ୍ରାଣ ଭରି ତୋର ଏ ଅଧରରେ ମଧୁ ପିଇ ପାରିବି ତ !'

'ଲୋକେ କହିବେ—'

'କାପୁରୁଷ । କହନ୍ତୁ । କିନ୍ତୁ ମୁଁ ଜାଣେ ମୁଁ ତାହା ନୁହେଁ ।'

'ହସିବେ ।'

'ହସନ୍ତୁ ।'

'କହିବେ—ଦେଶଦ୍ରୋହୀ ।'

'ମୁଁ ସେଥିରେ ଗୌରବ ଅନୁଭବ କରିବି ।' ...

ସକାଳ ହୋଇନାହିଁ ।

ସିନ୍ଦୁର ଫାଟି ନାହିଁ ।

ସୂର୍ଯ୍ୟ ଉଠି ନାହିଁ ।

ପବନ ବହି ନାହିଁ ।

ଗୋଟାଏ ତୁମୁଳ କୋଳାହଳ ହେଲା । ପ୍ରତ୍ୟେକ ଘରୁ ଜଣ ଜଣ କରି ଲୋକ ବାହାରି ଶତ ଶତ ହୋଇ ଗୋଟିଏ ଦିଗରେ ଧାଇଁବାକୁ ଲାଗିଲେ—ଅବଚ୍ଛିନ୍ନ ସ୍ରୋତ ପରି । ... ... ...

ସକାଳ ହେବ ।

ସିନ୍ଦୁର ଫାଟିବ ।

ସୂର୍ଯ୍ୟ ଉଠିବେ ।

ପବନ ବହିବ ।

ମଇଦାନ ଉପରେ ବଧ୍ୟକେ ଯାଇ ସହସ୍ର ସହସ୍ର ଲୋକ ରୁଣ୍ଡ ହେବେ । ତାଙ୍କ ଭିତରେ ନ ଥିବ କେବଳ ଜଣେ ।

ପତାକା ଉଡିବ । ସମସ୍ତେ ପତାକାକୁ ଚୁମ୍ବି ପଣ ନେବେ — ଜୟ ଅବା ମୃତ୍ୟୁ । ସେଥିରୁ ବଞ୍ଚିତ ହେବ ଏକା ଜଣେ ।

ନା—ନା—ଅସମ୍ଭବ । ତା' ହୋଇ ପାରିବ ନାହିଁ । ତା' ହେବାକୁ ସେ ଦେବ ନାହିଁ ।

* * * *

'ମୁଁ ସିନା ତୁମ ପଥର କଣ୍ଟକ ହେଲି ।'

ସେ ବାଧା ଦେଲା ।

'ମୁଁ ସିନା ତୁମ ନିନ୍ଦାର କାରଣ ହେଲି ।'

ସେ କହିବାକୁ ଦେଲା ନାହିଁ ।

'ମୋ'ରି ମୋହରେ ସିନା ତୁମେ ଦେଶର ଡାକକୁ ଏଡ଼ି ଦେଲ '

ସେ ତାର ମୁହଁରେ ହାତ ଦେଲା ।

* * * *

ସମସ୍ତ ରାତିର ବିଳାସ ପରେ ଖୁବ୍ ଥଣ୍ଡା ପାହାନ୍ତି ପବନ ଥରକ ପାଇଁ ବଡ଼ କୋମଳ ଭାବରେ ତା' ମଥା ଛୁଇଁ ବହିଗଲା ।

ଆଖିପତା ନଇଁ ପଡ଼ି ତାକୁ ସ୍ୱାଗତ ଜଣାଇଲା ।

ସାମାନ୍ୟ ତନ୍ଦ୍ରା ଲାଗିଲା । କ୍ଷଣକ ମଧ୍ୟରେ ପ୍ରେୟସୀର କୋଳରେ ସେ ଗଲା ନିଦ୍ରା । ...

ଧୀରେ—ଖୁବ୍ ଧୀରେ—

ପବନ ଯେତେ ଧୀରେ ମଉଳା ଫୁଲକୁ ଛୁଇଁ ଯାଉଥିଲା, ତା'ଠାରୁ ଅଧିକ ଧୀରେ—

ଆକାଶ ଯେତେ ଧୀରେ ନଇଁପଡ଼ି ଦିଗ୍‌ବଳୟରେ ପୃଥିବୀକୁ ଚୁମ୍ବନ କରୁଥିଲା ତା'ଠାରୁ ଅଧିକ ଧୀରେ—

ସେ ତାର ମଥାଟିକୁ କୋଳ ଉପରୁ ନେଇ ତଳେ ଥୋଇଲା ।

ଥରୁଟେ—କେବଳ ସେଇ ଥରକ ପାଇଁ ଆକାଶର ଫିକା ଅରୁଣ ରାଗ ଭିତରୁ ଆଲୋକ ଆସି ତାର ମୁହଁଟିକୁ ଉଜ୍ଜ୍ୱଳ କରିଦେଲା ।

ସେ ତାର ମୁହଁ ପାଖକୁ ମୁହଁ ନେଲା । କିନ୍ତୁ ଚୁମ୍ବନ ଦେଲା, ତାର ସରୁ ସରୁ ରେଶମୀ ବାଳ ଉପରେ—କାଳେ ନିଦ ଭାଙ୍ଗିଯିବ ।

ଧୀରେ—ଖୁବ୍ ଧୀରେ—ଯେତେ ଧୀରେ ନଈ ବହି ଯାଉଥିଲା, ତାଠାରୁ ଅଧିକ ଧୀରେ ସେ, ସେଠୁ ଉଠି ଚାଲିଗଲା । ...

କଠିନ ଧରା ଆଉ ତରଳ ଜଳ···

ଶ୍ୟାମଳ ତଟ ଆଉ ସୁନୀଳ ନଦୀ···

ସସୀମ ଜୀବନ ଆଉ ଅନନ୍ତ ମୃତ୍ୟୁ ·

ଏତିକି ବ୍ୟବଧାନ ମଧ୍ୟରେ ସେ ଯେତେବେଳେ ଯାଇ ଠିଆ ହେଲା କେବଳ ଥରକ ଲାଗି ସେ ଫେରି ଚାହିଁଥିଲା, ପଛକୁ ।

'କଣ ଆଉ ଥରେ ଦେଖିବା ପାଇଁ ?' ପାର୍ଶ୍ୱରେ ଗୋଟିଏ ଗଛ ଦେହରେ ବେଢ଼ି ହୋଇ ଲତା ପଚାରିଲା ।

ଗଛ ଉତ୍ତର ଦେଲା...'ନା, ତା ନୁହେଁ । କାଳେ ତାର ନିଦ ଭାଙ୍ଗିଯିବ—ସେ ଉଠିବ—ଯିବାକୁ ମରିବାକୁ ଦେବ ନାହିଁ—ପଥରୁ କଣ୍ଟକ ଦୂର କରିଦେବାର ସୁବିଧା ଦେବ ନାହିଁ, ଏଇ ଡରରେ ।'

କିନ୍ତୁ ଲତା ଗଛର ଏ କଥାକୁ ମାନିବାକୁ ନାରାଜ । ଦୁହିଙ୍କର ଲାଗିଗଲା କଳି । ଯେତେ ଦିନ ସେ ଦୁହେଁ ବଞ୍ଚିଥିଲେ ସେତେ ଦିନଯାଏ ବୁଝାମଣା ସେ କଳିଆ ତାଙ୍କର ମେଣ୍ଟି ନ ଥିଲା ।

ତା'ପରେ ଗୋଟାଏ ଶବ୍ଦ ହେଲା । ନଦୀ ଜଳରେ ପ୍ରତିବିମ୍ବିତ ଗଛ ପତ୍ର ସବୁ ଥରି ଉଠିଲେ ।

× × ×

ସେ ଯୁଦ୍ଧରେ ଏ ପକ୍ଷର ଜୟ ହେଲା କେବଳ ଗୋଟିଏ ସୈନ୍ୟର ସାହସ ଯୋଗୁଁ ।

ଶତ୍ରୁ ପୃଷ୍ଠଭଙ୍ଗ ଦେଲା କେବଳ ଗୋଟିଏ ଲୋକର ବୀରତ୍ୱ ଦେଖି ।

ଦେଶର ସମ୍ମାନ ମଧ୍ୟ ରହିଲା ମାତ୍ର ଗୋଟିଏ ମୁଣ୍ଡ ବଳି ଦେଇ ।

* * * *

ଆଜି ବି ସେ ନଦୀ ରହିଛି—ସହୀଦର ଜୀବନବିନ୍ଦୁ ଯାହା ଜଳର ପ୍ରତି କଣା ସହିତ ମିଶି ଯାଇଥିଲା ।



Digitized by srujanika@gmail.com

ଆଜି ବି ସେହି ଜଳ ରହିଛି—ଯେଉଁଠି ସ୍ନାନ କରି ତାର ସ୍ୱାମୀ ଶତ ଶତ ଶତ୍ରୁ ସେନା ସଂହାର କରିଥିଲା ଅତି ନିର୍ଭୀକ ଭାବରେ ।

ଆଜି ବି ସେହି ତୀର୍ଥ ଅଛି ଯାହାର ସ୍ପର୍ଶରେ ସେ ଦେଶ ବୀର ରୂପେ ସ୍ୱର୍ଗ ଯାତ୍ରା କରିଥିଲା ।

କେତେ ବର୍ଷ ଗଲାଣି—କେତେ ଯୁଗ ଗଲାଣି, କେହି ତାର ହିସାବ ରଖିନାହିଁ । କିନ୍ତୁ ସେ ନଦୀ ଅଛି—ତାର ଜଳ ଅଛି ।

ଦିନେ ଲୋକେ ସେଠି ସ୍ନାନ କରି ଯୁଦ୍ଧକୁ ଯାଉଥିଲେ ମନରୁ ଡର ଭୟ ସବୁ ଧୋଇ ଦେବା ପାଇଁ ।

ଦିନେ ଲୋକେ ସେହି ମାଟି ମଥାରେ ମାରି ରଣଭୂଇଁକି ଯାଉଥିଲେ, ଦେଶ ବୀର ହୋଇ ଗୌରବ ଲାଭ କରିବାକୁ ।

ଆଉ ଆଜି ?

ଆଜି ବି ଲୋକେ ସେଠି ପିଲାଙ୍କୁ ନେଇ ଗାଧୋଇ ଦିଅନ୍ତି... ଭୂତ, ଡାହାଣୀ, ପିଶାଚୀ, ଚିର୍କୁଣୀ ଭୟରୁ ମୁକ୍ତି ପାଇବା ପାଇଁ ।

ଆଜି ବି ସେ ମାଟି ଆସି ସ୍ତ୍ରୀଲୋକଙ୍କ ଶଙ୍ଖାରେ ମଣ୍ଡିହୁଏ, ସ୍ୱାମୀ ଥାଉଁ ଥାଉଁ ମରିଗଲେ ସତୀ ହୋଇ ସ୍ୱର୍ଗ ଲାଭ କରିବା ଆଶାରେ ।

# କବିବଧୂର ଗୌରବ

**ଶ୍ରୀ ରାଧାମୋହନ ଗଡ଼ନାୟକ**

( ୧ )

ନଗନ ଭୂଇଁ, ନଗନ ମାଟି ଘର,
ଅଗଣା ତଳେ ନଈଟି ଯାଏ ବହି,
ନାହିଁ ବିଳାସ, ନାହିଁ ଆଡ଼ମ୍ବର,
ତୁମରି ସାଥେ ପ୍ରିୟ ହେ, ଅଛି ରହି ।
ବୁକରେ ମୋର ଆନନ୍ଦର ରସ,
ମୁଖରେ ଫୁଟେ ପରାଣ-ଖୋଲା ହସ,
ଗୃହେଁ ନ ଧନ ଗୃହେଁ ନ ବୈଭବ,
ତୁମେ ଯେ କବି ସେଇ ମୋ ଗଉରବ ।

( ୨ )

ମାଟିର ଘରେ ଟଙ୍କା ଫନ୍ତ ନାହିଁ,
ମଣି ମୁକୁତା ଦେଖିନି ମୋର ଆଖି,
ତହିଁକି କେବେ ମୋ ମନ ବଳୁ ନାହିଁ,
ତହିଁକି କେବେ ଝେଙ୍କିନି ମୋର ଆଖି ।
ଦେଖିଲେ ତୁମ କବିତା ଗୀତମାନ
ପୂରଇ ଆଶା, ଭରଇ ମନ ପ୍ରାଣ,
ଗୃହେଁ ନ ଧନ, ଗୃହେଁ ନ ବୈଭବ,
ତୁମେ ଯେ କବି ସେଇ ମୋ ଗଉରବ ।

( ୩ )

ଦେଖୁଛି ପ୍ରିୟ ତୁମରି କବିତାରେ
ସରଗ ନଇଁ ଧରାର ଧୂଳି ମାଗେ,
ଚରିତ ଭୁଲେ ଛଇଳ ଅବତାରେ,
ଫୁଲର ଭୁଲେ ତାରାର କଥା ଲାଗେ ।
ପକ୍ଷୀ ଗାଏ, ଭଅଁର ବୀଣା ଧରେ
ଦେଖଇଁ ମୁଁ ତ ଶୁଣଇ ପ୍ରୀତିଭରେ ।
ଗୃହେଁ ନ ଧନ, ଗୃହେଁ ନ ବୈଭବ
ତୁମେ ଯେ କବି ସେଇ ମୋ ଗଉରବ ।

( ୪ )

ଦେଖୁଛି ପ୍ରିୟ ତୁମରି କବିତାରେ
ଦୁଃଖ କୋଟି ଆନନ୍ଦର ସ୍ୱର,
ବିଜୁଳି ଫୁଟେ ମେଘ ଅନ୍ଧକାରେ
ମରୁର ବୁକେ ଉଛୁଳି ଯାଏ ଝର ।
ଅଭାବ କୋଟି ବିକଳେ ଭାବ-ଭାତି
ଷଠର ତଳୁଁ ଝଲସି ଉଠେ ଜ୍ୟୋତି ।
ଗୃହେଁ ନ ଧନ, ଗୃହେଁ ନ ବୈଭବ
ତୁମେ ଯେ କବି ସେଇ ମୋ ଗଉରବ ।

( ୫ )

ଦେଖୁଛି ପ୍ରିୟ ତୁମରି କବିତାରେ,
ଗଢ଼ିଛ କେତେ ସୁପତି ପ୍ରୀତିପୂର୍ଣ୍ଣା.
ଦେଖା ଯାଉଛି ମୁକୁଳା ଝରକାରେ
ନାଗରିକାର ବସନ ଯାଏ ଉଡ଼ି ।
ଅଦୂରେ ତୁମେ ହୋଇଛ ଚଞ୍ଚଳ,
ଧରିବା ପାଇଁ ତାହାର ଅଞ୍ଚଳ ।
ତହିଁ ତ ମୋର ଈର୍ଷା ନାହିଁ ଲବ
ତୁମେ ଯେ କବି ସେଇ ମୋ ଗଉରବ ।



Digitized by srujanika@gmail.com

( ୬ )

ଦେଖୁଚି ପ୍ରିୟ୍, ତୁମରି କବିତାରେ
ପଲ୍ଲୀ-ବାଳା ଜୀଡ଼ାରେ ଫୁଲ ମାରି,
କାଖରେ ଭରି କଳସୀ ଧରି ଗୃଲେ,
ଯୌବନର ରଙ୍ଗେ ପଦ ଗୃଳି ।
ତାନଟି ଧରି ନୂପୁର ତାଳେ ତାଳେ
ବାନ୍ଧିଅଛ ବୀଣାରି ତାରେ ତାରେ ।
ତହିଁ ତ ମୋର ଶୋଚନା ନାହିଁ ଲବ,
ତୁମେ ଯେ କବି ସେଇ ମୋ ଗଉରବ ।

( ୭ )

ଦେଖୁଚି ପ୍ରିୟ୍ ତୁମରି କବିତାରେ
ବସିଛି ମୋର ବିଧବା ଭଉଣୀଟି,
ଲେଖକ ହୃଦେ ତୁକୁ-ରକତ ଧାରେ
ମରମ ତା'ର ଯାଇଚି ଅଙ୍କ ଫିଟି,
ସେଇ ରକତେ ଅଞ୍ଚଳ ଲେଖିକାରେ
ଦେଇଚ କାଟି ସମାଜ ଅନ୍ଧାରରେ ।
ତହିଁ ତ ମୋର ତୁମରି ଜୟ୍ରବ,
ତୁମେ ଯେ କବି ସେଇ ମୋ ଗଉରବ ।

( ୮ )

ଦେଖୁଚି ପ୍ରିୟ୍, ତୁମରି କବିତାରେ
ଧରିଚ ତୁମେ ବିପ୍ଳବୀର ବେଶ,
ଜାତିର ସବୁ ପତିତ ପତିତାରେ
ଛାତିରେ ଆଣି ଦେଇଚ ଆଶ୍ଳେଷ ।
ଆମରି ଏଇ ସମାଜେ ଉପହସି,
ସମାଜ ବୁକେ ଚୋଳଚ ତୁମ ଅସି ।
ତହିଁ ତ ମୋର ତୁମରି ଜୟ୍ରବ,
ତୁମେ ଯେ କବି ସେଇ ମୋ ଗଉରବ ।

( ୯ )

କେତେ କା ନାଆଁ କବିତା ଅଛ କରି,
ସକଳ କ'ଣ ପାରିବି ମୁହିଁ କହି,
ଜଗତ ସାରା ଆଣିଚ ପାଶେ ବରି
ଅଭେଦ ଭବ ମରମ ତଳେ ବହି ।
ଜଗତ ଗୀତ ତୁମରି ବୀଣା ଧରେ
ଶୁଣଇ ମୁଁ ତ ଶୁଣଇ ପ୍ରୀତିଭରେ ।
ଗୃହେଁ ନା ଧନ ଗୃହେଁ ନା ବଇଭବ,
ତୁମେ ଯେ କବି, ସେଇ ମୋ ଗଉରବ ।

( ୧୦ )

ମୋ ନାଆଁ ପୁଣି କବିତା ଅଛ ଲେଖି,
ଶୁଣିଲେ ଖାଲି ସରମ ମାଡ଼େ ମତେ,
କହିଲ ଭଲ କି ଗୁଣ ମୋର ଦେଖି,
ଏତେ ମଧୁର କବିତା କର ସତେ !
ଏ ଦିନା ତୁମ ଅନ୍ତରର ଗୀତ,
ଏ ଦିନା ତୁମ ବୁକୁର ଭରା ପ୍ରୀତି ।
ଗୃହେଁ ନା ଧନ, ଗୃହେଁ ନା ବଇଭବ
ତୁମେ ଯେ କବି ସେଇ ମୋ ଗଉରବ ।

( ୧୧ )

(ସଂସାରର) କଳ କୋଳାହଳର ଦୂରେ
ହେ ମୋର ପ୍ରିୟ୍, ନିକାଞ୍ଚନ ତୁମେ
ତରୁ ଗହଳେ ନଈ ନାଳର କୂଳେ,
କବିତା କଥା ଭାବୁଥା ବସି ତୁମେ ।
ନ ବୁଝି ତୁମ ଧିଆନ କେତେ ଗୂଢ଼
ବାଇଆ ବୋଲି କହଇ କେ ସେ ମୂଢ଼ ।
ତହିଁ ତ ମୋର ଶୋଚନା ନାହିଁ ଲବ
ତୁମେ ଯେ କବି ସେଇ ମୋ ଗଉରବ ।

( ୧୨ )

ସଞ୍ଜବେଳେ ଅଲୁଅ ଦେଇଁ ଜାଳି,
ଘରେ ଏକେଲି କବିତା ତୁମେ କର ।
ପଡ଼ନେ ମୁହିଁ ରନ୍ଧାବଢ଼ା ସାରି,
ଦୁଆରେ ମୁହଁ ଫେରଇ କେତେଥର ।
ଅନ୍ଧ ଦୋ'ଟି ସେମିତି ଶୁଖୁଥାଏ,
ଗୃହିଁ ରହେ ମୁଁ ବହୁତ ରାତିଯାଏ ।
ତହିଁ ତ ମୋର ଦୁଃଖ ନାହିଁ ଲବ
ତୁମେ ଯେ କବି ସେଇ ମୋ ଗଉରବ ।

( ୧୩ )

ହେ ମୋର ପ୍ରିୟ୍, ଦେଖୁଚି ଦିନ ରାତି
ତୁମରି ନାଆଁ ବାଜଇ ଦେଶ ଦେଶ
ଗଉରବ ଭରେ ଫୁଲଇ ମୋର ଛାତି
ଦେହକି ଶୋଷ ଲାଗଇ ନାହିଁ ଲେଶ ।
ତୁମେ ତ କବି, ମୁହିଁ ତ କବି-ବଧୂ,
ଭୁଞ୍ଜେ ନିତି ଆନନ୍ଦର ମଧୁ ।
ଗୃହେଁ ନା ଧନ ଗୃହେଁ ନା ବଇଭବ
ତୁମେ ଯେ କବି ସେଇ ମୋ ଗଉରବ ।



Digitized by srujanika@gmail.com

# ଦେଶୀୟ ରାଜ୍ୟ ସମାଚାର

## ହାଇଦ୍ରାବାଦ

### କାଗଜ କାରଖାନା ସ୍ଥାପନ

ହାଇଦ୍ରାବାଦ ରାଜସରକାର ଅଳ୍ପ ଦିନ ହେଲା ଗୋଟିଏ କାଗଜ କାରଖାନା ସ୍ଥାପନ କରିବାର ପ୍ରସ୍ତାବ ମଞ୍ଜୁର କରିଅଛନ୍ତି । ଶୁଣାଯାଏ ଯେ ସେହି କାଗଜ କଳ ଶିବପୁରଠାରେ ସ୍ଥାପିତ ହେବ ଓ ତହିଁରେ ବର୍ଷରେ ପ୍ରାୟ ଛଅ ହଜାର ଟନ୍ କାଗଜ ପ୍ରସ୍ତୁତ ହୋଇ ପାରିବ । ଶିବପୁର ନିକଟରେ ପ୍ରାୟ ୩୦ ମାଇଲ ମଧ୍ୟରେ ଭଲ ବାଉଁଶ ଓ କୋଇଲା ମିଳୁଥିବାରୁ ଉକ୍ତ କାରଖାନା ଭାରତର ଅନ୍ୟାନ୍ୟ ଯେ କୌଣସି କାଗଜ କାରଖାନା ଅପେକ୍ଷା ଅଧିକ ସୁବିଧାରେ କାଗଜ ପ୍ରସ୍ତୁତ କରି ପାରିବ । ହିସାବ କରି ଦେଖା ଯାଇଛି ଯେ ଉକ୍ତ ପ୍ରାକୃତିକ ସୁବିଧା ଯୋଗୁଁ ଶିବପୁର କାଗଜ କାରଖାନା ପ୍ରତ୍ୟେକ ଟନ୍ କାଗଜରେ ପ୍ରାୟ ୪୦ ଟଙ୍କା ଲାଭ କରି ପାରିବ ।

କାରଖାନାଟି ହାଇଦ୍ରାବାଦ କନ୍‌ଷ୍ଟ୍ରାକ୍‌ସନ୍ କମ୍ପାନି ଲିମିଟେଡ଼ଙ୍କ ପରିଚାଳନାରେ ରହିବ ଏବଂ ଏହାର ମୂଳଧନ ଏକ କୋଟି ଟଙ୍କା ମଧ୍ୟରୁ ବର୍ତ୍ତମାନ ୪୫ ଲକ୍ଷ ଟଙ୍କା ଦିଆଯିବ । ହାଇଦ୍ରାବାଦ ରାଜସରକାର ସାଢ଼େ ସାତ ଲକ୍ଷ ଟଙ୍କା ମୂଲ୍ୟର ଅଂଶ କ୍ରୟ କରିବାପାଇଁ ସ୍ୱୀକୃତ ହୋଇଥିବାର ଜଣାଯାଏ ଏବଂ ହାଇଦ୍ରାବାଦ କନ୍‌ଷ୍ଟ୍ରାକ୍‌ସନ କମ୍ପାନି ଅଧିକ ୧୫ ଲକ୍ଷ ଟଙ୍କା ସାହାଯ୍ୟ ଦେବାର ଭାର ଗ୍ରହଣ କରି ଅଛନ୍ତି । ଅବଶିଷ୍ଟ ସାଢ଼େ ସତର ଲକ୍ଷ ଟଙ୍କା ମୂଲ୍ୟର ଅଂଶ ସର୍ବସାଧାରଣଙ୍କୁ ବିକ୍ରୟ କରାଯିବ । ଅଂଶ ଖରିଦ କରିବାରେ ରାଜ୍ୟର ପ୍ରଜାମାନଙ୍କୁ ପ୍ରଥମତଃ ସୁବିଧା ଦିଆଯିବ ।

ଉକ୍ତ ବ୍ୟବସ୍ଥା କରିବା ପୂର୍ବରୁ କଞ୍ଚା ମାଲ ଯୋଗାଇବା, ଆବଶ୍ୟକୀୟ କଳ କାରଖାନା ଓ କାଗଜ ପ୍ରସ୍ତୁତ କରିବାର ଖର୍ଚ୍ଚ ବିଶେଷ ଭାବରେ ବିଚାର କରି ଦେଖା ଯାଇଅଛି । ଅଧିକ ମଧ୍ୟ ହିସାବ କରି ଦେଖା ଯାଇଅଛି ଯେ ଏହି କାରଖାନାରୁ ମୂଳଧନ ଉପରେ ଶତକରା ୧୦।୧୨ ଅଂଶ ବାର୍ଷିକ ଲାଭ ମିଳି ପାରିବ ।

### ତୁଳା ଚାଷର ପର୍ଯ୍ୟବେକ୍ଷଣ

ରାଜ୍ୟ ମଧ୍ୟରେ ଉତ୍ପନ୍ନ ହେଉଥିବା ବିଭିନ୍ନ ପ୍ରକାର ତୁଳା ପରୀକ୍ଷା କରିବା ପାଇଁ ଓ ପ୍ରତ୍ୟେକ ପ୍ରକାର ତୁଳାର ପରିମାଣ ନିର୍ଦ୍ଦେଶ କରିବା ପାଇଁ ୧୯୩୧ ମସିହାରେ ନିଜାମଙ୍କ ରାଜ୍ୟରେ ତୁଳା ଗଛର ପର୍ଯ୍ୟବେକ୍ଷଣ ଆରମ୍ଭ କରା ଯାଇଥିଲା ଏବଂ ଅଳ୍ପ ଦିନ ହେଲା ତାହା ଶେଷ ହୋଇଅଛି ।

ବିଭିନ୍ନ ଦୁଇଗୋଟି ଉପାୟରେ ଏହା ପରୀକ୍ଷା କରା ହୋଇଥିଲା । ପ୍ରଥମତଃ ଗଭର୍ଣ୍ଣମେଣ୍ଟ ଫାର୍ମରେ ତୁଳା ମଞ୍ଜିର ପର୍ଯ୍ୟବେକ୍ଷଣ ଏବଂ ଦ୍ୱିତୀୟରେ କୃଷକମାନଙ୍କର ଫସଲ ପରିଦର୍ଶନ ।

ପ୍ରଥମ ଉପାୟ ଅନୁଯାୟୀ ତୁଳାଗଛ ହେଉଥିବା ପ୍ରତ୍ୟେକ ଜିଲ୍ଲାର ବିଭିନ୍ନ ଗ୍ରାମମାନଙ୍କରୁ ବିହନ ସଂଗ୍ରହ କରି ଦୁଇଗୋଟି ବିଭିନ୍ନ ଗଭର୍ଣ୍ଣମେଣ୍ଟ ଫାର୍ମରେ ତାହା ବୁଣା ଯାଇଥିଲା । ଏହି ଉପାୟରେ ୯୭୧ ଗୋଟି ନମୁନା ପରୀକ୍ଷା କରି ଦେଖାଯାଇଥିଲା ଓ ସେଥିମଧ୍ୟରୁ ପ୍ରାୟ ୨୦୦ ଗୋଟି କପାଗଛକୁ ଉଦ୍ଭିଦ-ବିଜ୍ଞାନାନୁସାରେ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରା ଯାଇଅଛି ।

ଦ୍ୱିତୀୟ ଉପାୟ ଅନୁଯାୟୀ ପ୍ରତ୍ୟେକ ଜିଲ୍ଲାର କେତେକ ଗ୍ରାମ ପରିଦର୍ଶନ କରି କୃଷକମାନଙ୍କର ନିଜ ନିଜ କୃଷିକ୍ଷେତ୍ରରେ ଉତ୍ପନ୍ନ ବିଭିନ୍ନ ଶ୍ରେଣୀର କପାର ପରିମାଣ ନିର୍ଦ୍ଧାରଣ କରା ଯାଇଥିଲା । ପ୍ରତ୍ୟେକ ଗ୍ରାମରେ ବିଭିନ୍ନ ପ୍ରକାର କପାଗଛର ନିଦର୍ଶନ ପାଇଁ ପାଞ୍ଚଗୋଟି ସଂଖ୍ୟା ନିର୍ଦ୍ଦେଶ କରା ହୋଇଥିଲା ଓ ପ୍ରତ୍ୟେକ "ସର୍ଭେ ନମ୍ବର" ବା ସଂଖ୍ୟା ମଧ୍ୟରେ ୨୦୦ ଲେଖାଏ କପାଗଛ ଶ୍ରେଣୀବଦ୍ଧ କରା ଯାଇଥିଲା । ଉକ୍ତ ଉପାୟରେ ସମସ୍ତ ବିଷୟ ପରୀକ୍ଷା କରି ବିଭିନ୍ନ ପ୍ରକାର କପାର ପରିମାଣ ନିର୍ଦ୍ଧାରଣ କରା ହୋଇଥିଲା ।

ଷ୍ଟେଟ୍ କୃଷିଫାର୍ମ ଓ କୃଷକମାନଙ୍କର ନିଜ ନିଜ କ୍ଷେତ୍ରରେ କପାଗଛଗୁଡ଼ିକର ଶ୍ରେଣୀ ବିଭାଗ କଲାବେଳେ ସେଗୁଡ଼ିକୁ ପୃଥକ୍ ପୃଥକ୍ ଅମଳ କରା ଯାଇଥିଲା ଓ ପରବର୍ତ୍ତୀ ବୀଜବପନ ସମୟରେ ଉକ୍ତ ଫସଲ ମାନଙ୍କର ବିହନ ପୃଥକ୍ ପୃଥକ୍ ଧାଡ଼ିରେ ଲଗା ଯାଇଥିଲା । ତହିଁରେ ତାହାର ଫଳାଫଳ ଦେଖି ଦେଖାଯାଇ ଉପଯୁକ୍ତ ବିହନ ବଛା ଯାଇଥିଲା ।

ଭାରତର ଅନ୍ୟାନ୍ୟ ସ୍ଥାନ ଅପେକ୍ଷା ହାଇଦ୍ରାବାଦ ରାଜ୍ୟରେ ଅଧିକ କପା ଚାଷ ହୁଏ । ଭାରତବର୍ଷରେ ମୋଟରେ ଯେତେ ଜମିରେ କପା ଚାଷ ହୁଏ ସେଥିମଧ୍ୟରୁ ହାଇଦ୍ରାବାଦ ରାଜ୍ୟରେ ଜମିର ପରିମାଣ ୧୪.୯ ଓ ଭାରତରେ ମୋଟ ତୁଳା ଆମଦାନି ମଧ୍ୟରୁ ୧୦.୨ କେବଳ ହାଇଦ୍ରାବାଦ ରାଜ୍ୟରେ ଆମଦାନି ହୁଏ ।



Digitized by srujanika@gmail.com

## ଗ୍ରାମୋନ୍ନତି

ହାଇଦ୍ରାବାଦ ରାଜସରକାର ଗ୍ରାମୋନ୍ନତି ସମ୍ବନ୍ଧରେ ଏକ ନୂତନ ବ୍ୟବସ୍ଥା କରୁଥିବାର ଜଣାଯାଏ । ଯେତେ ଦୂର ସମ୍ଭବ ଗ୍ରାମର ପ୍ରତ୍ୟେକ ବିଶିଷ୍ଟ ଗୃହସ୍ଥଙ୍କୁ ଗ୍ରାମ-ସଂଗଠନ କାର୍ଯ୍ୟରେ ଯୋଗ ଦେବା ପାଇଁ ଉତ୍ସାହ ଦିଆଯିବ । ଗ୍ରାମର ବିଦ୍ୟାଳୟ-ଶିକ୍ଷକ ଓ ପ୍ରଧାନ ବ୍ୟକ୍ତି ଏହି ଅନୁଷ୍ଠାନ ଗୁଡ଼ିକର ଭାର ବହନ କରିବେ ।

ଗ୍ରାମର ସାଧାରଣ ଅବସ୍ଥାର ଉନ୍ନତି ପାଇଁ ପତାନଚେରୁଠାରେ ସ୍ଥାପିତ ସଂଗଠନ କେନ୍ଦ୍ର ସନ୍ତୋଷଜନକ ଭାବେ କାର୍ଯ୍ୟ କରୁଅଛି । କୁଟୀର ଶିଳ୍ପ ଓ ଗ୍ରାମ୍ୟ ଜୀବନର ଉନ୍ନତି କରିବା ଏହି କେନ୍ଦ୍ରର ମୁଖ୍ୟ ଉଦ୍ଦେଶ୍ୟ । ଏଥିରେ ବୈଜ୍ଞାନିକ ଉପାୟରେ କୁକୁଡ଼ା, ଛେଳି ଓ ମାଛ ପାଳିବା ଏବଂ ଫୁଲ, ଫଳ ପ୍ରଭୃତି ନାନା ପ୍ରକାର କୃଷିର ଗବେଷଣା ମଧ୍ୟ କରାଯାଉଅଛି । ସାଧାରଣ ଗ୍ରାମ-ସଂଗଠନ କାର୍ଯ୍ୟ ଓ ଉପରୋକ୍ତ ବିଷୟମାନଙ୍କରେ ଯୁବକମାନଙ୍କୁ ମଧ୍ୟ ଶିକ୍ଷା ଦିଆଯାଉଅଛି । ଉକ୍ତ କେନ୍ଦ୍ରରେ ଗ୍ରାମ-ସଂଗଠନ ସମ୍ବନ୍ଧୀୟ କେତେକ ପଦାର୍ଥ ନେଇ ଗୋଟିଏ ଯାଦୁଘର ଗଠିତ ହୋଇଅଛି ଏବଂ ଏହି କେନ୍ଦ୍ରରୁ ୧୫ ଗୋଟି ଗ୍ରାମରେ ସଂଗଠନ କାର୍ଯ୍ୟ ଆରମ୍ଭ ହୋଇଅଛି ।

ଗ୍ରାମ ନର୍ଦ୍ଦମା ଗୁଡ଼ିକର ଅବସ୍ଥାର ଉନ୍ନତି, ପାଇଖାନାର ବ୍ୟବସ୍ଥା ଓ ସ୍ଥାନୀୟ କୂଅ ଗୁଡ଼ିକର ଆବଶ୍ୟକୀୟ ମରାମତି ଇତ୍ୟାଦି କାର୍ଯ୍ୟରେ ଗ୍ରାମୋନ୍ନତି ସଂଘ ବିଶେଷ ହାତକରି କାର୍ଯ୍ୟ କରିଥିବାର ଜଣାଯାଏ । ଗୃହ ନିକଟରୁ କୃଷିସାର ଗୁଡ଼ିକୁ ସଂଗ୍ରହ କରି ରଖିବା ଏବଂ ଆବର୍ଜନା କମ୍ପୋଷ୍ଟ ପ୍ରସ୍ତୁତ କରିବାର ପ୍ରଣାଳୀ ସେମାନଙ୍କୁ ସ୍ୱହସ୍ତରେ କରି ଦେଖାଇ ଦିଆଯାଉଅଛି ଓ ଶୁଣାଯାଏ ଯେ କେତେକ ଗ୍ରାମର ଲୋକେ ଏହାର ଫଳରେ ନିୟମିତ ଭାବରେ ଗର୍ତ୍ତ କରି କୃଷିସାର ଗୁଡ଼ିକୁ ସ୍ୱତଃ ସଂରକ୍ଷଣ କରୁଅଛନ୍ତି । ଗ୍ରାମବାସୀମାନଙ୍କୁ ସ୍ୱାସ୍ଥ୍ୟ ଓ ପରିଷ୍କାର ପରିଚ୍ଛନ୍ନତା ସମ୍ବନ୍ଧରେ ଓ ବାସଘରର ସାଧାରଣ ଉନ୍ନତି ବିଷୟରେ ସହଜ ଉପାୟମାନ ଶିକ୍ଷା ଦିଆଯାଉଅଛି । ପତାନଚେରୁଠାରେ ପ୍ରତ୍ୟେକ ବର୍ଷ ଗୋଟିଏ ଗ୍ରାମୋନ୍ନତି ପ୍ରଦର୍ଶନୀ ଖୋଲାଯାଏ ଓ ସେଥିରେ ବହୁଅଞ୍ଚଳର ଗ୍ରାମବାସୀ ଯୋଗ ଦିଅନ୍ତି ।

## ମହୀଶୂର

### ଜୀବନବୀମା କମ୍ପାନୀ

ମହୀଶୂର ଜୀବନବୀମା କମ୍ପାନୀ ଅଳ୍ପକ ଚାରି ବର୍ଷ ହେଲା ସ୍ଥାପିତ ହୋଇ ଅତି ସୁନ୍ଦର ଭାବରେ କାର୍ଯ୍ୟ ଚଳାଇ ଆସୁଅଛି । ଏହି କମ୍ପାନୀ ୧୯୩୬ ମସିହାରେ ୧୦,୬୭,୦୫୫ ଟଙ୍କା ମୂଲ୍ୟର ୧୧୮୯ ଗୋଟି ଜୀବନବୀମା ପ୍ରସ୍ତାବ ପାଇଥିବା ସ୍ଥଳେ ବର୍ତ୍ତିତ ବର୍ଷ ୧୫,୧୦,୧୦୦ ଟଙ୍କା ମୂଲ୍ୟର ୧୬୯୦ ଗୋଟି ପ୍ରସ୍ତାବ ପାଇଅଛି । ଗତ ବର୍ଷର ବ୍ୟବସାୟ ତୁଳନାରେ ଚଳିତ ବର୍ଷର ନୂତନ ବ୍ୟବସାୟ ଏବଂ ଜୀବନବୀମାରେ ଯଥାକ୍ରମେ ଶତକଡ଼ା ୪୧.୪ ଓ ୫୧.୧ ବୃଦ୍ଧି ହୋଇଅଛି । ବୀମା ପାଣ୍ଠିର ପରିମାଣହିଁ ଜୀବନବୀମା ବ୍ୟବସାୟର ପ୍ରଧାନ ଦ୍ରଷ୍ଟବ୍ୟ ବିଷୟ ଓ ତାହା ପୂର୍ବ ବର୍ଷ ଅପେକ୍ଷା ୧୬,୩୬୫ ଟଙ୍କା ଅଧିକ ହୋଇଅଛି । ଅର୍ଥାତ୍ ଗତ ବର୍ଷ ଅପେକ୍ଷା ଏହା ଶତକଡ଼ା ୧୦୦ ଟଙ୍କାରୁ ଅଧିକ ବୃଦ୍ଧି ହୋଇଅଛି ।

### ନାରୀମାନଙ୍କ ପାଇଁ ଉଚ୍ଚ ଶିକ୍ଷାର ବ୍ୟବସ୍ଥା

ଗତ ୨୦ ବର୍ଷ ମଧ୍ୟରେ ମହୀଶୂର ବିଶ୍ୱବିଦ୍ୟାଳୟ ଆଶାତୀତ ଉନ୍ନତି ଦେଖାଇଅଛି । ଉକ୍ତ ବିଶ୍ୱବିଦ୍ୟାଳୟରୁ ୧୯୫ ଜଣ ଛାତ୍ରୀ ଇତିମଧ୍ୟରେ ସାହିତ୍ୟ, ବିଜ୍ଞାନ, ଚିକିତ୍ସା ଓ ଶିକ୍ଷାଦାନରେ କୃତକାର୍ଯ୍ୟ ହୋଇଅଛନ୍ତି । ସେମାନଙ୍କ ମଧ୍ୟରୁ ୯୨ ଜଣ ବି. ଏ. ପରୀକ୍ଷାରେ, ୨୪ ଜଣ ଏମ୍. ଏ., ୩ ଜଣ ବି. ଟି. ଓ ୫ ଜଣ ଏମ୍.ବି., ବି. ଏସ୍. ପରୀକ୍ଷାରେ କୃତକାର୍ଯ୍ୟ ହୋଇଅଛନ୍ତି ।

### ପଲ୍ଲୀମଙ୍ଗଳ ବିଭାଗ

ମହୀଶୂର ରାଜ୍ୟର କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ଗ୍ରାମରେ ପ୍ରବର୍ତ୍ତିତ ପଲ୍ଲୀମଙ୍ଗଳ ବ୍ୟବସ୍ଥାର କେତେକ ବିବରଣ ରାଜସ୍ୱ କମିଶନରଙ୍କ ୧୯୩୭ ମସିହା ଅର୍ଦ୍ଧବାର୍ଷିକ ରିପୋର୍ଟରୁ ଜଣାଯାଏ । ଯେଉଁସବୁ ଗ୍ରାମରେ ଉକ୍ତ ବ୍ୟବସ୍ଥା କରାଯାଉଅଛି ତାହାର ସଂଖ୍ୟା ଗତ ବର୍ଷ ୧୮୨ ଥିଲା ଓ ବର୍ତ୍ତିତ ବର୍ଷ ତାହା ୧୯୧ ପର୍ଯ୍ୟନ୍ତ ବୃଦ୍ଧି ହୋଇଅଛି । ଉକ୍ତ ଗ୍ରାମମାନଙ୍କରେ ବର୍ତ୍ତମାନ ଗୃହପାଳିତ ପଶୁ ଓ ମନୁଷ୍ୟମାନଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ହୋଇଅଛି । କେତେକ ଗ୍ରାମରେ ପୁରାତନ କୂପ ଓ ପୁଷ୍କରଣୀଗୁଡ଼ିକର ମରାମତି ଓ ପଙ୍କୋଦ୍ଧାର କରାଯାଇ ପାନୀୟ ଜଳର ସୁବ୍ୟବସ୍ଥା କରାଯାଇଅଛି । ମହୀଶୂର ରାଜସରକାର ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ଗ୍ରାମମାନଙ୍କରେ କୂପ ଖନନ ପାଇଁ ୧୫ ଲକ୍ଷ ଟଙ୍କା ଦାନ କରିବାର ସ୍ଥିର କରିଅଛନ୍ତି । ବର୍ତ୍ତମାନ ରାଜ୍ୟ ମଧ୍ୟରେ ଥିବା ଗ୍ରାମମାନଙ୍କରୁ ପ୍ରାୟ ଦ୍ୱିତୃତୀୟାଂଶରୁ ଅଧିକ ଗ୍ରାମରେ କୂପ ଖନନ କରାଯାଇଅଛି । ଆଜି ମଧ୍ୟ ହିସାବ କରି ଦେଖାଯାଇଅଛି ଯେ ଉପଯୁକ୍ତ ପାଣ୍ଠି ସାହାଯ୍ୟ ଦ୍ୱାରା ସେ ଦିଗରେ ନିୟମିତ ବ୍ୟବସ୍ଥା କରାଗଲେ ଅଳ୍ପ କାଳ ମଧ୍ୟରେ ଅବଶିଷ୍ଟ ଗ୍ରାମଗୁଡ଼ିକର ଅସୁବିଧା ଦୂର ହୋଇଯିବ ।

ଅନ୍ୟାନ୍ୟ ଗ୍ରାମ ହିତକର କାର୍ଯ୍ୟ ମଧ୍ୟରେ ଗ୍ରାମର ନର୍ଦ୍ଦମା ନିର୍ମାଣ ଓ ଗ୍ରାମଗୁଡ଼ିକୁ ଯିବା ଆସିବାର ସୁବିଧା ପାଇଁ ପ୍ରଧାନ ରାସ୍ତା ସହିତ ଯୋଗ କରି ପ୍ରତ୍ୟେକ ଗ୍ରାମରୁ ଛୋଟ ଛୋଟ ରାସ୍ତା ଗଠନ କରିବା ପ୍ରଧାନ । ଏହାଛଡ଼ା ମହୀଶୂର ସରକାର ପ୍ରତ୍ୟେକ ଗୃହ ପ୍ରତି ୨୫୦ ଟଙ୍କା ଖର୍ଚ୍ଚରେ ଛଅ ଗୋଟି ଗୃହ ପ୍ରସ୍ତୁତ କରୁଅଛନ୍ତି । ଉକ୍ତ ଗୃହଗୁଡ଼ିକରେ ମୂଲିଆ ଯେପରି ରହି ନ ପାରିବେ ତାହାର ବ୍ୟବସ୍ଥା କରାଯିବ ଓ ପ୍ରତ୍ୟେକ ଘରକୁ ମାସିକ ନାମ ମାତ୍ର ଚାରି ଅଣା ଭଡ଼ାରେ ଆଦି-କର୍ଣ୍ଣାଟକମାନଙ୍କୁ ଦିଆଯିବ ।



Digitized by srujanika@gmail.com

ଉକ୍ତ ଗ୍ରାମମାନଙ୍କରେ ବିଦ୍ୟାଳୟକୁ ଯିବା ବୟସର ବାଳକ ବାଳିକାଙ୍କର ବିସ୍ତାରିତ ତାଲିକା ପ୍ରସ୍ତୁତ ହୋଇ ଶିକ୍ଷା-ବିଭାଗକୁ ପଠା ଯାଇଅଛି । ଦୁଇଗୋଟି ଗ୍ରାମରେ ପାଠାଗାର ସ୍ଥାପନ ଓ ଛଅଗୋଟି ଗ୍ରାମରେ ବାଳଚର ଦଳ ଗଠନ କରି ଯାଇଅଛି । ପ୍ରତ୍ୟେକ ଗ୍ରାମରେ ବାଧ୍ୟତାମୂଳକ ଟୀକା ଏବଂ ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧରେ ବକ୍ତୃତା ଓ ଛାୟାଚିତ୍ର ସାହାଯ୍ୟରେ ଶିକ୍ଷା ଦିଆଯାଉଅଛି । କେତେକ ନିର୍ଦ୍ଦିଷ୍ଟ ଗ୍ରାମରେ ମାତୃ-ମଙ୍ଗଳ ଭବନ ମଧ୍ୟ ସ୍ଥାପିତ ହୋଇଅଛି ।

ଉକ୍ତ ଗ୍ରାମମାନଙ୍କରେ ଆଧୁନିକ ଉନ୍ନତ ଧରଣର କୃଷି ସରଞ୍ଜାମ ରଖାଯାଇ ଆଖୁ ଓ ଅନ୍ୟାନ୍ୟ କୃଷିର ଉନ୍ନତି କରି ଯାଉଅଛି । ଏହାଛଡ଼ା ଲାଭପ୍ରଦ ଫଳ ବୃକ୍ଷ ରୋପିବା, ମହୁମାଛି ପାଳିବା, ମସିଣା ଓ ବସ୍ତ୍ର ବୁଣିବା, କାଠ ମିସ୍ତ୍ରୀକାମ ଓ ମାଟିର ମୂର୍ତ୍ତି ଗଢ଼ିବା ଇତ୍ୟାଦି ଶିକ୍ଷା ଦିଆ ଯାଉଅଛି ।

## ବରୋଦା

### ଜଳ ସେଚନର ବ୍ୟବସ୍ଥା

ବରୋଦା ରାଜସରକାର ଗତ ୪୦ ବର୍ଷ ମଧ୍ୟରେ କେତେ ଗୁଡ଼ିଏ ଜଳଭଣ୍ଡାର ଓ ବନ୍ଧ ନିର୍ମାଣ କରିବାରେ ପ୍ରାୟ ୬୦ ଲକ୍ଷ ଟଙ୍କା ବ୍ୟୟ କରିଅଛନ୍ତି । ରାଜସରକାର ଜଳସେଚନ ଓ କେନାଲ ନିର୍ମାଣର ଅଧିକ ଏକ ବ୍ୟବସ୍ଥା ହାତରେ ରଖିଅଛନ୍ତି । ଏହାଦ୍ୱାରା ପ୍ରଜା ସାଧାରଣଙ୍କର ଉପକାର ହେବା ସଙ୍ଗେ ସଙ୍ଗେ ରାଜ୍ୟର ଯେଉଁ ଅଂଶ ଗୁଡ଼ିକରେ ପ୍ରାୟଶଃ ଦୁର୍ଭିକ୍ଷ ହୁଏ, ସେ ଅଞ୍ଚଳର ବିଶେଷ ଉପକାର ହେବାର ମଧ୍ୟ ଆଶା କରିଯାଏ । ରାଜ୍ୟର ଜଳସେଚନ ବିଭାଗ ପ୍ରଜାମାନଙ୍କୁ କୂପ ଖନନ କରିବା ପାଇଁ ମଧ୍ୟ ଉତ୍ସାହିତ କରୁଅଛନ୍ତି ଓ ଅନ୍ୟାନ୍ୟ ଆବଶ୍ୟକୀୟ ଜଳ ସରବରାହର ବ୍ୟବସ୍ଥା କରୁଅଛନ୍ତି । କିନ୍ତୁ ଷ୍ଟେଟ କର୍ତ୍ତୃପକ୍ଷଙ୍କର ଏକ ବିବରଣୀରୁ ଜଣାଯାଏ ଯେ ପ୍ରଜାମାନେ ଉକ୍ତ ସମସ୍ତ ସୁବିଧାର ପୂର୍ଣ୍ଣ ସାହାଯ୍ୟ ପାଉ ନାହାନ୍ତି । ଉଦାହରଣ ସ୍ୱରୂପ ରାଜ୍ୟ ମଧ୍ୟରେ ଥିବା ୩୦ ଗୋଟି ଜଳଭଣ୍ଡାର ଦ୍ୱାରା ୫୫,୦୦୦ ବିଘା ଜମିରେ ଜଳସେଚନ ହେବାର କଥା । କିନ୍ତୁ ପ୍ରକୃତ ପକ୍ଷରେ କେବଳ ୧୩,୦୦୦ ବିଘା ଜମିରେ ଉକ୍ତ ସୁବିଧା ମିଳିଥାଏ । ଏଥିରେ ଏପରି ବୈଷମ୍ୟ ହେବାର ପ୍ରଧାନ କାରଣ ପ୍ରଜାମାନଙ୍କର ଏ ବିଷୟରେ ଉଦାସୀନତା ଓ ଜଳକର ଦେବାର ଅନିଚ୍ଛା । ରାଜ୍ୟ ମଧ୍ୟରେ ଥିବା ୪୦୦୦ ଗୋଟି ପୁଷ୍କରିଣୀର ଅବସ୍ଥା ମଧ୍ୟ ତଦ୍ରୂପ ଓ ସେ ବିଷୟରେ କୌଣସି ପ୍ରଜା କିଛି ତତ୍ତ୍ୱ ନିଅନ୍ତି ନାହିଁ ।

ଉକ୍ତ ପୁଷ୍କରିଣୀ ଗୁଡ଼ିକରୁ ବାର୍ଷିକ ପ୍ରାୟ ୩୦,୦୦୦ ଟଙ୍କା ଆୟ ହୁଏ ଓ ଅଳ୍ପ ଦିନ ହେଲା ସେଗୁଡ଼ିକୁ ପୂର୍ତ୍ତବିଭାଗର ତତ୍ତ୍ୱାବଧାନରେ ରଖା ଯାଇଅଛି ।

ସନ ୧୯୨୭-୨୮ ସାଲର ପ୍ରବଳ ବନ୍ୟା ପରେ ଗ୍ରାମ ଓ ଜମି ମଧ୍ୟରେ ଥିବା ଜଳବାହୀ କେନାଲଗୁଡ଼ିକ ଉପରେ ରାଜସରକାର ବିଶେଷ ଦୃଷ୍ଟି ଦେଇଅଛନ୍ତି । ବରୋଦା ଏବଂ ମେସାନା ଜିଲ୍ଲା-ଗୁଡ଼ିକରେ ବର୍ଷା ଦିନରେ ବିଶେଷ ବର୍ଷା ହେଉଥିବାରୁ ପ୍ରଧାନ ଜଳବାହୀ କେନାଲ ଗୁଡ଼ିକ ଉକ୍ତ ଦୁଇ ଜିଲ୍ଲାରେ ଅବସ୍ଥିତ । ବରୋଦା ଜିଲ୍ଲାର କେନାଲଗୁଡ଼ିକର ମୋଟ ଦୈର୍ଘ୍ୟ ୨୬୨ ମାଇଲ ଏବଂ ମେସାନା ଜିଲ୍ଲାର କେନାଲ ଗୁଡ଼ିକର ଦୈର୍ଘ୍ୟ ୨୨୪ ମାଇଲ । ପଞ୍ଚାୟତମାନଙ୍କର ତତ୍ତ୍ୱାବଧାନରେ ଥିବା ଷ୍ଟେଟ କେନାଲଗୁଡ଼ିକର ଦୈର୍ଘ୍ୟ ୧୦୫ ମାଇଲ । ଏହାଛଡ଼ା ବର୍ତ୍ତମାନ ଆହୁରି ୬ ଗୋଟି ନୂତନ କେନାଲ ପ୍ରସ୍ତୁତ କରି ଯାଉଅଛି ।

ସାବରମତୀ ନଦୀରେ ବନ୍ଧ ଦେଇ ବନ୍ୟା ଜଳକୁ ଆବଦ୍ଧ କରି ରଖିବାର ଯେଉଁ ପ୍ରସ୍ତାବ ସରକାର ସ୍ଥିର କରୁଅଛନ୍ତି ତାହା ଜଳ ସରବରାହ ଦିଗରେ ଏକ ବିଶେଷ ସୁବ୍ୟବସ୍ଥା ହେବ ବୋଲି ଆଶା କରିଯାଏ । ଏହାଛଡ଼ା ଜାନଖାରୀ ଓ ଅମ୍ବିକା ନଦୀରେ ମଧ୍ୟ ବନ୍ଧ ଦେଇ ଜଳସେଚନ କରିଯିବାର ବ୍ୟବସ୍ଥା ହେଉଅଛି । ଏ ସମସ୍ତ ବନ୍ଧ ଦ୍ୱାରା ଆଖୁଚାଷର ବିଶେଷ ସୁବିଧା ହେବ ଓ ଗାନ୍ଦେଭୀଠାରେ ପ୍ରତିଷ୍ଠିତ ହୋଇଥିବା ନୂତନ ଚିନି କଳକୁ ଯଥେଷ୍ଟ ଆଖୁ ଯୋଗାଇବାର ମଧ୍ୟ ସୁବିଧା ହେବ ।

### ଫଳବୃକ୍ଷ ରୋପଣ ପାଇଁ ଉତ୍ସାହ

ଦୁଇ ବର୍ଷ ତଳେ ବରୋଦା ରାଜ୍ୟରେ ଏକ ଉଦ୍ୟାନ ବିଭାଗ ଖୋଲିଯିବା ଦିନଠାରୁ ସରକାର ଫଳବୃକ୍ଷ ରୋପଣ ସମ୍ବନ୍ଧରେ ବିଶେଷ ଦୃଷ୍ଟି ଦେଇଅଛନ୍ତି । ଅଳ୍ପ ଦିନ ପୂର୍ବେ ବରୋଦାଠାରେ ଉଦ୍ୟାନ ଓ ଫଳ ବିଭାଗର ଏକ ପ୍ରଦର୍ଶନୀ ଖୋଲି ଯାଇଥିଲା ଏବଂ ସେଥିରେ ପ୍ରାୟ ୧୫,୦୦୦ ଦର୍ଶକ ଯୋଗ ଦେଇଥିଲେ । ଉକ୍ତ ପ୍ରଦର୍ଶନୀରେ ରାଜ୍ୟ ମଧ୍ୟରୁ ଏବଂ ରାଜ୍ୟ ବାହାରର ଉଦ୍ୟାନ କର୍ମୀ ଏବଂ ଫଳ ଚାଷୀମାନଙ୍କଠାରୁ ଯଥେଷ୍ଟ ସହାନୁଭୂତି ମିଳିଥିଲା । ପ୍ରାୟ ୫୦୦ ପ୍ରକାର ଫଳ ଉକ୍ତ ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଥିଲା । ପ୍ରଦର୍ଶକମାନଙ୍କୁ ଉତ୍ସାହିତ କରିବାପାଇଁ ଏକ ଶତରୁ ଅଧିକ ପୁରସ୍କାର ଓ ପ୍ରଶଂସାପତ୍ର ଦିଆ ଯାଇଥିଲା । ଫଳବୃକ୍ଷ ରୋପଣ କରିବା ପାଇଁ ସୁବିଧାଜନକ ଜମି ନିର୍ବାଚନ କରିଯାଇ କୃଷିବିଭାଗର କର୍ମଚାରୀ ପ୍ରଜାମାନଙ୍କୁ ଏ ବିଷୟରେ ଉପଦେଶ ଦେଉଅଛନ୍ତି । ଜମିର ଅବସ୍ଥାନୁଯାୟୀ ଆବଶ୍ୟକୀୟ ଫଳବୃକ୍ଷ ସେମାନଙ୍କୁ ଦିଆ ଯାଉଅଛି । ସରକାରୀ କୃଷି ଉଦ୍ୟାନରେ ନୂତନ ଫଳବୃକ୍ଷମାନ ଲଗାଯାଇ କୃଷକମାନଙ୍କୁ ତାଙ୍କର ନିଜ ନିଜ ଜମିରେ ଲଗାଇବା ପାଇଁ ସେଥିରୁ ଚାରା ଦିଆ ଯାଉଅଛି । ବରୋଦା କୃଷିଫାର୍ମରେ ଫଳ ଗୁଡ଼ିକୁ ସତେଜ ଭାବରେ ରଖିବା ପାଇଁ ଗୋଟିଏ ଲେବରେଟରୀ ଖୋଲା ହୋଇଅଛି ଏବଂ କୃଷିବିଭାଗର ଛାତ୍ରମାନଙ୍କୁ ସେ ସମ୍ବନ୍ଧରେ ଶିକ୍ଷା ଦିଆ ଯାଉଅଛି ।

## ଗୋୟାଲିୟର

### ଜାତୀୟତା ଗଠନର ବ୍ୟବସ୍ଥା

ଗୋୟାଲିଅର ରାଜସରକାରଙ୍କ ୧୯୩୮-୩୯ ବଜେଟରୁ ଜଣାଯାଏ ଯେ ରାଜ୍ୟର ମୋଟ ଆୟ ୨୩୬·୦୬ ଲକ୍ଷ ଓ ମୋଟ



Digitized by srujanika@gmail.com

ଖର୍ଚ୍ଚ ୨୨୮·୫୨ ଲକ୍ଷ ଟଙ୍କା ହେବାର ହିସାବ କରା ଯାଇଅଛି । ପୂର୍ବ ବର୍ଷରେ ମୋଟ ଆୟ ଏବଂ ବ୍ୟୟ ଯଥାକ୍ରମେ ୨୨୭·୩୯ ଲକ୍ଷ ଓ ୨୨୧·୯୧ ଲକ୍ଷ ହୋଇଥିବାର ଦେଖା ଯାଇଥିଲା ।

ଅର୍ଥମନ୍ତ୍ରୀଙ୍କର ଏକ ରିପୋର୍ଟରୁ ଜଣାଯାଏ ଯେ ୧୯୩୭-୩୮ର ମୋଟ ରାଜସ୍ୱ ସମ୍ବନ୍ଧରେ ସଂପୃକ୍ତ ବିଭାଗୀୟ କର୍ମଚାରୀମାନେ ଉକ୍ତ ବଜେଟରେ କୌଣସି ପ୍ରକାର ପରିବର୍ତ୍ତନ ବା ସଂସ୍କାର ଦର୍ଶାଇ ନାହାନ୍ତି । ପ୍ରତ୍ୟେକ ବର୍ଷ ବଜେଟରେ ଅଧିକ ଟଙ୍କା ଧରା ଯାଉଥିବାରୁ ଏ ବର୍ଷ ବଜେଟରେ ମଧ୍ୟ ଖର୍ଚ୍ଚ ଦିଗରେ ଅନେକ ଟଙ୍କା ନଷ୍ଟ ହୋଇବ । ଏହିପରି ଅତିରିକ୍ତ ବଜେଟ ଫଳରେ ଯେଉଁ ପାଣ୍ଠି ବଳି ପଡ଼ିବ ତାହା କୌଣସି ହିତକର କାର୍ଯ୍ୟରେ ଖର୍ଚ୍ଚ କରାଯିବା ପାଇଁ ଅର୍ଥମନ୍ତ୍ରୀ ଉଲ୍ଲେଖ କରିଅଛନ୍ତି ।

୧୯୩୮-୩୯ ବଜେଟରେ ଜାତୀୟତା ଗଠନ ବିଭାଗରେ ଅଧିକ ଟଙ୍କା ରଖା ଯାଇଅଛି । ତଦ୍ଦ୍ୱାରା ଆବଶ୍ୟକୀୟ କାର୍ଯ୍ୟ ଗୁଡ଼ିକ ହୋଇ ପାରିବ ବୋଲି ଆଶା କରାଯାଏ । ଦୁଇଗୋଟି ମଧ୍ୟ-ଇଂରାଜି ବିଦ୍ୟାଳୟକୁ ଉଚ୍ଚ ଇଂରାଜିବିଦ୍ୟାଳୟରେ ପରିଣତ କରାଯିବା ପାଇଁ ଆବଶ୍ୟକୀୟ ଅର୍ଥ ମଞ୍ଜୁର କରା ହୋଇଅଛି । ଦୁଇଗୋଟି ଅଧିକା ଡାକ୍ତରଖାନା ଖୋଲାଯିବାର ଏବଂ ଶିକ୍ଷକ ସଂଖ୍ୟା ବୃଦ୍ଧି କରାଯିବାର ମଧ୍ୟ ବ୍ୟବସ୍ଥା ହୋଇଅଛି । ୧୦୦୦ କିମ୍ବା ତହିଁରୁ ଅଧିକ ଲୋକ ବାସ କରୁଥିବା ଗ୍ରାମମାନଙ୍କରେ ନିମ୍ନ-ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିବାର ମଧ୍ୟ ସ୍ଥିର ହୋଇଅଛି ।

୧୯୩୬-୩୭ ସାଲ ବଜେଟର ଉଦ୍‌ବୃତ୍ତ ଅର୍ଥରୁ ୩୦ ଲକ୍ଷ ଟଙ୍କା ଗ୍ରାମୋନ୍ନତି ପାଣ୍ଠିକୁ ସାହାଯ୍ୟ କରା ଯାଇଅଛି । ଉକ୍ତ ଟଙ୍କା ମିଶି ସେହି ପାଣ୍ଠିର ଅର୍ଥସମଷ୍ଟି ୭୦ ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି ହୋଇଅଛି ଓ ତହିଁରୁ ଲବ୍ଧ ସୁଧ ବାବତ ୧,୫୮,୦୦୦ ଟଙ୍କା ୧୯୩୮-୩୯ ସାଲରେ ଖର୍ଚ୍ଚ କରା ଯାଇ ପାରିବ । ସିନ୍ଧିଆର ମହାରାଜା ମହୋଦୟ ତାଙ୍କର ଅଭିଷେକ ଉପଲକ୍ଷରେ ଗ୍ରାମୋନ୍ନତି କାର୍ଯ୍ୟ ପାଇଁ ଏକ କୋଟି ଟଙ୍କା ଦାନ କରିବାର ମନ୍ତବ୍ୟ ପ୍ରକାଶ କରି ଅଛନ୍ତି । ବର୍ତ୍ତମାନ ହିସାବ କରି ଦେଖା ଯାଉଅଛି ଯେ ୧୯୩୮-୩୯ ବର୍ଷ ଶେଷରେ ସେ ବର୍ଷ ବଜେଟରୁ ୩୦ ଲକ୍ଷ ଟଙ୍କା ଉଦ୍‌ବୃତ୍ତ ହେବ ଓ ପାଣ୍ଠିର ମୋଟ ପରିମାଣ ଏକ କୋଟି ଟଙ୍କା ହୋଇ ପାରିବ ।

୧୯୩୬-୩୭ ସାଲର ବଜେଟ ଉଦ୍‌ବୃତ୍ତ ଟଙ୍କାରୁ ସ୍ୱାସ୍ଥ୍ୟ ବିଭାଗର ଗୃହନିର୍ମାଣ ପାଇଁ ଦୁଇ ଲକ୍ଷରୁ ଅଧିକ ଟଙ୍କା ମଞ୍ଜୁର କରା ଯାଇଅଛି । ଏହାଛଡ଼ା ପୋଲିସ ବିଭାଗର ଗୃହନିର୍ମାଣ ପାଇଁ ୩ ଲକ୍ଷ, କଚେରୀ ଗୃହ ପାଇଁ ୫୦,୦୦୦, ଆରକିଓଲଜି ବିଭାଗର କାର୍ଯ୍ୟ ପାଇଁ ୨୦,୦୦୦, ମାଧୋସାଗର ନିକଟରେ ଗୃହ ନିର୍ମାଣ ପାଇଁ ୩·୮୨ ଲକ୍ଷ ଏବଂ ଉଡ଼ାଜାହାଜ ବନ୍ଦର ପାଇଁ ୧ଲକ୍ଷ ଟଙ୍କା ଦିଆ ଯାଇଅଛି ।

# ଖିଚିଙ୍ଗ

**ଶ୍ରୀ ଗଣେଶ ଚନ୍ଦ୍ର ପାଣିଗ୍ରାହୀ**

( ପୂର୍ବାନୁବୃତ୍ତି )

ଯେହ୍ନେ ଥରେ ତୋର ଏ ବିରାଟ-କାୟା
ଗୃହେଁ ତା ନୟନେ ତୋ ମୋହନ-ମାୟା । ୧୦୯ ।
ଛିଟକେ ଅଟକି ରହେ ଚିରକାଳ
ତୋ ସ୍ମୃତି ସମ୍ବଳ କରି କାଟେ କାଳ । ୧୧୦ ।
ବାଲବନ୍ଧ ସର (୧) ତୋ ମୁଖ ଦର୍ପଣ
ତା ଦେହେଁ ତୋ ବିମ୍ବ କରେ ସନ୍ତରଣ । ୧୧୧ ।
ଊଷାକାଳେ ପ୍ରାଚୀ ଉଦ୍ଭାସି କିରଣେ
ଉଇଁଲେ ତପନ ଲୋହିତ-ବରଣେ । ୧୧୨ ।
ଅଂଶୁ-ରଶ୍ମି ହସି ଭୂଷନ୍ତି ସରସୀ
ସିନ୍ଦୁରେ ବା ତୋର ମାଜନ୍ତି ଆରସି । ୧୧୩ ।

ତୋ ଗର୍ଭେ ବିରାଜ ପ୍ରଭୁ ତ୍ରିଲୋଚନ
ଆରତି-ଆରତ କରନ୍ତି ହରଣ । ୧୧୦ ।
କଣ୍ଠେ ପଡ଼ି ଅଣ୍ଟେ ଡ଼ାକି ମୃତ୍ୟୁଞ୍ଜୟ (୨)
କେତେ ଭୟାତୁର ମାଗନ୍ତି ଅଭୟ । ୧୧୫ ।
ତୋତେ ଗୃହିଁ ପୂର୍ଣ୍ଣି ତୋର ସହୋଦର *
ବିରାଜଇ ଧରି ଶ୍ରୀ ଚନ୍ଦ୍ର ଶେଖର । ୧୧୬ ।
କେତେ କୁତୁହଳେ ପତାକାର ଛଳେ
ନିତି ପ୍ରଣମେ ତୋ ପୂତ-ପାଦତଳେ । ୧୧୭ ।
ଏକ ଜନକର ତୁମ୍ଭେ କି ଅତ୍ମଜ ?
ସେ ଅଟେ ଅନୁଜ ତୁ ଅଟୁ ଅଗ୍ରଜ ? ୧୧୮ ।

(୧) ବାଲବନ୍ଧ ନାମକ ଯେଉଁ ପୁଷ୍କରିଣୀଟି କୂଟେଇ ତୁଣ୍ଡିର ଅତି ନିକଟବର୍ତ୍ତୀ ।
(୨) କୂଟେଇ ତୁଣ୍ଡି ଦେଉଳ ଭିତରେ ଥିବା ମହାଦେବଙ୍କ ନାମ ମୃତ୍ୟୁଞ୍ଜୟ ।
* କୂଟେଇ ତୁଣ୍ଡିର ଅଦୂରବର୍ତ୍ତୀ ଶଙ୍କରେଶ୍ୱର ମନ୍ଦିର ନିକଟରେ ଚନ୍ଦ୍ରଶେଖର ମନ୍ଦିର ଅବସ୍ଥିତ ।



Digitized by srujanika@gmail.com

ତାର ଶୋଭା-ଅଭା କି କହିବା ଅବା
କନସ୍ତୁର ଦେହେ ଥାଏ ଜ୍ୟୋତିଷ୍ଟ ପ୍ରଭା । ୧୧୯ ।
ସୁଖୀର ଆଖିରେ ଭବ ସୁଖମୟ
ଦୁଃଖୀ ନେତ୍ରେ ତାହା ଦିଶେ ଦୁଃଖମୟ । ୧୨୦ ।
କିନ୍ତୁ ଦୁଃଖୀ ଅବା ସୁଖୀ ଗଲେ ତାରେ
ସମ ଭାବେ ଶାନ୍ତି ଲଭନ୍ତି ସେଠାରେ । ୧୨୧ ।
ବସି ବାଣ୍ଟୁଛୁ ସେ ହରଷ ପିୟୂଷ
ଅଳାୟୁଷେ ଦାନ କରୁଛୁ ଆୟୁଷ । ୧୨୨ ।
ହତଭାଗ୍ୟେ ଭାଗ୍ୟ କରେ ବିତରଣ
ପତିତ ଦେଖିଲେ କରଇ ପାବନ । ୧୨୩ ।
ସଂସାର ତ୍ୟାଗୀ ନ ରହି ସଂସାରେ
ମୋହ ତେଜି ଯଥା ରହେ ଗ୍ରାମାନ୍ତରେ । ୧୨୪ ।
ତେସନେ ତୁ ରହୁ ଛାଡ଼ି ବନ୍ଧୁ ଜାଲ
ସଙ୍ଗ ଦେଲେ ସେହୁ କାଟନ୍ତି ନିତ କାଲ । ୧୨୫ ।
ତା ସ୍ୱାମୀ ପୂଜିତ ଷୋଡ଼ଶୋପଚାରେ
ତୋ ସ୍ୱାମୀ କି ଧନେ କେହି ନ ପଚାରେ । ୧୨୬ ।
ସେଥିପାଇଁ ତୁବା କର ଅଭିମାନ
ସ୍ୱାମୀ ସଙ୍ଗେ ଏଥି କଲୁ ଅବସ୍ଥାନ । ୧୨୭ ।
ମାତ୍ର ତାହା ଭ୍ରମ ହେ ଦେଉଳବାଳ ।
ସେ ପୂଜାରେ ତବ ଅଛି କେଉଁ କାମ୍ୟ । ୧୨୮ ।
ଅନ୍ତରେ ବାକ୍ୟରେ ଚକ୍ଷୁରେ ଅକ୍ଷରେ
ଯେଉଁ ପ୍ରାଣୀ ସଦା ପୂଜେ ନିରନ୍ତରେ । ୧୨୯ ।
ସେ ପୂଜାରୁ ବଳି ବିଶ୍ୱେ ନାହିଁ ଅନ୍ୟ
ପ୍ରଭୁ କି ସନ୍ତୁଷ୍ଟ ପାଇ ନିଜ ଧନ । ୧୩୦ ।
ସୃଷ୍ଟି ଯାର ଅଛି ଯାର ମୁଷ୍ଟି ଗର୍ଭେ
କେ ତାକୁ ପୂଜିବ ତାହାର ବିଭବେ ? । ୧୩୧ ।
ଅସଂଖ୍ୟ ମାନବ ଅନ୍ତରେ ତୁ ଯେଣୁ
ତୋ ପ୍ରଭୁ ସଙ୍ଗତେ ପୂଜାପାଉ, ତେଣୁ । ୧୩୨ ।
ଭାବେ ନୋହିଲେ ସେ ନୋହୁ ଆରାଧନା
ତାହା ପାଇଁ ମନେ ନ କର ଶୋଚନା । ୧୩୩ ।
ବାଳ ବୃଦ୍ଧ ଯୁବା ଯହିଁ ଏକଜୁଟ
ତହିଁ ଘୋଷେ ତୋର ଯଶ ତାଙ୍କ ତୁଣ୍ଡ । ୧୩୪ ।
ନିରେଖି ନୟନେ ତୋ ମୋହନ ମୂର୍ତ୍ତି
ଲଭଇ ମାନବ ଆତ୍ମାର ବିସ୍ମୃତି । ୧୩୫ ।
ପିଣ୍ଡ ଥାଏ ମାତ୍ର ମନପ୍ରାଣ ନାହିଁ
ପଶେ ତୋ ଅଙ୍ଗରେ ଜଳ ଯଥା ଧାଇଁ । ୧୩୬ ।
ଅବା ଭକ୍ତ ଯଥା ଧାଇ ପରମାତ୍ମା
ମୋକ୍ଷ ମାଗି ହଏ ବିଭୁ ଦେହେ ଆତ୍ମା । ୧୩୭ ।

ଅଛି ଅଙ୍ଗେ ଯାର ଏତେ ବଡ଼ ଶକ୍ତି
ସେ କାହିଁ ଲୋଡ଼ିବ ବୃଥା ବାହ୍ୟ ଭକ୍ତି । ୧୩୮ ।
ଈଶ୍ୱର-ସୌନ୍ଦର୍ଯ୍ୟେ ଯା ଅଙ୍ଗ ସୁନ୍ଦର
ସେ ଲୋଡ଼ିବ କାହିଁ ଭୂଷଣ ନିକର ? ୧୩୯ ।
ସହିଲେ ଶଙ୍କର ଭବେ ମହାଯୋଗୀ
ଯୋଗୀ ନ ଭଜନ୍ତି ହେବା ପାଇଁ ଭୋଗୀ । ୧୪୦ ।
ନିତାନ୍ତ ମୋ ପ୍ରତି ହୁଏ ଯେବେ ଆଶା
ଅଳ୍ପ ଦାନେ ତବ ମେଣ୍ଟିବ ପିପାସା । ୧୪୧ ।
ପୁର୍ବ ଭାଗ୍ୟ ଫେରି ଆସେ ଓଡ଼ିଶାର
ଅଳ୍ପ ଦୂରେ ରହି କିଏ ଅବସର । ୧୪୨ ।
ବହୁ ଦିନ ପରେ ତା ସଙ୍ଗେ ସାକ୍ଷାତ
କରି ଏ ନଗରୀ ହୋଇବ ବିଖ୍ୟାତ । ୧୪୩ ।
ସ୍ଥାନେ ସ୍ଥାନେ ଭଗ୍ନ ଦେବ ଗୃହ-ରାଜି
ହସିବେ ସକଳେ ନବ ବେଶ ସାଜି । ୧୪୪ ।
ହସିବେ ବିରାଟ ମୂର୍ତ୍ତି ସମ୍ମୁଖ
ଆବର ହସିବ ଲୀଳାକ ନଗରୀ (୧) । ୧୪୫ ।
ନ ସହି କାଳର ତୀକ୍ଷ୍ଣ ପ୍ରହାରଣ
ଭୂମି ଗର୍ଭେ ଯେହୁ ପଶିଲା ଶରଣ । ୧୪୬ ।
ଯେଉଁ ମାନୁ ଛାଡ଼ି ଏ ପବିତ୍ର ସ୍ଥାନ
ଭାଗ୍ୟ ଦେବୀ ଯାଇ ହେଲେ ଅନ୍ତର୍ଦ୍ଧାନ । ୧୪୭ ।
ଅଦୃଷ୍ଟେ ତହୁଁ ଅଭାଗ୍ୟ ମୁହୂର୍ତ୍ତ
ନମିତ୍ତେ ଭାସିଲା ଯା ଯଶ ସୌରଭ । ୧୪୮ ।
ମୁକ୍ତି ଯାକ ଥାଇଁ ବୀରେନ୍ଦ୍ର ସମାନ
ପ୍ରୃତପନ୍ଥୀ ମଣ୍ଡି କରିଲ ଶ୍ମଶାନ । ୧୪୯ ।
କାହିଁ ଗଲେ ରାଜା କାହିଁ ଗଲେ ପ୍ରଜା
କାହିଁ ବାରବାଜା କାହିଁ ଗଲା ଧ୍ୱଜା । ୧୫୦ ।
ନ ଧାଇଁଲେ ହାତୀ ନ ଚଳିଲା ରଥ
ଖଣ୍ଡା ଖେଳେ ଖେଣ୍ଡା ନ ହୋଇଲେ ରତ । ୧୫୧ ।
ଦେବ-ଶିଳ୍ପୀଙ୍କର ଜୀବିକା ଛଡ଼ାଇ
ଥିଲେ ଯେଉଁ ଶିଳ୍ପୀ ସେ ବା ଗଲେ କାହିଁ । ୧୫୨ ।
ଅନନ୍ତ ମୂର୍ତ୍ତି କୀର୍ତ୍ତିଲ ଅବାଧେ
ଭେରୀ ବଜାଇ ସେ ଫେରିବ ନିନାଦେ । ୧୫୩ ।
ସର୍ବଗ୍ରାସୀ କାଳ ସବୁ ଧ୍ୱଂସ କରି
ଧାଉବି-ପସରା ନେଲା ଲୁଟି କରି । ୧୫୪ ।
ଏ ଅଜାଡ଼ି ସହି ନ ପାରି ସକଳେ
ମିଶିଲ ନଗରୀ ଯାଇ ରସାତଳେ । ୧୫୫ ।
ଖଣ୍ଡ ଖଣ୍ଡ ହୋଇ ଅଟ୍ଟାଳିକା ଫାଟି
ପଡ଼ି ମାଟି ସଙ୍ଗେ ପାଲଟିଲେ ମାଟି । ୧୫୬ ।

---

(୧) ଲାଟନଗରୀ—ଓଡ଼ିଶାର ଦକ୍ଷିଣ ଦିଗରେ ଖଲଘ ନଦୀ ନିକଟସ୍ଥ ଉଦୟଗିରିର "ଗଡ଼"। ଏହା ଗାଧି ନିଷ୍ଠଗଡ଼ ଅପେକ୍ଷା ଅପ୍ରଚଳରେ ବଡ଼ ହେବ ।



ଛ


# ସମ୍ବାଦ ଓ ସଙ୍କେତ

## ମହାମାନ୍ୟ ଭାରତ ସମ୍ରାଟଙ୍କର ଜନ୍ମଦିନ

ମହାମାନ୍ୟ ଭାରତ ସମ୍ରାଟଙ୍କର ଜନ୍ମଦିନ ଗତ ଜୁନ ମାସ ୯ ତାରିଖରେ ମୟୂରଭଞ୍ଜ ରାଜ୍ୟରେ ମହା ସମାରୋହରେ ଅନୁଷ୍ଠିତ ହୋଇଥିଲା । ସେ ଦିନ ପ୍ରଭାତରେ ସ୍ଥାନୀୟ ସମସ୍ତ କର୍ମଚାରୀ ବାରିପଦା ପୋଲିସ ପଡ଼ିଆରେ ସମବେତ ହୋଇଥିଲେ । ସେଠାରେ ବ୍ରିଟିଶ ପତାକା ଉତ୍ତୋଳନ କରାଯାଇଥିଲା ଓ ସ୍ଥାନୀୟ ପୋଲିସ ଫୌଜ ପତାକାକୁ ସମ୍ମାନ ପ୍ରଦର୍ଶନ କରିଥିଲେ । ମଫସଲ ସବ୍-ଡିଭିଜନମାନଙ୍କରେ ମଧ୍ୟ ଏହି ଶୁଭ ଦିନ ଉପଯୁକ୍ତ ମତେ ପ୍ରତିପାଳିତ ହୋଇଥିଲା ।

## କାଠ ମଜବୁତ କରିବାର ନୂତନ ଯନ୍ତ୍ର

ମୟୂରଭଞ୍ଜର ଜଙ୍ଗଲ ବିଭାଗ ବାରିପଦାଠାରେ ସମସ୍ତ ପ୍ରକାର କଡ଼ି, ବରଗା ଓ ଖୁଣ୍ଟ ଇତ୍ୟାଦି ବୈଜ୍ଞାନିକ ଉପାୟରେ ମଜବୁତ୍ କରିବା ପାଇଁ ଏକ " Ascu Pressure Treating Plant " ନାମକ କଳ ସ୍ଥାପନ କରିଅଛନ୍ତି ।



ମୟୂରଭଞ୍ଜର ଜଙ୍ଗଲ ବିଭାଗ ଦ୍ୱାରା ସ୍ଥାପିତ କାଠ ମଜବୁତ କରିବା କଳ ।

ଉତ୍କଳରେ ଏ ଧରଣର ଏହା ପ୍ରଥମ ଉଦ୍ୟମ ହୋଇଥିବାରୁ ଦୂରଅଞ୍ଚଳ କାଠର ବହୁଳ ଆବଶ୍ୟକତା ହେବ ବୋଲି ଆଶା କରାଯାଏ । ଦିଲ୍ଲୀ ପ୍ରଭୃତି ସୁଦୂର ସ୍ଥାନ ମାନଙ୍କରୁ ଏ ସମ୍ବନ୍ଧରେ ନାନା ପ୍ରକାର ଅନୁସନ୍ଧାନ ହେଉଅଛି । ଏଥିରୁ ଶୀଘ୍ର ମୟୂରଭଞ୍ଜରେ ଗୋଟିଏ ବଡ଼ କାଠ ଗୋଦାମ ଖୋଲି ଯିବାର ପ୍ରୟୋଜନ ହେବ ବୋଲି ମନେହୁଏ ।

## ସ୍ୱର୍ଗୀୟ ମହାରାଜା ପୂର୍ଣ୍ଣଚନ୍ଦ୍ରଙ୍କ ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ ସମ୍ମାନ ପ୍ରଦର୍ଶନ

ସ୍ୱର୍ଗୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେଓଙ୍କ ସାମ୍ବତ୍ସରିକ ଶ୍ରାଦ୍ଧ ମଇ ମାସ ୧ ତାରିଖରେ କୌଳିକ ରୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା । ବାରିପଦା ପୂର୍ଣ୍ଣଚନ୍ଦ୍ର ମନ୍ଦିର ମଧ୍ୟରେ ମହାରାଜାଙ୍କ ସୁରକ୍ଷିତ ମର୍ମର ପ୍ରସ୍ତର ମୂର୍ତ୍ତିଟି ପୁଷ୍ପମାଳା ଓ ନାନା ରଙ୍ଗର ବିଦ୍ୟୁତାଲୋକରେ ସୁଶୋଭିତ ହୋଇଥିଲା । ସମସ୍ତ ଦିନ ପୂଜା ଓ ସଙ୍କୀର୍ତ୍ତନ ହୋଇଥିଲା । ମାନନୀୟା ଜନନୀ ମୃତପତିକା ମହାରାଣୀ ଉପବାସ ପାଳନ କରି ଉତ୍ସବର ପ୍ରତ୍ୟେକ କାର୍ଯ୍ୟ ସ୍ୱୟଂ ପର୍ଯ୍ୟବେକ୍ଷଣ କରିଥିଲେ । ବହୁ ସଂଖ୍ୟକ ଦରିଦ୍ର ଲୋକଙ୍କୁ ଭୋଜନ ଦିଆ ଯାଇଥିଲା । ସହରର ବିଶିଷ୍ଟ ବ୍ୟକ୍ତି ଓ କର୍ମଚାରୀମାନେ ସନ୍ଧ୍ୟା ସମୟରେ ପୂର୍ଣ୍ଣଚନ୍ଦ୍ର ମନ୍ଦିରରେ ଉପସ୍ଥିତ ହୋଇ ସ୍ୱର୍ଗୀୟ ମହାରାଜାଙ୍କ ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ ସମ୍ମାନ ଜ୍ଞାପନ କରିଥିଲେ ।

## ପୂର୍ଣ୍ଣଚନ୍ଦ୍ର ଶିଳ୍ପ-ସଦନ

ପୂର୍ଣ୍ଣଚନ୍ଦ୍ର ଶିଳ୍ପ-ସଦନରେ ଲୁଗାବୁଣା, ରଙ୍ଗକରା ଇତ୍ୟାଦି ଶିକ୍ଷା କରିବା ପାଇଁ ଡେଭେଲପ୍‌ମେଣ୍ଟ ବିଭାଗର ଡିରେକ୍ଟର ୧୧ ଜଣ ଛାତ୍ରଙ୍କୁ ମନୋନୀତ କରିଅଛନ୍ତି । ଲୁଗାବୁଣା ଶିକ୍ଷା ପାଇଁ ୧୦ ଜଣ ଛାତ୍ରଙ୍କୁ ମାସିକ ୬ ଟଙ୍କା ଲେଖାଏଁ ଏବଂ ରଙ୍ଗକରା ଓ ଛାପ କାମ ଶିକ୍ଷା ପାଇଁ ଜଣେ ଛାତ୍ରକୁ ମାସିକ ୮ ଟଙ୍କା ଲେଖାଏଁ ବୃତ୍ତି ଚଳିତ ବର୍ଷ ଦିଆଯାଇଅଛି ।

## ମୟୂରଭଞ୍ଜର ଦେଓଆନ

ମୟୂରଭଞ୍ଜ ଷ୍ଟେଟ୍‌ର ଦେଓଆନ ଶ୍ରୀଯୁକ୍ତ କେ. ସି. ନିୟୋଗୀ ଭାରତୀୟ ରାଜନ୍ୟ ମଣ୍ଡଳର ଏକ ଅଧିବେଶନରେ ଯୋଗ ଦେବା ପାଇଁ ଜୁନ ମାସ ୩ ତାରିଖରେ ବମ୍ବେ ଯାତ୍ରା କରିଥିଲେ । ରାଜନ୍ୟମଣ୍ଡଳ ତରଫରୁ ସେଠାରେ ଜୁନ ମାସ ୬ ତାରିଖ ଓ ତତ୍‌ପର ଦିବସ ମାନଙ୍କରେ ଏହି ସଭା ଅନୁଷ୍ଠିତ ହୋଇଥିଲା ।

## ଯକ୍ଷ୍ମା ନିବାରଣ ପାଣ୍ଠି

ମହାମାନ୍ୟ ଭାରତ ସମ୍ରାଟଙ୍କ ଭାରତୀୟ ଯକ୍ଷ୍ମାନିବାରଣ ପାଣ୍ଠି ପାଇଁ ମୟୂରଭଞ୍ଜର ପ୍ରଧାନ ରାଜସ୍ୱ କର୍ମଚାରୀ ନିମ୍ନଲିଖିତ ଦାନ ଗ୍ରହଣ କରିଅଛନ୍ତି । ଡକ୍ଟର ଏସ. ମୁଖାର୍ଜି ଟ ୧୦୯, ଶ୍ରୀଯୁକ୍ତ ଆର. ସି. ମାନ୍ଧାତା ଟ ୧୦୯, ଶ୍ରୀଯୁକ୍ତ ମଦନ ମୋହନ ବୈଧୁରୀ ଟ ୧୫୯, ଶ୍ରୀଯୁକ୍ତ ଚନ୍ଦ୍ରମଣି ତ୍ରିପାଠୀ ଟ ୧୦୯, ଶ୍ରୀଯୁକ୍ତ ଖୁସାଲ ଚରଣ ପଟ୍ଟନାୟକ ଟ ୧୦୯, ଶ୍ରୀଯୁକ୍ତ ମାନଗୋବିନ୍ଦ ପତି ଟ ୧୦୯, ଶ୍ରୀଯୁକ୍ତ ହାଡ଼ିବନ୍ଧୁ ବେହେରା ଟ ୧୦୯, ଶ୍ରୀଯୁକ୍ତ ଗୋବର୍ଦ୍ଧନ ଗିରି ଟ ୧୦୯ । ଦଶ ଟଙ୍କାରୁ ନ୍ୟୂନ ଅନ୍ୟାନ୍ୟ ଦାନ ମୋଟରେ ଟ୯୯୧୮/ ଏବଂ ଅଦ୍ୟ ପର୍ଯ୍ୟନ୍ତ ସଂଗୃହୀତ ଦାନର ମୋଟ ପରିମାଣ ଟ ୫୧,୮୩୪୮/ ଅଟେ ।

## ମୟୂରଭଞ୍ଜରେ ଶିକ୍ଷାର ବ୍ୟବସ୍ଥା

ରାଜ୍ୟ ମଧ୍ୟରେ ଶିକ୍ଷାର ବିସ୍ତାର ଉଦ୍ଦେଶ୍ୟରେ ମୟୂରଭଞ୍ଜ ରାଜ ସରକାର ପ୍ରଥମେ ୨୫ ଗୋଟି ପ୍ରାଥମିକ ବିଦ୍ୟାଳୟ ଓ ୨୦ ଗୋଟି ନୈଶ ବିଦ୍ୟାଳୟ ସ୍ଥାପନ ପାଇଁ ଚଳିତ ବର୍ଷ ୩,୫୦୦ଟଙ୍କା ମଞ୍ଜୁର କରିଅଛନ୍ତି । ଯେଉଁ ପିଲାମାନଙ୍କୁ ପିତାମାତା ଦିନରେ ବିଦ୍ୟାଳୟକୁ ଛାଡ଼ି ପାରନ୍ତି ନାହିଁ ଓ ନିଜ ବ୍ୟବସାୟରେ ସାହାଯ୍ୟ କରିବା ପାଇଁ ନେଉଛନ୍ତି, ସେମାନେ ଏବଂ ଅଶିକ୍ଷିତ ଉଚ୍ଚ ବୟସ୍କ ବ୍ୟକ୍ତିମାନେ ଏହି ନୈଶ ବିଦ୍ୟାଳୟ ଗୁଡ଼ିକରେ ଅଧ୍ୟୟନ କରି ପାରିବେ । ପ୍ରତ୍ୟେକ ବିଦ୍ୟାଳୟକୁ ଗୋଟିଏ ଲେଖାଏଁ ମୟୂରଭଞ୍ଜ ଷ୍ଟେଟ୍ ଗେଜେଟ୍ ଏବଂ କେତେକ ସମ୍ବାଦ ପତ୍ର ଦିଆଯିବ । ବର୍ତ୍ତମାନ ଯେଉଁଠାରେ ପ୍ରାଥମିକ ବିଦ୍ୟାଳୟମାନ ଅଛି ସେଠାରେ ନୈଶ ବିଦ୍ୟାଳୟଗୁଡ଼ିକ ଖୋଲାଯିବ । କିନ୍ତୁ ଯେଉଁ ପୀଢ଼ ଓ ପ୍ରଗନା ମାନଙ୍କରେ ବିଦ୍ୟାଳୟ ଇତ୍ୟାଦି ନାହିଁ ସେହି ସ୍ଥାନରେ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିବା ପାଇଁ ଷ୍ଟେଟ୍ କର୍ତ୍ତୃପକ୍ଷ ମନୋଯୋଗ ଦେଇଅଛନ୍ତି ।

## ମୟୂରଭଞ୍ଜର ଟୀକାଏତ ସାହେବ

ମୟୂରଭଞ୍ଜର ଭାବୀ ଉତ୍ତରାଧିକାରୀ ମହାରାଜକୁମାର ଟୀକାଏତ ପ୍ରଦୀପ ଚନ୍ଦ୍ର ଭଞ୍ଜ ଦେଓ ବର୍ତ୍ତମାନ ଇଂଲଣ୍ଡରେ ବିଦ୍ୟାଧ୍ୟୟନ କରୁ-



ମୟୂରଭଞ୍ଜର ଭାବୀ ଉତ୍ତରାଧିକାରୀ ଟୀକାଏତ ପ୍ରଦୀପଚନ୍ଦ୍ର ଭଞ୍ଜ ଦେଓ ।

ଅଛନ୍ତି । ସେ ତାଙ୍କର ପିତା ମାତାଙ୍କ ସହିତ ଗ୍ରୀଷ୍ମାବକାଶ କଟାଇବା ପାଇଁ ଜୁଲାଇ ମାସ ୨୩ ତାରିଖରେ ବାରିପଦାକୁ ଆସିଅଛନ୍ତି ।

## ମୟୂରଭଞ୍ଜ ଷ୍ଟେଟ୍ ବ୍ୟାଙ୍କ

ଗତ ମଇ ମାସ ୨ ତାରିଖରେ ରାଜଧାନୀ ବାରିପଦାରେ ନୂତନ ମୟୂରଭଞ୍ଜ ଷ୍ଟେଟ ବ୍ୟାଙ୍କ୍ ଖୋଲାହୋଇ ଓ ଶ୍ରୀମାନ୍ ମହାରାଜା



Digitized by srujanika@gmail.com

ମହୋଦୟ ତାହାର ଦ୍ୱାରୋଦ୍ଘାଟନ କଲେ । ସ୍ଥାନୀୟ କର୍ମଚାରୀ ଓ ସାଧାରଣ ଭଦ୍ରବ୍ୟକ୍ତି ବ୍ୟାଙ୍କ ଗୃହ ସମ୍ମୁଖରେ ସମବେତ ହୋଇଥିଲେ । ମହାରାଜା ମହୋଦୟ ଠିକ୍ ୯ ଘଣ୍ଟା ୩୦ ମିନିଟରେ ସେଠାରେ ଆସି ଉପସ୍ଥିତ ହୁଅନ୍ତେ ଷ୍ଟେଟ୍ଫୋର୍ସ ଗାର୍ଡ଼ମାନେ ସାମରିକ ରୀତିରେ ସମ୍ମାନ ପ୍ରଦର୍ଶନ କରିଥିଲେ ଓ ରାଜ୍ୟର ଜାତୀୟ ଗୀତ ସହିତ ବ୍ୟାଣ୍ଡ ବାଦ୍ୟ ବାଜିଥିଲା । ମୟୂରଭଞ୍ଜର ଦେଓ୍ୱାନ ମହାରାଜାଙ୍କୁ ବ୍ୟାଙ୍କ ଅଫିସ ଗୃହକୁ ପାଛୋଟି ନେଇଥିଲେ । ସେଠାରେ ପୁରୋହିତ ଶ୍ରୀମନ୍ ମହାରାଜାଙ୍କୁ ଆଶୀର୍ବାଦ ଜଣାଇଥିଲେ । ତତ୍ପରେ ବ୍ୟାଙ୍କ ମେନେଜର ମହାରାଜାଙ୍କୁ ନୂଆ ବ୍ୟାଙ୍କ ଭିତରକୁ ପାଛୋଟି ନେଇଥିଲେ । ମହାରାଜା ମହୋଦୟ ବ୍ୟାଙ୍କର ପ୍ରଥମ ହିସାବ ଖୋଲିବା ପାଇଁ ଆବଶ୍ୟକୀୟ କାଗଜ ପତ୍ରାଦିରେ ଦସ୍ତଖତ କରିଥିଲେ ଏବଂ ତଦ୍ଦ୍ୱାରାହିଁ ବ୍ୟାଙ୍କର ଉଦ୍‌ଘାଟନ ଘୋଷଣା କଲେ ।

ମୟୂରଭଞ୍ଜ ଷ୍ଟେଟ ଗେଜେଟର ଏକ ବିଶେଷ ସଂଖ୍ୟା ମଇ ମାସ ୯ ତାରିଖରେ ପ୍ରକାଶିତ ହୋଇଥିଲା । ତହିଁରେ ବ୍ୟାଙ୍କର ସମସ୍ତ ନିୟମାବଳୀ ଏବଂ ସର୍ତ୍ତମାନ ସନ୍ନିବେଶିତ ଅଛି । ଉକ୍ତ ନିୟମାନୁଯାୟୀ ମୟୂରଭଞ୍ଜ ଷ୍ଟେଟ ବ୍ୟାଙ୍କକୁ ଷ୍ଟେଟର ଗୋଟିଏ ବିଭାଗ ରୂପେ ଧରାଯିବ । କାର୍ଯ୍ୟ ପରିଚାଳନାରେ ବ୍ୟାଙ୍କ ଷ୍ଟେଟର ଅନ୍ୟାନ୍ୟ ବିଭାଗ ଗୁଡ଼ିକର ସାହାଯ୍ୟ ଓ ସହାନୁଭୂତି ପାଇ ପାରିବ । ଏହାର ପରିଚାଳନା ଷ୍ଟେଟ କର୍ତ୍ତୃପକ୍ଷଙ୍କର ସମ୍ପୂର୍ଣ୍ଣ ଅଧୀନରେ ରହିବ ଓ ତାଙ୍କର ଅଭିମତ ଅର୍ଥବିଭାଗର ସେକ୍ରେଟେରୀଙ୍କ ଦ୍ୱାରା ବ୍ୟାଙ୍କକୁ ଜଣାଇ ଦିଆଯିବ ।

ଷ୍ଟେଟ କର୍ତ୍ତୃପକ୍ଷଙ୍କ ମଞ୍ଜୁରି ଅନୁଯାୟୀ ବ୍ୟାଙ୍କ ବ୍ୟବସାୟ ଚଳାଇବେ । ବ୍ୟାଙ୍କ ଉପରେ ନ୍ୟସ୍ତ ଥିବା କୌଣସି ଟଙ୍କା କରଜ ଦେବା ନେବାର ଭାର ସେ ଷ୍ଟେଟ ତରଫରୁ କରି ପାରିବେ ଏବଂ ସରକାରୀ କିମ୍ବା ସାଧାରଣ ପାର୍ଟିରୁ ଜମା ନେଇ ପାରିବେ । ଉପଯୁକ୍ତ ଜାମିନ ନେଇ ସାଧାରଣ ବ୍ୟକ୍ତି, ବ୍ୟାଙ୍କ, ସମବାୟ ସମିତି ଓ ଅନ୍ୟାନ୍ୟ ଅନୁଷ୍ଠାନ କିମ୍ବା ବ୍ୟକ୍ତି ବିଶେଷଙ୍କୁ ଟଙ୍କା କରଜ ଦେଇ ପାରିବେ । ଆବଶ୍ୟକ ହେଲେ ମାଗିବା କିମ୍ବା ନିର୍ଦ୍ଦିଷ୍ଟ ସମୟ ଅତିବାହିତ ହେବା ପରେ ଆଦାୟ ନ ଦେଲେ ତାହା ଗଚ୍ଛିତ ଜାମିନରୁ ଆଦାୟ କରିବେ ।

ଉକ୍ତ ବ୍ୟାଙ୍କର ଏକ ବିଶେଷ ସର୍ତ୍ତ ଏହି ଯେ ଏହା ମହାରାଜାଙ୍କ ବିନାନୁମତିରେ ବନ୍ଦ କିମ୍ବା ଦେଉଳିଆ ହୋଇ ପାରିବ ନାହିଁ । କୌଣସି ସମୟରେ ସେପରି ହେଲେ ମଧ୍ୟ ରାଜସରକାର ଅମାନତକାରୀ ଓ ଟଙ୍କା ଜମା ଦେଇଥିବା ବ୍ୟକ୍ତିମାନଙ୍କର ସମସ୍ତ ପ୍ରାପ୍ୟ ସେମାନଙ୍କୁ ପରିଶୋଧ କରିଦେବେ ।

## ରାଇରଙ୍ଗପୁରରେ ଶାଖା ବ୍ୟାଙ୍କ

ମୟୂରଭଞ୍ଜ ଷ୍ଟେଟ୍ ବ୍ୟାଙ୍କର ଏକ ଶାଖା ରାଇରଙ୍ଗପୁରଠାରେ ଜୁଲାଇ ମାସ ୨୫ ତାରିଖରେ ଖୋଲାହେଲା । ରାଇରଙ୍ଗପୁର ମୟୂରଭଞ୍ଜର ଗୋଟିଏ ପ୍ରଧାନ ସବ୍-ଡିଭିଜନର କେନ୍ଦ୍ର । ବାଦାମ ପାହାଡ଼, ଗୋରୁମହିଷାଣୀ ଓ ସୁଲାଇପାଟ—ଏହି ତିନୋଟି ଲୌହ ଖଣି ନିକଟରେ ଥିବାରୁ ଏହା ମଧ୍ୟ ଗୋଟିଏ ପ୍ରଧାନ ବ୍ୟବସାୟ କେନ୍ଦ୍ର ଅଟେ ।

## ଆଦିମ ଅଧିବାସୀଙ୍କର ଶିକ୍ଷା ପାଇଁ ଉତ୍ସାହ

ଗତ ଜୁନ ମାସ ୨୨ ତାରିଖ ଷ୍ଟେଟ୍ ଗେଜେଟ୍‌ରେ ଆଦିମ ଅଧିବାସୀ ଶ୍ରେଣୀର ଛାତ୍ରମାନଙ୍କୁ ସାଧାରଣ ଶିକ୍ଷା ଓ ଶିଳ୍ପ ଶିକ୍ଷା ଦେବା ପାଇଁ କେତେଗୁଡ଼ିଏ ବୃତ୍ତି ଦିଆ ଯାଇଥିବା ବିଷୟ ପ୍ରକାଶିତ ହୋଇଅଛି । ବାରିପଦା ଉଚ୍ଚ ଇଂରାଜୀ ବିଦ୍ୟାଳୟରୁ ଗତ ମେଟ୍ରିକୁଲେଶନ ପରୀକ୍ଷାରେ ପାଶ କରିଥିବା ଜଣେ ଆଦିମ ଅଧିବାସୀ ଛାତ୍ରକୁ କଟକ ରେଭେନ୍ସା କଲେଜରେ ଅଧ୍ୟୟନ କରିବା ସକାଶେ ମାସିକ ୨୦ ଟଙ୍କା ହିସାବରେ ଦୁଇ ବର୍ଷ ପାଇଁ ଏକ ବିଶେଷ ବୃତ୍ତି ଦିଆ ଯାଇଅଛି । ମହାରାଜା ପୂର୍ଣ୍ଣଚନ୍ଦ୍ର ବୃତ୍ତି ପାଣ୍ଠିରୁ ଆଉ ତିନ ଜଣ ଛାତ୍ରଙ୍କୁ ଶିଳ୍ପ ଶିକ୍ଷା ନିମିତ୍ତ ବୃତ୍ତି ଦିଆ ଯାଇଅଛି । ସେଥିମଧ୍ୟରୁ ଜଣେ ଛାତ୍ରକୁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଇଞ୍ଜିନିୟରିଂ କଲେଜରେ ମେକାନିକେଲ ଓ ଇଲେକ୍ଟ୍ରିକେଲ ଇଞ୍ଜିନିୟରିଂ ଶିକ୍ଷା କରିବାକୁ ପାଞ୍ଚ ବର୍ଷ ସକାଶେ ମାସିକ ୫୦ ଟଙ୍କା ଲେଖାଏଁ ବୃତ୍ତି ଓ ଅନ୍ୟାନ୍ୟ ଆବଶ୍ୟକୀୟ ଖର୍ଚ୍ଚ ବାବତ ୬୦ ଟଙ୍କା ଦିଆ ଯାଇଅଛି । ଏଲାହାବାଦ କୃଷି-ସଦନରେ କୃଷିବିଦ୍ୟା ଅଧ୍ୟୟନ ସକାଶ ପ୍ରତ୍ୟେକ ମାସିକ ୩୫ ଟଙ୍କା ହିସାବରେ ବୃତ୍ତି ଓ ଆବଶ୍ୟକୀୟ ଖର୍ଚ୍ଚ ବାବତ ୧୦୦ ଟଙ୍କା ହିସାବରେ ଦୁଇ ବର୍ଷ ପାଇଁ ଦୁଇ ଜଣ ଛାତ୍ରଙ୍କୁ ଗୋଟିଏ ଲେଖାଏଁ ବୃତ୍ତି ଦିଆ ଯାଇଅଛି ।

## ସାଧାରଣ ଶିକ୍ଷା

ଏହାଛଡ଼ା ଷ୍ଟେଟ୍‌ର ଅନ୍ୟ ଦୁଇଟି ବୃତ୍ତି ବାରିପଦା ଉଚ୍ଚ-ଇଂରାଜୀ ବିଦ୍ୟାଳୟରୁ ଗତ ମେଟ୍ରିକୁଲେଶନ ପରୀକ୍ଷାରେ ପାଶ କରିଥିବା ଦୁଇ ଜଣ ଛାତ୍ରଙ୍କୁ କଟକ ରେଭେନ୍ସା କଲେଜରେ ପଢ଼ିବା ପାଇଁ ଦୁଇ ବର୍ଷ ସକାଶେ ଦିଆ ଯାଇଅଛି । ଶିଳ୍ପ-ଶିକ୍ଷା ପାଇଁ ମଧ୍ୟ ଦୁଇ ଜଣ ଛାତ୍ରଙ୍କୁ ଦୁଇ ବର୍ଷ ପାଇଁ ବେଙ୍ଗଲ ସର୍ଭେ ସ୍କୁଲରେ ଶିକ୍ଷା ଗ୍ରହଣ ସକାଶେ ମାସିକ ୨୦ ଟଙ୍କା ଲେଖାଏଁ ବୃତ୍ତି ଓ ଆବଶ୍ୟକୀୟ ଖର୍ଚ୍ଚ ବାବତ ୨୦ ଟଙ୍କା ଲେଖାଏଁ ଦିଆ ଯାଇଅଛି । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଖଣିଜ ବିଦ୍ୟା ଶିକ୍ଷା ଲାଭ କରୁଥିବା ଜଣେ ଛାତ୍ରଙ୍କୁ ଆଉ ଏକ ବର୍ଷ ସକାଶ ମାସିକ ୫୦ ଟଙ୍କା ବୃତ୍ତି ମଞ୍ଜୁର କରା ଯାଇଅଛି ।

## ରାଜ୍ୟ ମଧ୍ୟରେ ଶ୍ରୀମନ୍ ମହାରାଜାଙ୍କର ଗସ୍ତ

ମୟୂରଭଞ୍ଜର ଶ୍ରୀମନ୍ ମହାରାଜା ଜୁଲାଇ ମାସ ଦ୍ୱିତୀୟ ସପ୍ତାହରେ ରାଜ୍ୟ ମଧ୍ୟରେ ଗସ୍ତ କରିଥିଲେ । ସେ ରାଜଧାନୀ ବାରିପଦାରୁ ୧୧ ତାରିଖରେ ଗସ୍ତ ଆରମ୍ଭ କରି ମଫସଲରେ ପାଞ୍ଚ ଦିନ ରହି ୧୬ ତାରିଖ ଦିନ ରାଜଧାନୀକୁ ଫେରି ଆସିଥିଲେ ।



Digitized by srujanika@gmail.com

## ମୟୂରଭଞ୍ଜ ରଥଯାତ୍ରା

ଚଳିତ ବର୍ଷ ରଥଯାତ୍ରା ସମୟରେ ବର୍ଷା ନ ହୋଇ ପାଗ ଖୁବ୍ ଭଲ ଥିବାରୁ ଉତ୍ସବଟି ବିଶେଷ ପ୍ରୀତିପ୍ରଦ ହୋଇଥିଲା । ଦର୍ଶକ-



ରଥଟଣା ହେବା ପୂର୍ବରୁ ଜଗନ୍ନାଥ ମନ୍ଦିର ନିକଟରେ ଦୃଶ୍ୟ ।

ମାନେ ସୁବିଧାରେ ସମସ୍ତ ଦେଖି ପାରିଥିଲେ । ଜୁନ ମାସ ୩୦ ତାରିଖ ଓ ଜୁଲାଇ ୧ ତାରିଖରେ ସ୍ଥାନୀୟ ପ୍ରଥାନୁଯାୟୀ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ରଥ ମହା ସମାରୋହରେ ଟଣା ହୋଇଥିଲା । ମୟୂରଭଞ୍ଜର ବିଭିନ୍ନ ଅଞ୍ଚଳରୁ ଏବଂ ନିକଟବର୍ତ୍ତୀ ବ୍ରିଟିଶ ଜିଲ୍ଲାମାନଙ୍କରୁ ଅନେକ ଦର୍ଶକ ଆସି ରୁଣ୍ଡ ହୋଇଥିଲେ । ଦର୍ଶକ ସଂଖ୍ୟା ପ୍ରାୟ ୨୦,୦୦୦ ହଜାର ହେବ ବୋଲି ଅନୁମାନ କରାଯାଏ । ଯାତ୍ରୀ ସଂଖ୍ୟା ଅନ୍ୟାନ୍ୟ ବର୍ଷ ଅପେକ୍ଷା ଅନେକ ବେଶୀ ବୋଲି ଜଣା ପଡ଼ିଥିଲା ଓ ରେଲଗାଡ଼ିରେ ମଧ୍ୟ ଖୁବ୍ ଭିଡ଼ ହୋଇଥିଲା । ଶ୍ରୀମନ୍ ମହାରାଜା ସୁସଜ୍ଜିତ ହସ୍ତୀ ପୃଷ୍ଠରେ ଆରୋହଣ କରି ଅନ୍ୟ ବିଶିଷ୍ଟ ରାଜବଂଶୀୟମାନଙ୍କ ସମଭିବ୍ୟାହାରରେ ରଥ ଟଣାରେ ଯୋଗ ଦେଇଥିଲେ । ପୁଣି ରଥଯାତ୍ରା ପରେ ଏଠାରେ ମଧ୍ୟ ୯ ଦିନ ପର୍ଯ୍ୟନ୍ତ ଏହି ଉତ୍ସବ ଚାଲିଥିଲା ।

## ଶ୍ରୀମନ୍ ମହାରାଜାଙ୍କର ସାହାପୁର ଯାତ୍ରା

ମୟୂରଭଞ୍ଜର ଶ୍ରୀମନ୍ ମହାରାଜା ମହୋଦୟ ଗତ ଜୁନ ମାସ ୬ ତାରିଖରେ ମହାରାଣୀ ଓ କନିଷ୍ଠା ମୁକୁଟପରିହିତା ମହାରାଣୀଙ୍କୁ ସଙ୍ଗରେ ନେଇ ଉଡ଼ାଜାହାଜ ଯୋଗେ କଲିକତା ଯାତ୍ରା କରିଥିଲେ । ସେଠାରୁ ସେମାନେ ସାହାପୁର ମହାରାଜ କୁମାରଙ୍କର ବିବାହୋତ୍ସବରେ ଯୋଗ ଦେବା ପାଇଁ ରେଲଗାଡ଼ିରେ ସାହାପୁର ଯାତ୍ରା କଲେ । ସମସ୍ତେ ଜାଣି ଥିବେ, ମୟୂରଭଞ୍ଜର ବର୍ତ୍ତମାନ ମହାରାଣୀ ମହୋଦୟା ସାହାପୁରର ସ୍ୱନାମଧନ୍ୟ ସିଶୋଦିୟ ରାଜବଂଶର ମହାରାଜା ସର୍ଦ୍ଦାର ସିଂହଙ୍କର କନ୍ୟା ଅଟନ୍ତି ।

ବିବାହୋତ୍ସବରେ ଯୋଗ ଦେଇ ସାନ ମହାରାଜା ମହୋଦୟ ଲେଉଟିବା ସମୟରେ ଦିଲ୍ଲୀଠାରେ ରେଲଗାଡ଼ିରୁ ଓହ୍ଲାଇ ଥିଲେ । ତତ୍ପରେ ସ୍ୱକୀୟ ଉଡ଼ାଜାହାଜରେ ଜୁନ ମାସ



ରଥଟଣା ଶେଷ ହେବା ପରେ ଗୁଣ୍ଡିଚା ମନ୍ଦିର ନିକଟର ଦୃଶ୍ୟ ।



Digitized by srujanika@gmail.com

୧୨ ତାରିଖ ସକାଳ ୮ ଘଣ୍ଟା ସମୟରେ ଦିଲ୍ଲୀରୁ ବାହାରି ରବିବାର ୭ ଘଣ୍ଟା ସମୟରେ ବାରିପଦାରେ ପହଞ୍ଚିଲେ । ଦିଲ୍ଲୀଠାରୁ ବାରିପଦା ୮୦୦ ମାଇଲ ଓ ଏହି ରାସ୍ତା ଅତିକ୍ରମ କରିବାକୁ ତାଙ୍କୁ ୪ ୬।୧୦ ମିନିଟ ସମୟ ଲାଗିଥିଲା । ଶ୍ରୀମନ୍ ମହାରାଜା ସ୍ୱୟଂ ଜଣେ ଉପଯୁକ୍ତ ଉଡ଼ାଜାହାଜ ଚାଳକ ଏବଂ ସେ ବିଷୟରେ "ଏ" ଶ୍ରେଣୀର ଛାଡ଼ପତ୍ର ପାଇଅଛନ୍ତି । ଫେରିବାର ଦୁଇ ଦିନ ପରେ ମହାରାଜା ପୁଣି କଲିକତା ଯାଇ ଥାଆନ୍ତି । ମହାରାଣୀ ଓ କନିଷ୍ଠା ମୁକୁଟିକା ମହାରାଣୀଙ୍କୁ ସଙ୍ଗରେ ନେଇ "ପାର୍ସିଭାଲ ଓ୍ୱେଗାଲ" ନାମକ ଉଡ଼ାଜାହାଜରେ ବାରିପଦା ଫେରିଲେ । ମହାରାଣୀ ଦୁହେଁ ଇତିପୂର୍ବରୁ ସାହାପୁରରୁ ରେଲଗାଡ଼ି ଯୋଗେ କଲିକତା ଫେରି ଆସିଥିଲେ । ମହାରାଜା ମହୋଦୟ ଉକ୍ତ ଉଡ଼ାଜାହାଜ କିଛି ଅଳ୍ପ ଦିନ ହେଲା କ୍ରୟ କରିଅଛନ୍ତି । ଶୁଣାଯାଏ ଯେ ମିସ୍ ଜିନ୍ ବେଟେନ୍ ଯେଉଁ ଯାନଦ୍ୱାରା ଗତ ଇଂଲଣ୍ଡ ଅଷ୍ଟ୍ରେଲିଆ ଉଡ଼ାଜାହାଜ ଚାଳନ ପ୍ରତିଯୋଗିତାରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିଲେ ତାହା ଏହି ଶ୍ରେଣୀୟ ଅଟେ ।

## ମୟୂରଭଞ୍ଜ ରାଜ୍ୟର ନୂତନ "ଭେନାଡିଆମ" ଖଣି

୧୯୩୬ ମସିହାରେ ଭାରତୀୟ ଭୂତତ୍ତ୍ୱ-ପର୍ଯ୍ୟବେକ୍ଷଣ ସଙ୍ଘ ମୟୂରଭଞ୍ଜ ଓ ସିଂହଭୂମ ଜିଲ୍ଲାର ମୃତ୍ତିକାରେ ଭେନାଡିଆମ ଧାତୁର ଆଭାସ ମିଳୁଥିବାର ଉଲ୍ଲେଖ କରିଥିଲେ । ସିଂହଭୂମରେ ଥିବା ଉପରୋକ୍ତ ଧାତୁର ପରିମାଣ ଖୁବ୍ ଅଳ୍ପ ଓ ତାହାର ମୂଲ୍ୟ ମଧ୍ୟ କମ୍ । ମୟୂରଭଞ୍ଜର କୁମାରଡୁବିରେ ଥିବା ଧାତୁର ପରିମାଣ ଖୁବ୍ ବେଶୀ ଓ ଡକ୍ଟର ଭ୍ରନଙ୍କ ମତରେ ତାହା ପ୍ରାୟ ଏକ ନିୟୁତ ଟନ୍ ହେବ । ମୟୂରଭଞ୍ଜରେ ଭେନାଡିଆମ ଥିବା ବିଷୟ ବହୁ ଦିନ ପୂର୍ବରୁ ମିଷ୍ଟର ଏସ୍. ଘୋଷ ଓ ଟାଟା ଲୌହ ଏବଂ ଷ୍ଟିଲ କମ୍ପାନୀଙ୍କୁ ଜଣାଥିଲା ।

ମୟୂରଭଞ୍ଜର ଖଣିଜ ବିଭାଗ ଗତ ଦୁଇ ବର୍ଷ ମଧ୍ୟରେ ଉତ୍ତର ଓ ପଶ୍ଚିମ ଶିମିଳିପାଳ ପର୍ବତ ଶ୍ରେଣୀର ନିମ୍ନ ଦେଶରେ ପ୍ରାୟ ୫୦ ମାଇଲ ବ୍ୟାପୀ ଉକ୍ତ ଭେନାଡିଆମ ଧାତୁର ଖଣି ଥିବାର ଆବିଷ୍କାର କରିଅଛନ୍ତି । ଅନୁମାନ କରାଯାଏ, ତହିଁରୁ ପ୍ରାୟ ୧୫-୨୦ ନିୟୁତ ଟନ ଭେନାଡିଆମ ଆମଦାନୀ ହୋଇ ପାରିବ । ନିକଟ ଭବିଷ୍ୟତରେ ଆହୁରି ମଧ୍ୟ ଏତାଦୃଶ ଖଣି ବାହାରିବାର ଆଶା କରାଯାଏ । ବର୍ତ୍ତମାନ ଏହା ପୃଥିବୀ ମଧ୍ୟରେ ସବୁଠାରୁ ବଡ଼ ଓ ମୂଲ୍ୟବାନ ଖଣି ହୋଇ ପାରିବ ବୋଲି ଅନୁମିତ ହୁଏ ।

ବର୍ତ୍ତମାନ ଯେଉଁ ସ୍ଥାନରେ ଭେନାଡିଆମ ଥିବାର ଦେଖା ଯାଉଅଛି ସେଠାରେ ଇଲେକ୍ଟ୍ରିକ୍ କାରଖାନା ଖୋଲିଯିବାର ସୁବିଧା ମଧ୍ୟ ଅଛି । ଏହା ଛଡ଼ା ଟ୍ରାମ ଲାଇନ ଦ୍ୱାରା ସେଗୁଡ଼ିକୁ ପରସ୍ପର ସଂଲଗ୍ନ କରାଯିବାର ମଧ୍ୟ ସୁବିଧା ଅଛି । ବେଙ୍ଗଲ ରେଲଓ୍ୱେ ଲାଇନ ମଧ୍ୟ ସେ ପର୍ଯ୍ୟନ୍ତ ସୁବିଧାରେ ବଢ଼ାଯାଇ ପାରିବ ।

## ବାରିପଦା ଉଚ୍ଚଇଂରାଜି ବିଦ୍ୟାଳୟରେ ପୁରସ୍କାର ବିତରଣୀ ସଭା

ବାରିପଦା ଉଚ୍ଚ ଇଂରାଜି ବିଦ୍ୟାଳୟର ପୁରସ୍କାର ବିତରଣୀ ସଭା ଗତ ମଇ ମାସ ୧ ତାରିଖରେ ଅନୁଷ୍ଠିତ ହୋଇଥିଲା । ଶ୍ରୀମନ୍ ମହାରାଜା ଉକ୍ତ ଉତ୍ସବରେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ ଏବଂ ତାଙ୍କର ଭାଷଣରେ ନିମ୍ନ ଲିଖିତ ମର୍ମରେ କେତେକ ଉପାଦେୟ କଥା କହିଥିଲେ ।

" ଯେତେବେଳେ ଆମର ଶିକ୍ଷାନୁଷ୍ଠାନ ଗୁଡ଼ିକରୁ ଉପଯୁକ୍ତ ଶିକ୍ଷା ପାଇ ଦେଶର ଛାତ୍ରମାନେ ନିଜ ନିଜର ବ୍ୟକ୍ତିଗତ ଶିକ୍ଷା ଓ ସୌଜନ୍ୟ ବଳରେ ସମସ୍ତଙ୍କର ପ୍ରୀତିଭାଜନ ହୋଇ ପାରିବେ ଓ ସ୍ୱୀୟ ଜ୍ଞାନ ଏବଂ ବହୁଦର୍ଶିତା ପ୍ରଭାବରେ ଶିକ୍ଷାର ପ୍ରସାର କରି-ପାରିବେ ସେତେବେଳେ ଶିକ୍ଷା ପ୍ରଚାର ସମ୍ବନ୍ଧରେ ସମସ୍ତ ଯତ୍ନ ଓ ଚେଷ୍ଟା ଫଳବତୀ ହୋଇ ପାରିଛି ବୋଲି ଆମ୍ଭେମାନେ ବିଶ୍ୱାସ କରିବୁଁ" ।

ମହାରାଜା ମହୋଦୟ ଆଦିମ ଅଧିବାସୀ ଶ୍ରେଣୀର ଛାତ୍ରମାନଙ୍କ ଶିକ୍ଷା ସମ୍ବନ୍ଧରେ କେତେକ କଥା କହିଥିଲେ । ଆଦିମ ଅଧିବାସୀମାନଙ୍କ ସଂଖ୍ୟା ରାଜ୍ୟ ମଧ୍ୟରେ ଶତକଡ଼ା ୭୨ ଅଟେ । ବାରିପଦା ଉଚ୍ଚ-ଇଂରାଜୀ ବିଦ୍ୟାଳୟ ୧୮୯୨ ସାଲରେ ସ୍ଥାପିତ ହୋଇ ବର୍ତ୍ତମାନ ପାଟଣା ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନ ଅପେକ୍ଷା ଉଚ୍ଚତର ସ୍ଥାନ ଅଧିକାର କରିଅଛି । ବର୍ତ୍ତମାନ ଏହାର ଛାତ୍ର ସଂଖ୍ୟା ୫୭୯ ଏବଂ ଶିକ୍ଷକ ସଂଖ୍ୟା ୨୭ । ସେମାନଙ୍କ ମଧ୍ୟରୁ ୧୨ ଜଣ ଶିକ୍ଷକ ଗ୍ରେଜୁଏଟ୍ ଅଟନ୍ତି । ସ୍କୁଲ ଛାତ୍ରାବାସ ଗୃହରେ ସ୍ଥାନାଭାବ ହେଉଥିବାରୁ ଶ୍ରୀମନ୍ ମହାରାଜା ମହୋଦୟ ଆହୁରି ୧୦୦ ଜଣ ଛାତ୍ରଙ୍କ ପାଇଁ ଗୋଟିଏ ନୂତନ ଛାତ୍ରାବାସ ନିର୍ମାଣ କରାଇବାର ପ୍ରତିଶ୍ରୁତି ଘୋଷଣା କରିଥିଲେ ।

ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍‌ରେ ଶ୍ରୀ ପଦ୍ମଚରଣ ଦାସଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ।



Digitized by srujanika@gmail.com